# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଅକ୍ଟୋବର ୨୧/୨୦୧୯ (୨୦ ପୃଷ୍ଠା) Sambalpur, Monday, October 21 / 2019 ★★

୧୫ଶ ଭାଗ ୩୦୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




**ଦୂତୀ ସ୍ପୋର୍ଟ୍ସ ପର୍ଶନ ଅଫ୍ ଦି ଇୟର**

ଭୋଗ୍ ଇଣ୍ଡିଆ ମାଗାଜିନର ସ୍ପୋର୍ଟ୍ସ ପର୍ଶନ ଅଫ୍ ଦି ଇୟର ପୁରସ୍କାର ଗ୍ରହଣ କରିଛନ୍ତି ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ।

୧୮

୧୩

**ଟାଇମ୍ ମ୍ୟାନେଜ୍‌ମେଣ୍ଟରେ ସିଦ୍ଧହସ୍ତା ଦୀପିକା**

ଆଗାମୀ ଫିଲ୍ମ '୮୩'ର ଅଭିନେତ୍ରୀ ଦୀପିକା ପାଦୁକୋନ୍ ସ୍ୱାମୀ ତଥା ଅଭିନେତା ରଣବୀର ସିଂଙ୍କୁ ଟାଇମ୍ ମ୍ୟାନେଜ୍‌ମେଣ୍ଟ ଶିଖାଉଛନ୍ତି।








### ଆଜିର ସମ୍ପାଦକୀୟ

ନରକରେ ଜମାକାରୀ

### ଆଜିର ମନ୍ତବ୍ୟ

"କଶ୍ମୀର ପ୍ରସଙ୍ଗକୁ ନେଇ ଦୀପାବଳିରେ ବ୍ରିଟେନରେ ଭାରତ ବିରୋଧୀ ଶୋଭାଯାତ୍ରାର ଯୋଜନା ନିନ୍ଦନୀୟ।

–ସାଜିଦ୍ ଖାନ୍, ଲଣ୍ଡନ ମେୟର





Vencobb Fresh Chicken — Taste the difference!

20.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 64 | 111 | 121 |
| DKL | 65 | 113 | 123 |
| BDK | 63 | 110 | 120 |
| BLS | 63 | 110 | 120 |
| ANG | 67 | 115 | 125 |
| BHM | 62 | 109 | 119 |

*Conditions Apply

Issued in the Interest of Consumers


## ■ ପିଓକେରେ ଭାରତୀୟ ସେନାର ଜବାବୀ କାର୍ଯ୍ୟାନୁଷ୍ଠାନ

# ୩୫ ଆତଙ୍କବାଦୀ, ୫ ସୈନ୍ୟ ନିହତ

ଶ୍ରୀନଗର/ଇସ୍‌ଲାମାବାଦ, ୨୦।୧୦ (ଆଇଏଏନ୍ଏସ୍)

ଜମ୍ମୁ-କଶ୍ମୀର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଅସ୍ତ୍ରବିରତି ଉଲ୍ଲଂଘନ କରି ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଉଥିବା ପାକିସ୍ତାନକୁ ରବିବାର ଶକ୍ତ ଝଟ୍‌କା ଲାଗିଛି। ଭାରତୀୟ ସେନାର ଏକ ବଡ଼ଧରଣର ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ ୭ଟି ଆତଙ୍କବାଦୀ ଲଞ୍ଚପ୍ୟାଡ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଯବାନଙ୍କ ଗୁଳି ଓ ମୋର୍ଟାର ମାଡ଼ରେ ଅନ୍ୟୂନ ୩୫ ଜଣ ଜୈଶ୍ ଓ ହିଜ୍‌ବୁଲ୍ ଆତଙ୍କବାଦୀ ନିହତ ହୋଇଛନ୍ତି। ଏଥିସହ ୫ ପାକିସ୍ତାନୀ ସୈନ୍ୟ ଟଳିପଡ଼ିଥିବାବେଳେ ଅନେକେ ଆହତ ହୋଇଥିବା ସୂଚନା ମିଳିଛି।

### ପାକିସ୍ତାନକୁ ପ୍ରହାର

- ତଙ୍ଗଧାର ସେକ୍ଟରରେ ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା ପାକିସ୍ତାନୀ ସେନା
- ୨ ଯବାନ ଶହୀଦ ଓ ଜଣେ ନାଗରିକ ନିହତ
- ଜବାବୀ କାର୍ଯ୍ୟାନୁଷ୍ଠାନରେ ୭ ଲଞ୍ଚପ୍ୟାଡ୍ ଧ୍ୱଂସ
- ସତ ମାନିଲେ ପିଓକେ ପ୍ରଧାନମନ୍ତ୍ରୀ
- ପ୍ରତିରକ୍ଷାମନ୍ତ୍ରୀ-ସେନାମୁଖ୍ୟ ଆଲୋଚନା



ସୂତ୍ରରୁ ଜଣାପଡ଼ିଛି ଯେ, ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲା ସନ୍ନିକଟ ତଙ୍ଗଧାର ସେକ୍ଟରରେ ପାକିସ୍ତାନୀ ସେନା ଶନିବାର ରାତିରେ ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା। ପ୍ରତିପକ୍ଷ ସେନାର ଗୁଳିବର୍ଷା ଓ ମୋର୍ଟାର ମାଡ଼ରେ ୨ ଯବାନ ଶହୀଦ ହୋଇଥିବାବେଳେ ମହମ୍ମଦ ସାଦିକ୍ ନାମକ ଜଣେ ୫୫ ବର୍ଷୀୟ ସାଧାରଣ ନାଗରିକ ନିହତ ହୋଇଥିଲେ। ଏହାବ୍ୟତୀତ ଗୁଳିମାଡ଼ରେ ଆହତ ହୋଇଥିବା ଅନ୍ୟ ୨ ଯବାନ ଓ ୩ ନାଗରିକ(ମହମ୍ମଦ ମକ୍‌ବୁଲ, ମହମ୍ମଦ ସାଫି ଓ ୟୁସୁଫ୍ ହମିଦ୍)ଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପାକିସ୍ତାନ ପଟୁ ରାତି ସାରା ଆଖିବୁଜା ଗୁଳିବର୍ଷା ଜାରି ରହିଥିବାବେଳେ ରବିବାର ଭୋର୍ ସମୟରେ ଭାରତୀୟ ସେନା ତୋପରେ ଏହାର ଜବାବ ଦେଇଛି। ଜବାବୀ କାର୍ଯ୍ୟାନୁଷ୍ଠାନରେ ପିଓକେସ୍ଥିତ ନୀଲମ୍ ଉପତ୍ୟକାରେ ଆତଙ୍କବାଦୀଙ୍କ ୭ଟି ଶିବିର ଧ୍ୱସ୍ତବିଧ୍ୱସ୍ତ ☞ ପୃଷ୍ଠା-୪

### ଅନୁପ୍ରବେଶ ଅପେକ୍ଷାରେ ୨୫୦ ଆତଙ୍କବାଦୀ

ନୂଆଦିଲ୍ଲୀ,୨୦।୧୦: ପିଓକେସ୍ଥିତ ଲଞ୍ଚପ୍ୟାଡ୍‌ଗୁଡ଼ିକରେ ୨୫୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ସକ୍ରିୟ ଅଛନ୍ତି। ସେମାନେ ନିୟନ୍ତ୍ରଣରେଖା (ଏଲ୍‌ଓସି) ଦେଇ ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରିବା ପାଇଁ ଅପେକ୍ଷା କରିଛନ୍ତି ବୋଲି ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ପକ୍ଷରୁ ସୁରକ୍ଷା ବଳକୁ ସୂଚନା ମିଳିଛି। ଆତଙ୍କବାଦୀଙ୍କୁ ଉପତ୍ୟକାରେ ଅନୁପ୍ରବେଶ କରାଇବା ଲାଗି ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରୁଛି। ପାକିସ୍ତାନୀ ସେନାର ବର୍ଡର ଆକ୍ସନ ଟିମ୍ (ବିଏଟି) ଆଗକୁ ଭାରତୀୟ ସେନାର କେତେକ ଶିବିର ଉପରେ ଆକ୍ରମଣ କରିପାରେ ବୋଲି ଗୋଇନ୍ଦା ସୂଚନା ମିଳିବା ପରେ ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

### ସତ ଲୁଚାଇପାରୁନି ପାକିସ୍ତାନ

ନୂଆଦିଲ୍ଲୀ,୨୦।୧୦: ଭାରତୀୟ ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ପିଓକେସ୍ଥିତ ଆତଙ୍କବାଦୀ ଶିବିର ଓ ସେନାଘାଟି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏହାକୁ ନେଇ କ୍ଷୁବ୍ଧ ଇସ୍‌ଲାମାବାଦ ରବିବାର ଭାରତୀୟ ଉପଉଚ୍ଚାୟୁକ୍ତ ଗୌରବ ଆହଲୁୱାଲିଆଙ୍କୁ ସମନ କରିଛି। ଭାରତୀୟ ସେନା ପାକିସ୍ତାନ ବିରୋଧରେ ଅପପ୍ରଚାର ଚଳାଇଛି। ଭାରତର ମୁଖା ଖୋଲିବା ପାଇଁ ପାକିସ୍ତାନ ପି-୫ (ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ) ରାଷ୍ଟ୍ରଗୁଡ଼ିକର କୂଟନୀତିଜ୍ଞଙ୍କୁ ନେଇ ପିଓକେର ସମ୍ପୃକ୍ତ ଅଞ୍ଚଳ ବୁଲାଇବ ବୋଲି ସେଠାକାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମହମ୍ମଦ ଫୈଜାଲ କହିଛନ୍ତି। ସେପଟେ ପିଓକେ ପ୍ରଧାନମନ୍ତ୍ରୀ ରଜା ଫାରୁକ୍ ହାଇଦର ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନ ବିଷୟ ସ୍ୱୀକାର କରିସାରିଥିବାରୁ ପାକିସ୍ତାନର ମିଛ ଧରାପଡ଼ିଯାଇଛି।

## ୨୪ରେ ପ୍ରବଳ ବର୍ଷା



ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)

ଉତ୍ତର-ପଶ୍ଚିମ ମୌସୁମୀ ବାୟୁ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ୨୪ତାରିଖ ଦିନ ପ୍ରବଳ ବର୍ଷା ହେବ। ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି। ସେଥିପାଇଁ ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଏହାଛଡ଼ା ସେଦିନ ପଶ୍ଚିମ ଓଡ଼ିଶା ଓ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହେବାର ଆଶଙ୍କା ରହିଛି। ଆକାଶ ମେଘୁଆ ରହୁଥିବାରୁ ଆସନ୍ତା ୨-୩ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ମଧ୍ୟ ବଢ଼ିବାର କି କମିବାର ସମ୍ଭାବନା ନାହିଁ। ରାତିରେ ପାରଦ ଖସିବାର ସମ୍ଭାବନା ବହୁତ କମ୍ ଥିବାରୁ ଏବେ ଶୀତ ହେବନି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। କିନ୍ତୁ ୪ ଦିନ ପରେ ଓଡ଼ିଶା ଆକାଶରେ ମେଘ କମ୍ ଦେଖାଯିବ। ରାତିରେ ପାରଦ କମିବାର ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରାଯାଇଛି।





*ନିୟମ ଓ ସର୍ତ୍ତାବଳୀ ଲାଗୁ

Contact Number - 9748164499, 7328829029, 7337254400

Authorised Dealer

TRUPTI AUTOMOTIVES
Angul, Jajpur, Dhenkanal, Cuttack, Jagatsinghpur, Kendrapada
9437044227 9583040249

CONSORTIUM AUTOMOBILES
Khorda, Puri, Nayagarh, Kandhmal, Ganjam, Gajpati
7375087787

PAL MOVERS
Balasore, Bhadrak, Mayurbhanj Keonjhar
9437960713, 9938405992

JALAN AUTOMOBILES
Sambalpur, Deogarh, Jharsuguda, Sundergarh, Rourkela
7381020008, 7381062295

LAXMI SALES AND SERVICE
Bargarh, Balangir, Sonepur, Boudh, Nuapda
8144917704, 8144917701

KALINGA AUTO SYNDICATE
Koraput, Nabarangpur, Malkangiri, Kalahandi, Rayagada
9937167720, 7682826345


## ଆଜି ବିଜେପୁର ଭୋଟ




- ମଇଦାନରେ ୫ ପ୍ରାର୍ଥୀ
- ଭାଗ୍ୟ ନିର୍ଦ୍ଧାରଣ କରିବେ ୨.୩୨ ଲକ୍ଷ ଭୋଟର
- ୨୮୫ ବୁଥ୍‌ରେ ଭୋଟ ଗ୍ରହଣ
- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ବରଗଡ଼ ଜିଲା ବିଜେପୁର ବିଧାନସଭା ଆସନ ପାଇଁ ସୋମବାର ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରଶାସନିକ ପ୍ରକ୍ରିୟା ଚୂଡ଼ାନ୍ତ ସରିଛି। ନିର୍ବାଚନ ଯେପରି ଶାନ୍ତିଶୃଙ୍ଖଳାର ସହ ହେବ,ସେ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ବରଗଡ଼ ଜିଲା ପ୍ରଶାସନ ସମସ୍ତ ପ୍ରଚେଷ୍ଟା କରିଛି। ଏହି ନିର୍ବାଚନରେ ୨, ୩୨, ୨୬୪ ଜଣ ମତଦାତା ୫ ଜଣ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବେ। ନିର୍ବାଚନମଣ୍ଡଳୀର ୨୮୫ଟି ବୁଥରେ ଭୋଟ ଗ୍ରହଣ କରାଯିବ । ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ୨୮ଟି ବୁଥ୍‌ର ୱେବ୍‌କାଷ୍ଟିଂ କରାଯିବାବେଳେ ୧୪ଟି ସିସିଟିଭି ବ୍ୟବସ୍ଥା କରାଯାଇଛି। ଉପନିର୍ବାଚନ ପାଇଁ ସ୍ଥାନୀୟ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଆସନ୍ତା ୨୧ ତାରିଖ ଭୋଟଗ୍ରହଣ ଦିବସକୁ ସରକାର ସବୈତନିକ ଛୁଟିଦିନ ଘୋଷଣା କରିଛନ୍ତି। ଉକ୍ତଦିନ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ଶିଳ୍ପସଂସ୍ଥା, ଦୋକାନ ବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିବ ।

ମୋଟ ଭୋଟରଙ୍କ ମଧ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା-୧,୨୦,୧୩୫ ରହିଛି। ସେହିପରି ମହିଳାଙ୍କ ସଂଖ୍ୟା ୧,୧୨, ୧୧୪ ଓ ୧୫ ଜଣ ତୃତୀୟ ଲିଙ୍ଗ ମତଦାତା ରହିଛନ୍ତି। ସିଇଓଙ୍କ ଦ୍ୱାରା ବିଜେପୁରରେ ୬ ଅତି ସମ୍ବେଦନଶୀଳ(ନକ୍ସଲ ପ୍ରଭାବିତ) ଓ ୧୨୯ ସମ୍ବେଦନଶୀଳ ବୁଥ ଚିହ୍ନଟ କରାଯାଇଛି। ଭୋଟଦାନର ପରିଚାଳନା ପାଇଁ ୧,୮୯୫ ଜଣ ସରକାରୀ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ ୩୨ ଜଣ ସେକ୍ଟର ଅଫିସର ସହ ୪୪୧ଟି ଯାନକୁ ନିର୍ବାଚନମଣ୍ଡଳୀରେ ନିୟୋଜିତ କରାଯାଇଛି। ନିର୍ବାଚନ ପରିଚାଳନା ପାଇଁ ୭୭ଜଣ ମାଇକ୍ରୋ ଅବଜରଭର ନିୟୋଜିତ ହେବାକୁ ଥିବାବେଳେ ୧୬ଟି ସ୍ଥାନରେ ଭିଡିଓଗ୍ରାଫି କରାଯିବ ବୋଲି ଶନିବାର ସିଇଓ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଥିଲେ। ୨୭୫୦ ଭିନ୍ନକ୍ଷମ ମତଦାତାଙ୍କ ପାଇଁ ୨୮୫ଟି ହୁଇଲ ଚେୟାର ବ୍ୟବସ୍ଥା କରାଯାଇଛି। ୧୪୮ଟି ମତଦାନ କେନ୍ଦ୍ରକୁ ବ୍ରେଲି ବାଲଟ ପେପର ପଠାଯାଇଛି। ଭିନ୍ନକ୍ଷମଙ୍କୁ ଘରୁ ମତଦାନ କେନ୍ଦ୍ରକୁ ଆଣି ଶୃଙ୍ଖଳିତ ଢଙ୍ଗରେ ଭୋଟ ଦେବାର ବ୍ୟବସ୍ଥା କରିବା ପାଇଁ ୫୭୦ ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି ।

ଉଲ୍ଲେଖଯୋଗ୍ୟ, ଏହି ନିର୍ବାଚନରେ ବିଜେଡି ପକ୍ଷରୁ ରୀତା ସାହୁ, ଭାଜପା ପକ୍ଷରୁ ସନତ ଗଡ଼ତିଆ ଏବଂ କଂଗ୍ରେସ ପକ୍ଷରୁ ଦିଲୀପ ପଣ୍ଡା ପ୍ରାର୍ଥୀ ହୋଇଛନ୍ତି। ଗତ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ପାରମ୍ପରିକ ଆସନ ହିଞ୍ଜିଳି ସହ ଏହି ଆସନରୁ ବିଧାୟକଭାବେ ନିର୍ବାଚିତ ହୋଇଥିଲେ। ହେଲେ ଜଣେ ବ୍ୟକ୍ତି ଗୋଟିଏ ଆସନ ରଖିବାର ନିୟମ ଥିବାରୁ ମୁଖ୍ୟମନ୍ତ୍ରୀ ହିଞ୍ଜିଳିକୁ ରଖି ବିଜେପୁର ଛାଡିଥିଲେ। ତେଣୁ ସେଠାରେ ଉପନିର୍ବାଚନ ହେଉଛି। ୨୦୧୭ରେ ତତ୍କାଳୀନ କଂଗ୍ରେସ ବିଧାୟକ ସୁବଳ ସାହୁଙ୍କ ମୃତ୍ୟୁ ପରେ ୨୦୧୮ ଫେବୃୟାରୀରେ ସେଠାରେ ଉପନିର୍ବାଚନ ହୋଇଥିଲା। ଏଥିରେ ସ୍ୱର୍ଗତ ସୁବଳଙ୍କ ପତ୍ନୀ ଶାସକ ଦଳରୁ ପ୍ରାର୍ଥୀ ହୋଇ ଭାଜପା ପ୍ରାର୍ଥୀ ଅଶୋକ ପାଣିଗ୍ରାହୀଙ୍କୁ ପରାସ୍ତ କରିଥିଲେ।





FOR TRADE-RELATED QUERIES CONTACT : DHEERENDRA KUMAR (STATE HEAD) +91 9935279225, RAJESH KUMAR (ASM) +91 8709987942, B. UMA SANKAR (ASM) +91 7873096108

RSPL ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ : ✆ RSPL CARE 1800 120 2800



ଲୋକେ ଅଧିକ ସତର୍କ ହେବା ଫଳରେ ଅଭିନେତ୍ରୀଙ୍କ ପାଇଁ ନିରାପଦ ପରିବେଶ ସୃଷ୍ଟି ହେଲାଣି।
-ବବି ଦେଓଲ,
ବଲିଉଡ ଅଭିନେତା

# ବ୍ୟାଙ୍କରେ ମିଳୁଛି ଡାଲି - ଚାଉଳ

**ପ୍ରୟାଗରାଜ:** ବ୍ୟାଙ୍କରୁ ଡ଼ାଲି ଓ ଚାଉଳ ମିଳୁଥିବା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ। କିନ୍ତୁ ଏହା ସତ। ଏମିତି ଏକ ବ୍ୟାଙ୍କ୍ ଖୋଲାଯାଇଛି ଉତ୍ତରପ୍ରଦେଶର ପ୍ରୟାଗରାଜରେ। ଏହାର ନାମ ରଖାଯାଇଛି 'ଖାଦ୍ୟଶସ୍ୟ ବ୍ୟାଙ୍କ୍'। ଏହି ବ୍ୟାଙ୍କ୍‌ରୁ ଗରିବ ଲୋକମାନଙ୍କୁ ୧ କିଲୋଗ୍ରାମ ଡ଼ାଲି ଓ ୫ କିଲୋଗ୍ରାମ ଚାଉଳ ଦିଆଯାଉଛି। ଜଣେ ଚାହିଁଲେ ଏହାଠାରୁ ଅଧିକ ନେଇପାରିବାର ବ୍ୟବସ୍ଥା ମଧ୍ୟ କରାଯାଇଛି । ଗରିବ ପରିବାର ଉପାସରେ ଯେମିତି ନ ରହିବେ ସେଥିପାଇଁ ଏହି ବ୍ୟାଙ୍କ୍ ଖୋଲାଯାଇଛି। ପ୍ରୟାଗରାଜରେ ଏଭଳି ୭୦ଟି ବ୍ୟାଙ୍କ୍ ଖୋଲାଯାଇଛି। ଶ୍ରମିକମାନଙ୍କ ପାଖରେ ଟଙ୍କା ହେଲେ ଧାରସୂତ୍ରରେ ନେଇଥିବା ଡାଲି ଓ ଚାଉଳର ମୂଲ୍ୟ ୧୫ ଦିନ ଭିତରେ ଶୁଝିଦେବା ପାଇଁ ସର୍ତ୍ତ ରଖାଯାଇଛି।



ଏବେ ୨ ହଜାରରୁ ଅଧିକ ପରିବାର ଏହି ବ୍ୟାଙ୍କର ସଦସ୍ୟ ରହିଛନ୍ତି। ୨୦୧୬ରେ ପ୍ରୟାଗରାଜରେ ହୋଇଥିବା ଭୟଙ୍କର ବନ୍ୟା ପରେ ଗରିବମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରଗତି ବାହିନୀ ପକ୍ଷରୁ ଏହା ଖୋଲାଯାଇଥିଲା। ଏହାର ପରିଚାଳନା ନିମନ୍ତେ ୨୧ ସଦସ୍ୟ ବିଶିଷ୍ଟ ଏକ ସମନ୍ୱୟ ସମିତି ଗଠନ କରାଯାଇଛି। ଏହି ସମିତି ଉପଯୁକ୍ତ ଗାଁ ଚୟନ କରିବା ପରେ ସେଠାରେ ଜଣେ ଦାୟିତ୍ୱସମ୍ପନ୍ନ ବ୍ୟକ୍ତିଙ୍କ ଘରେ ବ୍ୟାଙ୍କ୍ ଖୋଲାଯାଉଛି । ବ୍ୟାଙ୍କ୍‌ର ସଦସ୍ୟ ହେବା ପାଇଁ ଜଣଙ୍କୁ ୧ କିଲୋ ଚାଉଳ ଦେବାକୁ ପଡେ। ଗାଁରେ ସବୁ କାର୍ଯ୍ୟ ତଦାରଖ କରିବା ପାଇଁ ମଧ୍ୟ ଏକ ସଂଚାଳନ ସମିତି ଗଠନ କରାଯାଇଛି। ଯଦି ଜଣେ ଉଧାର ନେଇଥିବା ଖାଦ୍ୟଶସ୍ୟର ମୂଲ୍ୟ ସମୟସୀମା ଭିତରେ ଦେଇ ନ ପାରନ୍ତି ତେବେ ସମନ୍ୱୟ ସମିତି ତାଙ୍କୁ ଅଧିକ ସମୟ ଦେଇପାରିବାର ବ୍ୟବସ୍ଥା ରଖାଯାଇଛି। ଅତି ଗରିବ ଓ ଶୁଝିବା ପାଇଁ ଅସମର୍ଥ ବ୍ୟକ୍ତିଙ୍କୁ ଅନ୍ୟମାନେ ସହଯୋଗ କରି ଶୁଝିଦିଅନ୍ତି।

# କଙ୍ଗନାଙ୍କୁ ତାପସୀଙ୍କ କଡ଼ା ଜବାବ



**ନୂଆଦିଲ୍ଲୀ:** ତାପସୀ ପନ୍ନୁ ଦମ୍‌ଦାର ଅଭିନୟ କରି ବଲିଉଡ୍‌ରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଚାଲିଛନ୍ତି। ଅଭିନୟକୁ ଦର୍ଶକଙ୍କ ସମେତ ତାଙ୍କ ସହକଳାକାରମାନେ ମଧ୍ୟ ପସନ୍ଦ କରିଥାନ୍ତି। ଏପରି କି ଖୋଦ୍ ଅମିତାଭ୍ ବଚ୍ଚନ ମଧ୍ୟ ତାପସୀଙ୍କୁ ଅନେକ ତାରିଫ କରିଛନ୍ତି। ତେବେ ବଲିଉଡ୍ କୁଇନ୍ କଙ୍ଗନା ରଣାଓ୍ୱତ ଓ ତାଙ୍କ ଭଉଣୀ ରଙ୍ଗୋଲୀ କିନ୍ତୁ ତାପସୀଙ୍କୁ କିଛି ଖାସ୍ ପସନ୍ଦ କରନ୍ତି ନାହିଁ। ଉଭୟେ ଅନେକ ସମୟରେ ସୋସିଆଲ ମିଡିଆ ଏବଂ ମିଡିଆ ସାମ୍ନାରେ ମଧ୍ୟ ତାପସୀଙ୍କୁ ନେଇ କଟୁ ଟିପ୍ପଣୀ ରଖିଆସିଛନ୍ତି। ଏପରି କି ଥରେ ରଙ୍ଗୋଲୀ ତାପସୀଙ୍କୁ କଙ୍ଗନାଙ୍କ ଶସ୍ତା କପି ବୋଲି କହି ଚର୍ଚ୍ଚାକୁ ଆସିଥିଲେ।

କଙ୍ଗନା ଏବଂ ରଙ୍ଗୋଲୀଙ୍କ ଏଭଳି ଟିପ୍ପଣୀକୁ ନେଇ ପୂର୍ବରୁ ତାପସୀ କୌଣସି ପ୍ରତିକ୍ରିୟା ଦେଇ ନ ଥିବାବେଳେ ଏବେ କିନ୍ତୁ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, "ଯେପରି ଲଗାତର ଦୁଇ ଭଉଣୀ ମୋ ଉପରେ ଧ୍ୟାନ ଦେଉଛନ୍ତି, ମୋତେ ଲାଗୁଛି ସେମାନେ ମୋତେ ବହୁତ ଭଲ ପାଉଛନ୍ତି। ଏଥିପାଇଁ ମୁଁ ସେମାନଙ୍କୁ ସଲାମ୍ କରୁଛି, କାରଣ ମୋ ପାଖରେ ଏତେ ସମୟ ନାହିଁ ତାଙ୍କୁ ଧ୍ୟାନ ଦେବାପାଇଁ। " ତାପସୀ ପୁଣି କହିଛନ୍ତି, "ଭଲ ପାଇବା ଏବଂ ଘୃଣା ଦୁଇଟି ଯାକ ହୃଦୟରୁ ଆସିଥାଏ। ତେଣୁ ମୋତେ ଲାଗୁଛି ମୁଁ କଙ୍ଗନା-ରଙ୍ଗୋଲୀଙ୍କ ହୃଦୟରେ ନିଜ ପାଇଁ ସ୍ଥାନ ସୃଷ୍ଟି କରିପାରିଛି। ମୁଁ ଏପରି କ'ଣ କରିଛି ଯେ, ମୋତେ ଟାର୍ଗେଟ୍ କରାଯାଉଛି। କଙ୍ଗନା ଜଣେ ଭଲ ଅଭିନେତ୍ରୀ, ଆଉ ସେତିକି ଦିନ ପର୍ଯ୍ୟନ୍ତ ଭଲ ଅଭିନେତ୍ରୀ ହୋଇ ରହିବେ, ଯେପର୍ଯ୍ୟନ୍ତ ସେ ଭଲ ଚଳଚ୍ଚିତ୍ର କରୁଥିବେ। ସେ ଓ ତାଙ୍କ ଭଉଣୀ ମୋତେ ପସନ୍ଦ କରନ୍ତି ନାହିଁ, ଆଉ ଏଥିରେ ମୁଁ ପ୍ରଭାବିତ ନୁହେଁ। ଦୁଇ ଭଉଣୀ ନିଜ ପାଇଁ ହିଁ ଗାତ ଖୋଳୁଛନ୍ତି ଏବଂ ନିଜେ ହିଁ ଆହୁରି ଗଭୀରକୁ ଯାଉଛନ୍ତି। ମୁଁ ଏବେ ବି ଭଲ କାମ କରୁଛି। ଭଲ ଫିଲ୍ମର ଅଫର୍ ମିଳୁଛି। ଦର୍ଶକେ ମୋତେ ବହୁତ ପସନ୍ଦ ମଧ୍ୟ କରୁଛନ୍ତି। ସେମାନଙ୍କ ପାଇଁ ମୋ ଜୀବନରେ କୌଣସି ପରିବର୍ତ୍ତନ ଆସିନାହିଁ। ଜଣେ ଅଭିନେତ୍ରୀ ହିସାବରେ ମୁଁ ଆଜି ମଧ୍ୟ ତାଙ୍କୁ ସମ୍ମାନ କରେ। କିନ୍ତୁ ଜଣେ ମଣିଷ ହିସାବରେ ମୋତେ ଲାଗୁନି ତାଙ୍କଠାରେ କିଛି ଶିଖିବା ଭଳି ରହିଛି। ସେ ଉସ୍‌କାଇବାକୁ ପୁଣି କିଛି କହିବେ, କିନ୍ତୁ ମୁଁ କୌଣସି ପ୍ରତିକ୍ରିୟା ଦେବିନାହିଁ। " ଏମିତିରେ କଙ୍ଗନା ସବୁବେଳେ ରୋକ୍‌ଠୋକ୍ କଥା କହି ଚର୍ଚ୍ଚାରେ ରହିଥାନ୍ତି। କିନ୍ତୁ ତାପସୀଙ୍କ ସହ ତାଙ୍କ ଅସୁବିଧା କେଉଁଠି ସେ କଥା ସେ ନିଜେ ହିଁ ଜାଣିଥିବେ। ଅନ୍ୟପଟେ ତାପସୀଙ୍କ ଏପରି କଡ଼ା ଜବାବ୍ ଶୁଣିବା ପରେ କଙ୍ଗନା-ରଙ୍ଗୋଲୀଙ୍କ କ'ଣ ପ୍ରତିକ୍ରିୟା ରହୁଛି, ତାହା ଦେଖିବାକୁ ବାକି ରହିଲା।

# କ୍ୟାମେରା ଫ୍ରେମ୍‌ରେ ଦ୍ରୁତତମ ପିମ୍ପୁଡ଼ି



**ସାହାରା:** ଦଳଗତ କାର୍ଯ୍ୟ, ଏକତା ଏବଂ କର୍ମ ତତ୍ପରତା ପାଇଁ ଉଦାହରଣ ପାଲଟିଛନ୍ତି ପିମ୍ପୁଡ଼ି। ଏବେ ଏପରି କୀଟକୁ ନେଇ ପଦାକୁ ଆସିଛି ଅନେକ ରୋଚକ ତଥ୍ୟ। କ୍ୟାମେରା ଫ୍ରେମ୍‌ରେ କଏଦ ହୋଇଛନ୍ତି ଦୁନିଆର ଦ୍ରୁତତମ ପିମ୍ପୁଡ଼ି। ସାହାରା ମରୁଭୂମିର କଠିନ ପରିବେଶରେ ଅତି ସହଜରେ ଜୀବନ ଜିଇପାରୁଥିବା ଏହି ପିମ୍ପୁଡ଼ିଙ୍କ ବିଷୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉଜାଗର କରିଛନ୍ତି ଜର୍ମାନୀର ବିଶେଷଜ୍ଞ ଦଳ।

ପୃଥିବୀର ବୃହତ୍ତମ ମରୁଭୂମି ସାହାରାର ଉତ୍ତର ପ୍ରାନ୍ତୀୟ ଅଞ୍ଚଳରେ ଏହି ପ୍ରଜାତିର ପିମ୍ପୁଡ଼ି ବସା ଠାବ କରାଯାଇଛି। ରୁପା ଭଳି ଚିକ୍‌ମିକ୍ କରୁଥିବା ଏହି କୀଟ ନିମିଷକ ମଧ୍ୟରେ ନିଜ ଶରୀରର ଲମ୍ବାଠାରୁ ୧୦୮ ଗୁଣା କୁଦା ଲଗାଇବାରେ ସକ୍ଷମ। ପିମ୍ପୁଡ଼ିର ସେକେଣ୍ଡ ପ୍ରତି ବେଗ ୮୫୫ ମିମି ଯାଏ ରେକର୍ଡ କରାଯାଇଛି। କେବଳ ଏତିକି ନୁହେଁ, ୬୦ ଡିଗ୍ରୀ ତାପମାତ୍ରାରେ ମଧ୍ୟ ସେମାନେ ଅତି ସହଜରେ ନିଜକୁ ପରିବେଶ ସହିତ ଖାପଖୁଆଇ ପାରିଛନ୍ତି।

ଏହି କ୍ଷେତ୍ରରେ ଗବେଷଣା କରୁଥିବା ଉଲ୍ମ ୟୁନିଭର୍ସିଟିର ବିଶେଷଜ୍ଞମାନେ କହିଛନ୍ତି, ପିମ୍ପୁଡ଼ିଙ୍କ ଜୀବନଶୈଳୀ, ଗତିବିଧି ଜାଣିବାକୁ କ୍ୟାମେରା ଖଞ୍ଜାଯାଇଛି। ସେମାନଙ୍କ ଶରୀରରେ ସିଲ୍‌ଭର କୋଟେଡ୍ ସୂକ୍ଷ୍ମ ବୁଟି ରହିଛି। ଏହା ସେମାନଙ୍କୁ ଅସହ୍ୟ ଗରମରୁ ରକ୍ଷା କରିଥାଏ। ଦ୍ୱିପ୍ରହର ଖଇଫୁଟା ଖରାରେ ସେମାନେ ନିଜର ଖାଦ୍ୟ ଅନ୍ୱେଷଣରେ ବାହାରିଥାନ୍ତି। ପଛପଟୁ ପବନ ବହିଲେ ସେମାନଙ୍କ ଗତି ଆହୁରି ବଢ଼ିଯାଏ। ମରୁଭୂମିରେ ବାସ କରୁଥିବା ଜୀବମାନେ ସାଧାରଣତଃ ପ୍ରଚଣ୍ଡ ରୌଦ୍ରତାପରୁ ନିଜକୁ ସୁରକ୍ଷିତ ରଖିବାକୁ ବାଲି ଭିତରେ ଲୁଚିଯାଇଥାନ୍ତି। ହେଲେ 'ସିଲ୍‌ଭର ଆଣ୍ଟ୍' ଏହାର ବିପରୀତ। ଏହି ପିମ୍ପୁଡ଼ି ନିଜ ଶରୀରରେ ପ୍ରତିକୂଳ ପ୍ରଭାବ ପଡ଼ିବା ଆଗରୁ ବସାକୁ ଫେରିଆସିବାକୁ ସକ୍ଷମ।

# ମିଳିଲାନି ବର, ୬୨ ହଜାର ଜରିମାନା ଦେବ ଏଜେନ୍ସି

**ଚଣ୍ଡିଗଡ଼:** ଝିଅ ହେଉ କି ପୁଅ ସବୁବେଳେ ପରଫେକ୍ଟ ଜୀବନ ସାଥୀଟିଏ ଖୋଜିଥାନ୍ତି। ଏଥିପାଇଁ ଆଜିକାଲି ମାଟ୍ରିମୋନିଆଲ ସାଇଟ୍ ଓ ଏଜେନ୍ସିଙ୍କ ଚାହିଦା କାହିଁରେ କ'ଣ। କିନ୍ତୁ ଗୋଟିଏ ଝିଅ ପାଇଁ ବର ଖୋଜି ନ ପାରିବା ଏକ ମାଟ୍ରିମୋନି ଏଜେନ୍ସିକୁ ମହଙ୍ଗା ପଡ଼ିଛି। ଚଣ୍ଡିଗଡ଼ର ଏହି ଏଜେନ୍ସି ଉପଯୁକ୍ତ ବର ଖୋଜି ନ ପାରିଥିବାରୁ ତାଙ୍କୁ ୬୨ ହଜାର ଟଙ୍କା ଜରିମାନା କରାଯାଇଛି। ଚଣ୍ଡିଗଡ଼ ଉପଭୋକ୍ତା ସେବାକେନ୍ଦ୍ରରେ ଅଭିଯୋଗକର୍ତ୍ତା ସୁରେନ୍ଦ୍ରପାଲ୍ ସିଂ ଚହଲ ଓ ତାଙ୍କ ସ୍ତ୍ରୀ ନରେନ୍ଦ୍ର କୌର ଚହଲ କରିଥିବା ଅଭିଯୋଗ ଅନୁସାରେ, ୨୦୧୭ରୁ ସେମାନେ ନିଜ ଡାକ୍ତର ଝିଅ ପାଇଁ ବର ଖୋଜୁଥିଲେ। ଏହି ସମୟରେ ୱେଡିଂ ୱିସ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ସଂସ୍ଥାର ଏଜେଣ୍ଟ ବର ଖୋଜିଦେବେ ବୋଲି କହିଥିଲେ। ଝିଅ ମାଙ୍ଗଳିକ ଥିବାରୁ ପୁଅ ମଧ୍ୟ ମାଙ୍ଗଳିକ ହେବ। ଏବଂ ପୁଅ ଆଖପାଖ ଅଞ୍ଚଳର ହେବା ସହ ଜାଟ୍ ସମ୍ପ୍ରଦାୟର ଓ ଡାକ୍ତର ହୋଇଥିବା ଆବଶ୍ୟକ ଥିଲା। ଏ ନେଇ ୨୬ ସେପ୍ଟେମ୍ବର ୨୦୧୭ରେ ସର୍ଭିସ୍ ଏଗ୍ରିମେଣ୍ଟ ହୋଇଥିଲା। ରୟାଲ ପ୍ୟାକେଜ୍ ପାଇଁ ଝିଅ ଘରଲୋକେ ଏଜେଣ୍ଟଙ୍କୁ ୫୦ହଜାର ଟଙ୍କା ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏଜେଣ୍ଟ ଜଣକ ଯେଉଁ ପୁଅମାନଙ୍କ ପ୍ରୋଫାଇଲ୍ ଦେଖାଇଲେ, ତାହା ଏଗ୍ରିମେଣ୍ଟ ହିସାବରେ ନ ଥିଲା। ଏହାଦ୍ୱାରା ସେମାନେ ଅଯଥାରେ ଖର୍ଚ୍ଚାନ୍ତ ହେବା ସହ ଏଜେଣ୍ଟ ଜଣକ ତାଙ୍କ ସମୟ ନଷ୍ଟ କରିଛନ୍ତି ବୋଲି ଉପଭୋକ୍ତା ମଞ୍ଚରେ ଅଭିଯୋଗ କରିଛନ୍ତି। ତେବେ ଉପଭୋକ୍ତାଙ୍କ ସମୟ ନଷ୍ଟ କରିବା ଅଭିଯୋଗରେ ଉକ୍ତ ଏଜେନ୍ସିକୁ ଉପଭୋକ୍ତା ମଞ୍ଚ ଦୋଷୀ ସାବ୍ୟସ୍ତ କରିଛି। ଫଳରେ ୱେଡିଂ ୱିସ୍ ସମ୍ପୃକ୍ତ ଉପଭୋକ୍ତାଙ୍କୁ ଦଣ୍ଡ ସ୍ୱରୂପ ୯ ପ୍ରତିଶତ ସର୍ଭିସ୍ ଟ୍ୟାକ୍ସ ସହିତ ୬୨ ହଜାର ଟଙ୍କା ଜରିମାନା ଦେବ ବୋଲି ସ୍ଥିର କରାଯାଇଛି।



# ରିକ୍ସା ବଞ୍ଚାଇଲା ଶିଶୁଙ୍କ ଜୀବନ

**ଟିକମ୍‌ଗଡ଼:** ଯାହାକୁ ରଖିବେ ହରି, ତାକୁ କିଏ ପାରିବେ ମାରି। ଏହି ଲୋକକଥା ସତ୍ୟ ପ୍ରମାଣିତ ହୋଇଛି ମଧ୍ୟପ୍ରଦେଶର ଟିକମ୍‌ଗଡ଼ ଜିଲାର ଏକ ୩ ବର୍ଷର ଶିଶୁପୁତ୍ରଙ୍କ କ୍ଷେତ୍ରରେ। ଶିଶୁଜଣକ ଶୁକ୍ରବାର ପରିବାର ସଦସ୍ୟଙ୍କ ସହ ଏକ କୋଠାର ଦ୍ୱିତୀୟ ମହଲା ବାଲ୍‌କୋନିରେ ଖେଳୁଥିଲେ। ଖେଳୁ ଖେଳୁ ଘଟିଥିଲା ଦୁର୍ଘଟଣା। ମା'ବାପାଙ୍କ ଆଖି ସାମ୍ନାରେ ଶିଶୁଜଣକ ପ୍ରାୟ ୩୫ ଫୁଟ ତଳ ରାସ୍ତା ଉପରକୁ ଖସି ପଡ଼ିଥିଲେ। କିନ୍ତୁ ସେତିକିବେଳେ ସେହି ବାଟ ଦେଇ ଯାଉଥିବା ଏକ ରିକ୍ସାର ସିଟ୍ ଉପରେ ଶିଶୁଜଣକ



ପଡ଼ିଯିବାରୁ ତାଙ୍କ ଜୀବନ ବଞ୍ଚିଯାଇଥିଲା। ରିକ୍ସାଚାଳକ ଏବଂ ସେଠି ଉପସ୍ଥିତ ଥିବା କେତେଜଣ ବ୍ୟକ୍ତି ଶିଶୁଙ୍କୁ ଉଦ୍ଧାର କରିବା ପରେ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ସିଟିସ୍କାନ, ଏକ୍ସ-ରେ ଆଦି ପରୀକ୍ଷା କରାଯିବା ପରେ ଶିଶୁ ଜଣକ ବିପଦମୁକ୍ତ ଥିବା ଡାକ୍ତର ଜଣାଇଥିଲେ। ଶିଶୁଙ୍କ ବାପା ଆଶିଷ ଜୈନ କହିଥିଲେ ଯେ, ତାଙ୍କ ପୁଅ ଖସିପଡ଼ିବାବେଳେ ବାଲ୍‌କୋନି ରେଲିଂକୁ ଧରି କିଛି ସମୟ ଝୁଲି ରହିଥିଲେ। ତାଙ୍କୁ ଉଦ୍ଧାର କରିବା ପୂର୍ବରୁ ସେ ନିୟନ୍ତ୍ରଣ ହରାଇ ତଳକୁ ଖସିପଡ଼ିଥିଲେ। କିନ୍ତୁ ଦେବଦୂତ ଭଳି ସେହି ସମୟରେ ରିକ୍ସାଚାଳକ ପହଞ୍ଚିଯାଇଥିଲେ ବୋଲି ଆଶିଷ କହିଛନ୍ତି। ଏହି ଘଟଣା ନିକଟସ୍ଥ ଏକ ସିସିଟିଭି କ୍ୟାମେରାରେ କଏଦ ହୋଇଯାଇଥିବାବେଳେ ସେହି ଭିଡିଓ ବିଭିନ୍ନ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଯାଇଛି। ଶିଶୁଙ୍କ ପରିବାର ଲୋକେ ରିକ୍ସାଚାଳକଙ୍କୁ ଅଶେଷ ଧନ୍ୟବାଦ ଜଣାଇବା ସହ ନୂଆ ପୋଷାକ ଓ ମିଠା ଦେଇ କୃତଜ୍ଞତା ଜଣାଇଥିଲେ।

# ୩୦ ଲକ୍ଷ ଯକ୍ଷ୍ମାରୋଗୀ ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ

## ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟ

**ଜେନିଭା:** ସ୍ୱାସ୍ଥ୍ୟ ସଚେତନତା ଓ ଅତ୍ୟାଧୁନିକ ଚିକିତ୍ସା ସୁବିଧା ସତ୍ତ୍ୱେ ଯକ୍ଷ୍ମାରୋଗୀଙ୍କ ସଂଖ୍ୟା କମୁନାହିଁ। ତେବେ ଏହି ରୋଗର ନିରାକରଣ ଲାଗି ପର୍ଯ୍ୟାପ୍ତ ଅର୍ଥାଭାବ ଏବେ ସମସ୍ୟା ହୋଇ



ଛିଡ଼ାହୋଇଛି। ଜୀବନରକ୍ଷକ ଚିକିତ୍ସା ସତ୍ତ୍ୱେ ଅନେକ ଲୋକ ପ୍ରାଣ ହରାଉଛନ୍ତି। ବିଶ୍ୱରେ ପ୍ରାୟ ୩୦ ଲକ୍ଷ ଯକ୍ଷ୍ମାରୋଗୀ ଉପଯୁକ୍ତ ଚିକିତ୍ସା ସୁବିଧାରୁ ବଞ୍ଚିତ ହେଉଛନ୍ତି। ୨୦୧୮ରେ ୮ଟି ଦେଶକୁ ବହୁଳ ଭାବେ ଯକ୍ଷ୍ମା ଗ୍ରାସ କରିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟରୁ ଜଣାପଡ଼ିଛି। ଏହି ଦେଶଗୁଡ଼ିକ ହେଲା ବାଂଲାଦେଶ, ଚାଇନା, ଭାରତ, ଇଣ୍ଡୋନେସିଆ, ନାଇଜେରିଆ, ପାକିସ୍ତାନ, ଫିଲିପାଇନ୍ସ ଓ ଦକ୍ଷିଣ ଆଫ୍ରିକା। ବିଶ୍ୱରେ ପ୍ରାୟ ୭୦ ଲକ୍ଷ ଏହି ରୋଗୀ ଚିକିତ୍ସିତ ହୋଇଥାନ୍ତି। ୨୦୧୭ରେ ୬୪ ଲକ୍ଷ ଯକ୍ଷ୍ମାରୋଗୀ ଚିକିତ୍ସିତ ହୋଇଥିବା ସଙ୍ଗଠନ ପକ୍ଷରୁ ଦର୍ଶାଯାଇଛି। ୨୦୧୮ରେ ୧୫ ଲକ୍ଷ ଯକ୍ଷ୍ମା ରୋଗୀ ପ୍ରାଣ ହରାଇଥିବାବେଳେ ୨୦୧୭ରେ ଏହା ଥିଲା ୧୬ ଲକ୍ଷ। ସାଧାରଣତଃ ନିମ୍ନ ଓ ମଧ୍ୟବିତ୍ତ ବର୍ଗର ଗରିବ ଲୋକମାନଙ୍କୁ ଏହି ରୋଗ ଅଭିଶାପ ସଦୃଶ ହୋଇଥାଏ। ପ୍ରାଥମିକ ଚିକିତ୍ସାକୁ ଗୁରୁତ୍ୱ ଦିଆ ନ ଯିବା ଯୋଗୁ ଏହି ରୋଗ ଭୟଙ୍କର ରୂପ ଧାରଣ କରିଥାଏ। ବ୍ରାଜିଲ, ଚାଇନା, ରୁଷିଆ, ଜିମ୍ବାୱେରେ ଯକ୍ଷ୍ମାରୋଗୀଙ୍କ ସଂଖ୍ୟା ଅଧିକ ହେବାର ଆଶଙ୍କା ରହିଥିବାବେଳେ ସେମାନଙ୍କ ସଚେତନତା ଓ ତତ୍କାଳ ଚିକିତ୍ସା ମୃତ୍ୟୁହାରକୁ କମାଇବାରେ ସହାୟକ ହୋଇପାରିଛି। ବିଭିନ୍ନ ସେକ୍ଟରରେ କାର୍ଯ୍ୟ କଲେ ମଧ୍ୟ ଯଦି ଆମେ ନିଜକୁ ସ୍ୱାସ୍ଥ୍ୟ ସଚେତନ କରିପାରିବା ଓ ଚିକିତ୍ସା ସୁବିଧାର ଫାଇଦା ନେଇପାରିବା, ତେବେ ଦୀର୍ଘଜୀବୀ ହେବା ସମ୍ଭବ ହୋଇପାରିବ।



# ହେମାମାଳିନୀ କରିଥିଲେ ଧର୍ମ ପରିବର୍ତ୍ତନ

**ମୁମ୍ବାଇ:** ବଲିଉଡ୍ ଡ୍ରିମ୍ ଗର୍ଲ ହେମାମାଳିନୀ ୧୯୪୮ ଅକ୍ଟୋବର ୧୬ରେ ତାମିଲ୍‌ନାଡୁ ଥାଞ୍ଜାଭୁର ଜିଲାର ଆମ୍ମାନକୁଡ଼ିଠାରେ ଜନ୍ମଗ୍ରହଣ କରିଥିଲେ। ୧୯୬୪ରେ ତାମିଲ୍ ଫିଲ୍ମ ନିର୍ଦ୍ଦେଶକ ସି.ବି. ଶ୍ରୀଧର ତାଙ୍କୁ ରିଜେକ୍ଟ କରିଦେଇଥିଲେ। ତେବେ ୧୯୬୫ରେ ପାଣ୍ଡବ ବନବାସମ୍‌ରେ ତାଙ୍କୁ ଏକ ଛୋଟ ରୋଲ୍ ମିଳିଥିଲା। ଏହାପରେ ୧୯୬୮ରେ ସେ ରାଜକପୁରଙ୍କ ସହିତ 'ସପ୍‌ନୋ କା ସୌଦାଗର' ଫିଲ୍ମରେ ଅଭିନୟ କରିଥିଲେ। ଏହି ଫିଲ୍ମରେ ତାଙ୍କ ଅଭିନୟକୁ ଦର୍ଶକ ପସନ୍ଦ କରିଥିଲେ। ହେମା ବିବାହିତ ଧର୍ମେନ୍ଦ୍ରଙ୍କୁ ବିବାହ କରିବା ପାଇଁ ଧର୍ମ ପରିବର୍ତ୍ତନ କରିଥିଲେ। ଧର୍ମେନ୍ଦ୍ର ପଞ୍ଜାବୀ ଥିଲେ। ତେବେ ଦୁହେଁ ବିବାହ ଲାଗି ମୁସଲମାନ ଧର୍ମ ଗ୍ରହଣ କରିଥିଲେ। ହେମା ନିଜ ନାମ ଆୟେଶା ବିବି ରଖିଥିଲେ। ସେହିପରି ଧର୍ମେନ୍ଦ୍ର ନିଜ ନାମ ଦିଲାୱର ଖାଁ ରଖିଥିଲେ। ହେମାଙ୍କୁ ବିବାହ କରିବା ସମୟରେ ଧର୍ମେନ୍ଦ୍ରଙ୍କର ୪ ସନ୍ତାନ ଥିଲେ। ତାଙ୍କ ପ୍ରଥମ ସ୍ତ୍ରୀ ପ୍ରକାଶ କୌର ପିଲାମାନଙ୍କ ଲାଳନପାଳନ ଦାୟିତ୍ୱ ଗ୍ରହଣ କରିଥିଲେ।



❝ ରାଧାକୃଷ୍ଣଙ୍କୁ ତୁମେ ନ ମାନ ପଛକେ, ରାଧା ଆଉ କୃଷ୍ଣଙ୍କ ଆକର୍ଷଣକୁ ଗ୍ରହଣ କର। ଭଗବାନଙ୍କ ପାଇଁ ତୁମ ହୃଦୟରେ ସେହିଭଳି ବ୍ୟାକୁଳତା ପ୍ରକାଶ ପାଉ। ତାଙ୍କୁ ପାଇବା ପାଇଁ କେବଳ ବ୍ୟାକୁଳତା ଦରକାର।

- ଶ୍ରୀ ରାମକୃଷ୍ଣ ପରମହଂସ






# ଅସୁସ୍ଥ ଦନ୍ତାହାତୀର ମୃତ୍ୟୁ



ମୃତ୍ୟୁବରଣ କରିଥିବା ହାତୀ।

**ନାକଟୀଦେଉଳ, ୨୦।୧୦ (ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟୀଦେଉଳ ବନାଞ୍ଚଳ ଅନ୍ତର୍ଗତ ରାଇଲ୍ ଫରେଷ୍ଟ ସେକ୍ସନର ରାଇଲ ଗ୍ରାମର ଗ୍ରେବ୍ରେଲପଡାର ଶୁଦକଟେଇଠାରୁ ରବିବାର ସକାଳୁ ବନ ବିଭାଗ ଏକ ଦନ୍ତାହାତୀର ମୃତଦେହ ଉଦ୍ଧାର କରିଛି। ପ୍ରାୟ ୮ବର୍ଷର ହେବ ହାତୀଟି ଦୁଇ ସପ୍ତାହ ହେଲା ଅସୁସ୍ଥ ଥିଲା ବୋଲି ବନ ବିଭାଗ କହିଛି। ଗତ କିଛି ଦିନ ହେବ ରାଇଲ ଗ୍ରାମର ଆଖପାଖ ଅଞ୍ଚଳରେ ସେ ଅସୁସ୍ଥ ହୋଇ ବୁଲୁଥିଲା। ଶନିବାର ମଧ୍ୟାହ୍ନରେ ଗାଁ ମୁଣ୍ଡକୁ ଚାଲି ଆସିଥିଲା। ଗ୍ରାମବାସୀ ଏବଂ ବନବିଭାଗ କର୍ମଚାରୀ ଘଉଡାଇବାରୁ ଶୁଦକଟେଇଠାରେ ଏକ ରାଶି କ୍ଷେତ ନିକଟରେ ପଡିଯାଇଥିଲା। ଅତ୍ୟଧିକ ଅସୁସ୍ଥ ହେତୁ ସେଠାରୁ ଉଠି ପାରି ନ ଥିଲା। ବନ ବିଭାଗ କର୍ମଚାରୀ ରାତିସାରା ସେଠାରେ ଜଗି ରହିଥିଲେ। ରବିବାର ସକାଳୁ ତାର ମୃତ୍ୟୁ ଘଟିଥିଲା । ଖବର ପାଇ ରେଢ଼ାଖୋଲ ଡିଏଫଓ ସଂଗ୍ରାମ କେଶରୀ ବେହେରା, ସମ୍ବଲପୁର ଆଞ୍ଚଳିକ ବନ ସଂରକ୍ଷକ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ନାକଟୀଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା, ରେଢ଼ାଖୋଲ ବନାଞ୍ଚଳ ଅଧିକାରୀ ମୈତ୍ରୀମଞ୍ଜୀତ ବିଶ୍ୱାଳ, ଗିରିଶ୍ଚନ୍ଦ୍ରପୁର ରେଞ୍ଜର ସୁଶାନ୍ତ କୁମାର ବଡା, ବଡବାହାଲ ରେଞ୍ଜର ପ୍ରଜ୍ଞାପରମିତା ଦୀପଙ୍କ ଉପସ୍ଥିତରେ ନାକଟୀଦେଉଳ ପ୍ରାଣୀଧନ ଚିକିତ୍ସକ ଦେବାଶିଷ ପଣ୍ଡାଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯାଇଥିଲା। ପରେ ଜେସିବିରେ ଗାତ ଖୋଳି ସନ୍ଧ୍ୟାରେ ସେଠାରେ ପୋତି ଦିଆଯାଇଛି। ହାତୀ ମୁଣ୍ଡରେ ଏକ ଟ୍ୟୁମର ହୋଇଥିଲା। ତାହା ବଢିଯାଇ ପୂଜ ହୋଇଯାଇଥିବାରୁ ମୃତ୍ୟୁ ଘଟିଥିବା ପ୍ରାଣୀଧନ ଚିକିତ୍ସକ ପଣ୍ଡା କହିଛନ୍ତି। ଅପରପକ୍ଷରେ ହାତୀଟି ଅସୁସ୍ଥ ଥିବାରୁ ଦୁଇ ଦିନ ହେଲା ବନ ବିଭାଗ ଟିମ୍ ମନିଟରିଂ କରୁଥିଲେ ବୋଲି ଡିଏଫଓ ସଂଗ୍ରାମ କେଶରୀ ବେହେରା ପ୍ରକାଶ କରିଛନ୍ତି ।

ଏହି ଦନ୍ତାହାତୀଟି ଗତ ଏକ ମାସ ଧରି ଏହି ଅଞ୍ଚଳରେ ଉପଦ୍ରବ ଜାରି ରଖି ଧନଜୀବନ ହାନି ଘଟାଇଥିଲା। ୮ ତାରିଖ କାଦୋବାହାଲ ନିକଟସ୍ଥ ଡାହିମାଳ ଗ୍ରାମର ଦଶରଥ ମିର୍ଦ୍ଧା ନାମକ ଜଣେ ବ୍ୟକ୍ତିଙ୍କୁ କଚାଡି ମାରି ଦେଇଥିଲା। ପାଣ୍ଡରିଶିଳା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଶୁଣ୍ଢରେ ଟେକି ଆକ୍ରମଣ କରି ଆହତ କରିବା ସହ ପନିପରିବା ଏବଂ କଦଳୀ ଚାଷ ନଷ୍ଟ କରିଥିଲା। ଦୀର୍ଘଦିନ ହେଲା ଅସୁସ୍ଥ ଥିବା ନେଇ ରାଇଲ ଗ୍ରାମବାସୀ ଡିଏଫଓଙ୍କୁ ଅବଗତ କରାଇଥିଲେ ସୁଦ୍ଧା ସେ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଏଣୁ ଚିକିତ୍ସା କରା ଯାଇ ନ ପାରିବାରୁ ହାତୀର ମୃତ୍ୟୁ ଘଟିଛି ବୋଲି ଗ୍ରାମବାସୀ ଅଭିଯୋଗ କରି ଏଥିପାଇଁ ବନ ବିଭାଗକୁ ଦାୟୀ କରିଛନ୍ତି। ଅପରପକ୍ଷରେ ହାତୀମୃତ୍ୟୁ ସମ୍ପର୍କରେ ଘଟଣାସ୍ଥଳକୁ ଖବର ସଂଗ୍ରହ କରିବାକୁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ସେହି ସ୍ଥାନକୁ ଯିବାକୁ ବନ ବିଭାଗ ବାରଣ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲା। ଏଣୁ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିଲା ।








ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।

- ଜର୍ଜ ବର୍ଣ୍ଣାଡ ଶ'


**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ରୁଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ମିତାରାଣୀ ମୃତ୍ୟୁକୁ ନେଇ ଥମୁନି ରାଜନୀତି

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

- ଯାଜପୁର ଏସ୍‌ପିଙ୍କ ବିରୋଧରେ ଡିଜିପିଙ୍କୁ ଭେଟିଲା ଭାଜପା
- ଭାଜପା ଓ ବିଜେଡିକୁ କଂଗ୍ରେସର ଟାର୍ଗେଟ କଲେ ତାରା
- ସବୁ କଥାରେ ରାଜନୀତି କରୁଛି ଭାଜପା: ସୁଲତା
- ମହିଳାଙ୍କ ସମସ୍ୟା ସହ ଆମେ ସବୁବେଳେ ଅଛୁ: ଲେଖାଶ୍ରୀ

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ପ୍ରସଙ୍ଗକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିବାରେ ଲାଗିଛି। ବିରୋଧୀ ଏବଂ ଶାସକ ଦଳ ନେତାଙ୍କ ମଧ୍ୟରେ ଏହି ପ୍ରସଙ୍ଗକୁ ନେଇ କାଦୁଅ ଫିଙ୍ଗା ବଢ଼ିବାରେ ଲାଗିଛି। ଏହି ଘଟଣାରେ ଯାଜପୁର ଜିଲା ଏସ୍‌ପିଙ୍କ ବିରୋଧରେ ଭାଜପାର ଏକ ପ୍ରତିନିଧି ଦଳ ଡିଜିପିଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅନ୍ୟପଟେ କଂଗ୍ରେସ ଏହି ଘଟଣାରେ ଉଭୟ ବିଜେଡି ଓ ଭାଜପାକୁ ଦୋଷ ଦେଇଛି। ସେହିପରି ବିଜେଡି ଏହି ଘଟଣାକୁ ନେଇ ରାଜନୀତି ନ କରିବା ପାଇଁ ଯୁକ୍ତି ବାଢ଼ିଛି। ସ୍ମିତାରାଣୀ ମୃତ୍ୟୁ ଘଟଣାରେ ରୂପେଶ ଭଦ୍ରାଙ୍କୁ ପୋଲିସ ଗିରଫ କରିଛି। ରୂପେଶଙ୍କ ସହ ସ୍ମିତାରାଣୀଙ୍କ ସମ୍ପର୍କ ଥିଲା ବୋଲି ଯାଜପୁର ଏସ୍‌ପି କହିଥିଲେ। ମାତ୍ର ଏହାକୁ ବିରୋଧ କରିଛି ଭାଜପା। ଭାଜପା କହିଛି, ମୃତକ ସ୍ମିତାରାଣୀଙ୍କ ଚରିତ୍ର ହନନ କରିବା ସହ ତଦନ୍ତକୁ ପ୍ରଭାବିତ କରାଯାଉଛି। ଗୋଟିଏ ଜଘନ୍ୟ ଅପରାଧ ମାମଲାରେ ତଦନ୍ତ ଚାଲୁଥିବା ବେଳେ ତଦନ୍ତ ରିପୋର୍ଟ ବା ଚାର୍ଜଶିଟ୍ ଦାଖଲ ହେବା ପୂର୍ବରୁ ଏସ୍‌ପି ଚରଣସିଂହ ମୀନା ଆସି ଗଣମାଧ୍ୟମ ଆଗରେ ବିବୃତି ଦେଇ ଏହାକୁ ଆତ୍ମହତ୍ୟା ଦର୍ଶାଇ ତଦନ୍ତକୁ ପ୍ରଭାବିତ କରିବା ପାଇଁ ଏକ ଭୟଙ୍କର ଷଡଯନ୍ତ୍ର ରଚିଛନ୍ତି । ମୁଖ୍ୟ ଅଭିଯୁକ୍ତକୁ ଖସାଇବା ପାଇଁ ଏହା ବିଧିବଦ୍ଧ ଯୋଜନା । ସ୍ମିତାରାଣୀଙ୍କ ଚରିତ୍ର ହନନ କରିବା ଏବଂ ଘଟଣାକୁ ଏକ ଭିନ୍ନ ମୋଡ ଦେବା ଅଭିଯୋଗରେ ଯାଜପୁର ଏସ୍‌ପିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରବିବାର ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ଦାବି କରିଛି ।

ଅନ୍ୟପଟେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଭାଜପା ଓ ବିଜେଡି ଗୋଟିଏ ଘାଟରେ ପାଣି ପିଉଛନ୍ତି। ମୁଖ୍ୟ ଅଭିଯୁକ୍ତଙ୍କ ସହିତ ଉଭୟ ବିଜେଡି ଏବଂ ଭାଜପା ନେତାଙ୍କ ଫଟୋ ରହିଛି। ମୁଖ୍ୟ ଅଭିଯୁକ୍ତଙ୍କ ସହ ବିଜେଡି ଓ ଭାଜପା ନେତାଙ୍କ ସହ ଭଲ ସମ୍ପର୍କ ଅଛି ବୋଲି ତାରା କହିଛନ୍ତି। ତାରାଙ୍କ ଏଭଳି ମନ୍ତବ୍ୟକୁ ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ସମାଲୋଚନା କରି କହିଛନ୍ତି, କାହା ସହିତ ଫଟୋ ଉଠାଇଦେଲେ ସମ୍ପର୍କ ରହିଯାଇ ନ ଥାଏ। ପ୍ରମାଣ ଦେଇ ସେ କଥାବାର୍ତ୍ତା କରନ୍ତୁ। ଅଯଥା କଥା କଂଗ୍ରେସ କହୁଛି। ଭାଜପା ମହିଳା ମୋର୍ଚ୍ଚା ସବୁବେଳେ ମହିଳା ହକ୍ ପାଇଁ ଲଢ଼େଇ ଜାରି ରଖିଛି। ସ୍ମିତାରାଣୀ ହତ୍ୟାକାଣ୍ଡ କେମିତି ଘଟିଲା, ଯାଜପୁର ଏସ୍‌ପି ସେନେଇ ତଦନ୍ତ ନ କରି ରୂପେଶ ଭଦ୍ରାଙ୍କ ସହ ତାଙ୍କର କ'ଣ ସମ୍ପର୍କ ଥିଲା ସେନେଇ ତଦନ୍ତ କରିବାକୁ ଯାଇଥିଲେ। ସରକାରରେ ଥିବା ଏବଂ ବିରୋଧୀ ଭୂମିକା ତୁଲାଉଥିବା ଦଳ ସମସ୍ତେ ଏକାଠି ହୋଇ ଏହି ପ୍ରସଙ୍ଗରେ ଲଢେଇ କରିବା ଦରକାର। ଏଠି ଜଣାପଡୁଛି ଶାସକ ଦଳ ପକ୍ଷପାତିତା କରି ଅପବ୍ୟବହାର ଚଳାଉଛି ବୋଲି ସେ କହିଛନ୍ତି। ଅନ୍ୟପଟେ ବିଜେଡି ନେତ୍ରୀ ସୁଲତା ଦେଓ କହିଛନ୍ତି, ଭାଜପା ପାଖରେ କୌଣସି ପ୍ରସଙ୍ଗ ନାହିଁ। ପ୍ରତ୍ୟେକ କଥାକୁ ନେଇ ସେମାନେ ରାଜନୀତି କରିବାକୁ ଚେଷ୍ଟା କରୁଛନ୍ତି। ରାଜନୀତି ଛାଡ଼ି ଭାଜପା ଲୋକଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସୁଲତା କହିଛନ୍ତି।

# ୧୮ ମାସରେ ବଦଳିବ ସରକାରୀ କୋଠାର ରୂପରେଖ

## ଖୁବ୍‌ଶୀଘ୍ର ଆରମ୍ଭ ହେବ ଉଚ୍ଛେଦ ଓ ନିର୍ମାଣ

**ଭୁବନେଶ୍ୱର,୨୦।୧୦(ବ୍ୟୁରୋ)**

ରାଜଧାନୀରେ ଥିବା ସରକାରୀ କୋଠା ଏବଂ କ୍ୱାର୍ଟର୍ସଗୁଡିକ ନବୀକରଣ କରାଯିବ। ଏନେଇ ସାଧାରଣ ପ୍ରଶାସନ(ଜିଏ) ପକ୍ଷରୁ ସ୍ଥାନ ଚିହ୍ନଟ ହୋଇସାରିଛି। ପୂର୍ତ୍ତ ବିଭାଗ ମଧ୍ୟ ଏଥିପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରିସାରିଛି। ଚଳିତ ନଭେମ୍ବରରେ ପୁରାତନ କୋଠା ଭାଙ୍ଗିବା ନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡିଛି। ସେହିପରି ନୂତନ ନିର୍ମାଣ କାର୍ଯ୍ୟ ଆସନ୍ତା ୧୮ ମାସ ମଧ୍ୟରେ ସାରିବାକୁ ନିଷ୍ପତ୍ତି ନିଆଯାଇଛି। ସରକାରୀ ଆବାସ ଉନ୍ନୟନ କାର୍ଯ୍ୟକ୍ରମ(ଜିଏଡିପି) ଅନ୍ତର୍ଗତ ଏହି ସମସ୍ତ କାର୍ଯ୍ୟ କରାଯିବ। ପୁରୀସ୍ଥିତ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଉନ୍ନୟନ ଭଳି ରାଜଧାନୀରେ ନୂଆ ସରକାରୀ କୋଠାର ନିର୍ମାଣକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି। ଏହି କାର୍ଯ୍ୟର ନିୟମିତ ବ୍ୟବଧାନରେ ସମୀକ୍ଷା କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ସାରିଛି। କମିଟି ଦ୍ୱାରା ପୂର୍ବରୁ କରାଯାଇଥିବା ୩ଟି ବୈଠକରେ ପୁରୁଣା କୋଠା ଭଙ୍ଗାଯିବା ସହ ନୂତନ ନିର୍ମାଣ ନେଇ ଆଲୋଚନା ହୋଇଛି।

କମିଟିରେ ମୁଖ୍ୟ ଶାସନ ସଚିବ ଅଧ୍ୟକ୍ଷ , ଅର୍ଥ ସଚିବ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ ସଦସ୍ୟ ଏବଂ ପୂର୍ତ୍ତ ବିଭାଗର କମିଶନର ତଥା ସଚିବ ଆବାହକ ସଦସ୍ୟଭାବେ କାର୍ଯ୍ୟ କରୁଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ବିଧାନ ସୌଧ ସମ୍ମୁଖ ଭାଗ ଭଙ୍ଗାଯିବା ସହ ସେଠାରେ ବହୁତଳ ବିଶିଷ୍ଟ କୋଠା ନିର୍ମାଣ କରାଯିବ। ବିଧାନସଭାର ସମସ୍ତ ସଦସ୍ୟଙ୍କୁ ସେହି ସ୍ଥାନରେ ଟାଇପ-୭ ଆବାସ ଯୋଗାଇ ଦିଆଯିବ। ଏହା ବ୍ୟତୀତ ଜନ ପ୍ରତିନିଧିଙ୍କ ପାଇଁ ସ୍ୱତନ୍ତ୍ରଭାବେ ବ୍ୟାୟାମଶାଳା(ଜିମ୍), ଫୁଡ୍ କୋର୍ଟ, ଚାଲିବା ପାଇଁ ସ୍ଥାନ ଏବଂ ବିଭିନ୍ନ ଗୋଷ୍ଠୀ କେନ୍ଦ୍ର ରହିବ। ବିଧାୟକମାନଙ୍କ ପାଇଁ ନିର୍ମାଣ ପରେ କେତେ ମାତ୍ରାର ସ୍ଥାନ ବଳକା ରହୁଛି, ତାହାକୁ ଦୃଷ୍ଟିରେ ରଖି ବିଧାନସଭା କର୍ମଚାରୀଙ୍କ ପାଇଁ ଆବାସସ୍ଥଳୀ ନିର୍ମାଣ କରାଯିବ ବୋଲି ଜଣାପଡିଛି। ସେହିପରି ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ ମଧ୍ୟରେ ଥିବା ସିଙ୍ଗଲ୍ ଷ୍ଟୋରେଜ୍ କ୍ୱାର୍ଟର୍ସକୁ ଭଙ୍ଗାଯାଇ ବହୁମୁଖୀ ପ୍ରାସାଦ କେବଳ ବରିଷ୍ଠ ଅଧିକାରୀଙ୍କ ପାଇଁ ନିର୍ମାଣ କରାଯିବ। ଏହା ପରେ ପର୍ଯ୍ୟାୟକ୍ରମେ ୟୁନିଟ୍ ୧, ୨, ୩ରେ ଥିବା ସିଙ୍ଗଲ୍ ଷ୍ଟୋରେଜ୍ କ୍ୱାର୍ଟର୍ସକୁ ଭଙ୍ଗାଯିବ ବୋଲି ଜଣାପଡିଛି। ଏହି ସ୍ଥାନରେ ବିଭିନ୍ନ ସରକାରୀ କର୍ମଚାରୀଙ୍କ ପାଇଁ ଫ୍ଲାଟ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି।

ସରକାର ଏପରି ନିଷ୍ପତ୍ତି ନେଇ ଥିବାରୁ କର୍ମଚାରୀଙ୍କ ମହଲରେ ସ୍ୱାଗତ କରାଯାଇଛି। ହେଲେ 'ଲୋକସେବା ଭବନ' ତଥା ସଚିବାଳୟ କର୍ମଚାରୀମାନେ ସ୍ୱତନ୍ତ୍ର ଭାବେ ଆବାସିକ କଲୋନୀ ପାଇଁ ପ୍ରସ୍ତାବ ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ଏଜି, ଓଡ଼ିଶା ଖଣି ନିଗମ, ଇଡ୍‌କଲ୍ , ଡିପିଆଇ, ଓସିସି, ଆରବିଆଇ ଏବଂ ଏସ୍‌ବିଆଇର ସ୍ୱତନ୍ତ୍ର କର୍ମଚାରୀ କଲୋନୀ ରହିଛି। ଏହି ଢାଞ୍ଚାରେ ସଚିବାଳୟ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର କଲୋନୀ କରିବା ପାଇଁ ଦାବି କରାଯାଇଛି। ବର୍ତ୍ତମାନ କର୍ମଚାରୀମାନେ ରାଜଧାନୀର ବିଭିନ୍ନ ସ୍ଥାନ ଯଥା-ରେଣ୍ଟାଲ କଲୋନୀ, ସୈନିକ ସ୍କୁଲ, କଳ୍ପନା ଛକ ଅଞ୍ଚଳ ଏବଂ ବିଜେବି ନଗର ପ୍ରଭୃତିରେ ରହୁଛନ୍ତି। ତେଣୁ ଲୋକସେବା ଭବନ ନିକଟବର୍ତ୍ତୀ ୟୁନିଟ୍-୨ କିମ୍ବା ୩ରେ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର କଲୋନୀ ପାଇଁ ଦାବି କରାଯାଇଛି। ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଖସଡ଼ା ଅନୁଯାୟୀ ୨୨୦ ରୁ ୨୪୦ କୋଟି ମଧ୍ୟରେ ପ୍ରସ୍ତାବିତ କାର୍ଯ୍ୟକୁ ସାରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ୨୦୨୧ ଅଗଷ୍ଟ ମାସ ପୂର୍ବରୁ ପ୍ରସ୍ତାବିତ ନିର୍ମାଣ ଯେପରି ବ୍ୟବହୃତ ହୋଇପାରୁଥିବା ସେଥିପ୍ରତି ଦୃଷ୍ଟି ଦିଆଯାଇଛି।

# ଭିମ୍‌ସାରରେ ଡାକ୍ତରଙ୍କୁ ମାଡ଼

- ୨ ଅଭିଯୁକ୍ତଙ୍କୁ ଗିରଫ କଲା ବୁର୍ଲା ଥାନା ପୋଲିସ
- ଡାକ୍ତର, କର୍ମଚାରୀଙ୍କ ବିରୋଧରେ ପାଲଟା ଆରୋପ

**ସମ୍ବଲପୁର, ୨୦।୧୦ (ବ୍ୟୁରୋ)**

ବୁର୍ଲା ଭିମ୍‌ସାର ନ୍ୟୁରୋ ସର୍ଜରୀ ବିଭାଗର ଡା. ସୂର୍ଯ୍ୟକାନ୍ତ ପାଢ଼ଯୋଶୀଙ୍କୁ ରବିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ୨ଜଣ ଯୁବକ ମାଡ ମାରିଛନ୍ତି। ଅଭିଯୁକ୍ତ ମୁକେଶ ବେହେରା ଓ ଝସକେତନ ରାଉତଙ୍କୁ ବୁର୍ଲା ପୋଲିସ ଗିରଫ କରିଛି। ବୁର୍ଲା ଥାନାରେ ଭିମ୍‌ସାର ଅଧୀକ୍ଷକ ଡା. ଲାଲମୋହନ ନାୟକଙ୍କ ଲିଖିତ ଅଭିଯୋଗ ପରେ ଏକ ମାମଲା ରୁଜୁ ହୋଇଛି। ଭିମ୍‌ସାର ଅସ୍ତ୍ରୋପଚାର ବିଭାଗକୁ ଅଭିଯୁକ୍ତ ମୁକେଶ ଓ ଝସକେତନ ଆସି ଡା. ସୂର୍ଯ୍ୟକାନ୍ତଙ୍କୁ ସାକ୍ଷାତ କରିବା ପାଇଁ କହିଥିଲେ। ଡାକ୍ତର ସେମାନଙ୍କୁ ଅପେକ୍ଷା କରିବା ପାଇଁ କହି ଅସ୍ତ୍ରୋପଚାର କକ୍ଷକୁ ଚାଲି ଯାଇଥିଲେ। କିଛି ସମୟ ପରେ ଅସ୍ତ୍ରୋପଚାର କକ୍ଷରୁ ଡାକ୍ତର ବାହାରି ଚେଞ୍ଜିଂ ରୁମକୁ ଯାଇଥିଲେ। ହେଲେ ମୁକେଶ ଓ ଝସକେତନ ଚେଞ୍ଜିଂ ରୁମ୍‌କୁ ଯାଇ କବାଟ ବନ୍ଦ କରି ଡାକ୍ତରଙ୍କୁ ମାଡ ମାରିଥିଲେ। ଗଣ୍ଡଗୋଳ ହେଉଥିବା ଜାଣି ପାଖରେ ଥିବା କର୍ମଚାରୀମାନେ ଆସି ଦୁଇ ଜଣଙ୍କୁ ଧରି ବୁର୍ଲା ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଜଣଙ୍କୁ ଗିରଫ କରି ଥାନାକୁ ନେଇଥିଲା । ଏହି ଘଟଣା ପ୍ରଚାର ହେବାପରେ ଡାକ୍ତର ଓ କର୍ମଚାରୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏ ନେଇ ଜୁନିୟର ଡାକ୍ତର ସଂଘ ସଭାପତି ସଞ୍ଜିବ କୁମାର ମିଶ୍ର କହିଛନ୍ତି ଯେ, ଚେଞ୍ଜିଂ ରୁମ୍‌କୁ ଆସି ଗଣ୍ଡଗୋଳ କରିବା ନିନ୍ଦନୀୟ। ଅପରପକ୍ଷେ ଅଭିଯୁକ୍ତ ମୁକେଶଙ୍କ ବାପା ଥନସୁନ୍ଦର ବେହେରା ଗଣମାଧ୍ୟମକୁ କହିଛନ୍ତି ଯେ, ସେ ଝାରସୁଗୁଡା ରେଙ୍ଗାଲିପଡାରୁ ଆସି ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଡା. ସୂର୍ଯ୍ୟକାନ୍ତ ତାଙ୍କୁ ଚିକିତ୍ସା କରୁଛନ୍ତି। ରବିବାର ତାଙ୍କୁ ଡିସଚାର୍ଜ କରାଯିବ ବୋଲି ଡାକ୍ତର କହିଥିଲେ ବି ଉକ୍ତ ଘରୋଇ ଡାକ୍ତରଖାନାକୁ ଯାଇ ନ ଥିଲେ। ଏଣୁ ତାଙ୍କ ପୁଅ ଓ ପୁତୁରା ଡିସ୍‌ଚାର୍ଜ ବିଷୟରେ ବୁଝିବାକୁ ଡାକ୍ତରଙ୍କ ପାଖକୁ ଯାଇଥିଲେ। ହେଲେ ଓଲଟା ଡାକ୍ତର ଓ କର୍ମଚାରୀମାନେ ମିଶି ତାଙ୍କ ପୁଅ, ପୁତୁରାଙ୍କୁ ମାଡ ମାରିଛନ୍ତି। ଏହା ତଦନ୍ତ ସାପେକ୍ଷ ବୋଲି ଥନସୁନ୍ଦର ଦାବି କରିଛନ୍ତି। ଏଠାରେ ପ୍ରକାଶଯୋଗ୍ୟ, ଭିମ୍‌ସାରରେ ୧୩୦ ଜଣ ସୁରକ୍ଷା କର୍ମୀ ରହିଛନ୍ତି। କିନ୍ତୁ ଡାକ୍ତରଙ୍କ ଚେଞ୍ଜିଂ ରୁମ୍‌ରେ ଦୁଇ ଜଣ କେମିତି ଆସିଲେ ତାହା ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏପରି ପରିସ୍ଥିତିରେ ଡାକ୍ତରମାନେ କିପରି ରୋଗୀସେବା କରିବେ ସେ ନେଇ ଚିନ୍ତାର ବିଷୟ ପାଲଟିଛି।


**ପ୍ରଥମ ପୃଷ୍ଠାରୁ...**


## ୩୫ ଆତଙ୍କବାଦୀ...

ହୋଇଯାଇଛି। ସେଠାରେ ଥିବା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଏବଂ ହିଜ୍‌ବୁଲ୍ ମୁଜାହିଦ୍ଦିନ ଆତଙ୍କବାଦୀଙ୍କ ମଧ୍ୟରୁ ୩୫ ଜଣ ନିହତ ହୋଇଛନ୍ତି। ଏହାକୁ ନେଇ ଉଭୟ ପଟୁ ଦୀର୍ଘସମୟ ଧରି ଗୁଳିବିନିମୟ ଲାଗି ରହିଥିଲା। ଭାରତୀୟ ଯବାନଙ୍କ ଗୁଳିମାଡ଼ରେ ପାକିସ୍ତାନୀ ସେନାର କେତେକ ଶିବିର ଧ୍ୱଂସ ହୋଇଯିବା ସହ ୫ ସୈନ୍ୟ ଓ କେତେଜଣ ଅଧିକାରୀ ମଧ ନିହତ ହୋଇଥିବା ଖବର ମିଳିଛି, ଯାହାକୁ ପାକିସ୍ତାନ ଖଣ୍ଡନ କରିଛି। ପାକିସ୍ତାନୀ ସେନାର ଇଣ୍ଟର-ସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସ (ଆଇଏସ୍‌ପିଆର୍) ପକ୍ଷରୁ କୁହାଯାଇଛି ଯେ, ଭାରତୀୟ ସେନାର ଅସ୍ତ୍ରବିରତି ଉଲ୍ଲଂଘନରେ ପିଓକେସ୍ଥିତ ଜୁରା, ଶାଖୋଟ ଓ ନୌଶେରୀ ସେକ୍ଟରରେ ଜଣେ ସୈନ୍ୟ ଓ ୪ ସାଧାରଣ ନାଗରିକ ନିହତ ହୋଇଥିବାବେଳେ ୨ ସୈନ୍ୟ ଏବଂ ୫ ନାଗରିକ ଆହତ ହୋଇଛନ୍ତି। ଅଧିକ ସଂଖ୍ୟକ ସୈନ୍ୟ ନିହତ ହୋଇଛନ୍ତି ବୋଲି ଭାରତୀୟ ସେନା ମିଛ ପ୍ରଚାର ଚଳାଇଥିବା ଆଇଏସ୍‌ପିଆର ମହାନିର୍ଦ୍ଦେଶକ ମେଜର ଜେନେରାଲ ଆସିଫ୍ ଗଫୁର ଟୁଇଟ୍ କରିଛନ୍ତି। ତେବେ ପିଓକେ ପ୍ରଧାନମନ୍ତ୍ରୀ ରଜା ଫାରୁକ୍ ହାଇଦର ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନରେ ପ୍ରତିପକ୍ଷ ସୈନ୍ୟଙ୍କ ମୃତାହତ ଖବର ସତ ବୋଲି ସ୍ୱୀକାର କରିଛନ୍ତି। ଉତ୍ତର-ପୂର୍ବ କେନ୍ଦ୍ରଶାସିତ ଅଞ୍ଚଳର ଲଦାଖ ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)ର ଲେହ-କାରାକୋରମ ରୋଡ୍ ଉପରେ ଏକ ନବନିର୍ମିତ ବ୍ରିଜ୍ ସୋମବାର ଉଦ୍‌ଘାଟନ କରାଯିବ। ରଣନୀତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଥିବା ଏକ ବ୍ରିଜ୍ ଉଦ୍‌ଘାଟନ ପାଇଁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଓ ସେନାମୁଖ୍ୟ ଜେନେରାଲ ବିପିନ ରାୱତ୍ ଯିବେ। ସେମାନଙ୍କ ଗସ୍ତର ଦିନକ ପୂର୍ବରୁ ପାକିସ୍ତାନୀ ସେନା ଓ ଆତଙ୍କବାଦୀଙ୍କ ଉପରେ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହାକୁ ନେଇ ସୀମାରେ ଉତ୍ତେଜନା ଦେଖାଦେଇଥିବାବେଳେ ରାଜନାଥ ଫୋନ୍‌ରେ ସେନାମୁଖ୍ୟ ରାୱତ୍‌ଙ୍କ ସହ ଆଲୋଚନା କରିଛନ୍ତି। ଏଲ୍ଓସିର ସ୍ଥିତି ଉପରେ ପ୍ରତିରକ୍ଷାମନ୍ତ୍ରୀ ବ୍ୟକ୍ତିଗତ ଭାବେ ନଜର ରଖିଥିବାବେଳେ ସମ୍ପୂର୍ଣ୍ଣ ଘଟଣାକ୍ରମ ନେଇ ଆଗକୁ ମଧ ଅବଗତ କରାଇବାକୁ ସେନାମୁଖ୍ୟଙ୍କୁ ପରାମର୍ଶ ଦେଇଛନ୍ତି।

### କିଛି ତଥ୍ୟ

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସରକାର ୭୯,୭୧୬ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୫୭,୮୭୦ କୋଟି ପ୍ରଦାନ କରାଯାଇଛି।

– ବାସଗୃହ ଏବଂ ସହର ବ୍ୟାପାର ମନ୍ତ୍ରଣାଳୟ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ସ୍ୱାସ୍ଥ୍ୟ ଓ ପାରିବାରିକ ବୈଷମତାକୁ ଆପଣେଇବାକୁ ବାଧ ହେବେ। ଅବଶ୍ୟ ଅନ୍ୟାନ୍ୟ ଦୃଷ୍ଟିକୋଣରୁ ଆପଣଙ୍କ ପାଇଁ ଦିନଟି ବହୁତ ଭଲରେ ଭଲରେ ବିତିବ। କର୍ମ କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗର ହାତ ଆପଣଙ୍କ ପାଖକୁ ଲମ୍ବି ଆସିବ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ବୃଷ**
ଚନ୍ଦ୍ର ସହ ରାହୁ ସଂଯୋଗ କାରଣରୁ ମନ ଭିତରେ ଯାହା ଥାଉନା କାହିଁକି ମୁହଁରେ କଅଁଳ କଥା କହି କାମ ହାସଲ କରିପାରିବେ। ବନ୍ଧୁଙ୍କ ସମର୍ଥନ କାମକୁ ଆଗକୁ ବଢାଇ ନେବାରେ ସାହାଯ୍ୟ କରିବ। ଆଲୋଚନା ପରିସରରେ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। ମହିଳାମାନେ ପାରିବାରିକ ସମସ୍ୟାଗ୍ରସ୍ତ କାରଣରୁ ମନଦୁଃଖରେ ରହିପାରନ୍ତି।

**ମିଥୁନ**
କୋଣଭାବରେ ଗ୍ରହସ୍ଥିତି ହେତୁ ଆର୍ଥିକ ଉନ୍ନତି ମନୋବଳକୁ ବୃଦ୍ଧି କରିବ ଏବଂ ଅର୍ଥବଳରେ ଅସାଧ୍ୟ ସାଧନର ରାସ୍ତା ଉନ୍ମୁକ୍ତ ହେବ। କିନ୍ତୁ କାର୍ଯ୍ୟବ୍ୟସ୍ତତା ହେତୁ ମାନସିକ ଚାପ ବୃଦ୍ଧିଜନିତ ମୁଣ୍ଡବ୍ୟଥା ସହ ସ୍ୱାସ୍ଥ୍ୟହାନି ଦେଖାଦେଇପାରେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ସମସ୍ୟା ଆସିବାର ଆଶଙ୍କା ରହିଛି।

**କର୍କଟ**
ଏକାଦଶରେ ପାପଗ୍ରହ କାରଣରୁ ଟିକିଏ ଟିକିଏ କଥାରେ ଅଯଥା ବିରକ୍ତିବୋଧ ଓ ଲଘୁ କ୍ରୋଧ ପ୍ରକାଶ କରି ଆତ୍ମୀୟସ୍ୱଜନଙ୍କ ବିରାଗଭାଜନ ହେବେ। ଅବଶ୍ୟ ପରିସ୍ଥିତକୁ ସାମ୍ନା କରିବାକୁ ଯାଇ ଉପସ୍ଥିତି ବୁଦ୍ଧି ପ୍ରୟୋଗକରି ସମ୍ଭାଳି ନେବେ। ଆଲୋଚନା, ବ୍ୟବସାୟ ପ୍ରଭୃତି ଯେକୌଣସି କ୍ଷେତ୍ରରେ ମଧ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**ସିଂହ**
କର୍ମକ୍ଷେତ୍ରର ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ପ୍ରଗାଢ଼ ଚେଷ୍ଟା କରି ପାରନ୍ତି। ଅଧୁରା କାମକୁ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସ୍ୱାସ୍ଥ୍ୟ ସଚେତନତା ଅଭାବରୁ ସାମୟିକ ଅସୁସ୍ଥତା ଦେଖାଦେବାର ଆଶଙ୍କା ଦେଖା ଦେଇପାରେ।

**କନ୍ୟା**
ଆଜି ଆପଣ ଏକାଧାରରେ ଅର୍ଥ, ସମ୍ମାନ, ବନ୍ଧୁମିଳନ, ଓ ସାମାଜିକ ପ୍ରତିଷ୍ଠାର୍ଜନ କରିବେ। ପାପଗ୍ରହ ମଧ୍ୟସ୍ଥ ବୁଧ ଓ ଗୁରୁ ମାତ୍ର ବିଭିନ୍ନ ପ୍ରକାରର ପାରିବାରିକ ଦୁଃଶ୍ଚିନ୍ତାରେ ମନକୁ ଆନ୍ଦୋଳିତ କରିପାରନ୍ତି। ଅଚାନକ ଭାବରେ ଅଶୌଚ ସମ୍ବାଦ ଶୁଣି ବିସ୍ମିତ ହେବେ। ଅଧିକାଂଶ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ।

**ତୁଳା**
ମଙ୍ଗଳ ପ୍ରଭାବରେ ଜମିଜମା, ଗୃହ ପରିବର୍ତ୍ତନ, ସ୍ଥାନାନ୍ତର ତଥା ଅର୍ଥ ସମ୍ପର୍କୀୟ ଅନୁଚିନ୍ତା କରିବେ। ପାଖ,ପଡ଼ୋଶୀ/ସ୍ୱାମୀ/ସ୍ତ୍ରୀଙ୍କ ଆଲୋଚନା ପ୍ରଭୃତି ବିଷୟରେ ସମୟ ଅତିବାହିତ ହେବ। ଉପସ୍ଥିତି ବୁଦ୍ଧି ଖଟାଇ ପରିବାରର ଗୋଳମାଳିଆ ପରିସ୍ଥିତିକୁ ସମ୍ଭାଳି ନେବେ। ଦିନଭରି କାର୍ଯ୍ୟବ୍ୟସ୍ତ ରହିବେ।

**ବିଛା**
ବିଭିନ୍ନ ପ୍ରକାରର ରୁଚି ବିରୁଦ୍ଧ କାର୍ଯ୍ୟ ଆପଣଙ୍କ ମାନସିକ ଅସ୍ଥିରତାକୁ ବୃଦ୍ଧି କରିପାରେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ କିମ୍ବା ନିଜ ପରିସରରେ ବନ୍ଧୁବର୍ଗ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ସହଯୋଗର ପ୍ରତିଶ୍ରୁତି ବନ୍ଧୁଙ୍କଠାରୁ ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ବନ୍ଧୁଙ୍କ ଘରୋଇ କାମରେ ପାରିବାରିକ ସମସ୍ୟା ସମାଧାନ କରି ପ୍ରଶଂସିତ ହେବେ।

**ଧନୁ**
ଶନି ଓ ରାହୁଜନିତ ଆପଣଙ୍କ ଭୁଲ୍ ନିଷ୍ପତ୍ତି ଓ ବିବାଦୀୟ ମନ୍ତବ୍ୟ ପରିବେଶ ଓ ପରିସ୍ଥିତିକୁ ଗମ୍ଭୀର କରିଦେଇପାରେ। ପଡ଼ୋଶୀଙ୍କ କଥାରେ ପ୍ରଭାବିତ ହୋଇ ପରିବାରର ସଦସ୍ୟମାନେ ଆପଣଙ୍କୁ ଭୁଲ୍ ବୁଝିପାରନ୍ତି। ବ୍ୟବସାୟ ଓ ପରିବହନରେ ଆକସ୍ମିକ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରପାରିବେ।

**ମକର**
ଆଜିର ଯାତ୍ରା ସମୟରେ ସ୍ଥାନ,କାଳ,ପାତ୍ରାନୁସାରୀ କଥାର ବ୍ୟତିକ୍ରମ ଅଯଥା ବିବାଦର ସୂତ୍ରପାତ କରିବ। ବେକାର କଥାରେ ଯୁକ୍ତିତର୍କ କରି ନିଜ ନିଜ ଭିତରେ ଅଯଥା କଳହରୁ ଦୂରେଇ ରୁହନ୍ତୁ। ଶିଳ୍ପ, ବାଣିଜ୍ୟ, କଳା, ସାହିତ୍ୟ,ସାମ୍ବାଦିକତା, ଏଜେନ୍ସିପ୍, ସଭାସମିତି ଓ ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

**କୁମ୍ଭ**
ସାଧାରଣ କଥାକୁ ନେଇ ବିତର୍କରୁ ଲୋକ ସମ୍ପର୍କ ହାନି ଓ ବନ୍ଧୁବର୍ଗଙ୍କ ସହ ସମ୍ପର୍କକୁ ତିକ୍ତ କରାଇବ। କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହୁଥିଲେ ମଧ କାମଟିକୁ ସମ୍ପନ୍ନ କରି ପାରିବେ ନାହିଁ କିମ୍ବା ଛାଡ଼ି ପାରିବେ ନାହିଁ। ବାଣିଜ୍ୟ, ବ୍ୟବସାୟ,ପରିବହନ, ମାଲିମକଦ୍ଦମା କିମ୍ବା ନିର୍ମାଣକାର୍ଯ୍ୟ ସମସ୍ୟା ବହୁଳ ହୋଇପାରେ।

**ମୀନ**
ଆପଣଙ୍କ ନିରପେକ୍ଷ ବିଚାରଧାରା ଜନାଦୃତ ସହ ସାମାଜିକ ପ୍ରତିଷ୍ଠା ପ୍ରଦାନରେ ସହାୟକ ହେବ। ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜକୁ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ଈର୍ଷା କରୁଥିବା ଲୋକମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ଆକସ୍ମିକ ଭାବେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

ଆଜି କାର୍ତ୍ତିକ କୃଷ୍ଣ ଅଷ୍ଟମୀ ସୋମବାର, ଅକ୍ଟୋବର ୨୧ ତାରିଖ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଦିବା ଘ୧୨ ।୦୯ମି. ପରେ କର୍କଟ ଚନ୍ଦ୍ର, କନ୍ୟା ରାଶିର ଘାତଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭ ।୧୮ମି. ମଧ୍ୟେ ଘ୮ ।୫୦ମି. ଗତେ, ଘ୧୧ ।୦୮ମି. ମଧ୍ୟେ ଅମୃତ ବେଳା। ସକାଳ ଘ୮ ।୦୬ମି. ଗତେ ଘ୧୦ ।୧୯ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୭ ।୧୩ମି. ଗତେ ଘ୮ ।୩୯ମି. ମଧ୍ୟେ ରାହୁକାଳ।


**classifieds Everyday 0674-2580101, 2549302**



**SALE**

ପାତ୍ରପଡ଼ା NH ନିକଟରେ Yellowzone ଘରବାରି plot 1600sqft 44,00,000/ ତୁରନ୍ତ ଘର କରନ୍ତୁ। 9861709689. D-66797

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-66800

ଭୁବନେଶ୍ୱର ପଟିଆ ବିଗ୍‌ବଜାର, ରଘୁନାଥପୁର Royal Lagoon, Patia station, ଫୁଲନଖରା ନିକଟରେ Simplex, Duplex, 1, 2, 3BHK flat ମିଳୁଛି. 9658122456, 8327785834. D-68406

Mouza Krushnasaranpur-Ph(IV) Sqft. 450/, 1200 ବର୍ଗଫୁଟକୁ 5,40,000/-ରେ କିଣନ୍ତୁ। A.K. Swain-9337028135. D-68402

4BHK duplex with Gated Community at Balianta (land1400 & construction- 2200@ 55,00,000/- 2600@ 65,00,000/-) Mplanets: 9938219397, 9861022055. D-14782

ନିଜସ୍ୱ ସ୍ଥିତିବାନ ବାସୋପଯୋଗୀ 60' ପିଚୁରାସ୍ତାକୁ ଲାଗି ହଂସପାଳ 9937816565, 9937568585. D-68133

30'road BDA Yellowzone 2nos. gharabari boundary plot near SUM Hospital, Kalinga Nagar DAV School (size-2024) sqft.1950/- 9437240766, 9937044887. D-68405

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68142

"1460sqft., 3BHK Marble floor, fully furnished flat with all amenities ready for sale at Chandrama Complex, Master Canteen, Bhubaneswar. Call: 9776694573". D-14868

ଭୁବନେଶ୍ୱର ଗ୍ୟାରେଜ ଛକ ନିକଟରେ ଫ୍ଲଟ୍ ବିକ୍ରିହେବ। Possession, Registration immediate 9178660666. D-14854



1200sqft. full furnished commercial office space for rent, 1st floor, Bomikhal, CTC Road, Bhubaneswar. Contact: 09880193309, 7411536937. D-68136



Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Full body herbal massage with refreshment expert therapist. 7381239385, 06742540855. D-68138

Newly open full body massage by ladies, gents therapist. 8018656899 D-60844

Ayurvedic full body massage by ladies, gents therapist. 7008773793 D-60845

Experience full body massage with us (expert). Call: 7377048581, 06742597822. D-68139

Herbal full body massage by smart / expert therapist. Contact: 8338067247. D-68140

Summer special mesmerizing offer expert therapeutic refreshing massage appointment. 9668374480. D-68141

**ନିରୁଦ୍ଦିଷ୍ଟ**



ରୁଦ୍ରନାରାୟଣ ରାୟ ଚୌଧୁରୀ (ବୁନୁ) ଗତ ୧୮।୧୦।୧୯ ତାରିଖରେ ଭୁବନେଶ୍ୱରରୁ କେଉଁଆଡ଼େ ଚାଲିଯାଇଛନ୍ତି। କୌଣସି ସହୃଦୟ ବ୍ୟକ୍ତି ବୁନୁଙ୍କ ସନ୍ଧାନ ପାଇଲେ ସ୍ଥାନୀୟ ଥାନା କିମ୍ବା ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ-8895124974, 8249385538 ରେ ଯୋଗାଯୋଗ ପାଇଁ ଅନୁରୋଧ।

D-56183

**ଡକ୍ଟରେଟ୍ ଲାଭ**



Indian Institute of Technology (IIT) Bombay ରୁ ଅର୍ଥନୀତିରେ ଗବେଷଣା ପାଇଁ ଶ୍ରୀ କାଳନ୍ଦୀ ଚରଣ ପ୍ରଧାନଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। Prof. Dr. K.Narayananଙ୍କ ତତ୍ତ୍ୱାବଧାନରେ ତାଙ୍କର ଗବେଷଣାର ସନ୍ଦର୍ଭ 'Climate Change and Labour Migration: A Study of Selected Households & Villages in Semi-Arid Tropics of India, Dr. Pradhan ଜଗତ୍‌ସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ, ସାମନ୍ତରାପୁର ଗ୍ରାମର ଏକ ସାଧାରଣ ପରିବାରର ନାଥୁରାମ ପ୍ରଧାନ ଓ ଶୈଳବାଳା ପ୍ରଧାନଙ୍କ ସୁପୁତ୍ର ଅଟନ୍ତି। ସେ ବର୍ତ୍ତମାନ IIT Bombayରେ Research Associate ଭାବେ କାର୍ଯ୍ୟରତ ଅଛନ୍ତି। ଏହି ସଫଳତାର ଶ୍ରେୟ ସେ ତାଙ୍କ ବାପା, ମା', ଭାଇ, ସମ୍ପର୍କୀୟ ତଥା ସାଙ୍ଗସାଥୀ ଓ ପୂର୍ବରୁ ଅଧ୍ୟୟନ କରୁଥିବା Pondicherry Central University, Utkal University, SVM Collegeର ସମସ୍ତ ଅର୍ଥନୀତିର ଅଧ୍ୟାପିକା, ଅଧ୍ୟାପକ ମାନଙ୍କୁ କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି।

ଧ-୧୪୮୭୦

**୧ମ ଜନ୍ମଦିନ ଶୁଭେଚ୍ଛା**



**ଓମ୍‌କାର (ରୁଦ୍ର)**

ଆଜି ତୋର ପ୍ରଥମ ଜନ୍ମଦିବସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।

**ଶୁଭେଚ୍ଛା ସହ:**
ପାପା, ମାମା, ଅଙ୍କିଦେଇ, ପରିବାରବର୍ଗ।

ଧ-୬୬୯୮୨

**ପାଠକଙ୍କ ପାଇଁ ସୂଚନା :** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

କଥା କହିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମ କଥା ଶୁଣିବାକୁ ବ୍ୟାକୁଳ ହେବେ।
କଥା ଶୁଣିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମକୁ ପ୍ରତ୍ୟେକ କଥା କହିବେ।
- ଚାଣକ୍ୟ








ଲୋକପ୍ରିୟ ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ଅଭିନେତ୍ରୀ ଏଲିନା ସାମନ୍ତରାୟ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟକୁ ରବିବାର ସୌଜନ୍ୟମୂଳକ ପରିଦର୍ଶନରେ ଆସି ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କୁ ସାକ୍ଷାତ୍ କରିଛନ୍ତି। ସୂଚନାଥାଉ କି ସବ୍ୟସାଚୀ ଓ ଏଲିନାଙ୍କ ଅଭିନୀତ ଓଡ଼ିଆ ଚଳଚ୍ଚିତ୍ର 'ମାଲ ମହୁ ଜୀବନ ମାଟି' ଆସନ୍ତା ନଭେମ୍ବର ୮ରେ ମୁକ୍ତିଲାଭ କରିବାକୁ ଯାଉଛି।

**ମୃତ୍ୟୁ ଏମିତି ବି ଆସେ...**

# ପାଣି ଡେକ୍‌ଚିରେ ବୁଡ଼ି ଦୁଇ ବର୍ଷର ଶିଶୁପୁତ୍ର ମୃତ

ଦେବଗଡ଼, ୨୦।୧୦(ଡି.ଏନ୍.ଏ.)

ମୃତ୍ୟୁ ଏମିତି ବି ଆସେ। ଖେଳୁଥିବା ଅବସ୍ଥାରେ ପାଣି ଭର୍ତ୍ତି ଏକ ଡେକ୍‌ଚିରେ ବୁଡ଼ି ୨ବର୍ଷର ଏକ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ଦୁନିଆ କ'ଣ ଜାଣିବା ଆଗରୁ ସେ ଦୁନିଆରୁ ଚାଲିଯାଇଛି। ରବିବାର ଏପରି ଏକ ଦୁଃଖଦ ଘଟଣା ଘଟିଛି ଦେବଗଡ଼ ଜିଲାର ତିଲେଇବଣି ବ୍ଲକ ଅନ୍ତର୍ଗତ ସମନ୍ତରାପାଲି ଗ୍ରାମରେ। ସୂଚନା ମତେ, ସକାଳ ପ୍ରାୟ ୮ଟାରେ ଉକ୍ତ ଗ୍ରାମର ପ୍ରଶାନ୍ତ ସାହୁଙ୍କ ପୁଅ ପ୍ରିନ୍ସ ଖେଳୁଥିଲେ। ଖେଳୁଖେଳୁ ଧାନ ସିଝାଇବା ପାଇଁ ପାଣି ଭର୍ତ୍ତିକରି ରଖାଯାଇଥିବା ବଡ଼ ଡେ଼କ୍‌ଚି ପାଖକୁ ଚାଲି ଯାଇଥିଲା। ପାଣିଭର୍ତ୍ତି ଡେକ୍‌ଚିରେ ମୁଣ୍ଡ ପୂରାଇ ଖେଳୁଥିବା ସମୟରେ ଓଲଟି ପଡ଼ିଥିଲା। ଫଳରେ ଶିଶୁ ଜଣକ ପାଣିରେ ବୁଡ଼ିଯାଇଥିଲା। ପରିବାର ଲୋକ କାମରେ ବ୍ୟସ୍ତଥିବାରୁ ହଠାତ୍ ଜାଣିପାରି ନ ଥିଲେ। ଶିଶୁର ମା' ପୁଅକୁ ଖୋଜି ଡେକ୍‌ଚି ଭିତରୁ ବାହାର କରି ତୁରନ୍ତ ଜିଲା ମୁଖ୍ୟ ଡ଼ାକ୍ତରଖାନାକୁ ଆଣିଥିଲେ। ହେଲେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଭିମ୍‌ସାରରେ ଚିକିତ୍ସାଧୀନ କଏଦୀଙ୍କ ମୃତ୍ୟୁ

ସମ୍ବଲପୁର, ୨୦।୧୦ (ବ୍ୟୁରୋ)

ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାରରେ ଚିକିତ୍ସିତ ହେଉଥିବା ଜଣେ ବିଚାରାଧୀନ କଏଦୀଙ୍କ ରବିବାର ଭୋର ପ୍ରାୟ ସାଢ଼େ ୫ଟାରେ ମୃତ୍ୟୁ ଘଟିଛି । ସେ ହେଲେ ପ୍ରକାଶ ସୁନା ଓରଫ ବଣ୍ଟି (୩୦)। ଗତ ୧୭ ତାରିଖ ବଣ୍ଟି ଅସୁସ୍ଥ ହୋଇପଡିବାରୁ ଜେଲ୍ କର୍ତ୍ତୃପକ୍ଷ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରିଥିଲେ। ତେବେ ସେ ସିକିଲସେଲ୍ ରୋଗରେ ପୀଡିତ ଥିଲେ ବୋଲି ଜେଲ୍ କର୍ତ୍ତୃପକ୍ଷ କହିଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଙ୍କ ମୃତ ଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।




# ପ୍ରତିଯୋଗୀଙ୍କୁ କହିଲେ 'ପେ ଅର୍ ସ୍ଲିପ୍'

**ମିସେସ୍ ଇଣ୍ଡିଆ ୟୁନିଭର୍ସ ୨୦୧୯କୁ ନେଇ ବିବାଦ**

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ବ୍ୟୁଟି ପାଜେଣ୍ଟ, ମଡେଲିଂ, ଆକ୍ଟିଂ, ରିୟାଲିଟି ଶୋ। ଶୁଣିବାକୁ ଓ ବାହାରୁ ଦେଖିବାକୁ ଏସବୁ ଗ୍ଲାମର ଲାଗେ। ମିସ୍ ଇଣ୍ଡିଆ, ମିଷ୍ଟର ଇଣ୍ଡିଆ, ମିସ୍ ୟୁନିଭର୍ସ, ମିସ୍ ଡିଭା ଭଳି ବ୍ୟୁଟି ପାଜେଣ୍ଟ ମଞ୍ଚରେ ପହଞ୍ଚିବା ମଡେଲିଂରେ କ୍ୟାରିୟର କରିବାକୁ ଚାହୁଁଥିବା ପ୍ରତ୍ୟେକ ଯୁବପିଢ଼ିଙ୍କ ସ୍ୱପ୍ନ ଥାଏ। ହେଲେ ବାସ୍ତବରେ କେତେ ସୁରକ୍ଷିତ ଏହି ପ୍ଲାଟ୍‌ଫର୍ମ। ଚକାଚକ୍ ର୍ୟାମ୍ପ୍, ଝଲ୍‌ମଲ୍ କରୁଥିବା ମଞ୍ଚ ପଛରେ ସବୁକିଛି ଠିକ୍‌ଠାକ୍ ଚାଲେ ତ? ଅନେକ ସମୟରେ ଏ ପ୍ରଶ୍ନ ମନକୁ ଆସେ। ବର୍ତ୍ତମାନର ସୋସିଆଲ ମିଡିଆ ଯୁଗରେ ଏକାଧିକ ସଂସ୍ଥା ବ୍ୟୁଟି ପାଜେଣ୍ଟ ନାମରେ ଲୋକଙ୍କୁ ଠକୁଥିବା ନଜରକୁ ଆସୁଛି। କେବଳ ଏତିକି ନୁହେଁ, ରଙ୍ଗିନ ଦୁନିଆ ଓ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖାଇ ନିରୀହ ଯୁବତୀ ଯୁବକଙ୍କୁ ପ୍ରତାରଣା କରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଛି। ମରିସସ୍‌ରେ ଚାଲିଥିବା ମିସେସ୍ ଇଣ୍ଡିଆ ୟୁନିଭର୍ସ ୨୦୧୯ରେ କିଛି ଏଭଳି ଘଟଣା ସାମ୍ନାକୁ ଆସିଛି। ବ୍ୟୁଟି ପାଜେଣ୍ଟ ନାଁରେ ଆୟୋଜକ ପ୍ରତିଯୋଗୀଙ୍କୁ ଠକିବା ସହ 'ପେ ଅର୍ ସ୍ଲିପ୍' ବା 'ଟଙ୍କା ଦିଅ ନହେଲେ ଶୁଅ କହି' ଶାରୀରିକ ଓ ମାନସିକଭାବେ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏପରିକି କ୍ରାଉନ୍ ପୂର୍ବରୁ ଫିକ୍ସିଂ ହୋଇସାରିଥିବା ମଧ ଅଭିଯୋଗ ଉଠିଛି। ଓଡ଼ିଶାରୁ ଯାଇଥିବା ଜଣେ ପ୍ରତିଯୋଗୀ ବିଦେଶ ମାଟିରେ କିଭଳି ତାଙ୍କୁ ମାନସିକ ନିର୍ଯାତନାର ସାମ୍ନା କରିବାକୁ ପଡ଼ିଥିଲା ତାହା ସେ କହିଛନ୍ତି।

ତୁଷାର ଧଲିୱାଲ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ମିସେସ୍ ଇଣ୍ଡିଆ ୟୁନିଭର୍ସ ଏକ ଜଣାଶୁଣା ବ୍ୟୁଟି ପାଜେଣ୍ଟ ହୋଇଥିବା ବେଳେ କିଛିଦିନ ପୂର୍ବରୁ ଏହି କ୍ରାଉନ୍ ପାଇଁ ସର୍ବଭାରତୀୟସ୍ତରରେ ପ୍ରତିଯୋଗିତା ହୋଇଥିଲା। ପ୍ରତ୍ୟେକ ରାଜ୍ୟରୁ ଜଣେ ଜଣେ ମହିଳା ଶ୍ରେଷ୍ଠ ବିବେଚିତ ହୋଇ ରାଜ୍ୟ ବିଜେତା ଭାବେ ଟାଇଟଲ୍ ଓ ଫିନାଲେ ଟିକେଟ୍ ଜିତିଥିଲେ। ଗତ ୧୨ ତାରିଖରୁ ଗ୍ରାଣ୍ଡ୍‌ଫିନାଲେ ପାଇଁ ସମସ୍ତ ପ୍ରତିଯୋଗୀଙ୍କୁ ମରିସସ୍ ନିଆଯାଇଥିଲା। ତେବେ ସେଠାରେ ଶାରୀରିକ ଓ ମାନସିକଭାବେ ନିର୍ଯାତନା ଦିଆଯାଉଥିବା ନେଇ ପ୍ରତିଯୋଗୀମାନେ ମରିସସ୍ ପୋଲିସ୍ ନିକଟରେ ଅଭିଯୋଗ କରିଛନ୍ତି। ମରିସସ୍‌ସ୍ଥିତ ଭାରତୀୟ ଦୂତାବାସ ଘଟଣାରେ ହସ୍ତକ୍ଷେପ କରିବା ପରେ ପ୍ରତିଯୋଗିତାକୁ ବନ୍ଦ କରାଯାଇଛି। ଅନ୍ୟପକ୍ଷରେ ସୁରକ୍ଷିତଭାବେ ସମସ୍ତ ପ୍ରତିଯୋଗୀଙ୍କୁ ଭାରତ ପଠାଯାଇଥିବା ସୂଚନା ମିଳିଛି। ଘଟଣା ସମ୍ପର୍କରେ 'ଧରିତ୍ରୀ'କୁ ସୂଚନା ଦେଇ ଓଡ଼ିଶାର ପ୍ରତିଯୋଗୀ ଜଣକ କହିଛନ୍ତି, ମିସେସ୍ ଇଣ୍ଡିଆ ୟୁନିଭର୍ସର ସମସ୍ତ ୧୦ଟି କ୍ରାଉନ୍ ୭ରୁ ୮ ଲକ୍ଷ ଟଙ୍କାରେ ଫିକ୍ସ ହୋଇଥିଲା। ଏନେଇ ଆମେ ଅଭିଯୋଗ କରିବାପରେ ଆମକୁ 'ଆଇଦର୍ ୟୁ ପେ ଅର୍ ସ୍ଲିପ୍ ଫର୍ ଦି କ୍ରାଉନ୍' ବୋଲି କହିଥିଲେ। ଆମେ ଚାହିଁଥିଲେ ଅନ୍ୟମାନଙ୍କ ଭଳି ଚୁପ୍ ରହିପାରିଥାନ୍ତୁ। ହେଲେ ବ୍ୟୁଟି ପାଜେଣ୍ଟ ନାଁରେ ମହିଳା ଓ ଯୁବତୀମାନଙ୍କୁ କିଭଳି ପ୍ରତାରିତ କରାଯାଉଛି ସେନେଇ ଆମେ ସମସ୍ତଙ୍କୁ ଜଣାଇବାକୁ ଚାହୁଁଛୁ। ଆଗକୁ ଯେପରି ଏଭଳି ଘଟଣାକୁ କେହି ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଆମେ ଭାରତ ଫେରିବା ପରେ ଏହାର କଡ଼ା ପ୍ରତିବାଦ କରିବୁ।

DSPL-119



POLICE COMMEMORATION DAY

Message

I am glad to know that Odisha Police observes the 60th Police Commemoration Day on 21st October 2019.

It is for the 60th year that the police martyrs of the country are being proudly remembered for their acts of heroism. They all continue to be inspiration and motivation to the in-service police personnel of all ranks with their loyalty to duty. Odisha Police has its own saga of daringness, valor and supreme sacrifices as it grows from strength to strength. I take this opportunity to salute all the brave hearts for being outstanding in discharging duty. It would be incomplete without appreciating the support of their families. It is for the present generation of police personnel to glorify the legacy and reputation of Odisha Police with their acts, character, alertness and responsiveness on every occasion.

I wish Police Commemoration Day would bring fresh energy, enthusiasm and spirit in our police personnel to overcome any challenge. My best wishes to Odisha Police.

(Ganeshi Lal)



ପୋଲିସ ଶହୀଦ ସ୍ମୃତି ଦିବସ

ବାର୍ତ୍ତା

ଓଡ଼ିଶା ପୋଲିସ ତରଫରୁ ୬୦ତମ **"ପୋଲିସ ଶହୀଦ ସ୍ମୃତି ଦିବସ"** ଅକ୍ଟୋବର ୨୧ ତାରିଖ, ୨୦୧୯ ଦିନ ପାଳନ କରାଯାଉଅଛି। ୧୯୬୦ ମସିହାରୁ ପାଳନ କରାଯାଉଥିବା ଏହି ଦିବସ ଆମର ବୀର ପୋଲିସ କର୍ମଚାରୀ ଓ ଅଧିକାରୀମାନଙ୍କ ତ୍ୟାଗ ଓ ବଳିଷ୍ଠ ଅବଦାନର ଏକ ମହାନ ସ୍ମୃତି ଏବଂ ଯୁବ ସମାଜ ପାଇଁ ପ୍ରେରଣାଦାୟୀ।

ଆଜିର ଏହି ପବିତ୍ର ଦିବସରେ ମୁଁ ସେହି ଶହୀଦ ପୋଲିସମାନଙ୍କ ଅମର ଆତ୍ମା ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଓ ସେମାନଙ୍କ ପରିବାର ବର୍ଗଙ୍କୁ ମୋର ସମବେଦନା ଜଣାଉଛି।

(ନବୀନ ପଟ୍ଟନାୟକ)

12029/13/0026/1920

ସ୍ୱାର୍ଥପରତା ହିଁ ଏକମାତ୍ର ପାପ। ନୀଚତା ହିଁ ଏକମାତ୍ର କୁବୃତ୍ତି। ଘୃଣା ହିଁ ଏକମାତ୍ର ଅପକର୍ମ। ଆଉ ସବୁକୁ ସତ୍‌ରୂପରେ ପରିବର୍ତ୍ତନ କରାଯାଇପାରେ। କିନ୍ତୁ ଏଇ କେତୋଟି ହେଲା ଭଗବାନଙ୍କର ଚିରଶତ୍ରୁ।
–ଶ୍ରୀଅରବିନ୍ଦ

# ନରକରେ ଜମାକାରୀ

ଭାରତୀୟ ଅର୍ଥନୀତି ଏକ ଖରାପ ପର୍ଯ୍ୟାୟ ଦେଇ ଗତି କରୁଛି। ଏହାକୁ ସୁଧାରିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ବହୁବିଧ ପଦକ୍ଷେପ ନିଆଯାଉଥିବା କୁହାଯାଉଛି। ଏପରି କି ଅଧିକ ଆୟ ସଂଗ୍ରହ ଲାଗି ଗତ ସାଧାରଣ ବଜେଟ ବେଳେ ସରକାରଙ୍କ ପକ୍ଷରୁ ଯେଉଁ କଠୋର ନିଷ୍ପତ୍ତି ନିଆଯାଇଥିଲା, ସେଥିରେ ବ୍ୟାପକ ପରିବର୍ତ୍ତନ ଅଣାଯାଇଛି। କିଛିଦିନ ତଳେ କର୍ପୋରେଟ୍ ଟିକସ ହ୍ରାସ କରାଯାଇଛି। ବ୍ୟାଙ୍କଗୁଡ଼ିକୁ ସୁଦୃଢ଼ କରିବା ସକାଶେ ସେଗୁଡ଼ିକ ମଧ୍ୟରେ ମିଶ୍ରଣ କରାଯିବା ସହ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା ସୁଧହାର କମାଯାଇଛି। ତଥାପି ଭାରତୀୟ ଅର୍ଥନୀତିରେ ତତ୍‌କ୍ଷଣାତ୍ ଅଲୌକିକତା ଘଟିବାର ଆଭାସ ମିଳିପାରୁ ନାହିଁ। ହଠାତ୍ ବିମୁଦ୍ରୀକରଣର ନିଷ୍ପତ୍ତି, ତା' ପରବର୍ତ୍ତୀ ସମୟରେ ପ୍ରତ୍ୟେକ ମୁହୂର୍ତ୍ତରେ ମୁଦ୍ରା ସମ୍ପର୍କିତ ନୀତି ପରିବର୍ତ୍ତନ, ଏହାର ଏକ ବର୍ଷ ପୂର୍ତ୍ତି ନ ହେଉଣୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ, ବ୍ୟାଙ୍କିଙ୍ଗ କ୍ଷେତ୍ରରେ ପରିଚାଳନାଗତ ତ୍ରୁଟି ଅର୍ଥନୀତିକୁ ମାନ୍ଦାବସ୍ଥାକୁ ଟାଣିନେଇଛି। ବିଜୟ ମାଲ୍ୟା, ନୀରବ ମୋଦି, ମେହୁଲ ଚୋକ୍‌ସିଙ୍କ ଭଳି ବୃହତ୍ ଶିଳ୍ପପତିଙ୍କଠାରୁ ଆରମ୍ଭ କରି ଚନ୍ଦା କୋଚରଙ୍କ ପର୍ଯ୍ୟନ୍ତ ବ୍ୟାଙ୍କରଙ୍କ ଭୂମିକା ନିକଟ ଅତୀତରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ବ୍ୟକ୍ତିବିଶେଷ କିଛିଟା ଅନିୟମିତତା କରିଥାଇପାରନ୍ତି, କିନ୍ତୁ ଭାରତ ଭଳି ଏକ ବିରାଟକାୟ ଦେଶର ଅର୍ଥନୀତିକୁ ଦୁର୍ବଳ କରିଦେଇପାରିବାର ଶକ୍ତି ସେମାନଙ୍କ ପାଖରେ ଥିଲା ବୋଲି ଭାବିବା ଅନୁଚିତ।

ପଞ୍ଜାବ ମହାରାଷ୍ଟ୍ର କୋଅପରେଟିଭ୍ (ପିଏମ୍‌ସି) ବ୍ୟାଙ୍କ ରିୟଲ ଇଷ୍ଟେଟ କମ୍ପାନୀ ଏଚ୍‌ଡିଆଇଏଲ୍ ଭଳି ସଂସ୍ଥାକୁ ପର୍ଯ୍ୟାପ୍ତ ଋଣ ଦେଇ ଘୋର ଆର୍ଥିକ ସମସ୍ୟାରେ ପଡ଼ିଛି। ସେମାନଙ୍କୁ ଦିଆଯାଇଥିବା ଋଣ ଏବେ ଅନାଦାୟ ଋଣ (ଏନ୍‌ପିଏ) ପର୍ଯ୍ୟାୟରେ ପହଞ୍ଚିଛି। ଏହାଦ୍ୱାରା ଜମାକାରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପିଏମ୍‌ସିର ଆର୍ଥିକ ସ୍ଥିତି ଶୋଚନୀୟ ହୋଇପଡ଼ିଥିବାରୁ ୨୪ ସେପ୍ଟେମ୍ବର ୨୦୧୯ରେ ଜମାକାରୀଙ୍କ ଅର୍ଥ ଉଠାଣ ଉପରେ କଟକଣା ଜାରି କରାଯାଇଛି। ଏହାର ପରିଣାମ ଜମାକାରୀଙ୍କୁ ଭୋଗିବାକୁ ପଡ଼ିଲାଣି। ୧୮ ଅକ୍ଟୋବରରେ ଉତ୍ତର-ପୂର୍ବ ମୁମ୍ବାଇ ସହରତଳି ଅଞ୍ଚଳ ମୁଲୁନ୍ଦନିବାସୀ ୮୩ ବର୍ଷୀୟ ମୁରଲୀଧର ଧରାଙ୍କ ମୃତ୍ୟୁ ଏବେ ଅନ୍ୟାନ୍ୟ ଜମାକାରୀଙ୍କୁ ଭୟଭୀତ କରିସାରିଲାଣି। ତାଙ୍କ ପରିବାର ଉକ୍ତ ବ୍ୟାଙ୍କରେ ୮୦ ଲକ୍ଷ ଟଙ୍କା ଜମା କରିଥିଲେ। ମୁରଲୀଧରଙ୍କ ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ଲାଗି ପରିବାର ଲୋକେ ବ୍ୟାଙ୍କରୁ ଉକ୍ତ ଅର୍ଥ ଉଠାଣ ଲାଗି ଚେଷ୍ଟା କରି ବିଫଳ ହେବା ପରେ ତାଙ୍କର ମୃତ୍ୟୁ ଘଟିଛି। ଉଲ୍ଲେଖଯୋଗ୍ୟ, ପିଏମ୍‌ସି ବ୍ୟାଙ୍କ ଏବେ ଏକ ପରୀକ୍ଷାମୂଳକ ଉଦାହରଣ ପାଲଟିଛି। ଭାରତୀୟ ଅର୍ଥନୀତି ଗବେଷଣାଗାରରେ ଏହି ବ୍ୟାଙ୍କର ଭବିଷ୍ୟତକୁ ଉତ୍କଣ୍ଠାର ସହିତ ପର୍ଯ୍ୟବେକ୍ଷଣ କରାଯାଉଛି। ଏହି ସମବାୟ ବ୍ୟାଙ୍କର ଏନ୍‌ପିଏ ପରିମାଣ ୨୦୧୭-୧୮ରେ ୧୪୮ କୋଟି ଟଙ୍କା ଥିବା ବେଳେ ଗୋଟିଏ ବର୍ଷ ଅର୍ଥାତ୍ ୨୦୧୮-୧୯ରେ ୩୧୫ କୋଟି ଟଙ୍କା ବୃଦ୍ଧି ଘଟିଛି। ଏତିକି ପରିମାଣ ବ୍ୟାଙ୍କ ପକ୍ଷରୁ ଏନ୍‌ପିଏ ଭାବେ ଦର୍ଶାଯାଇଥିଲେ ହେଁ ବେଆଇନ ଭାବେ ପ୍ରଦାନ କରାଯାଇଥିବା ଅନାଦାୟ ଋଣ ବିଷୟରେ ତଥ୍ୟ ପ୍ରକାଶ ପାଇପାରିନାହିଁ। ଏଭଳି ସ୍ଥଳେ କ୍ଷୁଦ୍ର ଜମାକାରୀଙ୍କ ଟଙ୍କା ଉଠାଣ ଉପରେ ଆର୍‌ବିଆଇ କଟକଣା ଜାରି କରିଛି। ଜେଟ୍ ଏୟାରୱେଜର ପୂର୍ବତନ କର୍ମଚାରୀଙ୍କଠାରୁ ଆହୁରି କେତେ ପିଏମ୍‌ସି ଜମାକାରୀ ଇତିମଧ୍ୟରେ ଆତ୍ମହତ୍ୟା କରିସାରିଲେଣି। ଅନ୍ୟମାନେ କେଉଁଭଳି ଭାବେ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି, ତାହା ଦେଖିବା ପାଇଁ ସରକାର ମଧ୍ୟ ଅପେକ୍ଷାରତ। ଯଦି ସାଧାରଣ ନାଗରିକଙ୍କଠାରୁ କୋହଳ ମନୋଭାବର ସୁରାକ ମିଳେ, ତେବେ ଅନୁରୂପ ପଦକ୍ଷେପ ନେବା ପାଇଁ ଆର୍‌ବିଆଇର ହାତମୁଠା ଟାଣ ହେବ। ଭାରତରେ ଥିବା ପ୍ରାୟ ସବୁ ବ୍ୟାଙ୍କର ପ୍ରବଳ ଏନ୍‌ପିଏ ରହିଛି। କେବଳ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଏନ୍‌ପିଏ ପରିମାଣ ଦେଖିଲେ ୨୦୧୯ ମାର୍ଚ୍ଚ ସୁଦ୍ଧା ୮ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱକୁ ଯାଇଛି। ବିମୁଦ୍ରୀକରଣର କାରଣ ଭାବେ ବ୍ୟାଙ୍କଗୁଡ଼ିକୁ ରିମନିଟାଇଜ୍ ବା ଅର୍ଥ ଫେରାଇ ଆଣିବାର ଉଦ୍ଦେଶ୍ୟ ଥିଲା। ତାହା ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ମାତ୍ର ୩ ବର୍ଷ ମଧ୍ୟରେ ଜଣାପଡ଼ିଛି।

ଘରେ ଅର୍ଥ ନ ରଖି ତାହାକୁ ବ୍ୟାଙ୍କରେ ସଞ୍ଚୟ ଲାଗି ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ବାଧ୍ୟ କରାଯାଉଛି। ଏପରି କି ଅନ୍‌ଲାଇନ୍ କାରବାର ଉପରେ କିଛି ବର୍ଷ ହେବ ଅତ୍ୟଧିକ ଗୁରୁତ୍ୱ ଦିଆଯାଉଛି। ସେଭଳି ପରିସ୍ଥିତିରେ ଘରେ ନଗଦ ରଖିଲେ ଆୟକର ବିଭାଗ ଚଢ଼ାଉ କରି ତାହାକୁ କଳାଧନ ଆଖ୍ୟା ଦେଇଦେଉଛନ୍ତି। ଅନ୍ୟପଟେ ବ୍ୟାଙ୍କରେ ଥିବା ଅର୍ଥ ଉଚିତ ସମୟରେ ମିଳିପାରିବ ବୋଲି ନିଶ୍ଚିତତା ବା ଗ୍ୟାରେଣ୍ଟି କିଛି ନାହିଁ। ଆବଶ୍ୟକତା ବେଳେ ଜମାକାରୀ ବ୍ୟାଙ୍କରୁ ଅର୍ଥ ଉଠାଣ କରି ନ ପାରିଲେ ଏବକାର ଭାରତୀୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ପ୍ରତି ବିମୁଖଭାବ ବଢ଼ିବା ସ୍ୱାଭାବିକ। ପିଏମ୍‌ସି ବ୍ୟାଙ୍କର ଆର୍ଥିକ ପରିସ୍ଥିତି ଓ ଉଠାଣ ଉପରେ କରାଯାଇଥିବା କଟକଣା ବାର୍ତ୍ତା ଚାରିଆଡ଼େ ପ୍ରଚାର ହୋଇଯାଉଥିବାରୁ ତାହା ଗ୍ରାହକଙ୍କୁ ମଧ୍ୟ ପ୍ରଭାବିତ କରିବ। ବ୍ୟକ୍ତି ନିଜ ଅର୍ଥର ସୁରକ୍ଷା ଓ ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବା ସକାଶେ ବ୍ୟାଙ୍କ ଯାଇଥାଏ। ଯେତେବେଳେ ସେତକ ଭରସା ବ୍ୟାଙ୍କରୁ ପାଇପାରିବ ନାହିଁ, ସେତେବେଳେ ପୁରୁଣାକାଳିଆ ଢାଞ୍ଚାରେ ତାହାକୁ ଘରେ ସାଇତିବାକୁ ବାଧ୍ୟ ହେବ।

ଦୁଃଖର ବିଷୟ ହେଉଛି ଯେ, ଜମାକାରୀଙ୍କ ଝାଳବୁହା ଧନକୁ ବ୍ୟାଙ୍କ କର୍ତ୍ତୃପକ୍ଷ ବଡ଼ବଡ଼ିଆଙ୍କୁ ବିନା ବନ୍ଧକରେ ଦେଇଦେଉଛନ୍ତି। କିଛିବର୍ଷ ଅନ୍ତେ ସେମାନେ ତାହାକୁ ଶୁଝି ନ ପାରିବା ପରେ ତାହା ଏନ୍‌ପିଏରେ ପରିଣତ ହୋଇଯାଉଛି। ଏହାଦ୍ୱାରା ସଚ୍ଚୋଟ ଜମାକାରୀ, ଯାହାଙ୍କ ସଂଖ୍ୟା ସର୍ବାଧିକ ରହୁଛି, ସେମାନେ ନରକରେ ପଡୁଛନ୍ତି। କୌଣସି ବ୍ୟାଙ୍କର ଆର୍ଥିକ ସ୍ଥିତି ଦୁର୍ବଳ ହୋଇଗଲେ ସରକାର କରଦାତାଙ୍କ ଅର୍ଥକୁ ବ୍ୟବହାର କରି ପ୍ୟାକେଜ ଘୋଷଣା କରୁଛନ୍ତି। ଏଭଳି ସ୍ଥଳେ ପ୍ରଶ୍ନ ଉଠୁଛି ସାଧାରଣ ଜମାକାରୀ ତା' ନିଜସ୍ୱ ଅର୍ଥ ଉଠାଇ ନ ପାରିବା ବେଳେ ସରକାର ବା ବ୍ୟାଙ୍କ କାହିଁକି ଚିନ୍ତିତ ହେଉନାହାନ୍ତି। ଏକ ଜନମଙ୍ଗଳ ରାଷ୍ଟ୍ରରେ ସାଧାରଣ ଜମାକାରୀଙ୍କ ସ୍ୱାର୍ଥ ସର୍ବାଗ୍ରେ ରହିବା କଥା। ବର୍ତ୍ତମାନ ତାହାର କୌଣସି ଉଦାହରଣ ଦେଖିବାକୁ ମିଳୁନାହିଁ।

ଆଜିର ଆର୍ଥିକ ଜଟିଳ ପରିସ୍ଥିତିରେ ବ୍ୟାଙ୍କିଙ୍ଗ କ୍ଷେତ୍ର ସ୍ୱୟଂସମ୍ପୂର୍ଣ୍ଣ ହେବା ଜରୁରୀ ହୋଇପଡ଼ିଲାଣି। ବିଶିଷ୍ଟ ଶିଳ୍ପପତି ବା ଧନୀ ବ୍ୟକ୍ତିଙ୍କ ମୁହଁକୁ ଚାହିଁ ବ୍ୟାଙ୍କଗୁଡ଼ିକ ତତ୍‌କ୍ଷଣାତ୍ ଅର୍ଥ ଦେଇଦେବା ଓ ତାହାକୁ ଠିକ୍ ସମୟରେ ଫେରାଇ ଆଣିପାରୁ ନ ଥିବାରୁ କ୍ଷତି ସହୁଛନ୍ତି। ବ୍ୟାଙ୍କରଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ବଢ଼ିଯାଉଥିବା ଏନ୍‌ପିଏ ପାଇଁ ଅଧିକାରୀ ଓ କର୍ମଚାରୀଙ୍କୁ ଦଣ୍ଡିତ କରାଯିବା ଦରକାର। ବାରମ୍ବାର ଆର୍ଥିକ ପ୍ୟାକେଜ ଦିଆଯାଇ ବ୍ୟାଙ୍କଗୁଡ଼ିକୁ ବଞ୍ଚାଇ ରଖାଯାଉଥିବାରୁ ଭୁଲ ନିଷ୍ପତ୍ତି ନେଉଥିବା ବ୍ୟାଙ୍କରଙ୍କୁ ଏହା କୌଣସି ଭାବେ ଚିନ୍ତିତ କରୁନାହିଁ। ତେଣୁ ସରକାର, ନୀତି ନିର୍ଦ୍ଧାରକ ଏବଂ ଆର୍‌ବିଆଇ ପକ୍ଷରୁ ଏ ଦିଗରେ ଗଭୀର ଅନୁଶୀଳନ କରାଯିବା ଉଚିତ। ବ୍ୟାଙ୍କଗୁଡ଼ିକୁ ଆର୍ଥିକ ପ୍ୟାକେଜ ଦେବା ବା ଜମାକାରୀଙ୍କ ଅର୍ଥ ଉଠାଣ ଉପରେ କଟକଣା ଲଗାଇଦେଲେ ସମସ୍ୟାର ସମାଧାନ ହୋଇପାରିବ ନାହିଁ। ଏହାବ୍ୟତୀତ ଏଭଳି ମାରାତ୍ମକ ସମସ୍ୟାକୁ ଐତିହାସିକ ରାଜନୈତିକ ସମସ୍ୟାର ଆଖ୍ୟା ଦେଇ ଘୋଡ଼ାଇ ଦେଲେ ସାଧାରଣ ନାଗରିକ ହନ୍ତସନ୍ତ ହୋଇଯିବେ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | | | B | | 2 | | | 0 | | | | 8 | |
| | 9 | 0 | 3 | | | | D | | | | E | 5 | 4 | |
| | | 2 | | D | 5 | | | 6 | | | 4 | | 9 | |
| | E | | 9 | | | 4 | | 8 | | | | | | |
| 6 | | 8 | 1 | A | | | C | E | | | 3 | | | |
| | 3 | | B | | | 1 | 2 | | 8 | | C | | | 0 |
| | | E | 8 | | | | | D | | | 1 | | | |
| | | 9 | | | | 6 | | | | D | 5 | | 7 | |
| | 6 | 5 | | | 9 | 3 | | C | E | 4 | 7 | | 1 | |
| D | C | | 0 | | | | | B | | 2 | | | | |
| | | B | 5 | | | | | A | | | 0 | | 3 | |
| 5 | 0 | 6 | | | C | | | | 9 | B | D | | | |
| 1 | | C | | | D | | | 9 | | | | | | |
| E | | | | 3 | 1 | B | | 4 | | | | | | 2 |
| | | | | | | | 7 | | | 1 | 8 | | A | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 4 | 1 | D | A | B | 3 | 5 | 2 | 0 | C | 7 | 9 | 6 | E |
| A | D | 3 | C | 2 | 9 | 7 | E | 6 | 1 | 8 | B | 4 | 0 | 5 |
| 0 | E | 7 | 5 | 4 | 3 | 9 | C | 1 | 6 | A | D | 2 | B | 8 |
| 9 | B | 2 | 7 | 1 | 6 | A | 0 | 8 | E | 4 | 5 | 3 | C | D |
| 5 | C | 6 | E | 0 | 8 | 4 | B | D | 9 | 2 | 3 | 7 | A | 1 |
| 3 | 2 | 5 | 6 | 7 | D | 0 | 8 | 9 | B | E | 1 | C | 4 | A |
| 6 | 1 | C | B | 9 | 4 | E | 3 | A | 8 | 0 | 2 | D | 5 | 7 |
| D | 8 | 4 | A | E | 0 | 2 | 6 | 5 | 7 | 9 | C | 1 | 3 | B |
| B | 9 | A | 3 | 8 | 5 | 1 | 7 | C | 4 | D | 6 | 0 | E | 2 |
| E | 7 | 0 | 2 | C | 1 | B | D | 4 | 5 | 3 | A | 8 | 9 | 6 |
| 1 | 6 | 8 | 4 | 5 | C | D | 9 | B | 3 | 7 | E | A | 2 | 0 |
| 2 | 0 | E | 1 | 6 | A | C | 4 | 7 | D | 5 | 9 | B | 8 | 3 |
| 7 | 5 | B | 9 | D | 2 | 8 | A | 3 | C | 6 | 0 | E | 1 | 4 |
| C | A | D | 8 | 3 | E | 6 | 1 | 0 | 2 | B | 4 | 5 | 7 | 9 |
| 4 | 3 | 9 | 0 | B | 7 | 5 | 2 | E | A | 1 | 8 | 6 | D | C |

ଗତକାଲିର ଉତ୍ତର



ଭାଲଚନ୍ଦ୍ର ଷଡ଼ଙ୍ଗୀ

# ଗୁଣିଗାରେଡ଼ିକୁ ରୋକିବା କେମିତି

ଗତ କିଛିଦିନ ହେଲା ରାଜ୍ୟରେ ଗୁଣିଗାରେଡ଼ି ଓ ଡାହାଣୀ ଜନିତ ଅପରାଧର ଅନେକ ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇଛି। ଗତ ନଅ ମାସ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲାରେ ୩୫ ଜଣ ବ୍ୟକ୍ତି ଗୁଣି ବା ଡାହାଣୀ ସନ୍ଦେହରେ ହତ୍ୟାର ଶିକାର ହୋଇଥିବା ବେଳେ ଅନେକ ଗୁରୁତର ଆହତ ହୋଇଛନ୍ତି। କ୍ରାଇମବ୍ରାଞ୍ଚର ତଥ୍ୟ ଅନୁଯାୟୀ ୨୦୧୬ ମସିହାରେ ଏନେଇ ୮୩ଟି ମାମଲା ଦାୟର ହୋଇଥିବା ବେଳେ ୫୮ ଜଣ ହତ୍ୟାର ଶିକାର ହୋଇଛନ୍ତି। ୨୦୧୭ ମସିହାରେ ୯୯ଟି ମାମଲା ରୁଜୁ ହୋଇଥିବା ବେଳେ ୩୬ ଜଣ ହତ୍ୟାର ଶିକାର ହୋଇଛନ୍ତି। ସେହିଭଳି ୨୦୧୮ରେ ୩୯ଜଣ ହତ୍ୟାର ଶିକାର ହୋଇଥିବା ବେଳେ ଚଳିତ ବର୍ଷ ଅକ୍ଟୋବର ଦ୍ୱିତୀୟ ସପ୍ତାହ ସୁଦ୍ଧା ୩୫ ଜଣଙ୍କ ମୃତ୍ୟୁ ଘଟିଛି। ରାଜ୍ୟର ସୁନ୍ଦରଗଡ଼, କେନ୍ଦୁଝର, ନବରଙ୍ଗପୁର ପରି ଆଦିବାସୀବହୁଳ ଜିଲା ଏ କ୍ଷେତ୍ରରେ ସର୍ବାଗ୍ରେ ଥିବା ବେଳେ ଉପକୂଳ ଜିଲା ଭାବେ ପରିଚିତ ଗଞ୍ଜାମ ଜିଲା ବି ଏ କ୍ଷେତ୍ରରେ ପଛରେ ନାହିଁ। ରାଜ୍ୟର କିଛି ଆଦିବାସୀ ବହୁଳ ଜିଲାରେ ଦାୟର ହେଉଥିବା ମୋଟ ମାମଲାର ପ୍ରାୟ ୩୦% ହେଉଛି ଗୁଣିଗାରେଡ଼ି ଓ ଡାହାଣୀଜନିତ। ତେବେ ଅନେକ କାରଣରୁ ବହୁ ମାମଲା ଥାନାକୁ ଆସୁନାହିଁ ବା ଥାନାରେ ରୁଜୁ ନ ହୋଇ ଚାପି ଦିଆଯାଉଛି।

ଗୁଣିଗାରେଡ଼ି କିମ୍ବା ଡାହାଣୀର ଧାରଣା ଅନ୍ଧବିଶ୍ୱାସ ଏବଂ ଅବୈଜ୍ଞାନିକତା ଉପରେ ଆଧାରିତ। ଯଦିଓ ଗାଁଗହଳରେ ଏବଂ ଅଶିକ୍ଷିତ ଲୋକଙ୍କ ଭିତରେ ଏହା ଅଧିକ ମାତ୍ରାରେ ରହିଛି, ତଥାପି ଅନେକ ସହର ବାସିନ୍ଦା ଏବଂ ଶିକ୍ଷିତ ଲୋକେ ବି ଏହାର ପ୍ରଭାବରୁ ମୁକ୍ତ ନୁହନ୍ତି। ଗାଁରେ ସାଧାରଣତଃ କୌଣସି ବ୍ୟକ୍ତି କିମ୍ବା କିଛି ବ୍ୟକ୍ତିଙ୍କ ଅସ୍ୱାଭାବିକ ମୃତ୍ୟୁ, ଗୁରୁତର ରୋଗବ୍ୟାଧିର ଶିକାର ହେବା, ଘରର କୌଣସି ସଦସ୍ୟ ବିଶେଷକରି ମହିଳାମାନଙ୍କ ମାନସିକ ବିକାର ଅଥବା ଅସ୍ୱାଭାବିକ ବ୍ୟବହାର ଦେଖାଗଲେ ଗୁଣିଗାରେଡ଼ି ହୋଇଥିବା ସନ୍ଦେହ କରାଯାଏ। ତା'ପରେ ଓଝାକୁ ଆଣି ପୂଜାପାଠ କିମ୍ବା ଖଟବିଦ୍ୟା ଜରିଆରେ ଡାହାଣୀ ବା ଗୁଣିଆକୁ ଚିହ୍ନଟ କରିବା ପରେ ଗାଁ ଲୋକେ ତଥାକଥିତ ଗୁଣିଆ ବା ଡାହାଣୀକୁ ଧରି ଦଣ୍ଡ ଦେଇଥାନ୍ତି। ଦୋଷୀ ବ୍ୟକ୍ତିକୁ ମୋଟା ଅଙ୍କର ଜରିମାନା, ଜମିଜମାରୁ ବଞ୍ଚିତ କରିବା, ସାମାଜିକ ବାସନ୍ଦଠାରୁ ଆରମ୍ଭକରି ମାଡ଼ଦେବା, ମୁଣ୍ଡ ଲଣ୍ଡା କରିବା, ମହିଳା ହୋଇଥିଲେ ଉଲଗ୍ନ କରି ଗାଁ ଦାଣ୍ଡରେ ବୁଲେଇବା, ବଳପୂର୍ବକ ଦାନ୍ତ ଭାଙ୍ଗିବା, ଦଶ ଜୀବର ବିଷ୍ଠାକୁ ମିଶାଇ ଖୁଆଇବା ଆଦି ଦଣ୍ଡ ଦିଆଯାଏ, ଏପରିକି ବଳାତ୍କାର ଓ ହତ୍ୟା କରିବା ପରି ବର୍ବର ଦଣ୍ଡ ଦେବାକୁ ବି ଉତ୍ତ୍ୟକ୍ତ ଲୋକେ ପଛେଇ ନ ଥାନ୍ତି।

ସମାଜରେ ଗୁଣିଗାରେଡ଼ି ଓ ଡାହାଣୀ ପ୍ରଥା ଅବ୍ୟାହତ ରହିବା ପଛରେ ଲୋକଙ୍କ ଖରାପ ଆର୍ଥିକ ସ୍ଥିତି ବ୍ୟତୀତ ପ୍ରମୁଖ କାରଣ ହେଉଛି ଶିକ୍ଷା, ବୈଜ୍ଞାନିକ ମନୋଭାବ, ଉପଯୁକ୍ତ ସ୍ୱାସ୍ଥ୍ୟସେବା, ଅପରାଧର ପ୍ରତିକାର ପାଇଁ ଠିକ୍ ଆଇନ ଓ ତା'ର ଉପଯୁକ୍ତ କାର୍ଯ୍ୟକାରିତା ଆଦିର ଅଭାବ। ଯେହେତୁ ଆମ ସମାଜରେ ବିଶେଷକରି ଗ୍ରାମାଞ୍ଚଳର ଅଧିକାଂଶ ଲୋକ ଆଜି ବି ଅଶିକ୍ଷିତ ଅଛନ୍ତି, ତେଣୁ ବୈଜ୍ଞାନିକ ଶିକ୍ଷାର ଅଭାବରୁ ଗୁଣିଗାରେଡ଼ି, ଡାହାଣୀ ଆଦି ଅନ୍ଧବିଶ୍ୱାସରୁ ସେମାନେ ମୁକ୍ତ ହୋଇପାରିନାହାନ୍ତି।

ଆମ ସମ୍ବିଧାନରେ ବୈଜ୍ଞାନିକ ମନୋଭାବକୁ ବଢ଼େଇବା ପାଇଁ ରାଷ୍ଟ୍ର ଉଦ୍ୟମ କରିବ ବୋଲି କୁହାଯାଇଥିବା ବେଳେ ସରକାରୀ କାମରେ କିନ୍ତୁ ତା'ର ପ୍ରତିଫଳନ ଦେଖାଯାଏନି। ଶାସନର ଶୀର୍ଷ ପଦବୀରେ ଥିବା ନେତା ଓ ପ୍ରଶାସକମାନେ ନିଜେ ବିଭିନ୍ନ ଅନ୍ଧବିଶ୍ୱାସରେ ବୁଡ଼ି ରହିବା ସହିତ ପ୍ରତିଦିନ ତାକୁ ବଢ଼ାଇଲା ଭଳି ଆଚରଣମାନ କରି ଚାଲିବା ଦେଖିବାକୁ ମିଳୁଛି। ସରକାର ପ୍ରାଥମିକ ସ୍ତରରୁ ବିଜ୍ଞାନ ଶିକ୍ଷାକୁ ପ୍ରୋତ୍ସାହିତ କରିବା ସହ ସ୍କୁଲ ପାଠ୍ୟ ପୁସ୍ତକରେ ଗୁଣିଗାରେଡ଼ି, ଭୂତପ୍ରେତ, ଡାହାଣୀ, ନରବଳି ଆଦି ଅନ୍ଧବିଶ୍ୱାସ ବିରୋଧରେ ଲେଖା ଏବଂ ତା' ବିରୋଧରେ ସଂଗ୍ରାମ କରିଥିବା ସଂସ୍କାରକମାନଙ୍କ ଜୀବନୀ ଓ କାମକୁ ସ୍ଥାନ ଦେବା ଦରକାର। ସରକାରଙ୍କ ପକ୍ଷରୁ ନିୟମିତ ବ୍ୟବଧାନରେ ଏ ନେଇ ଗାଁ ଗହଳିରେ ସଭାସମିତି ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବା ଦରକାର। ଚଳଚ୍ଚିତ୍ର ଓ ମିଡ଼ିଆରେ ବି ଏଭଳି ଅନ୍ଧବିଶ୍ୱାସକୁ ବଢ଼ାଉଥିବା କାର୍ଯ୍ୟକ୍ରମ ପାଇଁ କଟକଣା ଜାରି ହେବା ଉଚିତ।

ଗୁଣିଗାରେଡ଼ିକୁ ପ୍ରତିହତ କରିବାରେ ଆଉ ଏକ ବଳିଷ୍ଠ ଉପାୟ ହେଉଛି ଆଇନଗତ ପଦକ୍ଷେପ। ବିଭିନ୍ନ ମାନବିକ ଅଧିକାର ତଥା ହେତୁବାଦୀ ସଙ୍ଗଠନର ଲଗାତର ଦାବି ଏବଂ ହାଇକୋର୍ଟଙ୍କ ନିର୍ଦ୍ଦେଶ ଫଳରେ ୨୦୧୩ ମସିହାରେ ଓଡ଼ିଶା ସରକାର Odisha Prevention of Witch-Hunting (OPWH) Act ନାମରେ ଏକ ଆଇନ ତିଆରି କରିଛନ୍ତି। ରାଜ୍ୟରେ ଗୁଣିଗାରେଡ଼ି ସଂକ୍ରାନ୍ତ ଅପରାଧର ପ୍ରକୃତ ସ୍ଥିତି ତଥା ଅନ୍ୟ ରାଜ୍ୟଗୁଡ଼ିକ କରିଥିବା ଆଇନର ଅଧ୍ୟୟନ ନ କରି ତରବରିଆ ଭାବେ ପ୍ରସ୍ତୁତ ଏହି ଆଇନଟି ଅତ୍ୟନ୍ତ ଦୁର୍ବଳ, ସଙ୍କୀର୍ଣ୍ଣ ହେବା ସହ ରାଜ୍ୟରେ ଗୁଣିଗାରେଡ଼ି ଜନିତ ଅପରାଧକୁ ରୋକିବାରେ ପ୍ରଭାବହୀନ ମନେ ହେଉଛି।

ଏହି ଆଇନରେ ଉଭୟ ଗୁଣୀ ଓ ଡାହାଣୀ ସନ୍ଦେହରେ ଆକ୍ରମଣର ଶିକାର ହେଉଥିବା ଲୋକଙ୍କୁ ପୀଡ଼ିତ ବୋଲି କହିବା ପରିବର୍ତ୍ତେ କେବଳ ଡାହାଣୀ ସନ୍ଦେହରେ ହିଂସାର ଶିକାର ମହିଳାକୁ ହିଁ ପୀଡ଼ିତା ବୋଲି କୁହାଯାଉଛି। କିନ୍ତୁ ଓଡ଼ିଶାର ଅନେକ ଅଞ୍ଚଳରେ ବିଶେଷ କରି ଦକ୍ଷିଣାଞ୍ଚଳରେ ଡାହାଣୀ ନୁହେଁ, ଗୁଣିଗାରେଡ଼ି ପ୍ରଥାର ପ୍ରଚଳନ ରହିଛି ଏବଂ ଗୁଣିଆ ସନ୍ଦେହରେ ପୁରୁଷ ଲୋକେ ହିଁ ଏଭଳି ହିଂସାର ଶିକାର ହୋଇଥାନ୍ତି। ଅତଏବ ଆଇନରେ ରହିଥିବା ଏହି ଗୁରୁତର ତ୍ରୁଟି ଲାଗି ଜଣେ ପୁରୁଷ ଲୋକ ଗୁଣିଆ ସନ୍ଦେହରେ ହିଂସାର ଶିକାର ହେଲେ ସେ ଆଇନର ପରିସରଭୁକ୍ତ ହେଉନି। ଫଳରେ ଅନେକ ମାମଲାରେ ଏହି ଆଇନର ବ୍ୟବହାର କରାଯାଇପାରୁନି ଏବଂ ଯେଉଁଠି ବ୍ୟବହାର କରାଯାଉଛି ସେଥିରେ ଅପରାଧୀମାନେ ଏହି ଦୁର୍ବଳତାର ସୁଯୋଗ ନେଇ ସହଜରେ ଖସି ଯାଉଛନ୍ତି।

ଆଇନରେ ଗୁଣିଆ ବା ଓଝା ଦ୍ୱାରା ଗୁଣୀ ଓ ଡାହାଣୀ ବୋଲି କୌଣସି ବ୍ୟକ୍ତିକୁ ଚିହ୍ନଟ କରିବା, ଅପମାନିତ କରିବା, ଧମକ ଦେବା, ସାମାଜିକ ବାସନ୍ଦ କରିବା, ଲଣ୍ଡା କିମ୍ବା ଲଙ୍ଗଳା କରି ବୁଲାଇବା, ବଳପୂର୍ବକ ଅସନା ଖୁଆଇବା ଆଦିକୁ ଅପରାଧ ପରିସରଭୁକ୍ତ କରାଯାଇନି। ଏପରିକି ଜଣକୁ ଗୁଣିଆ କିମ୍ବା ଡାହାଣୀ ଭାବେ ଚିହ୍ନଟ କରି ତା' ଉପରେ ହିଂସା ପାଇଁ ସୁଯୋଗ ସୃଷ୍ଟି କରୁଥିବା ସମ୍ପୃକ୍ତ ଗୁଣିଆ କିମ୍ବା ଓଝାକୁ କିମ୍ବା ସମାଜରେ ଖୋଲାଖୋଲି ଭାବେ ଗୁଣିଆ ବୋଲି ପରିଚୟ ଦେଇ କାର୍ଯ୍ୟ କରୁଥିବା ବ୍ୟକ୍ତିକୁ ଆଇନ ପରିସରଭୁକ୍ତ କରାଯାଇନାହିଁ। ଗୁଣିଗାରେଡ଼ି ପ୍ରତି ନିଜର ଅନ୍ଧବିଶ୍ୱାସ କାରଣରୁ କିମ୍ବା ଏଭଳି ଅପରାଧରେ ସହଯୋଗ କରୁଥିବା ଅଧିକାରୀଙ୍କ ପାଇଁ ମଧ୍ୟ କୌଣସି ଦଣ୍ଡର ବ୍ୟବସ୍ଥା ନାହିଁ। ଗାଁ କିମ୍ବା ସାହିରେ କାହାରି ଅସ୍ୱାଭାବିକ ମୃତ୍ୟୁ ପାଇଁ ଗୁଣିଆର ଗୁଜବ ପ୍ରଚାର କରୁଥିବା ବ୍ୟକ୍ତି ଅପରାଧୀର ସଂଜ୍ଞା ଭିତରକୁ ବର୍ତ୍ତମାନର ଆଇନରେ ଆସୁନାହିଁ। ଗୁଣୀ କିମ୍ବା ଡାହାଣୀ ସନ୍ଦେହ ପାଇଁ ଜଣେ ଆତ୍ମହତ୍ୟା କରିବା, ଗାଁ ଛାଡ଼ି ଚାଲିଯିବା କିମ୍ବା ତା'ର ସମ୍ପତ୍ତି ଉପରେ କବ୍ଜା କରିବା ସମ୍ପର୍କରେ ଆଇନ ସମ୍ପୂର୍ଣ୍ଣ ନୀରବ ରହିଛି।

ଆଇନରେ ଯଦିଓ ଅପରାଧ ପାଇଁ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି କିନ୍ତୁ ଗୁଣିଗାରେଡ଼ି କିମ୍ବା ଡାହାଣୀ ଜନିତ ହିଂସାରେ ପୀଡ଼ିତ ବ୍ୟକ୍ତିର ଥଇଥାନ କିମ୍ବା କ୍ଷତିପୂରଣ ପାଇଁ କୌଣସି ସନ୍ତୋଷଜନକ ବ୍ୟବସ୍ଥା ନାହିଁ। କେବଳ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେଲେ ତା' ଉପରେ ଯେଉଁ ହଜାରେ ଟଙ୍କାର ଜରିମାନା ପଡ଼ିବ ସେଥିରୁ ପୀଡ଼ିତ ବ୍ୟକ୍ତିକୁ କ୍ଷତିପୂରଣ ଦିଆଯିବ ବୋଲି କୁହାଯାଇଛି। ଅପରାଧର ଶିକାର ହୋଇ ନିଜର ସର୍ବସ୍ୱ ହରାଉଥିବା ସାଧାରଣ ଲୋକଟିଏ ପାଇଁ ଅପରାଧ ଘଟିବାର କେତେ ବର୍ଷ ପରେ ମାତ୍ର ହଜାରେ ଟଙ୍କାର କ୍ଷତିପୂରଣ ଅତ୍ୟନ୍ତ ହାସ୍ୟାସ୍ପଦ ମନେହୁଏ। ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେଇ ନିଜର ରାଜନୈତିକ ଇଚ୍ଛାଶକ୍ତି ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି।

ମୋ-୯୪୩୭୧୬୬୩୯୧,
bhalachandra.odisha@gmail.com



ମନ-ମାନଚିତ୍ର
ଡ. ନରହରି ବେହେରା

# ଷଣ୍ଢମାର୍କା ଟୋକା

ମାଇନର ପଢ଼ିବାବେଳେ ମୋ ଜେଜେ ଥରେ ପାଖକୁ ଡାକି କହିଲେ- ଆରେ ନାତିଆ, ସବୁ କରିବୁ, ହେଲେ ଷଣ୍ଢମାର୍କା ଟୋକାଙ୍କ ପାଖ ମାଡ଼ିବୁ ନାହିଁ। ଏମାନଙ୍କର ଦୟାମାୟା ବୋଲି କିଛି ନାହିଁ। ଏମାନେ ଯାହା କରନ୍ତି କେବଳ ନିଜ ସ୍ୱାର୍ଥ ପାଇଁ। ସେଦିନ ମୁଁ ଏ କଥାର ଅର୍ଥ ବୁଝି ନ ପାରି ଜେଜେମା'ଙ୍କୁ ପଚାରିଲି। ସେ ମୋତେ ହସିଦେଇ କହିଲେ, ବଡ଼ ହେଲେ ତୁ ସବୁ ବୁଝିଯିବୁ, ଏତେ ବ୍ୟସ୍ତ କାହିଁକି? କିଛିଦିନ ପରେ ମୁଁ ଜାଣିଗଲି, ଆମେ କିଛି ଜିନିଷ କିଣିବାବେଳେ ସେଥିରେ ଥିବା କମ୍ପାନୀମାନଙ୍କର ଚିହ୍ନ ଖୋଜୁଥାଉ। ତାକୁ ବ୍ରାଣ୍ଡ ବା ଟ୍ରେଡ୍‌ମାର୍କ କୁହାଯାଏ। ତେଣୁ ଷଣ୍ଢମାର୍କା ଟୋକାଙ୍କଠାରେ ନିଶ୍ଚୟ କିଛି ଷଣ୍ଢ କମ୍ପାନୀର ଚିହ୍ନ ଥିବ। ତେଣୁ ଟୋକାମାନଙ୍କ ପିଠିପେଟକୁ ଦେଖେ, କାଳେ କିଛି ଚିହ୍ନ ଥିବ। ମାତ୍ର ମୋତେ କିଛି ଚିହ୍ନ ମିଳେ ନାହିଁ। ତେବେ କୋଉ ଟୋକାଙ୍କୁ ଷଣ୍ଢମାର୍କା ବୋଲି ଚିହ୍ନି ତାଙ୍କଠାରୁ ଦୂରେଇ ରହିବି ଜାଣିପାରିଲିନି। ସତରେ କ'ଣ ଏ ଦୁନିଆରେ ଷଣ୍ଢମାର୍କା ଟୋକା ଅଛନ୍ତି! ଜେଜେ କ'ଣ ମୋତେ ମିଛ କହିଲେ? ଏବେ ଜେଜେ ଆଉ ଜେଜେମା' ଆରପାରିରେ। ସେ କଦାପି ମିଛ କହି ନ ଥିବେ। ମୁଁ କାହାକୁ ନ ପଚାରି, ନିଜେ ଷଣ୍ଢମାର୍କା ଟୋକାଙ୍କୁ ଖୋଜି ବାହାର କରିବି ବୋଲି ମନେ ମନେ ସ୍ଥିର କରିନେଲି। ସବୁ ଟୋକାଙ୍କୁ ନିରୀକ୍ଷଣ କଲି। ବାଟଘାଟରେ ଧୀରମନ୍ଥର ଗତିରେ ଚାଲୁଥିବା ଏବଂ ମଝି ରାସ୍ତା ହେଉ କି ରାସ୍ତାକଡ଼ରେ ବାଦଶାହା ପରି ଶୋଇ ପାକୁଳି କରୁଥିବା ଷଣ୍ଢକୁ ବି ଦେଖୁଥିଲି। ଏମାନଙ୍କୁ ଦେଖି ଦେଖି ମୋର ଷଣ୍ଢମାର୍କା ଟୋକାଙ୍କ ସମ୍ପର୍କରେ ଏକ ପ୍ରକାର ଧାରଣା ହୋଇଗଲା। ଏ ଟୋକାମାନେ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର। ଷଣ୍ଢ ପରି ଏମାନଙ୍କର କାହାକୁ ଖାତିର ନ ଥାଏ। ସାଙ୍ଗ ହୋଇ ବୁଲୁ ବୁଲୁ କେବେ କେବେ ଷଣ୍ଢ ଲଢ଼େଇ ପରି ମାରପିଟ୍ କରନ୍ତି। ଏହା ହିଁ ଷଣ୍ଢମାର୍କା ଟୋକାଙ୍କର ସାଧାରଣ ଲକ୍ଷଣ। ଏମିତି ସଂଜ୍ଞାଟା ମନେମନେ ସିନା ତିଆରି କରିଦେଲି ହେଲେ ସେହି ଟୋକାଙ୍କୁ ସାକ୍ଷାତ୍ ଦର୍ଶନ ନ କରିବାଯାଏ ମୋ ସଂଜ୍ଞା କିଛି ଅପୂର୍ଣ୍ଣ ରହିଗଲା ପରି ମନେହେଲା। ସେଦିନ ଅଫିସ୍‌ରେ ବସିଥିଲି। ଦୁଇ ଚାରି ଜଣ ଛଅଫୁଟିଆ ଟୋକା ଅଫିସ୍ ଭିତରକୁ ପଶିଆସିଲେ। ସୁନେଲି ରଙ୍ଗର ଚୁଟି, କଳା ଚଷମା ଓ ହାତରେ ବଳା ପିନ୍ଧିଥିବା ଏ ଟୋକାମାନଙ୍କୁ ଦେଖି ଟିକିଏ ହଡ଼ବଡ଼େଇ ଗଲି। ସେମାନେ ବେପରୁଆ ଭାବରେ ମୋ ଆଗ ସିଟ୍‌ରେ ବସିପଡ଼ି ଧମକ ଦେବା ଢଙ୍ଗରେ କହିଲେ- ହୋ ଅଫିସର, ତମ ଅଫିସ୍‌ରୁ ମହାନ୍ତିବାବୁର ବଦଳି ହେବନାହିଁ। ଆମେ କହୁଛୁ ମାନେ ସେ ଏଇଠି ରହିବେ। ଯଦି ସେ ଏଠୁ ଯିବ, ତୁମେ ଜୀବନ ନେଇ ଫେରିବନି। ଆମେ ସବୁ ମନ୍ତ୍ରୀଙ୍କ ଲୋକ। ଆମକୁ ନ ପଚାରି ସେ କିଛି କରନ୍ତି ନାହିଁ। ଆମେ ଯେମିତି କହିବୁ ସେମିତି ହେବ। ଆମ କଥା ମନେ ରଖିଥିବ, ନ ହେଲେ ପୁଅ ଅଖା ଧୋଉଥିବୁ ଗୁଣ ଗାଉଥିବୁ- ଏତିକି କହୁ କହୁ ମୋ ଉପରକୁ ବେପରୁଆ କଟାକ୍ଷ ଛାଡ଼ିଦେଇ ମୋର କିଛି କଥା ନ ଶୁଣି ଚାଲିଗଲେ। ସେମାନେ ଚାଲିଗଲା ପରେ ଅଫିସ୍‌ର ପୁରୁଖା ପିଅନ ଆସି କହିଲା- ସାର୍ ଏମାନେ ଷଣ୍ଢମାର୍କା ଟୋକା। ନିଜ ଇଚ୍ଛାର ମାଲିକ। ଷଣ୍ଢ ଶିବ ମହାପ୍ରଭୁଙ୍କୁ ଧରି ବୁଲିବା ପରି ଏମାନେ ନେତା କି କିଛି ବଡ଼ବଡ଼ିଆଙ୍କୁ ଦିନରାତି ଧରି ବୁଲୁଥାନ୍ତି। ତେଣୁ ଏମାନେ ଚାରିଦଉଡ଼ି କଟା। ଠିକ୍ ଷଣ୍ଢ ପରି। ରାଜରାସ୍ତା ହେଉ କି କାହା ବିଲବାଡ଼ି ସବୁଠି ବେଧଡ଼କ ଦଖଲ କରିନିଅନ୍ତି। କାହାକୁ ଖାତିର୍ ନାହିଁ। ବେଳେ ବେଳେ ଏମାନେ ଏମିତି ଉଦଣ୍ଡ ହୋଇଯାଆନ୍ତି ଯେ ନିଜ ଅଧିକାର ଜାହିର କରିବା ପାଇଁ ନିଜ ଭିତରେ ଲଢ଼େଇ ଆରମ୍ଭ କରିଦିଅନ୍ତି। ଏ ଲଢ଼େଇରେ ସେମାନେ ଏମିତି ଖଣ୍ଡିଆ ଖାବରା ହେଇଯାଆନ୍ତି ଯେ ଗୋଟିଏ ଜାଗାରେ କିଛିଦିନ ପଡ଼ି ରହିଥାନ୍ତି। ତଥାପି ସେମାନଙ୍କର ବହପ କମେ ନାହିଁ। ଏ ଷଣ୍ଢମାର୍କା ଟୋକାମାନେ ଏମିତି। ଏମାନଙ୍କର କେହି ନିଜର ନ ଥାନ୍ତି। ରାଜନୀତିଆଙ୍କ ପରି ଦଳ ଛାଡ଼ିଲେ ଶତ୍ରୁ ଆଉ ଦଳ ଯୋଡ଼ିଲେ ନିଜ ପତ୍ନୀଠାରୁ ବି ନିଜର ହେଇଯାଆନ୍ତି। ପୁଣି ପାନରୁ ଚୂନ ଖସିଗଲେ ଲଢ଼େଇ କରି ଜୀବନ ଦେବାକୁ ବି ପଡ଼ିପାରେ। ଏମାନଙ୍କୁ ଟିକିଏ ସାବଧାନ ଥିବେ ସାର୍। ଆର୍କମେଡିସ୍ ଖୋଜି ଖୋଜି ସୂତ୍ର ପାଇଗଲା ପରି ମୁଁ ଏତେଦିନ ଧରି ଖୋଜୁଥିବା ଷଣ୍ଢମାର୍କା ଟୋକାଙ୍କର ସାକ୍ଷାତ୍ ଦର୍ଶନ ପାଇଗଲି। ଷଣ୍ଢମାର୍କା ଟୋକାଙ୍କ ଧମକ ଶୁଣି ଯେତିକି ଦୁଃଖୀ ହୋଇଥିଲି ତା'ଠାରୁ ବେଶି ଖୁସି ହୋଇଥିଲି ବହୁ ଦିନରୁ ଖୋଜୁଥିବା ଷଣ୍ଢମାର୍କା ଟୋକାଙ୍କର ସାକ୍ଷାତ୍ ଦର୍ଶନ କରି। କିଛିଦିନ ବିତିଗଲା। ଅଫିସ୍‌ରୁ ଫେରିବାବେଳେ ରାସ୍ତା ଉପରେ ବହୁତ ଲୋକ ରୁଣ୍ଡ ହୋଇଥିବାର ଦେଖିଲି। ଗାଡ଼ିରୁ ଓହ୍ଲାଇ ଘଟଣା କ'ଣ ବୋଲି ଜାଣିବା ପାଇଁ ଗହଳି ଭିତରକୁ ପଶିଯାଇ ଯାହା ଦେଖିଲି, ସେଥିରେ ମୋ ପାଦତଳୁ ମାଟି ଖସିଗଲା ପରି ଲାଗିଲା। କିଛିଦିନ ତଳେ ଯେଉଁ ଷଣ୍ଢମାର୍କା ଟୋକାମାନେ ମୋ ଅଫିସ୍‌କୁ ଯାଇ ଧମକ ଚମକ ଦେଇଆସିଥିଲେ ସେମାନଙ୍କ ମଧ୍ୟରୁ ଦି'ଜଣ ରକ୍ତାକ୍ତ ହୋଇ ଦରମଲା ଅବସ୍ଥାରେ ରାସ୍ତା କଡ଼ରେ ପଡ଼ିଥିଲେ। ନାକରୁ ରକ୍ତଧାର ବୋହି ଯାଉଥାଏ। ହାତଗୋଡ଼ର ଅବସ୍ଥା ମଧ୍ୟ ତଦ୍ରୂପ। ପାଖରେ ଥିବା ପୋଲିସବାବୁ ମୋତେ କହିଲେ- ସାର୍, ଅନ୍ୟ ଦଳର ଗୁଣ୍ଡାମାନେ କୌଣସି କାରଣରୁ କାଲି ରାଗିଯାଇ ଏମିତି କାଣ୍ଡ ଭିଆଇଛନ୍ତି। ଏମାନଙ୍କ ପାଇଁ ଏଇଟା ସାଧାରଣ ଘଟଣା ସାର୍। ଆଜି ସେମାନେ ୟାଙ୍କୁ ମାରିଛନ୍ତି, ଏମାନେ ବି କାଲି ତାଙ୍କର ଏଇ ଅବସ୍ଥା କରିଦେବେ। ଏମାନଙ୍କୁ ଦେଖି ଦେଖି ଆମ ଦେହସୁହା ହୋଇଗଲାଣି। ଏମାନଙ୍କୁ ଯେତେ ବୁଝାଇଲେ ବୁଝିବେନି, ଏମିତି ଷଣ୍ଢ ପରି ପରସ୍ପର ମଧ୍ୟରେ ଲଢ଼େଇ କରି ମରିବେ, ଆମକୁ ଖାଲି ଦହଗଞ୍ଜ କରିବେ। ଷଣ୍ଢମାର୍କା ଟୋକାଙ୍କର ଏ ଅବସ୍ଥା ଦେଖି ମୋର ମନେପଡ଼ିଲା ଗାଁରେ ଶୁଣାଯାଉଥିବା ଗୋଟିଏ ଲୋକୋକ୍ତି- ଷଣ୍ଢର ଅନେଶତ ପୁଅ, ମଲାବେଳକୁ ବାଉଁଶ ବୁଦା ଭରସା। ଯେତେ ଦର୍ପ ଦେଖାଇ ରାଜରାସ୍ତାକୁ ଦଖଲ କଲେ, ବହପ ଦେଖାଇ ପରର ବାଡ଼ି କ୍ଷେତ ଖାଇଲେ ବି ଶେଷକୁ ଏହି ଦୁର୍ଦ୍ଦଶା ଭୋଗ କରିବାକୁ ପଡ଼ିଥାଏ। ପାଖରେ ଆହା କହିବାକୁ କେହି ନ ଥାନ୍ତି। ଷଣ୍ଢ ସିନା ପଶୁ ବୋଲି ସେ ଏ କଥା ଜାଣିପାରେ ନାହିଁ, ମାତ୍ର ଏ ଷଣ୍ଢମାର୍କା ଟୋକା ତ ମଣିଷ। ସେମାନେ ତ ଜାଣିପାରନ୍ତି ଏମିତି ହେବାର କି କରୁଣ ପରିଣତି! ତଥାପି ଆଟୋପ ଦେଖାଇବାରେ କି ଆନନ୍ଦ ପାଆନ୍ତି? ରାଧାନାଥଙ୍କ ଉକ୍ତି ୟାଙ୍କ ପାଇଁ ପୂରା ପ୍ରଯୁଜ୍ୟ 'ତଥାପି ମନାସଇ ଲଭି ଏ ଦଶା, ମେଣ୍ଟାଇବାକୁ ଭବ ଭୋଗ ଲାଳସା।' କ୍ଷମତା ଏବଂ ସାମୟିକ ସୁଖ ପାଇଁ ଏମାନେ ଯେଉଁ ଆତଙ୍କରାଜ ସୃଷ୍ଟିକରି ନିଜର ମୂଲ୍ୟବାନ୍ ଜୀବନକୁ ଉତ୍ସର୍ଗ କରି ଦେଉଛନ୍ତି, ସେମାନେ ଯଦି ଦେଶ ପାଇଁ କାମ କରି ନିଜ ଜୀବନକୁ ଉତ୍ସର୍ଗ କରିପାରନ୍ତେ ତେବେ ଏ ଦେଶର ଭାଗ୍ୟ ନିଶ୍ଚୟ ବଦଳିଯାଆନ୍ତା!

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ,
ଭଦ୍ରକ, ମୋ-୭୯୭୮୯୦୩୫୦୯

## ଏଇ ଭାରତରେ

ଆଧୁନିକ ସମାଜରେ ଅନ୍ଧବିଶ୍ୱାସର ଏକ ଛବି ସାମ୍ନାକୁ ଆସିଛି ଛତିଶଗଡ଼ର କାଙ୍କେର ଜିଲାରେ। କାଙ୍କେର ଜିଲାର ଡୁମସନାର୍ ଗାଁରେ ପ୍ରଚଳିତ ରହିଛି ଏକ ଅଜବ ପରମ୍ପରା। ଏହି ଗାଁରେ ଯଦି କୌଣସି ପ୍ରସୂତିଙ୍କର ମୃତ୍ୟୁ ହୋଇଯାଏ ପୁରୁଷମାନେ ତାଙ୍କ ଶବକୁ ଛୁଅନ୍ତି ନାହିଁ କି ଅନ୍ତିମ ସଂସ୍କାର କରନ୍ତିନାହିଁ। ଡୁମସନାର୍‌ର ସୁକମୋତିନ ନାମକ ମହିଳା ଜିଲା ହସ୍ପିଟାଲ୍‌ରେ ଏକ ଶିଶୁକୁ ଜନ୍ମ ଦେବା ପରେ ଶିଶୁଟିର ମୃତ୍ୟୁ ହୋଇଥିଲା। ସୁକମୋତିନ ଏହା ଶୁଣିବା ପରେ ବି ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ମା ଓ ଶିଶୁର ଶବ ଗାଁରେ ପହଞ୍ଚିବା ପରେ ଅନ୍ତିମ ସଂସ୍କାର ପାଇଁ କୌଣସି ପୁରୁଷ ଆସିନଥିଲେ। ଭୂତ ଭୟ ଯୋଗୁ ସେମାନେ ଶବର ଅନ୍ତିମ ଯାତ୍ରାରେ ବି ଯିବାକୁ ମନା କରିଦେଇଥିଲେ। କାରଣ ପ୍ରସୂତିଙ୍କ ଶବକୁ ଯଦି ଗାଁରେ ପୋତାଯାଏ ତେବେ ସେ ଭୂତ ପାଲଟିଯାଏ ବୋଲି ସେମାନଙ୍କର ଅନ୍ଧବିଶ୍ୱାସ ରହିଛି। କେବଳ ଏତିକି ନୁହେଁ ସେମାନେ ଶବକୁ ବି କାନ୍ଧରେ ନେବା ପାଇଁ ମନା କରିଦେଇଥିଲେ। ତେବେ ଏଭଳି ଅନ୍ଧବିଶ୍ୱାସରୁ ଊର୍ଦ୍ଧ୍ୱକୁ ଯାଇ ସ୍ଥାନୀୟ ମହିଳାମାନେ ଶବକୁ କାନ୍ଧରେ ନେଇଛନ୍ତି। ସେମାନେ ଶବକୁ ଅନ୍ତିମ ସଂସ୍କାର କରିବା ପାଇଁ କାନ୍ଧରେ ଗାଁ ବାହାରକୁ ନେଇ ପୋତିଛନ୍ତି। ଅନ୍ଧବିଶ୍ୱାସରେ ବୁଡ଼ି ରହିଥିବା ଲୋକମାନଙ୍କ ପାଇଁ ଏହି ଘଟଣା ଏକ ନୂଆ ବାଟ ଦେଖାଇବ ବୋଲି ଆଲୋଚନା ହେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଅକ୍ଟୋବର ୧୯୯୪

- ତାଜିକସ୍ତାନର ଉପ ପ୍ରଧାନମନ୍ତ୍ରୀ ମୁନାୱାର ନାଜରିୟେଭଙ୍କର ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ମୃତ୍ୟୁ।
- ବାଲେଶ୍ୱର ଜିଲାର ଚାନ୍ଦିପୁରଠାରେ ଥିବା ଏକ ଘରୋଇ ସଂସ୍ଥା ହେକ୍ଟର ପିଛା ୯.୫ ଟନ୍ ଚିଙ୍ଗୁଡି ଉତ୍ପାଦନ କରି ବିଶ୍ୱ ରେକର୍ଡ ସୃଷ୍ଟି କରିଛି।

## ଚିରନ୍ତନୀ

''ଉଠ ହସି ପଥ ଯେବେ
ସୁଖର ପରଶମଣି ଲଭେ
''ପ୍ରାଣଭ ରା ହାସ୍ୟ ବନ୍ଧୁ
ଅତି ହିଁ ଦୁର୍ମୂଲ୍ୟ ସେ ଯେ ଭବେ! (ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ଅକ୍ଟୋବର ୧୪-ଭାରତ ଜନ୍ମିତ ଅର୍ଥନୀତିଜ୍ଞ ଅଭିଜିତ୍ ବାନାର୍ଜୀ, ତାଙ୍କ ସ୍ତ୍ରୀ ଏସ୍ଥର ଡୁଫ୍ଲୋ ଓ ମାଇକେଲ କ୍ରେମର ଚଳିତବର୍ଷ ଅର୍ଥନୀତିରେ ମିଳିତ ଭାବେ ନୋବେଲ ପୁରସ୍କାର ପାଇବେ।

୧୫- ଭୁବନେଶ୍ୱରରୁ ନୟାଗଡ଼କୁ ପ୍ରଥମ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ଆରମ୍ଭ ହେଲା।

୧୬- ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ଜମି ବାବାଦର ବିଚାର ଶେଷ ହୋଇଛି, ସୁପ୍ରିମକୋର୍ଟ ଆସନ୍ତା ମାସରେ ଏହାର ରାୟ ପ୍ରକାଶ କରିବେ।

୧୭- ଗୁଜରାଟ ସୀମାରେ ଚାଇନାର ଏକ କମ୍ପାନୀକୁ ୫୫ ବର୍ଗମିଲୋମିଟର ଜମି ଲିଜ୍ ସୂତ୍ରରେ ଦେଇ ପାକିସ୍ତାନ ଭାରତର ଚିନ୍ତା ବଢ଼ାଇଦେଇଛି।

୧୮- ସୁପ୍ରିମ୍‌କୋର୍ଟର ଦ୍ୱିତୀୟ ସର୍ବବରିଷ୍ଠ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କୁ ପରବର୍ତ୍ତୀ ପ୍ରଧାନବିଚାରପତି କରିବା ପାଇଁ ନଭେମ୍ବର ୧୭ରେ ଅବସର ନେବାକୁ ଯାଉଥିବା ପ୍ରଧାନ ବିଚାରପତିରଞ୍ଜନଗୋଗୋଇସୁପାରିସକରିଛନ୍ତି।

## ଆମ ସମସ୍ୟା

### ପୁରୀରେ ଜଳପ୍ରଦୂଷଣ

ମହାଶୟ,

ପୁରୀ ସହରବାସୀ ବିଶୁଦ୍ଧ ପିଇବା ପାଣି ଟିକେ ପାଇପାରୁ ନାହାନ୍ତି। ଏହାର ଭୂତଳ ଜଳ ଦୂଷିତ ହୋଇଥିବା ବେଳେ ନଦୀ ଆଉ ଜଳାଶୟର ଜଳ ମଧ୍ୟ ଦୂଷିତ। ପୁରୀ ସହରର ଭୂତଳ ଜଳ ଦିନକୁ ଦିନ ବିଷମୟ ହେବାରେ ଲାଗିଛି। ବର୍ତ୍ତମାନ ସହରରୁ ୫୦୦ ଟନ୍ ବର୍ଜ୍ୟବସ୍ତୁ ବାହାରୁଛି। ଏହାକୁ ପ୍ରୋସେସିଂ କରାଯାଉ ନ ଥିବାରୁ ଏହା ସିଧାସଳଖ ଜଳ ଉତ୍ସକୁ ଦୂଷିତ କରୁଛି। ସହରର ସ୍ୱେରେଜ ବ୍ୟବସ୍ଥା ପ୍ରତି ମଧ୍ୟ ସରକାର ଦୃଷ୍ଟି ଦେବା ଦରକାର।

ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ମହୁରା ଛକ ମରଣଯନ୍ତା

୫ ନମ୍ବର ରାଜପଥରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଗଲାବେଳେ ମହୁରା ଛକ ପଡ଼େ। ଏଠାରେ କୌଣସି ଟ୍ରାଫିକ ପୋଲିସ ମୁତୟନ କରାଯାଇନାହିଁ। ଫଳରେ ପ୍ରତିଦିନ ଅନେକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ୨୪।୭।୨୦୧୯ରେ ଏକ ଶିକ୍ଷକ ଦମ୍ପତି ଛୁଟିରେ ଯିବାବେଳେ ଏହି ଛକରେ ଗୋଟିଏ କାର ଧକ୍କାରେ ଶିକ୍ଷୟିତ୍ରୀ ଜଣକଙ୍କର ସେହିଠାରେ ଏବଂ ଶିକ୍ଷକଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଲା। ତେଣୁ ଆଶା କରୁଛୁ ଏବେ କର୍ତ୍ତୃପକ୍ଷଙ୍କର ଚୈତନ୍ୟ ଉଦୟ ହେଉ। ତୁରନ୍ତ ଟ୍ରାଫିକ ପୋଲିସ ମୁତୟନ କରନ୍ତୁ।

ବାସନ୍ତୀ ପଟ୍ଟନାୟକ, ନିର୍ମାଲ୍ୟ ଏନ୍‌କ୍ଲେଭ, ମହୁରା, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସେବା ହିଁ ଧର୍ମର ପଥ। ଦୁଃସ୍ଥ, ପୀଡିତ, ଦୁଃଖୀ ଏବଂ ଅସହାୟ ମଣିଷଙ୍କ ସେବା କରିବାଠାରୁ ଆଉ ବଡ଼ ଧର୍ମ ନାହିଁ।
ଏହି ସେବା ଦ୍ୱାରା ଯେଉଁ ଆନନ୍ଦ ମିଳେ ତାହା ଅପାର୍ଥିବ, ତାହା ସ୍ୱର୍ଗୀୟ, ମାତ୍ର ତୁମେ ତାହା ସବୁ ଭୁଲି ଗଲଣି।
- ସତ୍ୟ ସାଇବାବା






## ଫନୀ ପରେ ନଡ଼ିଆଚାଷ ଚିନ୍ତା | ଯୋଜନା ହେଉଛି, ନାହିଁ ସଚେତନତା

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)

ଗତ ମେ ମାସ ୩ ତାରିଖରେ ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ ଫନୀ ଉପକୂଳ ଓଡିଶାରେ ଭୟଙ୍କର ପ୍ରଭାବ ସୃଷ୍ଟି କରିଥିଲା। ବାତ୍ୟା ଫନୀ ଯୋଗୁ ମୁଖ୍ୟତଃ ଉପକୂଳିଆ ୬ ଜିଲା (ପୁରୀ, କଟକ, ଖୋର୍ଦ୍ଧା, ଯାଜପୁର, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡା)ରେ ବ୍ୟାପକ କ୍ଷତି ଘଟିଥିଲା। ବିଶେଷକରି ଉପକୂଳ ଓଡିଶାବାସୀଙ୍କ ରୋଜଗାରର ମୁଖ୍ୟପନ୍ଥା ନଡିଆ ଗଛ ଯେତିକି ଭାଙ୍ଗିଛି ତା'ର ହିସାବ ମଧ୍ୟ ଏଯାଏ ସରକାର କରିପାରୁନାହାନ୍ତି। ନଡିଆ ଚାଷୀଙ୍କୁ ସରକାର ସହାୟତା ଦେବାକୁ ଯୋଜନା କରୁଛନ୍ତି। ସେହିପରି ନଡିଆ ଚାଷ ବୃଦ୍ଧି କରିବା ସକାଶେ ନୂଆ ନୂଆ ଯୋଜନା କରାଯାଉଥିଲେ ମଧ୍ୟ ବ୍ୟାପକ ସଚେତନତା ସୃଷ୍ଟି କରାଯାଉ ନ ଥିବାରୁ ଚାଷୀ ଏହାର ଲାଭ ପାଇପାରୁନାହିଁ। ସେହିପରି ଫନୀ ସହାୟତା ପ୍ରଦାନରେ ପାତରଅନ୍ତର କରାଯାଉଥିବା ଅଭିଯୋଗ ହୋଇଛି।

ରାଜ୍ୟ ସରକାର ଏବଂ ସିଡିବି(ନାରିକେଳ ଉନ୍ନୟନ ବୋର୍ଡ) ପକ୍ଷରୁ ନଡିଆ ଚାଷ ପାଇଁ ଏକ ସ୍ୱତନ୍ତ୍ର ଯୋଜନା କରାଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷ ମଧ୍ୟରେ ଅଧିକ ୫୬୩.୫ ହେକ୍ଟର ଜମିରେ ନଡିଆ ଚାଷ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏଥିପାଇଁ ବଜେଟରେ ରାଜ୍ୟ ସରକାର ୧୦୯ଲକ୍ଷ ଟଙ୍କା ବ୍ୟୟ ବରାଦ କରିଛନ୍ତି। ଗୋଟିଏ ହେକ୍ଟର ଚାଷ ଜମିରେ ମୋଟ ୧୭୫ଟି ଲେଖାଏ ନଡିଆ ଗଛ ଲଗାଇବାକୁ ସରକାର ସବ୍‌ସିଡି ବ୍ୟବସ୍ଥା କରିଛନ୍ତି। ହେକ୍ଟର ପିଛା ୨୪ହଜାର ଟଙ୍କା ସବ୍‌ସିଡି ସରକାର ପ୍ରଦାନ କରିବେ। ଚାଷୀମାନେ ନିଜ ହାତରୁ ଗଛ କିଣି ଲଗାଇବାପରେ ଏହି ଅର୍ଥ ଦୁଇଟି ପର୍ଯ୍ୟାୟରେ ଚାଷୀଙ୍କୁ ମିଳିବ। ପ୍ରଥମ ବର୍ଷ ସବ୍‌ସିଡି ବାବଦକୁ ୧୭,୫୦୦ଟଙ୍କା ରାଜ୍ୟ ସରକାର ପ୍ରଦାନ କରୁଥିବା ବେଳେ ଦ୍ୱିତୀୟ ବର୍ଷ ସିଡିବି ପକ୍ଷରୁ ୬ ହଜାର ୫୦୦ଟଙ୍କା ପ୍ରଦାନ କରାଯାଉଛି। ମାତ୍ର ଜଣେ କୃଷି ଅଧିକାରୀଙ୍କ କହିବାନୁଯାୟୀ ଏହି ଯୋଜନାରୁ ଚାଷୀ ଲାଭ ଉଠାଇପାରୁନାହାନ୍ତି। ଏନେଇ ଯଦି ବ୍ୟାପକ ପ୍ରଚାର କରାଯାଇପାରନ୍ତା ତେବେ ଚାଷୀ ସୁବିଧା ପାଆନ୍ତେ। ଅନ୍ୟପଟେ ରାଜ୍ୟ ସରକାର ନଡିଆ ଚାଷ ପାଇଁ ଆଉ ଏକ ସ୍ୱତନ୍ତ୍ର ଯୋଜନା କରିଛନ୍ତି। ଫନୀ ପରେ କ୍ଷତିଗ୍ରସ୍ତଙ୍କୁ ସ୍ୱତନ୍ତ୍ର ସାହାଯ୍ୟ ଯୋଗାଇବା ଲାଗି ସିଡିବି(କୋକୋନଟ୍ ଡେଭଲପମେଣ୍ଟ ବୋର୍ଡ) ଯୋଜନା କରିଛି। ଫନୀ ପ୍ରଭାବିତ ୬ ଜିଲା ପାଇଁ କୃଷି ବିଭାଗକୁ ମୋଟ ୨୯ କୋଟି ଟଙ୍କା ଦେବା ଲାଗି ସିଡିବି ଘୋଷଣା କରିଛି। ଏଥିରୁ ବର୍ତ୍ତମାନ ପର୍ଯ୍ୟନ୍ତ ମୋଟ କୃଷି ବିଭାଗକୁ ସିଡିବି ପକ୍ଷରୁ ୭ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହାଦ୍ୱାରା ଫସଲ ନଷ୍ଟ ହୋଇଥିବା ଅଞ୍ଚଳର ପୁନରୁଦ୍ଧାର ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଯୋଜନାରେ ଜଣେ ଚାଷୀଙ୍କୁ ୩୨ଟି ଗଛ କାଟିବା ପାଇଁ ଗୋଟାକୁ ୧ହଜାର ଟଙ୍କା ହିସାବରେ ସହାୟତା ମିଳିବ। ସେହି ସ୍ଥାନରେ ମୋଟ ୧୦୦ଟି ଗଛ ଲଗାଇବାକୁ ଗୋଟିଏ ଗଛ ପିଛା ୪୦ଟଙ୍କା ହିସାବରେ ୪ ହଜାର ଟଙ୍କା ଦିଆଯିବ। ମାତ୍ର ଏ ପର୍ଯ୍ୟନ୍ତ କେତେଜଣ ଫନୀ ପ୍ରଭାବରେ ଶାକାର ହୋଇଥିବା ଚାଷୀ ଏହାର ଲାଭ ପାଇଲେଣି ସେ ନେଇ ସରକାର ଏ ପର୍ଯ୍ୟନ୍ତ ତଥ୍ୟ ପ୍ରସ୍ତୁତ କରିପାରିନାହାନ୍ତି।

### ସୁଫଳ ପାଇପାରୁ ନାହାନ୍ତି ଚାଷୀ



ପୁରୀ ଜିଲା ବାଲିଗୋରଡି ଗାଁର ନଡିଆ ଚାଷୀ ଭଗବାନ ସାହୁ କହିଛନ୍ତି, ସରକାର ନଡିଆ ଗଛ ଭାଙ୍ଗିଲେ ୨୫ଟା ଗଛ ପାଇଁ ଟଙ୍କା ମିଳିବ କହିଛନ୍ତି, ମିଳିନାହିଁ। ଯଦି ଗଛ କାଟିବା ଏବଂ ସେହି ସ୍ଥାନରେ ଗଛ ପୋତିବା ଲାଗି ସରକାର ଟଙ୍କା ଦେଉଛନ୍ତି ତେବେ ଭଲ କଥା। ଏ ବିଷୟରେ ଟିକେ ମାତ୍ର ଖବର ଆମ ପାଖରେ ନାହିଁ। ଯଦି ଏହି ଯୋଜନା ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଯାଆନ୍ତା ତେବେ ବହୁଲୋକ ଉପକୃତ ହୋଇପାରନ୍ତେ ବୋଲି ସେ କହିଛନ୍ତି। ସେହିପରି ଚାଷୀ ସୁବୋଧ ମିଶ୍ର କହିଛନ୍ତି, ବାତ୍ୟା ଯୋଗୁ ବହୁତଗୁଡିଏ ଗଛ ଭାଙ୍ଗିଗଲା। ବାତ୍ୟାକୁ ୬ମାସ ପୂରଣ ହେଲାପରେ ମଧ୍ୟ ଏ ପର୍ଯ୍ୟନ୍ତ ସରକାରଙ୍କ ଉପରୋକ୍ତ ଯୋଜନା ସମ୍ପର୍କରେ କିଛି ଜାଣିନାହୁଁ। ବର୍ତ୍ତମାନ ଗଛ ସଫା କରି ନୂଆ ଗଛ ପୋତିବାକୁ ଟଙ୍କା ଦେବା କଥା କହିଲେ କ'ଣ ହେବ। ଆମେମାନେ ତ ବହୁ କଷ୍ଟରେ ଟଙ୍କା ଯୋଗାଡ କରି ବାତ୍ୟା ସମୟରେ ଭାଙ୍ଗିଯାଇଥିବା ଗଛ ସଫା କଲୁ। କେବଳ ଚାଷୀଙ୍କୁ ସହାୟତା ଦେବା ନାଁରେ ହରିଲୁଟ କରିବାକୁ ଏହି ଯୋଜନା ବୋଲି ସେ କହିଛନ୍ତି।

ଫନୀ ପ୍ରଭାବିତ ଉପରୋକ୍ତ ୬ ଜିଲାରେ ନଷ୍ଟ ହୋଇଥିବା ନଡିଆ ଚାଷୀଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏଥିପାଇଁ ୫୦ କୋଟି ଟଙ୍କା କୃଷି ବିଭାଗକୁ ଦିଆଯାଇଛି। ବ୍ଲକସ୍ତରର ଅଧିକାରୀମାନେ ନଷ୍ଟ ହୋଇଥିବା ନଡିଆ ଚାଷୀଙ୍କ ତାଲିକା ପ୍ରସ୍ତୁତ କରିବାପରେ ସହାୟତା ବାବଦ ଅର୍ଥ ଲୋକଙ୍କୁ ଦିଆଯାଉଛି। ମିଳିଥିବା ସୂଚନା ମୁତାବକ ଗତ ୩ ତାରିଖ ସୁଦ୍ଧା ମୋଟ ୩୪କୋଟି ୬୭ଲକ୍ଷ ୭୬ ହଜାର ୫୦୦ଟଙ୍କା ଏ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତଙ୍କୁ ପ୍ରଦାନ ସରିଛି। ପୁରୀର ସର୍ବାଧିକ ୧ଲକ୍ଷ ୨୭ହଜାର କ୍ଷତିଗ୍ରସ୍ତଙ୍କ ମଧ୍ୟରୁ ୭୯ହଜାର ୯୩୫ଜଣଙ୍କୁ ୩୨କୋଟି ୧୪ଲକ୍ଷ ୫୮ ହଜାର ୫୦୦ଟଙ୍କା ଦିଆସରିଛି। ମାତ୍ର କେନ୍ଦ୍ରାପଡା ଏବଂ କଟକ ଅଞ୍ଚଳର କ୍ଷତିଗ୍ରସ୍ତଙ୍କୁ ଏ ପର୍ଯ୍ୟନ୍ତ ସହାୟତା ଦିଆଯାଇନାହିଁ। କଟକର ୭,୧୭୮ ଏବଂ କେନ୍ଦ୍ରାପଡାର ୪୭୭ଜଣ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରାଯାଇଛି। ଜଣେ ଚାଷୀଙ୍କୁ ସର୍ବାଧିକ ୨୫ଟି ନଡିଆ ଗଛ ପାଇଁ ଗୋଟାଏ ପିଛା ୫୦୦ଟଙ୍କା ଲେଖା ସହାୟତା ଦିଆଯାଉଛି। ତେବେ ସହାୟତା ମିଳିବାରେ ବିଳମ୍ବ ହେବାକୁ ନେଇ ୪ଟି ମୁଖ୍ୟ କାରଣ ଦର୍ଶାଯାଇଛି। ଫନୀ ପରେ ଚାଷୀମାନେ ବ୍ୟାଙ୍କରେ ସେମାନଙ୍କ ଆକାଉଣ୍ଟ ଡିଟେଲସ୍ ନ ଦେଇପାରିବା, କମ୍ ସଂଖ୍ୟାରେ କମ୍ପ୍ୟୁଟର ଏବଂ କର୍ମଚାରୀ ରହିବା ଯୋଗୁ ସମ୍ପୂର୍ଣ୍ଣ ତାଲିକା ଅପଡେଟ୍ ନ ହେବା, ଡାଟାଏଣ୍ଟ୍ରି ଅପରେଟର ଭୁଲ୍ ତଥ୍ୟ ଦେବା, ଗୋଟିଏ ଜମି ପଟ୍ଟା ଏବଂ ଗଛର ତାଲିକା ଏକାଧିକ ବ୍ୟକ୍ତି ଦେବା ଯୋଗୁ ସହାୟତା ଦେବାରେ ବିଳମ୍ବ ହେଉଥିବା ମଧ୍ୟ ଦର୍ଶାଯାଇଛି। ମାତ୍ର ଚାଷୀଙ୍କ ଅଭିଯୋଗ ସହାୟତା ପ୍ରଦାନ କ୍ଷେତ୍ରରେ ବ୍ୟାପକ ପାତରଅନ୍ତର ଚାଲିଛି। ପ୍ରକୃତ ଚାଷୀଙ୍କୁ ଟଙ୍କା ମିଳୁ ନ ଥିବା ମଧ୍ୟ ଅଭିଯୋଗ ଆସିବାରେ ଲାଗିଛି। ଅନ୍ୟପଟେ ଜଣେ ସରକାରୀ ଅଧିକାରୀଙ୍କ କହିବାନୁଯାୟୀ, ନଡିଆ ଚାଷ କରିବାକୁ ଉପରିସ୍ଥ ଅଧିକାରୀମାନେ ବହୁତ ପ୍ରକାର ଯୋଜନା କରୁଛନ୍ତି କିନ୍ତୁ ସେନେଇ ଚାଷୀଙ୍କୁ ଯୋଜନା ସମ୍ପର୍କରେ ଅବଗତ କରାଇବାରେ ସକ୍ଷମ ହେଉନାହାନ୍ତି। ଧାନ ଚାଷ କରିବାକୁ ଚାଷୀଙ୍କୁ ସରକାର ଯେତିକି ଅବଗତ କରାଉଛନ୍ତି ଯଦି ନଡିଆ ଚାଷ ପାଇଁ ସେତିକି ଗୁରୁତ୍ୱ ଦେବେ ତେବେ ଲୋକଙ୍କ ମଧ୍ୟରେ ଆଗ୍ରହ ବଢ଼ିବ।






## ନଦୀରୁ ୩ ରୁପା ମୂର୍ତ୍ତି ଉଦ୍ଧାର



ଉଦ୍ଧାର ହୋଇଥିବା ରୂପା ମୂର୍ତ୍ତି।

ବାଲୁଗାଁ,୨୦।୧୦(ଡି.ଏନ.ଏ.)

ବାଲୁଗାଁ ନିକଟ ଛେଡାପଦରସ୍ଥିତ ଶାଳିଆ ନଦୀର ଝିଞ୍ଜିରି ଶଙ୍ଖଠାରୁ ରବିବାର ୩ ରୁପା ନିର୍ମିତ ମୂର୍ତ୍ତି ଉଦ୍ଧାର ହୋଇଛି। ନୂଆ ଭଳି ଲାଗୁଥିବା ମୂର୍ତ୍ତିଗୁଡିକ ପାଣିରୁ ଉଦ୍ଧାର ହେବା ସମସ୍ତଙ୍କୁ ଚକିତ କରିଛି । ପ୍ରକାଶ ଯେ, ରବିବାର ସକାଳେ ସବୁଦିନ ଭଳି ଗବପଦର ଗ୍ରାମର ଧୀବର ଜଗବନ୍ଧୁ ଜାଲି ମାଛ ମାରିବା ନିମନ୍ତେ ଜାଲ ନେଇ ଉକ୍ତ ଶଙ୍ଖଠାରେ ଖନ୍ଦା ବସାଇଥିଲେ। ପୂର୍ବାହ୍ନ ୧୦ଘଟିକା ସମୟରେ ସେ ଜାଲ ଉଠାଇବା ବେଳେ ତାଙ୍କ ଗୋଡ଼ରେ ଏକ ସିମେଣ୍ଟ ଅଖା ବାଜିଥିଲା। ତାହାକୁ ସେ ଉଠାଇ ଦେଖିବାରୁ ସେଥିରେ ଶିବ, ଦୁର୍ଗା ଓ ରାଧାକୃଷ୍ଣଙ୍କ ୩ଟି ରୁପା ମୂର୍ତ୍ତି ଥିବା ଜାଣିଥିଲେ। ମୂର୍ତ୍ତିଗୁଡ଼ିକର ଉଚ୍ଚତା ୧ଫୁଟରୁ ଅଧିକ ହୋଇଥିବା ବେଳେ ଓଜନ ପ୍ରାୟ ୨କିଲୋଗ୍ରାମରୁ ଅଧିକ ହେବ। ସଙ୍ଗେ ସଙ୍ଗେ ସେ ଗ୍ରାମକୁ ଆସି ଗାଁ ମୁଖିଆ ହଟକିଶୋର ଜାଲି ଓ ଅନ୍ୟ ଗ୍ରାମବାସୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଖବର ପ୍ରଚାରିତ ହେବା ପରେ ମୂର୍ତ୍ତିଗୁଡ଼ିକୁ ଦେଖିବା ପାଇଁ ସେଠାରେ ଲୋକଙ୍କ ଭିଡ଼ ଜମି ଯାଇଥିଲା । ମୂର୍ତ୍ତିଗୁଡ଼ିକର ପ୍ରମାଣ ମିଳିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଫେରାଇ ଦିଆଯିବ ନଚେତ୍ ଯଦି କେହି ଦାବିଦାର ନ ଥିବେ ତେବେ ଗ୍ରାମରେ ଥିବା ଶୈବପୀଠ ଶ୍ରୀ ଶ୍ରୀ ବାଙ୍କନିଧି ଦେବଙ୍କ ମନ୍ଦିରରେ ରଖାଯାଇ ପୂଜାର୍ଚ୍ଚନା କରାଯିବ ବୋଲି ଗାଁ ମୁଖିଆ ଜାଲି ପ୍ରକାଶ କରିଛନ୍ତି ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ




ଆୟୁଶ୍ରୀ ଦାଶ




ଏସ୍.ଏସ୍. ଅଙ୍କିତ୍

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଜି କ୍ୟାବିନେଟ୍ ବୈଠକ

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ। କ୍ୟାବିନେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ୧୨ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଏଥର କ୍ୟାବିନେଟ୍‌ରେ ପଞ୍ଚାୟତିରାଜ ବିଭାଗର ୩ଟି ପ୍ରସ୍ତାବ, ରାଜସ୍ୱ ବିଭାଗର ଗୋଟିଏ ପ୍ରସ୍ତାବ, ପୂର୍ତ୍ତ ବିଭାଗର ଦୁଇଟି ପ୍ରସ୍ତାବ, ଆଇନ ବିଭାଗର ଗୋଟିଏ ପ୍ରସ୍ତାବ ଉପରେ ମୋହର ବାଜିବ ବୋଲି ଜଣାପଡିଛି। ଅନ୍ୟପଟେ ରାଜ୍ୟ ସରକାର ମାଗଣାରେ ଜାତିଗତ ଓ ଆୟକର ପ୍ରମାଣପତ୍ର ଦେବାକୁ ଯୋଜନା କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଏନେଇ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମିଳିଥିବା ସୂଚନା ମିତାବକ ରାଜ୍ୟ ସରକାର ଜାତିଗତ ଓ ଆୟକର ପ୍ରମାଣପତ୍ର ପାଇଁ ଆବେଦନ ଫି ଏବଂ ୟୁଜର୍ସ ଫି ସମ୍ପୂର୍ଣ୍ଣଭାବେ ଉଚ୍ଛେଦ କରିବା ଲାଗି ଯୋଜନା କରିଛନ୍ତି। ଅନୁସୂଚିତ ଜାତି ଓ ଜନଜାତି, ଏସ୍‌ଇବିସି ଏବଂ ଓବିସି ବର୍ଗଙ୍କୁ ଏଥିଲାଗି ଆଉ ଫି ଦେବାକୁ ପଡିବ ନାହିଁ। ଏ ସମ୍ପର୍କିତ ପ୍ରସ୍ତାବ ଉପରେ କ୍ୟାବିଟେନ୍ ମଞ୍ଜୁରୀ ମିଳିପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

## ମହିଳା ଆଇନଜୀବୀଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୨୦।୧୦ (ଡି.ଏନ୍.ଏ.)



- ଭଡ଼ା ଘରୁ ଝୁଲନ୍ତା ମୃତଦେହ ଉଦ୍ଧାର କଲା ପୋଲିସ
- ପ୍ରେମିକ ଫେରାର: ରହସ୍ୟ ବଢ଼ାଇଲା ଶଙ୍ଖା, ସିନ୍ଦୁର
- ହତ୍ୟା କରାଯାଇଥିବା ଆଶଙ୍କା କଲେ ପରିବାର

ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ବିଜୟବିହାରସ୍ଥିତ ଏକ ଭଡ଼ାଘରୁ ଜଣେ ମହିଳା ଆଇନଜୀବୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ରବିବାର ଉଦ୍ଧାର କରିଛି। ସେ ହେଲେ ଭଦ୍ରକ ମେରାଇନ ଥାନା ଚୂଡାମଣି ଗାଁର ଦୀପାଳି ପ୍ରିୟଦର୍ଶିନୀ ଜେନା(୨୯)। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୧୬/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଆତ୍ମହତ୍ୟା ବୋଲି ପୋଲିସ ସନ୍ଦେହ କରୁଛି। ହେଲେ ତାଙ୍କ ସହ ଥିବା ପୁରୁଷ ବନ୍ଧୁ ଫେରାର ହେବା ଓ ଦୀପାଳି ଅବିବାହିତ ଥିବାବେଳେ ହାତରେ ଶଙ୍ଖା ଓ ମଥାରେ ସିନ୍ଦୂର ରହିଥିବାରୁ ଘଟଣାକୁ ରହସ୍ୟାବୃତ୍ତ କରିଦେଇଛି। ଅନ୍ୟପକ୍ଷରେ ପୁରୁଷ ବନ୍ଧୁ ବା ପ୍ରେମିକ ହିଁ ତାଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ପରିବାର ଲୋକେ ସନ୍ଦେହ କରୁଛନ୍ତି।

ପୋଲିସ ସୂଚନାନୁଯାୟୀ, ଦୀପାଳି ଲିଙ୍ଗିପୁର ବିଜୟବିହାରସ୍ଥିତ ଫ୍ଲଟ୍ ନଂ.ସି/୩/୨ରେ ଥିବା ଘରକୁ ଭଡ଼ା ନେଇ ମା' ଓ ସାନଭଉଣୀଙ୍କ ସହ ରହୁଥିଲେ। ସେ ଭୁବନେଶ୍ୱର ବାରର ସଦସ୍ୟ ହୋଇ ନ ଥିଲେ ମଧ୍ୟ ନିୟମିତ କୋର୍ଟକୁ ଆସି ପ୍ରାକ୍ଟିସ୍ କରୁଥିଲେ। ତେବେ ଦୀପାଳି ଭଦ୍ରକରେ ଥିବାବେଳେ ବାଲେଶ୍ୱର ସିମୁଳିଆର ବ୍ୟବସାୟୀ ବିକ୍ରମ କେଶରୀ ମିଶ୍ରଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢି ଉଠିଥିଲା। ମଝିରେ ମଝିରେ ବିକ୍ରମ ଦୀପାଳି ରହୁଥିବା ଲିଙ୍ଗିପୁରସ୍ଥିତ ଭଡାଘରକୁ ଆସୁଥିଲେ। ଉଭୟ ପରିବାର ସେମାନଙ୍କ ପ୍ରେମସମ୍ପର୍କ ବିଷୟରେ ଜାଣିବା ପରେ ବିବାହ ପାଇଁ କଥାବାର୍ତ୍ତା ହୋଇଥିଲେ। ନିକଟରେ ଉଭୟଙ୍କ ବିବାହ ହୋଇଥାନ୍ତା। ସେଥିପାଇଁ ଦୀପାଳିଙ୍କ ମା' ଗାଁକୁ ଯାଇଥିଲେ ଓ ଘରେ ତାଙ୍କ ସହ ସାନଭଉଣୀ ଥିଲେ। ଶନିବାର ଅପରାହ୍ନ ୫ଟାରେ ପ୍ରେମିକ ବିକ୍ରମ ହଠାତ୍ ପହଞ୍ଚିବାରୁ ସାନଭଉଣୀ ତା'ର ସାଙ୍ଗଙ୍କ ସହ ପଳାଇ ଯାଇଥିଲେ। ରାତି ପ୍ରାୟ ୧୨ଟା ୩୦ରେ ବିକ୍ରମ ସାନଭଉଣୀଙ୍କୁ ଫୋନ୍ କରି ଦୀପାଳି ଘର ଭିତରପଟୁ କବାଟ ବନ୍ଦ କରି ଦେଇଥିବା କହିଥିଲେ। ତୁରନ୍ତ ସେ ଘରେ ପହଞ୍ଚିବା ବେଳକୁ ବିକ୍ରମ ନ ଥିଲେ। ତେବେ ଭିତରପଟୁ ବନ୍ଦ ଥିବା କବାଟ ବାଡେଇଥିଲେ ମଧ୍ୟ ନ ଖୋଲିବାରୁ ପଡୋଶୀ ଓ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚିବା ପରେ କବାଟକୁ ତଡ଼ାଯାଇଥିଲା। ଦୀପାଳି ବେକରେ କପଡ଼ା ବାନ୍ଧି ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ତାଙ୍କ ନାକ ଓ ପାଟିରୁ ରକ୍ତ ବାହାରୁଥିଲା। ପୋଲିସ ମୃତଦେହ ଜବତ କରି ଖୋଳତାଡ଼ ଆରମ୍ଭ କରିଥିଲା।

ଅପରାହ୍ନ ୫ରୁ ରାତି ୧୨ ମଧ୍ୟରେ ଏମିତି କ'ଣ ଘଟିଲା ଯେ ଦୀପାଳି ଆତ୍ମହତ୍ୟା କଲେ। ପ୍ରେମିକ ବିକ୍ରମ ଧରାପଡିଲେ ଘଟଣାର ପ୍ରକୃତ କାରଣ ଜଣାପଡିବ। ଅନ୍ୟପକ୍ଷରେ ବାହାଘର ପୂର୍ବରୁ ଦୀପାଳି କାହିଁକି ସିନ୍ଦୂର ଓ ଶଙ୍ଖା ପିନ୍ଧିଥିଲେ ତାହାକୁ ନେଇ ମଧ୍ୟ ପୋଲିସ ତଦନ୍ତକୁ ଆଗକୁ ବଢ଼ାଇଛି। କିନ୍ତୁ ଦୀପାଳିଙ୍କ ମୃତ୍ୟୁ ଘଟଣାକୁ ପରିବାର ଲୋକେ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି। ଭାଇ ବିଶ୍ୱରଞ୍ଜନ ଜେନା କହିଛନ୍ତି, ଭଉଣୀ ଆତ୍ମହତ୍ୟା କରିଥିବେ ବୋଲି ବିଶ୍ୱାସ ହେଉନି। ଠିକ୍ ତଦନ୍ତ କରାଯାଇ ସତ୍ୟାସତ୍ୟ ବାହାର କରାଯାଉ। ଭୁବନେଶ୍ୱର ବାର୍ ଆସୋସିଏଶନ ସମ୍ପାଦକ ବିଶ୍ୱ ନାରାୟଣ ମହାନ୍ତି କହିଛନ୍ତି, ପୋଲିସ ଗୁରୁତ୍ୱର ସହ ଉପଯୁକ୍ତ ତଦନ୍ତ କରୁ। ଯଦି ଦୀପାଳି ଆତ୍ମହତ୍ୟା କରିଛନ୍ତି ବୋଲି ପୋଲିସ କହୁଛି ତାହାର କାରଣ ବି ପଦାକୁ ଆସୁ। ଧଉଳି ଥାନାଧିକାରୀ ଜୟଦେବ ବିଶ୍ୱଜିତ୍ କହିଛନ୍ତି, ଉଭୟଙ୍କ ଫୋନ୍ କଲକୁ ଯାଞ୍ଚ କରାଯାଉଛି। ଫେରାର ଥିବା ପୁରୁଷ ବନ୍ଧୁଙ୍କୁ ଧରିବାକୁ ଉଦ୍ୟମ ଚାଲିଛି। ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ସେ କହିଛନ୍ତି।

## ଓପିଜିସିରେ ନଭେମ୍ବରରୁ ସ୍ୱାଭାବିକ ହେବ କୋଇଲା ଯୋଗାଣ



ଭୁବନେଶ୍ୱର,୨୦।୧୦(ବ୍ୟୁରୋ): ଓପିଜିସିକୁ ନଭେମ୍ବର ପହିଲାରୁ କୋଇଲା ଯୋଗାଣ ସ୍ୱାଭାବିକ ହେବ । ଏସଂକ୍ରାନ୍ତରେ ଶକ୍ତି ସଚିବ ବିଷ୍ଣୁପଦ ସେଠୀ କେନ୍ଦ୍ରୀୟ କୋଇଲା ସଚିବ ଅନିଲ୍ ଜୈନଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। କନିକା ସାଇଡ୍ ଦେଇ ଓପିଜିସିକୁ କୋଇଲା ଯୋଗାଣ ନେଇ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ମହାନଦୀ କୋଲ ଲିଃ(ଏମ୍‌ସିଏଲ୍) ଏବଂ ରେଳବାଇ ମଧ୍ୟରେ ଚୁକ୍ତିନାମ ସ୍ୱାକ୍ଷର ହେବ ବୋଲି ଜଣାପଡିଛି। ନିକଟରେ ନୂଆଦିଲ୍ଲୀରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଏସମ୍ପର୍କିତ ନିଷ୍ପତ୍ତି ନିଆଯାଇଛି। ଝାରସୁଗୁଡ଼ା ଜିଲାର ବନହରପାଲିସ୍ଥିତ କୋଇଲା ଖଣିକୁ କେବଳ ଓପିଜିସିର ବ୍ୟବହାର ପାଇଁ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ସୁନ୍ଦରଗଡ଼ ଜିଲା ମନୋହରପୁର ଓ ଡିପ୍ ମନୋହରପୁର ସାଇଡ୍ କୋଇଲା ଖଣିକୁ ୨୦୧୫ରେ ଓପିଜିସିଏଲ୍‌କୁ ପ୍ରଦାନ କରାଯାଇଥିଲା। ସେହିପରି ବନହରପାଲିରୁ ଖନନ ସଂକ୍ରାନ୍ତୀୟ କେତେକ କଟକଣା ନିକଟ ଭବିଷ୍ୟତରେ ଉଠାଯିବ, ଏହା ଦ୍ୱାରା ପୂର୍ବାପେକ୍ଷା କୋଇଲା ଯୋଗାଣ ଆହୁରି ସ୍ୱାଭାବିକ ହେବ।

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଶଶିକାନ୍ତ



ସ୍ୱାଗତ



ଗୌରବ



ରମନ



ପତିତପାବନ



ଶିବ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

ପ୍ରଦୂଷଣ ମୁକ୍ତ ବଲାଙ୍ଗୀର ଗଠନ ଲକ୍ଷ୍ୟ

# ମାହେଶ୍ୱରୀ ସଙ୍ଗଠନର ସାଇକେଲ ରାଲି

**ବଲାଙ୍ଗୀର ଅଫିସ, ୨୦।୧୦**

ପ୍ରଦୂଷଣ ମୁକ୍ତ ବଲାଙ୍ଗୀର ଗଠନ ଲକ୍ଷ୍ୟ ନେଇ ସ୍ୱେଚ୍ଛାସେବୀ ସଂଗଠନ ମାହେଶ୍ୱରୀ ପକ୍ଷରୁ ରବିବାର ସକାଳେ ଏକ ସାଇକେଲ ରାଲିର ଆୟୋଜନ କରାଯାଇଥିଲା । ରାଲି ଭାରତୀୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରୁ ବାହାରି ଗାନ୍ଧୀ ଛକ, ଡେଲିମାର୍କେଟ, ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର, ପାଟଣା ହୋଟେଲ ଛକ ଦେଇ ପୁଣି ଷ୍ଟେଟ ବ୍ୟାଙ୍କରେ ପହଞ୍ଚିଥିଲା। ରାଲିରେ ୨ ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତି ସମ୍ମିଳିତ ଭାବେ ସାଇକେଲ ରାଲି କରି ବଲାଙ୍ଗୀରକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସଚେତନତା ସୃଷ୍ଟି କରିଥିଲେ। ର୍‌ୟାଲିକୁ ସାଇଟ୍ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ପତାକା ଦେଖାଇ ଆରମ୍ଭ କରିଥିଲେ। ରାଲିରେ ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ, ଭୂମିକା ପରିବାରର ବୀରେନ ବନଛୋର ଓ ଚିତ୍ତରଞ୍ଜନ ଦାଶ, କରଙ୍ଗାକଟା ବଞ୍ଚାଅ ସମିତି ତରଫରୁ ହେମନ୍ତ ପଣ୍ଡା ଓ ପ୍ରଶାନ୍ତ ମହାକୁର, ବଲାଙ୍ଗୀର ସିଟିଜନ କମିଟି ପକ୍ଷରୁ ବିଷ୍ଣୁ ପ୍ରସାଦ କେଡିଆ ଓ ଡ. ଚକ୍ରପାଣି ଦାଶ, ବିଡିଜିଏ କ୍ଲବ ପକ୍ଷରୁ ସଂଗ୍ରାମ ବହିଦାର ଏବଂ ମନୋଜ ଖଣ୍ଡୁଆଲ, ମାରୱାଡି ଯୁବା ମଞ୍ଚ ତରଫରୁ ବୀରେନ ଅଗ୍ରୱାଲ, ରାଜେଶ ଅଗ୍ରୱାଲ ଏବଂ ସଞ୍ଜୀବ ଅଗ୍ରୱାଲ, ୟୁଥ ଆକ୍ସନ କମିଟିର ବିନୋଦ କାଲସାଏ ଏବଂ ଗୋବିନ୍ଦ ଶତପଥୀ, ସତ୍ୟ ମିଶ୍ର, ଅସୀମ ଭୋଇ, ସୋମନାଥ ମିଶ୍ର, ବିବେକାନନ୍ଦ ପଟେଲ, ଦାଶ ଟୁଟିଆଲ, କେବିକେ ଆଇଟିଆ ଓ ମହାବୀର ସାଇକେଲ ଷ୍ଟୋରର ସଦସ୍ୟମାନେ ସାମିଲ ଥିଲେ। କାର୍ଯ୍ୟକ୍ରମକୁ ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ ଓ ସଭାପତି ଶୋଭନ କୁମାର ଅଗ୍ରୱାଲ ପରିଚାଳନା କରିଥିଲେ। ଅନୁଷ୍ଠାନ ଉପଦେଷ୍ଟା ଦିନେଶ ଶର୍ମା, ଲୋଟସ ଷଡଙ୍ଗୀ, ବ୍ୟାସଦେବ ନନ୍ଦ ଉପସ୍ଥିତ ଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭିକାରି କି କଥା କହନା
ମାଗିବ ସେ
ପିଲାଙ୍କୁ କଥା କହନା
ଲାଗିବ ସେ ।**

ଅଭାବ ଅନଟନରେ ରହିଥିବା ଦରିଦ୍ର ବ୍ୟକ୍ତିଙ୍କୁ ଟିକେ ସାହାଯ୍ୟ କଲେ ବା ସହାନୁଭୂତି ଦେଖାଇଲେ ସେମାନେ ପୁଣି ସାହାଯ୍ୟ ଆଶାରେ ଦ୍ୱାରସ୍ଥ ହୋଇଯାନ୍ତି। ସେହିପରି ବାଳୁତ ପିଲାକୁ ଟିକେ ସ୍ନେହ, ଆଦର ଦେଖାଇଲେ ସେମାନେ ନିଜର ଭାବି ଆହୁରି ଅଳି ଅଝଟ କରିବସିବା ସହ ପଛରେ ପଡ଼ିଯାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଭାଇ ବୋଲ ବନ୍ଧୁ ବୋଲ
ସମ୍ପଦର ସାକ୍ଷୀ
ଜୀବ ଯିବାବେଳେ ଏକା
ଗୋବିନ୍ଦ ସାରଥି ।**

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ପାଖରେ ଧନ ସମ୍ପତ୍ତି ଥିଲେ ସମସ୍ତେ ଆପଣାର ଭାବ ଦେଖାଇଥାନ୍ତି। ପରନ୍ତୁ ଧନ ସରିଗଲେ ଆଉ କେହି ମୁହଁକୁ ଚାହିଁ ନ ଥାନ୍ତି। ସମ୍ପର୍କ ରଖିବାକୁ ଉଚିତ ମଣି ନ ଥାନ୍ତି। ସେହିପରି ମଣିଷ ଯେତେବେଳେ ମୃତ୍ୟୁର ସନ୍ନିକଟ ହୁଏ ସେତେବେଳେ କେବଳ ଭଗବାନ ହିଁ ମଣିଷର ମୃତ୍ୟୁକାଳୀନ ସହାୟକ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଆଜି କ'ଣ କେଉଁଠି

**ନୂଆପଡା**

- ସହୀଦ ଦିବସ ଅବସରରେ ମାରାଥନ, ଜିଲା ପୋଲିସ କାର୍ଯ୍ୟାଳୟ, ସକାଳ ୬ଟା।
- ୭୦ତମ ପୋଲିସ ଶହୀଦ ଦିବସ, ରିଜର୍ଭ ପୋଲିସ ପଡିଆ, ସକାଳ ୮ଟା।

**କଣ୍ଟାବାଞ୍ଜି**

- ଇଣ୍ଟର କଲେଜ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ଓଁକାରମଲ ଖେଳ ଭବନ, ପୂର୍ବାହ୍ନ ୧୦ଟା।

**ସୁବର୍ଣ୍ଣପୁର**

- ପୋଲିସ ଶହୀଦ ଦିବସ ପାଳନ, ରିଜର୍ଭ ପୋଲିସ ପଡିଆ, ସକାଳ ୮ଟା।
- ଜିଲାସ୍ତରୀୟ ବିଶ୍ୱ ଆୟୋଡିନ ଅଭାବ ଜନିତ ରୋଗ ଦୂରୀକରଣ ଦିବସ ପାଳନ, ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଶିକ୍ଷଣ କେନ୍ଦ୍ର, ଅପରାହ୍ନ ୪ଟା ।

**ସମ୍ବଲପୁର**

- ବ୍ଲକସ୍ତରୀୟ ସ୍କୁଲ କ୍ରିକେଟ ପ୍ରତିଯୋଗୀତା, ହାୱା ମଇଦାନ, ପୂର୍ବାହ୍ନ ୯ଟା ।
- ଓଲିଭ ଲଜ୍ ଉଦଘାଟନ ଉତ୍ସବ, ନୟାପଡା, ସନ୍ଧ୍ୟା ୫ଟା ।

**କେସିଙ୍ଗା**

- ବ୍ଲକସ୍ତରୀୟ ଜିଲାପାଳଙ୍କ ଜନଶୁଣାଣି, କେସିଙ୍ଗା ପଞ୍ଚାୟତ ସମିତି ସଭାଗୃହ, ପୂର୍ବାହ୍ନ ସାଢ଼େ ୧୦ଟା ।

**ଦେବଗଡ଼**

- ଫୁଟବଲ ମ୍ୟାଚ୍, କଣ୍ଡଳ ଗ୍ରାମ ପଡ଼ିଆ, ଅପରାହ୍ନ ୩ଟା, ମନୋରଞ୍ଜନ କାର୍ଯ୍ୟକ୍ରମ ପରଦା ଚଳଚ୍ଚିତ୍ର ଏବଂ ଅପେରା, ରାତି ୯ଟା।
- ୬୫ତମ ରାଜ୍ୟସ୍ତରୀୟ ସ୍କୁଲ କବାଡ଼ି ଚାମ୍ପିୟନଶିପ ୨୦୧୯ର ପଞ୍ଚମ ଦିବସ ସମାରୋହ, ଇନ୍ଦିରାଗାନ୍ଧି ଷ୍ଟାଡ଼ିୟମ, ପୂର୍ବାହ୍ନ ୧୦ଟା ୩୦।

ଫାର୍ମାସିଷ୍ଟ ସେବା ସଂଘର ସାଧାରଣ ପରିଷଦ ବୈଠକ

# ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧାର ପାଇଁ ଜନଆନ୍ଦୋଳନ ଲୋଡା

**ବଲାଙ୍ଗୀର ଅଫିସ, ୨୦।୧୦**

ବଲାଙ୍ଗୀର ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷରେ ରବିବାର ଫାର୍ମାସିଷ୍ଟ ସେବା ସଂଘ ବଲାଙ୍ଗୀର ଶାଖାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଯୋଗ ଦେଇଥିଲେ। ବିଧାୟକ ମିଶ୍ର ବକ୍ତବ୍ୟ ରଖି ଫାର୍ମାସିଷ୍ଟଙ୍କ ନ୍ୟାଯ୍ୟ ଦାବି ଉପରେ ସୁଚିନ୍ତିତ ମନ୍ତବ୍ୟ ରଖିଥିଲେ। ଫାର୍ମାସିଷ୍ଟମାନଙ୍କୁ ଅଭିଜ୍ଞତା ଭିତ୍ତିରେ ପଦୋନ୍ନତି ବ୍ୟବସ୍ଥା ନ ଥିବା ଜାଣି କ୍ଷୋଭ ପ୍ରକାଶ କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟ ଖରାପ ଅଛି ଓ ତାର ଚିକିତ୍ସା ନିହାତି ଆବଶ୍ୟକ ବୋଲି ମତ ଦେଇଥିଲେ । ଚିକିତ୍ସା ବ୍ୟବସ୍ଥାରେ ସୁଧାର ଆଣିବାକୁ ହେଲେ ଜନ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ଫର୍ମାସିଷ୍ଟମାନେ ସ୍ୱାସ୍ଥ୍ୟସେବାରେ ମେରୁଦଣ୍ଡ ସଦୃଶ ବୋଲି କହିଥିଲେ। କେବିକେ ଅଞ୍ଚଳରେ କାର୍ଯ୍ୟ କରୁଥିବା ଡାକ୍ତରଙ୍କୁ ସରକାର ଲକ୍ଷାଧିକ ଟଙ୍କା ପ୍ରୋତ୍ସାହନ ପ୍ରଦାନ କରୁଥିବାବେଳେ ଅଞ୍ଚଳରେ କାର୍ଯ୍ୟରତ ଫାର୍ମାସିଷ୍ଟମାନଙ୍କୁ ପ୍ରୋତ୍ସାହନ ରାଶି ଦିଆଯାଉ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ସରକାର ମାଳ ମାଳ ଯୋଜନା କରୁଛନ୍ତି । ନିରାମୟ ଯୋଜନାରେ ଚିକିତ୍ସାଳୟରେ ଔଷଧ ନାହିଁ, ଯଦିଓ କିଛିଟା ଉପଲବ୍ଧ ରହୁଛି, ସେଗୁଡିକ ଅତି ନିମ୍ନମାନର ବୋଲି ସେ କହିଥିଲେ । ବୈଠକରେ ସଂଘ ସଭାପତି ରାଧାମାଧବ ମିଶ୍ର, ଚିଦାନନ୍ଦ ବେହେରା, ସାଧାରଣ ସମ୍ପାଦକ ରବୀନ୍ଦ୍ର ଜେନା, ଉପଦେଷ୍ଟା ଓ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଫାର୍ମାସିଷ୍ଟ ମାନେ ଉପସ୍ଥିତ ଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

!! ରଣ ରଣ ରଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

SEE COLOR DISPLAY CLASSIFIED
ON EVERY TUESDAY & FRIDAY

FINANCE
CASHBEN ଋଣ ନେଇ ଆସିଛି ସୁବର୍ଣ୍ଣ ସୁଯୋଗ
ଋଣ ପାଇବାର ସରଳ ରାସ୍ତା
କେବଳ ପ୍ୟାନ୍ କାର୍ଡ ଦ୍ୱାରା
ମାତ୍ର ୧% ସୁଧରେ ୨୦,୦୦୦-୨୦,୦୦,୦୦୦/- ପର୍ଯ୍ୟନ୍ତ
ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ
Plot No-14/524, Chandini Chowk, Kolkata
9614873540
8226890446

ଋଣ ଧମାକା !!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
MAHINDRA FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
95181-86720, 93069-59483
ADDRESS: T-51, GAUTAMPURI, DELHI

ଦୀପାବଳି ଧମାକା
କୁପନ୍ ବାହାରିଲେ 5 ଲକ୍ଷ ପର୍ଯ୍ୟନ୍ତ ପାଆନ୍ତୁ କିମ୍ବା ଋଣ ପାଇଁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ ଋଣର ସୁବିଧା ।
ସୁଧ 1% ବାର୍ଷିକ
ସବୁ ପ୍ରକାର ଋଣ ସୁବିଧା ପାଇଁ ଯୋଗାଯୋଗ କରନ୍ତୁ
ToofanFinance.in
7491845997
7079574972
New Ashok Nagar, East Delhi, Delhi

ଦୀପାବଳିର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
CAPITAL ONE FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9354297908
H.No. 12, Sohana Distt. Mohali

ଦୀପାବଳିର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି. REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9415512879
B-34/7 A Block Vijay Enclave, Bururi, New Delhi

DIWALI DHAMAKA
NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟୀ ଋଣ ଘରେବସି ପାଆନ୍ତୁ
କମ୍ ସୁଧ ଅଧିକ ରିହାତୀ।
ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9896736154
7988366521

ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
ଆପଣଙ୍କ ସ୍ୱପ୍ନଗୁଡ଼ିକୁ ସାକାର କରନ୍ତୁ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
72899-99543
72899-48952
SCO-106, Second Floor, Vishal Tower, Cannaught Place, Delhi.

FINANCE
ସରକାରୀ ଜନକଲ୍ୟାଣ ଯୋଜନା ଅନ୍ତର୍ଗତ ଦ୍ୱାରା ମାର୍କସିଟ, ସମ୍ପତି, ଆଧାରକାର୍ଡ, ବ୍ୟବସାୟ ଓ BPL, ବ୍ୟକ୍ତିଗତ ଋଣ (1ରୁ 90 Lakh) ପର୍ଯ୍ୟନ୍ତ ମାତ୍ର ୧୩୫୦/- ଟଙ୍କାରେ ୪୮ ଘଣ୍ଟାରେ ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
Ashoka Finance
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7900883466
8743042068

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

ASTROLOGY ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"ଯେଉଁମାନଙ୍କ ବିଚାର ବୁଦ୍ଧି ସବୁଠାରୁ କମ୍,
ସେଇମାନେ ହିଁ ସବୁଠାରୁ ବେଶି କଥା କୁହନ୍ତି।
- ପ୍ଲାଟୋ



## ସଂକ୍ଷେପରେ

### ମା'ଙ୍କ ଭୂମିକା ଉପରେ ଆଲୋଚନା

ସମ୍ବଲପୁର, ୨୦।୧୦ (ବ୍ୟୁରୋ) ସିର୍ଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ଶିଶୁ ବାଟିକାର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ସିଡିପିଓ ଭାରତୀ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମା'ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତି ଅଧକ୍ଷ ଡ. ଉତ୍ତମ ପ୍ରଧାନ, ସହ ପ୍ରଧାନ ଆଚାର୍ଯ୍ୟ ପିତାମ୍ବର ପ୍ରଧାନ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ହୋଇଥିଲା । ମୀନା କୁମାର ସାହା ଧନ୍ୟବାଦ ଅର୍ପଣ କରିଥିଲେ ।

### ଯୁବକଙ୍କ ଆତ୍ମହତ୍ୟା

ସମ୍ବଲପୁର, ୨୦।୧୦ (ବ୍ୟୁରୋ) ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ ମନ୍ଦଲିଆ ଝୁପୁଡି ପଡାର ରଞ୍ଜନ ମହାନନ୍ଦ (୨୪) ଶନିବାର ମଧ ରାତିରେ ଆତ୍ମହତ୍ୟା କରିଛନ୍ତି । ନିଜ ଶୋଇବା ଘରେ ସେ ଓଢ଼ଣୀରେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଏ ନେଇ କ୍ଷେତରାଜପୁର ଥାନାରେ କେସ୍ ନଂ. ୧୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ପ୍ଲାଷ୍ଟିକ ମୁକ୍ତ ସଚେତନତା ରାଲି

ସମ୍ବଲପୁର, ୨୦।୧୦ (ବ୍ୟୁରୋ)- ରେଙ୍ଗାଲି, ବସନ୍ତପୁର, ତାଲବ ପଞ୍ଚାୟତଠାରେ ପ୍ଲାଷ୍ଟିକ ମୁକ୍ତ ସଚେତନତା ରାଲି ରବିବାର ଅନୁଷ୍ଠିତ ହୋଇଯାଇଛି । ଆରଡବ୍ଲୁଏସଏସ ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ ଇଞ୍ଜିନିୟର ଆଶୁତୋଷ ଭଦ୍ରା, ଡିଏସ୍‌ଡବ୍ଲୁଓ ଗୀତାଞ୍ଜଳି ମହାପାତ୍ର, ମିଶନଶକ୍ତି ଆବାହିକା ମୀନତି ପାଣିଗ୍ରାହୀ ଯୋଗ ଦେଇ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

### ପାନ୍ଥନିବାସରେ 'ସେତୁ' ସ୍ୱନକ୍ଷତ୍ର ଦିବସ

ସମ୍ବଲପୁର, ୨୦।୧୦ (ବ୍ୟୁରୋ)- ସେତୁର ସ୍ୱନକ୍ଷତ୍ର ଦିବସ ରବିବାର ପାନ୍ଥ ନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରଫେସର କେଦାରନାଥ ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ଡ. ସନ୍ତୋଷ ଦାଶ ବିବରଣୀ ପାଠ କରିଥିଲେ । ପ୍ରଫେସର ନନ୍ଦ କିଶୋର ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଚଳିତ ମାସ ୨୫ ତାରିଖ ବୁଢ଼ାରଜାଠାରେ ହେବାକୁ ଥିବା ହାଇସ୍କୁଲ ସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା ଓ ନଭେମ୍ବର ୩ରେ ପ୍ରଫେସର ଘନଶ୍ୟାମ ଦାସ ସ୍ମାରକୀ ବକ୍ତୃତା ବିଷୟରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ରିତାରାଣୀ ମିଶ୍ରଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା । ଯୁଗ୍ମ ସମ୍ପାଦକ ହରିନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଉପସଭାପତି ଡ. ମୀନକେତନ ପାଠି, ଯୁଗ୍ମ ସମ୍ପାଦକ ଅଶୋକ ମିଶ୍ର, କୋଷାଧକ୍ଷ ରବିନାରାୟଣ ପଧାନ, ବିଦ୍ୟାର୍ଣ୍ଣ ପଣ୍ଡା ଆଲୋଚନାରେ ଭାଗ ନେଇଥିଲେ ।

### ବାଳ ବିକାଶ ଶୋଭାଯାତ୍ରା

ସମ୍ବଲପୁର, ୨୦।୧୦ (ବ୍ୟୁରୋ) ସତ୍ୟସାଇ ସେବା ସମିତି ପକ୍ଷରୁ ଜିଲାସ୍ତରୀୟ ବାଳ ବିକାଶ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହାପରେ ଭକ୍ତମାନେ ବିମାନରେ ସତ୍ୟସାଇ ବାବାଙ୍କ ଫଟୋଚିତ୍ର ନେଇ ସହର ପରିକ୍ରମା କରିଥିଲେ । ଜିଲା ସଭାପତି ଯୁବରାଜ ମୁନାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ସମ୍ବଲପୁର ଆବାହକ ମୋତିଲାଲ ଦୋରା, ବୁର୍ଲା ଆବାହକ ଅଶୋକ ସିଂ, ହୀରାକୁଦ ଆବାହକ ସୁନୀଲ ମୁଣ୍ଡା, ଚନ୍ଦ୍ର ବାହାଦୁର, ସୁମନ୍ତ ପଣ୍ଡା, ଦେବରାଜ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ଅବସରରେ ସମିତି ପକ୍ଷରୁ ସତ୍ୟସାଇ ବାବାଙ୍କ ଦିବ୍ୟତ୍ୱ ଘୋଷଣା ଦିବସ ମଧ ପାଳନ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ଅକ୍ଟୋବର ୨ରୁ ୨୦ ତାରିଖ ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ କରାଯାଇଥିଲା ।

■ ଭାରତ ବିକାଶ ପରିଷଦର ବୈଠକ

# କୀଟନାଶକ ଆମ ସ୍ୱାସ୍ଥ୍ୟ ହାନି କରୁଛି

**ସମ୍ବଲପୁର, ୨୦।୧୦ (ବ୍ୟୁରୋ)**

ମହାନଦୀ କ୍ଲବ ସଭା କକ୍ଷରେ ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖାର ବୈଠକ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଡା. ବିନୋଦ ବିହାରୀ ନାୟକଙ୍କ ଅଧକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ସୁରେଶ ଚନ୍ଦ୍ର ଦାନୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ମଣିଷର ସ୍ୱାସ୍ଥ୍ୟ ଚେତନା ଓ ଆତ୍ମ ବିଶ୍ୱାସ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । କମ୍ପାନୀ ଗୁଡିକର ଅପପ୍ରଚାରରେ ପ୍ରଭାବିତ ହୋଇ ଲୋକେ କୀଟନାଶକର ବହୁଳ ବ୍ୟବହାର କରୁଛନ୍ତି। ଏହା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ହାନି ହେଉଛି। ତେଣୁ ସବୁ ସ୍ତରରେ ସଚେତନତାର ଆବଶ୍ୟକତା ରହିଛି ବୋଲି ଏଥିରେ ମତ ପ୍ରକାଶ ପାଇଛି। ଶାଖା ସମ୍ପାଦକ ସତ୍ୟବ୍ରତ ପତି ସୂଚନା ପ୍ରଦାନ ଓ କରିବା ସହ ବିବରଣୀ ପାଠ କରିଥିଲେ । ଶିକ୍ଷାବିତ ଭକ୍ତପ୍ରସାଦ ନନ୍ଦ ମୁଖ୍ୟବକ୍ତାଙ୍କୁ ବୃକ୍ଷଚାରା ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଇଂ. ସତ୍ୟରଞ୍ଜନ ମହାପାତ୍ର, ଡା. ରାଜେନ୍ଦ୍ର ପଣ୍ଡା, ରବି ନାରାୟଣ ପଣ୍ଡା ସଦସ୍ୟତା ସଂକଳ୍ପ ପାଠ କରିଥିଲେ । ଜେ. ଗିରିଜା ଦେବୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ।



ସମ୍ବଲପୁର ମହାନଦୀ କ୍ଲବଠାରେ ଶିକ୍ଷାବିତ ଭକ୍ତ ପ୍ରସାଦ ନନ୍ଦ ରବିବାର ମୁଖ୍ୟବକ୍ତା ଡା. ପରେଶ ଚନ୍ଦ୍ର ଦାନୀଙ୍କୁ ବୃକ୍ଷଚାରା ଦେଇ ସ୍ୱାଗତ କରୁଛନ୍ତି ।

# ବାମରାରେ ଧୁମ୍‌ଧାମ୍‌ର ସହ ସରିଲା ମାଁ ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ

**ବାମରା, ୨୦।୧୦ (ଡି.ଏନ.ଏ.)**

ବାମରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ହାଇସ୍କୁଲ ପଡା ଗଜଲକ୍ଷ୍ମୀ ପୂଜା କମିଟିର ଭସାଣି ଧୁମ୍‌ଧାମ୍‌ର ସହ ଶେଷ ହୋଇଛି । ରଜାବନ୍ଧରୁ ପାଣି ଆଣି କଳସ ସ୍ଥାପନା ପରେ ୧୩ ତାରିଖରୁ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । ଦୀର୍ଘ ୭ ଦିନ ଧରି ପ୍ରତ୍ୟେହ ସକାଳ ଓ ସନ୍ଧ୍ୟାରେ ପୂଜା ଚାଲିବା ସହ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା । କେନ୍ଦ୍ରାପଡା ମାର୍ଗାଘାଇ ଅଞ୍ଚଳର ହୃଷିକେଶ ରଥ, ବ୍ରଜକିଶୋର ଦାଶ, ଜଗବନ୍ଧୁ ଦାଶ ପ୍ରମୁଖ ପୂଜାବିଧି କାର୍ଯ୍ୟ ସମ୍ପନ୍ନ କରିଥିଲେ । ଅବସରପ୍ରାପ୍ତ ରେଞ୍ଜ ଅଫିସର ପ୍ରଶାନ୍ତ ଶତପଥୀ ସ୍ତ୍ରୀ ପୁଷ୍ପମଣୀ ଶତପଥୀଙ୍କ ସହ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଭସାଣି ଉତ୍ସବରେ ଛତିଶଗଡର ୬୦ଜଣିଆ ଝୁମେର ଡ୍ୟାନ୍ସ, ସମ୍ବଲପୁରର ଟ୍ରଲି ଡ୍ୟାନ୍ସ, ମୁନ୍ଦ୍ରାଜୋରର ମିକ୍ସଚର ବ୍ୟାଣ୍ଡ ସହ ଗ୍ରାମର ଶତାଧିକ ଲୋକ ସାମିଲ ହୋଇଥିଲେ ।


ବାମରାରେ ରବିବାର ମା'ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ କରାଯାଇକଛି।

# ୧୫ଦିନ ଧରି ଚାଲିଥିବା ସ୍ୱତନ୍ତ୍ର ଏନଏସ୍‌ଏସ୍ ଶିବିର ଉଦ୍‌ଯାପିତ



ରବିବାର ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ଏନଏସଏସ ସଂଯୋଜକ ଡ. ବିଶ୍ୱମୋହନ ଜେନାଙ୍କ ସହ ପୁରସ୍କୃତ ଛାତ୍ରମାନେ ।

**ସମ୍ବଲପୁର, ୨୦।୧୦ (ବ୍ୟୁରୋ)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ପରିସରରେ ରବିବାର ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ୧୫ ଦିନ ବ୍ୟାପି ଏନଏସଏସ ଛାତ୍ରୀଛାତ୍ର ସାମାଜିକ, ଆର୍ଥିକ ସର୍ବେକ୍ଷଣ, ପ୍ରାଥମିକ ଚିକିତ୍ସା, ତମାଖୁ ନିରାକରଣ ଓ କ୍ୟାନସର, ଟ୍ରାଫିକ, ଖାଦ୍ୟ, ଚକ୍ଷୁ, ପ୍ଲାଷ୍ଟିକ ବର୍ଜନ, ଶିଶୁ ଅଧିକାର, ଶିଶୁ ବିବାହ, ସୁଲଭ ଶୌଚାଳୟ, ଯୁବାବସ୍ଥା, ନିଯୁକ୍ତି ସମ୍ପର୍କରେ ପିଲାକନ୍ଧେଇ ପଡାଠାରେ ସଚେତନତା କାର୍ଯ୍ୟକ୍ରମ କରିଥିଲେ । ଏନଏସଏସ ସଂଯୋଜକ ଡ. ବିଶ୍ୱମୋହନ ଜେନା ସ୍ୱାଗତ ଭାଷଣ ଦେଇଥିଲେ । କଲେଜ ଅଧକ୍ଷ ହରିଶଙ୍କର ସାହୁଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ମୁଖ୍ୟଅତିଥି, ଡିଏସ୍‌ପି ସୁଜାତା ପଣ୍ଡା ମୁଖ୍ୟବକ୍ତା, ରେଡିଓ ହୀରାଖଣ୍ଡ ନିର୍ଦ୍ଦେଶକ ବିକାଶ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଶେଷରେ ପି.କେ. ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ପରାମର୍ଶ

**ଚିପିଲିମା, ୨୦।୧୦ (ଡି.ଏନ.ଏ.)**

ଧନକଉଡା ବ୍ଲକ ବସନ୍ତପୁର ପଞ୍ଚାୟତ ରାଜୀବ ଭବନଠାରେ ପରିବେଶ ସୁରକ୍ଷା ତଥା ପ୍ଲାଷ୍ଟିକ ବର୍ଜନ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆରଡବ୍ଲୁଏସଏସ ନିର୍ବାହୀ ଯନ୍ତ୍ରୀ ଇଂ. ବିଭୁପ୍ରସାଦ ରାଉତରାୟ ଏଥିରେ ଅଧକ୍ଷତା କରିଥିଲେ। ପ୍ରୋଗ୍ରାମ ଅଫିସର ସବିତା ଦାସ, ସିଡିପିଓ ପୁଷ୍ପାଞ୍ଜଳି ମିଶ୍ର, ଆରଡବ୍ଲୁଏସଏସ କନିଷ୍ଠ ଯନ୍ତ୍ରୀ ଇଂ. ପ୍ରିୟରଞ୍ଜନ ଚୌଧୁରୀ, ବ୍ଲକ ପ୍ରଗତି ସହାୟକ ଜୟଦେବ ବରର୍ତ୍ତି, ସ୍ଥାନୀୟ ସରପଞ୍ଚ ଉଦୟ ମିର୍ଦ୍ଧା, ସମିତି ସଭ୍ୟା ଅଞ୍ଜଳି ଛନ୍ଦ, ଜିପିଟିଏ ରଞ୍ଜିତ ମହାରଣା ପ୍ରମୁଖ ଯୋଗ ଦେଇଥିଲେ । ପ୍ଲାଷ୍ଟିକ ବ୍ୟବହାର ପରିବେଶକୁ କିପରି ଭାବରେ ପ୍ରଦୂଷିତ କରୁଛି ସେ ନେଇ ଆଲୋଚନା କରି ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ଅତିଥିମାନେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ସ୍ୱୟଂ ସହାୟକ ଗୋଷ୍ଠୀ, ସ୍କୁଲ ଛାତ୍ରୀଛାତ୍ର, ସଂକୀର୍ତ୍ତନ୍ୟ ମଣ୍ଡଳୀ ଆଦି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

# ସ୍କୁଲସ୍ତରୀୟ ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ ପ୍ରତିଯୋଗିତା

**ସମ୍ବଲପୁର, ୨୦।୧୦ (ବ୍ୟୁରୋ)**

ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରଠାରେ ରବିବାର ଚିତ୍ରଗୁପ୍ତ କଲ୍ୟାଣ ସଂଘ ପକ୍ଷରୁ ସ୍କୁଲସ୍ତରୀୟ ଚିତ୍ରାଙ୍କନ, ବକ୍ତୃତା ଓ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ । ବକ୍ତୃତାରେ ବୈଷ୍ଣବୀ ଯାଦବ ପ୍ରଥମ, ଗ୍ଲୋରି ବାବୁ ଦ୍ୱିତୀୟ, ଇଶିତା ହୋତା ତୃତୀୟ ସ୍ଥାନ ଅଧିକାର କରିଥିଲେ । ସତ୍ୟନାରାୟଣ ଠାକୁର, ଈଶ୍ୱର ପ୍ରସାଦ ନନ୍ଦ ଓ ରତନ ବହିଦାର ବିଚାରକ ଥିଲେ। ସେହିପରି ସଂଗୀତ ପ୍ରତିଯୋଗିତାରେ ସ୍ମୃତି ମିଶ୍ର, ବିନୟ ରାୟ ଓ ପ୍ରିୟାଂଶୁ ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସଂଗୀତରେ ବିଚାରକ ଭାବେ କାହ୍ନୁକେଶବ ବହିଦାର, ସନ୍ତୋଷ କୁମାର ମିଶ୍ର, ଅନଙ୍ଗ ସାଏଦେଓ ଓ ମୀନାକ୍ଷୀ ମିଶ୍ର ଯୋଗ ଦେଇଥିଲେ । ଆୟୋଜକ ଅନୁଷ୍ଠାନ ସମ୍ପାଦକ ଅଖିଳ ରଞ୍ଜନ ପଟ୍ଟନାୟକଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଡ. ପରେଶ ଦାନୀ, ସୁକାନ୍ତ ବହିଦାର, ସ୍ୱରୂପ ପଟ୍ଟନାୟକ, ମନୋବଧ ତ୍ରିପାଠୀ, ମିଳନ ସାହାଣୀ ପ୍ରମୁଖ ସହଯୋଗ କରିଥିଲେ । ଚଳିତ ମାସ ୩୦ ତାରିଖ ଚିତ୍ରଗୁପ୍ତ କଲ୍ୟାଣ ସଂଘର ବାର୍ଷିକ ଉତ୍ସବରେ କୃତୀ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯିବ।


ରବିବାର ସମ୍ବଲପୁର ଚିତ୍ରଗୁପ୍ତ କଲ୍ୟାଣ ସଂଘ ଦ୍ୱାରା ଆୟୋଜିତ ସଂଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ବିଚାରକଙ୍କ ସହ ।

# ଭୀମ ଭୋଇ କଲେଜ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

**ରେଢାଖୋଲ,୨୦।୧୦(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ଭୀମ ଭୋଇ କଲେଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆସନ୍ତା ବର୍ଷ ସେପ୍ଟେମ୍ବର ୩ ତାରିଖ କଲେଜ ପ୍ରତିଷ୍ଠା ଦିବସରେ ତିନିଦିନ ଧରି ପାଳନ କରାଯିବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। କଲେଜର ପୁରାତନ ଛାତ୍ରୀଛାତ୍ର, ଅଧକ୍ଷ, ଅଧ୍ୟାପିକା, ଅଧ୍ୟାପକ ଓ ଜନସାଧାରଣଙ୍କ ମଧ୍ୟରେ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଉତ୍ସାହ ଦେଖା ଦେଇଛି। ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ରବିବାର ଏଥିପାଇଁ ଦ୍ୱିତୀୟ ଥର ପ୍ରସ୍ତୁତି ବୈଠକ କଲେଜଠାରେ ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ଡ. ବାଳାଦିତ୍ୟ ବିକାଶ ଶ୍ରୀ ଚନ୍ଦନ ସିଂ ଅଧକ୍ଷତା କରିଥିଲେ। ପରିଚାଳନା କମିଟିର ସଭାପତି, ପୁରାତନ ଛାତ୍ରୀଛାତ୍ର, ପୁରାତନ ଛାତ୍ର ସଂସଦର ସଭାପତି ଯୋଗ ଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଇଁ ଏକ କୋର କମିଟି ଗଠନ କରାଯାଇଛି। ବୈଠକରେ ଅନାଦି ଚରଣ ସାହୁ, ପ୍ରଦୀପ ପ୍ରଧାନ, ଚିନ୍ମୟ ପଣ୍ଡା, ଅଜୟ କୁମାର ଦେହୁରୀ, ଛବିଳ ପ୍ରଧାନ, ଗଣେଶ୍ୱର ପ୍ରଧାନ, ବିକାଶ ଦାଶ, ବିଜୟ ମହାନ୍ତିଙ୍କ ସମେତ ବହୁ ପୁରାତନ ଛାତ୍ର ଯୋଗ ଦେଇଥିଲେ।

# କଣ୍ଢେଇ ଲକ୍ଷ୍ମୀପୂଜାରେ କବିତା ଆସର

**ବାରକୋଟ,୨୦।୧୦(ଡି.ଏନ୍.ଏ.):**

ଦେବଗଡ଼ ଜିଲା ଗଜଲକ୍ଷ୍ମୀ ପୂଜା କମିଟି ଅଗ୍ରଗତି ସଂଘ ଆନୁକୂଲ୍ୟରେ କଣ୍ଢେଇରେ ଚାଲିଥିବା ମା' ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ସାହିତ୍ୟ ପ୍ରେମୀଙ୍କୁ ଆକୃଷ୍ଟ କରିବା ନେଇ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପତିତପାବନ ସାହିତ୍ୟ ସଂସଦ କଣ୍ଢେଇ ତ୍ରିୟୋମାସିକ ମୁଖପାତ୍ର ଜ୍ଞାନସାରଥିର ଚତୁର୍ଦ୍ଦଶତମ ବାର୍ଷିକ ସାରସ୍ୱତ ସମାରୋହ ୨୦୧୯ ପାଳିତ ହୋଇଥିଲା। ସଂସଦ ସଭାପତି ଶଶିଭୂଷଣ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ନୂଆଦିଲ୍ଲୀର ଆବାହକ ବିଜୟାନନ୍ଦ ସିଂ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରତ୍ନା ପ୍ରଭାକାର ଏବଂ ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ବିଜୟ କୁମାର ଶତପଥୀ, ସମ୍ମାନିତ ବକ୍ତା ଭାବେ କଟକ ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଲକ୍ଷ୍ମଣ ସାହୁ ଯୋଗଦେଇଥିଲେ। ସଂସଦର ଉପସଭାପତି ଅନିରୁଦ୍ଧ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଟିକେଶ୍ୱର ସାହୁ ବିବରଣୀ ପାଠ କରିଥିଲେ । ଅପରାହ୍ନ ୨ଟାରେ ରାଜ୍ୟସ୍ତରୀୟ କବିତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଯୁଗେଶ ଦଳବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରମେଶ ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ସମ୍ମିଳନୀରେ ବିଭିନ୍ନ ଜିଲାରୁ ଶତାଧିକ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ସାରସ୍ୱତ ସମାରୋହରେ ରାଜ୍ୟସ୍ତରୀୟ ବାମଣ୍ଡା ସାରସ୍ୱତ ସମ୍ମାନ ବିଜୟାନନ୍ଦ ସିଂ, ଜ୍ଞାନ ସାରଥି ସମ୍ମାନ ଡ. ଲକ୍ଷ୍ମଣ ସାହୁ, ଜ୍ଞାନ ସାରଥି କବିତା ସମ୍ମାନ ପ୍ରହଲ୍ଲାଦ ସାହୁ, ଜ୍ଞାନ ସାରଥି ଗଳ୍ପ ସମ୍ମାନ ବିନିତା ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। କୁନିକୁନି ପିଲାମାନଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା। ତୁଳସୀ ମ୍ୟୁଜିକ କଣ୍ଢେଇ ବାଦ୍ୟ ଯନ୍ତ୍ରରେ ସହଯୋଗ କରିଥିଲେ। ଶେଷରେ ହରିହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ସାରସ୍ୱତ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

## ଫଟୋରେ ଖବର







ସମ୍ବଲପୁର ସିନ୍ଦୂରପଙ୍କ ନିକଟ ମା' ପିତାବଳି ଛକରେ ରବିବାର ଜଣେ ହେଲମେଟ ପିନ୍ଧିଥିବା ବାଇକ ଆରୋହୀଙ୍କୁ ଚକୋଲେଟ୍ ଦେଇ ସ୍ୱାଗତ କରାଯାଉଛି (ବାମ)। ସମ୍ବଲପୁରରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ପଶ୍ଚିମ ଓଡ଼ିଶାସ୍ତରୀୟ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ପାର୍ବତୀ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ପ୍ରଦୀପ ଗୁପ୍ତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### ସିଦ୍ଧେଶ୍ୱର ଧର୍ମ ସଂସଦର ବାର୍ଷିକ ଉତ୍ସବ

ସମ୍ବଲପୁର, ୨୦।୧୦ (ବ୍ୟୁରୋ) ସିଦ୍ଧେଶ୍ୱର ଧର୍ମ ସଂସଦର ୪୪ତମ ବାର୍ଷିକ ଉତ୍ସବ ରବିବାର ବାଲିବନ୍ଧାଠାରେ ପାଳିତ ହୋଇଯାଇଛି । ସଭାପତି ଗୋପିନାଥ ଷଡଙ୍ଗୀଙ୍କ ଅଧକ୍ଷତାରେ ଧର୍ମର ପ୍ରାସଙ୍ଗିକତା ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଦିବ୍ୟଦର୍ଶନ ପଶ୍ଚିମାଞ୍ଚଳ ସମ୍ପାଦକ ରାଜକୁମାର ପଟେଲ, ଭଗବାନ ନାଗ ବକ୍ତାଭାବେ ଯୋଗ ଦେଇଥିଲେ । ସେମାନେ କହିଥିଲେ ଯେ, ଗୁଣ ହିଁ ପ୍ରକୃତରେ ଧର୍ମର ଆଧାର। ଧର୍ମ ମଣିଷତ୍ୱକୁ ଜାଣିବାର ଶିକ୍ଷା ଦେଇଥାଏ । ସୁଶାନ୍ତ ପଣ୍ଡା ସୂଚନା ପ୍ରଦାନ କରିଥିଲେ।



"କ୍ଳାନ୍ତି ପରେ ବିଶ୍ରାମ ଯେଉଁ ଆନନ୍ଦ ଦିଏ, କୌଣସି ପ୍ରକାର ବିଳାସ ସେହି ପରେ ଆନନ୍ଦ ଦେଇପାରିବ ନାହିଁ।
- ନେପୋଲିୟନ



## ସଂକ୍ଷେପରେ

### କେନାଲ ପାଣିରେ ପଡି ସାଇକେଲ ଆରୋହୀ ମୃତ

ଲହୁଣୀପଡା, ୨୦।୧୦ (ଡି.ଏନ.ଏ)- ଲହୁଣୀପଡା ଥାନା କେନ୍ଦୁଡିହି ଗ୍ରାମ ଜାମାଲ ବସ୍ତିର ଜଣେ ବୃଦ୍ଧ ସାଇକେଲରେ ଯାଉଥିବା ବେଳେ କେନାଲରେ ପଡି ମୃତ୍ୟୁବରଣ କରିଥିବା ଜଣାଯାଇଛି। ଜାମାଲ ବସ୍ତିର ମାଇକା ମୁଣ୍ଡା (୬୨) ଶନିବାର ସନ୍ଧ୍ୟାରେ ସାଇକେଲ ଯୋଗେ କେନ୍ଦୁଡିହି ଗ୍ରାମରୁ ରାଶନ ସାମଗ୍ରୀ ନେଇ ଘରକୁ ଫେରୁଥିବା ବେଳେ କେନାଲରେ ସାଇକେଲ ସହିତ ପଡିଯାଇଥିଲେ। କେନାଲ ପାଣିରେ ରାତିସାରା ପଡି ରହି ମୃତ୍ୟୁବରଣ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇଥିଲେ । ରବିବାର ସକାଳୁ କେତେକ ଲୋକ ସେହି ବାଟ ଦେଇ ଯାଉଥିବା ବେଳେ ଦେଖିବାକୁ ପାଇଥିଲେ।

### ନାବାଳିକାକୁ ଅସଦାଚରଣ: ଯୁବକ ଗିରଫ

ସୁନ୍ଦରଗଡ଼,୨୦।୧୦ (ଡି.ଏନ୍.ଏ.)- ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ ମାଙ୍ଗାରାଟୋଲି ଗ୍ରାମର ଜଣେ ୪ବର୍ଷର ବାଳିକାଙ୍କୁ ଅସଦାଚରଣ କରି ସେହି ଗ୍ରାମର ଗୋକୁଳ ବଡ଼ାଇକ (୧୯)ଙ୍କୁ ପୋଲିସ୍ ଗିରଫ କରିଛି। ଏ ନେଇ ହାତୀବାରି ଥାନାରେ ଏକ ମାମଲା ରୁଜୁ ହୋଇଛି। ରବିବାର ଗୋକୁଳ ମଦ୍ୟପାନ କରି ନାବାଳିକାଙ୍କୁ ବୁଲୁଥିବା ଅବସ୍ଥାରେ ଟେକିନେଇ ଅସଦାଚରଣ କରିଥିଲେ। ନାବାଳିକା ସେତେବେଳେ ଖସିଆସି ଘରଲୋକଙ୍କୁ କହିଥିଲେ। ଘର ଲୋକେ ଏନେଇ ପୋଲିସ୍‌ରେ ଖବର ଦେଇଥିଲେ।

■ ସୁନ୍ଦରଗଡ ଟ୍ରକ ମାଲିକ ସଂଘକୁ ପୁନର୍ଗଠନ ପାଇଁ ଏକାଠି

# ଗୋଟିଏ ମଞ୍ଚରେ ସବୁଦଳର ନେତା

**ସୁନ୍ଦରଗଡ଼, ୨୦।୧୦ (ଡି.ଏନ୍.ଏ)**

ସୁନ୍ଦରଗଡ଼ର ଜୀବନ ଜୀବିକା ଓ ଆର୍ଥିକ ମେରୁଦଣ୍ଡ କୁହାଯାଉଥିବା ସୁନ୍ଦରଗଡ ଟ୍ରକ ମାଲିକ ସଂଘକୁ ପୁନର୍ଗଠନ କରିବା ପାଇଁ ଦଳମତ ନିର୍ବିଶେଷରେ ଏବେ ସମସ୍ତେ ଅଣ୍ଟାଭିଡିଛନ୍ତି। ୨୦୧୪ରୁ କେତେକଜଣ ମୁଷ୍ଟିମେୟ ପ୍ରଭାବଶାଳୀ ଟ୍ରକ ମାଲିକ କୋଇଲା ପରିବହନରେ ମଲଟି ଏକ୍ସେଲ ପ୍ରଚଳନ ଯୋଗୁ ସୁନ୍ଦରଗଡର ସାଧାରଣ ଛ'ଚକିଆ ଟ୍ରକ ଡମ୍ଫର ମାଲିକମାନେ ଦେବାଳିଆ ହୋଇ ଶାଗ ମାଛ ଦରରେ ଟ୍ରକ, ଡମ୍ଫର ଗୁଡିକୁ ବିକ୍ରୀ କରିବା ପରେ ଏହି ଟ୍ରକ ମାଲିକ ସଂଘ ଅଚଳ ହୋଇପଡିଥିଲା। ହେମଗିର ବ୍ଲକରେ ମହାନଦୀ କୋଇଲା ଖଣି ତରଫରୁ ୧୯୯୬ ମସିହାରେ ବସୁନ୍ଧରା -ଗର୍ଜନବାହାଲ କୋଇଲା ଖଣି କ୍ଷେତ୍ରରୁ କୋଇଲା ଉତ୍ତୋଳନ ପରେ ସୁନ୍ଦରଗଡର ବହୁ ଶିକ୍ଷିତ ବେକାର ଯୁବକ ବିଭିନ୍ନ ବ୍ୟାଙ୍କରୁ ଋଣମାଧ୍ୟମରେ ୬ଚକିଆ ଟ୍ରକ ଡମ୍ଫରମାନ କିଣି କୋଇଲା ପରିବହନ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାପରେ କୋଇଲା ପରିବହନ ବ୍ୟବସାୟକୁ ଶୃଙ୍ଖଳିତ କରିବା ସହ ସବୁ ଟ୍ରକ ମାଲିକଙ୍କୁ କିଭଳି ସମାନୁପାତିକ ଭାବେ ଲୋଡିଂ ମିଳିବ ସେ ନେଇ ୧୯୯୭ ମସିହା ସେପ୍ଟେମ୍ବର ୧୫ ରେ ସୁନ୍ଦରଗଡ ଟ୍ରକ ମାଲିକ ସଂଘ ଗଠନ କରାଯାଇଥିଲା। ଏହି ସଙ୍ଗଠନ ସରକାରୀ ନିୟମାନୁଯାୟୀ ପଞ୍ଜିକୃତ ହେବା ପରେ ନିୟମିତ ଭାବେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସଂଘର କର୍ମକର୍ତ୍ତା




ଟ୍ରକ ମାଲିକ ସଂଘକୁ ପୁନର୍ଗଠନ ପାଇଁ ସବୁ ଦଳର ନେତା, କର୍ମକର୍ତ୍ତା, ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ମଞ୍ଚାସୀନ।

ନିର୍ବାଚିତ ହୋଇଆସୁଥିଲେ। ୧୭ଶହରୁ ଉର୍ଦ୍ଧ୍ୱ ମାଲିକଙ୍କ ପାଖାପାଖି ୫ହଜାର ଟ୍ରକ ଓ ଡମ୍ଫର ଏହି ସଂଘ ଅଧୀନରେ ପରିଚାଳିତ ଆସୁଥିବାବେଳେ ଏହି ପରିବହନ ବ୍ୟବସାୟରେ ଟ୍ରକ ମାଲିକ, ଡ୍ରାଇଭର, ହେଲପର ଓ ଅନ୍ୟାନ୍ୟ ୧୦ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ପରିବାର ପ୍ରତିପୋଷଣ ହେଉଥିଲା। ଏହି ପରିବହନ ବ୍ୟବସାୟରେ ମଲ୍ଟି ଏକ୍ସେଲ ମାଲିକ ମାନଙ୍କର ଏକଚାଟିଆ କାରବାର ଯୋଗୁ ସାଧାରଣ ଟ୍ରକ ମାଲିକମାନେ କ୍ଷତିଗ୍ରସ୍ତ ହେବା ପରେ ସୁନ୍ଦରଗଡର ଆର୍ଥିକ ପରିସ୍ଥିତି ମଧ୍ୟରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା । ଏଥିଯୋଗୁ ଦୋକାନ ବଜାର ଓ ଅନ୍ୟାନ୍ୟ ବ୍ୟବସାୟିକ କ୍ଷେତ୍ର ପ୍ରଭାବିତ ହୋଇ ମାନ୍ଦାବସ୍ଥା ସୃଷ୍ଟି ହୋଇଛି। ଜିଲାରେ ଥିବା ଏସିଆର ବୃହତ କୋଇଲା ଖଣି ଥାଇ ମଧ୍ୟ ସୁନ୍ଦରଗଡର ବେକାର ଯୁବକମାନେ ଉପକୃତରୁ ବଞ୍ଚିତ ହୋଇଛନ୍ତି। ଏଭଳି ପରିସ୍ଥିତିକୁ ଆଖି ଆଗରେ ରଖି ଏହି ଟ୍ରକ ମାଲିକ ସଂଘକୁ ପୁନର୍ଗଠନ କରି କିଭଳି ପୂର୍ବବତ୍ ସମସ୍ତ ଟ୍ରକ ମାଲିକଙ୍କୁ ସାମିଲ କରାଯାଇ ଶୃଙ୍ଖଳିତ ଭାବେ ସମସ୍ତଙ୍କୁ ଲୋଡିଂ ମିଳିବ ସେ ନେଇ ରବିବାର ସଂଘ କାର୍ଯ୍ୟାଳୟ ଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସୁନ୍ଦରଗଡ ଟ୍ରକ ମାଲିକମାନଙ୍କର ବର୍ତ୍ତମାନର ସ୍ଥିତି ଉପରେ ଆଲୋଚନା କରାଯାଇ ସଂଘକୁ ପୁର୍ନଗଠନ କରାଯାଇ କିଭଳି ଏହାକୁ ଅଧିକ କ୍ରିୟାଶୀଳ କରାଯିବ ସେ ନେଇ ସମସ୍ତେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ସୁନ୍ଦରଗଡ ଏମ୍‌ପି. ଜୁଏଲ ଓରାମ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ପୂର୍ବତନ ନଗରପାଳ ରାଜକିଶୋର ଷଡଙ୍ଗୀ, ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ଭବାନୀ ମାଝୀ, ସନ୍ତୋଷ ଆମାତ, ଜିଲା ଓକିଲ ସଂଘ ସଭାପତି ଦୁଷ୍ମନ୍ତ ନାଏକ, ସରୋଜ ପଣ୍ଡା, ପ୍ରଫୁଲ୍ଲ ସୁନାନୀ, ବିଜେଡି ନେତା ହରଜେନ୍ଦ୍ର ସିଂ, ଭାଜପା ନେତା ଅଜୟ ପଟେଲ ଚିତ୍ତରଞ୍ଜନ ବହିଦାର, ଜ୍ଞାନରଞ୍ଜନ ହୋତା,ବଟକିଶୋର ମିଶ୍ର, ରିତେଶ ପଟେଲ ପ୍ରମୁଖ ଯୋଗଦେଇ ସ୍ଥାଣୁ ହୋଇଥିବା ସଂଘକୁ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତେ ସଂଘଠିତ ଭାବେ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ୧୮ଜଣ ସଦସ୍ୟଙ୍କୁ ନେଇ ଏକ ଗଭର୍ଣ୍ଣିଂବଡି ଗଠନ କରାଯାଇଛି । ସଂଘର ପୂର୍ବତନ ସଭାପତି ଜ୍ଞାନରଞ୍ଜନ ହୋତାଙ୍କୁ ଆବାହକ ଭାବେ ମନୋନୀତ କରାଯାଇଛି । ବିଶେଷ କରି ଯୁବ ମାଲିକମାନେ ଆଗାମୀ ଦିନରେ ସଂଘକୁ କିଭଳି ଅଧିକ ମଜବୁତ କରାଯିବ ସେନେଇ ବିଶେଷ କରି ଯୁବମାଲିକମାନେ ଆଗେଇ ଆସିବାକୁ ବୈଠକରେ ମତପ୍ରକାଶ ପାଇଥିଲା।

# ଶ୍ରୀ ସତ୍ୟ ସାଇ ସେବା ସଙ୍ଗଠନ ତରଫରୁ ଅବତାର ଦିବସ

**ସୁନ୍ଦରଗଡ,୨୦।୧୦(ଡି.ଏନ୍.ଏ)**

ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ତରଫରୁ ଶ୍ରୀ ସତ୍ୟସାଇ ବାବାଙ୍କର ଅବତାର ଦିବସ ପାଳିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ସ୍ଥାନୀୟ ସାଇ ବିହାରରୁ ବାଳବିକାଶ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ବନଖଣ୍ଡ ଅଧିକାରୀ ଡ. ଅରୁଣ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ଏହି ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରାଲିରେ ରାଉରକେଲା, ରାଜଗାଙ୍ଗପୁର, ସୁନ୍ଦରଗଡ ସତ୍ୟସାଇ ସେବା ସମିତିର ୪୦୦ ରୁ ଉର୍ଦ୍ଧ୍ୱ ବାଳବିକାଶ ଛାତ୍ରୀଛାତ୍ର ଓ ବାଳବିକାଶ ଗୁରୁ ଯୋଗଦେଇ ଭଜନ ଗାନ କରିଥିଲେ। ଏହା ଛଡା ମାନବିକ ମୂଲ୍ୟବୋଧ ଉପରେ ଅଧାରିତ ପ୍ଳାକାର୍ଡ ଧରି ବାଳବିକାଶର କୁନି ପିଲାମାନେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ପରେ ସାଇ ବିହାର ଭଜନ ହଲରେ ଏକ ବୈଠକର ଆୟୋଜନ କରାଯାଇଥିଲା। ସୁନ୍ଦରଗଡ ସତ୍ୟସାଇ ସେବା ସଙ୍ଗଠନର ଜିଲା ସଭାପତି ମନୋଜ କୁମାର ରଥ, ସୁନ୍ଦରଗଡ ସତ୍ୟସାଇ ସେବା ସଙ୍ଗଠନର ରାଜ୍ୟ ସେବାଦଳ ସଂଯୋଜିକା ମଞ୍ଜୁଳା ସାହୁ, ରାଜଗାଙ୍ଗପୁର ସମିତିର ଗୁରୁଦତ୍ତ ଜେନା ପ୍ରମୁଖ ଅବତାର ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ସମାଜ ଗଠନରେ ବାଳବିକାଶର ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ସଭାକୁ ସଙ୍ଗଠନର ଜିଲା ଶିକ୍ଷା ସଂଯୋଜିକା ଦିପ୍ତି ମହାନ୍ତି ପରିଚାଳନା କରିଥିଲେ। ପୂର୍ବତନ ଜିଲା ସଭାପତି ଲିଙ୍ଗରାଜ ରଥ ଉଦଯାପନୀ ସମ୍ଭାଷଣ ପ୍ରଦାନ କରିଥିଲେ। ସତ୍ୟସାଇ ସେବା ସଙ୍ଗଠନର ସଂଯୋଜକ ସୁରେନ୍ଦ୍ର କୁମାର ଦତ୍ତ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ସାଇ ବିହାର ମନ୍ଦିର ପରିସରରେ ସାଇଭଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ଆୟୋଜନରେ ସତ୍ୟ ସାଇ ସେବା ସଙ୍ଗଠନର ଜିଲା ଯୁବ ସଭାପତି ତାରା ବଲ୍ଲଭ ମହାପାତ୍ର, ସୁନ୍ଦରଗଡ ସମିତି ସେବା ସଂଯୋଜକ ସୂର୍ଯ୍ୟନାରାୟଣ ମହାପାତ୍ର, ଯୁବ ସଂଯୋଜକ ସୁନୀଲ କୁମାର ଦତ୍ତ, ପୂର୍ବତନ ସମିତି ସଂଯୋଜକ ଗୋପକୃଷ୍ଣ ନାୟକ, ପୂର୍ବତନ ଅଧ୍ୟାତ୍ମିକ ସଂଯୋଜକ ସତ୍ୟସ୍ୱରୁପ ପଣ୍ଡା, ଅଶ୍ୱିନୀ ପଟେଲ, କୁମୁଦ ପଣ୍ଡା, ଲିଟୁ ବେହେରା, ଦେବାଶିଷ ସାହୁ, ଡୋଳାମଣୀ ବୁଡା, ପୂର୍ଣ୍ଣଚନ୍ଦ୍ର ବରାଳ ପ୍ରମୁଖ ସହଯୋଗ କରିଥିଲେ।




ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

# ବିଜେଡିର ଜନ ସମ୍ପର୍କ ପଦଯାତ୍ରା

**ବେଦବ୍ୟାସ, ୨୦।୧୦ (ଡି.ଏନ.ଏ)**

## ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ

ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ (ବିଜେଡ଼ି) ପକ୍ଷରୁ ରବିବାର ୧୧ଟା ବେଳେ କଲୁଙ୍ଗା ରେଳ ଫାଟକଠାରୁ ଅଟୋନଗର ଓ ଅପରାହ୍ନ ସାଢ଼େ ୧ଟା ବେଳେ ବିରକେରା ଚର୍ଚ୍ଚ ଛକ ଠାରୁ ବିରକେରା ଡିସ୍କୋ ଛକ ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା ହୋଇଥିଲା। ଏହା ସହ ସଭ୍ୟ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ରାଜଗାଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ, ପୂର୍ବତନ ମନ୍ତ୍ରୀ ତଥା ସୁନ୍ଦରଗଡ ଜିଲା ବିଜେଡି ସଭାପତି ମଙ୍ଗଳା କିଷାନଙ୍କ ନେତୃତ୍ୱରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା ସମେତ ସଭ୍ୟ ସଂଗ୍ରହ ଅଭିଯାନ ପ୍ରଥମେ କଲୁଙ୍ଗା ରେଳ ଫାଟକଠାରୁ ଶୁଭାରମ୍ଭ କରାଯାଇଥିଲା । ବିଜେଡି ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଜାତିରଜନକ ମହାତ୍ମାଗାନ୍ଧୀଙ୍କ




ବିଜେଡ଼ି ପକ୍ଷରୁ କଲୁଙ୍ଗାରେ ଜନସମ୍ପର୍କ ପଦଯାତ୍ରା।

୧୫୦ତମ ଜୟନ୍ତୀ ଅବସରରେ ରାଜ୍ୟର ପୁରପଲ୍ଲୀଠାରୁ ନେଇ ସହରାଞ୍ଚଳରେ ଜନସମ୍ପର୍କ ପଦଯାତ୍ରା ସମେତ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି ବୋଲି ବିଜେଡି ସଭାପତି ମଙ୍ଗଳା କିଷାନ ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଏହି ଅବସରରେ ବିଜେଡି ରାଜ୍ୟ ସମ୍ପାଦକ ତଥା ଆଇନଜୀବି ଆନନ୍ଦ ମହାନ୍ତି, ରାଜ୍ୟ ପରିଷଦ ସଭ୍ୟ ଜିତୁ ଦାଶ, ରାଜଗାଙ୍ଗପୁର କୋର୍ଟର ସରକାରୀ ଓକିଲ ରାଜେନ୍ଦ୍ର ଲେଙ୍କା, କିଶୋର ସାହୁ, ଲାଠିକଟା ବ୍ଲକ ଯୁବ ନେତା ମହମ୍ମଦ ଛୋଟାବାବୁ, କଲୁଙ୍ଗା ଗ୍ରାମ ପଞ୍ଚାୟତର ବିଜେଡି ସଭାପତି ସୁକଦେବ ନନହାର, ବଡଦଳକି ସରପଞ୍ଚ ଆଶା ବାରା, ବିରକେରା ପୂର୍ବତନ ସରପଞ୍ଚ ମୀରା ଦେବୀ ତିର୍କୀ, ବେଦବ୍ୟାସ ଅଞ୍ଚଳର ନାରୀନେତ୍ରୀ ଆରତୀ ପରିଡା, ଆଶା ଦେବୀ, ଯୁବନେତା ତଥା ସମାଜସେବୀ ଅଜିତ ଦାଶ, କଲୁଙ୍ଗା ଯୁବ ବାହିନୀର ଲିବନ ଡୁଙ୍ଗଡୁଙ୍ଗ, ବାବୁଲାଲ କିଷାନ, କଲୁଙ୍ଗାର ବରିଷ୍ଠ ବିଜେଡି ନେତା ଦାମ ମଲ୍ଲିକ, ବିଷରାମ କଛରିଆ ପ୍ରମୁଖଙ୍କ ସମେତ ଶତାଧିକ ବିଜୁ ଜନତା ଦଳର ମହିଳା, ଯୁବ, ଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସହଯୋଗ କରିଥିଲେ। ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମରେ କଲୁଙ୍ଗା ଓ ବିରକେରା ଅଞ୍ଚଳର ପ୍ରାୟ ୪୦୦ ନୂତନ ସଭ୍ୟ ଭାବେ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ କଲୁଙ୍ଗା କରତକଲ ଛକ ଅଞ୍ଚଳରୁ କଲୁଙ୍ଗା ଗ୍ରାମ ପଞ୍ଚାୟତର ସଭାପତି ସୁକଦେବ ନନହାରଙ୍କ ବଳିଷ୍ଠ ନେତୃତ୍ୱରେ ବିଜୁ ଜନତା ଦଳ କର୍ମୀ ସମେତ ବିଜୁ ଯୁବ ବାହିନୀର ପ୍ରାୟ ଶତାଧିକ କର୍ମୀ ସାଇକେଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

■ ୱାଇସିସି କ୍ଲବ ପକ୍ଷରୁ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

# ଝାରସୁଗୁଡାକୁ ହରାଇ କଟକ ଚାମ୍ପିୟନ

**ବଣାଇ, ୨୦।୧୦(ସ୍ୱ.ପ୍ର.)**

ସ୍ଥାନୀୟ ରାଜାଧରଣୀଧର ଉଚ୍ଚବିଦ୍ୟାଳୟ ମିନିଷ୍ଟାଡିୟମ ଠାରେ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଯାଇଛି। ବଣାଇ ୱାଇସିସି କ୍ଲବ ପକ୍ଷରୁ ଅନୁଷ୍ଠିତ ଫାଇନାଲ ଖେଳ ସ୍ପୋଟସ୍ ହଷ୍ଟେଲ କଟକ ଓ ଝାଡେଶ୍ୱର କ୍ଲବ ଝାରସୁଗୁଡା ମଧ୍ୟରେ ଖେଳାଯାଇଥିଲା। ଖେଳରେ ୨/୦ ଗୋଲରେ କଟକ ଦଳ ବିଜୟୀ ହୋଇ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ସକାଳେ ଖେଳାଯାଇଥିବା ପ୍ରଥମ ଖେଳରେ କଟକ ଦଳ ବରଗଡ଼ ଦଳକୁ ୫/୦ ଗୋଲ ବ୍ୟବଧାନରେ ହରାଇଥିବା ବେଳେ ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ଖେଳରେ ସଂଘର୍ଷ କ୍ଲବ ଭୁବନେଶ୍ୱର ୨/୧ ଗୋଲ ବ୍ୟବଧାନରେ ବରଗଡ଼ ଦଳକୁ ପରାସ୍ତ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଏମ୍‌ପି ଜୁଏଲ ଓରାମଙ୍କ ପ୍ରତିନିଧି ରାହାସ ବିହାରୀ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭାପତି ରଣଜିତ କିଷାନ, ଦିଲ୍ଲୀପ ତ୍ରିପାଠୀ, ପ୍ରଦୀପ ତ୍ରିପାଠୀ, ତପନ କୁମାର ଦଣ୍ଡିଆ, ରାଜେନ୍ଦ୍ର ପ୍ରଧାନ, ହବିବ୍ ଖାନ ଯୋଗଦେଇ ବିଜୟୀ ଓ ଉପବିଜେତା ଦଳକୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ଏହା ସହିତ ବଣାଇଁର ଜଣେ ପୁରୁଖା ବୟୋଜ୍ୟେଷ୍ଠ ଫୁଟବଲ ଖେଳାଳି ମହମ୍ମଦ ୟାସିନ ଖାନଙ୍କୁ ସ୍ୱତନ୍ତ୍ର ଭାବେ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଗୋଲ କିପର ଭାବେ ଫଗୁ ବାସ୍କେ, ଡିଫେନ୍ସ ଭାବେ ଡି. ଶ୍ରୀନାଗ, ମିଡ ଫିଲଡର ଭାବେ ରାକେଶ ଓରାମ, ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ଫ୍ରାନସ୍‌ସି ଲାକ୍ରାଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି କୋଚ ଭାବେ ଗଙ୍ଗାଧର ବେହେରା, ଅଜୟ ଓରାମ ଏବଂ ଦିପୁ କରକୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହା ସହିତ ମ୍ୟାଚ କମିଶନର ଭାବେ ଦୁର୍ଗା ମାଧବ ନାଏକ, ରେଫରୀ ଭାବେ ଜି ସୁରେଶ କୁମାର, ଅରୁଣ କୁମାର ନାଏକ, ଆର୍ଶୀବାଦ କାନୁନଗୋ, ଚନ୍ଦ୍ରକାନ୍ତ ବାରିକ, ଏସଏସ ପଣ୍ଡା ଓ ଦୁର୍ଗା ଆଚାର୍ଯ୍ୟଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ପ୍ରଫୁଲ କୁମାର ସାହୁ ଓ ପ୍ରଭାତ କୁମାର ସ୍ୱାଇଁ ସଂଯୋଜନା କରିଥିଲେ। କ୍ଲବର ଉପଦେଷ୍ଟା ଶୁଭେନ୍ଦ୍ର ନାଥ ମଲ୍ଲିକ ସମସ୍ତଙ୍କୁ ସ୍ୱାଗତ ଜଣାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ଲବର ସଭାପତି ଏନ୍‌ଆଦି ନାରାୟନ, ସମ୍ପାଦକ ସିରାଜ ଖାନ, ଉପସଭାପତି ବିଜୟ ଭୁକ୍ତା, ଦିଲୀପ ଖଡିରନ୍ତ, ପପୁନ ମାଝି, ଜୟନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିବା ଜଣାପଡିଛି।

# ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ଇଗ୍ନୋ ପାଠ୍ୟକ୍ରମର ଶୁଭାରମ୍ଭ




ଇଗ୍ନୋ ପାଠ୍ୟକ୍ରମର ଶୁଭାରମ୍ଭ ଅବସରରେ ମଞ୍ଚାସୀନ ଅଧକ୍ଷ ଓ ଅନ୍ୟମାନେ।

**ସୁନ୍ଦରଗଡ , ୨୦।୧୦ (ଡି.ଏନ୍.ଏ)**

ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ (ଇଗ୍ନୋ) ପାଠ୍ୟକ୍ରମର ରବିବାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ସଭାରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପାଠ୍ୟକ୍ରମର ଶୁଭାରମ୍ଭ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅଞ୍ଚଳର ଅଧିବାସୀ ତଥା ଯୁବତୀଯୁବକ ଏହି ପାଠ୍ୟକ୍ରମ ମାଧ୍ୟମରେ ଶିକ୍ଷାଲାଭ କରି ଜିଲାର ଶୈକ୍ଷିକ, ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବେ ବୋଲି ମତବ୍ୟକ୍ତ କରିଥିଲେ। ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ପାଠ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ର ବିଭିନ୍ନ ସାର୍ଟିଫିକେଟ କୋର୍ସ କରି ସ୍ନାତକ ଶିକ୍ଷା ସହିତ ବୃତ୍ତିଭିତ୍ତିକ ପ୍ରଶିକ୍ଷଣ ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ଏହି ପାଠ୍ୟକ୍ରମ ଉଚ୍ଚମାନର, ଜାତୀୟ ସ୍ତରରେ ଏହି ଡିଗ୍ରୀ ଅତ୍ୟନ୍ତ ସମ୍ମାନଜନକ ବୋଲି କହିବା ସହ ଦୁଇ ଦଶନ୍ଧି ବ୍ୟାପୀ ସେ ଏହି ପାଠ୍ୟକ୍ରମ ସହିତ ଜଡିତ ବୋଲି କହିଥିଲେ। ଡଃ ଦାସ ଆମର ପ୍ରଚଳିତ ଶିକ୍ଷାପଦ୍ଧତିରେ ସ୍ନାତକ ଶ୍ରେଣୀରେ ୧୪ଟି ପାଠ୍ୟକ୍ରମ ବିଷୟ ରହିଥିବା ବେଳେ ଇନ୍ଦିରା ଗାନ୍ଧୀ ଜାତୀୟ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ୪୧୬ ବିଷୟ ରହିଥିବା କହିଥିଲେ। ଇନ୍ଦିରାଗାନ୍ଧୀ ଜାତୀୟ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମର ସଂଯୋଜକ ଡ. ସୁଧୀର କୁମାର ଦାଶ ସ୍ୱାଗତ ଅଭିଭାଷଣ ସହ ପାଠ୍ୟକ୍ରମର ବିଭିନ୍ନ ପଦ୍ଧତି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ପାଠ୍ୟକ୍ରମ ମାଧ୍ୟମରେ ଏମବିଏ ଡିଗ୍ରୀ ହାସଲ କରିଥିବା ମନୋରଞ୍ଜନ ଦାସ ଏହି ପାଠ୍ୟକ୍ରମରେ ପ୍ରଣୀତ ପାଠ୍ୟପୁସ୍ତକ ପ୍ରଶାସନିକ ସେବା ପରୀକ୍ଷାରେ ବିଶେଷ ଭାବରେ ସହାୟକ ହୋଇଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଲଳିତରଞ୍ଜନ ସାହୁ, ଡ. ସୁରେଶ ପାଣ୍ଡେ, ଅଧ୍ୟାପକ ଆଲୋକ ଚୌଧୁରୀ ଅଧ୍ୟାପିକା ମିନତି ମିଶ୍ର ଏହି ପାଠ୍ୟକ୍ରମ ଦ୍ୱାରା ସୁନ୍ଦରଗଡର ଶୈକ୍ଷିକ ଉନ୍ନତି ହୋଇପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ସୁନ୍ଦରଗଡ ବିଶିଷ୍ଟ ବ୍ୟକ୍ତି, ଅଭିଭାବକ, ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅଧ୍ୟାପକ ଆର୍ଯ୍ୟ ବିଭାସ କୁମାର ଧନ୍ୟବାଦ ଦେଇଥିଲେ।

# ଜିଲା ମହିଳା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ସୁନ୍ଦରଗଡ଼, ୨୦। ୧୦ (ଡି.ଏନ୍.ଏ)**

ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ପ୍ରଥମ ସୁନ୍ଦରଗଡ ଜିଲା ମହିଳା ଫୁଟବଲ ଚାମ୍ପିୟନଶିପ୍ ରବିବାର ଠାରୁ ଆରମ୍ଭ ହୋଇଛି। ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ପ୍ରୋତ୍ସାହନରେ ପ୍ରଥମ ଥର ପାଇଁ ଏଭଳି ଏକ ମହିଳା ଫୁଟବଲ ଟୁର୍ନାମେଣ୍ଟ ସୁନ୍ଦରଗଡ ଷ୍ଟାଡିୟମଠାରେ ଆୟୋଜିତ ହୋଇଥିବାରୁ କ୍ରୀଡାପ୍ରେମୀଙ୍କ ମହଲରେ ଖୁସିର ବାତାବରଣ ଦେଖାଦେଇଛି। ସୁନ୍ଦରଗଡ ଷ୍ଟାଡିୟମଠାରେ ଆୟୋଜିତ ଏହି ଫୁଟବଲ ଚାମ୍ପିୟନଶିପର ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଖେଳାଳିମାନେ ଖେଳୁଆଡ ମନୋଭାବ ସହିତ ଆଗକୁ ବଢିବା ପାଇଁ ପରାମର୍ଶ ଦେଇଥିଲେ। ଉଦଘାଟନୀ ମ୍ୟାଚ୍‌ରେ ୟଙ୍ଗ ଆସୋସିଏସନ୍ କୁଆଁରମୁଣ୍ଡା ଦଳ, କିଜିର୍ମା ଜୁନିୟର କଲେଜ ଦଳକୁ ୪-୦ ଗୋଲରେ ପରାସ୍ତ କରିଥିଲା। ଏହି ମ୍ୟାଚରେ ଚିତ୍ତାକର୍ଷକ ପ୍ରଦର୍ଶନ ପାଇଁ ରଶ୍ମିତା ପୋଢଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚରେ ଜମାପାଲି ପ୍ରକଳ୍ପ ୟୁପି ବିଦ୍ୟାଳୟ ୩-୦ଗୋଲ ବ୍ୟବଧାନରେ ଆରସି ମିଶନ ସ୍କୁଲ ସୁନ୍ଦରଗଡକୁ ପରାସ୍ତ କରିଥିଲା । ଏହି ମ୍ୟାଚରେ ଶ୍ରେଷ୍ଠ ଖେଳାଳି ଭାବରେ ଅଞ୍ଜଳି ବରୁଆଙ୍କୁ ବିବେଚିତ କରାଯାଇଥିଲା। ଆଜିର ମ୍ୟାଚଗୁଡିକୁ ରାଜୀବ ସେଠ୍, ନିତ୍ୟାନନ୍ଦ ମେହେର ,ପ୍ରଦୀପ ପ୍ରଧାନ ଓ ସୁଶୀଲ ପଟେଲ ପରିଚାଳନା କରିଥିଲେ । ଉଦଘାଟନୀ ଉତ୍ସବରେ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, କ୍ରୀଡାସଂସଦର ଉପସଭାପତି ଚିତ୍ତରଞ୍ଜନ ବହିଦାର, ରାଜେନ୍ଦ୍ର ମହାନ୍ତି, ଜୟଦେବ ପାତ୍ର, ଆଶୀଷ ଦେ ,ବିମଳ ବୋଷ, ଅଜୟ ବହିଦାର, ରେମାଞ୍ଚ ଭୈଷାଁଲ, ପ୍ରଶାନ୍ତ ପଟେଲ, ସୁରଜ ଭୈଷାଁଲ, ଅକ୍ଷୟ ନାଏକ, ଶିଶିର ପଟେଲ, ପ୍ରସାଦ ନାଏକ ,ଦିବ୍ୟଲୋଚନ ନାଏକ, ବୀରମିତ୍ର କାଲୋ ପ୍ରମୁଖ ଉପସ୍ଥିତ ଥିଲେ । ବିଶ୍ୱରଞ୍ଜନ ହୋତା ମଞ୍ଚ ପରିଚାଳନା କରିଥିଲେ। ସୋମବାର ପୁରୁଣାପାଣି ଦଳ ଏବଂ କିଂଜିର୍ମା ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ହେବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ରାଉରକେଲା ଦଳ ଏବଂ ଆରସି ମିଶନ ସୁନ୍ଦରଗଡ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଫୁଟବଲ ସମ୍ପାଦକ ନିତ୍ୟ କୁମାର ବଳ ସୂଚନା ଦେଇଛନ୍ତି।




ଜିଲା ମହିଳା ଫୁଟବଲ ଚାମ୍ପିୟନଶିପ୍ ଉଦ୍‌ଘାଟନୀରେ ଅତିଥି ଓ ଖେଳାଳି।



ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ ଉନ୍ନତର ଜୀବନ ମିଳେ।
- ଗୌତମବୁଦ୍ଧ



## ସଂକ୍ଷେପରେ

### ଗାଧୋଇବାକୁ ଯାଇ ଯୁବକ ନିଖୋଜ

ରାଉରକେଲା ଅଫିସ, ୨୦।୧୦

ରଘୁନାଥପାଲି ଥାନା ଅର୍ନ୍ତଗତ ଜଳଦା-ପାନପୋଷ ରାସ୍ତା ବାଲୁଘାଟ ଠାରେ ରବିବାର ପୂର୍ବାହ୍ନରେ ଜଣେ ମାନସିକ ଭିନ୍ନକ୍ଷମ ଯୁବକ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ବୟସ ପାଖାପାଖି ୩୫ ହେବ ବୋଲି ଅନୁମାନ କରାଯାଉଛି। ତେବେ ସେ କେଉଁ ଅଞ୍ଚଳରୁ ଆସିଥିଲେ ତାହା ମଧ କାହାକୁ ଜଣାନାହିଁ। ଏପରିକି ସେ ବାଲୁଘାଟକୁ ସବୁଦିନ ଆସିଥିବା ଏବଂ ଲୋକଙ୍କ ମାଗି ଖାଦ୍ୟ ଖାଉଥିବା ପୋଲିସ କହିଛି। ଖବର ପାଇ ରଘୁନାଥ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଅଗ୍ନିଶମ ବିଭାଗ କର୍ମଚାରୀମାନେ ନଦୀ ଭିତରେ ଉକ୍ତ ଯୁବକଙ୍କୁ ଖୋଜାଖୋଜି କରୁଥିଲେ। ତେବେ ସନ୍ଧ୍ୟା ସୁଦ୍ଧା ନିଖୋଜ ଯୁବକଙ୍କ କୌଣସି ପତ୍ତା ମିଳିପାରିନଥିବା ରଘୁନାଥପାଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ଲେଫ୍ରିପଡା ପୋଲିସ ପକ୍ଷରୁ ମଦ ଜବତ

ଲେଫ୍ରିପଡା,୨୦।୧୦(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲେଫ୍ରିପଡା ଗ୍ରାମରେ ବେଆଇନ୍ ଭାବେ ମଦ ବିକ୍ରି କରୁଥିବା ଅଭିଯୋଗରେ ପୋଲିସ ଜଣଙ୍କୁ ଅଟକ କରିଛି। ସେ ହେଲେ ସେହି ଗ୍ରାମର ଜଣେ ବ୍ୟକ୍ତି। ମିଳିଥିବା ସୂଚନା ଅନୁଯାୟୀ କୌଣସି ସୂତ୍ରରୁ ପୋଲିସ ଖବରପାଇ ଅଭିଯୁକ୍ତଙ୍କ ରାଶନ ଦୋକାନରେ ପୋଲିସ ଚଢାଉ କରିଥିଲା। ଚଢାଉ ସମୟରେ ବିଦେଶୀ ମଦ ଏବଂ ଦେଶୀ ମଦ ପାଉଚ୍ ଜବତ୍ କରିଥିଲେ। ଲେଫ୍ରିପଡା ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଅଟକ ରଖାଯାଇଥିବା ଲେଫ୍ରିପଡା ଥାନା ଓଆଇସି କାଶୀନାଥ ବାରିକ ସୂଚନା ପ୍ରଦାନ କରିଛନ୍ତି।

■ 'ସମସ୍ତଙ୍କ ପାଇଁ ଶିକ୍ଷା' ଶୀର୍ଷକ ଆଲୋଚନାଚକ୍ର

# ଶିକ୍ଷିତ ରାଷ୍ଟ୍ର ଅଧିକ ଉନ୍ନତ

ରାଉରକେଲା ଅଫିସ, ୨୦।୧୦

କିଟ ଓ କିସ ପକ୍ଷରୁ 'ସମସ୍ତଙ୍କ ପାଇଁ ଶିକ୍ଷା' ଶୀର୍ଷକ ଏକ ଆଲୋଚନାଚକ୍ର ସ୍ଥାନୀୟ ସିଭିକ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି। କିଟିର ପ୍ରକଳ୍ପ ଓ ବୈଷୟିକ ନିର୍ଦ୍ଦେଶକ ମିହିର ନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଆର୍‌ଏସ୍‌ପି ସିଜିଏମ୍ ରାଜେନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହାସହ ଦୀପିକା ଇଏମ୍ ସ୍କୁଲ ଅଧ୍ୟକ୍ଷ ପ୍ରମୋଦ ସାହୁ, ଡିପିଏସ୍ ସିର୍ଦ୍ଧାଥ ରଥ, ଡିଏଭି ସ୍କୁଲ ଅଧ୍ୟକ୍ଷ ଏଲ୍.ଏନ୍. ପ୍ରଧାନ, ସରକାରୀ ଅଟୋନୋମସ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦେବେନ୍ଦ୍ର ବେହେରା, ଡ. ବନମାଳୀ କର, ଆର୍‌ଏସ୍‌ପି ଅବସରପ୍ରାପ୍ତ ଜିଏମ୍ ଚନ୍ଦ୍ରଶେଖର ଶତପଥି ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଆଲୋଚନା ପ୍ରାରମ୍ଭରେ କିଟର ଇତିହାସ ଓ ସଫଳତା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ସମ୍ପ୍ରତି ଶିକ୍ଷା ବିଶ୍ୱ ସମୁଦାୟ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି। ଯେଉଁ ରାଷ୍ଟ୍ର ଯେତେ ଶିକ୍ଷିତ ସେହି ରାଷ୍ଟ୍ର ସେତେ ଉନ୍ନତ ବୋଲି ଆଲୋଚନାଚକ୍ରରେ ମତପ୍ରକାଶ ପାଇଥିଲା। ପ୍ରତ୍ୟେକ କ୍ଷେତ୍ରରେ ଶିକ୍ଷାକୁ ପ୍ରାଧାନ୍ୟ ଦେବାର ସମୟ ଉପନୀତ ହୋଇଛି। ତେଣୁ ପ୍ରତ୍ୟେକ ସ୍ତରରେ ଶିକ୍ଷା କ୍ଷେତ୍ରରେ ଉନ୍ନତି କରିବାକୁ ଉଦ୍ୟମ ହେବା ଆବଶ୍ୟକ ଏବଂ ପ୍ରତ୍ୟେକଙ୍କୁ ମାଗଣାରେ ଶିକ୍ଷା ଯୋଗାଇଦେବା ଉଚିତ ବୋଲି ଏହି ଆଲୋଚନାଚକ୍ରରେ ଭାଗନେଇଥିବା ବକ୍ତମାନେ ମତପ୍ରକାଶ କରିଥିଲେ। ଏହାସହ ଦେଶରେ ଶିକ୍ଷା ପଦ୍ଧତି ପ୍ରତ୍ୟେକ ସ୍ତରରେ ପହଞ୍ଚି ପାରୁନଥିବାରୁ ଅତିଥିଗଣ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିସହିତ କିଟ ଓ କିସ ପକ୍ଷରୁ ଶିକ୍ଷାକୁ ବିଶ୍ୱବ୍ୟାପୀ କରିବାର ଉଦ୍ୟମକୁ ଅତିଥିଗଣ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ର ମାନେ ଶିକ୍ଷା ପ୍ରତି ସେମାନଙ୍କ ଇଚ୍ଛାଶକ୍ତି ଓ ଦକ୍ଷତାକୁ ପ୍ରତିପାଦନ କରିବା ଉଚିତ ବୋଲି ଦୀପିକା ସ୍କୁଲ ଅଧ୍ୟକ୍ଷ ପ୍ରମୋଦ ସାହୁ ମତବ୍ୟକ୍ତ କରିଥିଲେ। ଆର୍ଥିକ ଅନଗ୍ରସର ଶ୍ରେଣୀର ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣକୁ ପ୍ରାତମିକତା ଦେବାକୁ ଡିପିଏସ୍ ଅଧ୍ୟକ୍ଷ ସିର୍ଦ୍ଧାଥ ରଥ ଅଭିଭାବକ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ଶିକ୍ଷାକ୍ଷେତ୍ରକୁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ନେଇ ସେମାନଙ୍କ ଜୀବନଶୈଳୀ ଓ ସୃଜନଶୀଳତାକୁ ସଠିକ ବିନିଯୋଗ କରିବାକୁ ରଥ ଆହ୍ୱାନ ଦେଇଥିଲେ। ମାନବିକ ମୁଲ୍ୟବୋଧ, ବିଶ୍ୱାସ, ଅଭ୍ୟାସ ଓ ସୃଜନଶୀଳତାରେ ଅଭିବୃଦ୍ଧି କରି ଲକ୍ଷ୍ୟ ହାସଲ ଦିଗରେ ବିନିଯୋଗ କରିବାକୁ ଡା.ବନମାଳୀ କର ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ୧୯୪୮ ମସିହାରେ ୟୁନେସ୍କୋ ପକ୍ଷରୁ ସମସ୍ତଙ୍କ ପାଇଁ ଶିକ୍ଷାକୁ ପ୍ରୋତ୍ସାହିତ କରି ଶିକ୍ଷଣୀୟ ଭିତ୍ତିଭୂମି ଯଥା ଶିକ୍ଷା ପାଇଁ ବିଭିନ୍ନ ସୁବିଧା, ଶିକ୍ଷା ପାଇଁ ଆବଶ୍ୟକୀୟ ସରଞ୍ଜାମ ଓ ଆବଶ୍ୟକୀୟ ଶିକ୍ଷା ପଦ୍ଧତି ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପ୍ରତି ସରକାରଙ୍କ ପକ୍ଷରୁ ୨୫ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷା ପ୍ରଦାନ କରାଯାଉଥିବା ବେଳେ ଏହା କିପରି ଅଧିକ ହୋଇପାରିବ ସେ ନେଇ ଉଦ୍ୟମ ହେବା ଉଚିତ ବୋଲି ଡିଏଭି ସ୍କୁଲ ଅଧ୍ୟକ୍ଷ ଏଲ୍.ଏନ୍. ପ୍ରଧାନ ମତବ୍ୟକ୍ତ କରିଥିଲେ। ଏହାସହ ଛାତ୍ରୀଛାତ୍ର ମାନେ ସଂଯମୀ ତଥା ମାନବିକ ମୁଲ୍ୟବୋଧକୁ ପ୍ରାଥମିକତା ଦେବା ଉଚିତ ବୋଲି ସରକାରୀ ଅଟୋନୋମସ ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା ମତ ଦେଇଥିଲେ। ଦକ୍ଷ ଓ ସମର୍ଥ ଛାତ୍ରୀଛାତ୍ର ମାନେ ସେମାନଙ୍କ ଦକ୍ଷତା ବିକାଶରେ ମନୋନିବେଶ କରି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ମୁଖ୍ୟଅତିଥି ରାଜେନ୍ଦ୍ର ମିଶ୍ର ପରାମର୍ଶ ଦେଇଥିଲେ।



ସିଭିକ ସେଣ୍ଟର ଠାରେ ଆୟୋଜିତ ଆଲୋଚନାଚକ୍ରରେ ଅତିଥିଙ୍କୁ ଜଣେ ଛାତ୍ରୀ ପୁଷ୍ପଗୁଚ୍ଛ ପ୍ରଦାନ କରୁଛନ୍ତି।

■ କହ୍ନେଇ ସ୍ମୃତି ପାଠାଗାରର ବାର୍ଷିକ ଉତ୍ସବ

# ସାହିତ୍ୟ ବିନା ସୁସ୍ଥ ସମାଜ ଗଠନ ଅସମ୍ଭବ

ଲହୁଣୀପଡା, ୨୦।୧୦ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ହଳଦୀକୁଦରଠାରେ ଅବସ୍ଥିତ କହ୍ନେଇ ସ୍ମୃତି ପାଠାଗାରର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ କବି, କଳାକାର ସମାବେଶ ଅନୁଷ୍ଠିତ ହୋଇଯାଇଛି । କବିତା ଆବୃତ୍ତି ଓ କଳାକାରଙ୍କ କଳା ପ୍ରଦର୍ଶନରେ ମଞ୍ଚ ଉତ୍ସବ ମୁଖର ପାଲଟି ଯାଇଥିବା ଦେଖିବାକୁ ମିଳିଥିଲା । କହ୍ନେଇ ସ୍ମୃତି ପାଠାଗାରର ଦ୍ୱିତୀୟ ବାର୍ଷିକ ଉତ୍ସବର ମୁଖ୍ୟଅତିଥି ଭାବେ ନାଟ୍ୟକାର ଯାତ୍ରା ନାଟକ ଗବେଷକ ଅଧ୍ୟାପକ ଡା. ପଦ୍ମଲୋଚନ ମହାକୁଡ, ମୁଖ୍ୟବକ୍ତା ଭାବେ ଡା. ସୁବାଷ ଚନ୍ଦ୍ର ଲେଙ୍କା, ବକ୍ତା କୁମାର ଗୌତମ ବାରିକ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ପୂର୍ଣ୍ଣିମା ମୁଣ୍ଡା, ପ୍ରଧାନଆଚାର୍ଯ୍ୟ ଦିନେଶ କୁମାର ମାହାନ୍ତ ଯୋଗଦେଇଥିଲେ । କହ୍ନେଇ ସ୍ମୃତି ପାଠାଗାରର ପ୍ରତିଷ୍ଠାତା ସଭାପତି ତ୍ରିଲୋଚନ ସାହୁ ପରିଚୟ ଓ ବିବରଣୀ ପାଠ କରିଥିଲେ । ସମୟଥିଲା ଲୋକମାନେ ପୁସ୍ତକ ପଠନ କରୁଥିଲେ। କିନ୍ତୁ ସମୟ ପରିବର୍ତ୍ତନଶୀଳ ସମୟ ଆସିଛି ଲୋକମାନେ ଦୂରଦର୍ଶନ ଦେଖୁଛନ୍ତି । ତଥାପି ସାହିତ୍ୟ ବଞ୍ଚି ରହିଛି। ସାହିତ୍ୟ ବିନା ସୁସ୍ଥ ସମାଜ ଗଠନ, କଳା ସଂସ୍କୃତି ଅକ୍ଷୁର୍ଣ୍ଣ ଅସମ୍ଭବ। ତେଣୁ ସାହିତ୍ୟ କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ପାଇଁ ସାହିତ୍ୟ ସଂସଦର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାହିତ୍ୟ ସଂସଦରୁ ଉତ୍ତମ ସମାଜ ସୁସାହିତ୍ୟକ ଶ୍ରେଷ୍ଠସ୍ରଷ୍ଟା ପାଠକର ସୃଷ୍ଟି ହୋଇଥାଏ । ତେଣୁ ଯୁବ ବର୍ଗ ସାହିତ୍ୟ ସର୍ଜନା ପାଇଁ ଆକୃଷ୍ଟ ହେବା ଆବଶ୍ୟକ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିରଞ୍ଚି ଶଙ୍କର ବେହେରା ସଭାପତିତ୍ୱ କରିଥିବା ବେଳେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଦୁବରାଜ ମାହାନ୍ତ ଓ ପ୍ରତାପ ମିଶ୍ରଙ୍କ ସଂଯୋଜନାରେ ସ୍ୱରଚିତ କବିତା ଆବୃତି ହୋଇଥିଲା । କବି, ଲେଖକ, କଳାକାରମାନଙ୍କୁ ଚଳିତ ବର୍ଷର କାହ୍ନେଇ ସ୍ମୃତି ସମ୍ମାନ କରାଯାଇଥିଲା । କଳାକାର ଶିଶୁ କଳାକାରମାନେ କଳାପ୍ରଦର୍ଶନ କରିଥିଲେ । ଶେଷରେ ଡା. କମଳାକାନ୍ତ ମାହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ । ଘାସିରାମ ମାହାନ୍ତ, କ୍ଷୀରେଶ୍ୱରୀ କିଶାନ, ସନ୍ତୋଷ ସାହୁ, ବନବିହାରୀ କିଷାନ, ଅନିତାରାଣୀ ରଣା, ରଜନୀ ସାହୁ, ଶ୍ରୀମତୀ ପ୍ରଜାପତି, ସସ୍ମିତା ବେହେରା, ଦେବରାଜ କିଷାନ, ସୁରେଶ କୁମାର ସାହୁ, ସରୋଜ ସାହୁ, ତେଜସ୍ୱିନୀ ସାହୁ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ।



କହ୍ନେଇ ସ୍ମୃତି ପାଠାଗାରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଓଡ଼ିଶୀ ସଙ୍ଗୀତ ବିଶ୍ୱ ସଂସ୍କୃତିର ବିରଳ ବୈଭବ

ରାଉରକେଲା ଅଫିସ,୨୦।୧୦

ପଶ୍ଚିମ ଓଡିଶାର ଅଗ୍ରଣୀ କଳା ଅନୁଷ୍ଠାନ ସିଦ୍ଧ ଏକାଡେମୀ ଅଫ ଆର୍ଟ ପକ୍ଷରୁ ଆୟୋଜିତ ଦ୍ୱାଦଶ ହେମନ୍ତ ମହୋତ୍ସବ ଅବସରରେ ସେକ୍ଟର-୧୯ ସିଭିକ ସେଣ୍ଟର ଠାରେ ଆୟୋଜିତ ଓଡିଶା ସଙ୍ଗୀତର ଶାସ୍ତ୍ରୀୟତା ଉପରେ ଆୟୋଜିତ ଜାତୀୟ ସେମିନାରରେ ଏଭଳି ମତ ପ୍ରକାଶ ପାଇଥିଲା। ଏଥିରେ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓଡିଶୀ ନୃତ୍ୟ ସଙ୍ଗୀତ ଗବେଷକ ଡ.କୀର୍ତ୍ତନନାରାୟଣ ପାଢ଼ି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଗୀତି କବି ପ୍ରଧ୍ୟାପକ ଉପେନ୍ଦ୍ରନାଥ ପାତ୍ର ମୁଖ୍ୟଅତିଥି ଭାବେ ମଞ୍ଚାସୀନ ଥିଲେ। ଉତ୍କଳ ସାହିତ୍ୟ ସମାଜର ସଙ୍ଗଠନ ସମ୍ପାଦକ ଆଦିତ୍ୟପ୍ରତାପ ଧଳ, ଗୀତି କବି ସମାଜ ସଭାପତି ତାରିଣୀଚରଣ ସାହୁ ଅନ୍ୟତମ ବକ୍ତା ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ପାଢ଼ି ତାଙ୍କ ବକ୍ତବ୍ୟରେ ଓଡିଶୀ ସଙ୍ଗୀତ ସମ୍ପର୍କରେ ଅନେକ ଚମକପ୍ରଦ ତଥ୍ୟ ଉପସ୍ଥାପନ କରିଥିଲେ। ଓଡିଶୀ ସଙ୍ଗୀତ ଓ ଏହାର ପ୍ରାଚୀନତା ବାବଦରେ ସେ ସବିଶେଷ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା ଆଦିତ୍ୟ ଧଳ ଓଡିଆ ଭାଷା ଶାସ୍ତ୍ରିୟ ମାନ୍ୟତା ନେଇ ବିଶେଷ ଚର୍ଚ୍ଚା କରିଥିଲେ। ତାରିଣୀ ସାହୁ ତାଙ୍କ ବକ୍ତବ୍ୟରେ ଓଡିଶୀ ସଙ୍ଗୀତ ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଏନେଇ ଅନେକ ଆଶା ସଂଚାର ହୋଇଛି ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ପାତ୍ର ନିଜ ବକ୍ତବ୍ୟରେ ସିଦ୍ଧି ଏକାଡେମି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଅନନ୍ୟ ପରମ୍ପରା ଭାବେ ଅଭିହିତ କରିଥିଲେ। ଏହି ଅବସରରେ କେତେଜଣ ପ୍ରତିଷ୍ଠିତ ପ୍ରତିଭାଙ୍କୁ ସମ୍ମାନିତ କରାଯାଇ ଥିଲା। ଶେଷରେ ରଶ୍ମିରଂଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ହେମନ୍ତ ମହୋତ୍ସବରେ ଉପସ୍ଥିତ ଅତିଥି।

# ବଜରଙ୍ଗ ଦଳ ଜିଲା କମିଟି ବୈଠକ, ହିନ୍ଦୁଙ୍କ ଉପରେ ଆକ୍ରମଣକୁ ନିନ୍ଦା

ରାଉରକେଲା ଅଫିସ,୨୦।୧୦

ସେକ୍ଟର- ୩ ସୀତାରାମ ମନ୍ଦିରରେ ରବିବାର ପୂର୍ବାହ୍ନ ୧୦ ଟାରେ ବଜରଙ୍ଗ ଦଳ ପକ୍ଷରୁ ଏହାର ଜିଲା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ କର୍ମକର୍ତ୍ତା ଉଦବେଗ ପ୍ରକାଶ କରି ଅଭିଯୋଗ କରିଥିଲେ ଯେ ସମ୍ପ୍ରତି ଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣ ଘଟଣା କ୍ରମାଗତ ବଢ଼ିବାରେ ଲାଗିଛି। ଛୋଟ ଛୋଟ ଘଟଣାରେ ନିରିହ ଲୋକଙ୍କୁ ହତ୍ୟା କରାଯାଉଛି। ମୌଳବାଦୀଙ୍କ ଆକ୍ରମଣରେ ଭୟଭୀତ ହିନ୍ଦୁ ନ୍ୟାୟ ପାଇପାରୁ ନାହାଁନ୍ତି। ଗତ କିଛି ଦିନ ପୂର୍ବେ ପଶ୍ଚିମବଙ୍ଗର ମୁର୍ସିଦାବାଦ ଠାରେ ହିନ୍ଦୁ ଦମ୍ପତିଙ୍କ ହତ୍ୟା ଘଟଣା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଆହୁରି ଦୁଃଖଦ ଘଟଣା ଏହା ଯେ ଏହି ଦମ୍ପତିଙ୍କ ୭ ବର୍ଷର ଶିଶୁ ସହ ଜଣେ ଗର୍ଭବତୀ ମହିଳାଙ୍କୁ ମଧ ଜେହାଦି ଛାଡି ନଥିଲେ। ଯାହାକୁ ନେଇ ସମଗ୍ର ହିନ୍ଦୁ ସମାଜ ମର୍ମାହତ ହୋଇଥିଲା। ଏହି କ୍ରମରେ ଗତ ଦୁଇ ଦିନ ପୂର୍ବେ ଉତ୍ତରପ୍ରଦେଶରେ ଜଣେ ହିନ୍ଦୁବାଦୀ ନେତା କମଲେଶ ତିୱାରିଙ୍କୁ ଗଳା କାଟି ହତ୍ୟା କରାଯାଇଛି। ଏହାଠୁ ବଳି ନୃସଂସତା କିଛି ହୋଇ ନ ପାରେ ବୋଲି ଏଥିରେ ଉପସ୍ଥିତ ବଜରଙ୍ଗ ଦଳ କର୍ମକର୍ତ୍ତା ପ୍ରକାଶ କରିଥିଲେ। ଏଭଳି ଘଟଣା ଭାରତରେ ବାରମ୍ବାର ଘଟି ଚାଲିଛି। ଏହାକୁ ରୋକିବା ପାଇଁ ନା କେନ୍ଦ୍ର ନା ରାଜ୍ୟ କେହି ଅଗ୍ରହୀ ନୁହଁନ୍ତି। ଏମିତି ଘଟଣାକୁ ନେଇ ଉପସ୍ଥିତ ବଜରଙ୍ଗ ଦଳ କର୍ମକର୍ତ୍ତା ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ହିନ୍ଦୁ ସମାଜକୁ ଆହ୍ୱାନ କରି କୁହାଯାଇ ଥିଲା ଯେ ନିଜ ସୁରକ୍ଷା ନିଜେ କରିବାକୁ ତତ୍ପର ହୁଅ। ସରକାର ଆମକୁ ସୁରକ୍ଷା ଦେଇ ପାରିବେନି। ଗୁରୁତର ଅଭିଯୋଗରେ କେହି ସଂଖ୍ୟାଲଘୁ ଆହତ ହେଲେ ଦେଶ ସାରା ଏହାର ପ୍ରତିଫଳନ ଦେଖିବାକୁ ମିଳୁଛି। କିନ୍ତୁ ବିନା ଦୋଷରେ ହିନ୍ଦୁଙ୍କୁ ହତ୍ୟା କରାଯାଉଥିବା ବେଳେ ଏହାର ପ୍ରତିକ୍ରିୟା ଅନୁଭୂତ ହେଉନି। ସଂଖ୍ୟା ଲଘୁଙ୍କ ଦୌରାମ୍ୟରେ ଅତିଷ୍ଠ ହିନ୍ଦୁଙ୍କ ଦଶା ତଥାକଥିତ ବୁଦ୍ଧିଜିବୀଙ୍କ ଆଖିକୁ ଦିଶୁନି। ଅସହିଷ୍ଣୁତା ଆଳରେ ନାଟକ ବାଜି ଆରମ୍ଭ କରାଯାଉଛି। କିନ୍ତୁ ଜଣେ ଗର୍ଭବତୀ ମହିଳା ଓ ତାଙ୍କ ୭ ବର୍ଷର ଶିଶୁକୁ ନୃସଂସ ହତ୍ୟା କରାଯିବା ପରେ ଏମାନଙ୍କ ମୁହଁରେ ତୁଣ୍ଡି ପଡିଛି। ଏନେଇ ଯେଉଁମାନେ ମୌନ ବ୍ରତ ଧାରଣ କରିଛନ୍ତି ସେମାନଙ୍କ ବିବେକ ପ୍ରତି ବଜରଙ୍ଗ ଦଳ ପ୍ରଶ୍ନ ଉଥାପନ କରିଛି। ଏହି ବୈଠକରେ ମୃତ କମଲେଶ ତୱାରୀ ଓ ଅନ୍ୟମାନଙ୍କ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଥିଲେ। ଏହି ବୈଠକରେ ମୁଖ୍ୟ ବକ୍ତା ଭାବେ ପ୍ରାନ୍ତଃ ଗୋରକ୍ଷା ପ୍ରମୁଖ ରାଜୁ ସିଂ, ଶଙ୍କର ବର୍ମା, ନୀଲ ପୌଲ, ସୁରଜ ଝା ଓ ରଜତ ବିଶ୍ୱକର୍ମା ପ୍ରମୁଖ ଉପସ୍ଥିତ ଥିଲେ।




ବଜରଙ୍ଗ ଦଳ ଜିଲା କମିଟି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପଦକ୍ଷେପକୁ ସ୍ୱାଗତ

ରାଉରକେଲା ଅଫିସ, ୨୦।୧୦

କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଏବଂ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ସେପ୍ଟେମ୍ବର ୨୯ ତାରିଖରେ ରାଉରକେଲା ଗସ୍ତରେ ଆସିଥିଲେ। ଏହି ଗସ୍ତ ସମୟରେ ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଇଂ.ଅଭୟ ନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଉରକେଲା ହାସଉ ଠାରେ ସାକ୍ଷାତ କରିଥିଲେ। ଏହି ସମୟରେ ୨୨ ମାସିଆ ଲାଇସେନ୍ସ ପ୍ରାପ୍ତ ଘରଗୁଡ଼ିକୁ ଉପଭୋକ୍ତା ମାନଙ୍କ ନାମରେ ରିନ୍ୟୁ କରିବା ପାଇଁ ଆଲୋଚନା କରିବା ସହ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯିବା ସହ ଏହାର ବିଚାର ପାଇଁ ଅନୁରୋଧ କରାଯାଇଥିଲା। ତେବେ ଚଳିତମାସ ୧୭ ତାରିଖ ଇସ୍ପାତ ମନ୍ତ୍ରାଳୟ ପକ୍ଷରୁ ପ୍ରାପ୍ତ ଏକ ପତ୍ରରେ ସଂଘ ଦେଇଥିବା ଦାବି ଉପରେ ବିଚାର କରାଯାଉଥିବା ନେଇ ଉଲ୍ଲେଖ ରହିଛି। କେନ୍ଦ୍ରମନ୍ତ୍ରୀ ଏହିପରି ଏକ ପ୍ରସଙ୍ଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁଷ୍ଠାନ ତରଫରୁ ସ୍ୱାଗତ କରାଯାଉଛି ବୋଲି ସଂଘ ପକ୍ଷରୁ ଏକ ପ୍ରେସ ବିବୃତିରେ କୁହାଯାଇଛି।

# ସୁପ୍ତ ଅବସ୍ଥାରେ ଥିବା କସ୍ତୁରୀ ଅନୁଷ୍ଠାନର ପୁଣି ଉତ୍ଥାନ

ରାଉରକେଲା ଅଫିସ, ୨୦।୧୦

ଦୀର୍ଘ ୩୦ ବର୍ଷ ଧରି ସୁପ୍ତ ଅବସ୍ଥାରେ ଥିବା ନାଟ୍ୟାନୁଷ୍ଠାନ କସ୍ତୁରୀ ଅନୁଷ୍ଠାନ ଏକ ନୂତନ ରୂପରେ ଅବତୀର୍ଣ୍ଣ ହେବାକୁ ଯାଉଛି। ଏ ନେଇ ରବିବାର ପୂର୍ବାହ୍ନରେ ସ୍ଥାନୀୟ ସେକ୍ଟର-୪ ସ୍ଥିତ ଆଇଆଇଏମଏମ ଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ମୁଖ୍ୟ ପୃଷ୍ଠପୋଷକ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି। ସାହିତ୍ୟ, କଳା ସଂସ୍କୃତି ତଥା ନାଟକ ମଞ୍ଚସ୍ଥ ପାଇଁ ପ୍ରତିବଦ୍ଧତା ଥିବା କସ୍ତୁରୀ ଅନୁଷ୍ଠାନ ୧୯୮୬ ମସିହାରେ ନାଟ୍ୟକାର ରଞ୍ଜିତ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ କରାଯାଇଥିଲା। ୧୯୮୬ରୁ ୧୯୮୯ ମଧ୍ୟରେ ଏହି ଅନୁଷ୍ଠାନ ଅନେକ ଗୁଡ଼ିଏ ନାଟକ ପ୍ରଦର୍ଶିତ କରିଥିବା ବେଳେ 'ପଞ୍ଚୁ ପାଣ୍ଡବ' ନାଟକଟି ସଫଳତାର ଶୀର୍ଷ ଛୁଇଥିଲା। ତେବେ ପଟ୍ଟନାୟକଙ୍କ ପରେ ଏହି ଅନୁଷ୍ଠାନ ସୁପ୍ତ ଅବସ୍ଥାକୁ ଚାଲିଆସିଥିଲା। ତେବେ ଦୀର୍ଘ ୩୦ବର୍ଷ ପରେ କସ୍ତୁରୀ ବର୍ତ୍ତମାନ ନୂତନ ରୂପରେ ଅବତୀର୍ଣ୍ଣ ହୋଇଛି। ଏହାସହ ଓଡିଶାର ବିଭିନ୍ନ ସ୍ଥାନ ମାନଙ୍କରେ ତଥା ଭାରତବର୍ଷର କୋଣ ଅନୁକୋଣରେ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ କସ୍ତୁରୀ ମାଧ୍ୟମରେ ପରିବେଷଣ କରିବା ପାଇଁ ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଉଥିବା ଏହି ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏହାସହ ଅତ୍ୟାଧୁନିକ ଯୁଗର ପିଲା ମାନଙ୍କ ଦ୍ୱାରା ଅବହେଳିତ ବୃଦ୍ଧ ମାତାପିତା ଓ ସେମାନଙ୍କର ନାତିନାତୁଣୀ ମାନଙ୍କ ସହ ଅନାବିଳ ସମ୍ପର୍କକୁ ସୁଦୃଢ଼ କରି ଗଢ଼ଇ ତୋଳିବାକୁ ନାଟ୍ୟ କର୍ମଶାଳା ମାଧମରେ ପ୍ରୟାସ କରାଯିବ। ଏପରିକି ଅନାଥ ଶିଶୁ ଓ ଭିନ୍ନକ୍ଷମ ପିଲାମାନଙ୍କୁ ନାଟକ କ୍ଷେତ୍ରକୁ ଅଣାଯାଇ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପ୍ରୟାସ ଜାରି ରଖାଯିବ। ସ୍ୱଚ୍ଛ ଭାରତ ଅଭିଯାନ, ପରିବେଶ ସଂରକ୍ଷଣ, ବେଟି ବଚାଓ ବେଟି ପଢ଼ାଓ, ନିଶା ନିବାରଣ, ଜଙ୍ଗଲ ସୁରକ୍ଷା ଇତ୍ୟାଦି ସହ ଅନ୍ୟାନ୍ୟ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ ଗୁଡ଼ିକୁ ଛୋଟ ଛୋଟ ନାଟକ କିମ୍ବା ପଥପ୍ରାନ୍ତ ନାଟକ ମାଧମରେ ଲୋକଙ୍କୁ ସଚେତନ ପାଇଁ ପ୍ରୟାସ କରାଯିବା ନେଇ ଉଦ୍ଦେଶ୍ୟ ରହିଥିବା କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୦/୧/୨୦୨୦ ଯୁବ ନାଟ୍ୟକାର ପ୍ରଭାକର ପାତ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ 'ମଧୁ ମାଳତୀ' ନାଟକ ପରିବେଷଣ କରାଯିବାକୁ ଥିବା ବେଳେ ୨୧ ଓ ୨୨ ତାରଇଖରେ ରଞ୍ଜିତ ପଟ୍ଟନାୟକଙ୍କ ରଚିତ 'ଗୋଇଠା ବାବା' ନାଟକ ମଞ୍ଚସ୍ଥ ହେବ। ଏହାସହ ଏହାର ପ୍ରଥମ ସଂଧ୍ୟାରେ ଅନୁଷ୍ଠାନ ପକ୍ଷରୁ ସ୍ମରଣିକା ଉନ୍ମୋଚନ କରାଯିବ। ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ଜିତେନ ମହାନ୍ତି, ଉପସଭାପତି ଇନ୍ଦିରା ମିଶ୍ର ଓ ସୁଖରଞ୍ଜନ ବୋଷ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ସ୍ୱାଇଁ, ସଙ୍ଗଠନ ସମ୍ପାଦକ ଅଶୋକ ବଳ ଏବଂ ସାଧାରଣ ସମ୍ପାଦକ ରାଧେଶ୍ୟାମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ତ୍ରିନାଥ ମନ୍ଦିର ପ୍ରତିଷ୍ଠା ଦିବସ ପାଳିତ

**ବ୍ରଜରାଜନଗର, ୨୦।୧୦ (ଡି.ଏନ.ଏ)-** ସ୍ଥାନୀୟ ଗାନ୍ଧୀଛକଠାରେ ଥିବା ତ୍ରିନାଥ ମନ୍ଦିରର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରଗଡ଼ ଏମ୍.ପି. ସୁରେଶ ପୂଜାରୀ ସପତ୍ନିକ, ବିଧାୟକ କିଶୋର ମହାନ୍ତି ଯୋଗଦେଇଥିଲେ। ଆୟୋଜକ କମିଟି ତରଫରୁ ପ୍ରଥମେ ନଗର କୀର୍ତ୍ତନ କରାଯାଇଥିଲା। ପରେ ମରାକୁଟାର କୃଷ୍ଣଗୁରୁ, ବେଲପାହାଡ଼ର ଘଣ୍ଟାବାଦ୍ୟ ଓ ଖମନର ନାଚଗ୍ରୁପ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜାତୀୟ ରାଜପଥ ଏନ୍ଏଚ୍- ୪୯ ପାର୍ଶ୍ୱରେ ଏହି ମନ୍ଦିର ଥିବାରୁ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମରେ ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟ ପୀତବାସ ସ୍ୱାଇଁ, ରମେଶ ସାହୁ, ରମେଶ ସେନାପତି, ବୁବୁ ମହାପାତ୍ର, ପବିତ୍ର ପ୍ରଧାନ, ଆନନ୍ଦ ପଣ୍ଡା ପ୍ରମୁଖ ସହାୟତା କରିଥିଲେ। ପରେ ପ୍ରସାଦ ସେବନ କରାଯାଇଥିଲା।

ଛତିଶଗଡ଼ରୁ ଲୁଟ୍ କାର ବନ୍ଧବାହାଲରେ ଜବତ

# ମୁଖ୍ୟ ଅଭିଯୁକ୍ତ ଗିରଫ, ୪ ଫେରାର

**ଲଖନପୁର,୨୦।୧୦ (ଡି.ଏନ୍.ଏ.)**

ଛତିଶଗଡ଼ରୁ ଲୁଟ୍ ହୋଇଥିବା ଏକ କାର ବନ୍ଧବାହାଲରୁ ଶନିବାର ପୋଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ବନ୍ଧବାହାଲର ମହମ୍ମଦ ସୋନୁଙ୍କୁ ଛତିଶଗଡ଼ ଚନ୍ଦରପୁର ପୋଲିସ ଗିରଫ କରିଛି। ଗିରଫ ପରେ ଲୁଟ୍ କାର ସହ ଅଭିଯୁକ୍ତଙ୍କୁ ଚନ୍ଦରପୁର ପୋଲିସ ବନହରପାଲି ଥାନାରେ ହାଜିର କରିଥିଲା। ଏଠାରେ ଏକ ରିକ୍ୟୁଜିଶନ୍ ଦେଇ ଚନ୍ଦରପୁର ପୋଲିସ ଲୁଟ୍ କାର ସହ ଅଭିଯୁକ୍ତ ସୋନୁକୁ ଛତିଶଗଡ଼ ନେଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୪ ଅଭିଯୁକ୍ତ ଫେରାର ଅଛନ୍ତି। ଲୁଟେରାମାନେ କାରର ନମ୍ବର ପ୍ଲେଟ୍ ବଦଳାଇ ଚତୁରତାର ସହିତ ଓଡି୧୫ ଏଲ୍ ୨୫୫୭ ଏକ ସ୍କୁଟର ନମ୍ବରକୁ ଲଗାଇଥିଲେ। ଯାହା ଯାଞ୍ଚ ପ୍ରକ୍ରିୟା ବେଳେ ଧରା ପଡ଼ିଥିଲା। ଏହି ନକଲି ନମ୍ବର ଲଗାଇ ଅଭିଯୁକ୍ତମାନେ ବନ୍ଧବାହାଲ ଅଞ୍ଚଳରେ ମାସେ ହେଲା କାର ଚଳାଉଥିଲେ। ଯାନବାହନ ଯାଞ୍ଚ ବେଳେ ସୋନୁ ପୋଲିସକୁ ଚକମା ଦେଇ ଖସିଯାଉଥିଲା। ଗତ କିଛିଦିନ ତଳେ ବନ୍ଧବାହାଲ ଫାଣ୍ଡି ପୋଲିସ ସନ୍ଦେହରେ କାରକୁ ପିଛା କରିଥିଲା। ହେଲେ କାର୍ ଦ୍ରୁତଗତିରେ ଫେରାର ହୋଇଯାଇଥିଲା। ଗିରଫ ସୋନୁ ଗତ ୨ମାସ ତଳେ ବନ୍ଧବାହାଲ ଅଞ୍ଚଳରେ କେତେକ ଯୁବକଙ୍କ ସହିତ ମାରପିଟ୍ କରିଥିଲା। ଏନେଇ ବନହରପାଲି ଥାନାରେ କେସ ମଧ୍ୟ ହୋଇଥିଲା। ପୋଲିସ ଭୟରେ ସେ ହାଇକୋର୍ଟରୁ ଜାମିନ୍‌ରେ ଆସିଥିଲା। ପରେ ସେ ସାଙ୍ଗସାଥୀଙ୍କ ସହ ମିଶି ଏହି ଲୁଟ୍ ଘଟଣା ଘଟାଇଛି। ପୋଲିସର ଜେରା ବେଳେ ଅଭିଯୁକ୍ତ ସୋନୁ କହିଛି ଯେ, ଝାରସୁଗୁଡ଼ାର ଜଣେ ଯୁବକଙ୍କ ନିକଟରୁ ୫୦ହଜାର ଟଙ୍କାରେ ଏହି କାରକୁ ବନ୍ଧକ ରଖିଛି। ଆଉ କେତେବେଳେ ନିଜେ କିଣିଛି ବୋଲି କହୁଛି। ଚନ୍ଦରପୁର ଥାନା ସବ୍‌ଇନ୍‌ସପେକ୍ଟର ଯୋଗେଶ୍ୱର ପଟେଲଙ୍କ ସୂତ୍ରରୁ ପ୍ରକାଶ ଯେ, ମହମ୍ମଦ ସୋନୁଙ୍କ ସହିତ ଅନ୍ୟ ୪ ଯୁବକ ଗତ ସେପ୍ଟେମ୍ବରରେ ଚନ୍ଦରପୁର ଯାଇଥିଲେ। ସେଠାରୁ ଏକ କାର ଭଡ଼ାରେ ନେଇ ବୁଲିବା ପାଇଁ ଯାଇଥିଲେ। ଏହି ସମୟରେ ଚାଳକଙ୍କୁ ମାରପିଟ୍ କରି ରାସ୍ତାରୁ କାର୍ ଲୁଟ୍ କରିଥିଲେ। ଏ ସମ୍ପର୍କରେ ଚାଳକ କାର ମାଲିକଙ୍କୁ ଜଣାଇବା ପରେ ସେ ଚନ୍ଦରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଚନ୍ଦରପୁର ଥାନାରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ବିଶେଷ ସୂତ୍ରରୁ ଚନ୍ଦରପୁର ପୋଲିସ ଜାଣିବାକୁ ପାଇଥିଲା ଲୁଟ୍ କାର ଓଡ଼ିଶାରେ ରହିଛି। ପରେ ଚନ୍ଦରପୁର ପୋଲିସ ଓଡ଼ିଶା ଆସି ବନ୍ଧବାହାଲରୁ ଲୁଟ୍ କାର ଜବତ କରିବା ସହ ମୁଖ୍ୟ ଅଭିଯୁକ୍ତ ସୋନୁକୁ ଗିରଫ କରିଛି।



ଛତିଶଗଡ଼ରୁ ଲୁଟ୍ ହୋଇଥିବା କାର।

# ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବଳାତ୍କାର

■ ଥାନାରେ ମାମଲା, ଅଭିଯୁକ୍ତ ଫେରାର

**ରାଉରକେଲା ଅଫିସ, ୨୦।୧୦**

ରାଉରକେଲା ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଏବଂ ଯୁବତୀ ଜଣକ ଏକ ଶିଶୁପୁତ୍ରକୁ ଜନ୍ମଦେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଏ ନେଇ ସମ୍ପୃକ୍ତା ଯୁବତୀ ଜଣକ ୩ ଜଣ ଯୁବକ ଓ ଜଣେ ମହିଳାଙ୍କ ନାମରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଖୋଳତାଡ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ, ବନ୍ଧମୁଣ୍ଡା ଥାନା ଅଞ୍ଚଳର ଉକ୍ତ ଯୁବତୀଙ୍କୁ ସେହି ଅଞ୍ଚଳର ଜଣେ ଯୁବକ ବିବାହ ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖିଥିଲେ । ଏହି ଘଟଣାକୁ ଯୁବକଙ୍କ ଅନ୍ୟ ଜଣେ ସାଙ୍ଗ ଜାଣିବା ପରେ ସମ୍ପୃକ୍ତା ଯୁବତୀଙ୍କୁ ଭୟଭୀତ କରି ତାଙ୍କ ସହିତ ଦୈହିକ ସମ୍ପର୍କ ରଖିଥିଲେ। ୭ ମାସ ଗର୍ଭବତୀ ଥିବା ଜଣାପଡିବା ପରେ ଯୁବତୀ ଜଣକ ପ୍ରଥମ ଯୁବକଙ୍କୁ ବିବାହ କରିବା ପାଇଁ ଜିଦ୍ ଧରିଥିଲେ। ଫଳରେ ଯୁବକ ଜଣକ ଉକ୍ତ ଯୁବତୀଙ୍କୁ ଧରାଛୁଆଁ ଦେଇ ନ ଥିଲେ । ଇତିମଧ୍ୟରେ ଯୁବତୀ ଏକ ଶିଶୁକୁ ଜନ୍ମ ଦେଇଥିବା ଜାଣିବା ପରେ ଯୁବକ ବିବାହ କରିବାକୁ ମନା କରିବା ସହିତ ଯୁବତୀଙ୍କ ଦୁଇ ଭାଇଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଉଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏ ନେଇ ବନ୍ଧମୁଣ୍ଡା ପୋଲିସ ଆଇପିସି ଧାରା ୩୭୬ (୨)(ଏନ୍), ୪୧୭, ୨୯୪, ୫୦୬, ୩୪ ଅନୁସାରେ ଏକ ମାମଲା (ନଂ.୧୫୪/୧୯) ରୁଜୁ କରି ତଦନ୍ତ ଜାରି ରଖିଛି । ଅଭିଯୁକ୍ତ ଯୁବକ ଫେରାର ଅଛନ୍ତି । ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା କାହାରିକୁ ଗିରଫ କରାଯାଇନାହିଁ ।

## କୃଷକ ତାଲିମ ଶିବିର

**ଦେବଗଡ଼,୨୦।୧୦ (ଡି.ଏନ୍.ଏ.)**

ଦେବଗଡ଼ ଜିଲାରେ ଚାଷୀମାନଙ୍କୁ ନେଇ ସିଲ ବାୟୋଟେକ୍ ଲିମିଟେଡ୍ ପକ୍ଷରୁ ୨୦୧୯-୨୦ ଓ ୨୦୨୧-୨୨ ବର୍ଷ ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତିଳେଇବଣି ବ୍ଲକର ୨୦୦ହେକ୍ଟର, ରିଆମାଳ ବ୍ଲକର ୨୦୦ ହେକ୍ଟର ଓ ବାରକୋଟ ବ୍ଲକର ୧୦୦ ହେକ୍ଟର ଚାଷ ଜମିରେ ୧୦୨୪ଜଣ ଚାଷୀଙ୍କୁ ରାସାୟନିକ ସାର ବଦଳରେ ଜୈବିକ ସାର ବ୍ୟବହାର କରି ଚାଷ କରିବାକୁ ତାଲିମ୍ ପ୍ରଦାନ କରାଯାଇଥିଲା। ଶିବିରରେ ପ୍ରସନ୍ନ କୁମାର ସାହୁ, ପିପିଓ ଦ୍ୱାରିକାନାଥ ବେହେରା, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସୁଜିତ କୁମାର ନାଥ ପ୍ରମୁଖ ଉପସ୍ଥିତ ରହି ଜୈବୀକ କୃଷି ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**କିର୍ମିରା, ୨୦।୧୦ (ଡି.ଏନ.ଏ)**

କିର୍ମିରା ବ୍ଲକ ବନ୍ଧପାଲି ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପଟେଲ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ସିଆର୍‌ସିସି ସଞ୍ଜୟ ନାଏକ ପରିଚାଳନା କରିଥିଲେ। ଏଥିରେ ୧୧ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ନାଚ, ଗୀତ, ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ବନ୍ଧପାଲି ସରପଞ୍ଚ ମଞ୍ଜୁଲତା ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



ଜଣେ କୃତୀ ଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।



କିର୍ମିରାରେ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା।

## କିର୍ମିରାରେ ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ

**କିର୍ମିରା, ୨୦।୧୦ (ଡି.ଏନ.ଏ)**

ଝାରସୁଗୁଡ଼ା ଜିଲା କିର୍ମିରା ଗ୍ରାମରେ ଗତ ୧୨ ତାରିଖ ଶନିବାରଠାରୁ ଆରମ୍ଭ ହୋଇଥିବା ଗଜଲକ୍ଷ୍ମୀ ପୂଜା ରବିବାର ଉଦ୍‌ଯାପିତ ହୋଇଛି। ଗତ ଶନିବାର କଳସ ସ୍ଥାପନ ଓ ରବିବାର ଗଜଲକ୍ଷ୍ମୀଙ୍କ ଘଟ ପ୍ରତିଷ୍ଠା ସହ ପ୍ରତ୍ୟେକ ଦିନ ପୂଜା ଅନୁଷ୍ଠିତ ହୋଇଥିଲା। ଏଥିରେ ସନ୍ତାନ ଗଜଲକ୍ଷ୍ମୀ ପୂଜା, ଅଷ୍ଟଲକ୍ଷ୍ମୀ ପୂଜା, ଆଦ୍ୟଲକ୍ଷ୍ମୀ ପୂଜା, ଧାନ୍ୟଲକ୍ଷ୍ମୀ ପୂଜା, ଧନଲକ୍ଷ୍ମୀ ପୂଜା, କମଳ ପୁଷ୍ପଲକ୍ଷ୍ମୀ ପୂଜା, ବୈଭବଲକ୍ଷ୍ମୀ, ଭିରଲକ୍ଷ୍ମୀ ପୂଜା, ଅଷ୍ଟଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଏହା ସହିତ ବିଶେ ସହଶ୍ରାନାମ, ହନୁମାନ ଚାଳିଶା ପାଠ, ଗୋ ପୂଜୋନ, ଶପ୍ତଚଣ୍ଡି ପାଠ, ଲକ୍ଷ୍ମୀ ସହସ୍ରନାମ, ଚଣ୍ଡୀ ହୋମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜା ଅବସରରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭଜନକୀର୍ତ୍ତନ, ଆର୍କେଷ୍ଟ୍ରା, ରେକର୍ଡ ଡ୍ୟାନ୍ସ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ମହେଶ୍ୱର ପାଣିଗ୍ରାହୀ କର୍ତ୍ତା ଦାୟିତ୍ୱ ତୁଲାଇଥିବାବେଳେ ଚିଣ୍ଟୁ ପାଣିଗ୍ରାହୀ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। କମିଟି ସଭାପତି ରାମେଶ୍ୱର ପାଣିଗ୍ରାହୀ, ଉପଦେଷ୍ଟା ମୀନକେତନ ବେହେରା, କୁଞ୍ଜବିହାରୀ ପଟେଲ, ଦିନେଶ ଅମାତିଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ସୋମବାର ଭସାଣୀ ଉତ୍ସବ ଅନୁଷ୍ଠିତ ହେବ।

## ବ୍ଲକ କୃଷକ ସଂଘର ବୈଠକ

**ରିଆମାଳ, ୨୦।୧୦(ଡି.ଏନ.ଏ.)**

ଦେବଗଡ ଜିଲା ରିଆମାଳ ବ୍ଲକ ସଳପଘଟି ଶିବ ମନ୍ଦିରରେ ରବିବାର କୃଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷକ ସଂଘ ସଭାପତି ହୃଷିକେଶ ପ୍ରଧାନ, ସମ୍ପାଦକ ପବିତ୍ର ମୋହନ ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ବୈଠକରେ ଜିଲା କୃଷକ ସଂଗଠନ ସଭାପତି ପ୍ରଶ୍ନ ପଟେଲ ସଭାପତିତ୍ୱ କରିଥିଲେ। ସମବାୟ ସମିତିଗୁଡିକରେ ଯେତିକି ପରିମାଣର ଧାନ ନେବା ପାଇଁ ରେଜିଷ୍ଟ୍ରେସନ ହେଉଛି ସେତିକି ପରିମାଣର ଧାନ ନେଉ ନ ଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଚଳିତ ବର୍ଷ ରେଜିଷ୍ଟ୍ରେସନ ମୁତାବକ ଧାନ ପରିମାଣ ନେବା ପାଇଁ କୃଷକ ସଂଘ ପକ୍ଷରୁ ଦାବି ହେଇଛି । ଅପରପକ୍ଷରେ ଧାନ କିଣିବା ପାଇଁ ଆଗାମୀ ଦିନରେ ବ୍ଲକ୍ ରେ ଏକ ଧାନ ମିଲ୍ ସ୍ଥାପିତ କରାଯିବାକୁ ଜିଲାପାଳଙ୍କଂଠାରେ ଦାବି କରାଯିବାକୁ କୃଷକ ସଂଘ ପକ୍ଷରୁ ଉକ୍ତ ବୈଠକରେ ସ୍ଥିର କାରାଯାଇଛି । ଏହି ବୈଠକରେ ଦନାର ପ୍ରଧାନ, ସତ୍ୟ ନାରାୟଣ ପ୍ରଧାନ, ପ୍ରଶ୍ନ ସାହୁ, ଗୁରୁ ଚରଣ ସାହୁ, ହେମନ୍ତ ସାହୁ, ପବିତ୍ର ମୋହନ ପ୍ରଧାନ, ମଦନ ମୋହନ ଦେହୁରୀ, ସଚ୍ଚିନ୍ଦ୍ର ପ୍ରଧାନ, ଦିବାକର ଗଡନାୟକ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ଚାଷୀମାନେ।

## ରାସ୍ତା ପ୍ରଶସ୍ତୀକରଣ ପାଇଁ ଭୂମି ପୂଜନ

**ବ୍ରଜରାଜନଗର, ୨୦।୧୦ (ଡି.ଏନ୍.ଏ.)**

ସ୍ଥାନୀୟ ଗାନ୍ଧୀଛକଠାରୁ ରାଜପୁର ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ପାଇଁ ରବିବାର ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ଏହି ଭୂମି ପୂଜନୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ୨ କୋଟି ୨୯ ଲକ୍ଷ ୧୨ ହଜାର ୩୭ ଟଙ୍କା ବ୍ୟୟ ଅଟକଳରେ ୭ ମିଟର ପ୍ରସ୍ଥରେ ଏହି ରାସ୍ତା ତିଆରି କରାଯିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ରାସ୍ତା ପ୍ରଶସ୍ତୀକରଣ ବେଳେ ଉଭୟ ପାର୍ଶ୍ୱରେ ଥିବା ଘର ଉଚ୍ଛେଦ ହେବନାହିଁ, ଗଛ କଟାଯିବ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରାଯାଇଛି। ହେଲେ ଏଠାରେ ପ୍ରଶ୍ନ ଉଠୁଛି ଯେ, ପୂର୍ବରୁ ରାସ୍ତା ସଂକୀର୍ଣ୍ଣ ଥିଲା ବୋଲି ପ୍ରଶସ୍ତିକରଣର ଆବଶ୍ୟକତା ପଡିଲା। ମୋଟ ସାଢ଼େ ତିନି କି.ମି. ରାସ୍ତାରୁ ୨ କି.ମି.ରେ ବଜାର ଓ ବସ୍ତି ରହିଛି। ରାସ୍ତା ପ୍ରଶସ୍ତୀକରଣ ପାଇଁ ପୂର୍ବରାସ୍ତାର ପାର୍ଶ୍ୱରେ ଜାଗା ନାହିଁ। ଏମିତିରେ ରାସ୍ତା ପ୍ରଶସ୍ତୀକରଣ ହେବ କେମିତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ରାସ୍ତାର ପ୍ରଶସ୍ତୀକରଣ ପାଇଁ ଝାରସୁଗୁଡ଼ା ଜିଲା ଡିଏମ୍ଏଫ୍ ପାଣ୍ଠିରୁ ଟଙ୍କା ମଞ୍ଜୁର କରାଯାଇଛି। ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହେବାପରେ ବାସ୍ତବିକ ଚିତ୍ର ଜଣାପଡିବ ବୋଲି ଅଞ୍ଚଳବାସୀ ଚର୍ଚ୍ଚା କରୁଛନ୍ତି। ଏହି ରାସ୍ତା ଉପରେ ଝାରସୁଗୁଡ଼ା ବ୍ଲକର ୪ ଗୋଟି ପଞ୍ଚାୟତର ପାଖାପାଖି ୨୦ ହଜାର ଲୋକ ନିର୍ଭର କରୁଥିବାବେଳେ ଏହା ପଡ଼ୋଶୀ ସୁନ୍ଦରଗଡ଼ ଜିଲାକୁ ସଂଯୋଗ କରିବ। ଦର୍ଲିପାଲିଠାରେ ଏନ୍‌ଟିପିସି କମ୍ପାନୀ ମଧ୍ୟ ଏହି ରାସ୍ତା ଉପରେ ନିର୍ଭରଶୀଳ। ପୂଜା ସମୟରେ ସ୍ଥାନୀୟ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ ଗଣେଶରାମ ବାଗ, ପ୍ରତାପ ବିଶ୍ୱାଳ, ରାଜୀବ ପାଢୟୋଶୀ ପ୍ରମୁଖ ସହାୟତା କରିଥିଲେ।



ଓଡିଶା ସରକାର, ପୂର୍ତ୍ତ ବିଭାଗ
ମାନ୍ୟବର ବିଧାୟକ ବ୍ରଜରାଜନଗର
ଶ୍ରୀଯୁକ୍ତ କିଶୋର କୁମାର ମହାନ୍ତି ଙ୍କ
କରକମଳରେ
ଡି. ଏମ .ଏଫ୍. ଅନ୍ତର୍ଗତ ଗାନ୍ଧି ଛକ ରୁ ରାଜପୁର
ରାସ୍ତାର ଉନ୍ନତିକରଣ
କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ
ତା: ୨୦.୧୦.୨୦୧୯
ଅଟକଳ ରାଶି-ଟ ୨.୨୯.୧୨.୦୩୭.୦୦
ସଦୟ ଉପସ୍ଥିତି:
ଶ୍ରୀଯୁକ୍ତ ଦିଗାମ୍ବର ଭୋଇ (ବ୍ଲକ ଅଧ୍ୟକ୍ଷ, ଝାରସୁଗୁଡା)
ଶ୍ରୀଯୁକ୍ତ ଯତୀନ ଦେଓ (ସରପଞ୍ଚ, ରାଜପୁର)
ଶ୍ରୀଯୁକ୍ତ ଗଣେଶ ରାମ ବାଗ (ସମିତି ସଭ୍ୟ, ରାଜପୁର)

ଭୂମିପୂଜା ପରେ ବସାଯାଇଥିବା ଫଳକ।

ସ୍କୁଲ ଛାତରୁ ପଲସ୍ତରା ଖସି ଛାତ୍ରୀଛାତ୍ର ଆହତ ଘଟଣା

# ସ୍କୁଲ ପରିଦର୍ଶନ କଲା ଏମ୍‌ସିଏଲ୍ ୱେଲ୍‌ଫେୟାର କମିଟି

**ଲଖନପୁର,୨୦।୧୦ (ଡି.ଏନ୍.ଏ.)**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ (ଏମ୍‌ସିଏଲ୍) ଦ୍ୱାରା ପରିଚାଳିତ ବନ୍ଧବାହାଲ ଡିଏଭି ସ୍କୁଲରେ ଗତ ଗୁରୁବାର ଶ୍ରେଣୀ କୋଠରି ଛାତରୁ ସିମେଣ୍ଟ ପଲସ୍ତରା ଖସି ୩ଜଣ ଛାତ୍ରୀଛାତ୍ର ଆହତ ହୋଇଥିଲେ। ଘଟଣାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଏମ୍‌ସିଏଲ୍ ୱେଲ୍‌ଫେୟାର କମିଟିର ଏକ ୧୦ଜଣିଆ ଦଳ ରବିବାର ସ୍କୁଲ ପରିଦର୍ଶନ କରିଥିଲା। ପରେ ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ କମିଟି ଅବଗତ ହୋଇଥିଲା। ସ୍କୁଲ କୋଠା ଛାତରୁ ବର୍ଷା ପାଣି ଝରି ଶ୍ରେଣୀ କୋଠରିରୁ ସିମେଣ୍ଟ କଂକ୍ରିଟ୍ ଖସୁଛି। ଶୌଚାଳୟଗୁଡ଼ିକ ଆବଶ୍ୟକତା ଅନୁଯାୟୀ ସଫାସୁତୁରା କରାଯାଉ ନାହିଁ, କେତେକ ଶୌଚାଳୟରେ କବାଟ ନାହିଁ। ଶ୍ରେଣୀ କୋଠରିରେ ଇଲେକ୍ଟ୍ରି ୱେୟାରିଙ୍ଗ ଅବ୍ୟବସ୍ଥିତ ଭାବରେ ରହିଛି। ଶ୍ରେଣୀ କୋଠରିଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢାରେ ସମସ୍ୟା ସୃଷ୍ଟି ହେଉଛି। ଛାତ୍ରୀଛାତ୍ରମାନେ ବସୁଥିବା ଟେବୁଲ, ବେଞ୍ଚ ସବୁ ଭାଙ୍ଗିରୁଜି ଗଲାଣି। ନିମ୍ନମାନର କାମଯୋଗୁ କାନ୍ଥରେ ଲାଗିଥିବା ଟାଇଲ୍ ସବୁ ଖସିବାକୁ ଲାଗିଲାଣି। ସ୍କୁଲରେ ସିସିଟିଭି କ୍ୟାମେରା ରହିଛି କିନ୍ତୁ ଆବଶ୍ୟକତାରୁ ବହୁ କମ୍ ରହିଛି। ଏସବୁ ସମସ୍ୟା ସମ୍ପର୍କରେ ଜାଣିବାପରେ ୱେଲ୍‌ଫେୟାର କମିଟି ଅସନ୍ତୋଷ ପ୍ରକାଶ କରିଛି। କମିଟି ଏହାର ସମାଧାନ ପାଇଁ କମ୍ପାନୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି କହିଛି। ଏସମ୍ପର୍କରେ ୱେଲ୍‌ଫେୟାର କମିଟି କର୍ମକର୍ତ୍ତାମାନେ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରେ ସ୍କୁଲ ପ୍ରଧାନ ଶିକ୍ଷକ ଅସୀମ କୁମାର ମିଶ୍ର, ଏମ୍‌ସିଏଲ୍ ଅଧିକାରୀ ଏପିଏମ୍ ଡି.ବି. କମ୍ଳେ, ଡେପୁଟି ମ୍ୟାନେଜର ପର୍ସନାଲ ଗଙ୍ଗାଧର ପାଲି, ଅଜୟ ବିଶ୍ୱାଳ, ପଙ୍କଜ ଚୌଧୁରୀ, ରାଜେନ୍ଦ୍ର ପ୍ରଧାନ, ନବୀନ ପଟେଲ, ଅନିଷ କୁମାର, ଜୟନ୍ତ ବାରିକ, ଗୌତମ ଦେ, ଆଶୁ ରାୟ, ସୁନିଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ପ୍ରଧାନ ଶିକ୍ଷକ ମିଶ୍ର କହିଛନ୍ତି ସିସିଟିଭି କ୍ୟାମେରା ଓ ଟେବୁଲ୍, ବେଞ୍ଚ ପାଇଁ ଗତ ୨୦୧୭ ମସିହାରେ ଏକ ବ୍ୟୟ ବଜେଟ୍ ପ୍ରସ୍ତୁତ କରି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିଲା। ସ୍କୁଲର ବିଭିନ୍ନ ମରାମତି ଓ ଉନ୍ନୟନ କାମ ପାଇଁ ପ୍ରତିବର୍ଷ ୱେଲ୍‌ଫେୟାର ରେଭିନ୍ୟୁ ବଜେଟ୍ ରହିଛି। ଏହି ବଜେଟ୍‌ରେ ଏସବୁ କାମ ହେବା କଥା। ହେଲେ ସ୍କୁଲ ତରଫରୁ ପ୍ରତିବର୍ଷ କମ୍ପାନୀକୁ ଏଷ୍ଟିମେଟ ବଜେଟ୍ ଦିଆଯାଉଛି। ଏହା ଠିକ୍ ସମୟରେ ଅନୁମୋଦନ ହେଉନାହିଁ। ଫଳରେ ଆର୍ଥିକ ବର୍ଷ ଶେଷ ହୋଇଯାଉଛି କିନ୍ତୁ ଅର୍ଥ ଆସିପାରୁ ନାହିଁ ବୋଲି ପ୍ରଧାନଶିକ୍ଷକ ମିଶ୍ର ଅଭିଯୋଗ କରିଛନ୍ତି। ସ୍କୁଲ ପରିଚାଳନା କମିଟି ବର୍ଷକୁ ଥରେ ବସୁଛି। ଫଳରେ ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇପାରୁ ନାହିଁ। ଏହାକୁ ବର୍ଷକୁ ୨ଥର କରିବା ପାଇଁ ୱେଲ୍‌ଫେୟାର କମିଟି ଦାବି କରିଛି। ସ୍କୁଲର ୱେଲ୍‌ଫେୟାର ରେଭିନ୍ୟୁ ବଜେଟ୍ କିଭଳି ନିୟମିତ ହେବ ଏ ଦିଗରେ କମିଟି କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ଆଲୋଚନାରେ ନିଷ୍ପତ୍ତି ହୋଇଛି।



ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ୱେଲ୍‌ଫେୟାର କମିଟିର ସଦସ୍ୟମାନେ ଆଲୋଚନା କରୁଛନ୍ତି।



ହିଂସା ସମୟରେ ଦେଶ ଦେଶ ମଧ୍ୟରେ ଶାନ୍ତି ଓ ବନ୍ଧୁତାକୁ ସୁନିଶ୍ଚିତ କରିପାରିବ ଭାରତୀୟ ସଭ୍ୟତାର ମୂଲ୍ୟବୋଧ।
-ରାମନାଥ କୋବିନ୍ଦ, ରାଷ୍ଟ୍ରପତି

# ମହାରାଷ୍ଟ୍ର, ହରିୟାଣା ଭୋଟ ଆଜି

ମୁମ୍ବାଇ/ଚଣ୍ଡିଗଡ଼,୨୦।୧୦(ପି.ଟି.)

୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ଓ ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ନିର୍ବାଚନ ଲାଗି ଭୋଟଗ୍ରହଣ ସୋମବାର ସକାଳ ୭ରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ଉଭୟ ରାଜ୍ୟରେ ଭାଜପା ପୁନର୍ବାର କ୍ଷମତା ଦଖଲ କରିବାକୁ ଉଦ୍ୟମ ଜାରି ରଖିଛି। ମହାରାଷ୍ଟ୍ର ବିଧାନସଭାକୁ ନିର୍ବାଚିତ ହେବା ଲାଗି ପ୍ରତିଯୋଗିତାରେ ୨୩୫ ମହିଳାଙ୍କ ସମେତ ୩୨୩୭ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି।

ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ନାଗପୁର ଦକ୍ଷିଣପଶ୍ଚିମ ଆସନରୁ ଲଢୁଥିଲାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ପ୍ରାର୍ଥୀ ଅଶୋକ ଚଭନ ନନ୍ଦେଡ୍ ଜିଲାର ଭୋକାର ଆସନରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ପୃଥ୍ୱୀରାଜ ଚଭନ କରାଦ ଦକ୍ଷିଣ ଆସନରୁ ନିର୍ବାଚନ ଲଢୁଛନ୍ତି। ଠାକ୍‌ରେ ପରିବାରର ପ୍ରଥମ ସଦସ୍ୟ ଭାବେ ନିର୍ବାଚନ ଲଢୁଥିବା ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କ ପୁଅ ଆଦିତ୍ୟ ମୁମ୍ବାଇର ୱର୍ଲି ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଏଥିସହିତ ସତାରା ଲୋକ ସଭା ଆସନ ଲାଗି ମଧ୍ୟ ଉପନିର୍ବାଚନ ଅନୁଷ୍ଠିତ ହେଉଛି। ସେଠାରେ ଭାଜପା ଟିକେଟରେ ଲଢୁଥିବା ପୂର୍ବତନ ଏନ୍‌ସିପି ନେତା ତଥା ଏମ୍‌ପି ଉଦୟନରାଜେ ଭୋସ୍‌ଲେଙ୍କର କଂଗ୍ରେସ-ଏନ୍‌ସିପି ମେଣ୍ଟ ପ୍ରାର୍ଥୀ ଶ୍ରୀନିବାସ ପାଟିଲଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଭାଜପା ଓ ଏହାର ଛୋଟ ସହଯୋଗୀମାନେ ୧୬୪ ଆସନରେ ଲଢୁଥିଲାବେଳେ ଶିବସେନା ୧୨୪ ଆସନରେ ପ୍ରାର୍ଥୀ ଦେଇଛି। ଅନ୍ୟପକ୍ଷରେ ବିରୋଧୀ କଂଗ୍ରେସ ୧୪୭ ଓ ଏନ୍‌ସିପି ୧୨୧ ଆସନରେ ନିର୍ବାଚନ ଲଢୁଛି। ଅନ୍ୟ ଦଳ ମଧ୍ୟରୁ ରାଜ୍ ଠାକ୍‌ରେଙ୍କ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ୧୦୧ ଆସନରେ ପ୍ରାର୍ଥୀ ଦେଇଥିଲାବେଳେ ଏଥର ୧୪୦୦ ପ୍ରାର୍ଥୀ ସ୍ୱାଧୀନ ଭାବେ ଲଢୁଛନ୍ତି। ମୋଟ ୮ କୋଟି ୯୮ ଲକ୍ଷ ୩୯ ହଜାର ୬୦୦ ଭୋଟର ମତାଧିକାର ସାବ୍ୟସ୍ତ କରିବାକୁ ଥିଲାବେଳେ ସେଥିରୁ ୧ କୋଟି ୬ ଲକ୍ଷ ୭୬ ହଜାର ୧୩ ଜଣଙ୍କ ବୟସ ୧୮ରୁ ୨୫ ବର୍ଷ ମଧ୍ୟରେ। ମୋଟ ୯୬,୬୬୧ ଭୋଟଗ୍ରହଣ କେନ୍ଦ୍ରରେ ୬.୫ ଲକ୍ଷ ପୋଲିଂ କର୍ମଚାରୀ ଭୋଟ ପରିଚାଳନା କରିବେ।



ପୋଲିଂ ଅଫିସରମାନେ ଇଭିଏମ୍ ଓ ଅନ୍ୟ ଉପକରଣ ଧରି ସୋନିପତ୍ ଭୋଟ କେନ୍ଦ୍ରକୁ ଯାଉଛନ୍ତି।

### କ୍ଷମତାରେ ରହିବାକୁ ଭାଜପାର ଉଦ୍ୟମ

ହରିୟାଣାରେ ଭାଜପା ପୁନର୍ବାର କ୍ଷମତାରେ ରହିବାକୁ ଉଦ୍ୟମ ଚଳାଇଥିଲାବେଳେ କଂଗ୍ରେସ କ୍ଷମତାକୁ ଫେରିବା ଲାଗି ଜୋରଦାର କସରତ କରିଛି। ତେବେ ନିର୍ବାଚନରେ ୮୯ ଲକ୍ଷ ଯୁବ ଭୋଟରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି କୁହାଯାଉଛି। ହରିୟାଣାରେ ୧.୮୩ କୋଟି ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୮୫ ଲକ୍ଷରୁ ଅଧିକ ମହିଳା ଭୋଟର ଓ ୨୫୨ ଜଣ କିନ୍ନର ରହିଛନ୍ତି। ୧୦୫ ମହିଳାଙ୍କ ସମେତ ୧୧୬୯ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଭାଜପା ୭୫ ଆସନରେ ଜିତିବା ଲକ୍ଷ୍ୟ ରଖିଛି। ଇଣ୍ଡିଆନ ନ୍ୟାଶନାଲ ଲୋକ ଦଳ (ଆଇଏନ୍‌ଏଲ୍‌ଡି)ରୁ ଅଲଗା ହୋଇ ଦୁଷ୍ୟନ୍ତ ଚୌଟାଲାଙ୍କ ନେତୃତ୍ୱରେ ଗଠିତ ଜନନାୟକ ଜନତା ଦଳ (ଜେଜେପି) ମଧ୍ୟ ଭଲ ଫଳାଫଳ ଆଶା ରଖିଛି। ମୋଟ ୧୯,୫୭୮ ବୁଥ୍‌ରେ ଭୋଟ ଗ୍ରହଣ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଅନୁରାଗ ଅଗ୍ରୱାଲ କହିଛନ୍ତି। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ବିଭିନ୍ନ ରାଜ୍ୟରେ ଉପନିର୍ବାଚନ
# ୟୁପି ଭାଜପା, କଂଗ୍ରେସ ମୁଖ୍ୟଙ୍କ ପାଇଁ ବଡ଼ ପରୀକ୍ଷା

**ନୂଆଦିଲ୍ଲୀ,୨୦।୧୦(ପି.ଟି.):** ସୋମବାର ଉତ୍ତରପ୍ରଦେଶ ସମେତ ବିଭିନ୍ନ ରାଜ୍ୟ ବିଧାନସଭା ଓ ଲୋକ ସଭା ଆସନ ଲାଗି ଉପନିର୍ବାଚନ ହେଉଛି। ତେବେ ଉତ୍ତରପ୍ରଦେଶର ୧୧ ବିଧାନସଭା ଆସନରେ ଉପନିର୍ବାଚନ ରାଜ୍ୟର ଉଭୟ ଭାଜପା ଓ କଂଗ୍ରେସ ସଭାପତିଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ବୋଲି କୁହାଯାଉଛି। ୨୦୨୨ରେ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଥିଲାବେଳେ ଏଥରର ଉପନିର୍ବାଚନ ଏଥିପାଇଁ ଏକପ୍ରକାର ସେମିଫାଇନାଲ ହୋଇଥିବାରୁ ଭାଜପା ରାଜ୍ୟ ସଭାପତି ସ୍ୱତନ୍ତ୍ର ଦେବ ସିଂ ଓ କଂଗ୍ରେସ ମୁଖ୍ୟ ଅଜୟ କୁମାର ଲାଲୁ ସେମାନଙ୍କ ଦଳର ବିଜୟ ନେଇ ଆଶାବାଦୀ ଅଛନ୍ତି। ୧୧ ଆସନ ମଧ୍ୟରୁ ୮ଟି ଭାଜପା ଅକ୍ତିଆରରେ ଥିଲାବେଳେ ପ୍ରତାପଗଡ ଆସନ ସହଯୋଗୀ ଅପ୍‌ନା ଦଳ (ସୋନେଲାଲ୍) ଅଧୀନରେ ରହିଛି। ସମସ୍ତ ଆସନରେ ଭାଜପା, ବିଏସ୍‌ପି, ସମାଜବାଦୀ ପାର୍ଟି ଓ କଂଗ୍ରେସ ପ୍ରାର୍ଥୀ ଦେଇଛନ୍ତି।

ବିହାରରେ ଗୋଟିଏ ଲୋକ ସଭା ଓ ୫ ବିଧାନସଭା ଆସନ ଲାଗି ସୋମବାର ଉପନିର୍ବାଚନ ହେଉଛି। ଆସନ୍ତାବର୍ଷ ସେଠାରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ସୋମବାରର ଭୋଟକୁ ସେମିଫାଇନାଲ କୁହାଯାଉଛି। ସମସ୍ତିପୁର ଲୋକ ସଭା ଆସନ ସହିତ କିଶନଗଞ୍ଜ, ନାଥନଗର, ବେଲହାର, ସିମ୍ରି ବାଖତିୟାରପୁର ଓ ଡରୌଣ୍ଡା ବିଧାନସଭା ଆସନରେ ଭୋଟଗ୍ରହଣ କରାଯିବ।

ସୋମବାର ପଞ୍ଜାବର ୪ ବିଧାନସଭା ଆସନରେ ଉପନିର୍ବାଚନ ହେଉଥିଲାବେଳେ ପ୍ରତିଦ୍ୱନ୍ଦ୍ୱିତାରେ ୩୩ ପ୍ରାର୍ଥୀ ରହିଛନ୍ତି। ଫଗୱାରା, ଡାଖା, ଜଲାଲାବାଦ ଓ ମୁକେରିଆନ ଆସନରେ ପାଖାପାଖି ୭.୬୮ ଲକ୍ଷ ଭୋଟର ପ୍ରାର୍ଥୀମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଆଇନଶୃଙ୍ଖଳା ରକ୍ଷା ପାଇଁ ୭ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ ଯବାନଙ୍କୁ ମୁତୟନ କରାଯାଇଛି। ରାଜସ୍ଥାନର ଜାଟ୍‌ବହୁଳ ମାଣ୍ଡୱା ଓ ଖିଂବସାର ବିଧାନସଭା ଆସନରେ ମଧ୍ୟ ସୋମବାର ଭୋଟଗ୍ରହଣ ହେଉଛି। ଏହି ଦୁଇ ଆସନରେ କଂଗ୍ରେସ, ଭାଜପା ଓ ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ପାର୍ଟି (ଆର୍‌ଏଲ୍‌ପି) ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ସେହିପରି ହିମାଚଳପ୍ରଦେଶର ଦୁଇଟି ବିଧାନସଭା ଆସନରେ ସୋମବାର ଉପନିର୍ବାଚନ ଅନୁଷ୍ଠିତ ହେଉଛି। ପଚ୍ଛାଦ ଓ ଧରମଶାଲା ଆସନର ଦୁଇ ଭାଜପା ବିଧାୟକ ସୁରେଶ କାଶ୍ୟପ ଓ କିଶନ କପୁର ଲୋକ ସଭାକୁ ନିର୍ବାଚିତ ହେବାରୁ ସେଠାରେ ଉପନିର୍ବାଚନର ଆବଶ୍ୟକ ପଡ଼ିଥିଲା।



ଦୀପାବଳି ପୂର୍ବରୁ କୋଲକାତା ରାସ୍ତାକଡ଼ରେ ଗ୍ରାହକଙ୍କ ଅପେକ୍ଷାରେ ଜଣେ ଦୀପ ବିକାଳି।

# ଦିଲ୍ଲୀରେ ଆକ୍ରମଣ ଆଶଙ୍କା

ନୂଆଦିଲ୍ଲୀ,୨୦।୧୦(ଆଇଏଏନ୍‌ଏସ୍)

### ୪୦୦ ସ୍ଥାନ ଉପରେ କଡ଼ା ନଜର

ଦୀପାବଳିରେ ଦିଲ୍ଲୀରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ପକ୍ଷରୁ ଆକ୍ରମଣ ଯୋଜନା ଚାଲିଥିବା ଗୋଇନ୍ଦା ସୂଚନା ମିଳିଛି। ଦିଲ୍ଲୀ ପୋଲିସ ପକ୍ଷରୁ ଏଥିପାଇଁ ରାଜଧାନୀର ୪୦୦ଟି ସମ୍ବେଦନଶୀଳ ସ୍ଥାନରେ କଡ଼ା ନଜର ରଖାଯାଇଛି। ୧୫ ଜିଲା ମଧ୍ୟରୁ ରୋହିଣୀ, ନର୍ଥ-ଇଷ୍ଟ, ନର୍ଥ-ୱେଷ୍ଟ, ନର୍ଥ, ଇଷ୍ଟ, ସେଣ୍ଟ୍ରାଲ୍, ନୂଆଦିଲ୍ଲୀ ଓ ଦ୍ୱାରକାକୁ ସମ୍ବେଦନଶୀଳ ମନେକରାଯାଉଛି। ନୂଆଦିଲ୍ଲୀର ସର୍ବାଧିକ ୨୦୦ କୋଠା ଓ ବଜାରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସେଥିମଧ୍ୟରେ ରହିଛି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ), ସେନା ଭବନ, ପାର୍ଲାମେଣ୍ଟ ହାଉସ, ରାଷ୍ଟ୍ରପତି ଭବନ, କନ୍ନଟ ପ୍ଲେସ୍ ଓ ଖାନ୍ ମାର୍କେଟ।

## ତୁର୍କୀ-ସିରିଆ ଅସ୍ତ୍ରବିରତିର ତୃତୀୟ ଦିନ
# ସୀମାରେ ଗଲାଣି ୨୧ ଜୀବନ



ଉତ୍ତର ସିରିଆ ସୀମା ତାଲ୍ ତମର୍‌ରେ ଆମେରିକା ସେନାର ଯୁଦ୍ଧଗାଡ଼ି ଅଟକିରହିଛି।

ଡମାସ୍କସ୍,୨୦।୧୦(ଆଇଏଏନ୍‌ଏସ୍)

ସିରିଆର ଉତ୍ତରପୂର୍ବାଞ୍ଚଳରେ ତୁର୍କୀର ଆକ୍ରମଣକୁ ବନ୍ଦ କରିବା ଲାଗି ୩ ଦିନ ପୂର୍ବେ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ରାଜିନାମା ହୋଇଥିଲା। ଏହାପରଠାରୁ ସୀମାନ୍ତରେ ୨୦ ସାଧାରଣ ନାଗରିକ ଓ ଜଣେ ତୁର୍କୀ ସୈନ୍ୟ ନିହତ ହେଲେଣି। ଏଥିସହିତ ଅନ୍ୟ ୨୦ ଜଣ ଆହତ ହୋଇଛନ୍ତି। ନିହତ ୨୦ ନାଗରିକଙ୍କ ମଧ୍ୟରୁ ସିରିଆ ସୀମାନ୍ତ ସହର ରାସ୍ ଅଲ୍-ଆଇନ୍‌ର ଏକ ହସ୍ପିଟାଲରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା କୁର୍ଦ୍ଦିଶ୍ ରେଡ କ୍ରିସେଣ୍ଟ ପକ୍ଷରୁ କୁହାଯାଇଛି। ତୁର୍କୀ ସେନା ଆକ୍ରମଣରେ ଉକ୍ତ ହସ୍ପିଟାଲ ଆଂଶିକ କ୍ଷତିଗ୍ରସ୍ତ ହୋଇଥିଲା। ଗୁରୁବାର ରାତିରେ ତୁର୍କୀ ରାଷ୍ଟ୍ରପତି ରେସେପ ତାୟିପ୍ ଏର୍ଦୋଗାନ୍ ଏବଂ ଆମେରିକା ଉପରାଷ୍ଟ୍ରପତି ମାଇକ୍ ପେନ୍ସଙ୍କ ମଧ୍ୟରେ ଅସ୍ତ୍ରବିରତି ରାଜିନାମା ସ୍ୱାକ୍ଷର ହୋଇଥିଲା। ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁ ଏପର୍ଯ୍ୟନ୍ତ ସିରିଆ ତୁର୍କୀ ସୀମାରେ ୨୩୫ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହେବା ସହ ୬୬୭ ଜଣ ଆହତ ହେଲେଣି। ମୃତକଙ୍କ ମଧ୍ୟରେ ୨୨ ଶିଶୁ ଅନ୍ତର୍ଭୁକ୍ତ ବୋଲି କୁର୍ଦ୍ଦିଶ୍ କର୍ତ୍ତୃପକ୍ଷ ଶନିବାର କହିଥିଲେ। ଅନ୍ୟପକ୍ଷରେ ରବିବାର ସୀମାରେ ଅସ୍ତ୍ରବିରତି ଉଲ୍ଲଂଘନ ଯୋଗୁ ଜଣେ ସୈନ୍ୟ ନିହତ ହୋଇଥିବା ତୁର୍କୀ କର୍ତ୍ତୃପକ୍ଷ କହିଛନ୍ତି।

# ୟୁପି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କମଲେଶଙ୍କ ପରିବାର

ଲକ୍ଷ୍ନୌ,୨୦।୧୦(ପି.ଟି.)

- ସବୁ ସହାୟତା ଯୋଗାଇଦେବାକୁ ଯୋଗୀଙ୍କ ପ୍ରତିଶ୍ରୁତି
- ହୋଟେଲରୁ ହତ୍ୟାକାରୀଙ୍କ ରକ୍ତଲଗା ଶାର୍ଟ ଜବତ

ଦୁଇଦିନ ପୂର୍ବେ ହତ୍ୟାର ଶିକାର ହୋଇଥିବା ହିନ୍ଦୁବାଦୀ ନେତା କମଲେଶ ତିୱାରୀଙ୍କ ପରିବାର ସଦସ୍ୟଙ୍କୁ ରବିବାର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଭେଟି ସମସ୍ତ ସହାୟତା ଯୋଗାଇଦେବାର ପ୍ରତିଶ୍ରୁତି ଦେଇଛନ୍ତି। ଅପରାଧୀଙ୍କୁ ଫାଶୀଦଣ୍ଡ ଦେବା ଲାଗି ତାଙ୍କ ପରିବାର ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି କରିଥିଲେ। କମଲେଶଙ୍କ ମାଆ, ସ୍ତ୍ରୀ ଓ ତିନି ପୁଅଙ୍କ ସହ ମୁଖ୍ୟମନ୍ତ୍ରୀ ୩୦ ମିନିଟ ଆଲୋଚନା କରିଥିଲେ। ପୋଲିସ ତତ୍ପରତାର ସହ ଘଟଣାର ତଦନ୍ତ କରୁଛି, ଅପରାଧୀଙ୍କୁ କଦାପି ଛଡ଼ାଯିବ ନାହିଁ ବୋଲି ଆଦିତ୍ୟନାଥ କହିଥିଲେ।

କମଲେଶଙ୍କ ପରିବାର ସଦସ୍ୟ ତାଙ୍କ ପୁଅ ପାଇଁ ସରକାରୀ ଚାକିରି, ପରିବାରକୁ ସୁରକ୍ଷା ଓ ସୁରକ୍ଷା ପାଇଁ ବନ୍ଧୁକ ଲାଇସେନ୍ସ ଯୋଗାଇଦେବାକୁ ଦାବି କରିଥିଲେ। ଏଥିସହିତ ସେମାନେ ରହୁଥିବା କଲୋନୀକୁ କମଲେଶଙ୍କ ନାଁରେ ନାମିତ କରିବା ସହ ତାଙ୍କର ଏକ ପ୍ରତିମୂର୍ତ୍ତି ନିର୍ମାଣ ଲାଗି ମଧ୍ୟ ଦାବି କରିଥିବା ଏକ ସୂତ୍ରରୁ ଜଣାପଡିଛି। ମାମଲାର ତ୍ୱରିତ୍ ଶୁଣାଣି ଲାଗି ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ଜଣାପଡିଛି।

କମଲେଶଙ୍କ ହତ୍ୟାକାରୀ ନାକା ହିଣ୍ଡୋଲା ଅଞ୍ଚଳର ଏକ ହୋଟେଲରେ ରହିଥିଲେ ବୋଲି ତଦନ୍ତ ବେଳେ ଜଣାପଡିଥିବା ପୋଲିସ କହିଛି। ହତ୍ୟାକାଣ୍ଡ ଦିନ ୨ ଜଣ ଧଳା ଶାର୍ଟ ପିନ୍ଧି ହାତରେ ମିଠା ପ୍ୟାକେଟ ନେଇ ବାହାରିଯାଇଥିଲେ ବୋଲି ହୋଟେଲ କର୍ମଚାରୀ ପୋଲିସକୁ ସୂଚନା ଦେଇଛନ୍ତି। ସେମାନେ ହୋଟେଲ ବେଡ୍‌ରେ ରକ୍ତ ଲାଗିଥିବା ଏକ ଧଳା ଶାର୍ଟ ଛାଡିଯାଇଛନ୍ତି। ଉକ୍ତ କୋଠରିରୁ ଏକ ନୂଆ ମୋବାଇଲ ଫୋନ୍‌ର ବକ୍ସ ମିଳିଛି। ପୋଲିସ ତୁରନ୍ତ ହତ୍ୟାକାରୀଙ୍କୁ ଗିରଫ କରିବ ବୋଲି କହିଛି। ସିସିଟିଭି ଫୁଟେଜ୍‌କୁ ପୋଲିସ ଯାଞ୍ଚ କରିବା ସହ ବିଭିନ୍ନ ଲୋକଙ୍କୁ ସନ୍ଦେହରେ ପଚରାଉଚରା କରୁଥିବା ପୋଲିସ ଡିଜି ଓ.ପି. ସିଂ କହିଛନ୍ତି।

# ୯ରେ କର୍‌ତାରପୁର କରିଡର ଉଦ୍‌ଘାଟନ

ଲାହୋର,୨୦।୧୦(ପି.ଟି.)

### ମନମୋହନ ଅତିଥି ହେବେନି, ତୀର୍ଥଯାତ୍ରୀ ଭାବେ ଯୋଗଦେବେ

ବହୁପ୍ରତୀକ୍ଷିତ କର୍‌ତାରପୁର କରିଡର ଉଦ୍‌ଘାଟନ ନଭେମ୍ବର ୯ରେ ହେବ ବୋଲି ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ରବିବାର ଘୋଷଣା କରିଛନ୍ତି। ଏହି ପ୍ରସ୍ତାବିତ କରିଡର କର୍‌ତାରପୁରର ଦର୍‌ବାର ସାହିବ ସହ ପଞ୍ଜାବ ଗୁର୍‌ଦାସପୁରର ଡେରା ବାବା ନାନକ ପୀଠକୁ ସଂଯୋଗ କରିବ ଏବଂ ଭାରତୀୟ ତୀର୍ଥଯାତ୍ରୀଙ୍କୁ ଭିଜାମୁକ୍ତ ଭ୍ରମଣ ସୁଯୋଗ ମିଳିବ। ଗୁରୁ ନାନକ ଦେବଙ୍କ ଦ୍ୱାରା ୧୫୨୨ରେ କର୍‌ତାରପୁର ସାହିବ ସ୍ଥାପନ କରାଯାଇଥିଲା। ଭାରତୀୟ ସୀମାଠାରୁ ଦରବାର ସହିବ ଗୁରୁଦ୍ୱାରା ପର୍ଯ୍ୟନ୍ତ କରିଡର ପାକିସ୍ତାନ ନିର୍ମାଣ କରୁଛି। ସେହିପରି ସୀମା ଏପଟୁ ଡେରା ବାବା ନାନକଙ୍କ ପୀଠ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଭାରତ କରିବ। କରିଡର ନିର୍ମାଣ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲାବେଳେ ୯ରେ ଉଦ୍‌ଘାଟନ ହେବ ଏବଂ ସାରା ବିଶ୍ୱର ଶିଖ୍‌ମାନଙ୍କୁ ବିଶ୍ୱର ସର୍ବବୃହତ ଗୁରୁଦ୍ୱାରା ଦର୍ଶନର ସୁଯୋଗ ମିଳିବ ବୋଲି ଇମ୍ରାନ ଫେସ୍‌ବୁକ୍ ପୋଷ୍ଟରେ କହିଛନ୍ତି। ନଭେମ୍ବର ୧୨ରେ ଶିଖ୍ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବଙ୍କ ୫୫୦ତମ ଜନ୍ମବାର୍ଷିକୀ ପାଳନ ହେବ।

କରିଡର ଉଦ୍‌ଘାଟନ ଉତ୍ସବରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଯୋଗଦେବେ ନାହିଁ। ସେ ସେଠାକୁ ଜଣେ ସାଧାରଣ ତୀର୍ଥଯାତ୍ରୀ ଭାବେ ଯିବେ ବୋଲି ଜଣାପଡିଛି। ଉଦ୍‌ଘାଟନ ଉତ୍ସବରେ ଯୋଗଦେବା ପାଇଁ ମନମୋହନ ପାକିସ୍ତାନର ନିମନ୍ତ୍ରଣକୁ ଗ୍ରହଣ କରିଥିବା ଏହାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶି ଶନିବାର କହିଥିଲେ। ସ୍ୱତନ୍ତ୍ର ଅତିଥି ନୁହନ୍ତି, ଜଣେ ସାଧାରଣ ବ୍ୟକ୍ତି ଭାବେ ମନମୋହନ ନଭେମ୍ବର ୯ ଉଦ୍‌ଘାଟନ ଉତ୍ସବରେ ଯୋଗଦେବେ ବୋଲି କୁରେଶି ମୁଲ୍‌ତାନଠାରେ କହିଥିଲେ। ତେବେ ଉଦ୍‌ଘାଟନ ଉତ୍ସବରେ ମନମୋହନ ଯୋଗଦେଉ ନ ଥିବା ରବିବାର ତାଙ୍କ ଘନିଷ୍ଠ ସୂତ୍ରରୁ ସୂଚନା ଦିଆଯାଇଛି। ସେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ନେତୃତ୍ୱରେ ଯିବାକୁ ଥିବା ଶିଖ୍ ପ୍ରତିନିଧି ଦଳରେ ସାମିଲ ହେବେ। କର୍‌ତାରପୁର ଯିବା ଲାଗି ରବିବାରଠାରୁ ତୀର୍ଥଯାତ୍ରୀଙ୍କ ଅନ୍‌ଲାଇନ ରେଜିଷ୍ଟ୍ରେଶନ ଆରମ୍ଭ ହେବାକୁ ଥିଲା। ତେବେ କେତେକ ପ୍ରସଙ୍ଗରେ ଦୁଇ ଦେଶ ସହମତି ହୋଇ ନ ଥିବାରୁ ପଞ୍ଜୀକରଣ ଆରମ୍ଭ ହୋଇପାରି ନାହିଁ। ମୁଖ୍ୟତଃ ପ୍ରତି ତୀର୍ଥଯାତ୍ରୀଙ୍କ ଉପରେ ଇସ୍‌ଲାମାବାଦ ୨୦ ଡଲାର ସେବା ଟିକସ ଧାର୍ଯ୍ୟ କରିଥିବାରୁ ଏହାକୁ ନୂଆଦିଲ୍ଲୀ ବିରୋଧ କରୁଛି।



# ଉତ୍ତରାଖଣ୍ଡରେ ଭୂସ୍ଖଳନ: ୮ ମୃତ

ଡେରାଡୁନ,୨୦।୧୦(ପି.ଟି.)

ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲା ଅନ୍ତର୍ଗତ ଚଣ୍ଡିକାଧରଠାରେ ଭୂସ୍ଖଳନ ଘଟି ୮ ଜଣଙ୍କ ମୃତ୍ୟୁ ହୋଇଛି। ଶନିବାର ରାତିରେ ସେମାନେ ଦୁଇଟି ବାଇକ୍ ଓ ଗୋଟିଏ କାରରେ ଯାଉଥିଲାବେଳେ ମାଟି ଅତଡ଼ା ତଳେ ଚାପି ହୋଇଯାଇଥିଲେ। ମାଟି ଅତଡା ସହିତ ଏକ ବିଶାଳ ପଥର ଖସିବାରୁ ସେମାନଙ୍କ ଗାଡ଼ିକୁ ୫୦୦ ମିଟର ଗଭୀର ଗର୍ତ୍ତ ମଧ୍ୟକୁ ଠେଲିନେଇଥିଲା। ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ହସ୍ପିଟାଲରେ ଅନ୍ୟ ୩ ପ୍ରାଣ ହରାଇଛନ୍ତି। ମାଟିତଳୁ ୪ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ଭୂସ୍ଖଳନ ବେଳେ ସେମାନେ ସୋନପ୍ରୟାଗରୁ ରୁଦ୍ରପ୍ରୟାଗ ଯାଉଥିଲେ। ମୃତକଙ୍କ ଲାଗି ରାଜ୍ୟପାଳ ବେବିରାଣୀ ମୌର୍ଯ୍ୟ ଓ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ ଶୋକବ୍ୟକ୍ତ କରିଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୨.୪ |
| ଚାନ୍ଦବାଲି | ୩୨.୨ | ୨୪.୫ |
| କଟକ | ୩୩.୪ | ୨୨.୪ |
| ପାରାଦ୍ୱୀପ | ୩୩.୦ | ୨୬.୨ |
| ଭୁବନେଶ୍ୱର | ୩୩.୮ | ୨୪.୦ |
| ଗୋପାଳପୁର | ୩୩.୭ | ୨୪.୩ |
| ପୁରୀ | ୩୩.୮ | ୨୫.୦ |
| ଅନୁଗୋଳ | ୩୪.୧ | ୧୯.୬ |
| ବାରିପଦା | ୩୨.୬ | ୨୪.୦ |
| ଝାରସୁଗୁଡ଼ା | ୩୧.୨ | ୨୩.୮ |
| କେନ୍ଦୁଝର | ୩୧.୮ | ୨୧.୩ |
| ସମ୍ବଲପୁର | ୩୪.୩ | ୨୩.୦ |
| ସୁନ୍ଦରଗଡ଼ | ୩୪.୦ | ୧୬.୦ |
| ହୀରାକୁଦ | ୩୪.୧ | ୨୩.୭ |
| ତାଳଚେର | --- | ୨୩.୧ |
| ଭବାନୀପାଟଣା | ୩୧.୨ | ୨୨.୦ |
| ବଲାଙ୍ଗୀର | ୩୪.୦ | ୨୩.୫ |
| କୋରାପୁଟ | --- | ୧୭.୪ |
| ଫୁଲବାଣୀ | ୩୦.୮ | ୨୧.୦ |
| ଟିଟିଲାଗଡ଼ | ୩୪.୦ | ୨୦.୬ |
| ମାଲକାନଗିରି | ୨୯.୨ | --- |
| ସୋନପୁର | ୩୪.୦ | ୨୦.୬ |
| ଦାରିଙ୍ଗିବାଡ଼ି | --- | ୧୬.୫ |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ
### ଅକ୍ଟୋବର ୨୧ର ପ୍ରମୁଖ ଘଟଣା

୧୯୮୭ ଅକ୍ଟୋବର ୨୧ରେ ଜାଫନାର ଏକ ହସ୍ପିଟାଲରେ ଆକ୍ରମଣ ଯୋଗୁ ୭୦ ରୋଗୀ ଓ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ଶ୍ରୀଲଙ୍କାରେ ଗୃହଯୁଦ୍ଧ ଚାଲିଥିଲା। ସରକାର, ବିଦ୍ରୋହୀ ଏଲ୍‌ଟିଟିଇ ଏବଂ ସ୍ୱାଧୀନ ପର୍ଯ୍ୟବେକ୍ଷକମାନେ ଏହାକୁ ଗଣହତ୍ୟା କହିଥିଲେ। ଶ୍ରୀଲଙ୍କା ସୈନିକ ଓ ବିଦ୍ରୋହୀଙ୍କ ମଧ୍ୟରେ ଗୁଳିବିନିମୟ ଯୋଗୁ ଏଭଳି ଘଟିଥିଲା।

୧୯୯୪ ଅକ୍ଟୋବର ୨୧ରେ ଆମେରିକା ଓ ଉତ୍ତର କୋରିଆ ମଧ୍ୟରେ ରାଜିନାମା ସ୍ୱାକ୍ଷର ହୋଇଥିଲା। ଚୁକ୍ତି ଅନୁଯାୟୀ ଉତ୍ତରକୋରିଆ ଅଣୁଅସ୍ତ୍ର କାର୍ଯ୍ୟକ୍ରମ ବନ୍ଦ ରଖିବା ଓ ତଦାରଖ ପାଇଁ ଅନୁମତି ଦେବାକୁ ରାଜି ହୋଇଥିଲା। ତେବେ ୨୦୦୩ରେ ଚୁକ୍ତିନାମା ଭାଙ୍ଗିବା ପର୍ଯ୍ୟନ୍ତ କେତେକ ମୁଖ୍ୟ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଥିଲା।

# ଦୀପିକାଙ୍କଠାରୁ ଟାଇମ୍ ମ୍ୟାନେଜ୍‌ମେଣ୍ଟ ଶିଖୁଛନ୍ତି ରଣବୀର

**ମୁମ୍ବାଇ:** ଅଭିନେତା ରଣବୀର ସିଂ ଏବଂ ଦୀପିକା ପାଦୁକୋନ୍ ବଲିଉଡ୍‌ର ସବୁଠୁ ଚର୍ଚ୍ଚିତ ଦମ୍ପତିଙ୍କ ମଧ୍ୟରୁ ଅନ୍ୟତମ। ଦୁହେଁ ସୋସିଆଲ ମିଡିଆରେ ମଧ୍ୟ ବେଶ୍ ଆକ୍ଟିଭ୍। ନିଜ ସାଂସାରିକ ଜଞ୍ଜାଳରେ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଉଭୟ ପରସ୍ପର ପାଇଁ ସମୟ ବାହାର କରିଦେଇଥାନ୍ତି। ବର୍ତ୍ତମାନ ଦୀପିକାଙ୍କଠାରୁ ଟାଇମ୍ ମ୍ୟାନେଜମେଣ୍ଟ ଶିଖୁଛନ୍ତି ରଣବୀର। ତାଙ୍କ ମତରେ ଦୀପିକା ଟାଇମ୍ ମ୍ୟାନେଜ୍‌ମେଣ୍ଟ କରିବାରେ ସିଦ୍ଧହସ୍ତ। ସେ ମୋ ଜୀବନରେ ଆସିବା ପରେ ବହୁତ କିଛି ଶିଖିବାକୁ ମିଳିଛି ବୋଲି ସେ କହିଛନ୍ତି। ବିବାହ ପରେ ପ୍ରଥମଥର ପାଇଁ ଦୁହେଁ '୮୩' ଫିଲ୍ମରେ ଏକତ୍ର ନଜରକୁ ଆସିବେ। ଫିଲ୍ମଟି ୧୯୮୩ ବିଶ୍ୱକପ୍ ଉପରେ ଆଧାରିତ। ନିକଟରେ ଏହି ଚଳଚ୍ଚିତ୍ରର ଶୁଟିଂ ଶେଷ ହୋଇଯାଇଛି। କବିର ଖାନ୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ରଣବୀର ସିଂ ଭାରତୀୟ କ୍ରିକେଟ ଟିମର ପୂର୍ବତନ ଅଧିନାୟକ କପିଳ ଦେବଙ୍କ ଚରିତ୍ରରେ ନଜରକୁ ଆସିବେ। ଫିଲ୍ମ '୮୩' ରଣବୀର ସିଂଙ୍କ ଅଭିନୀତ ହିନ୍ଦୀ, ତାମିଲ ଏବଂ ତେଲୁଗୁରେ ପ୍ରସ୍ତୁତ ଏହା ପ୍ରଥମ ତ୍ରିଭାଷୀ ଫିଲ୍ମ ହେବ। ଏହି ଫିଲ୍ମର କିଛି ଭାଗ ଶୁଟିଂ ପ୍ରସିଦ୍ଧ ଲର୍ଡ୍ସ ଗ୍ରାଉଣ୍ଡରେ କରାଯାଇଛି।





# କେତେ ଉପକାରୀ ଜୁସ୍

ଟଟକା ଫଳମୂଳରେ ପ୍ରସ୍ତୁତ ଜୁସ୍ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ। ଜୁସ୍‌ରେ ଭିଟାମିନ୍-ଏ, ସି, ଇ ଏବଂ ଫୋଲିକ ଏସିଡ ଭରି ରହିଛି। ଶରୀରରୁ ଖରାପ କୋଲେଷ୍ଟରଲକୁ ବାହାର କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ହାର୍ଟକୁ ସୁସ୍ଥ ରଖିବାରେ ଜୁସ୍ ସାହାଯ୍ୟ କରିଥାଏ। ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଜୁସ୍ ପିଅନ୍ତି ତେବେ ତାହା କ୍ୟାନସର ଆଶଙ୍କା ଦୂର କରିଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ହିମୋଗ୍ଲୋବିନ୍ ପରିମାଣକୁ ସନ୍ତୁଳିତ ରଖିଥାଏ। ମସ୍ତିଷ୍କକୁ ସୁସ୍ଥ ରଖିବା ସହ ଏହାକୁ ଅଧିକ କ୍ରିୟାଶୀଳ କରିଥାଏ ଜୁସ୍। ଦୀର୍ଘଦିନର କୋଷ୍ଠକାଠିନ୍ୟ ସମସ୍ୟାରୁ କେତେକାଂଶରେ ଏହା ଉପଶମ ଦେଇଥାଏ। ଜୁସ୍‌ରେ ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ଭରି ରହିଛି। ଗର୍ଭବତୀଙ୍କ ପାଇଁ ଜୁସ୍ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହା ମଧ୍ୟ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।



# ଏଚ୍‌ଆଇଭି ଭୂତାଣୁକୁ ନିୟନ୍ତ୍ରଣ କରିବ ଗ୍ଲାଇକୋପଲିମର

ବର୍ତ୍ତମାନ ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ରୋଗଗୁଡ଼ିକ ମଧ୍ୟରୁ ଏଡ୍ସ ଅନ୍ୟତମ। ଏଚ୍‌ଆଇଭି ଭାଇରସ ଯୋଗୁ ଏହି ରୋଗ ହୋଇଥାଏ। ତେବେ ଏଭଳି ଭାଇରସକୁ ନିୟନ୍ତ୍ରଣରେ ରଖିବାକୁ ଏକ ନୂଆ ଇଞ୍ଜେକଶନ ପ୍ରସ୍ତୁତ କରାଯାଇଛି। ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏଥିରେ ସଫଳ ହୋଇଛନ୍ତି। ସୁଗାର ମଲିକ୍ୟୁଲକୁ ଏକାଠି କରି ସେମାନେ 'ଗ୍ଲାଇକୋପଲିମର' ନାମକ ତତ୍ତ୍ୱ ପ୍ରସ୍ତୁତ କରିଛନ୍ତି। ଏହାକୁ ନେଇ ନୂଆ ଇଞ୍ଜେକଶନ ତିଆରି କରାଯାଇଛି। ଜଣେ ଏଡ୍ସ ଆକ୍ରାନ୍ତ ବ୍ୟକ୍ତି ଏହି ଇଞ୍ଜେକଶନ ନେଲେ ତାଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ। କେବଳ ସେତିକି ନୁହେଁ, ସୁସ୍ଥ କୋଷ (ସେଲ୍)ଗୁଡ଼ିକୁ ଏହା ଏଚଆଇଭି ଭୂତାଣୁ ଦ୍ୱାରା ସଂକ୍ରମିତ ହେବାକୁ ଦେଇ ନଥାଏ।

# ସକାରାତ୍ମକ ମାନସିକତା ଓ ସୁସ୍ଥ ହାର୍ଟ



ହୃଦ୍‌ଜନିତ ରୋଗ ଆଜିକାଲି ଏକ ସାଧାରଣ କଥା ପାଲଟି ଗଲାଣି ବୋଲି କୁହାଯାଇପାରେ। ଅସନ୍ତୁଳିତ ଜୀବନଶୈଳୀ ବ୍ୟତୀତ ବ୍ଲଡପ୍ରେସର, ଡାଇବେଟିସ୍ ଆଦି ସ୍ୱାସ୍ଥ୍ୟ ସମସ୍ୟାର ପ୍ରଭାବ ହାର୍ଟ ଉପରେ ପଡ଼ିଥାଏ। ହାର୍ଟକୁ ସୁସ୍ଥ ରଖିବାର ଏକ ସରଳ ତଥା ସହଜ ଉପାୟ ନିକଟରେ ଆମେରକୀୟ ହୃଦ୍‌ରୋଗ ବିଶେଷଜ୍ଞମାନେ ଖୋଜି ପାଇଛନ୍ତି। ଏକ ସଦ୍ୟତମ ସର୍ଭେରୁ ସେମାନେ ଜାଣିପାରିପଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ସକାରାତ୍ମକ ରଖନ୍ତି ତେବେ ତାହାର ସୁପ୍ରଭାବ ହାର୍ଟ ଉପରେ ପଡ଼ିଥାଏ। ସକାରାତ୍ମକ ମାନସିକତାର ହାର୍ଟ ଉପରେ ପ୍ରଭାବ ଶୀର୍ଷକ ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କ ମାନସିକତା ସକାରାତ୍ମକ ରହୁଥିଲା ସେମାନଙ୍କର ହାର୍ଟ ପୂର୍ବାପେକ୍ଷା ଅଧିକ ସକ୍ରିୟ ରହୁଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବୟସ ବଢ଼ିବା ସହ ଜଣେ ବ୍ୟକ୍ତି ନିଜ ହାର୍ଟକୁ ନେଇ ଅଧିକ ସଚେତନ ରହିବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

# ପିଠି ଯନ୍ତ୍ରଣା ପାଇଁ ନୂଆ ଇଞ୍ଜେକ୍ଶନ

ପିଠି ଯନ୍ତ୍ରଣାରୁ ଉପଶମ ପାଇବା ପାଇଁ ଆମେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇଥାଉ। ଏପରିକି କେତେକ ଘରୋଇ ଉପଚାର ମାଧ୍ୟମରେ ଏହି ଯନ୍ତ୍ରଣାକୁ କେତେକାଂଶରେ ଲାଘବ ମିଳିଥାଏ। ଏପରି ସମସ୍ୟାରୁ ତୁରନ୍ତ ଉପଶମ ପାଇବା ପାଇଁ ନିକଟରେ ଏକ ଇଞ୍ଜେକଶନ ପ୍ରସ୍ତୁତ କରାଯାଇଛି। ଓହିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଦୁଇ ବର୍ଷ ଧରି ଚେଷ୍ଟା ଜାରି ରଖି ଏପରି ଏକ ଇଞ୍ଜେକଶନ ପ୍ରସ୍ତୁତ କରିଛନ୍ତି। ଖାସ୍ କଥା ହେଲା, ଏହି ନୂଆ ଇଞ୍ଜେକଶନର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। କେବଳ ସେତିକି ନୁହେଁ, ଡାଇବେଟିସ ରୋଗୀ ଏହାକୁ ମଧ୍ୟ ନେଇପାରିବେ ଏବଂ ଏହାଦ୍ୱାରା ରକ୍ତରେ ସୁଗାର ପରିମାଣ ଆଦୌ ପ୍ରଭାବିତ ହେବ ନାହିଁ ବୋଲି ଉକ୍ତ ୟୁନିଭର୍ସିଟିର ପ୍ରଫେସର ଡା. ଷ୍ଟେଭିନ୍ କୋହେନ୍ ପ୍ରକାଶ କରିଛନ୍ତି। ତେବେ ପରୀକ୍ଷାମୂଳକ ଭାବରେ ଏହି ଇଞ୍ଜେକଶନରୁ ସଫଳତା ମିଳିଛି ବୋଲି ସେ କହିଛନ୍ତି।

## ନୋବେଲ ପୁରସ୍କାର ପଦାର୍ଥ ବିଜ୍ଞାନ-୨୦୧୯

# ବିଶ୍ୱର ଗଠନ ଓ ଇତିହାସ



ଇ. ମାୟାଧର ସ୍ୱାଇଁ

"ଏହି ଅଜଣା ବସ୍ତୁର ନାମ 'କୃଷ୍ଣବସ୍ତୁ' ଓ 'କୃଷ୍ଣଶକ୍ତି' ଦିଆଯାଇଛି। ପରବର୍ତ୍ତୀ ଅଧ୍ୟୟନରୁ ଜଣାପଡ଼ିଛି ଯେ ବିଶ୍ୱରେ ୨୬ ପ୍ରତିଶତ ହେଉଛି କୃଷ୍ଣବସ୍ତୁ ଓ ୬୯ ପ୍ରତିଶତ କୃଷ୍ଣ ଶକ୍ତି। କୃଷ୍ଣବସ୍ତୁ ପଦାର୍ଥକୁ ଆକର୍ଷଣ କରୁଥିବାବେଳେ କୃଷ୍ଣଶକ୍ତି ବିକର୍ଷଣ କରିଥାଏ। ଏହି ଦୁଇ ରହସ୍ୟମୟ ବସ୍ତୁ ବର୍ତ୍ତମାନ ପଦାର୍ଥ ବିଜ୍ଞାନୀମାନଙ୍କ ପାଇଁ ଏକ ଆହ୍ୱାନ ସଦୃଶ ହୋଇଛି। ଜେମ୍ସ ପିବଲ୍‌ସଙ୍କ ଏହି ଯୁଗାନ୍ତକାରୀ ଆବିଷ୍କାର ପାଇଁ ତାଙ୍କୁ ଏହି ବର୍ଷର ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯିବା ପାଇଁ ଘୋଷଣା କରାଯାଇଛି। ଏହି ବର୍ଷ ଅନ୍ୟ ଦୁଇଜଣଙ୍କୁ ଜ୍ୟୋତିର୍ବିଜ୍ଞାନରେ ଉତ୍କର୍ଷ କାର୍ଯ୍ୟ ପାଇଁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଯାଇଛି। ସେମାନେ ହେଉଛନ୍ତି ସୁଇଜରଲାଣ୍ଡର ଦୁଇ ଜ୍ୟୋତିର୍ବିଦ୍ ମାଇକେଲ୍ ମେୟର ଓ ଡିଡିଏର୍ କୁଇଲୋଜ୍।"

ବିଶ୍ୱ ହେଉଛି ଅନନ୍ତ ଓ ଅସୀମ। କୋଟି କୋଟି ଗାଲାକ୍ସିକୁ ନେଇ ଏହା ଗଠିତ ଏବଂ ପ୍ରତ୍ୟେକ ଗାଲାକ୍ସିରେ ଅଗଣିତ ନକ୍ଷତ୍ର ରହିଛି। ଆମେମାନେ ଏହାର କିୟଦଂଶ ମାତ୍ର ଦେଖିପାରୁଛେ। ଆଦିମ କାଳରୁ ପୃଥିବୀ ବାହାରର ବିଶ୍ୱ ସମ୍ବନ୍ଧରେ ଜାଣିବା ପାଇଁ ମନୁଷ୍ୟ ମନରେ ଉତ୍ସୁକତା ଦେଖାଦେଇଛି। କିନ୍ତୁ ଗତ ଶତାବ୍ଦୀରୁ ବୈଜ୍ଞାନିକମାନେ ବିଶ୍ୱର ଗଠନ ଓ ଇତିହାସ ସମ୍ବନ୍ଧରେ ଧାରଣା କରିପାରିଲେ। ପୂର୍ବରୁ ବିଶ୍ୱାସ କରାଯାଉଥିଲା ଯେ, ବିଶ୍ୱ ହେଉଛି ସ୍ଥିର ଏବଂ ଏହାର ପରିବର୍ତ୍ତନ ନାହିଁ। ଏହାକୁ ସ୍ଥିତାବସ୍ଥା ତତ୍ତ୍ୱ କୁହାଯାଏ। କିନ୍ତୁ ୧୯୨୦ ଦଶକରେ ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ ଏଡଉଇନ୍ ହବଲ୍‌ଙ୍କ ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଲା ଯେ ବିଶ୍ୱ ପ୍ରସାରିତ ହେଉଛି। ହବଲ୍‌ଙ୍କ ଆବିଷ୍କାର ଥିଲା ଯେ ଗାଲାକ୍ସିଗୁଡ଼ିକ ଆମଠାରୁ କ୍ରମଶଃ ଦୂରକୁ ଚାଲିଯାଉଛନ୍ତି ଏବଂ ଯେଉଁ ଗାଲାକ୍ସି ଆମଠାରୁ ଯେତେ ଦୂରରେ ଅଛି, ତାହା ସେତେ ଅଧିକ ବେଗରେ ଦୂରେଇ ଯାଉଛି। ଏହା ପୂର୍ବରୁ ଏହା ମଧ୍ୟ ୧୯୧୬ ମସିହାରେ ପ୍ରକାଶିତ ଆଇନଷ୍ଟାଇନଙ୍କ ସାଧାରଣ ଆପେକ୍ଷିକ ତତ୍ତ୍ୱରୁ ଜଣାପଡ଼ିଥିଲା। ଆଶ୍ଚର୍ଯ୍ୟଜନକ ଯେ ଆଇନଷ୍ଟାଇନ ନିଜେ ସ୍ଥିତାବସ୍ଥା ତତ୍ତ୍ୱର ସମର୍ଥକ ଥିଲେ ଏବଂ ତାଙ୍କ ତତ୍ତ୍ୱରୁ ବିଶ୍ୱ ପ୍ରସାରଣର ସୂଚନା ଜଣାପଡ଼ିବା ପରେ ସେ ତାଙ୍କ ସମୀକରଣରେ ଏକ ଧ୍ରୁବାଙ୍କ ଯୋଗକରି ବିଶ୍ୱକୁ ସ୍ଥିତାବସ୍ଥାକୁ ଆଣିଥିଲେ। ମାତ୍ର ହବଲ୍‌ଙ୍କ ପର୍ଯ୍ୟବେକ୍ଷଣରୁ ବିଶ୍ୱ ପ୍ରସାରଣ ଆବିଷ୍କାର ହେବା ପରେ ସେ ଏହି ଧ୍ରୁବାଙ୍କକୁ ବାହାର କରି ଦେଇଥିଲେ ଏବଂ ଏହାକୁ ତାଙ୍କର ଏକ 'ବଡ଼ ଭୁଲ୍' ଭାବେ କହିଥିଲେ।

ବିଶ୍ୱ ପ୍ରସାରଣରୁ ଅନୁମାନ କରାଗଲା ଯେ ବିଶ୍ୱ ଅନେକ ବର୍ଷ ତଳେ ଗୋଟିଏ ଛୋଟ ବିନ୍ଦୁରେ ଥିଲା ଏବଂ ପ୍ରଚଣ୍ଡ ବିସ୍ଫୋରଣ ପରେ ଏହା ପ୍ରସାରିତ ହୋଇଛି। ଏହାକୁ ବିଶ୍ୱ ସୃଷ୍ଟିର 'ବିଗ୍ ବ୍ୟାଙ୍ଗ୍' ବା 'ବୃହତ୍ ବିସ୍ଫୋରଣ' ତତ୍ତ୍ୱ କୁହାଯାଏ। ବୈଜ୍ଞାନିକମାନେ ଗଣନା କରି ଜାଣିପାରିଲେ ଯେ ଏହା ଆଜିଠାରୁ ୧୪ ବିଲିୟନ୍ ବର୍ଷ ପୂର୍ବେ ଘଟିଥିଲା ଏବଂ ସେତେବେଳେ ଏହା ଅତି ଉତ୍ତପ୍ତ ଓ ସଘନ ଥିଲା। ଏହାପରେ ବିଶ୍ୱ ପ୍ରସାରିତ ହୋଇ କ୍ରମଶଃ ଥଣ୍ଡା ହେଲା। ବିଗ୍ ବ୍ୟାଙ୍ଗ୍‌ର ୪୦୦,୦୦୦ ବର୍ଷ ପରେ ବିଶ୍ୱ ସ୍ୱଚ୍ଛ ହେଲା ଏବଂ ଏହା ମଧ୍ୟ ଦେଇ ଆଲୋକ ଗତି କରିପାରିଲା। ଏପରିକି ଆଜି ମଧ୍ୟ ଏହି ପ୍ରାଚୀନ ସୂକ୍ଷ୍ମତରଙ୍ଗ (ମାଇକ୍ରୋୱେଭ୍) ବିକିରଣ ବିଶ୍ୱର ଅନେକ ଅଜଣା ତଥ୍ୟକୁ ଧରି ମହାକାଶରେ ଅଛି। ଏହା "ସୂକ୍ଷ୍ମତରଙ୍ଗ ପୃଷ୍ଠଭୂମି ବିକିରଣ" ନାମରେ ଜଣା ଏବଂ ଏହାର ତାପମାତ୍ରା ପରମ ଶୂନରେ ଅଛି।

କାନାଡ଼ାର ବୈଜ୍ଞାନିକ ଜେମ୍ସ ପିବଲ୍‌ସ ୧୯୬୦ ଦଶକରୁ ବିଶ୍ୱର ଆଦ୍ୟକାଳର ଅଳ୍ପ କିଛି ବିକିରଣ ଉପରେ ଗବେଷଣା କରି ବିଶ୍ୱ ଗଠନର ଭୌତିକ ପ୍ରକ୍ରିୟା ଓ ଇତିହାସ ଆବିଷ୍କାର କରିଛନ୍ତି। ସେ ଏକ ତାତ୍ତ୍ୱିକ ମଡ଼େଲ୍ ପ୍ରସ୍ତୁତ କରି ତାହା ସାହାଯ୍ୟରେ ସେ ବିଶ୍ୱର ଆକାର ଏବଂ ଏଥିରେ ଥିବା ବସ୍ତୁ ଓ ଶକ୍ତିର ଆକଳନ କରିଥିଲେ। ପରେ 'ନାସା'ର କୋବେ ପ୍ରକଳ୍ପରେ ପୃଷ୍ଠଭୂମି ବିକିରଣ ମାପ ସହିତ ତାଙ୍କ ଗଣନା ପ୍ରାୟ ସମାନ ଥିଲା। ପୃଷ୍ଠଭୂମି ବିକିରଣର ପରିବର୍ତ୍ତନକୁ ଅଧ୍ୟୟନ କରି ସେ ପ୍ରକାଶ କରିଥିବା ଫଳାଫଳରୁ ଜଣାପଡ଼ିଛି ଯେ ବିଶ୍ୱର ଜଣା ଗ୍ରହ, ନକ୍ଷତ୍ର, ଗାଲାକ୍ସି ଆଦି ଏହାର ମାତ୍ର ୫ ପ୍ରତିଶତ ବସ୍ତୁରୁ ନିର୍ମିତ ଏବଂ ଅବଶିଷ୍ଟ ୯୫ ପ୍ରତିଶତ ସମ୍ବନ୍ଧରେ ଆମକୁ କିଛି ଜଣାନାହିଁ। ଏହି ଅଜଣା ବସ୍ତୁର ନାମ 'କୃଷ୍ଣବସ୍ତୁ' ଓ 'କୃଷ୍ଣଶକ୍ତି' ଦିଆଯାଇଛି। ପରବର୍ତ୍ତୀ ଅଧ୍ୟୟନରୁ ଜଣାପଡ଼ିଛି ଯେ ବିଶ୍ୱରେ ୨୬ ପ୍ରତିଶତ ହେଉଛି କୃଷ୍ଣବସ୍ତୁ ଓ ୬୯ ପ୍ରତିଶତ କୃଷ୍ଣ ଶକ୍ତି। କୃଷ୍ଣବସ୍ତୁ ପଦାର୍ଥକୁ ଆକର୍ଷଣ କରୁଥିବାବେଳେ କୃଷ୍ଣଶକ୍ତି ବିକର୍ଷଣ କରିଥାଏ। ଏହି ଦୁଇ ରହସ୍ୟମୟ ବସ୍ତୁ ବର୍ତ୍ତମାନ ପଦାର୍ଥ ବିଜ୍ଞାନୀମାନଙ୍କ ପାଇଁ ଏକ ଆହ୍ୱାନ ସଦୃଶ ହୋଇଛି। ଜେମ୍ସ ପିବଲ୍‌ସଙ୍କ ଏହି ଯୁଗାନ୍ତକାରୀ ଆବିଷ୍କାର ପାଇଁ ତାଙ୍କୁ ଏହି ବର୍ଷର ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯିବା ପାଇଁ ଘୋଷଣା କରାଯାଇଛି। ଏହି ବର୍ଷ ଅନ୍ୟ ଦୁଇଜଣଙ୍କୁ ଜ୍ୟୋତିର୍ବିଜ୍ଞାନରେ ଉତ୍କର୍ଷ କାର୍ଯ୍ୟ ପାଇଁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଯାଇଛି। ସେମାନେ ହେଉଛନ୍ତି ସୁଇଜରଲାଣ୍ଡର ଦୁଇ ଜ୍ୟୋତିର୍ବିଦ୍ ମାଇକେଲ୍ ମେୟର ଓ ଡିଡିଏର୍ କୁଇଲୋଜ୍। ଉଭୟେ ୧୯୯୫ ଅକ୍ଟୋବରରେ ଆମ ସୌରଜଗତ ବାହାରେ ପ୍ରଥମ ଗ୍ରହକୁ ଆବିଷ୍କାର କରିଥିବାରୁ ସେମାନଙ୍କୁ ଏହି ସମ୍ମାନ ଦିଆଯାଇଛି। ଆମେ ଜାଣୁ ଯେ ସୌରଜଗତରେ ସୂର୍ଯ୍ୟ ଚାରିପଟେ ଆଠଟି ଗ୍ରହ ପରିକ୍ରମଣ କରୁଛନ୍ତି। ସୂର୍ଯ୍ୟ ହେଉଛି ଆକାଶଗଙ୍ଗା ଗାଲାକ୍ସିର କୋଟି କୋଟି ନକ୍ଷତ୍ର ମଧ୍ୟରୁ ଗୋଟିଏ ସାଧାରଣ ନକ୍ଷତ୍ର। ଏଣୁ ଜ୍ୟୋତିର୍ବିଦ୍‌ମାନଙ୍କ ମନରେ ପ୍ରଶ୍ନ ଥିଲା ଯେ, ଯଦି ସୂର୍ଯ୍ୟ ଗୋଟିଏ ଗ୍ରାହିକ ପଦ୍ଧତି ସୃଷ୍ଟି କରିପାରିଲା, ତାହାହେଲେ ବିଶ୍ୱରେ ଥିବା ଅଗଣିତ ନକ୍ଷତ୍ର ମଧ୍ୟରୁ କ'ଣ କୌଣସିଟିରେ ଗ୍ରହ ନାହିଁ? ସେମାନେ ଯଦିଓ ଗ୍ରହ ଥିବାର ନିଶ୍ଚିତ ଥିଲେ, ବୈଷୟିକ ଓ ପ୍ରଯୁକ୍ତିବିଦ୍ୟା ବିକାଶର ଅଭାବରୁ ଏହାକୁ ଆବିଷ୍କାର କରିପାରି ନ ଥିଲେ।

ମେୟର ଓ କୁଇଲୋଜ୍ ଫ୍ରାନ୍ସର ହାଉତେ-ପ୍ରୋଭେନ୍ସ ପର୍ଯ୍ୟବେକ୍ଷଣାଗାରରେ ଗୋଟିଏ ବର୍ଣ୍ଣାଳିବୀକ୍ଷକ ଯନ୍ତ୍ର (ସ୍ପେକ୍ଟ୍ରୋସ୍କୋପ୍) ନିର୍ମାଣ କରି ତାହା ସାହାଯ୍ୟରେ ଆକାଶଗଙ୍ଗା ଗାଲାକ୍ସିରେ ଆମ ସୂର୍ଯ୍ୟ ଭଳି ଏକ ନକ୍ଷତ୍ର ଚାରିପଟେ ପରିକ୍ରମଣ କରୁଥିବା ଗୋଟିଏ ସୌରେତର ଗ୍ରହକୁ ଆବିଷ୍କାର କଲେ। ଏହାର ନାମ ହେଉଛି "୫୧ ପିଗାସି ବି"। ଏହା ଆମଠାରୁ ୫୦ ଆଲୋକବର୍ଷ ଦୂରରେ ପିଗାସସ୍ ନକ୍ଷତ୍ରମଣ୍ଡଳରେ ଅବସ୍ଥିତ। ଏହା ହେଉଛି ବୃହସ୍ପତି ଭଳି ଗୋଟିଏ ଗ୍ୟାସୀୟ ପିଣ୍ଡ। ଏହା ନିଜ ନକ୍ଷତ୍ର ଚାରିପଟେ ପ୍ରତି ଚାରି ଦିନରେ ଥରେ ଘୂରିଆସେ। ଏଣୁ ଏହାର କକ୍ଷ ହେଉଛି ନକ୍ଷତ୍ରର ଅତି ନିକଟତର (କେବଳ ଆଠ ନିୟୁତ କିଲୋମିଟର) ଏବଂ ଏହାର ତାପମାତ୍ରା ୧୦୦୦ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରୁ ଅଧିକ। ଏହି ଆବିଷ୍କାର ଜ୍ୟୋତିର୍ବିଜ୍ଞାନରେ ଏକ ବିପ୍ଳବର ସୂତ୍ରପାତ କଲା। ଏହାପରେ ଜ୍ୟୋତିର୍ବିଦ୍‌ମାନେ ଭୂପୃଷ୍ଠରେ ଥିବା ଦୂରବୀକ୍ଷଣ ଯନ୍ତ୍ର ଏବଂ ମହାକାଶରେ ଅବସ୍ଥାପିତ ହୋଇଥିବା ଘୂର୍ଣ୍ଣାୟମାନ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ୪୦୦୦ରୁ ଅଧିକ ସୌରେତର ଗ୍ରହ ଆବିଷ୍କାର କରିଛନ୍ତି। ବିଶେଷଭାବେ କେପଲର ମହାକାଶ ଦୂରବୀକ୍ଷଣ ଯନ୍ତ୍ର ୨୩୦୦ରୁ ଅଧିକ ସୌରେତର ଗ୍ରହ ଆବିଷ୍କାର କରିଛି ଏବଂ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାର ଟେସ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ଆମ ନିକଟରେ ଥିବା ଦୁଇ ଲକ୍ଷରୁ ଅଧିକ ନକ୍ଷତ୍ରକୁ ପର୍ଯ୍ୟବେକ୍ଷଣ କରି ଗ୍ରହର ସନ୍ଧାନ ନେଉଛି। ଏହି ଗ୍ରହଗୁଡ଼ିକର ଆକାର, ଓଜନ, କକ୍ଷ ଆଦିରେ ଅନେକ ବୈଚିତ୍ର୍ୟ ରହିଛି। ଏଗୁଡ଼ିକୁ ଅଧ୍ୟୟନ କରି ଗ୍ରହଗୁଡ଼ିକ କିପରି ସୃଷ୍ଟି ହୋଇଛି, ତାହା ଜାଣିହେବ। ଜ୍ୟୋତିର୍ବିଦ୍‌ମାନେ ସେଥିମଧ୍ୟରୁ ଗୋଟିଏ ପ୍ରକାର ଗ୍ରହର ସନ୍ଧାନରେ ଅଛନ୍ତି, ଯାହା ପୃଥିବୀ ଭଳି ହୋଇଥିବ ଏବଂ ନିଜ ନକ୍ଷତ୍ରର 'ବାସଯୋଗ୍ୟ ଅଞ୍ଚଳ'ରେ ରହିଥିବ। ଏହାଫଳରେ ସେଠାରେ ତାପମାତ୍ରା ଅତି ଅଧିକ କିମ୍ବା ଅତି କମ୍ ହୋଇ ନ ଥିବ ଏବଂ ତରଳ ଅବସ୍ଥାରେ ଜଳ ରହିଥିବ, ଯାହା ଜୀବ ଉଦ୍ଭବ ପାଇଁ ଜରୁରୀ।

ଏହି ବର୍ଷର ନୋବେଲ ପଦାର୍ଥ ବିଜ୍ଞାନୀମାନେ ବ୍ରହ୍ମାଣ୍ଡ ସମ୍ବନ୍ଧରେ ଆମର ଧାରଣାକୁ ସବୁଦିନ ପାଇଁ ପରିବର୍ତ୍ତନ କରି ଦେଇଛନ୍ତି। ଜେମ୍ସ ପିବଲ୍‌ସ ୧୯୩୫ ମସିହାରେ କାନାଡ଼ାରେ ଜନ୍ମଗ୍ରହଣ କରିଛନ୍ତି ଏବଂ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟରେ ଆଲବର୍ଟ ଆଇନଷ୍ଟାଇନ ବିଜ୍ଞାନ ପ୍ରଫେସର ଅଛନ୍ତି। ମାଇକେଲ୍ ମେୟର ସୁଇଜରଲାଣ୍ଡରେ ୧୯୪୨ ମସିହାରେ ଓ ଡିଡିଏର୍ କୁଇଲୋଜ୍ ସୁଇଜରଲାଣ୍ଡରେ ୧୯୬୬ ମସିହାରେ ଜନ୍ମଗ୍ରହଣ କରିଛନ୍ତି ଏବଂ ଉଭୟେ ବର୍ତ୍ତମାନ ସୁଇଜରଲାଣ୍ଡର ଜେନେଭା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି। ମୋଟ ପୁରସ୍କାର ଅର୍ଥରାଶି ୯ ନିୟୁତ ସୁଇଡେନ୍ କ୍ରୋନ୍‌ରୁ ଅଧା ପିବଲ୍‌ସ ପାଇବେ ଏବଂ ଅନ୍ୟ ଅର୍ଦ୍ଧକୁ ଅନ୍ୟ ଦୁଇଜଣ ବିଜ୍ଞାନୀ ସମାନ ଭାବେ ପାଇବେ।

-୭୦, ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର, ମୋ- ୯୪୩୮୬୯୩୭୨୪



ଜେମ୍ସ ପିବଲ୍‌ସ



ମାଇକେଲ୍ ମେୟର



ଡିଡିଏର୍ କୁଇଲୋଜ୍

# ଦୀପାବଳି ଓ ପ୍ରଦୂଷଣ



ନିକୁଞ୍ଜ ବିହାରୀ ସାହୁ

ଆଲୋକର ପର୍ବ ଦୀପାବଳି। ଏହି ପର୍ବରେ ବିଭିନ୍ନ ପ୍ରକାର ବାଣ ଫୁଟାଯାଇଥାଏ। ଆଲୋକ ଏବଂ ଶବ୍ଦର ମାହୋଲ ସିନା ମନକୁ କ୍ଷଣିକ ଆନନ୍ଦ ଦିଏ, ହେଲେ ତାହାର କୁପ୍ରଭାବ ପରିବେଶ ଏବଂ ସମାଜ ଉପରେ ପଡ଼ିଥାଏ। ବାଣ ଫୁଟାଇବା ବେଳେ ଅନେକେ ଆହତ ହୋଇଥାଆନ୍ତି। କେତେକେ ଏହାର ରାସାୟନିକ ବାଷ୍ପ ସଂସ୍ପର୍ଶରେ ଆସି ଅସୁସ୍ଥ ଅନୁଭବ କରନ୍ତି। ବିଶେଷଭାବରେ ବାଣର ଶବ୍ଦ ଆମର ଶ୍ରବଣ ଶକ୍ତିକୁ ଅଧିକ ପ୍ରଭାବିତ କରିଥାଏ। କେବଳ ଦୀପାବଳି ନୁହେଁ, ମୂର୍ତ୍ତି ବିସର୍ଜନ ସମୟରେ ଫୁଟା ଯାଉଥିବା ବାଣ ଓ ଆସତବାଜିରୁ ଅନେକ ବିଷାକ୍ତ ଗ୍ୟାସ ନିର୍ଗତ ହୋଇଥାଏ। ସେଗୁଡ଼ିକ ମଧ୍ୟରେ ପ୍ରମୁଖ ହେଲା-ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍, କାର୍ବନ ମନୋକ୍ସୋଇଡ ଇତ୍ୟାଦି। ଏଗୁଡ଼ିକ ବାୟୁ ପ୍ରଦୂଷଣ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଶ୍ୱାସ ରୋଗ ଯଥା ଆଜ୍‌ମା ଏବଂ ବ୍ରୋଙ୍କାଇଟିସ୍ ଇତ୍ୟାଦି ସୃଷ୍ଟି କରିଥାଏ।

ପୂଜା ମଞ୍ଚ ଏବଂ ପୂଜା ଅବସରରେ ଆୟୋଜିତ ମେଲୋଡି, ଭସାଣି ସମୟରେ କୋଳାହଳ ଏବଂ ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଶବ୍ଦଉତ୍ସ-ମାଇକ୍, ଲାଉଡ୍‌ସ୍ପିକର, ଡିଜେ ଇତ୍ୟାଦିର ବ୍ୟବହାର ଆଜିକାଲି ପୂଜାର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଗଲାଣି। ଏସବୁ ଅଧିକ ଡେସିବେଲ (ଶବ୍ଦ ତୀବ୍ରତାର ମାପକ) ଯୁକ୍ତ ଧ୍ୱନି ନିର୍ଗତ କରିଥାଆନ୍ତି, ଯାହା ଶ୍ରବଣ ଶକ୍ତିର ଅବକ୍ଷୟ, ଉଚ୍ଚ ରକ୍ତଚାପ, ହୃଦ୍‌ଘାତ, ଅନିଦ୍ରା ଏବଂ ମାନସିକ ଅବସାଦ ଇତ୍ୟାଦି ସ୍ୱାସ୍ଥ୍ୟଗତ ସମସ୍ୟାମାନ ସୃଷ୍ଟି କରିଥାଏ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ପୂଜା ସମୟରେ କୋଳାହଳର ସର୍ବୋଚ୍ଚ ସୀମାକୁ ୬୫ ଡେସିବେଲ ମାତ୍ରାରେ ସୀମିତ ରଖାଯାଇଛି। ହେଲେ ବେଳେବେଳେ କେତେକ କ୍ଷେତ୍ରରେ ଏହା ୧୦୦ ଡେସିବେଲ ଟପି ଯାଉଥିବାର ଦୃଷ୍ଟାନ୍ତ ରହିଛି। ଶବ୍ଦ ପ୍ରଦୂଷଣ ମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱଳ୍ପ ଡେସିବେଲଯୁକ୍ତ ଶବ୍ଦ ବାଣ ଫୁଟାଇବା ଦରକାର। ଅଧିକ ଶବ୍ଦ କରୁଥିବା ବାଣ କେବଳ ଶ୍ରବଣ ଶକ୍ତିକୁ ଗଭୀର ଭାବରେ ପ୍ରଭାବିତ କରି ନ ଥାଏ ଏଥିରୁ ନିର୍ଗତ ବିଷାକ୍ତ ରାସାୟନିକ ତତ୍ତ୍ୱ ଦ୍ୱାରା ପରିବେଶ ପ୍ରଦୂଷିତ ହୋଇଥାଏ। ତେଣୁ ପରିବେଶକୁ ପ୍ରଦୂଷିତ ନ କରିବା ଭଳି ବାଣ ଫୁଟାଇବା ଆବଶ୍ୟକ। କେବଳ ସେତିକି ନୁହେଁ ବାଣ ଫୁଟାଇବା ସମୟରେ ଆମେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଦରକାର। ଏହି ସମୟରେ ନିଆଁ ଲାଗିଯିବାର ଆଶଙ୍କା ଥାଏ। ତେଣୁ ଅଗ୍ନି ନିର୍ବାପକ ଜିନିଷ-ବାଲି, ପାଣି ଆଦି ପାଖରେ ରଖନ୍ତୁ। ବାଣଠାରୁ ଯଥେଷ୍ଟ ଦୂରତାରେ ନିଜକୁ ରଖି ବାଣ ଫୁଟାନ୍ତୁ। ଛୋଟ ପିଲାଙ୍କୁ ବାଣ ଫୁଟାଇବାକୁ ଦିଅନ୍ତୁ ନାହିଁ। କାରଣ ଅସାବଧାନତାରୁ ସେମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇପାରନ୍ତି। ବାଣ ଫୁଟାଇବା ସମୟରେ ହୃଦ୍‌ରୋଗୀମାନେ ଏହାଠାରୁ ନିଜକୁ ଦୂରେଇ ରଖିବା ଦରକାର।

"ଶବ୍ଦ ପ୍ରଦୂଷଣ ମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱଳ୍ପ ଡେସିବେଲଯୁକ୍ତ ଶବ୍ଦ ବାଣ ଫୁଟାଇବା ଦରକାର। ଅଧିକ ଶବ୍ଦ କରୁଥିବା ବାଣ କେବଳ ଶ୍ରବଣ ଶକ୍ତିକୁ ଗଭୀର ଭାବରେ ପ୍ରଭାବିତ କରି ନ ଥାଏ ଏଥିରୁ ନିର୍ଗତ ବିଷାକ୍ତ ରାସାୟନିକ ତତ୍ତ୍ୱ ଦ୍ୱାରା ପରିବେଶ ପ୍ରଦୂଷିତ ହୋଇଥାଏ। ତେଣୁ ପରିବେଶକୁ ପ୍ରଦୂଷିତ ନ କରିବା ଭଳି ବାଣ ଫୁଟାଇବା ଆବଶ୍ୟକ।"

ବାଣ ଫୁଟାଇବା ଆଜିକାଲି ଏକ ସଉକ ପାଲଟିଗଲାଣି। ବିଶେଷଭାବରେ ଯୁବପିଢ଼ି ଅଧିକ ଶବ୍ଦ କରୁଥିବା ଏବଂ ବିଭିନ୍ନ ଷ୍ଟାଇଲ୍‌ର ବାଣ ଆଣି ଫୁଟାଇ ଥାଆନ୍ତି। ହେଲେ ଏହାର କୁପ୍ରଭାବ ସମ୍ପର୍କରେ ଅବଗତ ହେବା ଜରୁରୀ। ଏହି ସମୟରେ ଯଦି ଆମେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ତେବେ ଏହି ପର୍ବରୁ ବେଶ୍ ଆନନ୍ଦର ସହ ପାଳନ କରିପାରିବା।

-ଏଜୁକେଶନ ଅଫିସର, ଭୋପାଳ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ



## ସଂକ୍ଷେପରେ

### ଦୋକାନୀଙ୍କୁ ଆକ୍ରମଣ ଅଭିଯୋଗରେ ୪ ଗିରଫ

ସମ୍ବଲପୁର, ୨୦।୧୦ (ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ରେମେଡ ଛକସ୍ଥିତ ଏକ ଦୋକାନର ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ରବିବାର ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ମୁଦିପଡା ଫାର୍ମରୋଡର ପ୍ରଦୀପ ଦାସ ଓରଫ ରାଜେଶ (୪୫), ମୁଦିପଡାର ଅମିତ କୁମାର ପଟ୍ଟନାୟକ ଓରଫ ସାନୁ (୩୯), ଚର୍ଚ୍ଚ ଛକର ରାଜେନ୍ଦ୍ର କୁସୁମ ଓରଫ ଜିଦ୍ଦା (୪୨) ଓ ମୁଦିପଡାର ଜିତେନ୍ଦ୍ର କୁସୁମ (୨୫) । ଏମାନଙ୍କ ବିରୋଧରେ ଅଇଁଠାପାଲି ଥାନାରେ ଏକ ମାମଲା (ନଂ. ୪୫୧/୧୯) ରୁଜୁ କରାଯାଇଛି। ଜାମିନ ନ ମିଳିବାରୁ ସମସ୍ତେ ଜେଲ ଯାଇଛନ୍ତି। ସୂଚନାଯୋଗ୍ୟ, ଶନିବାର ସକାଳ ସାଢ଼େ ୧୦ଟାରେ ରେମେଡ ଛକରେ ଦୋକାନ କରିଥିବା ଆଶିଷ କୁମାର ଗୁପ୍ତା (୨୦)ଙ୍କୁ ଏମାନେ ବିଦ୍ୟୁତ୍ ବିଲ୍ ବାବଦକୁ ଟଙ୍କା ମାଗି ଗଣ୍ଡଗୋଳ କରିଥିଲେ। ତାଙ୍କ ମୁଣ୍ଡକୁ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲେ। ଆଶିଷ ଏ ନେଇ ଅଇଁଠାପାଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ୪ଜଣଙ୍କୁ ଗିରଫ କରିଛି।

## ■ ଯନ୍ତାରେ ରହିବା ବର୍ଷେ ପୂରିବ

# ଏବେ ବି ଅନ୍ଧାରରେ 'ସୁନ୍ଦରୀ'ର ଭବିଷ୍ୟତ

ଅସମାପିକା ସାହୁ
ଭୁବନେଶ୍ୱର, ୨୦।୧୦



ସାତକୋଶିଆରେ ବାଘୁଣୀ 'ସୁନ୍ଦରୀ'ର ଭିବଷ୍ୟତକୁ ନେଇ ନିଶ୍ଚିତ ହୋଇପାରୁନି ବନ ବିଭାଗ। ଗତବର୍ଷ ନଭେମ୍ବର ୫ରୁ ଯନ୍ତାରେ ରହିଛି ବାନ୍ଧବଗଡ଼ର ଏହି ବାଘୁଣୀ। ବର୍ଷେ ବିତିବାକୁ ବସିଲାଣି, କିନ୍ତୁ ସୁନ୍ଦରୀର ଭବିଷ୍ୟତ ଏବେ ବି ଅନ୍ଧାକାରରେ ରହିଛି। କେଉଁଠି ରହିବ ସୁନ୍ଦରୀ। ଜନ୍ତା ଭିତରେ ନା ଜଙ୍ଗଲକୁ ଛଡ଼ାଯିବ, ତାହାର କୌଣସି ନିଷ୍ପତ୍ତି ହୋଇପାରୁ ନାହିଁ। ପୂର୍ବରୁ ବନ ବିଭାଗ କହିଥିଲା, ନିର୍ବାଚନ ପରେ ହିଁ ବାଘୁଣୀ ସୁନ୍ଦରୀ ଏନକ୍ଲୋଜରରୁ ମୁକ୍ତ ହେବାର ରାସ୍ତା ବାହାରିବ। ନିର୍ବାଚନ ସରି ସରକାର ଗଠନ ହେଲା, କିନ୍ତୁ ଏଯାଏ ସୁନ୍ଦରୀକୁ ମୁକ୍ତ କରିବାର କୌଣସି ବାଟ ଫିଟିଲାନି। ଜାତୀୟ ବ୍ୟାଘ୍ର ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ଏବଂ ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନ(ଡବ୍ଲ୍ୟୁଆଇଆଇ) ସହିତ ବାରମ୍ବାର ଆଲୋଚନା ପରେ ମଧ୍ୟ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ସୁନ୍ଦରୀକୁ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରୁ ନାହାନ୍ତି। ନିକଟରେ ଏନ୍‌ଟିସିଏର ଟିମ୍ ସାତକୋଶିଆ ପରିଦର୍ଶନ କରିଥିଲା। ଆଉ କିଛିଦିନ ପରେ ମଧ୍ୟ ଟିମ୍ ପୁଣିଥରେ ସାତକୋଶିଆ ଆସି ବିଭାଗ ସହିତ ଆଲୋଚନା କରିବେ ବୋଲି ସୂଚନା ମିଳିଛି। ଏହାପରେ ବାଘୁଣୀ ସୁନ୍ଦରୀର ଭାଗ୍ୟ ବଦଳିବ ବୋଲି ଆଶା କରାଯାଉଛି।

ସେପଟେ ବିଶେଷଜ୍ଞଙ୍କ କହିବାନୁଯାୟୀ, ଦୀର୍ଘ ମାସ ହେଲା ସେ ଏନକ୍ଲୋଜରରେ ରହିଲାଣି। ନିଶ୍ଚିତ ଭାବେ ତା'ର ବ୍ୟାବହାରିକ ପରିବର୍ତ୍ତନ ଘଟିଥିବ। ତେଣୁ ତାକୁ ଜଙ୍ଗଲରେ ଛାଡ଼ିବା ସମ୍ଭବ ନୁହେଁ। ବିଶେଷଜ୍ଞଙ୍କ ମତାନୁସାରେ, ବାଘୁଣୀ ଘରୋଇ ହୋଇଯାଇଥିବାର ଆଶଙ୍କା ରହିଛି। ବାଘୁଣୀର ହିଂସ୍ର ଆଚରଣରେ ପରିବର୍ତ୍ତନ ଘଟିଆଇପାରେ। ଶିକାର ଭୁଲିଯିବାର ସମ୍ଭାବନା ରହିଛି। ତାକୁ ବାହାରକୁ ଛାଡ଼ିବା ଉଚିତ ନୁହେଁ ବୋଲି ବିଶେଷଜ୍ଞମାନେ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି।

### ଆଶଙ୍କାରେ ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକ୍ରିୟା

ରାଜ୍ୟରେ ବ୍ୟାଘ୍ର ବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିଥିଲେ। ଏଥିରେ ମଧ୍ୟପ୍ରଦେଶରୁ ୬ ଯୋଡ଼ା ବାଘ ଅଣାଯାଇ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ଛଡ଼ା ଯାଇଥାନ୍ତା। ପ୍ରଥମ ପର୍ଯ୍ୟାୟରେ ଗତବର୍ଷ ଜୁଲାଇରେ 'ମହାବୀର' ଓ ଅଗଷ୍ଟରେ 'ସୁନ୍ଦରୀ'କୁ ଆଣି ସାତକୋଶିଆରେ ଛଡ଼ାଗଲା। ଦୁଇ ମହାବଳ ବାଘକୁ ସଫଳତା ସହ ସ୍ଥାନାନ୍ତର କରିବା ପରେ ବନ ବିଭାଗ ଅତ୍ୟନ୍ତ ଉଚ୍ଚଭିଳାଷୀ ହୋଇପଡ଼ିଥିଲା। କିନ୍ତୁ ବନ ବିଭାଗର ସବୁ ସ୍ୱପ୍ନ ମାତ୍ର କେଇଟା ଦିନରେ ମରିଯାଇଥିଲା। ପ୍ରଥମେ 'ସୁନ୍ଦରୀ' ମଣିଷ ମାରିବା ଅଭିଯୋଗ ଆସିବା ପରେ ତାକୁ ଏନ୍‌କ୍ଲୋଜର ଭିତରେ ରଖାଗଲା। ଏହି ତାତି ଥମି ନ ଥିବା ବେଳେ 'ମହାବୀର'ର ମୃତ୍ୟୁ ହୋଇଥିଲା। ତେଣୁ ଆଗକୁ ମଧ୍ୟପ୍ରଦେଶ ଜଙ୍ଗଲ ବିଭାଗ ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକ୍ରିୟା ପାଇଁ ଥିବା ଆଉ ୪ ବାଘ ଦେବେ କି ନାହିଁ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ଏହି ପ୍ରକଳ୍ପ ସଫଳ ହୋଇପାରିବ ନାହିଁ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି।

**ଜଙ୍ଗଲୀ ବାଘୁଣୀକୁ ବନ୍ଦୀ ଜୀବନ ଦେଲା ବନ ବିଭାଗ**

'ସୁନ୍ଦରୀ'କୁ ବର୍ତ୍ତମାନ ଜଙ୍ଗଲରେ ଛଡ଼ାଗଲେ ବହୁତ କ୍ଷତି ହେବ। ଉଭୟ ବାଘୁଣୀ ଓ ଲୋକଙ୍କ ପାଇଁ ବିପଦ ଆସିବ। ବନ ବିଭାଗ ଜାଣିଶୁଣି ତା' ଜୀବନକୁ ନଷ୍ଟ କରିଦେଲା। ଏକ ଜଙ୍ଗଲୀ ବାଘୁଣୀକୁ ବନ୍ଦୀ ଜୀବନ ଦେଇଦେଲା। ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରୋଜେକ୍ଟ କେବେ ବି ସଫଳ ହୋଇପାରିବ ନାହିଁ। ରାଜ୍ୟ ସରକାରଙ୍କ ଏହା ମୂର୍ଖାମି କାମ। ଅଯଥାରେ କୋଟି କୋଟି ଟଙ୍କା ନଷ୍ଟ ହେବା ସହିତ ପରିଶ୍ରମ ମଧ ଗଲା। -ବିଶ୍ୱଜିତ୍ ମହାନ୍ତି, ବନ୍ୟପ୍ରାଣୀ ବିଶେଷଜ୍ଞ

**ସ୍ଥାନୀୟ ଗାଁ ଲୋକଙ୍କ ସହମତି ବି ନିଆଯାଉ**

ମଧ୍ୟପ୍ରଦେଶରୁ ବାଘୁଣୀକୁ ଅଣାଯିବା ପୂର୍ବରୁ ସ୍ଥାନୀୟ ଗାଁ ଲୋକଙ୍କ ସହିତ କଥା ହୋଇ ନିଷ୍ପତ୍ତି ନେବାର ଥିଲା। ମନଇଚ୍ଛା କାମ କଲେ, ବାଘୁଣୀ ମଣିଷ ମାରିବା ଅଭିଯୋଗ ଆସିଲା। ବର୍ତ୍ତମାନ ତାକୁ ବାହାରକୁ ଛାଡ଼ିବା ସମ୍ଭବପର ନୁହେଁ। ଗାଁ ଲୋକଙ୍କ ସହମତି ନ ନେଇ ଏବେବି ତାକୁ ଜଙ୍ଗଲରେ ଛଡ଼ାଯିବା ଉଚିତ ନୁହେଁ। ପୁଣି ତା'ର ବ୍ୟବହାରରେ ମଧ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇସାରିଥିବ। - ଲାଲା ଏ. କେ. ସିଂ, ବନ୍ୟପ୍ରାଣୀ ବିଶେଷଜ୍ଞ



କଟକର 'ମହାରାଣୀ ଦରବାର'ର ସ୍ପେଶାଲ ଖାଦ୍ୟ
ଦେଖନ୍ତୁ ଭିଡିଓ
YouTube /dharitrilive

### ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣାରେ ମୁହଁ ଖୋଲିଲେ ସରପଞ୍ଚ

# ସିନ୍ଦୂର, ସମ୍ପତ୍ତି ଉପରେ ଥିଲା ନଜର

ରସୁଲପୁର/ଧର୍ମଶାଳା, ୨୦।୧୦(ଡିଏନଏ)

■ ସରପଞ୍ଚଙ୍କ ଅଭିଯୋଗ ମନଗଢ଼ା: ସୁଶୀଲ
■ ଆରୋପ ପ୍ରମାଣିତ କରିବାକୁ ଗ୍ରାମବାସୀଙ୍କ ଦାବି



ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ (ପିଇଓ) ସ୍ମିତାରଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଆସିଛି ନୂଆ ମୋଡ଼। ଏହି ଘଟଣାରେ ପୋଲିସ ଶନିବାର ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ କୋର୍ଟ ଚାଲାଣ କରିବା ପରେ ରବିବାର ଏ ନେଇ ମୁହଁ ଖୋଲିଛନ୍ତି ରୂପେଶଙ୍କ ସ୍ତ୍ରୀ ତଥା ଖୋଦ୍ ସରପଞ୍ଚ ମଧୁସ୍ମିତା ଭଦ୍ର। ମଧୁସ୍ମିତା ତାଙ୍କ ବୟାନରେ ସ୍ୱାମୀଙ୍କୁ ନିର୍ଦ୍ଦୋଶ ବୋଲି କହିବା ସହିତ ତାଙ୍କୁ ଷଡ଼ଯନ୍ତ୍ର କରି ଫସାଇ ଦିଆଯାଇଛି ବୋଲି କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ, ପିଇଓ ସ୍ମିତାଙ୍କ ପରିବାର ସହିତ ତାଙ୍କ ପରିବାରର ଭଲ ସମ୍ପର୍କ ରହିଥିଲା। ଉଭୟ ପରିବାର ଅନେକ ସ୍ଥାନକୁ ଏକାଠି ବୁଲାବୁଲି କରିବାକୁ ଯାଇଥାନ୍ତି। ମାତ୍ର ଏସବୁ ଭିତରେ ମୋ ସ୍ୱାମୀଙ୍କ ସରଳତାର ସୁଯୋଗ ନେଇ ସମ୍ପତ୍ତି ଉପରେ ସ୍ମିତାଙ୍କର ନଜର ରହିଥିଲା। ସ୍ୱାମୀଙ୍କୁ ଫସେଇ ସେ ସମ୍ପତ୍ତି ହାତେଇବାକୁ ଚକ୍ରାନ୍ତ କରୁଥିଲେ। ସ୍ୱାମୀ ରୂପେଶ ଏହାକୁ ବାରଣ କରିବାରୁ ଏଭଳି ଘଟିଛି ବୋଲି ମଧୁସ୍ମିତା ପ୍ରକାଶ କରିଛନ୍ତି। ସେ ତାଙ୍କ ସ୍ୱାମୀ ରୂପେଶଙ୍କ ପାଇଁ ନ୍ୟାୟ ଭିକ୍ଷା କରିଛନ୍ତି। ଏପରିକି ରୂପେଶଙ୍କର କିଛି ଅସୁବିଧା ଉପୁଜିଲେ ସେ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଛନ୍ତି। ଅପରପକ୍ଷରେ ସ୍ମିତାଙ୍କ ମୃତ୍ୟୁ ପାଇଁ ରୂପେଶଙ୍କୁ ଦାୟୀ କରାଯାଇ ପୋଲିସ ତାଙ୍କୁ ଅଟକ ରଖି ପଚରା ଉଚରା ଚଳାଇଥିଲାବେଳେ ସେତେବେଳେ ମଧୁସ୍ମିତା ନୀରବତା ଅବଲମ୍ବନ କରିଥିଲେ। ରବିବାର ସେ ହଠାତ୍ ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିବାକୁ ନେଇ ବିଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି। ମଧୁସ୍ମିତା ମୁହଁ ଖୋଲିଲା ପରେ ମୃତ ସ୍ମିତାରାଣୀଙ୍କ ସ୍ୱାମୀ ସୁଶୀଲ କୁମାର ବିଶ୍ୱାଳ ସରପଞ୍ଚଙ୍କ ଏଭଳି ଅଭିଯୋଗକୁ ମନଗଢ଼ା ଓ ମିଥ୍ୟା ବୋଲି କହିଛନ୍ତି। ଯଦି ତାଙ୍କର ଏଭଳି ଅଭିଯୋଗ ଥିଲା ତେବେ ସେ ପୂର୍ବରୁ କାହିଁକି ମୁହଁ ଖୋଲି ନ ଥିଲେ ବୋଲି ସୁଶୀଲ ପ୍ରଶ୍ନ କରିଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ନାପସନ୍ଦ କରାଯାଇଥିବା ବେଳେ ଭାଜପା ପକ୍ଷରୁ ସୋମବାର ଯାଜପୁର ବନ୍ଦ ଡାକରା ଦିଆଯାଇଛି।

ସୂଚନା ଥାଉକି, ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣାରେ ପୋଲିସ ଶନିବାର ସରପଞ୍ଚଙ୍କ ସ୍ୱାମୀ ରୂପେଶଙ୍କୁ ଆଇପିସି ୩୦୬ (ଆତ୍ମହତ୍ୟାେ ପାଇଁ ପ୍ରବର୍ତ୍ତାଇବା) ଦଫାରେ କୋର୍ଟ ଚାଲାଣ କରିଥିଲା। ତେବେ ଯାଜପୁର ଏସ୍‌ପି ଚରଣ ସିଂ ମୀନା ଶନିବାର ଏକ ଖବରଦାତା ସମ୍ମିଳନୀରେ ସ୍ମିତା ଓ ରୂପେଶଙ୍କ ସମ୍ପର୍କକୁ ଯେଉଁଭଳି ଭାବେ ଚିତ୍ରଣ କରିଥିଲେ ତାହାକୁ ନେଇ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ମୃତା ସ୍ମିତାଙ୍କ ଗାଁ ଚୋରମୁହାଁର ଲୋକେ। ଉକ୍ତ ଗ୍ରାମବାସୀ ଏସ୍‌ପି ମୀନାଙ୍କ ମତାମତକୁ ପ୍ରତିବାଦ କରି ସ୍ମିତାଙ୍କ ଚରିତ୍ରକୁ ନେଇ ଉଠାଇଥିବା ପ୍ରଶ୍ନକୁ ଏସ୍‌ପି ପ୍ରମାଣିତ କରିପାରିବେ କି ବୋଲି ପ୍ରଶ୍ନ କରିଛନ୍ତି। ସ୍ମିତାଙ୍କ ଚରିତ୍ରରେ ତ୍ରୁଟି ଥିବା କେବେ ଗାଁ ଲୋକେ ଦେଖିନାହାନ୍ତି ବୋଲି ଗାଁର ବରିଷ୍ଠ ନାଗରିକ ସତ୍ୟ ନାରାୟଣ ଆଚାର୍ଯ୍ୟ କହିଛନ୍ତି। ପୋଲିସ ମୃତ ସ୍ମିତାଙ୍କ ଚରିତ୍ର ଉପରେ ଆଣିଥିବା ଆରୋପକୁ ପ୍ରମାଣିତ କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

ଗତ ୧୬ତାରିଖ ବୁଧବାର ଅପରାହ୍ନରେ ପିଇଓ ସ୍ମିତାରାଣୀ ପଞ୍ଚାୟତର ଚାରିବାଟିଆ ଓ ସୁଭଦ୍ରାପୁର ଗ୍ରାମରେ ଭତ୍ତା ବଣ୍ଟନ କରି ଫେରିବା ପରେ ମଧ୍ୟାହ୍ନ ଭୋଜନ କରିବାକୁ ପଞ୍ଚାୟତ କାର୍ଯ୍ୟାଳୟଠାରୁ ୫୦୦ମିଟର ଦୂରରେ ଥିବା ରୂପେଶଙ୍କ ଗେଷ୍ଟ ହାଉସକୁ ଯାଇଥିଲେ। ଏହାର କିଛି ସମୟ ପରେ ଗେଷ୍ଟ ହାଉସର ଉପର ମହଲାରେ ସ୍ମିତାରାଣୀ ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା(୧୬/୨୦୧୯) ରୁଜୁ କରିଥିଲା। ପରେ ଆଉ ଏକ ମାମଲା (ନଂ.୪୮୧/୨୦୧୯) ରୁଜୁ କରି ରୂପେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଜାପାନୀ ଜ୍ୱରରେ ଛାତ୍ର ଆକ୍ରାନ୍ତ

■ ମଢ଼ିଆଳିରେ ପହଞ୍ଚିଲେ ଡାକ୍ତରୀ ଟିମ୍

ଭଣ୍ଡାରିପୋଖରୀ, ୨୦।୧୦ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଢ଼ିଆଳି ଗ୍ରାମର ଜଣେ ୧୭ ବର୍ଷର କଲେଜ ଛାତ୍ର ଜାପାନୀ ଜ୍ୱରରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ଗତ ୫ ତାରିଖରେ ତାଙ୍କୁ ଜ୍ୱର ହେବାରୁ ସେ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଔଷଧ ଖାଇବା ପରେ ମଧ ଜ୍ୱର ଛାଡ଼ି ନ ଥିଲା। ଏଣୁ ତାଙ୍କୁ ଚିକିତ୍ସା ପାଇଁ କଟକକୁ ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ରଖିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। କଟକ ବଡ଼ ଡାକ୍ତରଖାନାରେ ଆଇସିୟୁ ଉପଲବ୍ଧ ନ ହେବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରକ୍ତ ନମୁନା ପରୀକ୍ଷା ପରେ ତାଙ୍କୁ ଜାପାନୀ ଜ୍ୱର ହୋଇଥିବା ଜଣାପଡ଼ିଛି।

ଜାପାନୀ ଜ୍ୱର ପାଇଁ କୌଣସି ଔଷଧ ନ ଥିବାବେଳେ କେବଳ ପ୍ରତିଷେଧକ ଟିକା ରହିଛି। ଭଦ୍ରକ ଜିଲାରେ ଆଜି ପର୍ଯ୍ୟନ୍ତ ଏହି ଟିକା ଦିଆଯାଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡ. କମଳାକାନ୍ତ ସ୍ୱାଇଁଙ୍କୁ ପଚାରିବାରୁ କହିଛନ୍ତି, ଜାପାନୀ ଜ୍ୱର ସମ୍ପର୍କରେ କିଛି ରିପୋର୍ଟ ଆସି ନାହିଁ। ଏହି ଜ୍ୱର ପାଇଁ ଔଷଧ ନାହିଁ। କେବଳ ଟିକାକରଣ କରାଯାଇପାରିବ। ନଭେମ୍ବର ୧୧ଠାରୁ ଡିସେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଜାପାନୀ ଜ୍ୱର ସମ୍ପର୍କରେ ୧ରୁ ୧୫ ବର୍ଷ ପିଲାମାନଙ୍କୁ ପ୍ରତିଷେଧକ ଟିକା ପ୍ରଦାନ ସହ ବିଭିନ୍ନ ସ୍ଥାନରେ ଜନସଚେତନତା ସୃଷ୍ଟି କରାଯିବା ବ୍ୟବସ୍ଥା ହୋଇଥିବା କହିଥିଲେ। ଏ ସମ୍ପର୍କରେ ଜଣାପଡ଼ିବା ପରେ ରବିବାର ଅପରାହ୍ନରେ ଏକ ଡାକ୍ତରୀ ଟିମ୍ ମଢ଼ିଆଳିରେ ପହଞ୍ଚିଥିଲେ। ମଞ୍ଜୁରିରୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ଦେବାଶିଷ ପତି, ସରପଞ୍ଚ ପ୍ରମିଳା ସାହୁ, ଅଙ୍ଗନୱାଡି, ଆଶାକର୍ମୀ ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ରୁଦ୍ରପ୍ରସାଦ କବି ମଢ଼ିଆଳିରେ ପହଞ୍ଚି ଗ୍ରାମ ଲୋକଙ୍କୁ ଡାକି ଏକ ସଚେତନତା ସଭା କରିଥିଲେ।

## ■ କେନ୍ଦ୍ରାପଡ଼ାରୁ ୱାଘା ବର୍ଡର

# ସାଇକେଲରେ ବାହାରିଲେ ଫଇଜଲ




କେନ୍ଦ୍ରାପଡ଼ା ସହରର ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ସାଇକେଲ ଯାତ୍ରାରେ ବାହାରୁଛନ୍ତି ଫଇଜଲ।

କେନ୍ଦ୍ରାପଡା ଅଫିସ, ୨୦।୧୦

କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ଜଇପୁରା ଗ୍ରାମର ସୟଦ ଫଇଜଲ ଅଲ୍ଲୀଙ୍କ ବୟସ ୬୩ । ଏହି ପରିଣତ ବୟସରେ ସେ ପ୍ରାୟ ୭ ହଜାର କିଲୋମିଟର ସାଇକେଲରେ ଯାତ୍ରା କରିବାର ଅଭିଳାଷ ରଖିଛନ୍ତି । ପ୍ଲାଷ୍ଟିକ ମୁକ୍ତ ଭାରତ ଓ ଟ୍ରାଫିକ ନିୟମ ପ୍ରତି ସଚେତନତା ବାର୍ତ୍ତା ନେଇ ଫଇଜଲ କେନ୍ଦ୍ରାପଡାରୁ ୱାଘା ବର୍ଡର ପର୍ଯ୍ୟନ୍ତ ଯିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ସେ ସାଇକେଲରେ ୧୩ଟି ରାଜ୍ୟ ଅତିକ୍ରମ କରିବେ । ରବିବାର ପୂର୍ବାହ୍ନ ୮ଟାରେ ଫଇଜଲ ସହରର ପୁରୁଣା ବସଷ୍ଟାଣ୍ଡଠାରୁ ଏହି ଦୁଃସାହସିକ ସାଇକେଲ ଯାତ୍ରା ଆରମ୍ଭ କରିଛନ୍ତି । ଏଥିନେଇ ଜିଲାପାଳ ସମର୍ଥ ବର୍ମା, ଆଞ୍ଚଳିକ ପରିବହନ ଅଧିକାରୀ ନିଖିଲ କୁମାର ପଟ୍ଟନାୟକ, କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡାଙ୍କ ସମେତ ବହୁ ବୁଦ୍ଧିଜୀବୀ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସାଇକେଲ ଯାତ୍ରା ସମ୍ପର୍କରେ ଫଇଜଲ କୁହନ୍ତି, ପୂର୍ବରୁ ସୌଦିରେ ରହିବା ସମୟରେ ମଧ୍ୟ ସାଇକେଲରେ ଭ୍ରମଣ ନିଶା ଥିଲା । ପ୍ଲାଷ୍ଟିକ ମୁକ୍ତ ଭାରତ ଓ ଟ୍ରାଫିକ ନିୟମ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଇବା ଲକ୍ଷ୍ୟ ନେଇ ବାହାରିଛି । ୮୪ ଦିନ ଯାତ୍ରାରେ ରାଞ୍ଚି, ଲକ୍ଷ୍ନୌ, ଦିଲ୍ଲୀ, ଜମ୍ମୁ, ଅମୃତସର, ଭୋପାଳ, ଜବଲପୁର ଆଦି ସହରକୁ ଯିବା ପାଇଁ ଲକ୍ଷ୍ୟ ରଖିଛି ।



## ଜିଲା ଚିଠି ଖୋର୍ଦ୍ଧା

### ଦଲାଲ ମାଧ୍ୟମ

ଚେଇଁ ଶୋଇଥିବ ଯିଏ ତାକୁ ଉଠାଇବ କିଏ। ଏହି ନ୍ୟାୟରେ ଚାଲିଛି ଆମ ପ୍ରଶାସନ। ସବୁ ଜାଣି ନ ଜାଣିଲା ପରି ଅଭିନୟ କରିବାରେ ଓସ୍ତାଦ। ଏଇ ଯେମିତି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ପରି ଗ୍ରାମୀଣ ଆବାସ ଯୋଜନାକୁ ଦେଖାଯାଉ। ଦଲାଲ ମାଧ୍ୟମରେ ହିତାଧିକାରୀଙ୍କଠାରୁ ସୁବ୍ୟବସ୍ଥିତ ଢଙ୍ଗରେ ଚାଲିଛି ଲାଞ୍ଚ ଆଦାୟ। ରାଜନୈତିକ ଦଳର କେତେଜଣ ସମର୍ଥକ ଏହି କାର୍ଯ୍ୟକୁ ଆଦରି ନେଇଛନ୍ତି। ହେଲେ ସେଭଳି ଅଭିଯୋଗ ହୋଇନାହିଁ ବୋଲି କହି ପ୍ରଶାସନ ଚୁପ୍ ରହୁଛି। ଟାଙ୍ଗୀ ବ୍ଲକ ଦେଉଳିପାଟଣା(ଅରାଙ୍ଗ) ଗାଁରେ ଏକ ପରିବାର ଦଲାଲଙ୍କୁ ଲୋକଲୋଚନକୁ ଆଣି ପ୍ରତିବାଦ କରିଛି। ହେଲେ ପ୍ରଶାସନ ସତ୍ୟ ମାନିବାକୁ ପ୍ରସ୍ତୁତ ନୁହେଁ। ଅଭିଯୋଗ ପରେ ବି ତଦନ୍ତ କରାଯାଉନି। ଅଭିଯୋଗକାରୀଙ୍କୁ ବରଂ ଧମକଚମକ ଦେଇ ଓହରିଯିବାକୁ ବାଧ୍ୟ କରାଯାଉଥିବାର ଅଭିଯୋଗ ଉଠିଲାଣି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନାଁ ରଖିବା ପାଇଁ ବିଡିଓ ଓ ଏବିଡିଓଙ୍କୁ ଲାଞ୍ଚ ଦିଆଯିବ ଦର୍ଶାଇ ପ୍ରଥମ ସୋପାନରେ ୧୦ ହଜାର ଟଙ୍କା ମଗା ଯାଇଥିଲା। ଲାଞ୍ଚ ନ ଦେଲେ ଯୋଜନାରୁ ନାଁକୁ ହଟାଇ ଦିଆଯିବ ବୋଲି ଧମକ ମିଳିଥିଲା। ସବୁ ସତ୍ତ୍ୱେ ଦେଉଳିପାଟଣା(ଅରାଙ୍ଗ) ଗାଁର ଜଣେ ବ୍ୟକ୍ତି ଲାଞ୍ଚ ଦେବାକୁ କୁଣ୍ଠିତ ହୋଇଥିଲେ। ଯୁକ୍ତି କରିଥିଲେ ସରକାର ମାଗଣା ଘର ଯୋଗାଇ ଦେଉଥିବାବେଳେ ଲାଞ୍ଚ କାହିଁକି ଦେବେ। ପୁଣି ଦଲାଲଙ୍କୁ କାହିଁକି ଦେବେ। ଏଭଳିସ୍ଥଳେ ୩ଜଣ ଦଲାଲ ମିଳିତ ଭାବେ ତାଙ୍କୁ ଆକ୍ରମଣ କରି ମାରପିଟ୍ କରିଥିଲେ। ଲାଞ୍ଚ ନ ଦେବାରୁ ପ୍ରତିବାଦକାରୀ ମାଡ଼ ଖାଇ ଚିକିତ୍ସିତ ହେଉଛନ୍ତି। ନ୍ୟାୟ ପାଇଁ ତାଙ୍କ ସ୍ତ୍ରୀ ଜଙ୍କିଆ ଥାନାରେ ଅଭିଯୋଗ କରିଥିଲେ। ସୁଫଳ କିନ୍ତୁ ମିଳିଲା ନାହିଁ। ବରଂ ଥାନାକୁ ଯିବା ପୂର୍ବରୁ ମାଡ଼ ମାରିଥିବା ଦଲାଲ ଆଗୁଆ ଅଭିଯୋଗ କରି ସାରିଥିଲେ। ଥାନାକୁ ଯିବା ପରେ ପରାମର୍ଶ ମିଳିଥିଲା ସମାଧାନ କରି ଚୁପ ରୁହ। ବିବାଦ ଆଗକୁ ବଢ଼ାଇଲେ କିଛି ସୁଫଳ ମିଳିବନି। ପୋଲିସର ପରାମର୍ଶ ନ ମାନିବାରୁ ମାମଲା ରୁଜୁ ହେଲା ନାହିଁ। ଏଥିରୁ ସରକାରଙ୍କର ମୋ ସରକାର ଯୋଜନା କେତେଦୂର କାର୍ଯ୍ୟକାରୀ ହେଉଛି ଅନୁମେୟ। ବିଡିଓଙ୍କ ନିକଟରେ ଅଭିଯୋଗ ପରେ ବି ଫାଇଲ ଚାପି ହୋଇରହିଛି। ବିଡିଓ କିନ୍ତୁ ଗଣମାଧ୍ୟମକୁ କହିଛନ୍ତି, ଅଭିଯୋଗ ପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦେଖାଯାଉ କେବେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

– ଲୋକନାଥ ମିଶ୍ର

## ଦୁର୍ଘଟଣାରେ ୨ ମୃତ

ସିମୁଳିଆ,୨୦।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ଅଞ୍ଚଳରେ ଶନିବାର ରାତିରେ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଉଭୟେ ବାଇକ୍‌ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯିବାରୁ ସେମାନଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଅଞ୍ଚଳରେ ଲକ୍ଷ୍ମୀପୂଜା ପାଇଁ ଶନିବାର ରାତିରେ ଅପେରା ମଞ୍ଚସ୍ଥ ହେଉଥିଲା। ଏହା ଦେଖିବା ପାଇଁ ମାର୍କୋଣା ଅଞ୍ଚଳର ସଞ୍ଜୟ ବିଶ୍ୱକର୍ମା(୧୭) ଓ ତାଙ୍କ ପଡ଼ୋଶୀ ନୟାପଲ୍ଲୀ ଅଞ୍ଚଳର ଜଗନ୍ନାଥ ସିଂ(୧୮) ଯାଇଥିଲେ। ତେବେ ଅପେରା ଚାଲିଥିବା ବେଳେ ଜଗନ୍ନାଥ ଓ ସଞ୍ଜୟ ଅନ୍ୟ ଜଣେ ସାଙ୍ଗର ମୋଟରସାଇକେଲ ନେଇଆସିଥିଲେ। ଗାଁ ମଝିରେ ମୋଟରସାଇକେଲ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ନୟନଯୋଡିରେ ଜଣେ ପଡ଼ିଥିବା ବେଳେ ଅନ୍ୟ ଜଣେ ରାସ୍ତାରେ ପଡିଥିଲେ। ପୋଲିସ ଉଭୟଙ୍କ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଉଭୟଙ୍କ ମୁହଁ ଓ ମୁଣ୍ଡରେ ସାମାନ୍ୟ ଆଘାତ ଲାଗିଛି। ସୂଚନା ଯେ ସଞ୍ଜୟ ସ୍ଥାନୀୟ ସିମୁଳିଆ କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗର ପ୍ରଥମ ବର୍ଷରେ ପଢୁଥିଲେ। ଏହି ଘଟଣା ପରେ ଅପେରା ବନ୍ଦ କରି ଦିଆଯିବା ସହିତ ପୂଜାକୁ ମଧ ଗ୍ରାମବାସୀ ବନ୍ଦ କରିଦେଇଛନ୍ତି।

## ଏଫ୍‌ଏସ୍‌ଏସ୍‌ଏଆଇ ରିପୋର୍ଟ

# ବିଷାକ୍ତ ହେଉଛି ଦୁଗ୍ଧ

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)



ଖାଦ୍ୟପେୟରେ ଦୁଗ୍ଧ ଏକ ପ୍ରମୁଖ ଉପାଦାନ। ପିଲାଠାରୁ ଆରମ୍ଭ କରି ବୟସ୍କ ସମସ୍ତେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଖାଇବାକୁ ପସନ୍ଦ କରନ୍ତି। ତେବେ ଅଧିକ ମୁନାଫା କମାଇବା ଆଶାରେ କେତେକ ଦୁଗ୍ଧ ବ୍ୟବସାୟୀ ମାରାତ୍ମକ ବିଷାକ୍ତ ପଦାର୍ଥକୁ ଏଥିରେ ମିଶାଇ ବଜାରକୁ ଛାଡୁଛନ୍ତି, ଯାହାର ଭୟଙ୍କର ପ୍ରଭାବ ମଣିଷ ସ୍ୱାସ୍ଥ୍ୟ ଉପରେ ପଡୁଛି। ଏହା ଯେ କେବଳ ମନୁଷ୍ୟ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଛି ତାହା ନୁହେଁ, ବରଂ ମାରାତ୍ମକ କର୍କଟ ରୋଗକୁ ମଧ ପରୋକ୍ଷରେ ନିମନ୍ତ୍ରଣ କରୁଛି। ଓଡ଼ିଶା ସମେତ ସମଗ୍ର ଦେଶରେ ଏଭଳି ପରିସ୍ଥିତି ଦେଖାଦେଇଛି। ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡସ ଅଥରିଟି ଅଫ ଇଣ୍ଡିଆ(ଏଫ୍‌ଏସ୍‌ଏସ୍‌ଏଆଇ) ପକ୍ଷରୁ କରାଯାଇଥିବା ଜାତୀୟ ଦୁଗ୍ଧ ସୁରକ୍ଷା ଓ ଗୁଣବତ୍ତା ସର୍ଭେ-୨୦୧୮ ରିପୋର୍ଟରୁ ଏଭଳି ଚାଞ୍ଚଲ୍ୟକର ତଥ୍ୟ ଆସିଛି। ତେବେ ପ୍ରଥମଥର ପାଇଁ କ୍ଷୀରରେ କର୍କଟ ରୋଗ ସୃଷ୍ଟିକାରୀ ମାରାତ୍ମକ ରାସାୟନିକ ପଦାର୍ଥ ଆଫ୍ଲୋଟକ୍ସିନ ଏମ୍-୧ ଥିବା ସର୍ଭେ ରିପୋର୍ଟରୁ ଜଣାପଡିଛି। ଏଫ୍‌ଏସ୍‌ଏସ୍‌ଏଆଇ ଦ୍ୱାରା ସଂଗୃହୀତ କରାଯାଇଥିବା ୬୪୩୨ଟି ନମୁନା ମଧ୍ୟରୁ ୩୬୮ଟିରେ ଆଫ୍ଲୋଟକ୍ସିନ ଏମ୍-୧ ଭଳି ମାରାତ୍ମକ ଦ୍ରବ୍ୟ ରହିଛି। ଏହାଛଡା ଦୁଗ୍ଧରେ ହାଇଡ୍ରୋଜେନ ପେରେକୋସାଇଡ, ଆଣ୍ଟି-ବାୟୋଟିକ୍ସ, ପେଷ୍ଟିସାଇଡ, ଡିଟରଜେଣ୍ଟ, ୟୁରିଆ, ନ୍ୟୁଟ୍ରାଲାଇଜର ଭଳି ବିଷାକ୍ତ ରାସାୟନିକ ପଦାର୍ଥ ମିଶି ରହୁଛି, ଯାହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ।

ଓଡ଼ିଶାରେ ମଧ ଦୁଗ୍ଧରେ ରାସାୟନିକ ପଦାର୍ଥର ମାତ୍ରା ରହୁଥିବା ଏଫ୍‌ଏସ୍‌ଏସ୍‌ଏଆଇ ରିପୋର୍ଟରେ କୁହାଯାଇଛି। ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ କ୍ଷୀରରେ ଆବଶ୍ୟକ ଗୁଣବତ୍ତା ନ ଥିବା କୁହାଯାଇଛି। ଓଡ଼ିଶାରୁ ୧୯୨ଟି ନମୁନା ସଂଗ୍ରହ କରାଯାଇଥିବାବେଳେ ସେଥିରୁ ୧୦୫ଟିରେ ଏଫ୍‌ଏସ୍‌ଏସ୍‌ଏଆଇ ମାନକୁ ପୂରଣ କରୁନାହିଁ। ରାଜ୍ୟରେ ବିକ୍ରି ହେଉଥିବା ପାଶ୍ଚରାଇଜ୍‌ଡ ପ୍ୟାକେଟ କ୍ଷୀରରେ ଏଫ୍‌ଏସ୍‌ଏସ୍‌ଏଆଇ ନିର୍ଦ୍ଦିଷ୍ଟ ଫ୍ୟାଟ ଓ ସଲିଡ ନନ୍ ଫ୍ୟାଟ(ଏସ୍‌ଏନ୍‌ଏଫ୍) ଦ୍ରବକ ରହୁ ନାହିଁ। କ୍ଷୀରରେ ଏସ୍‌ଏନ୍‌ଏଫ୍ ୮.୫ରୁ ୯ ପ୍ରତିଶତ ମଧ୍ୟରେ ରହିବା କଥା। ଓଡ଼ିଶାରୁ ସଂଗ୍ରହ କରାଯାଇଥିବା ୧୯୨ ନମୁନାରୁ ୮୫ଟି ଏସ୍‌ଏନ୍‌ଏଫ୍ ମାନ ପୂରଣ କରୁ ନ ଥିବା ରିପୋର୍ଟରେ କୁହାଯାଇଛି। ତେବେ ପ୍ୟାକେଟରେ ଯାହା ଲେଖାଯାଉଛି ବାସ୍ତବରେ କ୍ଷୀରରେ ତାହା ରହୁନାହିଁ। ତେବେ ଓଡିଶା ବଜାରରେ ବିକ୍ରି ହେଉଥିବା ୯ ପ୍ରତିଶତ କ୍ଷୀର ଖାଇବା ଉପଯୋଗୀ ନ ଥିବା ରିପୋର୍ଟରେ କୁହାଯାଇଛି।

ବଜାରରେ ଯେଉଁ କ୍ଷୀର ଉପଲବ୍ଧ ହେଉଛି ତାହା କେତେ ସୁରକ୍ଷିତ ସେ ନେଇ ଗ୍ରାହକ ଚିନ୍ତିତ। ଅନ୍ୟପକ୍ଷରେ ଖାଦ୍ୟ ସୁରକ୍ଷା ଅଫିସରମାନେ ନିୟମିତ ବ୍ୟବଧାନରେ ନମୁନା ସଂଗ୍ରହ କରି ରାଜ୍ୟ ପରୀକ୍ଷାଗାରକୁ ପଠାଉଛନ୍ତି। ତେବେ ତାହା ସୁରକ୍ଷିତ କି ନାହିଁ ସେ ନେଇ କୌଣସି ସୂଚନା ଦିଆଯାଉ ନାହିଁ। ରିପୋର୍ଟ ପ୍ରକାଶ ପାଇବା ପରେ କ୍ଷୀରର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠିଛି। ରାଜ୍ୟ ପରୀକ୍ଷାଗାରର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା ଅନେକ ସମୟରେ କ୍ଷୀରରେ ଫ୍ୟାଟ ଓ ସଲିଡ ନନ୍ ଫ୍ୟାଟ ରହୁ ନାହିଁ। ଏ ନେଇ ସମ୍ପୃକ୍ତ ସଂସ୍ଥାକୁ ତାଗିଦ୍ କରାଯାଉଛି। ତେବେ ରାଜ୍ୟର କ୍ଷୀର ବିଷାକ୍ତ ନୁହେଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଏଫ୍‌ଏସ୍‌ଏସ୍‌ଏଆଇ ଦ୍ୱାରା ୨୦୧୮ ମେ ମାସରୁ ଅକ୍ଟୋବର ମଧ୍ୟରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୧୦୩ଟି ସହରରୁ ୬, ୪୩୨ଟି ନମୁନା ସଂଗ୍ରହ କରାଯାଇଥିଲା। ସେହିଠାରେ ନମୁନାଗୁଡିକର ପରୀକ୍ଷା କରାଯାଇଥିଲା।

# ଲାଲ କରିଡର ମାଟିରୁ ଲାଲ ଟମାଟୋର ସ୍ବାଦ

## ୩ ଜିଲାର ଚାଷୀଙ୍କୁ ସମୃଦ୍ଧିର ବାଟ ବତାଇଛି ସୋଡ଼ ପଞ୍ଚାୟତ

**ଶଶାଙ୍କଶେଖର ଝାଙ୍କର**
**ଦେବଗଡ଼, ୨୦।୧୦**

ପାହାଡ଼ ପର୍ବତ ଘେରା ଦେବଗଡ଼ ଜିଲାର ଉପାନ୍ତ ତିଳେଇବଣି ବ୍ଲକ ସୋଡ଼ ଗ୍ରାମପଞ୍ଚାୟତ। ଦିନେ ଏହି ପଞ୍ଚାୟତ ମାଓବାଦୀମାନଙ୍କ ମୁଖ୍ୟ ଆଡ୍ଡାସ୍ଥଳ ଥିଲା । ଲାଲ କରିଡର ରୂପେ ପରିଚିତ ଏହି ଅଞ୍ଚଳ ୨୦୦୦ ମସିହା ବେଳକୁ ଜିଲା ଓ ରାଜ୍ୟ ପ୍ରଶାସନର ନିଦ ହଜେଇ ଦେଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ଅବ୍ୟବସ୍ଥା ଓ ବିପର୍ଯ୍ୟୟକୁ ଆଳକରି ମାଓବାଦୀମାନେ ସେଠାକାର ଗରିବ ତଥା ଆଦିବାସୀଙ୍କ ସହାୟତାରେ କାୟା ବିସ୍ତାର କରିଥିଲେ। ଅଧିକାଂଶ ସମୟରେ ଗଣମାଧ୍ୟମର ଶିରୋନାମାରେ ରହୁଥିବା ଏହି ଅଞ୍ଚଳ ଉପରେ ସରକାରଙ୍କ ଶୁଭଦୃଷ୍ଟି ପଡ଼ିଲା। ଧୀରେ ଧୀରେ ସେହି ପଞ୍ଚାୟତବାସୀ ବିକାଶର ସୂର୍ଯ୍ୟାଲୋକ ଦେଖିଲେ । ତଥାପି ସ୍ଥାନୀୟ ଅଧିବାସୀଙ୍କ ଦାରିଦ୍ର୍ୟ କମି ନ ଥିଲା। ଛେଳି, କୁକୁଡ଼ା, ଘୁଷୁରି ପାଳନ ସାଙ୍ଗକୁ ଜଙ୍ଗଲଜାତ ଦ୍ରବ୍ୟ ସେମାନଙ୍କ ଜୀବିକା ଥିଲା । ପାହାଡ଼ିଆ, ପଥୁରିଆ, ଢ଼ାଲୁ ଅଞ୍ଚଳ ସହ ଅମ୍ଳୀୟ ମାଟି, ଜଳସେଚନର ଅଭାବ ଉପରୋକ୍ତ ଅଞ୍ଚଳରେ ବ୍ୟବସାୟଭିତ୍ତିକ କୃଷି କରିବାରେ ମୁଖ୍ୟ ଅନ୍ତରାୟ ସାଜିଥିଲା। ତଥାପି ଗତ ଦଶନ୍ଧିର ଶେଷଆଡ଼କୁ ଏହି ପଞ୍ଚାୟତରେ ଆଦିବାସୀ ବହୁଳ କ୍ଷୁଦ୍ର ଗ୍ରାମ କାଲଚିପୋଡ଼ାଡ଼ିହରୁ ଆରମ୍ଭ ହେଲା ବର୍ଷାଦିନିଆ ଟମାଟୋ (ପାତଳଘଣ୍ଟା)ଚାଷ। ସେହି ଗ୍ରାମର ୨ ଯୁବକ ଗାଣ୍ଡୁରୁ ମି ଓ ତାଙ୍କ ଭାଇ ଗୋସେଇଁ ମି ପରୀକ୍ଷାମୂଳକ ଭାବେ ଆରମ୍ଭ କଲେ ବର୍ଷାଦିନିଆ ଟମାଟୋ ଚାଷ। ପ୍ରଥମ ଦୁଇ ଚାରି ବର୍ଷ ଲାଭକ୍ଷତିକୁ ହିସାବ ନ କରି ଅଳ୍ପ ପରିମାଣରେ ଚାଲୁ ରହିଲା ଏହି ଚାଷ। ଫୁଲ ଆସିଲା ବେଳକୁ ପ୍ରାୟ ଗଛ ସବୁ ମାଟିରେ ପଡ଼ିଯାଉଥିଲା । ଅଳ୍ପ ଗଛରେ ଫଳ ରହୁଥିଲା। ସେମାନେ ପ୍ରଥମେ ସ୍ଥାନୀୟ ଉଦ୍ୟାନ ବିଭାଗ କର୍ମଚାରୀ ଓ ପରେ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କୁ ଯୋଗାଯୋଗ କରି ଏହି ରୋଗର ସମ୍ପୂର୍ଣ୍ଣ ନିରାକରଣର ପନ୍ଥା ଖୋଜି ପାଇଲେ। ଏହା ପରେ ସଫଳତା ମିଳିଲା । ଗାଣ୍ଡୁରୁ ଓ ଗୋସେଇଁଙ୍କ ସହ ଧୀରେ ଧୀରେ ଗ୍ରାମର ଅନ୍ୟ ଚାଷୀମାନେ ବର୍ଷାଦିନିଆ ଟମାଟୋ ଚାଷ ଆରମ୍ଭ କରିଲେ। ବର୍ଷା ଋତୁ ହୋଇଥିବାରୁ ଜଳସେଚନର ଆବଶ୍ୟକତା ନ ଥିଲା । ଅଣ ଋତୁ ହୋଇଥିବାରୁ ଟମାଟୋର ବିକ୍ରିରେ କିଛି ଅସୁବିଧା ହେଉ ନ ଥିଲା । ସ୍ଥାନୀୟ ବଜାରରେ ଭଲ ଦାମ୍ ମଧ୍ୟ ମିଳିଲା। କ୍ରମେ ପଡ଼ୋଶୀ ବିରିଆମ୍, ସୋଡ଼ ସହିତ ଆଖପାଖ ଦୁଇ ଚାରିଟି ଗ୍ରାମର ଚାଷୀମାନେ ଏହି ଚାଷରେ ଲାଗିପଡ଼ିଲେ। କୃଷିବିଜ୍ଞାନୀମାନେ ଉପରୋକ୍ତ ଗାଁରେ ପହଞ୍ଚି ନୂତନ କୌଶଳ ପରୀକ୍ଷା କରାଇଲେ। ତା'ପରେ ଚାଷୀମାନଙ୍କ ଦ୍ୱାରା ତାହା ଆଦୃତ ହେବାକୁ ଲାଗିଲା।

ଏବେ ଉପରୋକ୍ତ ଅଞ୍ଚଳର ୧୦୦ ଏକର ଜମିରେ କେବଳ ଟମାଟୋ ଚାଷ ହେଉଛି। ଏକର ପିଛା ୮୦ରୁ ୯୦ କୁଇଣ୍ଟାଲ ପର୍ଯ୍ୟନ୍ତ ଟମାଟୋ ଉତ୍ପାଦନ କରି ସାଧାରଣ ଚାଷୀମାନେ ନିଜର ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିପାରିଛନ୍ତି। ଏହି ଚାଷରେ ଉତ୍ସାହିତ ହୋଇ ଅନ୍ୟମାନେ ବି ଉନ୍ନତ ପଦ୍ଧତିରେ ପାତଳଘଣ୍ଟା ଚାରା ଲଗାଇବା, ଗଛର ଯତ୍ନ ନେବା ଓ ଫଳ ଅମଳ ପରବର୍ତ୍ତୀ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ଏବେ ସୋଡ଼ ପଞ୍ଚାୟତରୁ ପ୍ରତିଦିନ ତିନିରୁ ଚାରି ଟ୍ରକ ପାଚିଲା ଲାଲ ଟହଟହ ଟମାଟୋ ଅନ୍ୟ ଅଞ୍ଚଳକୁ ବିକ୍ରି ପାଇଁ ଯାଉଛି। ଦେବଗଡ଼ ଛଡ଼ା ସୁନ୍ଦରଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ା ପରି ପଡ଼ୋଶୀ ଜିଲାର ପ୍ରମୁଖ ବଜାରରେ ଏବେ ସୋଡ଼ ଟମାଟୋର ଚାହିଦା ରହିଛି। ଦିନେ ଅନ୍ୟ ରାଜ୍ୟକୁ କାମଧନ୍ଦା ଖୋଜିବାକୁ ଯାଉଥିବା ମନୋଜ ଲାକ୍ରା, ଦିଲୀପ ଲାକ୍ରାଙ୍କ ପରି ଅନ୍ୟ ଯୁବକମାନେ ମଧ୍ୟ ଏହି ଟମାଟୋ ଚାଷରେ ଲାଗିଛନ୍ତି। ଗରିବ ଆଦିବାସୀଙ୍କ ଆର୍ଥିକ ସ୍ଥିତିକୁ ଦୃଢ଼ କରିଥିବା ଏହି ଟମାଟୋ ସ୍ଥାନୀୟ ଚାଷୀଙ୍କୁ ଲୋକ ଲୋଚନକୁ ଆଣିଛି। ମାଓବାଦୀ ତଥା ଅପହଞ୍ଚ ଇଲାକା ଭାବେ ଏକଦା ପରିଚିତ ଥିବା ସୋଡ଼ ପଞ୍ଚାୟତ ପାଖାପାଖି ତିନୋଟି ଜିଲାର ଚାଷୀମାନଙ୍କୁ ସମୃଦ୍ଧିର ନୂଆ ଦିଗଦର୍ଶନ ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ।



# ଟ୍ରକ୍ ଚାପାରେ ଶିଶୁ ମୃତ ପ୍ରତିବାଦରେ ରାସ୍ତାରୋକୋ



ଘଟଣାସ୍ଥଳରେ ଲୋକମାନେ ରାସ୍ତାରୋକୋ କରିଛନ୍ତି ।

**ବରଗଡ଼ ଅଫିସ୍,୨୦।୧୦**

ବରଗଡ଼ ଗୋରୁ ମାର୍କେଟ୍-ବ୍ରହ୍ମବିହାର ରାସ୍ତାରେ ରବିବାର ପୂର୍ବାହ୍ଣ ପ୍ରାୟ ସାଢ଼େ ୧୦ଟାରେ ଏକ ଟ୍ରକ୍ ଚାପାରେ ଜଣେ ୨ବର୍ଷର ଶିଶୁପୁତ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ମୃତ ଶିଶୁ ହେଲେ ଗାଇସିଲେଟ ବ୍ଲକ ନଟବରପୁର ଗ୍ରାମର ରାଜୀନ୍ଦ୍ର ଦୀପଙ୍କ ପୁଅ ଡିବେଶ। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି । ସ୍ଥାନୀୟ ଟାଉନ ଥାନା ପୋଲିସ ଟ୍ରକକୁ ଜବତ କରି ତଦନ୍ତ ଚଳାଇଛି । ଅନ୍ୟପଟେ ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଆନ୍ଦୋଳନକାରୀଙ୍କୁ ବୁଝାସୁଝା ପରେ ସନ୍ଧ୍ୟାରେ ରାସ୍ତା ଅବରୋଧ ହଟିଥିଲା ।

ସୂଚନା ଅନୁସାରେ, ଡିବେଶ ଗତ କିଛିଦିନ ତଳେ ଗୋରୁ ମାର୍କେଟ୍ ପଡ଼ାର ନିଜ ମାମୁ ଘରକୁ ଆସିଥିଲେ । ସେ ରାସ୍ତାକଡରେ ଥିବା ମାମୁଘରୁ ବାହାରୁଥିବା ବେଳେ ଉକ୍ତ ଟ୍ରକ (ନଂ.ଓଆର୧୭ଏ/୯୧୭୧) ତାଙ୍କ ଉପରେ ଚଢ଼ିଯାଇଥିଲା ଏବଂ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ପରେ ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରାଙ୍କ ସମେତ ସ୍ଥାନୀୟ ଲୋକେ ସେଠାକୁ ପହଞ୍ଚି ଆନ୍ଦୋଳନ କରିଥିଲେ । ସେହି ରାସ୍ତାରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଉଥିବା ଯୋଗୁ ଆଉ ଉକ୍ତ ରାସ୍ତାରେ ଟ୍ରକ ଚଳାଚଳ କରି ଦିଆଯିବ ନାହିଁ ବୋଲି ପୂର୍ବତନ ପୌରାଧ୍ୟକ୍ଷ ବେହେରା କହିଛନ୍ତି । ଉଲ୍ଲେଖନୀୟ, ଏହି ରାସ୍ତାଟି ସଙ୍କୁଚିତ ଥିବାବେଳେ ରାସ୍ତାଦେଇ ନିୟମିତ ଶତାଧିକ ଟ୍ରକ୍ ସ୍ଥାନୀୟ କେନ୍ଦ୍ରୀୟ ପଣ୍ୟାଗାର ଏବଂ ରେଳ ଷ୍ଟେଶନ ପଟକୁ ଯାତାୟାତ କରୁଛି ।

■ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

# ଆମାଜିଂ ଏକାଦଶ ଚାମ୍ପିୟନ



ରବିବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ମୁଖ୍ୟଅତିଥି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

**ସମ୍ବଲପୁର, ୨୦।୧୦ (ବ୍ୟୁରୋ)**

ଜିଲା କ୍ରୀଡା ସଂଘ ଦ୍ୱାରା ଆୟୋଜିତ ଡା. ସନାତନ ବେହେରା ସ୍ମାରକୀ ତଥା ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ଆମାଜିଂ ଏକାଦଶ ଚାମ୍ପିୟନ ଓ ଭୂତାପଡା ଆଦିବାସୀ କ୍ଲବ ରନର୍ସଅପ୍ ଟ୍ରଫି ହାସଲ କରିଛି। ରବିବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଫାଇନାଲ ମ୍ୟାଚ ଆମାଜିଂ ଏକାଦଶ ବନାମ ଭୂତାପଡା ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳ ଗୋଲସ୍କୋର କରିବାର ସୁଯୋଗ ପାଇଥିଲେ। କିନ୍ତୁ ଫିନିସିଂ ଅଭାବରୁ ଗୋଲ ହୋଇ ନ ଥିଲା। କିନ୍ତୁ ମ୍ୟାଚର ୩୫ତମ ମିନିଟରେ ଆମାଜିଂ ଏକାଦଶ ଜର୍ସି ନଂ ୭ ଖେଳାଳି ଦବଙ୍ଗ ଏକ ସୁନ୍ଦର ଗୋଲସ୍କୋର କରିଥିଲେ। ଯଦ୍ୱାରା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ମଝି ପଡିଆରେ ମନୋଜ ଭୋଇ ମ୍ୟାଚ ପରିଚାଳନା କରିଥିଲେ। ତାଙ୍କୁ ଲାଇନ୍‌ରେ ଲକ୍ଷ୍ମଣ ନାଥ ଓ ପଦ୍ମଲୋଚନ ନାୟକ ସହଯୋଗ କରିଥିଲେ। ବଳରାମ ମଟାରୀ ଚତୁର୍ଥ ରେଫରି ଥିବା ବେଳେ ଜଗବନ୍ଧୁ ବେହେରା ମ୍ୟାଚ କମିଶନର ଥିଲେ। କ୍ରୀଡା ସଂଗଠକ ଡ. ବିଜୟ କୁମାର ପ୍ରଧାନଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି, ସାମାଜିକ କର୍ମୀ ସୁରଞ୍ଜନ ମହାପାତ୍ର, ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ଆଥ୍‌ଲେଟିକ ସମ୍ପାଦକ ସୁନ୍ଦରମଣୀ ବାରିକ, ଗେମ୍ସ ସମ୍ପାଦକ ପ୍ରଶାନ୍ତ ସେଠ, କାଉନସିଲ ସଭ୍ୟ ଅମୂଲ୍ୟ କୁମାର ମିଶ୍ର, ସୁନୀଲ ସାହୁ, ବିକାଶ ମିଶ୍ର, ସୁବୋଧ ସାହୁ, ସୟଦ ଜିନ୍ଦା, ବିଜେଡି ନେତା ପ୍ରମୋଦ କୁମାର ରଥ, ଡା. ଦିଲୀପ କୁମାର ନନ୍ଦ, ଅବସରପ୍ରାପ୍ତ କ୍ରୀଡାଧିକାରୀ ବିଦ୍ୟାଧର ପ୍ରଧାନ, ଖେଳ ଅଧ୍ୟାପିକା ସରିତା ନାୟକ, ବିରଜାଶଙ୍କର ହୋତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆମାଜିଂ ଏକାଦଶର ଦବଙ୍ଗଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ଭୁତାପଡାର ବାବୁଲୁ ମୁଣ୍ଡାଙ୍କ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ସେପ୍ଟେମ୍ବର ୨୯ ତାରିଖରୁ ଟୁର୍ନାମେଣ୍ଟ ଉଦ୍‌ଘାଟନ ହୋଇଥିଲା। ଏଥିରେ ଜିଲାର ୨୨ଟି ଫୁଟବଲ ଦଳ ଭାଗ ନେଇଥିଲେ ।

# ଅଧିକ କବି, ସାହିତ୍ୟିକ ସୃଷ୍ଟି ହେବା ଆବଶ୍ୟକ



ରବିବାର ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ହାସ୍ୟକବି ଓ ପରିବେଶ କର୍ମୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି ।

**ସମ୍ବଲପୁର, ୨୦।୧୦ (ବ୍ୟୁରୋ)**

ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ସମ୍ବଲ ଭୂମିର ବାର୍ଷିକ ସମାରୋହ ତଥା ବହୁଭାଷୀ କବିତା ପାଠୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟକ ଶିବନାରାୟଣ ଶତପଥୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାମାଜିକ କର୍ମୀ ତଥା କ୍ରୀଡା ସଂଗଠକ ବିଶ୍ୱମ୍ବର ବହିଦାର ମୁଖ୍ୟଅତିଥି, ଜିଲା ରେଡକ୍ରସ ସମ୍ପାଦକ ଜୟ ଜର୍ଜ, ବୋଧରାମ ମୁଣ୍ଡା ସମ୍ମାନିତ ଅତିଥି ଓ ସାହିତ୍ୟକ ଅଶୋକ ପୂଜାରୀ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ସମ୍ବଲପୁରୀ ଭାଷା ଓ ସଂସ୍କୃତି ପ୍ରଚାରପ୍ରସାର ଦିଗ ପ୍ରତି ଗୁରୁତ୍ୱ ଦେବା ସମୟ ଆସିଛି। ନଚେତ ଭାଷା ଓ ସଂସ୍କୃତି ଅଦିନିଆ ମେଘରେ ଲୀନ ହେବା ସମ୍ଭାବନା ରହିଛି। ତେଣୁ ଅଧିକରୁ ଅଧିକ ଯୁବକବି, ସାହିତ୍ୟକ ସୃଷ୍ଟି ହେବା ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ। ନିର୍ଦ୍ଦେଶକ ପ୍ରହ୍ଲାଦ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବୁଢ଼ାରଜା ବନ ସଂରକ୍ଷଣ ସମିତି ସଭାପତି ମେଘୁ ମୁଣ୍ଡା ଓ ହାସ୍ୟକବି ଲଳିତ ବୈବତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆବାହକ କାର୍ତ୍ତିକ ପ୍ରସାଦ ବହିଦାର ମାନପତ୍ର ପାଠ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଫେସର ଗିରୀଜା ଶଙ୍କର ଶର୍ମାଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବି ଶିବପ୍ରସାଦ ତ୍ରିପାଠୀ, ଦାମୋଦର ପଣ୍ଡା, ନରେନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ । କୈବୟିତ୍ରୀ ମମତା ନାଥ ଓ କବି ଗୁଣରଞ୍ଜନ ସାଲିମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସମ୍ବଲପୁର, ବରଗଡ, ଝାରସୁଗୁଡା, ସୁବର୍ଣ୍ଣପୁର, ଦେବଗଡ ଜିଲାର ପ୍ରାୟ ୬୦ଜଣ କବି ଯୋଗଦେଇ ଓଡିଆ, ସମ୍ବଲପୁରୀ, ହିନ୍ଦୀ ଓ ଇଂରାଜିରେ କବିତା ପାଠ କରିଥିଲେ । ନବୀନ ଦାଶ, ମାନସ ନାୟକ, ଧର୍ମେନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ବହୁଭାଷୀ କବିତା ପାଠୋତ୍ସବ**

■ୱେଷ୍ଟର୍ନ ଓଡ଼ିଶା ପାୱାର ଲିଫ୍ଟିଂ

# ୬୦ ଜଣଙ୍କ ମଧ୍ୟରେ କଡ଼ା ପ୍ରତିଯୋଗିତା



ରବିବାର ସମ୍ବଲପୁର ରେଲୱେ ଇନ୍‌ଷ୍ଟିଚ୍ୟୁଟଠାରେ ଆୟୋଜିତ ପାୱାର ଲିଫ୍ଟିଂ ଚାମ୍ପିୟନଶିପ୍-୨୦୧୯ରେ ଜଣେ ପ୍ରତିଯୋଗୀ।

**ସମ୍ବଲପୁର, ୨୦।୧୦ (ବ୍ୟୁରୋ)**

ସମ୍ବଲପୁର ରେଲୱେ ଇନ୍‌ଷ୍ଟିଚ୍ୟୁଟଠାରେ ରବିବାର ୱେଷ୍ଟର୍ନ ଓଡିଶା ପାୱାର ଲିଫ୍ଟିଂ ଚାମ୍ପିୟନଶିପ୍- ୨୦୧୯ ଅନୁଷ୍ଠିତ ହୋଇଯାଇଛି । ସୁନ୍ଦରଗଡ, ବରଗଡ, ରାଉରକେଲା, ବଲାଙ୍ଗୀର, ଝାରସୁଗୁଡା, କଳାହାଣ୍ଡି, ଟିଟିଲାଗଡ ଅଞ୍ଚଳର ୮ଜଣ ବାଳିକା ଓ ୫୨ ଜଣ ବାଳକ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ବାଳକ ବିଭାଗରେ ୫୨, ୪୯, ୬୬, ୭୪, ୮୩, ୯୩ ଓ ୯୩ରୁ ଊର୍ଦ୍ଧ୍ୱ କେଜି ଓ ବାଳିକା ବିଭାଗରେ ୬୫ ବର୍ଷରୁ କମ୍ ଏବଂ ୬୫ ବର୍ଷରୁ ଊର୍ଦ୍ଧ୍ୱ କେଜି ଇଭେଣ୍ଟ ହୋଇଥିଲା । ଆୟୋଜକ ସମ୍ବଲପୁର ପାୱାର ଲିଫଟିଂ ଆସୋସିଏଶନ ସଭାପତି ବିଶ୍ୱମ୍ବର ବହିଦାରଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା । ଜିଲା କ୍ରୀଡାଧିକାରୀ ଉପେନ୍ଦ୍ର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପାଦକ ସୋମନାଥ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଓ କୋଷାଧ୍ୟକ୍ଷ ସୁଧୀର ପଟ୍ଟନାୟକ ଅତିଥି ସ୍ୱାଗତ କରିଥିଲେ । ବିରୂପାକ୍ଷ ପ୍ରଧାନ ଉତ୍ସବ ସଂଯୋଜନା କରିଥିଲେ । ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି, ପୂର୍ବତନ ନଗରପାଳ ଗିରିଶ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

■ହପ୍ତେ ଭିତରେ ବାପ୍, ପୁଓ ଆରପାରେ

# ପରିବାର ଚିନ୍ତାରେ ବାଟ୍‌ବନା ନିସାହା ଅନୁପମା

**ମୋହନଗିରି,୨୦।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମୋହନଗିରି ଗାଁର ଅନୁପମା ପୂଝାରୀ। ତାକର ପରିବାରଟା ନିହାତି ଗରିବ ହେଇଥିଲାବେଲେ କୁଲିମଜୁରି କରି ପେଟ୍ ପାଲୁଛନ୍। ହେଲେ ଏହେଦେ ଇ ପରିବାର ଉପରେ ଦୁଃଖର ପାହାଡ଼ ଲଦି ହେଇଯାଇଛେ।

ସୂଚନା ଅନ୍‌ସାରେ ମୋହନଗିରି ଗାଁର ଅନୁପମାକଁର ଆପ୍‌ନେ ସୀମାଞ୍ଚଳ ପୂଝାରୀ(୪୦) ଗଲା ୭ ତାରିଖ କିଡ୍‌ନୀ ରୋଗ୍‌ରେ ଆରପାରକେ ଚାଲିଯାଇଛନ୍। ସେ ପରିବାରର ଝନେ ବଲି ରୁଜଗାରିଆ ଲୋକ୍ ଥିଲେ। ପୁଓର ମୁର୍‌ତୁରେ ଭାଂଗି ପଡ଼ି ୭ ଦିନ୍ ଉତାରୁ ବୁଢ଼ା ବାପ୍ କାର୍ତ୍ତିକ ପୂଝାରୀ(୬୮) ବି ଆଏଁଖି ମୁଜିଦେଲେ। ଏନ୍‌ତାଥି ୬୭ ବଛରିଆ ବୁଢ଼ି ଶାଶ୍, ୭ ଆର ୯ ବଛରର ଦୁଇ ଝିଁର ବୋଝ୍ ନିସାହା ବିଧବା ଅନୁପମାକଁର ଉପରେ ପଡ଼ିଛେ। ଇଆଡ଼େ ଆପ୍‌ନେ ଆର ଶଶୁରକଁର ସୁଧିକାୟ୍ କରବାକେ ଅନୁପମାକଁର ହାତେ କାଣି କଉଡ଼ିଟେ ନାଁଇଁନ। ଏନ୍‌ତାଥି ଗାଁର ଲୋକ୍ ମିଶି ସମକର ଘରୁ ଚାଉଲ ଦୁରା ଆର କିଛି ପଏସା ଠୁଲ କରି ଇ ଦୁଃଖି ପରିବାରକେ ବାପ୍, ପୁଓର ସୁଧି କାୟ୍ ଲାଗି ଦେଇଛନ୍। ଗାଁରେ କେହେନ୍‌ସି ଗରିବ୍‌ଦୁଃଖି ପରିବାରରେ କେହି ମରିଗଲେ ସୁଧିକାୟ୍ ଲାଗି ହରିଶ୍ଚନ୍ଦ୍ର ଯୋଜନାରେ ସାହାୟ୍ ମିଲ୍‌ସି। ହେଲେ ଇ ଦୁଃଖି ପରିବାର ହରିଶ୍ଚନ୍ଦ୍ର ଯୋଜନାର ସାହାୟ୍‌ରୁ ବଁଚିତ୍ ହେଇଛନ୍। ଇଆଡ଼େ ନିସାହା ବିଧବା ଅନୁପମା ନିଜର ୧ ଡେସିମିଲ ଝଟିମାଟି ଘରେ ଦୁଇ ଛୁଆ ଆର ବୁଢ଼ି ଶାଶ୍‌କେ ଧରି ବଡ଼ା ଗୁଲ୍‌ଗୁଲା ହେଇ ରହୁଛନ୍। ଘରର ଛାତର ଅବସ୍ତା ଭଲ ନାଇଁଥିଲାବେଲେ ଉପରେ ପଲିଥିନ୍ ଢାପି କୁରୁମ୍‌ବସିଆ ରହୁଛନ୍। ସବୁଠାନୁ ଦୁଃଖର କଥା ସ୍ୱର୍ଗତ ସୀମାଞ୍ଚଳକଁର ନାଁ ସରକାରକଁର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଏସ୍‌ଇସିସି ତାଲିକାର ୨୪ ନମ୍ବରରେ ରହିଛେ। ନିୟମ ହିସାବେ ତାହାକୁ ଘର ମିଲିଯିବାର କଥା। ହେଲେ ନମ୍ବରର ପଛେ ଥିବାର ଲୋକ୍ ଘର ପାଇଥିଲାବେଲେ ଇ ଦୁଃଖି ପରିବାର ଯୋଜନାର ଲାଭ୍ ପାଏବାରୁ ବଁଚିତ୍ ହେଇଥିବାର ପରିବାର ଲୋକ୍ ଅଭିଯୋଗ କରିଛନ୍। ଇ ବାବ୍‌ଦେ ମ.ରାମପୁର ବିଡିଓ ରୋମାନା ଜାଫ୍ରିକୁଁ ପଚ୍ରାଲାରୁ ଦୁଃଖି ପରିବାରକେ ହରିଶ୍ଚନ୍ଦ୍ର ଯୋଜନାର ସାହାୟ୍ ଦେବାକେ ମୋହନଗିରି ପଁଚେତ୍ ଅଧିକାରୀକୁଁ ସେ ନିରଦେଶ ଦେଇଥିଲେ। ସେନ୍‌ତା ପରିବାରଟା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ କେନ୍ କାରନ୍‌ରୁ ବାଦ୍ ପଡ଼ିଛନ୍ ସେଟା ତଦଁତ୍ କରି ପଦକ୍ଷେପ ନିଆଯିବା ବଲି ସେ କହିଛନ୍।



ନିଜର ଦଦ୍‌ରା ଘରେ ବୁଢ଼ୀ ଶାଶ୍, ଦୁଇ ଛୁଆକର ସଂଗେ ଅନୁପମା।

# ୫ମ ଚନାବେଡ଼ା ଫୁଟବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଖଡିଆଳ,୨୦।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ଚନାବେଡା ଖେଳ ପଡିଆଠାରେ ସ୍ଥାନୀୟ ପଞ୍ଚଦେବତା ସାଂସ୍କୃତିକ ଯୁବକ ସଂଘ ଆନୁକୂଲ୍ୟରେ ୫ମ ଅନ୍ତଃଜିଲା ଚନାବେଡା ଫୁଟବଲ ଚାମ୍ପିୟନଶିପ୍ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟିତ ଉତ୍ସବରେ ପଶ୍ଚିମ ଓଡିଶା ବିକାଶ ପରିଷଦ ବିଶେଷଜ୍ଞ ସଦସ୍ୟ ମୁଖ୍ୟଅତିଥି ଲମ୍ବୋଧର ନିଆଲ ଓ ସମ୍ମାନିତ ଅତିଥି ଚନାବେଡା ସରପଞ୍ଚ ତପୋବନ୍ତ ବେହେରା ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ଖଡିଆଳ ଓ ଭୋଜପୁର ଦଳ ମଧ୍ୟରେ ହୋଇଥିଲା। ଏଥିରେ ଖଡିଆଳ ଦଳ ୧-୦ ଗୋଲରେ ବିଜୟୀ ହୋଇଛି । ଏଥିରେ ମୁଖ୍ୟ ଖେଳ ପରିଚାଳକ ତାପସ ପତି, ସୁଶାନ୍ତ ସ୍ୱାଇଁ ଓ କାଳିଆ ବେହେରା ସହଯୋଗ କରିଥିଲେ । ଏଥିରେ ନୂଆପଡା ଜିଲା ସମେତ ପଡୋଶୀ ବଲାଙ୍ଗୀର ଓ କଳାହାଣ୍ଡି ଜିଲାର ମୋଟ ୮ଟି ପ୍ରମୁଖ ଦଳ ଅଂଶ ଗ୍ରହଣ କରିଛନ୍ତି। ଆସନ୍ତା ୨୭ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ସଂକ୍ଷେପରେ

### ଆସନ୍ତା ସପ୍ତାହରେ ୪ ଦିନ ବନ୍ଦ ରହିବ ବ୍ୟାଙ୍କ

**ନୂଆଦିଲ୍ଲୀ,୨୦-୧୦:** ଆସନ୍ତା ସପ୍ତାହରେ ଦେଶର ବିଭିନ୍ନ ପ୍ରାନ୍ତରେ ୪ ଦିନ ବ୍ୟାଙ୍କ ବନ୍ଦ ରହିବ। ବ୍ୟାଙ୍କ ଧର୍ମଘଟ ଏବଂ ବିଧାନସଭା ନିର୍ବାଚନ ରହୁଥିବା ମହାରାଷ୍ଟ୍ର ଏବଂ ହରିୟାଣାରେ ବ୍ୟାଙ୍କ ୩ ଦିନ କାମ କରିବ। ମଙ୍ଗଳବାର ବ୍ୟାଙ୍କ ଧର୍ମଘଟ ଯୋଗୁ ଦେଶର ଅନ୍ୟ ପ୍ରାନ୍ତରେ କେବଳ ଗୋଟିଏ ଦିନ ବ୍ୟାଙ୍କ ସେବା ବନ୍ଦ ରହିବ ବୋଲି ଜଣାପଡିଛି। ମହାରାଷ୍ଟ୍ର ଏବଂ ହରିୟାଣାରେ ସୋମବାର ବିଧାନସଭା ନିର୍ବାଚନ ଲାଗି ରିଜର୍ଭ ବ୍ୟାଙ୍କ ଏହି ଦୁଇ ରାଜ୍ୟରେ ବ୍ୟାଙ୍କ ଛୁଟି ନେଇ ଘୋଷଣା କରିଛି। କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡରେ ସୋମବାର ବ୍ୟାଙ୍କ ଖୋଲା ରହିବ। ଅଲ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏଶନ (ଏଆଇବିଇଏ) ଏବଂ ବ୍ୟାଙ୍କ ଏମ୍ପ୍ଲଇଜ ଫେଡେରେଶନ ଅଫ ଇଣ୍ଡିଆ( ବିଇଏଫ୍ଆଇ) ମଙ୍ଗଳବାର ଦିନିକିଆ ବ୍ୟାଙ୍କ ଧର୍ମଘଟରେ ସାମିଲ ହେବେ। ଏହି ଦିନ ବ୍ୟାଙ୍କ କାରବାର ପ୍ରଭାବିତ ହେବାର ଆଶଙ୍କା ରହିଛି। ୨୩,୨୪ ଏବଂ ୨୫ରେ ସାରା ଦେଶରେ ବ୍ୟାଙ୍କ କାରବାର ସାମାନ୍ୟ ରହିବ। ୨୬ ତାରିଖ ଚତୁର୍ଥ ଶନିବାର ପାଇଁ ବ୍ୟାଙ୍କ ବନ୍ଦ ରହିବ। ୨୭ ଅକ୍ଟୋବର ରବିବାର ଏବଂ ଦୀପାବଳି ରହିଥିବାରୁ ବ୍ୟାଙ୍କ ଏହିଦିନ ବନ୍ଦ ରହିବ। ୨୮ ଅକ୍ଟୋବର ବ୍ୟାଙ୍କ ଖୋଲାରହିବାକୁ ଥିବା ବେଳେ ଦୀପାବଳି ପର୍ବକୁ ଧ୍ୟାନରେ ରଖି ମୁମ୍ବାଇରେ ଏହି ଦିନ ବ୍ୟାଙ୍କ ବନ୍ଦ ରହିବ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

### ଚାଇନା ଛାଡୁଥିବା କମ୍ପାନୀଙ୍କୁ ଭାରତ ଆଣିବାକୁ ଯୋଜନା

**ନୂଆଦିଲ୍ଲୀ,୨୦-୧୦:** ନିବେଶ ଲାଗି ଚାଇନାରେ ବିଭିନ୍ନ ସମସ୍ୟା ସାମ୍ନା କରୁଥିବା କିମ୍ବା ଚାଇନା ଛାଡୁଥିବା କମ୍ପାନୀଙ୍କୁ ଭାରତ ଆଣିବା ଲାଗି ଯୋଜନା କରାଯାଉଛି। ସେହି କମ୍ପାନୀଗୁଡିକ ଲାଗି ଭାରତକୁ ନିବେଶର ଏକ ପ୍ରମୁଖ ସ୍ଥଳ ଭାବେ ଗଢି ତୋଳିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥି ଲାଗି ପ୍ରକ୍ରିୟା ମଧ ଆରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ରୂପରେଖ ପ୍ରଦାନ କରିବା ଲାଗି ସରକାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରବିବାର ସୂଚନା ଦେଇଛନ୍ତି। ଏଭଳି ସ୍ଥିତିରେ ଚାଇନା ଛାଡୁଥିବା କମ୍ପାନୀଗୁଡିକ ଲାଗି ଭାରତ ନିବେଶର ଏକ ପ୍ଲାଟଫର୍ମ ହୋଇପାରିବ ବୋଲି ସେ କହିଛନ୍ତି। ସରକାର ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଶିଳ୍ପ ଲିଡରଙ୍କୁ ଭେଟିବା ସହ ଭାରତକୁ ସେମାନଙ୍କୁ ଆମନ୍ତ୍ରଣ କରିବେ। ଇଲେକଟ୍ରୋନିକ୍ସ, ଲିଥିୟମ ଆୟନ ବ୍ୟାଟେରି, ସେମି କଣ୍ଡକ୍ଟର ଭଳି କ୍ଷେତ୍ରରେ କମ୍ପାନୀଙ୍କୁ ନଜରରେ ରଖାଯାଇଥିବା ସେ କହିଛନ୍ତି।



> ସରକାର ଗ୍ୟାସ ଭିତ୍ତିକ ଅର୍ଥବ୍ୟବସ୍ଥା ଉପରେ ଧ୍ୟାନ କେନ୍ଦ୍ରିତ କରିଥିବା ବେଳେ ଭାରତ ଏକ୍ଷେତ୍ରରେ ପ୍ରମୁଖ ସ୍ଥଳ ହେବ।
> – ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ



> ସରକାରଙ୍କ ଇ-ଯାନ ନୀତି ମୁତାବକ ପ୍ରସ୍ତୁତ ହେବା ସହ ଜାନୁୟାରିରେ ନୂଆ ଇ-ଚେତକ ଆଣିବାକୁ ଯୋଜନା ରହିଛି।
> – ରାଜୀବ ବଜାଜ, ଏମ୍‌ଡି ବଜାଜ ଅଟୋ

# ବିକ୍ରି ହେବ ଏୟାର ଇଣ୍ଡିଆର ୧୦୦% ଅଂଶଧନ

**ନୂଆଦିଲ୍ଲୀ,୨୦-୧୦**




- ଆସନ୍ତା ମାସରେ ପ୍ରାରମ୍ଭିକ ବିଡିଂ
- କମ୍ପାନୀ ଉପରେ ୫୮,୦୦୦ କୋଟି ଋଣ
- ଚୂଡାନ୍ତ ପର୍ଯ୍ୟାୟରେ ଇଓଆଇ ଦସ୍ତାବିଜ
- ବୃହତ୍ ପରିମାଣର କ୍ଷତି ସହି ଚାଲିଛି କମ୍ପାନୀ

ସରକାର ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆର ୧୦୦% ଅଂଶଧନ ବିକ୍ରି ନେଇ ଯୋଜନା ରଖିଛନ୍ତି। ଏଥି ଲାଗି ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି ଧାରାରେ ଆସନ୍ତା ମାସରେ ପ୍ରାଥମିକ ବିଡ୍ ଆହ୍ୱାନ କରାଯିବ। କ୍ଷତିରେ ଚାଲୁଥିବା ଏହି ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀରେ ଅଂଶଧନ ହାସଲ ନେଇ କିଛି କମ୍ପାନୀ ଆଗ୍ରହ ଦେଖାଇଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ରବିବାର ସୂଚନା ଦେଇଛନ୍ତି। ଏୟାର ଇଣ୍ଡିଆ ଉପରେ ବର୍ତ୍ତମାନ ୫୮,୦୦୦ କୋଟି ଟଙ୍କାର ଋଣ ରହିଛି। ଏହା ବୃହତ୍ ପରିମାଣର ପରିଚାଳନା କ୍ଷତି ମଧ ସହୁଛି।

ଅଂଶଧନ ବିକ୍ରି ପ୍ରକ୍ରିୟା ଅନ୍ତର୍ଗତ ଏକ୍ସପ୍ରେଶନ ଅଫ୍ ଇଣ୍ଟରେଷ୍ଟ(ଇଓଆଇ) ଦସ୍ତାବିଜକୁ ବର୍ତ୍ତମାନ ଚୂଡାନ୍ତ ରୂପ ଦିଆଯାଉଥିବା ସୂଚନା ରହିଛି। କମ୍ପାନୀର ୧୦୦% ଅଂଶଧନ ବିକ୍ରି ଯୋଜନା ଧାର୍ଯ୍ୟ ହୋଇଥିବା ବେଳେ ଚଳିତ ମାସ କିମ୍ବା ଆଗାମୀ ମାସରେ ଏ ନେଇ ବିଡ୍ ଆହ୍ୱାନ କରାଯାଇ ପାରେ। ନୂଆ କରି ଉନ୍ନତିକରଣ ହୋଇଥିବା ଇ-ବିଡିଂ ସିଷ୍ଟମରେ ଏହି ପ୍ରକ୍ରିୟା ସମ୍ପାଦିତ ହେବ। ଅକ୍ଟୋବର ୨୨ରେ ବିମାନ କମ୍ପାନୀର ବୋର୍ଡ ବୈଠକ ବସିବ। ଆର୍ଥିକ ବର୍ଷ ୨୦୧୯ର ବିଭିନ୍ନ କାର୍ଯ୍ୟଧାରା ଉପରେ ଏଠାରେ ତର୍ଜମା କରାଯିବ। ଏହାର ଅବ୍ୟବହିତ ପୂର୍ବରୁ ଗତ ସପ୍ତାହରେ ବେସାମରିକ ବିମାନ ଚଳାଚଳ ସଚିବ ପ୍ରଦୀପ ସିଂ ଖରୋଲା ଏକ ରିଭ୍ୟୁ ବୈଠକ ଡାକିଥିଲେ।

ଘରୋଇକରଣ ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ଶ୍ରମିକ ସଙ୍ଗଠନଗୁଡିକ ସହ ବିମାନ କମ୍ପାନୀର ପରିଚାଳନା ସଂସ୍ଥା ପକ୍ଷରୁ ଏକ ବୈଠକ ମଧ ଅନୁଷ୍ଠିତ ହୋଇଥିଲା। ନିଯୁକ୍ତି ଚାଲିଥିବା ଭୟରେ ଶ୍ରମିକ ସଙ୍ଗଠନଗୁଡିକ ଏହି ପ୍ରସ୍ତାବକୁ ବିରୋଧ କରୁଛନ୍ତି। ଏୟାର ଇଣ୍ଡିଆ ଆସେଟ ହୋଲ୍ଡିଂ ଲିମିଟେଡ ନାମକ ସ୍ପେଶାଲ ପର୍‌ପୋଜ ଭେଇକିଲ ଦ୍ୱାରା ବଣ୍ଡ ଜାରି କରାଯିବା ସହ ବିମାନ କମ୍ପାନୀର ୩୦ ହଜାର କୋଟି ଟଙ୍କାର ଋଣକୁ ଶୁଝି ବାଲାନ୍ସ ଶିଟ୍ ସ୍ୱଚ୍ଛ କରିବା ଲାଗି ଯୋଜନା ରଖାଯାଇଛି।




## ଅରୁନ୍ଧତୀ ଭୁବନେଶ୍ୱର ଶାଖାର ନୂଆ ଫ୍ଲୋର

**ଭୁବନେଶ୍ୱର,୨୦-୧୦(ବ୍ୟୁରୋ)**

ଅରୁନ୍ଧତୀ ଜୁଏଲର୍ସ ଭୁବନେଶ୍ୱର ଶାଖା ପକ୍ଷରୁ ଦ୍ୱିତୀୟ ଫ୍ଲୋର ଶନିବାର ଶୁଭାରମ୍ଭ ହୋଇଛି। କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ, ଏମ୍‌ଡି ବ୍ରହ୍ମାନନ୍ଦ ମେହେର, ଡାଇରେକ୍ଟର ଅଚ୍ୟୁତାନନ୍ଦ ମେହେର, ଅରୁନ୍ଧତୀ ମେହେର ଏହାକୁ ଉଦ୍‌ଘାଟନ କରିଥିଲେ। କମ୍ପାନୀର ଭୁବନେଶ୍ୱର ଶାଖା ବର୍ତ୍ତମାନ ୭,୫୦୦ ବର୍ଗଫୁଟ ପରିମିତ ସ୍ଥାନରେ ସେବା ଯୋଗାଣ ଧାରା ଜାରି ରଖିବ ବୋଲି ଏମ୍‌ଡି ବ୍ରହ୍ମାନନ୍ଦ ମେହେର କହିଛନ୍ତି। ଶୋ'ରୁମରେ ସ୍ୱତନ୍ତ୍ର ଡାଇମଣ୍ଡ, ପ୍ଲାଟିନମ ଏବଂ ବ୍ରାଇଡାଲ ଲାଇଞ୍ଜ ଆରମ୍ଭ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଅପରପକ୍ଷରେ ୨୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ସର୍ବଶ୍ରେଷ୍ଠ ଧନତେରାସ ଅଫର ଆରମ୍ଭ କରାଯାଇଛି। ହଲମାର୍କ ସୁନା ଗହଣା କ୍ରୟ ଉପରେ ଗ୍ରାହକ ୨,୫୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପାଇବେ। ସେହିଭଳି ପ୍ରତି କ୍ରୟରେ ମାଗଣା ଗୋଲ୍ଡ କଏନ, ସିଲଭର କଏନ, ଲଣ୍ଡନ ଭ୍ରମଣ ଏବଂ ଲକ୍ଷପତି ହେବାର ସୁଯୋଗ ଗ୍ରାହକ ଲାଭ କରିପାରିବେ। ଭୁବନେଶ୍ୱର ସମେତ, ସମ୍ବଲପୁର, ବଲାଙ୍ଗୀର, ଭବାନୀପାଟଣା ଏବଂ ବରଗଡରେ ଶୋ'ରୁମ ସହ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ସନ୍ତୁଷ୍ଟ ଗ୍ରାହକଙ୍କୁ ଅରୁନ୍ଧତୀ ସେବା ଯୋଗାଇ ଦେଉଛି। ଉତ୍କୃଷ୍ଟ ମାନ ଏବଂ ଡିଜାଇନ ଗହଣା, ସର୍ବୋତ୍ତମ ଗ୍ରାହକ ସେବା, ସ୍ୱଚ୍ଛ ବ୍ୟବସାୟିକ ପଦ୍ଧତି ଦ୍ୱାରା ଗ୍ରାହକଙ୍କ ନିକଟରେ ବିଶ୍ୱାସ ଭାଜନ ହୋଇପାରିଥିବା ମେହେର କହିଛନ୍ତି।

## କାନାରା ନଲେଜ ଚାମ୍ପ କ୍ୱିଜ୍ ବିଜେତା ଘୋଷଣା

**ଭୁବନେଶ୍ୱର,୨୦-୧୦(ବ୍ୟୁରୋ)**




କାନାରା ବ୍ୟାଙ୍କ ଭୁବନେଶ୍ୱର ସର୍କଲ କାର୍ଯ୍ୟାଳୟ ପକ୍ଷରୁ ଜେନେରାଲ ନଲେଜ କ୍ୱିଜ କାନାରା ନଲେଜ ଚାମ୍ପ ସ୍ଥାନୀୟ ରେଳ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ନିର୍ଦ୍ଦେଶକ ବି.ପି. ଶର୍ମା ଏବଂ ସର୍କଲ ମୁଖ୍ୟ ଶ୍ରୀକାନ୍ତ ମହାପାତ୍ର ଏହାକୁ ଶୁଭାରମ୍ଭ କରିଥିଲେ। ରାଜ୍ୟର କୋଣ ଅନୁକୋଣରୁ ପ୍ରାୟ ୧୫୦ ସ୍କୁଲ ଏଥିରେ ଭାଗ ନେଇଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ଦିଗରେ ବିଭିନ୍ନ ପଦକ୍ଷେପ ମୁତାବକ ବ୍ୟାଙ୍କ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ପୋଖରୀପୁଟ ଡିଏଭି ପବ୍ଲିକ ସ୍କୁଲର ସାହିଲ ନାୟକ ଏବଂ ଅର୍ପଣ ଚନ୍ଦ୍ରବର୍ତ୍ତୀ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଦ୍ୱିତୀୟ ସ୍ଥାନରେ ମଦର ପବ୍ଲିକ ସ୍କୁଲର ବୈଭବ ତ୍ରିପାଠୀ, ଉତ୍କର୍ଷ ପଣ୍ଡା ଏବଂ ତୃତୀୟ ସ୍ଥାନରେ ଡିଏଭି ପବ୍ଲିକ ସ୍କୁଲ କଟକର ବିଘ୍ନେଶ ଦାସ, ଅଙ୍କିତ ଜେନା ରହିଛନ୍ତି। ସାରା ଦେଶରେ ବ୍ୟାଙ୍କ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରୁଛି। ଗ୍ରେକ୍ୟାମ୍ପ ଏହି କ୍ୱିଜକୁ ପରିଚାଳନା କରିଛି। କ୍ୱିଜ ମାଷ୍ଟର ମାନସ ନାୟକଙ୍କ ସମେତ ବ୍ୟାଙ୍କର ଅଧିକାରୀ, କର୍ମଚାରୀ, ଅଭିଭାବକମାନେ ଏହି ଅବସରରେ ଉପସ୍ଥିତ ଥିଲେ। ବାଙ୍ଗାଲୋରରେ ନଭେମ୍ବର ୧୦ରେ ଜାତୀୟ ସ୍ତରର ଚୂଡାନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

## ୟୁକୋ ବ୍ୟାଙ୍କ ଋଣ ମୁକ୍ତି ଯୋଜନା

**ଭୁବନେଶ୍ୱର, ୨୦-୧୦**

ୟୁକୋ ବ୍ୟାଙ୍କ ଭୁବନେଶ୍ୱର, ବାଲେଶ୍ୱର ଏବଂ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏହାର ପୁରାତନ ଋଣଗ୍ରହୀତାମାନଙ୍କ ପାଇଁ ଆକର୍ଷଣୀୟ ଋଣ ମୁକ୍ତି ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନାରେ ବନ୍ଧକ ନଥିବା ୧ କୋଟି ଟଙ୍କା ପର୍ଯ୍ୟନ୍ତ ସମସ୍ତ ଋଣକୁ ଅନ୍ତର୍ଭୁକ୍ତ କରାଯାଇଛି। ୩୦ ଜୁନ ୨୦୧୯ ସୁଦ୍ଧା ଘୋଷିତ ହୋଇଥିବା ଏନ୍‌ପିଏ ଆକାଉଣ୍ଟଗୁଡିକ ଏହି ଯୋଜନାର ଲାଭ ନେଇ ପାରିବେ। ବ୍ୟାଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଇଚ୍ଛୁକ ଋଣ ଗ୍ରହୀତା, ଋଣ ଖିଲାପକାରୀମାନଙ୍କୁ ଏହି ସୁଯୋଗ ପ୍ରଦାନ କରାଯାଉଛି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଇଚ୍ଛୁକ ଋଣ ଗ୍ରହୀତା, ଋଣ ଖିଲାପକାରୀମାନେ ଏହି ଯୋଜାନର ଲାଭ ନେବା ପାଇଁ ଶାଖା ପ୍ରବନ୍ଧକ କିମ୍ବା ଆଞ୍ଚଳିକ ପ୍ରବନ୍ଧକମାନଙ୍କ ସହ ଯୋଗାଯୋଗ କରିପାରିବେ।

## ସେଣ୍ଟ୍ରାଲର ଦିୱାଲି ଅଫର

**ଭୁବନେଶ୍ୱର,୨୦-୧୦(ବ୍ୟୁରୋ)**

CENTRAL BRAND.NEW

ସେଣ୍ଟ୍ରାଲ ଷ୍ଟୋର ପକ୍ଷରୁ ଦୀପାବଳି ଅବସରରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଏହି ସମୟରେ ଗ୍ରାହକ ଷ୍ଟୋରରୁ ୩ ହଜାର ଟଙ୍କା କିମ୍ବା ତଦୂର୍ଦ୍ଧ୍ୱର କ୍ରୟ ଉପରେ ୩ ହଜାର ଟଙ୍କାର ସେଣ୍ଟ୍ରାଲ ଗିଫ୍ଟ ଭାଉଚର ଲାଭ କରିପାରିବେ। ଆଇସିଆଇସିଆଇ ବ୍ୟାଙ୍କ ଡେବିଟ କ୍ରେଡିଟ କାର୍ଡ ବ୍ୟବହାରକାରୀମାନେ ୬ ହଜାର ଟଙ୍କାର ସର୍ବନିମ୍ନ କ୍ରୟ ଉପରେ ୧୦% ଅତିରିକ୍ତ ରିହାତି, ପ୍ରତି କାର୍ଡରେ ସର୍ବାଧିକ ୧୦୦୦ ଟଙ୍କାର ରିହାତି ପାଇପାରିବେ। ଷ୍ଟୋରରେ ଗ୍ରାହକଙ୍କ ଲାଗି ଗିଫ୍ଟର ସମ୍ଭାର ମଧ ପ୍ରଦାନ କରାଯାଉଛି। ଫ୍ୟାଶନପ୍ରେମୀଙ୍କ ପାଇଁ ୧୦ ହଜାରରୁ ଊର୍ଦ୍ଧ୍ୱ ବିଶ୍ୱ ସ୍ତରୀୟ ଷ୍ଟାଇଲ ଗ୍ରାହକଙ୍କ ଲାଗି ଉପଲବ୍ଧ ରହିଛି। ଓନଲି, ଭେରୋମୋଡା, ଗ୍ଲୋବାଲ ଦେଶୀ ଭଳି ଲୋକପ୍ରିୟ ବ୍ରାଣ୍ଡରୁ ଆରମ୍ଭ କରି ମହିଳାଙ୍କ ଲାଗି ଅନାରକଲି କୁର୍ତ୍ତୀ, ବୁଣାହୋଇଥିବା ସୁଟ ଏବଂ ଲେହେଙ୍ଗା ଆଦିର ସମ୍ଭାର ରହିଛି। ପୁରୁଷଙ୍କ ଲାଗି ଆଲେନସୋଲି, ଇଣ୍ଡିଗୋ ନେଶନ, ପାର୍କ ଆଭେନ୍ୟୁ ଭଳି ବିଭିନ୍ନ ବ୍ରାଣ୍ଡ ସାମିଲ ରହିଛି। ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଶପିଂର ସୁବିଧା ପ୍ରଦାନ ଲାଗି ଅଫର ଘୋଷଣା କରାଯାଇଥିବା ସେଣ୍ଟ୍ରାଲର ସିଇଓ ବିଷ୍ଣୁ ପ୍ରସାଦ କହିଛନ୍ତି।

## ବ୍ରାଣ୍ଡ୍ ଫ୍ୟାକ୍ଟ୍ରିରେ ପାର୍ବଣ ସେଲ

**ଭୁବନେଶ୍ୱର,୨୦-୧୦(ବ୍ୟୁରୋ)**




ବ୍ରାଣ୍ଡ ଫ୍ୟାକ୍ଟ୍ରି ପକ୍ଷରୁ ପାର୍ବଣ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ଷ୍ଟୋରରେ ଆକର୍ଷଣୀୟ ଡିସ୍‌କାଉଣ୍ଟ ପ୍ରଦାନ କରାଯାଉଛି। ୨୦୦ରୁ ଊର୍ଦ୍ଧ୍ୱ ଫ୍ୟାଶନ ବ୍ରାଣ୍ଡ ଷ୍ଟୋରରେ ଉପଲବ୍ଧ ରହିଛି। ଗ୍ରାହକମାନେ ଏଠାକୁ ଆସି ମନ ପସନ୍ଦ ମୁତାବକ ବ୍ରାଣ୍ଡ ପୋଷାକ ଚୟନ କରିବା ସହ ଆକର୍ଷଣୀୟ ରିହାତିର ଲାଭ ନେବାକୁ କମ୍ପାନୀ ପକ୍ଷରୁ କୁହାଯାଇଛି। ନାଇକ, ଆଡିଡାସ, ସ୍କେଚର୍ସ, ଫିଲା, ରିବକ, କନଭର୍ସ, ପାର୍କ ଆଭେନ୍ୟୁ, ଆଲେନସୋଲି, ଲିକୁପର, ଲିଭାଇସ, ପେପେ, ଓନଲି, ଡିଜନୀ, ଜିନି ଆଣ୍ଡ ଜନି, ସ୍କାଏବ୍ୟାଗସ୍, ଲ୍ୟାଭି ଏବଂ ଅନ୍ୟ ବ୍ରାଣ୍ଡରେ ପୋଷାକ ପତ୍ର ଏଠାରେ ଉପଲବ୍ଧ ରହିଛି। ସାରା ବର୍ଷ ୨୦ରୁ ୭୦ % ପର୍ଯ୍ୟନ୍ତ ରିହାତି ଗ୍ରାହକଙ୍କ ଲାଗି ଉପଲବ୍ଧ ରହିଛି। ଏଭଳି ଅଫର ଦ୍ୱାରା ରିହାତି ମୂଲ୍ୟରେ ଗ୍ରାହକଙ୍କୁ ସେମାନଙ୍କ ପ୍ରିୟ ଫ୍ୟାଶନ ବ୍ରାଣ୍ଡ ଚୟନ କରିବାର ସୁଯୋଗ ପ୍ରଦାନ କରୁଛୁ ବୋଲି ବ୍ରାଣ୍ଡ ଫ୍ୟାକ୍ଟ୍ରିର ସିଇଓ ସୁରେଶ ସାଧୱାନି କହିଛନ୍ତି।

### ୫,୦୭୨ କୋଟି ନିବେଶ କଲେ ଏଫ୍‌ପିଆଇ

**ନୂଆଦିଲ୍ଲୀ,୨୦-୧୦:** ଚଳିତ ମାସ ବର୍ତ୍ତମାନ ପର୍ଯ୍ୟନ୍ତ ଫରେନ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ) ମାନେ ପୁଞ୍ଜି ବଜାରରେ ୫,୦୭୨ କୋଟି ଟଙ୍କାର ନିବେଶ କରିଛନ୍ତି। ପୁଞ୍ଜି ବଜାର ଡିପୋଜିଟୋରୀ ତଥ୍ୟ ମୁତାବକ ବିଦେଶୀ ନିବେଶକମାନେ ୪୯୭୦ କୋଟି ଟଙ୍କା ଇକ୍ୱିଟିରେ ଏବଂ ୧୦୨ କୋଟି ଟଙ୍କା ଡେଟରେ ନିବେଶ କରିଥିବା ଜଣାପଡିଛି।


**ଟିକାବାଳି ନିୟନ୍ତ୍ରିତ ବଜାର କମିଟି, ରାଇକିଆ, ଜିଲ୍ଲା-କନ୍ଧମାଳ**

**ବିଜ୍ଞାପନ:-** ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ଗୋଦାମ ଏବଂ ଦୋକାନ ଗୃହକୁ କୃଷିଜାତ ଦ୍ରବ୍ୟ କିଣାବିକା ସକାଶେ ନିୟନ୍ତ୍ରିତ ବଜାର କମିଟି ତରଫରୁ ବ୍ୟବସାୟୀମାନଙ୍କୁ ଭଡ଼ା ସୂତ୍ରରେ ଯୋଗାଇ ଦିଆଯିବା ପାଇଁ ସ୍ଥିର କରାଯାଇଅଛି। ଏଣୁ ଇଚ୍ଛୁକ ବ୍ୟବସାୟୀ ଆସନ୍ତା ତା.୦୨।୧୧।୨୦୧୯ ସୁଦ୍ଧା ସେମାନଙ୍କର ପାସପୋର୍ଟ ସାଇଜ୍ ଏକଗୋଟି ଫଟୋ, ଆଧାର କାର୍ଡ ଏବଂ ଅମାନତ ଜମା ଟଙ୍କାକୁ ଯେ କୌଣସି ଜାତୀୟ ବ୍ୟାଙ୍କର ଚେକ୍ କିମ୍ବା ଡ୍ରାଫ୍ଟ ମାଧ୍ୟମରେ ସାଦା କାଗଜରେ ଦରଖାସ୍ତ କରି ନିୟନ୍ତ୍ରିତ ବଜାର କମିଟିର ମୁଖ୍ୟ କାର୍ଯ୍ୟାଳୟ ରାଇକିଆଠାରେ ଦାଖଲ କରିବାକୁ ଅନୁରୋଧ।

| କ୍ରମିକ ନଂ. | ବଜାର ପ୍ରାଙ୍ଗଣର ନାମ | ଦୋକାନ ଓ ଗୋଦାମ ଗୃହ କ୍ଷମତା | ଅମାନତ ଜମା ଟଙ୍କା | ମାସିକ ଭଡ଼ା |
|---|---|---|---|---|
| ୧. | ଟିକାବାଳି | ୫୦୦ ମେଟ୍ରିକ ଟନ ଗୋଦାମ ପ୍ରତି | ୫୦,୦୦୦/- | ୧୨,୦୦୦/- |
| ୨. | ରାଇକିଆ | ଦୋକାନ ଗୃହ ପ୍ରତି (ବଡ଼ ୨ ଗୋଟି) | ୫୦,୦୦୦/- | ୫,୦୦୦/- |
| ୩. | ରାଇକିଆ | ଦୋକାନ ଗୃହ ପ୍ରତି (ସାନ ୫ ଗୋଟି | ୪୦,୦୦୦/- | ୪,୦୦୦/- |
| ୪. | କ.ନୂଆ ଗାଁ | ୫୦୦ ମେଟ୍ରିକ ଟନ ଗୋଦାମ ପ୍ରତି | ୫୦,୦୦୦/- | ୧୨,୦୦୦/- |

ଯୋଗାଯୋଗ: ୯୪୩୮୨୧୨୪୪୯ (ରାଇକିଆ)

ସ୍ୱା./- ଉପ-ଜିଲ୍ଲାପାଳ, ବାଲିଗୁଡ଼ା-ତଥା-ଅଧକ୍ଷ, ଟିକାବାଳି ନିୟନ୍ତ୍ରିତ ବଜାର କମିଟି, ରାଇକିଆ

**OFFICE OF THE COLLECTOR & DISTRICT MAGISTRATE, KANDHAMAL**
**(SPORTS SECTION)**

Tender Call Notice No. 839 Date: 19.10.2019

**SHORT TENDER CALL NOTICE**

Sealed tenders are invited by Registered Post / Speed Post from intends and well established Firms / Agencies / Dealers / Manufactures for supply of Dress Materials, Shoes Materials and Game Equipments in respect of Sports Hostel, Phulbani having valid GST Certificate, Dealership Certificate, VAT Clearance Certificate, PAN Card required test Certificate in conformity with detailed Tender Call Notice. The General Bid Sheet / Terms & conditions for supply of Sports Goods and along with last date of receipt and opening of Tender will be available with District Sports Office, Kandhamal from 21.10.2019 to 06.11.2019 during Office hours from 11.00AM to 4.00PM on all working days on payment of Rs. 500/- (Rupees Five Hundred) only in shape of cash which is non-refundable and can be downloaded from Website NIC, Collectorate, Kandhamal, Phulbani (www.kandhamal.nic.in).

The authority reserves the right to accept or reject any or all the tenders without assigning any reason thereof.

*Sd./- District Sports Officer, Kandhamal*

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା**
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨

ସଂଖ୍ୟା- ୧୧୦୬୯ / IND-II-PH-810 ତାରିଖ: ୧୯।୧୦।୨୦୧୯

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଜେ.ଏସ୍.ଡବ୍ଲ୍ୟୁ. ଉତ୍କଳ ଷ୍ଟିଲ୍ ଲିମିଟେଡ଼ ଓଡ଼ିଶାର ଜଗତ୍‌ସିଂହପୁର ଜିଲ୍ଲା, ଏରସମା ତହସିଲ ଅନ୍ତର୍ଗତ ପାରାଦ୍ୱୀପ ନିକଟରେ ୧୩.୨ ଏମ୍.ଟି.ପି.ଏ. ଅଶୋଧିତ ଇସ୍ପାତ, ୯୦୦ ମେଗାୱାଟ୍ କ୍ୟାପ୍ଟିଭ୍ ପାୱାର ପ୍ରକଳ୍ପ ଏବଂ ୧୦ ଏମ୍.ଟି.ପି.ଏ. ସିମେଣ୍ଟ ପ୍ରକଳ୍ପ ପ୍ରତିଷ୍ଠା କରିବା ନିମନ୍ତେ** ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାରି କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୨।୧୧।୨୦୧୯ରିଖ ଦିବା ୯.୩୦ ଘଟିକା ସମୟରେ ଜଗତସିଂହପୁର ଜିଲ୍ଲା, ଏରସମା ତହସିଲ, ଗଡ଼କୁଜଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗଡ଼କୁଜଙ୍ଗ ଜଗନ୍ନାଥ ମନ୍ଦିର ସମ୍ମୁଖ (ଖାତା ନଂ. ୬୪୬, ସର୍ବସାଧାରଣ ପ୍ଲଟ୍ ନଂ.୫୮୩ ଏବଂ ଦାଣ୍ଡ ପ୍ଲଟ୍ ନଂ.୧୪୭୩) ବଡ଼ଦାଣ୍ଡରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜଗତସିଂହପୁର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଜଗତସିଂହପୁର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଜଗତସିଂହପୁର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପାରାଦ୍ୱୀପ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ www.ospcboard.orgରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ପାରାଦ୍ୱୀପସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./- ସଦସ୍ୟ ସଚିବ

**idco** Your power to grow — ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER(P&C), IDCO, IDCO TOWER, BHUBANESWAR.
Tender Call Notice No. H.O./P&C/EST-E-1092/03/2014/17587 Dt.17.10.2019

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work :-** Construction of approach road to 9.00 Ac. patch land (Part-B) of Mahisapat, Dhenkanal.
2. Estimated cost : **Rs.39.18 Lakhs (Approx.)**
3. Period of completion : **03 (Three) Calendar Months**
4. Other details :

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (P&C), IDCO, IDCO Tower, Janpath, Bhubaneswar | Tender/Bid Ref. No. PC/EST/ E-28/2019-20 | 22.10.2019 at 16.00 Hrs. | 02.11.2019 up to 17.00 Hrs. |

Further details can be seen from the e-Procurement Portal www.tendersodisha.gov.in and Corrigendum or Addendum if any will not be published in news papers and can only be seen in the e-procurement portal as well as in IDCO website.

Sd/-
Chief General Manager(P&C), I/C, IDCO, Bhubaneswar

**OFFICE OF THE MUNICIPAL COUNCIL, SUNABEDA**

No. 6157/ Dt. 18.10.19

**TENDER CALL NOTICE**

Sealed tenders in Plain paper are invited from the intending Firms / Agencies / Contractors / WSHGS for impounding of stray cattle's in a designated place identified by the municipality. The tender is valid for 1 (One) year from the date of execution of agreement. The tender paper should reach in the office of the Executive Officer, Sunabeda Municipality through registered post / speed post/ courier or by hand upto 1.00PM of Dt.30.10.2019 and the same will be open on same day at 4.00PM in the presence of tenderers or their authorized agent if present. The tenderer should submit the attested copy of valid registration certificate of firm / GST registration certificate / PAN Card / TIN No. along with the tender paper. The tenderer should submit security deposited of Rs. 5000/- in shape of bank draft / bankers cheque in favour of the Executive Officer, Sunabeda Municipality from any nationalized bank and attached the same along with the tender paper. The tenderer should tender the rate for one year and the same amount will be deposited in municipality office in two equal installment without fail. This office is not held responsible for any delay in receipt of the tender documents. This office is not responsible for any incident or death of animals at the time of drive and impounding of cattle. The success full tenderer shall provide the feeding, drinking water to the impounding cattle daily positively with cleaning of cattle pound. The fees of animals will be collect by the successful tenderer fixed by the municipality @ Rs. 150/- per Buffalo, Rs. 100/- per Cow & Bulk & Rs. 50/- per calf with proper receipt which can not be exceed. The entire process will be supervised by a designated person by the municipality. The tender call notice will be available in this office website i.e. www.sunabedamunicipality.in. The undersigned reserves the right to reject any or all the tenders without assigning any reason thereof.

*Sd./- Executive Officer, Sunabeda Municipality*



“ଚଳିତ ବର୍ଷ କିଛି ସଫଳତା ହାସଲ କରିବାକୁ ହେଲେ ଆମ ଦଳକୁ ସ୍ଥିର ପ୍ରଦର୍ଶନ ସହ ପ୍ରତିଟି ମ୍ୟାଚକୁ ସମାନ ଗୁରୁତ୍ୱ ଦେଇ ଖେଳିବାକୁ ପଡ଼ିବ। **–ଜିନେଡିନ ଜିଡାନ୍, ରିୟଲ ମାଡ୍ରିଡ କ୍ଲବ ମ୍ୟାନେଜର**



“ଗତ ଦୁଇ ବର୍ଷ ମଧ୍ୟରେ ସର୍ଫରାଜ ଅହମ୍ମଦ ଅନେକ ଅଭିଜ୍ଞତା ହାସଲ କରିଛନ୍ତି। ତାଙ୍କୁ ବହିଷ୍କାର ନ କରି ଫର୍ମ ଫେରିବା ପର୍ଯ୍ୟନ୍ତ ସୁଯୋଗ ଦିଆଯିବା ଉଚିତ୍ ଥିଲା। **–ଜାଭେଦ ମିଆଁଦାଦ୍, ପାକିସ୍ତାନର ମହାନ ବ୍ୟାଟ୍ସମ୍ୟାନ**

## ସଂକ୍ଷେପରେ

### ହିଜାବ ମହିଳା ଫୁଟ୍‌ବଲରଙ୍କୁ ସାହାଯ୍ୟ କଲେ ପ୍ରତିପକ୍ଷ ଖେଳାଳି

ପ୍ୟାରିସ,୨୦।୧୦: ନିକଟରେ ଏକ ମହିଳା ଫୁଟବଲ ମ୍ୟାଚ୍‌ରେ ଘଟିଥିବା ଘଟଣା ସୋସିଆଲ ମିଡିଆରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଜୋର୍ଡାନର ଶାବାବ ଅଲ ଓର୍ଡାନ କ୍ଲବ ଓ ଆରବ ଅର୍ଥଡକ୍ସ କ୍ଲବ ମଧ୍ୟରେ ଓ୍ୱାଫ ମହିଳା କ୍ଲବ ଚାମ୍ପିୟନଶିପ୍ ମ୍ୟାଚ୍ ଖେଳାଯାଇଥିଲା। ମ୍ୟାଚ୍‌ରେ ଗୋଟିଏ ଦଳର ମହିଳାମାନେ ହିଜାବ ପରିଧାନ କରି ଖେଳୁଥିଲେ। ପ୍ରତିପକ୍ଷ ଖେଳାଳିଙ୍କ ଟ୍ୟାକେଲରୁ ବର୍ତ୍ତିବା ପାଇଁ ଉଦ୍ୟମ କରୁଥିବାବେଳେ ଜଣେ ଖେଳାଳିଙ୍କ ହିଜାବ ଖସି ଯାଇଥିଲା। ଏହାପରେ ଯାହା ପ୍ରତିପକ୍ଷ ଦଳର ଖେଳାଳିମାନେ କଲେ, ତାହା ସଭିଙ୍କ ହୃଦୟ ଜିତିନେଇଥିଲା। ଉକ୍ତ ଖେଳାଳିଙ୍କ ନିକଟରେ ଥିବା ସମସ୍ତ ଖେଳାଳିମାନେ ତାଙ୍କୁ ଘେରି ରଖି ହିଜାବ ଠିକ୍ କରିବାକୁ ସମୟ ଦେଇଥିଲେ। ପ୍ରତିପକ୍ଷ ଖେଳାଳିଙ୍କୁ ସମ୍ମାନ ପ୍ରଦର୍ଶନ ଓ କ୍ରୀଡ଼ାବିତ୍ ମନୋଭାବକୁ ଷ୍ଟାଡିୟମ ଉପସ୍ଥିତ ଦର୍ଶକ ଖୁସି ପ୍ରକଟ କରିଥିଲେ। ଶାବାବ ଅଲ ଓର୍ଡାନ କ୍ଲବ ଟୁର୍ନାମେଣ୍ଟ ଜିତିଥିଲା। ହେଲେ ତାଙ୍କର ପ୍ରତିପକ୍ଷ ଦଳକୁ ସହାୟତା କରିବାର ମନୋଭାବ ଯୋଗୁ ଇଣ୍ଟରନେଟ୍‌ରେ ସଭିଙ୍କ ହୃଦୟ ଜିତୁଛି।

### ପ୍ରମୋଦଙ୍କ ପଏଣ୍ଟ ୬୩୦୦ରେ ପହଞ୍ଚିଲା



**ଭୁବନେଶ୍ୱର, ୨୦।୧୦(କ୍ରୀଡ଼ା ପ୍ରତିନିଧି):** ଡେନମାର୍କର କୋପେନହାଗେନଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଏଥି ସହିତ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ତାଙ୍କର ର୍‍ୟାଙ୍କିଙ୍ଗ ପଏଣ୍ଟ ୬,୩୦୦ରେ ପହଞ୍ଚିଛି। ଫଳରେ ଅଲିମ୍ପିକ୍ସରେ ତାଙ୍କର ଅଂଶଗ୍ରହଣ କ୍ରମେ ଦୃଢ଼ ହେବାରେ ଲାଗିଛି। ନିୟମ ଅନୁସାରେ ସର୍ବାଧିକ ର୍‍ୟାଙ୍କିଙ୍ଗ ପଏଣ୍ଟ ପାଇଥିବା ୬ ପ୍ରତିଯୋଗୀ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ବର୍ତ୍ତମାନସୁଦ୍ଧା ପ୍ରମୋଦଙ୍କ ର୍‍ୟାଙ୍କିଙ୍ଗ ପଏଣ୍ଟର ପାଖାପାଖି ଆଉ କୌଣସି ଆଥଲେଟ୍ ପହଞ୍ଚି ପାରି ନାହାନ୍ତି। ଅଲିମ୍ପିକ୍ସ ପୂର୍ବରୁ ଆଉ ଅଳ୍ପ ପ୍ରତିଯୋଗିତା ଥିବାରୁ ପ୍ରମୋଦ ଅଲିମ୍ପିକ୍ସ ଯୋଗ୍ୟତାର ଦ୍ୱାରରେ ପହଞ୍ଚି ଯାଇଛନ୍ତି। ପ୍ରମୋଦଙ୍କ ଦଳକୁ ଦ୍ୱିତୀୟ ସ୍ଥାନରେ ରହିଥିବା ଡାନିଏଲ ବାଥେଲ ୩,୭୭୦ ପଏଣ୍ଟରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦଙ୍କ ଡବଲ୍ସ ପାର୍ଟନର ମନୋଜ ସରକାର ୩୧୮୦, ଦାଇସୁକେ ଫୁଜିହାରା ୩୦୫୦, ଉକୁନ ରୁକେଣ୍ଡି ୨୬୩୦ ଓ ବିକ୍ରମ କୁମାର ୧୫୬୦ ପଏଣ୍ଟ ପାଇଛନ୍ତି।



କୋଚିଠାରେ ରବିବାର ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ର ଉଦ୍‌ଘାଟନୀ ଉତ୍ସବରେ ଟାଇଗର ଶ୍ରଫ ଓ ଦିଶା ପଟାନିଙ୍କ ନୃତ୍ୟ ପ୍ରଦର୍ଶନ।

# ଓଡ଼ିଶାରେ ହେବ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍

ଭୁବନେଶ୍ୱର, ୨୦।୧୦ (କ୍ରୀଡ଼ା ପ୍ରତିନିଧି)

ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍(ମହିଳା, ପୁରୁଷ)ର ୬୮ତମ ସଂସ୍କରଣ ଓଡ଼ିଶାରେ ଅନୁଷ୍ଠିତ ହେବ। ଓଡ଼ିଶା ଭଲିବଲ ଆସୋଏଶନ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଡିସେମ୍ବର ୨୫ରୁ ଆରମ୍ଭ ହେବ। ୨୦୨୦ ଜାନୁୟାରୀ ୨ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଭାରତର ୩୫ଟି ଲେଖାଏ ମହିଳା ଓ ପୁରୁଷ ଦଳର ପାଖାପାଖି ୮୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ରାଜ୍ୟରେ ପ୍ରଥମଥରପାଇଁ ସମ୍ମାନଜନକ ଜାତୀୟ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶାରେ ପୂର୍ବରୁ ୨ଥର ଭଲିବଲର ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ମାତ୍ର ଏହି ୨ ଥର ଯାକ ଜୁନିୟର ସ୍ତରର। ୨୦୦୯ରେ ଜାତୀୟ ଜୁନିୟର ଏବଂ ୨୦୧୯ରେ ଜାତୀୟ ସବ୍‌ଜୁନିୟର ପ୍ରତିଯୋଗିତା କିଟ୍ ପରିସରରେ ଅନୁଷ୍ଠିତ ହୋଇଥିଲା।

# ସେମିରେ କର୍ଣ୍ଣାଟକ, ଗୁଜରାଟ

## ବିଜୟ ହଜାରେ ଟ୍ରଫି

ବେଙ୍ଗାଲୁରୁ, ୨୦।୧୦(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଚାଲିଥିବା ଏକଦିବସୀୟ କ୍ରିକେଟ୍ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫିର ନକ୍‌ଆଉଟ୍ ପର୍ଯ୍ୟାୟ ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କର୍ଣ୍ଣାଟକ ଓ ଗୁଜରାଟ ଯଥାକ୍ରମେ ପୁଡୁଚେରୀ ଓ ଦିଲ୍ଲୀକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଅନ୍ୟ ୨ଟି କ୍ୱାର୍ଟର ଫାଇନାଲରେ ପଞ୍ଜାବ ଓ ତାମିଲନାଡୁ ଏବଂ ଛତିଶଗଡ଼ ଓ ମୁମ୍ବାଇ ପରସ୍ପରକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ କର୍ଣ୍ଣାଟକ ୮ ଉଇକେଟ୍‌ରେ ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପୁଡୁଚେରୀ ସାଗର ତ୍ରିବେଦୀ (୫୪) ଓ ଭିନେଶ୍ୱରନ ମାରିମୁଥୁ (୫୮)ଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୯ ଉଇକେଟ୍ ହରାଇ ୨୦୭ ରନ୍ ସଂଗ୍ରହ କରିଥିଲା। ଘରୋଇ କର୍ଣ୍ଣାଟକ ପକ୍ଷରୁ ପ୍ରବୀଣ ଦୁବେ ୩ ଏବଂ ଅଭିମନ୍ୟୁ ମିଥୁନ ଓ ଭି. କୌଶିକ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ କର୍ଣ୍ଣାଟକ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ୪୧ ଓଭରରେ ୨ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓପ୍‌ନର ଲୋକେଶ ରାହୁଲ ୯୦, ଦେବଦୁତ୍ତ ପାଡିକଲ ୫୦ ରନ୍ କରି ଆଉଟ୍ ହୋଇଥିବାବେଳେ ରୋହନ କଦମ (୫୦ ରନ୍) ଓ ମନୀଷ ପାଣ୍ଡେ (୨୦) ଆଉ କୌଣସି କ୍ଷତି ହେବାକୁ ନ ଦେଇ ଦଳକୁ ସହଜରେ ଜିତାଇଥିଲେ।

**ପାର୍ଥିବ, ପ୍ରିୟଙ୍କ ଗୁଜରାଟକୁ ଜିତାଇଲେ**

ସେହିଭଳି ଜଷ୍ଟ କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଗୁଜରାଟ ୬ ଉଇକେଟ୍‌ରେ ତାରକା ଖଚିତ ଦିଲ୍ଲୀକୁ ହରାଇ ଦେଇଛି। ବର୍ଷା ଯୋଗୁ ମ୍ୟାଚ୍‌କୁ ୪୯ ଓଭରବିଶିଷ୍ଟ କରାଯାଇଥିବାବେଳେ ଦିଲ୍ଲୀ ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ୍ ହରାଇ ୨୨୩ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଧ୍ରୁବ ସୋରୀ ୯୧, ନୀତୀଶ ରାଣା ୩୧, ହିମ୍ମତ ସିଂ ୨୬ ଓ ଲଳିତ ଯାଦବ ୨୮ ରନ୍ କରିଥିଲେ। ଷ୍ଟାର୍ ବ୍ୟାଟ୍ସମ୍ୟାନ ଶିଖର ଧାୱନ ୮ଟି ବଲ୍‌ର ସାମ୍ନା କରିଥିଲେ ମଧ୍ୟ ଖାତା ଖୋଲିପାରି ନ ଥିଲେ। ଗୁଜରାଟ ପକ୍ଷରୁ ଚିନ୍ତନ ଗାଜା ଓ ଅର୍ଜାନ ନାଗୱାସୱାଲା ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଗୁଜରାଟ ଦୁଇ ଓପ୍‌ନର ଅଧିନାୟକ ପାର୍ଥିବ ପଟେଲ (୭୬ ରନ୍, ୬୦ ବଲ) ଓ ପ୍ରିୟଙ୍କ ପାଞ୍ଚାଲ (୮୦ ରନ, ୯୧ ବଲ)ଙ୍କ ଅର୍ଦ୍ଧଶତକ ବଳରେ ୩୭.୫ ଓଭରରେ ୪ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

# ଦୂତୀ ଭୋଗ୍ ଇଣ୍ଡିଆ ସ୍ପୋର୍ଟ୍ସ ପର୍ସନ ଅଫ୍ ଦି ଇୟର

ଭୁବନେଶ୍ୱର, ୨୦।୧୦(କ୍ରୀଡ଼ା ପ୍ରତିନିଧି)

ଭୋଗ୍ ଇଣ୍ଡିଆ ମାଗାଜିନ ପକ୍ଷରୁ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କୁ ସ୍ପୋର୍ଟ୍ସ ପର୍ସନ ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଛି। ବମ୍ବେଠାରେ ଶନିବାର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଭିନ୍ନ ବିଭାଗରେ ଶ୍ରେଷ୍ଠତ୍ୱ ପାଇଁ ପୁରସ୍କାର ଲାଭ କରିଥିବା ଅନ୍ୟ ସେଲିବ୍ରିଟିଙ୍କ ସହ ଦୂତୀଙ୍କୁ ଶ୍ରେଷ୍ଠ କ୍ରୀଡ଼ାବିତ୍‌ଭାବେ ପୁରସ୍କୃତ କରାଯାଇଛି। ଏହା ବ୍ୟତୀତ ଭୋଗ୍ ଇଣ୍ଡିଆ ମାଗାଜିନ ନଭେମ୍ବର ସଂସ୍କରଣର ପ୍ରଚ୍ଛଦପଟରେ ଦୂତୀ ସ୍ଥାନ ପାଇବେ। ଦୂତୀ ପୁରସ୍କାର ସହ ନିଜ ଫଟୋ ଥିବା ମାଗାଜିନର ପ୍ରଚ୍ଛଦପଟ ପୃଷ୍ଠାକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ନିକଟରେ ରାଞ୍ଚିରେ ଅନୁଷ୍ଠିତ ଆଥଲେଟିକ୍ ମିଟ୍‌ରେ ଦୂତୀ ମହିଳା ୧୦୦ ମିଟର ରେସ୍‌କୁ ୧୧.୨୨ ସେକେଣ୍ଡରେ ଅତିକ୍ରମ କରି ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି।






ପୁରସ୍କାର ସହ ଦୂତୀ ଚାନ୍ଦ (ବାମ) ।

# ମାର୍କେଜଙ୍କୁ ସିଜନର ୧୦ମ ଟାଇଟଲ

ମୋଟେଗି (ଜାପାନ), ୨୦।୧୦ (ପି.ଟି.)

ରେପସୋଲ ହୋଣ୍ଡା ଟିମ୍‌ର ବିଶ୍ୱ ଚାମ୍ପିୟନ ମାର୍କ ମାର୍କେଜ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ଜାପାନର ଟ୍ୱିନ ରିଙ୍ଗ୍ ମୋଟେଗିଠାରେ ଅନୁଷ୍ଠିତ ମୋଟୁଲ ଗ୍ରାଁ ପ୍ରିରେ ସେ ଚଳିତ ସିଜନରେ ତାଙ୍କର ୧୦ମ ଟାଇଟଲ ହାସଲ କରିଛନ୍ତି। ମୋଟେଗିଠାରେ ମୋଟୋଜିପିରେ ପ୍ରଥମ ଥର ପୋଲ୍ ପୋଜିଶନ ହାସଲ କରିଥିବା ୨୬ ବର୍ଷୀୟ ଏହି ହୋଣ୍ଡା ରାଇଡର ୪୨:୪୨.୪୯୨ ସେକେଣ୍ଡ ଟାଇମିଂ ସହ ଟାଇଟଲ ଜିତିଥିଲେ। ଗ୍ରୀଡ଼ର ତୃତୀୟ ସ୍ଥାନର ରେସଆରମ୍ଭ କରିଥିବା ୟାମାହା ଏସଆରଟିର ଫାବିଓ କ୍ୱାର୍ଟାରାରୋ ମାର୍କେଜଙ୍କଠାରୁ ୦.୮୭୦ ସେକେଣ୍ଡ ଟାଇମ ବ୍ୟବଧାନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୨୪ ଲାପ୍ ବିଶିଷ୍ଟ ରେସ୍‌ରେ ଡୁକାଟିର ଆଣ୍ଡ୍ରିଆ ଡୋଭିଜିଓସୋ (୪୨:୪୮.୮୧୭ ସେକେଣ୍ଡ) ୪ ସ୍ଥାନ ଉପରକୁ ଉଠି ତୃତୀୟ ହୋଇଥିଲେ। ସିଜନର ଆଉ ୩ଟି ରେସ୍ ବାକି ଥିବାବେଳେ ରବିବାରର ଏହି ବିଜୟ ସହ ମାର୍କେଜ ରେପସୋଲ ହୋଣ୍ଡା ପାଇଁ କନଷ୍ଟ୍ରକ୍ଟର ଟାଇଟଲ ହାସଲ କରିପାରିଛନ୍ତି। ୨୦୧୬ ଏବଂ ଗତବର୍ଷ ପରେ ମାର୍କେଜ ତୃତୀୟ ଥର ପାଇଁ ଜାପାନ ମୋଟୋ ଜିପି ଟାଇଟଲ ଜିତିଛନ୍ତି। ଏଠାକୁ ଆସିବା ପୂର୍ବରୁ ମାର୍କେଜ ଥାଇଲ୍ୟାଣ୍ଡରେ ଅନୁଷ୍ଠିତ ଗତ ରେସ୍‌ରେ କ୍ରମାଗତ ଚତୁର୍ଥ ଥର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିସାରିଛନ୍ତି। ସ୍ପେନର ଏହି ୨୬ ବର୍ଷୀୟ ରାଇଡର ମୋଟ ୮ଥର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିସାରିଛନ୍ତି।




# ଟାଇଟଲ ବଜାୟ ଲକ୍ଷ୍ୟରେ ବେଙ୍ଗାଲୁରୁ ଏଫ୍‌ସି

ବେଙ୍ଗାଲୁରୁ, ୨୦।୧୦ (ପି.ଟି.)

ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ)ରେ ଗତଥରର ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି ଏହାର ପ୍ରଥମ ମ୍ୟାଚ ସୋମବାର ନର୍ଥଇଷ୍ଟ ୟୁନାଇଟେଡ୍ ବିପକ୍ଷରେ ଖେଳିବ। ଭାରତର ଘରୋଇ ଫୁଟ୍‌ବଲ ଇତିହାସରେ ସ୍ଥିର ପ୍ରଦର୍ଶନ କରିଆସୁଥିବା ଏହି ଦଳରେ ଅଧିନାୟକ ସୁନୀଲ ଛେତ୍ରୀଙ୍କ ସମେତ ଭାରତର ୫ ଅନ୍ତର୍ଜାତୀୟ ଖେଳାଳି ରହିଛନ୍ତି। କ୍ରମାଗତ ୩ଥର ଆଇ-ଲିଗ୍ ସଫଳତା ପରେ ଏହି ଦଳ ୨୦୧୭ରେ ଆଇଏସଏଲରେ ଯୋଗଦାନ କରିଛି। ପ୍ରତିଯୋଗିତାରେ ଦଳର ପ୍ରଦର୍ଶନ ଖୁବ୍ ଭଲ ରହି ଆସିଛି। ସ୍ପାନିଶ କୋଚ୍ ଅଲବର୍ଟ ରୋକାଙ୍କ ତତ୍ତ୍ୱାବଧାନରେ ବେଙ୍ଗାଲୁରୁ ଏଫ୍‌ସି ଏହାର ପ୍ରଥମ ସିଜନରେ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଦଳ ଲିଗ୍ ପର୍ଯ୍ୟାୟ ଷ୍ଟାଣ୍ଡିଂରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା, କିନ୍ତୁ ଫାଇନାଲରେ ଦୁର୍ଭାଗ୍ୟଜନକ ଭାବେ ଚେନ୍ନାଇନ୍ ଏଫ୍‌ସିଠାରୁ ହାରିଯାଇଥିଲା। ପରବର୍ତ୍ତୀ ସିଜନ ୨୦୧୮ରେ ଏଫ୍‌ସି ଗୋଆକୁ ପରାସ୍ତ କରି ବେଙ୍ଗାଲୁରୁ ଦଳ ଟାଇଟଲ ବିଜୟୀ ହୋଇଥିଲା। ଦଳ ୨୦୧୯ ସିଜନ ପାଇଁ ଏହାର ପ୍ରମୁଖ ଖେଳାଳିଙ୍କୁ ବଜାୟ ରଖିଥିବାବେଳେ କେତେଜଣ ନୂଆ ଖେଳାଳିଙ୍କୁ ଆଣିଛି। ସେମାନଙ୍କ ମଧ୍ୟରେ ଭାରତ ମିଡ୍ ଫିଲ୍ଡର ଆଶିକ୍ କୁରୁନିୟାନ ଅନ୍ୟତମ। ଛେତ୍ରୀ ଏବଂ ଉଦାନ୍ତ ସିଂ ପରେ କୁରୁନିୟାନଙ୍କ ଯୋଗଦାନ ଦ୍ୱାରା ଦଳ ଆଟାକିଂ ଲାଇନ୍ ଅଧିକ ଶକ୍ତିଶାଳୀ ହୋଇଛି। ଭାରତ ତରଫରୁ ଖେଳୁଥିବା ଗୁରପ୍ରୀତ ସିଂ ସାନ୍ଧୁ, ରାହୁଲ ଭେକେ ମଧ୍ୟ ଏହି ଦଳରେ ରହିଛନ୍ତି। ଗତ ସିଜନରେ ଦୁଇ ଲେଗ୍ ବିଶିଷ୍ଟ ପ୍ଲେ-ଅଫ୍‌ରେ ନର୍ଥ ଇଷ୍ଟ ୟୁନାଇଟେଡ୍‌କୁ ପରାସ୍ତ କରି ବେଙ୍ଗାଲୁରୁ ଫାଇନାଲରେ ପ୍ରବେଶ କରିଥିଲା। ତେବେ ସୋମବାର ମ୍ୟାଚରେ ଏହି ଦଳକୁ ହରାଇବା ସହଜ ହୋଇ ନ ପାରେ। ଗତ ସିଜନରେ ଖେଳିଥିବା କେତେଜଣ ପ୍ରମୁଖ ଖେଳାଳି ଦଳ ଛାଡ଼ି ଚାଲିଯାଇଥିଲେ ମଧ୍ୟ ନର୍ଥଇଷ୍ଟ ୟୁନାଇଟେଡ୍ କେତେଜଣ ହାଇ ପ୍ରୋଫାଇଲ ଖେଳାଳିଙ୍କ ସହିତ ଚୁକ୍ତି କରିଛି।

# ବେଲିହୁ, ଗେମେଚୁଙ୍କୁ ଦିଲ୍ଲୀ ହାଫ୍ ମାରାଥନ୍ ଟାଇଟଲ୍




ଆଣ୍ଡାମଲାକ ବେଲିହୁ



ସେହାୟ ଗେମେଚୁ

ନୂଆଦିଲ୍ଲୀ, ୨୦।୧୦(ପି.ଟି.)

ରବିବାର ଏଠାରେ ଅନୁଷ୍ଠିତ ୧୫ତମ ଏୟାରଟେଲ୍ ଦିଲ୍ଲୀ ହାଫ୍ ମାରାଥନର ଉଭୟ ପୁରୁଷ ଓ ମହିଳା ବର୍ଗରେ ଇଥିଓପିଆ ଧାବକ ଟାଇଟଲ୍ ଜିତିବାରେ ସଫଳ ହୋଇଛନ୍ତି। ପୁରୁଷ ବିଭାଗରେ ଆଣ୍ଡାମଲାକ ବେଲିହୁ ଓ ମହିଳା ବିଭାଗରେ ସେହାୟ ଗେମେଚୁ ସେମାନଙ୍କ ଟାଇଟଲ୍ ବଜାୟ ରଖିଛନ୍ତି।

ପୁରୁଷ ବିଭାଗରେ ୨୦ ବର୍ଷୀୟ ବେଲିହୁ ଏହି ହାଫ୍ ମାରାଥନ (୨୧.୦୯୭୫ କି.ମି.) ଦୂରତାକୁ ୫୯ ମିନିଟ୍ ୧୦ ସେକେଣ୍ଡରେ ଫିନିଶ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହା ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଗତବର୍ଷ ସେ ଏଠାରେ ୫୯:୧୮ ସେକେଣ୍ଡ ସହ ପ୍ରଥମ ସ୍ଥାନ ହାସଲ କରିଥିଲେ। ଇଥିଓପିଆର ସୋଲୋମୋନ ବେରିହୁ (୫୯:୧୭) ଓ କେନିଆର କିବିୱୋଟ କାଣ୍ଡିଏ (୫୯:୩୩) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ତେବେ ଇଥିଓପିଆନ ଧାବକ ଗୁୟେ ଆଡୋଲାଙ୍କ ନାମରେ ଦିଲ୍ଲୀ ହାଫ୍ ମାରାଥନ ରେକର୍ଡ ରହିଛି। ୨୦୧୪ରେ ଗୁୟେ (୫୯:୦୬) ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅପରପକ୍ଷରେ ମହିଳା ବିଭାଗରେ ଇଥିଓପିଆ କ୍ଲିନ୍ ସୁଇପ୍ କରିଥିଲା। ୨୦ ବର୍ଷୀୟା ଗେମେଚୁ ୬୬:୦୦ ମିନିଟ୍‌ରେ ରେସ୍ ଶେଷକରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହା ମଧ୍ୟ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ୟେଲାମଜେର୍ଫ ୟେହୁଆଲ (୬୬:୦୧) ଓ ଜୈନେବା ୟିମର (୬୬:୫୭) ଯଥାକ୍ରମେ ଦ୍ୱିତୀୟ ଓ ୩ୟ ସ୍ଥାନରେ ରହି ପୋଡ଼ିୟମ ଫିନିଶ କରିଥିଲେ। ପୁରୁଷ ଓ ମହିଳା ବର୍ଗର ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ୨୭ ହଜାର ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ୧୯ ଲକ୍ଷ ୧୯ ହଜାର ୪୪୩ ଟଙ୍କା) ପ୍ରଦାନ କରାଯାଇଛି।



ଟ୍ରଫି ସହ ପ୍ରୋ-କବାଡ଼ି ଲିଗ୍ ଚାମ୍ପିୟନ ବେଙ୍ଗଲ ୱାରିୟର୍ସର ଖେଳାଳି।

# ବେଙ୍ଗଲ ୱାରିୟର୍ସଙ୍କୁ ପ୍ରଥମ ଟାଇଟଲ

**ଅହମ୍ମଦାବାଦ, ୨୦।୧୦ (ପି.ଟି.)**

ବେଙ୍ଗଲ ୱାରିୟର୍ସ ପ୍ରଥମଥର ପ୍ରୋ-କବାଡ଼ି ଲିଗ୍ (ପିକେଏଲ୍)ଟାଇଟଲ ହାସଲ କରିଛି। ଶନିବାର ଅନୁଷ୍ଠିତ ସିଜନ-୭ ଫାଇନାଲରେ ବେଙ୍ଗଲ ୩୯-୩୪ ପଏଣ୍ଟରେ ଦବଙ୍ଗ ଦିଲ୍ଲୀକୁ ହରାଇଛି। ଦିଲ୍ଲୀ ପକ୍ଷରୁ ନବୀନ କୁମାର ୧୮ ରେଡ୍ ପଏଣ୍ଟ ସ୍କୋର କରିଥିଲେ। ମାତ୍ର କେତେକ ତ୍ରୁଟି ଯୋଗୁ ଦଳ ଟାଇଟଲ ଜିତିବାରେ ଅସଫଳ ରହିଥିଲା। ଫାଇନାଲ ମ୍ୟାଚ ଦେଖିବା ଲାଗି ଟ୍ରାନ୍ସଷ୍ଟାଡିଆର ଇକା ଆରେନା ଦର୍ଶକରେ ଭରପୂର ଥିଲା। କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ କିରେନ ରିଜିଜୁ ମଧ୍ୟ ଉପସ୍ଥିତ ଥିଲେ। ୱାରିୟର୍ସ ଦଳର ଷ୍ଟାର ରେଡର ତଥା ଅଧିନାୟକ ମନିନ୍ଦର ସିଂ ଏହି ମ୍ୟାଚ ଖେଳି ନ ଥିଲେ। ମାତ୍ର ଦଳର ସହାୟକ କୋଚ୍‌ର ଭୂମିକା ଗ୍ରହଣ କରିଥିଲେ। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ୧୭-୧୭ ସମାନସ୍ତରରେ ରହିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ୱାରିୟର୍ସ ଦଳ ତୁରନ୍ତ ଅଗ୍ରଣୀ ଲାଭ କରି ବିପକ୍ଷ ଦଳ ଉପରେ ଚାପ ସୃଷ୍ଟି କରିଥିଲା। ସୁକେଶ ହେଗ୍‌ଡେ ଏବଂ ଜିଭା କୁମାରଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଦ୍ୱିତୀୟାର୍ଦ୍ଧର ୮ମ ମିନିଟ ଖେଳରେ ୱାରିୟର୍ସ ଦବଙ୍ଗ ଦିଲ୍ଲୀକୁ ଆଉଥରେ ଅଲ୍ ଆଉଟ କରିଦେବା ସହ ୪ ପଏଣ୍ଟ ଅଗ୍ରଣୀ ଲାଭ କରିଥିଲା। ଦିଲ୍ଲୀର ନବୀନ କୁମାର ସୁପର ୧୦ ହାସଲ କରିଥିଲେ ମଧ୍ୟ ତାଙ୍କ ଦଳ ୱାରିୟର୍ସ କର୍ନର ଯୋଡ଼ି ରିଙ୍କୁ ନରୱାଲ ଏବଂ ବଳଦେବ ସିଂଙ୍କ ଉଚିତ୍ ମୁକାବିଲା କରିପାରି ନ ଥିଲେ। ଇତିମଧ୍ୟରେ ୱାରିୟର୍ସ ଦଳ ବିପକ୍ଷ ଦଳକୁ ଆଉ ଥରେ ଅଲଆଉଟ କରିବାରେ ସଫଳ ହୋଇଥିଲା। ଦିଲ୍ଲୀ ଦଳକୁ ପ୍ରତ୍ୟାବର୍ତ୍ତନ କରାଇବା ଲାଗି ନବୀନ କୁମାର ଉଦ୍ୟମ କରିଥିଲେ । ମାତ୍ର ଡିଫେନ୍ସରେ ଯୋଗିନ୍ଦର ନରୱାଲ ଏବଂ ରବିନ୍ଦର ପାହାଲ ବାରମ୍ବାର ତ୍ରୁଟି କରିବସିଥିଲେ। ୱାରିୟର୍ସ ଦଳର ଡିଫେନ୍ସ ଶେଷ ଭାଗରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଦଳକୁ ଟାଇଟଲ ଜିତାଇଥିଲେ।

> ଟେନିସ ପ୍ରତିଯୋଗିତାରେ ଷ୍ଟାନ ୱାରିଙ୍କାଙ୍କ ସହିତ ମୋର ଅନେକଥର ଭେଟ ହୋଇଛି। ୟୁରୋପିଆନ ଓପନ ଫାଇନାଲରେ ଆମ ଦୁହିଁଙ୍କ ମଧ୍ୟରେ ମୁକାବିଲା ହେବାକୁ ଥିବାରୁ ମୁଁ ଖୁବ୍ ଖୁସି।– **ଆଣ୍ଡି ମୁରେ, ବ୍ରିଟିଶ ଟେନିସ୍ ଖେଳାଳି**



> ପ୍ରିମିୟର ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟର କେତୋଟି ମ୍ୟାଚରେ ଆମ ଦଳର ପ୍ରଦର୍ଶନ ଭଲ ରହି ନ ଥିଲେ ମଧ୍ୟ ଆମେ ଖୁବ୍ ଶୀଘ୍ର ପ୍ରତ୍ୟାବର୍ତ୍ତନ କରିପାରିବୁ ବୋଲି ମୋର ଦୃଢ ଆଶା ରହିଛି।–**ଓଲେ ଗନାର ସଲ୍‌କଜେର, ମାଞ୍ଚେଷ୍ଟର ୟୁନାଇଟେଡ୍ ଫୁଟ୍‌ବଲ କ୍ଲବ ମ୍ୟାନେଜର**



## ସଂକ୍ଷେପରେ

### ଦୁଇ ବର୍ଷ ପରେ ଫାଇନାଲରେ ମୁରେ

**ଆଣ୍ଟୱର୍ପ (ବେଲଜିୟମ), ୨୦।୧୦(ଏଏଫ୍‌ପି):** ପୂର୍ବତନ ବିଶ୍ୱ ର୍‍ୟାଙ୍କଧାରୀ ଆଣ୍ଡି ମୁରେ ଦୁଇ ବର୍ଷରୁ ଅଧିକ ଦିନ ପରେ ପ୍ରଥମ ଏଟିପି ଇଭେଣ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି। ଏଠାରେ ଚାଲିଥିବା ୟୁରୋପିଆନ ଓପନ ଟୁର୍ନାମେଣ୍ଟର ସେମିଫାଇନାଲରେ ମୁରେ ଫ୍ରାନ୍ସର ଉଗୋ ହମବର୍ଟଙ୍କୁ ୩-୬, ୭-୫, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ବିଜୟ ପରେ ବ୍ରିଟେନର ୩୨ ବର୍ଷୀୟ ମୁରେ କହିଛନ୍ତି, ଏହ ବିଜୟରେ ମୁଁ ଆଶ୍ଚର୍ଯ୍ୟ। ଫାଇନାଲରେ ପ୍ରବେଶ କରି ମୁଁ ଅତ୍ୟନ୍ତ ଖୁସି। ଏଠାକୁ ପହଞ୍ଚିବା ପାଇଁ ବହୁ କଷ୍ଟ କରିବାକୁ ପଡ଼ିଛି। କିନ୍ତୁ ଏତେ ଶୀଘ୍ର କୌଣସି ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ କରିପାରିବି ଚିନ୍ତା କରି ନ ଥିଲି। ସେ ଫାଇନାଲରେ ୩ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସୁଇଜରଲାଣ୍ଡର ଷ୍ଟାନ ୱାରିଙ୍କାଙ୍କୁ ଭେଟିବେ। ପୂର୍ବରୁ ଦୁହେଁ ୧୯ ଥର ପରସ୍ପରକୁ ଭେଟିଥିବାବେଳେ ମୁରେ ୧୧ ଥର ବାଜି ମାରିଛନ୍ତି। ଅନ୍ୟପକ୍ଷରେ ୱାରିଙ୍କା ୮ ଥର ଜିତା ପଟ ପାଇଥିଲେ। ଏବେ ବିଶ୍ୱର ୨୪୩ତମ ମାନ୍ୟତାରେ ଥିବା ମୁରେ ଅନ୍ତିମ ଥର ୨୦୧୭ ଦୁବାଇଠାରେ ଫାଇନାଲ ଖେଳିଥିଲେ। ସେଠାରେ କ୍ୟାରିୟରର ୪୫ତମ ଟାଇଟଲ ଜିତିଥିଲେ।

### ଅଷ୍ଟ୍ରେଲିଆ କୋଚିଂ ଷ୍ଟାଫରେ ହସି

**ସିଡ୍‌ନୀ,୨୦।୧୦(ଏଏଫ୍‌ପି):** ପୂର୍ବତନ ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ ମାଇକ ହସିଙ୍କୁ ଅଷ୍ଟ୍ରେଲିଆନ୍ କୋଚ୍ ଜଷ୍ଟିନ ଲାଙ୍ଗରଙ୍କ ନେତୃତ୍ୱାଧୀନ କୋଚିଂ ଷ୍ଟାଫରେ ସାମିଲ କରାଯାଇଛି। ତାଙ୍କୁ ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷ ଟି୨୦ ସିରିଜ୍ ଲାଗି ଅଷ୍ଟ୍ରେଲିଆ ଦଳର ମେଣ୍ଟର ଦାୟିତ୍ୱ ଦିଆଯାଇଛି। ତାଙ୍କ ବ୍ୟତୀତ ଦଳୀୟ କୋଚିଂ ଷ୍ଟାଫରେ ରିକି ପଣ୍ଟିଂ ଓ ଷ୍ଟିଭ ୱାଙ୍କ ଭଳି କିମ୍ବଦନ୍ତୀ ରହିଛନ୍ତି। ମୁଁ ବହୁତ ଖୁସି। ଅଷ୍ଟ୍ରେଲିଆ ଦଳ ପାଇଁ ପୁଣି ପଡ଼ିଆକୁ ଫେରିବା ଲାଗି ଉତ୍ସାହିତ ଥିବା କହିଛନ୍ତି ମିଷ୍ଟର କ୍ରିକେଟ ଭାବେ ପରିଚିତ ହସି। ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷରେ ଅଷ୍ଟ୍ରେଲିଆ ଦଳ କ୍ରମାଗତ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳିବ। ଉଭୟ ସିରିଜ୍ ପାଇଁ ପୂର୍ବତନ ପେସର ର୍‍ୟାନ ହାରିସଙ୍କୁ ବୋଲିଂ କୋଚ୍ ଭାବେ ନିଯୁକ୍ତ କରିଛନ୍ତି।

# ରୋହିତଙ୍କ ଦ୍ୱିଶତକ, ରାହାନେଙ୍କ ଶତକ

ରାଞ୍ଚି, ୨୦।୧୦(ପି.ଟି.)

ରୋହିତ ଶର୍ମାଙ୍କ ଦ୍ୱିଶତକ ଏବଂ ଅଜିଙ୍କ୍ୟ ରାହାନେଙ୍କ ଶତକ ସହାୟତାରେ ଭାରତ ଏଠାରେ ଚାଲିଥିବା ତୃତୀୟ କ୍ରିକେଟ ଟେଷ୍ଟରେ ଏହାର ପ୍ରଥମ ଇନିଂସକୁ ୪୯୭/୯ରେ ଘୋଷଣା କରିଛି। ଆଲୋକ କମିଯିବାରୁ ରବିବାର ଦ୍ୱିତୀୟ ଦିବସ ଖେଳ ଶେଷବେଳକୁ ଦକ୍ଷିଣ ଆଫ୍ରିକା ୯ ରନ ମଧ୍ୟରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ୪୮୮ ରନରେ ଅଗ୍ରଣୀ ସହ ଭାରତ ମଜଭୁତ ସ୍ଥିତିରେ ରହିଛି।

ଓପନିଂ ସ୍ଲଟରେ ହିଟ୍‌ମ୍ୟାନ ରୋହିତ ପୁଣି ନିଜ ଦକ୍ଷତା ଦେଖାଇଛନ୍ତି। ସେ କ୍ୟାରିୟରରେ ପ୍ରଥମ ଦ୍ୱିଶତକ ଅର୍ଜନ କରିବା ସହ ଚଳିତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୫୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିବାରେ ସକ୍ଷମ ହୋଇଛନ୍ତି। ତାଙ୍କର ରନ ସଂଖ୍ୟା ୫୨୯ରେ ପହଞ୍ଚିଛି ଏବଂ ୫ମ ଭାରତୀୟ ଓପନର ଭାବେ ସେ କୌଣସି ଦ୍ୱିପାକ୍ଷିକ ସିରିଜରେ ଏହି ମ୍ୟାଜିକ୍ ସଂଖ୍ୟାକୁ ଅତିକ୍ରମ କରିଛନ୍ତି। କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ୫ ଥର ତାଙ୍କ କ୍ୟାରିୟରରେ ଏହି ସଫଳତା ପାଇଥିବାବେଳେ ଶେଷଥର ପାଇଁ ୨୦୦୪–୦୫ ଘରୋଇ ଟେଷ୍ଟ ସିରିଜରେ ପାକିସ୍ତାନ ବିପକ୍ଷରେ ବୀରେନ୍ଦ୍ର ସେହ୍ୱାଗ ୫୪୪ ରନ ସଂଗ୍ରହ କରିଥିଲେ। ଉଭୟ ଏକଦିବସୀୟ ଓ ଟେଷ୍ଟରେ ଦ୍ୱିଶତକ ହାସଲ କରିବାରେ ସଚିନ ତେନ୍ଦୁଲକର, ସେହ୍ୱାଗ ଓ କ୍ରିସ୍ ଗେଲ୍‌ଙ୍କ କ୍ଲବରେ ସାମିଲ ହୋଇଛନ୍ତି ରୋହିତ। ଚଳିତ ସିରିଜର ୩ ଟେଷ୍ଟରେ ୩ ଜଣ ଖେଳାଳି ମୟଙ୍କ ଅଗ୍ରୱାଲ, ଅଧିନାୟକ ବିରାଟ କୋହଲି ଓ ରୋହିତ ଶର୍ମା ଦ୍ୱିଶତକ ହାସଲ କରିଛନ୍ତି।

ଉପ-ଅଧିନାୟକ ଅଜିଙ୍କ୍ୟ ରାହାନେ ମଧ୍ୟ ପଛରେ ପଡ଼ିନାହାନ୍ତି। ସେ କ୍ୟାରିୟରର ୧୧ତମ ଶତକ ହାସଲ କରିଛନ୍ତି। ଘରୋଇ ଦଳ ଏକଦା ୩୯ ରନରେ ୩ଟି ଉଇକେଟ ହରାଇଥିବାବେଳେ ରୋହିତ ଓ ରାହାନେ ୪ର୍ଥ ଉଇକେଟରେ ୨୬୭ ରନ ଯୋଗକରି ଦଳର ବଡ଼ ସ୍କୋରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ୨୫୫ ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୨୮ ଚୌକା ଓ ୬ ଛକା ସହାୟତାରେ ୨୧୨ ରନ ସଂଗ୍ରହ କରିଛନ୍ତି। ଏହା ଟେଷ୍ଟରେ ତାଙ୍କର ସର୍ବାଧିକ ସ୍କୋର। ରୋହିତ ୧୯୯ ରନ କରିଥିବାବେଳେ ଲଞ୍ଚ୍ ବ୍ରେକ୍ ହୋଇଥିଲା। ବ୍ରେକ୍ ପରେ ବୋଲିଂ କରିବାକୁ ଆସିଥିବା ଲୁନ୍‌ଗି ଏନଗିଡିଙ୍କ ପ୍ରଥମ ବଲ୍‌କୁ ଛକା ମାରି ସମ୍ପୂର୍ଣ୍ଣ ଷ୍ଟାଇଲରେ ଦ୍ୱିଶତକ ପୂରଣ କରିଥିଲେ ଏହି ଷ୍ଟାଇଲିଶ୍ ଓପନର। ପୂର୍ବରୁ ୧୭୭ ରନ ତାଙ୍କର ସର୍ବାଧିକ ସ୍କୋର ଥିଲା। ରାହାନେ ୧୯୨ ବଲ୍ ସାମ୍‌ନା କରି ୧୭ ଚୌକା ଓ ୧ ଛକା ସହ ୧୧୫ ରନ ସ୍କୋର କରିଥିଲେ। ଶେଷଭାଗରେ ରବୀନ୍ଦ୍ର ଜାଡେଜା ୫୧, ଋଦ୍ଧିମାନ ଶାହ ୨୪ ଏବଂ ଉମେଶ ଯାଦବ ମାତ୍ର ୧୦ ବଲ୍‌ରୁ ୫ ଛକା ସହାୟତାରେ ଦ୍ରୁତ ୩୧ ରନ ସଂଗ୍ରହ କରିଥିଲେ। ଦକ୍ଷିଣ ଆଫ୍ରିକା ବୋଲରଙ୍କ ମଧ୍ୟରେ ଜର୍ଜ ଲିନ୍‌ଡେ ୪ଟି, କାଗିଶୋ ରାବାଡା ୩ଟି ଏବଂ ଏନରିଚ୍ ନର୍ଜେ ଓ ଡେନ୍ ପିଡଟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଇନିଂସ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ପ୍ରଥମ ଓଭରରେ ହିଁ ଝଟ୍‌କା ଖାଇଥିଲା। ଡିନ୍ ଏଲଗାର ଖାତା ଖୋଲିବା ପୂର୍ବରୁ ମହମ୍ମଦ ସାମିଙ୍କ ଦ୍ୱିତୀୟ ବଲ୍‌ରେ ଉଇକେଟ କିପର ଋଦ୍ଧିମାନ ଶାହଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଫର୍ମରେ ଥିବା ଅନ୍ୟତମ ଓପନର କ୍ୱିଣ୍ଟନ ଡିକକ୍ ମଧ୍ୟ ବେଶି ସମୟ ତିଷ୍ଠିପାରି ନ ଥିଲେ। ଦଳୀୟ ସ୍କୋର ୮ ଥିବାବେଳେ ସେ ଉମେଶ ଯାଦବଙ୍କ ପ୍ରଥମ ଓଭରର ଅନ୍ତିମ ବଲ୍‌ରେ ଋଦ୍ଧିମାନଙ୍କ ହାତରେ ଧରାପଡ଼ି କ୍ରିଜ୍ ଛାଡ଼ିଥିଲେ। ଷ୍ଟମ୍ପ ପ୍ରତ୍ୟାହୃତ ହେବାବେଳକୁ ଜୁବେର ହାମ୍‌ଜା (୦) ଓ ଅଧିନାୟକ ଫାଫ୍ ଡୁପ୍ଲେସି(୧) ଅପରାଜିତ ରହିଥିଲେ।



ରୋହିତ ଶର୍ମା



ଅଜିଙ୍କ୍ୟ ରାହାନେ

**ଗୋଟିଏ ସିରିଜରେ ୩ ଦ୍ୱିଶତକ**

**୧୯୫୫-୫୬**
ଭିନୁ ମଙ୍କଡ଼ -୨, ପଲି ଉମ୍ରିଗର-୧

**୨୦୧୯-୨୦**
ମୟଙ୍କ ଅଗ୍ରୱାଲ-୧, ବିରାଟ କୋହଲି-୧, ରୋହିତ ଶର୍ମା-୧

**ଗୋଟିଏ ସିରିଜରେ ୫୦୦ରୁ ଊର୍ଦ୍ଧ୍ୱ ସ୍କୋର**

ଭିନୁ ମଙ୍କଡ଼, ବୁଦ୍ଧି କୁନ୍ଦେରନ, ସୁନୀଲ ଗାଭାସ୍କର(୫ ଥର), ବୀରେନ୍ଦ୍ର ସେହ୍ୱାଗ, ରୋହିତ ଶର୍ମା।

**ସଂକ୍ଷିପ୍ତ ସ୍କୋର**

- ଭାରତ ପ୍ରଥମ ଇନିଂସ: ୪୯୭/୯(ରୋହିତ-୨୧୨, ରାହାନେ-୧୧୫, ଜାଡେଜା-୫୧, ଉମେଶ-୩୧, ଲିନ୍‌ଡେ-୪/୧୩୩, ରାବାଡା-୩/୮୫, ନର୍ଜେ-୧/୭୯, ପିଡଟ-୧/୧୦୧)।
- ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୯/୨।

### ସଚିନ, ସେହ୍ୱାଗଙ୍କ କ୍ଲବରେ ରୋହିତ

ରାଞ୍ଚି,୨୦।୧୦

ଦିନିକିଆ ଓ ଟେଷ୍ଟ ଫର୍ମାଟରେ ଦ୍ୱିଶତକ କରିବାରେ ରୋହିତ ଶର୍ମା ବିଶ୍ୱର ୪ର୍ଥ ବ୍ୟାଟ୍ସମ୍ୟାନ। ନୂଆ କରି ଓପନର ଭାବେ ଟେଷ୍ଟରେ ଖେଳୁଥିବା ରୋହିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍ତିମ ତଥା ୩ୟ ଟେଷ୍ଟରେ ୨୧୨ ରନ୍‌ର ଇନିଂସ ଖେଳି ସ୍ୱତନ୍ତ୍ର ତାଲିକାରେ ସ୍ଥାନ ପାଇଛନ୍ତି। ଏହି ତାଲିକାରେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର, ବୀରେନ୍ଦ୍ର ସେହ୍ୱାଗ ଓ ୱେଷ୍ଟଇଣ୍ଡିଜର କ୍ରିସ ଗେଲ୍ ରହିଛନ୍ତି। ସୂଚନାଯୋଗ୍ୟ ଯେ, ରୋହିତଙ୍କ ନାମରେ ଦିନିକିଆ ୩ ଦ୍ୱିଶତକ ରହିଛି। ୫୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର (୨୬୪ ରନ୍)ର ବିଶ୍ୱ ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି। ସେ ୨୪୯ତମ ବଲରେ ଦ୍ୱିଶତକ ପୂରଣ କରିଥିଲେ। ଦ୍ୱିଶତକ ହାସଲ କରିବା ପୂର୍ବରୁ ରୋହିତ ଅଳ୍ପ ନର୍ଭସ ଜଣାପଡୁଥିଲେ। ଲଞ୍ଚ ପରେ ତାଙ୍କୁ ଦ୍ୱିଶତକ ପୂରଣ କରିବା ପାଇଁ ୧ ରନ୍ ଦରକାର ଥିଲା। ରବିବାର ସେହ୍ୱାଗଙ୍କ ଜନ୍ମଦିନରେ ରୋହିତ ପ୍ରତିପକ୍ଷ ପେସର ଲୁଙ୍ଗି ଏନ୍‌ଗିଡିଙ୍କୁ ହୁକ୍ ଶଟ ଖେଳି ଦ୍ୱିଶତକ କରିଥିଲେ। ଏଥିସହ ସେ ୫ମ ଭାରତୀୟ ଓପନର ଭାବେ ଗୋଟିଏ ସିରିଜ୍‌ରେ ୫୦୦ ରନ୍ କରିବାର ସଫଳତା ପାଇଛନ୍ତି। ଏହି ତାଲିକାରେ ଭିନୁ ମଙ୍କଡ, ବୁଦ୍ଧି କୁଣ୍ଡେରାନ, ସୁନୀଲ ଗାଭାସ୍କର ଓ ବୀରେନ୍ଦ୍ର ସେହ୍ୱାଗ ରହିଛନ୍ତି।

# ସେହ୍ୱାଗ ପାଳିଲେ ଜନ୍ମଦିନ

ନୂଆଦିଲ୍ଲୀ,୨୦।୧୦

ପୂର୍ବତନ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ ରବିବାର ୪୧ତମ ଜନ୍ମଦିନ ପାଳନ କରିଛନ୍ତି। ନିଜ କ୍ରିକେଟିଂ କ୍ୟାରିୟରରେ ବୋଲରଙ୍କ ଦୁଃସ୍ୱପ୍ନ ପାଲଟିଥିବା ସେହ୍ୱାଗ ଭାରତ ପାଇଁ ସମସ୍ତ ଫର୍ମାଟରେ ମ୍ୟାଚ୍ ୱିନର ଥିଲେ। ଏକମାତ୍ର ଭାରତୀୟ ଭାବେ ଟେଷ୍ଟରେ ଦୁଇ ଥର ତ୍ରିଶତକ ହାସଲ କରିଥିଲେ। ଏହାବ୍ୟତୀତ ସେ ତୃତୀୟ ତ୍ରିଶତକ ନିକଟରେ ପହଞ୍ଚିଥିଲେ ମଧ୍ୟ ୨୯୩ ରନ୍ କରି ଆଉଟ୍ ହୋଇଥିଲେ। ଏହି ଅବସରରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେହ୍ୱାଗଙ୍କ ତ୍ରିଶତକ ବେଳର ଭିଡିଓ ପୋଷ୍ଟ କରି ଶୁଭେଚ୍ଛା ଜଣାଇଛି। ତ୍ରିଶତକ ହାସଲକାରୀ ବୀରେନ୍ଦ୍ର ସେହ୍ୱାଗଙ୍କୁ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା। ବିସିସିଆଇ ବ୍ୟତୀତ ପୂର୍ବତନ ଓ ବର୍ତ୍ତମାନ ଖେଳାଳିମାନେ ସେହ୍ୱାଗଙ୍କ ଶୁଭେଚ୍ଛୁ ହରଭଜନ ସିଂ, ତାଲିକାରେ ରହିଛନ୍ତି। ଏଥିରେ ମୟଙ୍କ ଅଗ୍ରୱାଲ, ସଚିନ ତେନ୍ଦୁଲକର, କ୍ରିସ ଗେଲ, ଭିଭିଏସ୍ ଲକ୍ଷ୍ମଣ, ମହମ୍ମଦ କୈଫ ଭଳି କ୍ରିକେଟର ରହିଛନ୍ତି। ଉଲ୍ଲେଖଥାଉ କି ସେହ୍ୱାଗ ଅନ୍ତର୍ଜାତୀୟ ସ୍ତରରେ ୧୦୪ ଟେଷ୍ଟ ଓ ୨୫୧ ଦିନିକିଆ ଖେଳିଛନ୍ତି।



# ୬ ବର୍ଷୀୟା ପାକିସ୍ତାନ ଝିଅଙ୍କୁ ସାହାଯ୍ୟର ହାତ ବଢ଼ାଇଲେ ଗମ୍ଭୀର

ନୂଆଦିଲ୍ଲୀ,୨୦।୧୦

ପୂର୍ବତନ କ୍ରିକେଟର ତଥା ଭାଜପା ଏମ୍‌ପି ଗୌତମ ଗମ୍ଭୀରଙ୍କ ହସ୍ତକ୍ଷେପ ପରେ ଜଣେ ୬ ବର୍ଷୀୟା ପାକିସ୍ତାନ ଝିଅର ମେଡିକାଲ ଭିଜାକୁ ମଞ୍ଜୁରି ମିଳିଛି। ଏ ସମ୍ପର୍କରେ ଗମ୍ଭୀର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଯୋଗାଯୋଗ କରିଥିଲେ। ପରେ ଓମାଇମା ଅଲି ଓ ତାଙ୍କ ମା' ବାପାଙ୍କୁ ଭିଜା ମିଳିଛି। ପାକିସ୍ତାନ ଝିଅକୁ ମେଡିକାଲ ଭିଜା ପ୍ରଦାନ ପାଇଁ ଗମ୍ଭୀର ଚଳିତ ମାସ ୧ ତାରିଖ ଦିନ ବୈଦେଶିକ ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ। ଏ ଘଟଣା ସମ୍ପର୍କରେ ପୂର୍ବ ଦିଲ୍ଲୀ ଏମ୍‌ପି ଗମ୍ଭୀର କହିଛନ୍ତି, ପୂର୍ବତନ ପାକିସ୍ତାନ କ୍ରିକେଟର ମହମ୍ମଦ ୟୁସୁଫ ମୋତେ ଫୋନ କରି ଉକ୍ତ ଝିଅର ଭିଜା ପାଇଁ ଅନୁରୋଧ କରିଥିଲେ। ପୂର୍ବରୁ ସେ ନୋଏଡାରେ ଚିକିତ୍ସିତ ହେଉଥିଲେ। ଏବେ ଓମାଇମାକୁ ଯଥାଶୀଘ୍ର ଓପନ ହାର୍ଟ ସର୍ଜରି ଦରକାର। ଏଣୁ ତାଙ୍କୁ ତୁରନ୍ତ ମେଡିକାଲ ଭିଜାର ଆବଶ୍ୟକତା ରହିଛି। ବୈଦେଶିକ ମନ୍ତ୍ରୀ ଅନୁରୋଧ ଗ୍ରହଣ କରିଥିବାରୁ ମୁଁ ଧନ୍ୟବାଦ ଦେଉଛି। ଓମାଇମା ଅଟାରି ଦେଇ ବସ୍ ଯୋଗେ ଭାରତ ଆସିବେ। ଯଦି ୬ ବର୍ଷୀୟା ଜଣେ ଝିଅ ଭାରତରେ ଚିକିତ୍ସିତ ହୋଇପାରିବ, ଏହାଠାରୁ ଭଲ କ'ଣ ହେବ?

# ଅବସର ନେଲେ ହଳଧର



ହଳଧର ଦାସ

କଟକ ଅଫିସ,୨୦।୧୦

ହଳଧର ଦାସ ରାଜ୍ୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ସେ ଆଉ ରାଜ୍ୟ ଦଳରୁ ଖେଳିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏ ନେଇ ହଳଧର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରାଙ୍କୁ ରବିବାର ଏକ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ୨୦୧୬ ମସିହାରୁ ହଳଧର ରାଜ୍ୟ କ୍ରିକେଟ ଦଳରୁ ଦୂରେଇ ଥିବା ବେଳେ ଅବସର ଘୋଷଣାର ଠିକ କାରଣ ଜଣାପଡ଼ିନାହିଁ । ତେବେ ଆଗାମୀ ଦିନରେ ହେବାକୁ ଥିବା ଓସିଏର ଖେଳାଳି ସଂଘ ନିର୍ବାଚନ ନିମନ୍ତେ ହଳଧରଙ୍କୁ ପ୍ରାର୍ଥୀ ଭାବେ ପ୍ରସ୍ତୁତ କରାଯାଉଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି ।

୧୯୮୬ ମସିହା ଡିସେମ୍ବର ୧୦ ତାରିଖରେ ହଳଧରଙ୍କ ଜନ୍ମ। ଢେଙ୍କାନାଳରେ ଜନ୍ମିତ ହଳଧର ୨୦୦୬ ମସିହାରେ ଓଡ଼ିଶା ସିନିୟର ଦଳରେ ସ୍ଥାନ ପାଇଥିଲେ । ଉଇକେଟ କିପର ଓ ଧୂଆଁଧାର ବ୍ୟାଟ୍ସମ୍ୟାନ ଭାବେ ତାଙ୍କୁ ଦଳରେ ନିଆଯାଇଥିଲା। ୨୦୦୬ ଫେବୃୟାରୀ ୧୧ରେ ଧାନବାଦରେ ଝାଡ଼ଖଣ୍ଡ ବିପକ୍ଷ ଏକଦିବସୀୟ ମ୍ୟାଚ୍‌ରେ ସେ ପଦାର୍ପଣ କରିଥିଲେ। ଓଡ଼ିଶା ୩୯ରନରେ ପରାସ୍ତ ହୋଇଥିବା ବେଳେ ହଳଧର ୧୭ ରନରେ ଅପରାଜିତ ଥିଲେ। ଏହି ବର୍ଷ ନଭେମ୍ବର ୨୩ରେ ଘରୋଇ ମାଟିରେ ହଳଧର ରଣଜୀ ପଦାର୍ପଣ କରିଥିଲେ। ପଦାର୍ପଣ ମ୍ୟାଚ୍‌ରେ ହଳଧରଙ୍କ ସ୍କୋର ଥିଲା ୮୬ ରନ। ଏହା ମଧ୍ୟରେ ୯ଟି ଚୌକା ଓ ଗୋଟିଏ ଛକା ଥିଲା। ଉଇକେଟ କିପିଂ କରି ୫ଟି କ୍ୟାଚ୍ ମଧ୍ୟ ଧରିଥିଲେ। ହଳଧରଙ୍କ ଗୁରୁତ୍ୱପୂର୍ଣ୍ଣ ଇନିଂସ ଯୋଗୁ ଓଡ଼ିଶା ଅଗ୍ରଣୀ ନେଇ ୨ ପଏଣ୍ଟ ପାଇଥିଲା। ସର୍ଭିସେସ ପ୍ରଥମ ଇନିଂସ ୩୪୬ରେ ଅଲଆଉଟ ହୋଇଥିବା ବେଳେ ଓଡ଼ିଶା ୩୯୯ କରିଥିଲା। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତିଙ୍କ ପ୍ରଥମ ଶ୍ରେଣୀ କ୍ରିକେଟର ସର୍ବାଧିକ ସ୍କୋର(୯୭ରନ) ମଧ୍ୟ ଏହି ମ୍ୟାଚ୍‌ରେ ଦେଖିବାକୁ ମିଳିଥିଲା। ହଳଧର ପ୍ରଥମ ଶ୍ରେଣୀ କ୍ରିକେଟରେ ୪୭ମ୍ୟାଚ୍‌ରୁ ୧୮୩୫ ରନ କରିଛନ୍ତି। ଏହା ମଧ୍ୟରେ ୨ଟି ଶତକ ଓ ୧୦ଟି ଅର୍ଦ୍ଧଶତକ ରହିଛି। ପ୍ରଥମ ଶ୍ରେଣୀ କ୍ରିକେଟରେ ତାଙ୍କର ସର୍ବାଧିକ ସ୍କୋର ୧୪୪ । ଏହାଛଡ଼ା ପ୍ରଥମଶ୍ରେଣୀ କ୍ରିକେଟରେ ୧୪୦ଟି କ୍ୟାଚ୍ ଓ ୯ଟି ଷ୍ଟମ୍ପିଂ ମଧ୍ୟ ସେ କରିଛନ୍ତି । ଲିଷ୍ଟ-ଏ ଫର୍ମାଟ କ୍ରିକେଟରେ ୨୮ ମ୍ୟାଚ୍‌ରୁ ୬୩୩ ରନ କରିଛନ୍ତି ହଳଧର । ଏହା ମଧ୍ୟରେ ୪ଟି ଅର୍ଦ୍ଧଶତକ ରହିଛି । ଅପରାଜିତ ୮୮ ହେଉଛି ତାଙ୍କର ସର୍ବାଧିକ ସ୍କୋର । ୧୮ଟି ଟି-୨୦ ମ୍ୟାଚ୍‌ରୁ ୧୮୪ରନ କରିଥିବା ବେଳେ ସର୍ବାଧିକ ସ୍କୋର ହେଉଛି ୫୯ । ୨୦୧୬ ମସିହାରେ ବିଦର୍ଭ ବିପକ୍ଷରେ ସେ ଅନ୍ତିମ ରଣଜୀ ମ୍ୟାଚ ଖେଳିଥିଲେ। ଏହା ପୂର୍ବରୁ ୨୦୧୩ ମସିହାରେ ଶେଷ ଏକଦିବସୀୟ ଓ ୨୦୧୪ ମସିହାରେ ଶେଷ ଟି୨୦ ମ୍ୟାଚ୍ ସେ ଖେଳିଛନ୍ତି ।

**ଓସିଏ ଖେଳାଳି ସଂଘରୁ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା**

### ଆଇପିଏଲରେ ପ୍ରଥମ ଓଡ଼ିଆ

ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ) ଖେଳିବା କ୍ଷେତ୍ରରେ ହଳଧର ହେଉଛନ୍ତି ରାଜ୍ୟର ପ୍ରଥମ ଖେଳାଳି। ଆଇପିଏଲର ପ୍ରଥମ ସଂସ୍କରଣ ୨୦୦୮ ମସିହାରେ ଡେକାନ ଚାର୍ଜର୍ସ ୬୦ ଲକ୍ଷ ଟଙ୍କାରେ ୩ବର୍ଷର ଚୁକ୍ତିରେ ହଳଧରଙ୍କୁ କିଣିଥିଲା । ଏହି ବର୍ଷ ମେ ୧୮ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଅନୁଷ୍ଠିତ ମ୍ୟାଚ୍‌ରେ ହଳଧରଙ୍କୁ ଖେଳିବାର ସୁଯୋଗ ମିଳିଥିଲା। ଉକ୍ତ ମ୍ୟାଚ୍‌ରେ ଡେକାନ ଚାର୍ଜର୍ସ ଦଳର ଅଧିନାୟକ ଥିଲେ ଅଷ୍ଟ୍ରେଲିଆର କିମ୍ବଦନ୍ତୀ କ୍ରିକେଟର ଆଡାମ ଗିଲକ୍ରିଷ୍ଟ। ଫଳରେ ବ୍ୟାଟ୍ସମ୍ୟାନ ଓ ଉଇକେଟ କିପର ହଳଧରଙ୍କୁ କିପିଂ କରିବାର ସୁଯୋଗ ଦିଆଯାଇ ନଥିଲା। ୮ନଂ ବ୍ୟାଟିଂ କ୍ରମରେ କ୍ରିଜକୁ ଆସିଥିଲେ ହଳଧର। ୫ଟି ବଲରୁ ୨ରନ ସଂଗ୍ରହ କରି ରନଆଉଟ ହୋଇଥିଲେ । ଏହି ମ୍ୟାଚ୍‌ରେ ଡେକାନ ଦଳ ୨୫ରନରେ ପରାସ୍ତ ହୋଇଥିଲା। ହଳଧରଙ୍କ କ୍ୟାରିୟର ତାଲିକାରେ ଏହି ଗୋଟିଏ ଆଇପିଏଲ ମ୍ୟାଚ୍ ହିଁ ସ୍ଥାନ ପାଇଛି ।



# ଦୀର୍ଘଦିନର ବାନ୍ଧବୀଙ୍କୁ ବିବାହ କଲେ ନାଡାଲ

ମାଡ୍ରିଡ୍,୨୦।୧୦

ଶିସ୍କା ପେରେଲୋଙ୍କ ସହ ଦୀର୍ଘ ୧୪ ବର୍ଷ ଧରି ଚାଲିଥିବା ରିଲେଶନଶିପ୍‌କୁ କିମ୍ବଦନ୍ତୀ ଟେନିସ ଖେଳାଳି ରାଫାଲ ନାଡାଲ ବିବାହରେ ପରିଣତ କରିଛନ୍ତି। ଏହି ବାହାଘର ମାଲୋର୍କାସ୍ଥିତ ଦୁର୍ଗରେ ଅନୁଷ୍ଠିତ ହୋଇଥିଲା। ୧୯ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନଙ୍କ ବିବାହ ଉତ୍ସବରେ ପ୍ରାୟ ୩୫୦ ଅତିଥି ଯୋଗ ଦେଇଥିଲେ। ଏଥିରେ ସ୍ପେନର ପୂର୍ବତନ ରାଜା ଜୁଆନ କାର୍ଲୋସ-ପ୍ରଥମ ମଧ୍ୟ ଯୋଗ ଦେଇଥିଲେ। ଉଲ୍ଲେଖଥାଉ କି କାର୍ଲୋସ-ପ୍ରଥମ ୧୯୭୫ରୁ ୨୦୧୪ ପର୍ଯ୍ୟନ୍ତ ଦେଶର ରାଜା ଥିଲେ। ତାଙ୍କ ନେତୃତ୍ୱରେ ସ୍ପେନ ଗଣତାନ୍ତ୍ରିକ ଦେଶରେ ପରିଗଣିତ ହୋଇଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଅକ୍ଟୋବର ୨୧/୨୦୧୯ Sambalpur, Monday, October 21 / 2019

# ୨୫୦ ବଣ୍ଡଲ କେନ୍ଦୁପତ୍ର ଜବତ

## ୩ ଗିରଫ, ପିକ୍‌ଅପ୍ ଭ୍ୟାନ୍ ଜବତ



ଜବତ କେନ୍ଦୁପତ୍ର ଓ ପିକ୍‌ଅପ୍‌ଭ୍ୟାନ୍ ସହ ଗିରଫ ୩ ଅଭିଯୁକ୍ତ।

**ରେଢାଖୋଲ, ୨୦।୧୦ (ଡି.ଏନ.ଏ.)** ସମ୍ବଲପୁର ଜିଲା ରେଢାଖୋଲ ପୋଲିସ ପୁରୁଣାଗଡ-ଶୁଣ୍ଠିମୁଣ୍ଡା ରାସ୍ତାରୁ ରବିବାର ଭୋର ୨୫୦ ବଣ୍ଡଲ କେନ୍ଦୁପତ୍ର ସହ ଏକ ପିକ୍‌ଅପ୍ ଭ୍ୟାନ୍ (ଜେଏଫ୦୫ ବିଏସ-୦୪୯୯) ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ଏମାନେ ହେଲେ ପଶ୍ଚିମବଙ୍ଗ ପୂର୍ବ ମେଦିନିପୁର ଜିଲା ପସ୍କୁଁରା ଥାନା ଫକିରଗଞ୍ଜର ସୁପ୍ରିୟୋ ଦାସ(୨୭), କୋଲଘାଟ ଥାନା ନାରାୟଣପଖୁରିଆ ଗ୍ରାମର ଶେଖ ମତିବୁଲ(୨୭) ଓ ଝାଡଖଣ୍ଡ ପୂର୍ବ ସିଂଘଭୂମି ଜିଲା ଘାଟଶିଳା ଥାନା ମୁସଲିମ ବସ୍ତିର ସର୍ଫରାଜ ଆଲାମ(୨୭)। ଏମାନଙ୍କ ନିକଟରୁ ପୋଲିସ ୩ଟି ମୋବାଇଲ ଓ ୨୪୮୦ ଟଙ୍କା ମଧ ଜବତ କରିଛି। ଏ ନେଇ ରେଢାଖୋଲ ଥାନାରେ ଏକ ମାମଲା (ନଂ.୨୩୭/୧୯) ରୁଜୁ ହୋଇଛି। ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି ଯେ, ବୌଦ୍ଧ ଜିଲା ପୁରୁଣାଗଡରୁ ଏହି କେନ୍ଦୁପତ୍ର ବୋଝେଇ ହୋଇ କଲିକତା ଚୋରା ଚାଲାଣ ହେଉଥିଲା। ସୂଚନା ପାଇ ଚଢାଉ କରା ଯାଇଥିଲା। ସୂଚନାଯୋଗ୍ୟ, ରେଢାଖୋଲ ଅଞ୍ଚଳରୁ ମଧ ନିୟମିତ କେନ୍ଦୁପତ୍ର ଚୋରାଚାଲାଣ ହେଉଛି। ହେଲେ ବନବିଭାଗ କିମ୍ବା ପୋଲିସ ପକ୍ଷରୁ ଏହାକୁ ରୋକିବା ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଚୋରା ଚାଲାଣକାରୀଙ୍କଠାରୁ ଓଲଟା ହାତ ଚିକ୍କଣ କରି ସହଯୋଗ କରାଯାଉଥିବା ଅଭିଯୋଗ ହେଉଛି।

# ପୂର୍ବ ଶତ୍ରୁତାରୁ ୨ ପରିବାର ମଧ୍ୟରେ ଗଣ୍ଡଗୋଳ, ୩ ଗିରଫ

**ରେଢାଖୋଲ, ୨୦।୧୦ (ଡି.ଏନ.ଏ.)** ସମ୍ବଲପୁର ଜିଲା ରେଢାଖୋଲ ଥାନା ତନ୍ତଗାର୍ଡ ଗ୍ରାମରେ ଶନିବାର ରାତି ଦୁଇ ପରିବାର ମଧରେ ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ ଘଟିଛି। ଉଭୟ ପକ୍ଷରୁ ଆକ୍ରମଣ ଓ ପ୍ରତିଆକ୍ରମଣ ଯୋଗୁ ଆହତ ମଧ ହୋଇଛନ୍ତି। ଏହି ଘଟଣାରେ ପୋଲିସ ଉଭୟ ପକ୍ଷର ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଯୁଧିଷ୍ଠିର ସାହୁ (୩୮), ଚିନ୍ତାମଣି ସାହୁ (୪୪) ଓ ତାଙ୍କ ସ୍ତ୍ରୀ ଗୌରୀପ୍ରିୟା ସାହୁ (୪୦)। ଯୁଧିଷ୍ଠିର ସାହୁଙ୍କ ଅଭିଯୋଗ କ୍ରମେ କେସ୍ ନଂ ୨୩୫ରେ ଚିନ୍ତାମଣି ଓ ଗୌରୀଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି। ସେହିଭଳି ଚିନ୍ତାମଣି ସାହୁଙ୍କ ଅଭିଯୋଗ କ୍ରମେ କେସ୍ ନଂ ୨୩୬ରେ ଯୁଧିଷ୍ଠିରଙ୍କ ନାମରେ ଆଉ ଏକ ମାମଲା ରୁଜୁ ହୋଇଛି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଯଦି ପକ୍ଷୀମାନଙ୍କର ଏକତା ରହେ,
ସେଠାରେ ସିଂହ ମଧ୍ୟ ହାର୍‌ମାନେ।
- ବ୍ଲେଜ୍ ପାସ୍‌କଲ୍



## ସଂକ୍ଷେପରେ

### ସୁବଳୟାରେ କାଳୀପୂଜା ପ୍ରସ୍ତୁତି ବୈଠକ

**ଅମରପାଲି, ୨୦।୧୦ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାଠାରେ ଚଳିତ ବର୍ଷ ହେବାକୁ ଥିବା କାଳୀପୂଜା ୨୮ ବର୍ଷରେ ପ୍ରଦାର୍ପଣ କରିବ। ଏ ନେଇ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜାର ପରିଚାଳନା ଓ ଆକର୍ଷଣୀୟ କରିବା ପାଇଁ ଆଲୋଚନା ହୋଇଥିଲା। ଗତବର୍ଷର ପୂଜାର ଆୟବ୍ୟୟର ବିବରଣୀ ପଠନ କରାଯାଇଥିଲା। ପୂଜା ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଗଲା। ସର୍ବସମ୍ମତିକ୍ରମେ କୃଷ୍ଣଚନ୍ଦ୍ର ବେହେରା ସଭାପତି, ରବୀନ୍ଦ୍ର ଖମାରୀ ସମ୍ପାଦକ, ଶରତ ମେହେର ଉପସଭାପତି, ସରତ ଦେଓ ସହସମ୍ପାଦକ ଓ ମଙ୍ଗୁଲୁ ଖମାରୀଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା । ଲଳିତ ମୋହନ ପାତ୍ର ଓ ଶେଷଦେବ ବାରିକଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି ।

### ଡିପ୍ଲୋମା ଇଞ୍ଜିନିୟର ସଂଘର ନୂତନ କର୍ମକର୍ତ୍ତା

**ସୋନପୁର,୨୦।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଡିପ୍ଲୋମା ଇଞ୍ଜିନିୟର ସଂଘର ବାର୍ଷିକ ଅଧିବେଶନ ସୋନପୁର ପଞ୍ଚାୟତ ସମିତି ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ କର୍ମକର୍ତ୍ତା ଇଂ.ନିରଞ୍ଜନ ବିଶ୍ୱାଳ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଜିଲା ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଂଘ ଉପଦେଷ୍ଟା ଭାବେ ଇଂ. ଦୁଃଶାସନ ସାହୁ, ସଭାପତି ଇଂ.ସ୍ୱାଧିନ କୁମାର ଦାଶ, ଉପସଭାପତି ନାରାୟଣ ଭୂୟାଁ, ସମ୍ପାଦକ ମହମ୍ମଦ ସରିଫ, ସହସମ୍ପାଦକ ଅର୍ଥ ରାଜେନ୍ଦ୍ର କୁମାର ମଣ୍ଡଳ, ସହ ସମ୍ପାଦକ ସଂଗଠନ ଅର୍ଚ୍ଚନା ବିଶ୍ୱାଳ, ସମୀକ୍ଷକଭାବେ ମୁକ୍ତେଶ୍ୱର ମାଝୀ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଭ୍ୟ ଭାବେ ମୁନା ଓରାମ, ଏ. କେ. ମୂର୍ତ୍ତି, ପ୍ରଫୁଲ୍ଲ କୁମାର ସିଂ, ଦେବବ୍ରତ ବେହେରା, ସରୋଜ କୁମାର ସାହୁ ଓ ସୁପ୍ରିୟା ଗୁରୁଙ୍କୁ ରଖାଯାଇଛି । ଅତିରିକ୍ତ ଜୋନାଲ ସମ୍ପାଦକ ସନ୍ତୋଷ କୁମାର ପାଳ ଉପସ୍ଥିତ ଥିଲେ।

# ସରିଲା ପ୍ରସିଦ୍ଧ ହରଗୌରୀ ଯାତ୍ରା

**ସୋନପୁର,୨୦।୧୦(ନି.ପ୍ର.)**



ସାଂସ୍କୃତିକ ସନ୍ଧ୍ୟାରେ ମଞ୍ଚାସିନ ଅନ୍ୟ ଅତିଥିଙ୍କ ସହ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ।

ସୁବର୍ଣ୍ଣପୁରର ପ୍ରସିଦ୍ଧ ହରଗୌରୀ ଯାତ୍ରା ରବିବାର ସମ୍ପନ୍ନ ହୋଇଛି। ଗତ ୧୨ତାରିଖ ଶନିବାରଠାରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା। ଶେଷଦିନରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଲାଗି ରହିଥିଲା। ସନ୍ଧ୍ୟାରେ ହରଗୌରୀଙ୍କୁ ୨ଜଣ ମହିଳା ମୁଣ୍ଡରେ ଧାରଣ କରି ନଗର ପରିକ୍ରମା କରାଇ ଥିଲେ। ଏହି ସମୟରେ ଢେରା ପଡାର ଲୋକେ ଘର ସମ୍ମୁଖରେ କଳସ, ଜାଗର ଆଦି ବସାଇ ଦେବ ଦମ୍ପତିଙ୍କୁ ପୂଜା କରିବା ସହ ଭୋଗ ଅର୍ପଣ କରିଥିଲେ। ସାହିର ପ୍ରତ୍ୟେକ ଘରୁ ଦେବଦମ୍ପତିଙ୍କ ନିକଟରେ ଖିରି ଓ ପିଠା ଲାଗି ହୋଇଥିଲା। ଦକ୍ଷିଣ ଭାରତୀୟ ପରମ୍ପରାକୁ ବିଶ୍ୱାସ ରଖୁଥିବା ଦେବାଙ୍ଗ ସମ୍ପ୍ରଦାୟ ପକ୍ଷରୁ ବୁଢୀମା ମନ୍ଦିର ପ୍ରାଙ୍ଗଣରେ ନିଅଦିନ ବ୍ୟାପୀ ହରଗୌରୀଙ୍କୁ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ଏକ ଧାର୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ସନ୍ଧ୍ୟାରେ ପଶ୍ଚିମ ଓଡିଶାର ବିଶିଷ୍ଟ ପାରାୟଣ ଗାୟିକା ବନ୍ଦିତା ନାୟକଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ଗାନ କରାଯାଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଏହି ଧାର୍ମିକ କାର୍ଯ୍ୟକୁ ଉପଭୋଗ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ସାମାଜିକକର୍ମୀ ଲକ୍ଷ୍ମୀନାରାୟଣ ମେହେର ଓ ଆର୍ତ୍ତତ୍ରାଣ ବାବୁ ଯୋଗଦାନ କରିଥିଲେ। ଯାତ୍ରା କମିଟି ସଭାପତି ଦିଲୀପ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଜନ୍ମେଜୟ ପାତ୍ର ମଞ୍ଚାସୀନ ଥିଲେ। ଶ୍ରେଷ୍ଠ ସ୍ୱେଚ୍ଛାସେବୀଭାବେ ସ୍ୱାଗତ ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ମନୋରଞ୍ଜନ ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶନିବାର ସାଂସ୍କୃତିକ ସନ୍ଧ୍ୟାରେ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅଭିମନ୍ୟୁ କୁଶଳ, ପ୍ରଫେସର ନୀଳାମ୍ବର ଶତପଥୀ, ଜିଲା ଔଷଧ ବ୍ୟବସାୟୀ ସଂଘର ସମ୍ପାଦକ ସତ୍ୟନାରାୟଣ ଦରୱାନ ଓ ତରଭା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ଶତ୍ରୁଘ୍ନ ପୁଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ରବିବାର ବିଳମ୍ବିତ ରାତିରେ ଦେବଦେବ ମହାଦେବ ଓ ମାତା ଗୌରୀଙ୍କୁ ପାରମ୍ପରିକ ନୃତ୍ୟ ଗୀତ ସହ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯିବାର କାର୍ଯ୍ୟକ୍ରମ ରହିଛି।

**ହର-ଗୌରୀଙ୍କ ନିକଟରେ ଲାଗିହେଲା ଖିରି ଓ ପିଠା**

# ବାଲ୍ୟ ବିବାହ ବନ୍ଦ କଲା ପ୍ରଶାସନ

**ଉଲୁଣ୍ଡା, ୨୦।୧୦(ଡି.ଏନ.ଏ.)**

ସଚେତନତା ଅଭାବ ଯୋଗୁଁ ସ୍ୱାଧୀନତାର ଏତେ ବର୍ଷ ପରେ ବି ବାଲ୍ୟ ବିବାହ ପରି ପ୍ରଥା ଆଜିମଧ୍ୟ ଆମ ସମାଜରେ ଦେଖାଯାଉଛି। ରବିବାର ଏହିପରି ଏକ ଘଟଣା ନଜରକୁ ଆସିଛି ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ମୋରାଲୋଏ ସାଲେପାଲି ଗ୍ରାମରେ। ତେବେ ଘଟଣାସ୍ଥଳରେ ପହଞ୍ଚି ପ୍ରଶାସନ ଏହି ବାଲ୍ୟ ବିବାହକୁ ବନ୍ଦ କରିଛି। ସୂଚନା ଅନୁସାରେ ସାଲେପାଲି ଗ୍ରାମର ଏକ ୧୬ବର୍ଷିୟା ଝିଅର ବିନିକା ଥାନା ଅନ୍ତର୍ଗତ ଜାମପାଲି ଗ୍ରାମର ଏକ ପୁଅ ସହିତ ସ୍ଥିର ହୋଇଥିଲା। ରବିବାର ଉଭୟଙ୍କ ବିବାହ ହେବାର ଥିଲା। ପରିବାର ପକ୍ଷରୁ ମଧ୍ୟ ସବୁ ପ୍ରକାର ପ୍ରସ୍ତୁତି କରାଯାଇଥିଲା। ମାତ୍ର ଝିଅ ନାବାଳକ ଥିବା ନେଇ ଉଲୁଣ୍ଡା ପୋଲିସ, ସିଡିପିଓ ତିଲୋତ୍ତମା ନାଏକ, ଅଙ୍ଗନୱାଡି କର୍ମୀ ସୁକାନ୍ତି ସାହୁ, ମୋରାଲୋଏ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମ ନାରାୟଣ ପାଣିଗ୍ରାହୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ଭୀମ ମହାକୁର ପ୍ରମୁଖ ସାଲେପାଲିରେ ପହଞ୍ଚି ଥିଲେ। ସେଠାରେ ଝିଅ ଘର ପରିବାର ସହିତ ଆଲୋଚନା କରି ୧୮ ବର୍ଷ ପୂର୍ବରୁ ବିବାହ ନ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଉଭୟ ପରିବାର ବାଲ୍ୟ ବିବାହ ନେଇ ଥିବା ନିୟମ ଜାଣି ନ ଥିବାରୁ ଉକ୍ତ ପଦେକ୍ଷପ ନେଇଥିବା ପ୍ରକାଶ କରିଥିଲେ। ପରେ ଉଭୟ ପରିବାର ଉଲୁଣ୍ଡା ଥାନାକୁ ଯାଇ ଆଇଆଇସିଙ୍କ ଉପସ୍ଥିତିରେ ୧୮ ବର୍ଷ ପୂର୍ବରୁ ଝିଅକୁ ବିବାହ କରାଯିବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ବିବାହକୁ ବନ୍ଦ କରି ଦିଆଯାଇଥିଲା।



ବାଲ୍ୟବିବାହ ସ୍ଥଳରେ ପହଞ୍ଚି ଆଲୋଚନା କରୁଛନ୍ତି ପ୍ରଶାସନିକ ଅଧିକାରୀ ଓ ସାମାଜିକ କର୍ମୀ।

# ଜାତୀୟସ୍ତରକୁ ବରଗଡ଼ ଛାତ୍ରୀ ମନୋନୀତ

**ବରଗଡ଼ ଅଫିସ୍,୨୦।୧୦**

ପଶ୍ଚିମବଙ୍ଗର ମେଦିନୀପୁରଠାରେ ଗତ ୧୮ ଓ ୧୯ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ପ୍ରାନ୍ତୀୟ ଜ୍ଞାନ ବିଜ୍ଞାନ ସେମିନାରରେ ବରଗଡ଼ ଶିଶୁ ବିଦ୍ୟା ମନ୍ଦିର (ହିନ୍ଦୀ ବିଭାଗ) ଛାତ୍ରୀ ଖୁସବୁ ବର୍ମା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ଏହି କୃତିତ୍ୱ ଅର୍ଜନ ସହିତ କାନପୁରଠାରେ ହେବାକୁ ଥିବା ଜାତୀୟ ବିଜ୍ଞାନ ମେଳାରେ ଯୋଗଦେବା ପାଇଁ ମନୋନିତ ହୋଇଥିବା ଶିଶୁ ମନ୍ଦିର ପକ୍ଷରୁ ସୂଚନା ଦିଆଯାଇଛି । ଏହି କୃତିତ୍ୱ ପାଇଁ ଗାଇଡ୍ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପ୍ରଧାନ ଏବଂ ଅନ୍ୟ ଆଚାର୍ଯ୍ୟା, ଆଚାର୍ଯ୍ୟମାନେ ଅଭିନନ୍ଦନ ଜଣାଇବା ସହିତ ଜାତୀୟସ୍ତର ସେମିନାରରେ ସଫଳତା କାମନା କରିଛନ୍ତି ।

### ସ୍ୱଚ୍ଛତା ଅଭିଯାନ, ଚାରାରୋପଣ କାର୍ଯ୍ୟକ୍ରମ

**ବିନିକା,୨୦।୧୦(ଡି.ଏନ୍.ଏ)**

ବିନିକା ଏନ୍‌ଏସି ୧୨ନଂ ୱାର୍ଡ ନୂଆଁପାଲିରେ ରବିବାର ଯୁବକ ସଂଘ ପକ୍ଷରୁ ସ୍ୱଚ୍ଛତା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୁବକମାନେ ଗ୍ରାମ ରାସ୍ତା, ସ୍କୁଲ ପରିସର ଓ ମା'ଘଣ୍ଟାସିନୀଙ୍କ ପୀଠ ସଫେଇ କରିଥିଲେ। ଯୁବକ ସଂଘ ସଭାପତି ଦୀପକ ବେହେରାଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ, ଉପେନ୍ଦ୍ର ଭୁଏ, କୋଷାଧ୍ୟକ୍ଷ ତାପସ ନାୟକ, ଉପସଭାପତି ସୋମନାଥ ଭୁଏ, ସହ ସମ୍ପାଦକ ପ୍ରଦୀପ ଖଣ୍ଡାୟତ, ସଂଘ ଉପଦେଷ୍ଟା ମୁକେଶ ବଗର୍ତ୍ତୀ ଓ ସୁଧୀର ଭୋଇ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଘଣ୍ଟାସିନୀ ପୀଠ ରାସ୍ତାର ଉଭୟ ପାର୍ଶ୍ୱରେ ଚାରାରୋପଣ କରାଯାଇଥିଲା। ଏଥିରେ ଜଗନ୍ନାଥ ଭୁଏ, ଅନନ୍ତ ଭୁଏ, ବିଦ୍ୟାଧର ବାହୁତ, ବସନ୍ତ ଭୁଏ, ଲାଲସ ନାୟକ, ସଙ୍ଗୀତ ବାଗ, ସୁମନ୍ତ ଖଣ୍ଡାୟତ, ସୁକେଶ ବଗର୍ତ୍ତୀ ପ୍ରମୁଖ ସାମିଲ ଥିଲେ ।

■ ଘୋଡାଘାଟପଡା ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ

# ପାରମ୍ପରିକ ନୃତ୍ୟରେ ଦୁଲୁକିଲା ସହର

**ସୋନପୁର,୨୦।୧୦(ନି.ପ୍ର.)**

ସୁବର୍ଣ୍ଣପୁର ସହରର ଘୋଡାଘାଟପଡାସ୍ଥିତ ବ୍ୟାସ ଆଶ୍ରମରେ ୪୯ତମ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାର ଭସାଣି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଦେବୀଙ୍କୁ ଘୋଡାଘାଟପଡା ଛକରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିବା ବେଳେ ଏଥିରେ ପଶ୍ଚିମ ଓଡିଶାର ପାରମ୍ପରିକ ଲୋକବାଦ୍ୟ ଦୁଲଦୁଲି ସମେତ ଘୋଡାନାଚ, ଘଣ୍ଟବାଦ୍ୟ, ଆଦିବାସୀ ଢାପ ନୃତ୍ୟ, ଆଧୁନିକ ରେକର୍ଡ ଡ୍ୟାନ୍ସ ଆଦି ୧୫ରୁ ଊର୍ଦ୍ଧ୍ୱ ନୃତ୍ୟ ଦଳ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ରାଜ୍ୟ ଓ ରାଜ୍ୟ ବାହାରର କଳାକାର ଏବଂ ସ୍ଥାନୀୟ ଯାତ୍ରା କମିଟିର କର୍ମକର୍ତ୍ତାଙ୍କ ନୃତ୍ୟରେ ସହରର ରାସ୍ତାଘାଟ ଦୁଲୁକି ଉଠିଥିଲା। ଶେଷରେ ସ୍ଥାନୀୟ କଦମ୍ବପଡା ମହାନଦୀ ଘାଟରେ ମାଙ୍କ ମୃଣ୍ମୟ ମୂର୍ତ୍ତିକୁ ବିସର୍ଜନ କରା ଯାଇଥିଲା। ଏଥିରେ ଗଜଲକ୍ଷ୍ମୀ ପୂଜା କମିଟିର ସମସ୍ତ ସଭ୍ୟ ଯୋଗ ଦେଇଥିବା ବେଳେ ଶାନ୍ତିପୂର୍ଣ୍ଣ ଭାବେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା।



ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଉଛି ।

# ଚକଡ଼ା କ୍ଷତିଗ୍ରସ୍ତ ଚାଷ ଜମି ବୁଲି ଦେଖିଲେ କୃଷି ଅଧିକାରୀ

**ବିନିକା,୨୦।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଆର୍‌ଆଇ ସର୍କଲ ଅନ୍ତର୍ଗତ ବାଗଡ଼ିଆ ଗ୍ରାମରେ ଚଳିତ ଖରିଫ ଧାନ ଚାଷରେ ଚକଡ଼ା(ମାଟିଆଗୁଣ୍ଡି) ପୋକ ଲାଗି ଫସଲ ନଷ୍ଟ ହେଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏନେଇ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଗତ ୧୫ ତାରଖରେ 'ଅମଳ ସମୟରେ ଚକଡା ଦୁଖଃ' ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରଚାର ପରେ କୃଷି ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ରବିବାର ପୂର୍ବାହ୍ନ ୧୦ଟାରେ କୃଷି ବିଭାଗ ଅଧିକାରୀମାନେ ବାଗଡିଆ ମୌଜାରେ ପହଞ୍ଚି ଚକଡା ପୋକ ଲାଗିଥିବା ଚାଷ ଜମି ବୁଲି ଦେଖିଥିଲେ। ଅଧିକାରୀମାନେ ଫଳସର କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରି ଚାଷୀମାନଙ୍କୁ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପରିଦର୍ଶନରେ ସୁବର୍ଣ୍ଣପୁର ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ କୁମାର ଜେନା, ଜିଲା କୃଷି ଅଧିକାରୀ ଡୁଙ୍ଗୁରୀପାଲି ଶ୍ରୀନିବାସ ମଲ୍ଲିକ, ପ୍ରଶାନ୍ତ କୁମାର ଶତପଥୀ, ବିନିକା ସହକାରୀ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝି, କୃଷି କର୍ମଚାରୀ ହେମନ୍ତ ଭୋଇ, ତରଣୀ ସେନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଅଧିକାରୀମାନେ ଚାଷୀ ରୁବୁଲ ବାରିକ ,କମ୍ପୁ ବାରିକ, ମଣ୍ଟୁ ବାରିକ, ଶ୍ୟାମ ପାଣ୍ଡେ, ସତ୍ୟ ନାରାୟଣ ଭୂଏ, ଗୋବର୍ଦ୍ଧନ ବାରିକ ପ୍ରମୁଖଙ୍କ ଚାଷ ଜମି ଦେଖିଥିବା ଜଣାପଡିଛି।




କୃଷି ଅଧିକାରୀମାନେ ଚକଡ଼ା ପୋକ ଲାଗିଥିବା ଚାଷ ଜମି ବୁଲି ଦେଖୁଛନ୍ତି।

■ ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜାରେ ମୁରାସୁର ରାଜ

# ବିଷ୍ଣୁଙ୍କ ପାଦ ଦର୍ଶନ କରି ମୁରାସୁର ମୃତ

**ଅମରପାଲି, ୨୦।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀରେ ଚାଲିଥିବା ୩୭ତମ ଗଜଲକ୍ଷ୍ମୀ ପୂଜାର ରବିବାର ଥିଲା ଅନ୍ତିମ ରଜନୀ। ଏହି ଅବସରରେ ହେଉଥିବା ମୁରାସୁର ରାଜର ଅନ୍ତିମ ରଜନୀର ମୁକ୍ତାକାଶ ରଙ୍ଗମଞ୍ଚରେ ଅଭିନୀତ ହୋଇଥିଲା ନାଟକର ଶେଷ ଦୃଶ୍ୟ। ନାଟ୍ୟକ୍ରମରେ ମୁରାସୁରଙ୍କ ଆଦେଶରେ ମଲ୍ଲଗଣ ଯୁଦ୍ଧ ଯାତ୍ରା କରିଥିଲେ। ଯୁଦ୍ଧକ୍ଷେତ୍ରରେ ମଲ୍ଲଗଣ ବିଷ୍ଣୁଙ୍କ ହସ୍ତରେ ନିହତ ହୋଇଛନ୍ତି। ମଲ୍ଲଗଣଙ୍କ ନିହତ ଖବର ଶୁଣି ମୁରାସୁର ମର୍ମାହତ ହୋଇଛନ୍ତି। ଯୁଦ୍ଧ କ୍ଷେତ୍ରକୁ ଭ୍ରାତା ଦାରୁଣଙ୍କୁ ପ୍ରେରଣ କରିଛନ୍ତି। ବିଷ୍ଣୁ ଓ ଦାରୁଣଙ୍କ ମଧ୍ୟରେ ଯୁଦ୍ଧ ଏବଂ ଦାରୁଣଙ୍କୁ ବଦ୍ଧ କରିଛନ୍ତି ବିଷ୍ଣୁ। ଦାରୁଣବଧ ସମ୍ବାଦ ଶୁଣି ମୁରାସୁର କ୍ରୋଧିତ ହୋଇଛନ୍ତି । ବିଷ୍ଣୁଙ୍କ ସହିତ ମୁରାସୁରଙ୍କର ଯୁଦ୍ଧ ଆରମ୍ଭ ହୋଇଛି । ବିଷ୍ଣୁଙ୍କ ସହସ୍ର ପାଦ ଦର୍ଶନ କରି ମୁରାସୁରଙ୍କ ମୃତ୍ୟୁ ହୋଇଛି । ଏହାସହିତ ଶେଷ ହୋଇଛି ମୁରାସୁର ରାଜ। ମୁରାସୁର ଭୂମିକାରେ ଗୋପାଳ ପଣ୍ଡାଙ୍କ ଅଭିନୟ ବେଶ ଜୀବନ୍ତ ହୋଇଥିଲା। ମହାମନ୍ତ୍ରୀ ଭୂମିକାରେ ଲକ୍ଷୀନ୍ଦ୍ର ଭୋଇ, ମହାମଲ୍ଲ- କିରଟୀ ମିଶ୍ର, ମଲ୍ଲ ପ୍ରେମରାଜ ରଣା, ପ୍ରହରୀ ଭୂମିକାରେ ବାବୁଲାଲ ଭୋଇଙ୍କ ଅଭିନୟ ଚିତାକର୍ଷକ ହୋଇଥିଲା। ସଚ୍ଚିଦା ନନ୍ଦ, ଦେବେନ୍ଦ୍ର ବେହେରା ଓ ଅଶୋକ ବାଘ ପ୍ରମୁଖ ବାଦ୍ୟଯନ୍ତ୍ର ପରିବେଷଣ କରିଥିଲେ। ଅଭିନୟ ଦ୍ୱାରା କଳାକାରମାନେ ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲେ। ଅନ୍ତିମ ରଜନୀର ସାଂସ୍କୃତିକ ସଭାରେ ପୂଜା କମିଟି ସଭାପତି ଲବ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥିଭାବେ ବାଣିଜ୍ୟ ଓ ପରିବହନ ଏବଂ ଯୋଜନା ଓ ସଂଯୋଜନା ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ମହାରାଜ ମୁରାସୁର ମନ୍ତ୍ରୀ ବେହେରାଙ୍କୁ ସମ୍ବଲପୁରରୁ ଚାଲୁଥିବା ସରକାରୀ ବସକୁ ପରିବର୍ତ୍ତନ କରି ନୂତନ ବସ ଚଳାଇବାକୁ କହିଥିଲେ। ଏଥିସହ ମେଗାଲିଫ୍ଟ ପ୍ରକଳ୍ପ, କପାମଣ୍ଡିର ବ୍ୟବସ୍ଥା କରିବାକୁ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନୂତନ ସରକାରୀ ବସ କିଣାହେଲେ ଆସନ୍ତା ନଭେମ୍ବରରେ ଏଠାକାର ବସ ପରିବର୍ତ୍ତନ ହେବା ସହ ପାତାଳି ଶ୍ରୀକ୍ଷେତ୍ରରୁ ପୁରୀ ଶ୍ରୀକ୍ଷେତ୍ରକୁ ଏକ ବସ ଚଳାଚଳ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଜିଲା ପରିଷଦ ଅଧ୍ୟକ୍ଷ ଉଷା କୁମାରୀ, ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ ରାଜ ଅତିଥିଭବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ପୂଜା କମିଟି ପକ୍ଷରୁ ଅତିଥିମାନଙ୍କୁ ଉପଢୌକନ ଓ ସମ୍ବର୍ଦ୍ଧନା ଫଳକ ପ୍ରଦାନ କରାଯାଇଥିଲା। ରବିବାର ଶେଷ ରଜନୀ ହୋଇଥିବାରୁ ଦର୍ଶକଙ୍କ ପ୍ରବଳ ଭିଡ ସମାଗମ ହୋଇଥିଲା। ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ଲୋକେ ମୀନାବଜାର, ଅପେରାର ମଜା ନେଇଥିଲେ। ପୂଜା କମିଟି ଉପସଭାପତି ଧନଞ୍ଜୟ ସାହୁ, ସମ୍ପାଦକ ତ୍ରୟଞ୍ଜିବ ମିଶ୍ର, ସହସମ୍ପାଦକ ବିଦ୍ୟାଧର ଖୁର୍ଦ୍ଦିଆ, କୋଷାଧ୍ୟକ୍ଷ ସତ୍ୟମୋହନ ବେଦପାଣି, ଉପଦେଷ୍ଟା ରାଜ ଗୋପାଳ ପାଣିଗ୍ରାହୀ, କୁଶ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ବିଷ୍ଣୁଙ୍କ ପାଦ ଦର୍ଶନ କରି ମୁରାସୁର ମୃତ ।

# ଗୀତା ଆବୃତ୍ତି ପ୍ରତିଯୋଗିତା

**ଅମରପାଲି, ୨୦।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ରଥପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ତୃତୀୟ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଜ୍ଞାନ ମିଶନ କଟକର ତତ୍ତ୍ୱାବଧାନରେ ଗୀତା ମାଧ୍ୟମରେ ସଂସ୍କୃତିର ସଂରକ୍ଷଣ ଓ ସଂପ୍ରସାରଣ ଉଦ୍ଦେଶ୍ୟ ରଖି ଏହା କରାଯାଇଥିଲା । ବ୍ଲକର ବିଭିନ୍ନ ସ୍କୁଲର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଏହା ହୋଇଯାଇଛି । ବଳରାମ ପୁରୋହିତ, ରମାକାନ୍ତ ପୁରୋହିତ, ସାବିତ୍ରୀ ବର୍ମା, ସନ୍ତୋଷିନୀ ନାୟକ ଆଦି ସଂସ୍କୃତ ଶିକ୍ଷକ ବିଚାରକ ଦାୟିତ୍ୱ ବହନ କରି ପ୍ରତିଯୋଗୀତା ପରିଚାଳନାରେ ସାହାଯ୍ୟ କରିଥିଲେ। ଏହି ପ୍ରତିଯୋଗିତାରେ ଉପଖଣ୍ଡର ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରୁ ୫୦ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ରାଧାରମଣ ମଠର ମଠାଧୀଶ ଅଭିରାମ ଦାଶ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଏଭଳି ପ୍ରତିଯୋଗିତା ସମାଜ ଓ ସଂସ୍କୃତିର ସୁରକ୍ଷାରେ ସହାୟକ ଅଟେ ଏବଂ ଏହା ନିୟମିତ ହେବା ଉଚିତ ବୋଲି ମୁଖ୍ୟଅତିଥି ମତପ୍ରକାଶ କରିଥିଲେ । ପ୍ରଜ୍ଞାନ ମିଶନର ସଦସ୍ୟ ଆଲୋକ କୁମାର ପଧାନ ଓ ଅଚ୍ୟୁତ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ସୁବଳ କମ୍ପ ଓ ଉତ୍ତମ ଦାଶ ଏଥିରେ ସହଯୋଗ କରିଥିଲେ। ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଆଗାମୀ ଡିସେମ୍ବର ୨ ତାରିଖରେ ଜିଲାସ୍ତରୀୟ ପ୍ରତିଯୋଗିତା ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।



ଗୀତା ଆବୃତ୍ତି ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକ ।



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### ମୋବାଇଲ ଚୋରି, ଯୁବକ ଗିରଫ

ପାଇକମାଳ, ୨୦।୧୦ (ଡି.ଏନ.ଏ): ପାଇକମାଳ ଡାକ୍ତରଖାନାରେ ଡାକ୍ତରଙ୍କ ମୋବାଇଲ ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମିଠାପାଲି ପଞ୍ଚାୟତ କଟଙ୍ଗପାଲି ଗ୍ରାମର ଅଶୋକ ଚାନ୍ଦ(୨୮)। ପୋଲିସ ତାଙ୍କଠାରୁ ମୋବାଇଲ ଜବତ କରିବା ସହ ତାଙ୍କୁ ରବିବାର ପଦ୍ମପୁର କୋର୍ଟକୁ ଚାଲାଣ କରିଛି। ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ. ୧୮୯/୧୯) ରୁଜୁ ହୋଇଛି । ପୂର୍ବାହ୍ନ ୧୧ଟା ସମୟରେ ପାଇକମାଳ ସରକାରୀ ଚିକିତ୍ସାଳୟରେ ଡାକ୍ତର ଶ୍ରୀଧର ପ୍ରଧାନ ରୋଗୀ ଚିକିତ୍ସା କରୁଥିବା ବେଳେ ତାଙ୍କ ମୋବାଇଲ ଚୋରି ହୋଇଥିଲା । ଏ ନେଇ ଡା. ପ୍ରଧାନ ପାଇକମାଳ ଥାନାରେ ଅଭିଯୋଗ କରିଥିଲେ ।

### ବିଧବା ମହିଳାଙ୍କୁ ମିଳୁନି ଆବାସ ଗୃହ

ତଳଗାଁ, ୨୦।୧୦ (ଡି.ଏନ.ଏ) ହରଭଙ୍ଗା ବ୍ଲକ ଭେଜିଗୁଡା ଗ୍ରାମର ବିଧବା ମହିଳା ମଞ୍ଜରୀ ବେହେରାଙ୍କୁ ଏଯାଏ ଆବାସ ଯୋଜନାରେ ଗୃହ ମିଳିନାହିଁ । ଦାରିଦ୍ର୍ୟ ଯୋଗୁ ସେ ପ୍ରତିବର୍ଷ ଚାଳଘର ଛପର କରିପାରୁନାହାନ୍ତି। ଫଳରେ ସେ ଚାଳ ଛପର ଘରେ ଖରା ବର୍ଷାରେ ଦୟନୀୟ ଅବସ୍ଥାରେ ରହୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ପାଇଁ ସେ ବାରମ୍ବାର ବ୍ଲକ ଓ ଜିଲା ପ୍ରଶାସନ ନିକଟରେ ଗୁହାରି କରି ଆସିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏ ନେଇ ହରଭଙ୍ଗା ପଞ୍ଚାୟତ ନିର୍ବାହୀ ଅଧିକାରୀ ଜଗଦୀଶ ମଲ୍ଲିକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ ମତାମତ ମିଳିପାରିନାହିଁ ।

### ଶିଶୁ ମନ୍ଦିରରେ ଗଣିତ, ମାତୃ କର୍ମଶାଳା

ଭେଡ଼େନ, ୨୦।୧୦(ଡ଼ି.ଏନ.ଏ) ଭେଡ଼େନ ବ୍ଲକ ଅନ୍ତର୍ଗତ ତେନ୍ତୁଲିଟିକ୍ରା ସରସ୍ୱତୀ ଶିଶୁ ମନ୍ଦିରରେ ରବିବାର ଶିଶୁବାଟିକା ସ୍ତରୀୟ ମାତୃ କର୍ମଶାଳା ଏବଂ ବିଦ୍ୟାଳୟସ୍ତରୀୟ ବୈଦିକ ଗଣିତ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ ସୁରେଶ୍ୱର ଦନ୍ତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁବାଟିକା ମାତୃ କର୍ମଶାଳାରେ କୁମୁଦିନ ପ୍ରଧାନ (ସଙ୍କୁଳ ଶିଶୁବାଟିକା ପ୍ରମୁଖ) ପ୍ରଶିକ୍ଷିକା ଏବଂ ବୈଦିକ ଗଣିତ ପ୍ରଶିକ୍ଷଣରେ ମନମୋହନ ମେଣ୍ଡଲୀ ଏବଂ କୃଷ୍ଣଚନ୍ଦ୍ର କର୍ମି ପ୍ରଶିକ୍ଷକ ଭାବେ ଯୋଗଦେଇ କାଳାଂଶ ବ୍ୟାଖ୍ୟା କରିଥିଲେ। ପ୍ରଧାନାଚାର୍ଯ୍ୟ ରିଙ୍କୁ କୁମାର ଦାଶ ଅତିଥି ପରିଚୟ ପ୍ରଦାନ, ଆଚାର୍ଯ୍ୟ ଟିକେଶ୍ୱର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଆଚାର୍ଯ୍ୟା ମୁନକି ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ ।

### ଯାଦବ ସମାଜର ବୈଠକ

ଜାମଟିକ୍ରା, ୨୦।୧୦ (ଡି.ଏନ.ଏ) ଅତାବିରା ବ୍ଲକ ଟାଙ୍ଗରପାଲି ପଞ୍ଚାୟତର କନ୍ତଲ ଗ୍ରାମରେ ବ୍ଲକ ଯାଦବ ସମାଜର ଏକ ବୈଠକ ଦୁଃଖବନ୍ଧୁ ରାଉତଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଖପାଖ ଅଞ୍ଚଳର ଯାଦବ ଭଉଣୀଭାଇମାନେ ଯୋଗଦେଇ ସମାଜର ଆର୍ଥିକ, ସାମାଜିକ, କୃଷି, ଶିକ୍ଷା କ୍ଷେତ୍ରରେ କିପରି ଉନ୍ନତି ହେବ ସେ ନେଇ ଆଲୋଚନା ହୋଇଥିଲା । ଅତାବିରାରେ ଏକ ରାଧାକୃଷ୍ଣ ମନ୍ଦିର ଓ କଲ୍ୟାଣ ମଣ୍ଡପ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଦୈତାରୀ ସାଲମା, ମାଲିକ ମହାକୁର, ଗଜରାଜ ଭୁଏ, ଦାଶରଥି ରାଉତ ପ୍ରମୁଖ ଯୋଗ ଦେଇଥିଲେ ।

### ୨୦୦୮ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

ପୁରୁଣାକଟକ, ୨୦।୧୦(ଡି.ଏନ.ଏ) ବୌଦ୍ଧ ଜିଲା ପୁରୁଣାକଟକ ଉଚ୍ଚ ବିଦ୍ୟାଳୟର ୨୦୦୮ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ରବିବାର ସ୍ଥାନୀୟ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ପ୍ରବିଣ ବେହେରା, ଅମିତ ବେହେରା, ବିକାଶ ମହାପାତ୍ର, ସନ୍ତୋଷ ଆପଟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ୩୦ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।

# ବନଖଣ୍ଡ ଅଫିସ ଆଗରେ ଅନଶନ

ବରଗଡ଼ ଅଫିସ୍,୨୦।୧୦



ବରଗଡ଼ ବନଖଣ୍ଡ ଅଫିସ୍ ଆଗରେ ଅନିରୁଦ୍ଧ ସପରିବାର ଅନଶନ କରିଛନ୍ତି ।

ବରଗଡ଼ ବନ ବିଭାଗ ନୃସିଂହନାଥ ରେଞ୍ଜରେ କାର୍ଯ୍ୟରତ ପାରା ବନ କର୍ମଚାରୀ ଅନିରୁଦ୍ଧ ସେଠଙ୍କୁ ଆକ୍ରୋଶମୂଳକ ଭାବେ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବାରୁ ପ୍ରତିବାଦର ସ୍ୱର ତେଜିବାରେ ଲାଗିଛି । ଶନିବାର ପୂର୍ବାହ୍ନ ୧୦ଟାରୁ ଅନିରୁଦ୍ଧ ସପରିବାର ବରଗଡ଼ ବନଖଣ୍ଡ ଅଧିକାରୀ (ଡିଏଫଓ)ଙ୍କ ଅଫିସ ଆଗରେ ଅନଶନରେ ବସିଛନ୍ତି । ଏପରିକି ଅନଶନରେ ଅନ୍ୟ ୩ ଜଣ ପାରା କର୍ମଚାରୀ ପ୍ରଦୀପ ସାହୁ, ପରେଶ ଦାଶ ଓ ଅବିନାଶ ପଟ୍ଟନାୟକ ମଧ୍ୟ ସାମିଲ ହୋଇଛନ୍ତି। ରବିବାର ଅପରାହ୍ନ ପ୍ରାୟ ୧ଟାରେ କେତେକ ବନ ଅଧିକାରୀ ଅନିରୁଦ୍ଧଙ୍କ ସହିତ ଆଲୋଚନା କରିଥିଲେ ସୁଦ୍ଧା କିଛି ସୁଫଳ ମିଳିନାହିଁ। ଖବର ଲେଖାହେବା ସୁଦ୍ଧା (ରବିବାର ରାତ୍ରି ୮ଟା) ସେମାନଙ୍କ ଅନଶନ ଜାରି ରହିଛି । ଜିଲା ମୁଖ୍ୟ ଡାକ୍ତରଖାନାର ଡାକ୍ତରମାନେ ଅନଶନକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ନିଲମ୍ବନ ଆଦେଶ ପ୍ରତ୍ୟାହାର କରି ଅନିରୁଦ୍ଧଙ୍କୁ ବନ ବିଭାଗରେ ପୁନଃ ଅବସ୍ଥାପିତ ନ କରିବା ପର୍ଯ୍ୟନ୍ତ ଅନଶନ ଚାଲିଥିବ ବୋଲି ଅନିରୁଦ୍ଧ ଓ ତାଙ୍କ ପରିବାର ଲୋକେ କହିଛନ୍ତି ।

ପ୍ରକାଶ ଯେ, ଝାରବନ୍ଧ ବ୍ଲକ ଘୁଚାପାଲି ଗ୍ରାମର ଅନିରୁଦ୍ଧ ଗତ ୬ ବର୍ଷ ହେଲା ବରଗଡ଼ ବନ ବିଭାଗରେ ପାରା କର୍ମଚାରୀ ଭାବେ କାର୍ଯ୍ୟ କରି ଆସୁଥିଲେ । ଗତ ସେପ୍ଟେମ୍ବର ମାସରୁ ଅନିରୁଦ୍ଧଙ୍କ ସମେତ ଅନ୍ୟ ୩ ଜଣ ପାରା ବନ କର୍ମଚାରୀ ପ୍ରଦୀପ, ପରେଶ ଏବଂ ଅବିନାଶଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା। ନୃସିଂହନାଥରେ ଗଛକଟା ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ଏବଂ ସେ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ନୃସିଂହନାଥ ରେଞ୍ଜ ଅଧିକାରୀ ସେହି ଫଟୋକୁ ସେମାନେ ଉତ୍ତୋଳନ କରି ଗଣମାଧ୍ୟମକୁ ଦେଇଥିବା ଆରୋପ କରି ଆକ୍ରୋଶମୂଳକ ଭାବେ ବରଗଡ଼ ଡିଏଫଓଙ୍କୁ ଭୁଲ୍ ରିପୋର୍ଟ ଦେଇ ସେମାନଙ୍କୁ ନିଲମ୍ବନ କରାଯାଇଥିବା ଅନିରୁଦ୍ଧ ଅଭିଯୋଗ କରିଛନ୍ତି ।

**ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନର ପ୍ରତିବାଦ**
- ଅନଶନରେ ସାମିଲ ହେଲେ ପରିବାରର ୨ ଶିଶୁ
- ୨ ଦିନ ପରେ ବି ହୋଇନି ସମସ୍ୟାର ସମାଧାନ
- ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବିରେ ଅଟଳ ଅନଶନକାରୀ

ଅନ୍ୟପଟେ ଉକ୍ତ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଟୁଇଟ୍ କରିବା ପରେ ବନ ବିଭାଗ ଅନିରୁଦ୍ଧଙ୍କ ବ୍ୟତୀତ ପ୍ରଦୀପ, ପରେଶ ଏବଂ ଅବିନାଶଙ୍କ ନିଲମ୍ବନ ପ୍ରତ୍ୟାହାର କରି ନେଇଥିଲେ । ଅନ୍ୟପଟେ ଏହି ୩ ଜଣଙ୍କ ମଧ୍ୟରୁ ପ୍ରଦୀପ ଓ ପରେଶଙ୍କୁ ଭଟଲି ଏବଂ ଅବିନାଶଙ୍କୁ ବରଗଡ଼ ରେଞ୍ଜରେ ରବିବାର ଯୋଗ ଦେବାକୁ ପୁଣି ଏକ ଅର୍ଡ଼ର ବାହାରିଥିଲା । ମାତ୍ର ଏହି ୩ ଜଣ ବନ ବିଭାଗର ସେଭଳି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି କାର୍ଯ୍ୟରେ ଯୋଗଦାନ ବଦଳରେ ଶନିବାରଠାରୁ ଅନଶନରେ ବସିଛନ୍ତି ।

ଗାଁ ସ୍କୁଲରେ ପଞ୍ଚମ ଶ୍ରେଣୀରେ ପଢୁଥିବା ଅନିରୁଦ୍ଧଙ୍କ ଝିଅ ବବଲି ଓ ଅଷ୍ଟମ ଶ୍ରେଣୀ ପଢୁଥିବା ପୁଅ ବବଲୁ ମଧ୍ୟ ପାଠପଢ଼ା ଛାଡ଼ି ଅନଶନରେ ବସିଥିବା ଦେଖିବାକୁ ମିଳିଛି । ବାପା ହିଁ ପରିବାରର ଏକମାତ୍ର ରୋଜଗାରକ୍ଷମ ଥିଲେ ଏବଂ ତାଙ୍କୁ ଚାକିରିରୁ ଆକ୍ରୋଶମୂଳକ ଭାବେ ହଟାଇ ଦିଆଯାଇଛି । ତାଙ୍କୁ ଚାକିରି ନ ମିଳିବା ପର୍ଯ୍ୟନ୍ତ ସେମାନେ ମଧ୍ୟ ଅନ୍ନ ଛୁଇଁବେନି ବୋଲି ବବଲୁ ଓ ବବଲି କହିଛନ୍ତି। ସେହିପରି ଅନିରୁଦ୍ଧଙ୍କ ସ୍ତ୍ରୀ ସସ୍ମିତା ସ୍ୱାମୀଙ୍କ ନିଲମ୍ବନ ହଟାଯାଇ ଚାକିରିରେ ପୁନଃ ଅବସ୍ଥାପିତ କରା ନ ଗଲେ ସେ ମଧ୍ୟ ଅନଶନରୁ ଓହରିବେ ନାହିଁ ବୋଲି କହିଛନ୍ତି। ଆମ ଆଦମୀ ପାର୍ଟି(ଆପ୍)ର ଭବାନୀ ପ୍ରସାଦ ସାହୁ, ଅମିତାଭ ପାତ୍ର ପ୍ରମୁଖ ଅନଶନସ୍ଥଳକୁ ପହଞ୍ଚିଥିଲେ ଏବଂ ୨ ଶିଶୁ ଅନଶନରେ ବସିଥିବା ଯୋଗୁ ତୁରନ୍ତ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ବିହିତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି ।

### ଆନ୍ତଃ କଲେଜ ଫୁଟବଲ ଟୁର୍ନାମେଣ୍ଟ

ଅତାବିରା, ୨୦।୧୦ (ଡି.ଏନ.ଏ)

ଅତାବିରା ବ୍ଲକ ଲରମ୍ବା କଲେଜ ଖେଳ ପଡିଆରେ ଚାଲିଥିବା ଆନ୍ତଃ କଲେଜ ଫୁଟବଲ ଟୁର୍ନାମେଣ୍ଟର ରବିବାର ଥିଲା ତୃତୀୟ ଦିବସ । ତୃତୀୟ ଦିବସରେ ଭୈରବୀ କଲେଜ ବନାମ ମୁଟିବାହାଲ କଲେଜମଧ୍ୟରେ ମ୍ୟାଚ୍ ହୋଇଥିବାବେଳେ ପିଜି କାଉନସିଲ ଜ୍ୟୋତିବିହାର ସହ ଜରାସିଂହା କଲେଜ, ସାରସ୍ୱତ ଗୋଡଭଗା ସହ ସିଣ୍ଡୋଲ, ଡୁଙ୍ଗୁରିପାଲି ସହ ଏଲଏନ କଲେଜ ଝାରସୁଗୁଡା, ବରପାଲି ସହ ଘସିଏମ କଲେଜର କଡା ମୁକାବିଲା ହୋଇଥିଲା । ଭୈରବୀ କଲେଜ ପୁରୁଣା କଟକ, ଜରାସିଂହା, ସିଣ୍ଡୋଲ, ଏଲଏନ କଲେଜ ଝାରସୁଗୁଡା, ବରପାଲି କଲେଜ ଚତୁର୍ଥ ପର୍ଯ୍ୟାୟକୁ ବିଜୟୀ ହୋଇ ଉତ୍ତୀର୍ଣ୍ଣ ହୋଇଥିଲେ । ଲରମ୍ବା କଲେଜ ଅଧକ୍ଷ ଡ. ନରେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋରାଚାନ୍ଦ ମେହେର, ସୁବାଷ ପୂଜାରୀ, ଅଧାପକ ସଦ୍ଦେଶ୍ୱର ପ୍ରଧାନ ଯୋଗ ଦେଇଥିଲେ। ଡ. ଅଜିତ କୁମାର ନାଥ, ଅଧାପକ ପ୍ରମୋଦ କୁମାର ଭୋଇ, ପବିତ୍ର ମାହାଣା, ପ୍ରମୋଦ ସେଟ ପ୍ରମୁଖ ସହଯୋଗ କରିଥିବା ବେଳେ କ୍ରୀଡା ଶିକ୍ଷକ ଚିତ୍ତରଞ୍ଜନ ଛନ୍ଦ ଓ ସାଥୀ ଖେଳ ପରିଚାଳନା କରିଥିଲେ । ସୋମବାର ପୁନଃ ଲରମ୍ବା କଲେଜରେ ଗ୍ରୁପ ଏ ଓ ଗ୍ରୁପ ବି ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ । ସେମିଫାଇନାରେ ବିଜେତା ଦଳ ଫାଇନାଲ ଖେଳିବେ ।

## ଟ୍ରାଫିକ ସଂଯୋଜକ ସମ୍ବର୍ଦ୍ଧିତ



ଟ୍ରାଫିକ ସଂଯୋଜକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଭେଡ଼େନ, ୨୦।୧୦(ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବୁର୍ଦ୍ଧା ଗ୍ରାମର ପଶ୍ଚିମ ଓଡ଼ିଶା ଟ୍ରାଫିକ ସଂଯୋଜକ ପଦ୍ମଲୋଚନ ଭୋସାଗରଙ୍କୁ ଭୁବନେଶ୍ୱର ଡିସିପି (ଟ୍ରାଫିକ) ସାଗରିକା ନାଥ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଗତ ୧୭ ଏବଂ ୧୮ ତାରିଖ ଦୁଇଦିନ ଧରି ରାଜଧାନୀ ଭୁବନେଶ୍ୱରର ଏଜି ଛକ ଏବଂ ରାଜମହଲ ଛକରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିଥିବାରୁ ପୋଲିସ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଟ୍ରାଫିକ ସ୍ୱେଚ୍ଛାସେବୀ ସମିତା କଣ୍ଟା, ତପସ୍ୱିନୀ ନାଗ, ଅନିତା ଭୁଏ, ଅରୁଣା ମଲିକ, ପ୍ରଶାନ୍ତ ବୁଡ଼େକ, ଜୟନ୍ତୀ ହରିପାଲ, ସୈରେନ୍ଦ୍ରୀ କୁମ୍ଭାର, ମନୋରମା ବାଗ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ସମୟ ନିର୍ଘଣ୍ଟକୁ ନେଇ ବିବାଦ
## ୪୨ ଦିନ ଧରି ବନ୍ଦ ରହିଛି ବସ ଚଳାଚଳ

ବୌଦ୍ଧ,୨୦।୧୦(ସ୍ୱ.ପ୍ର)

ସମୟ ନିର୍ଘଣ୍ଟକୁ ନେଇ ବୌଦ୍ଧ ଓ ସମ୍ବଲପୁର ମଧ୍ୟରେ ବନ୍ଦ ରହିଥିବା ବେସରକାରୀ ବସ୍ ଚଳାଚଳ ୪୨ ଦିନରେ ପହଞ୍ଚିଛି । ସମସ୍ୟା ସମାଧାନ ପାଇଁ ପ୍ରଶାସନିକ ସ୍ତରରେ ଏଯାଏ କୌଣସି ଉଦ୍ୟମ କରାଯାଇ ନ ଥିବା ଅଭିଯୋଗ ହୋଇଛି । ବୌଦ୍ଧ ଓ ସମ୍ବଲପୁର ମଧ୍ୟରେ କେତୋଟି ହାତ ଗଣତି ବେସରକାରୀ ବସ୍ ଚଳାଚଳ କରୁଥିବାବେଳେ ଏହା ବର୍ତ୍ତମାନ ବନ୍ଦ ଥିବାରୁ ଛାତ୍ରୀଛାତ୍ର, ଜନସାଧାରଣ ହଇରାଣ ହେଉଛନ୍ତି। ବୌଦ୍ଧ ଜିଲାର ଲୋକମାନେ ବିଶେଷତଃ ବୁର୍ଲା ମେଡିକାଲ ଉପରେ ନିର୍ଭର କରୁଥିବା ବେଳେ ଏଠାକାର ଛାତ୍ରୀଛାତ୍ରମାନେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଅନ୍ୟ ଶିକ୍ଷାନୁଷ୍ଠାନରେ ପଢୁଛନ୍ତି। ସେମାନେ ବସ୍ ଯୋଗେ କଲେଜ ଯାଉଛନ୍ତି ଏବଂ ବସ୍ ବନ୍ଦ ରହିଥିବାରୁ ବହୁ ହଇରାଣ ହେଉଛନ୍ତି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।

## ନେହେରୁ ଯୁବକେନ୍ଦ୍ରର ତର୍କ ପ୍ରତିଯୋଗିତା



ଅତିଥି, ଆୟୋଜକଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ ।

ବରଗଡ଼ ଅଫିସ୍,୨୦।୧୦

ବରଗଡ଼ ମହିଳା କଲେଜରେ ନେହେରୁ ଯୁବକେନ୍ଦ୍ର (କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ) ବରଗଡ଼ ପକ୍ଷରୁ ଦେଶଭକ୍ତି ଓ ରାଷ୍ଟ୍ର ନିର୍ମାଣ ବିଷୟରେ ଏକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜୟପ୍ରକାଶ ଶତପଥୀ ମୁଖ୍ୟଅତିଥି ଏବଂ ଡଃ ରୀନା କୁମାରୀ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଡଃ ଅନ୍ତର୍ଯାମୀ ତ୍ରିପାଠୀ, ମନୋରଞ୍ଜନ ସାହୁ, ଅମରେନ୍ଦ୍ର ନାରାୟଣ ଯାଦବ ବିଚାରକ ଭାବେ ଉପସ୍ଥିତ ଥିଲେ । ପ୍ରତିଯୋଗିତାରେ ସ୍ଥାନୀୟ ମହିଳା କଲେଜ, ବିକାଶ କଲେଜ ଏବଂ ବିଜେପୁର କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଏଥିରେ ଅନ୍ୱେଷ କୁମାର ସାହୁ ପ୍ରଥମ, ମହକ ଜୈନ ଦ୍ୱିତୀୟ ଏବଂ ଦୀପ୍ତିମୟୀ ସାହୁ ତୃତୀୟ ହୋଇଥିଲେ । ନେହେରୁ ଯୁବକେନ୍ଦ୍ରର ତ୍ରିଲୋଚନ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରୀତି ପ୍ରଧାନ, ରଶ୍ମିତା କୁଣ୍ଡୁ, ରାକେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ରାମଲୀଳା ପ୍ରସ୍ତୁତି ଆରମ୍ଭ



ଭେଡ଼େନ ରାମଲୀଳା ପାଇଁ ପ୍ରସ୍ତୁତି ବୈଠକରେ ସଦସ୍ୟଗଣ ।

ଭେଡ଼େନ, ୨୦।୧୦(ଡ଼ି.ଏନ.ଏ)

ଭେଡ଼େନର ପ୍ରସିଦ୍ଧ ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ତଥା ରାମଲୀଳା ମହୋତ୍ସବ-୨୦୨୦ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏଥିପାଇଁ ରବିବାର ଅପରାହ୍ନରେ ସ୍ଥାନୀୟ ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଭେଡ଼େନ ଗ୍ରାମବାସୀ ଓ ପୂର୍ବତନ ପରିଚାଳନା କମିଟି ସଦସ୍ୟଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଚଣ୍ଡି ଚରଣ ଦେହେରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଏଥିରେ ମହୋତ୍ସବର ସୁପରିଚାଳନା ସକାଶେ ନୂତନ କମିଟି ଗଠିତ ହୋଇଥିଲା । ନୂତନ କମିଟିରେ ସଭାପତି ଭାବେ କୃଷ୍ଣଚନ୍ଦ୍ର ବେହେରା, ଦିଲୀପ କୁମାର ରଥ, ଭରତ ବରେଇ ଏବଂ ଦଶରଥ ମେହେର ମନୋନିତ ହୋଇଥିବା ବେଳେ ସମ୍ପାଦକ ଭାବେ ଗଜରାଜ ମେହେର, ସୌମ୍ୟ ବେହେରା, ପ୍ରଦୀପ କୁମାର ନାଏକ, ରାଜ କୁମାର ବେହେରା ଏବଂ କୋଷାଧ୍ୟକ୍ଷ ଭାବେ ପ୍ରେମରାଜ ମେହେର ଓ ବିଜୟ ଲହରିଆ ସର୍ବସମ୍ମତି କ୍ରମେ ମନୋନିତ ହୋଇଛନ୍ତି। ଆସନ୍ତା ଜାନୁୟାରୀ ତୃତୀୟ ସପ୍ତାହରେ ଏହି ଯାତ୍ରା ଅନୁଷ୍ଠିତ ହେବ ।

## ସର୍ବସାଧାରଣ ସମ୍ପତ୍ତି ବିକାଶ କର୍ମଶାଳା

ପାଇକମାଳ, ୨୦।୧୦ (ଡି.ଏନ.ଏ)

ପାଇକମାଳ ବ୍ଲକ ମିଠାପାଲି ପଞ୍ଚାୟତ କୁରାଢୀଫସାଠାରେ ରବିବାର ସର୍ବସାଧାରଣ ସମ୍ପତ୍ତିର ବିକାଶ ଓ ଜୀବିକା ସୃଷ୍ଟି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ପାଇକମାଳ ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ ମୁଖ୍ୟଅତିଥି, ନୃସିଂହନାଥ ଫରେଷ୍ଟ ରେଞ୍ଜ ଅଧିକାରୀ ମହେଶ କୁମାର ଦାନୀ, ମିଠାପାଲି ସରପଞ୍ଚ ସହଦେବ ଧରୁଆ, ବିପିଏମ ମୁରଲୀଧର ଗଡତିଆ, ବୈଦ୍ୟରାଜ ବଜାରୁ ଧରୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସର୍ବସାଧାରଣ ସମ୍ପତ୍ତି ସୁପରିଚାଳନା ଓ ପଞ୍ଚାୟତିରାଜର ଭୂମିକା ବିଷୟରେ ଲୋକମାନଙ୍କୁ ସଚେତନ କରିଥିଲେ। ବୈଦ୍ୟରାଜ ଧରୁଆ ଘରେ ବସି ରୋଗ ଚିକିତ୍ସା ଉପରେ ଉପାୟମାନ ବତାଇଥିଲେ। ରେବତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

### ■ ସରକାରୀ ପୋରଛାହନ୍ ଅଭାବ
# କଉଲିକ ବୁରତିକେ ବଁଚେଇ ରଖିଛନ୍ ଅଭିଲ

ଅତାବିରା, ୨୦।୧୦(ଡି.ଏନ୍.ଏ.)

କେନ୍ଦ୍ର ଆର ରାଏଜ୍ ସରକାର ଶ୍ରମିକ, କାରିଗରମାନକର ଲାଗି ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍। ହେଲେ ଅନେକ ସମାଜର ଲୋକ୍ ପୁରଖାପାତିନୁ ଭିନେ ଭିନେ କାରିଗରିକେ ନିଜର କୁଲବୁରତି ହିସାବେ ଆପ୍‌ନେଇ ନେଇଛନ୍। ହେଲେ ସରକାରୀ ପୋରଛାହନ୍ ଅଭାବୁ ଆଏଜ୍‌କାଲି ଏନ୍‌ତାକେତେ କାରିଗରୀ ବୁଡ଼ବାକେ ବସ୍‌ଲାନ। ଗାଁଗଁଲିନୁ ମୂଲ କରି ସହର ତକ୍ ଆଘୋ କୁମ୍ଭାର ସମାଜର ଲୋକ୍ ହାଁଡି ପାତଲି, ମଠିଆ, କଲସି, ସୁରେଇ, ମାଟିର ହାତୀଘୁଡ଼ା, ଦୀପ ଲେଖେଁ ସାମାନ ତିଆର କରୁଥିଲେ। ସେଟାକେ ଆସର ପାସର ହାଟ୍ ହଟଲି, ସାପ୍‌ତାହିକ ବଜାରରେ ବିକାଭଂଗା କରି ନିଜର କୁଟୁମ ପୁଷୁଥିଲେ। ହେଲେ ସମିଆର ପରିବରତନ ସଂଗେ ଇ ସବୁ ଜିନିଷ ବି ସମାଜରୁ ଦିନୁଦିନ୍‌କେ ହଜିଯିବାକେ ବସଲାନ।

ଆଏଜ୍ ବି ଅନେକ୍ କୁମ୍ଭାର ପରିବାରର ଲୋକ୍ ଅଛନ୍ ଯେନ୍‌ମାନେ ବିନା ସରକାରୀ ପୋରଛାହନ୍‌ରେ ନିଜର କୁଲବୁରତିକେ ବଁଚେଇ ରଖିଛନ୍। ହେଲେ ସେମାନକୁ ଅନେକ ସମସିଆର ସଂଗେ ଯୁଝୁଚନ୍।



ଦିଆଲିର ଲାଗି ଅଭିଲ ରଣା ମାଏଟ୍ ତିଆରି ଦୀପ ବିକିଯାଉଛନ୍।

ଏନ୍‌ତା ଝନେ ବୁରୁଧ୍ କାରିଗରକୁଁ ଦିଆଲିର ଲାଗି ଦୀପ୍ ବିକିଗଲାବେଲେ ଭେଟିଥିଲେ ଆମର ଥାନୀଅ ଧରିତ୍ରୀ ପରତିନିଧି। ଇ ବୁରୁଧ୍ କାରିଗର ଝନ୍‌କ ହେଉଛନ୍ ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ ଦେଶକୁମ୍ଭାରୀ ଗାଁର ଅଭିଲ ରଣା(୬୨)। ତାକର ପାରିବାର କହେଲେ ମାଏକିନା, ପୁଓ ପ୍ରଫୁଲ୍ଲ ଆର ଝି' ପ୍ରତିମାକେ ନେଇ ତାକର ସଁସାର। ଅଭିଲ ଛୋଟ୍‌ବେଲୁ ବାପ୍ ଅଜାରନୁ ମାଏଟ୍ କାରିଗରୀ ଶିଖିଥିଲେ। ସେ ମାଏଟ୍‌ରେ ଭିନେ ଭିନେ ସାମାନ ତିଆରି ଆସର ପାସର ଗାଁଗଁଡ଼ାରେ ବିକି କୁଟୁମ ପୁଷିବାର ସଂଗେ ନିଜର ଦୁଇ ପୁଓ ଝି'କେ ଯୁକ୍ତ ଦୁଇ ତକ୍ ପାଠ୍ ପଢ଼େଇଛନ୍। ଏହେଦେ ତାକର ପୁଓ ପ୍ରଫୁଲ୍ଲ ଗାଁଗାଁ ବୁଲି ପେଣ୍ଟର କାମ୍ କରି ଦୁଇ ପଏସା କମଉଛନ୍। ଝି' ପ୍ରତିମା ଯୁକ୍ତ ଦୁଇ ସାଏଲାରୁ ଘରେ ରହି ମା'ବାପ୍‌କେ ସାହାଯ୍ କରୁଛନ୍। ଅଭିଲ ଝନେ କୁଶଲି ମାଏଟ୍ କାରିଗର। ହେଲେ ସେ ଆଏଜ୍‌ତକ୍ କେହେନ୍‌ସି ସରକାରୀ ପୋରଛାହନ୍ ନାଇଁ ପାଇଥିବାର କହିଛନ୍। ସେନ୍‌ତା ତାକର ପରିବାର ନିହାତି ଗରିବ୍ ଆର ଅଭିଲ ୬୦ ବଛର ପାର କରିଥିଲେ ବି ସରକାରୀ ଯୋଜନାରେ ପକାଘର ଖଁଡ଼େ ଆର ଭତା ପାଏବାରୁ ବଁଚିତ୍ ଥିବାର କହିଛନ୍। ଥାନୀୟ ପରଶାସନ ଇ ଗରିବ୍ କୁଶଲି କାରିଗରକୁଁ ସରକାରୀ ପୋରଛାହନ୍ ସଂଗେ ଭତା ଆର ଆବାସ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।

## ସଂକ୍ଷେପରେ

### ହାଇସ୍କୁଲ ଶିକ୍ଷକ କର୍ମଚାରୀ ସଂଘର ନୂଆଁଖାଇ ଭେଟ୍‌ଘାଟ୍

**ବେଲପଡ଼ା,୨୦।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକସ୍ତରୀୟଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘର ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବ ବେଲପଡ଼ା ବ୍ଲକ ଯୁବା ଡିଏସ୍‌ପି ହାଇସ୍କୁଲ ପରିସର ରବିବାର ଅନୁଷ୍ଠିତ ହୋଇଯାଇଛି। ବେଲପଡ଼ା ଡିଆର୍ ମେହେର ହାଇସ୍କୁଲର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ଓ ଯୁବା ହାଇସ୍କୁଲର ପ୍ରଧାନ ଶିକ୍ଷକ ଗୋପାଳ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ବିଜ୍ଞାନ ଶିକ୍ଷକ ପଦ୍ମମୁଖ ପାଣିଗ୍ରାହୀ ପରିଚାଳନା କରିଥିଲେ। ସଭାରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ନୀଳମଣି ପଟେଲ, ଅବସର ପ୍ରାପ୍ତ ଶିକ୍ଷକ ସାରଙ୍ଗଧର ଠାକୁର ପ୍ରମୁଖ ଯୋଗଦେଇ ଶିକ୍ଷାନୁଷ୍ଠାନରେ ଶିକ୍ଷକମାନେ ଛାତ୍ରୀଛାତମାନଙ୍କୁ ସମୟର ମୂଲ୍ୟ ଉପରେ ଅବଗତ କରାଇବା ସହ ନିଜେ ସମୟାନୁବର୍ତ୍ତୀ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବେଲପଡ଼ା ବ୍ଲକର ଅବସର ପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ହୃଦାନନ୍ଦ ବେହେରା, ମଣ୍ଡଳ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ରାଧାମୋହନ ପାଢ଼ୀ, କର୍ମଚାରୀ ଘନଶ୍ୟାମ ପଧାନଙ୍କୁ ଅତିଥି ଓ ଶିକ୍ଷକମାନେ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ସମାବେଶରେ ବ୍ଲକର ୨୮ଟି ସ୍କୁଲର ଶତାଧିକ ଶିକ୍ଷକ ଏବଂ କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ ସିହିନୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ସଙ୍ଗୀତ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବକଙ୍କୁ ଲୁଟ୍: ଧରାପଡ଼ିଲେ ୨ ଲୁଟେରା

**ବଲାଙ୍ଗୀର ଅଫିସ,୨୦।୧୦**







ଗିରଫ୍ ଦୁଇ ଲୁଟେରା ପ୍ରେମ୍ ଓ ବାପି(ବାମ), ଜବତ୍ ଖେଳଣା ବନ୍ଧୁକ, ଟଙ୍କା, ୨ ମୋବାଇଲ(ମଝି) ଓ ବାଇକ୍।

- **ଲୁଟେରାଙ୍କ ଠାରୁ ଚାଇନା ନିର୍ମିତ ଖେଳଣା ବନ୍ଧୁକ ଜବତ୍**
- **ହିରୋହୋଣ୍ଡା ଡିଲକ୍ସ ବାଇକ୍, ୨ ମୋବାଇଲ ସହ ୧୨୯୫ ଟଙ୍କା ଉଦ୍ଧାର**
- **ଦୁଇଦିନରେ ଦୁଇଜଣଙ୍କୁ ସମାନ୍ ଢଙ୍ଗରେ ଲୁଟ୍ କରିଥିଲେ**
- **ଲୁଟ୍‌ର ଶିକାର ହୋଇଥିଲେ ଜଣେ ପୋଲିସ କର୍ମଚାରୀ**

ବଲାଙ୍ଗୀର ରେଳୱେ ଷ୍ଟେଶନ୍ ରାସ୍ତାର ଏଫ୍‌ସିଆଇ ଗୋଦାମ ନିକଟରେ ରବିବାର ଭୋର ସକାଳ ୪ଟା ସମୟରେ ଜଣେ ଯୁବକଙ୍କୁ ଲୁଟ୍ କରୁଥିବା ସମୟରେ ପୋଲିସ ହାବୁଡରେ ପଡିଛନ୍ତି ଦୁଇ ଲୁଟେରା । ସେମାନେ ହେଲେ ବଲାଙ୍ଗୀର ସହର ବ୍ରାହ୍ମଣପଡାର ପ୍ରେମ ବଗର୍ତ୍ତୀ (୨୮) ଓ ତାଲପାଲିପଡାର ବାପି ଓରଫ୍ ସୌମେନ୍ଦ୍ର ପାଲ (୨୫) । ଏହି ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ରବିବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି । ଲୁଟ୍‌ରେ ସାମିଲ ଥିବା ଅନ୍ୟ ଦୁଇ ଲୁଟେରା ଖସି ଯିବାକୁ ସକ୍ଷମ ହୋଇଛନ୍ତି। ଫେରାର ଥିବା ଦୁଇ ଯୁବକ ହେଲେ ହାଟପଦାପଡାର ସଞ୍ଜୀବ ଜେନା ଓ ରାଧାରାଣୀପଡାର ହେମନ୍ତ କାଲସାଏ । ଏହି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଟାଉନ୍ ଥାନା ପୋଲିସ ପକ୍ଷରୁ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିବା ସଦର ଏସଡିପିଓ ଶ୍ରୀମନ୍ତ ବାରିକ ରବିବାର ପ୍ରେସ୍‌ମିଟରେ ସୂଚନା ଦେଇଛନ୍ତି ।

ବରଗଡ ଜିଲା ଗାଇସିଲେଟ୍ ଥାନା ଅନ୍ତର୍ଗତ ଉମରାଡ ଗାଁର ରଞ୍ଜନ ବୁଡେକ୍ ନାମକ ଜଣେ ଯୁବକ ଶନିବାର ରାତିରେ ରାଉରକେଲାରେ ଏକ ପରୀକ୍ଷା ଦେଇ ଟ୍ରେନ୍ ଯୋଗେ ବଲାଙ୍ଗୀର ରେଳୱେ ଷ୍ଟେସନ୍‌କୁ ଫେରିଥିଲେ । ଶନିବାର ରାତି ପ୍ରାୟ ସାଢ଼େ ୧୧ଟା ହୋଇଯାଇଥିବାରୁ ସେ ରବିବାର ଭୋର ସକାଳ ୪ଟା ପର୍ଯ୍ୟନ୍ତ ରେଳୱେ ଷ୍ଟେସନ୍‌ରେ ଅଟକି ରହିଥିଲେ । ଏହାପରେ ସେ ରେଳୱେ ଷ୍ଟେଶନ୍‌ରୁ ଚାଲିକରି ବଲାଙ୍ଗୀର ସରକାରୀ ବସଷ୍ଟାଣ୍ଡକୁ ଆସୁଥିଲେ । ଏହି ସମୟରେ ରେଲୱେ ଷ୍ଟେସନ୍ ରାସ୍ତାର ଏଫ୍‌ସିଆଇ ଗୋଦାମ ନିକଟରେ ଦୁଇଟି ବାଇକ୍‌ରେ ୪ ଜଣ ଲୁଟେରା ରଞ୍ଜନଙ୍କୁ ଅଟକାଇ ବନ୍ଧୁକ ଦେଖାଇ ତାଙ୍କ ଠାରୁ ମନିପର୍ସ ଛଡାଇ ନେବାବେଳେ ରଞ୍ଜନ ଚିତ୍କାର ଛାଡିଥିଲେ । ଏତିକି ବେଳେ ପେଟ୍ରୋଲିଂ କରୁଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ଘଟଣାସ୍ଥଳକୁ ପହଞ୍ଚି ସେଠାରୁ ୨ ଜଣ ଲୁଟେରା ପ୍ରେମ୍ ଓ ବାପିଙ୍କୁ କାବୁ କରି ନେଇଥିଲେ । ସେମାନଙ୍କ ଠାରୁ ହିରୋହଣ୍ଡା ଡିଲକ୍ସ ବାଇକ୍ (ଓଡି୦୩ ଏଫ୍ ୦୫୫୭), ୧୨୯୫ ଟଙ୍କା, ଦୁଇ ମୋବାଇଲ ଜବତ୍ କରାଯାଇଥିଲା । ଗତ ଶୁକ୍ରବାର ରାତି ପ୍ରାୟ ୧ଟା ୪୫ ମିନିଟ୍ ସମୟରେ ଏଭଳି ସମାନ୍ ଢ଼ଙ୍ଗରେ ଅନ୍ୟ ଜଣେ ପୋଲିସ କର୍ମଚାରୀଙ୍କୁ ଏହି ଲୁଟେରା ଦଳ ଲୁଟ୍ କରିଥିଲେ । ମାଲକାନଗିରିରେ ପୋଲିସର ସ୍ୱତନ୍ତ୍ର ଅଭିଯାନ ଦଳରେ କାର୍ଯ୍ୟରତ ଥିବା ବିଦ୍ୟାପତି ନାଗ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧ଟା ବେଳେ ମାଲକାନଗିରିରୁ ଏକ ବସ୍ ଯୋଗେ ବଲାଙ୍ଗୀର ଭାଗିରଥି ଛକରେ ପହଞ୍ଚି ଥିଲେ । ଏହି ଛକରେ ତାଙ୍କୁ ନେବା ପାଇଁ ତାଙ୍କର ଭାଇ ଏକ ବାଇକ୍ ଯୋଗେ ଅପେକ୍ଷାରତ ଥିଲେ । ସେଠାରୁ ଭାଇ ସାଙ୍ଗରେ ବାଇକ୍ ଯୋଗେ ବିଶ୍ୱପତି ନିଜ ଗାଁ ଆଟଗାଁ ଅଭିମୁଖେ ଯାଇଥିଲେ । ସହର ପାରିହେବା ପରେ ଆଟଗାଁ–ବିଷ୍ଣୁମୁଣ୍ଡା ରାସ୍ତାର କବରସ୍ଥାନ ନିକଟରେ ଦୁଇଟି ବାଇକ୍‌ରେ ୪ ଜଣ ଲୁଟେରା ସେମାନଙ୍କୁ ଅଟକାଇ ପିସ୍ତଲ ଦେଖାଇ ତାଙ୍କ ଠାରୁ ମନିପର୍ସ ଛଡାଇ ନେଇଥିଲେ । ଉକ୍ତ ମନିପର୍ସରେ ୨ ହଜାର ଟଙ୍କା ରହିଥିଲା । ଦୁଇଭାଇଙ୍କୁ ଲୁଟ୍ କରିବା ପରେ ଲୁଟେରାମାନେ ଫେରାର ହୋଇଯାଇଥିଲେ । ରବିବାର ଭୋର ସକାଳୁ ଏହି ଲୁଟେରା ଦଳ ସମାନ ଢ଼ଙ୍ଗରେ ଲୁଟ୍ କରୁଥିବାବେଳେ ପୋଲିସ ହାବୁଡରେ ଧରାପଡିଥିଲେ। ଗିରଫ ଦୁଇ ଅଭିଯୁକ୍ତ ଉଭୟ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିବା ଏସଡିପିଓ ବାରିକ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଟାଉନ୍ ଥାନା ଆଇଆଇସି ସଂଗ୍ରାମ କେଶରୀ ପଟ୍ଟନାୟକ ଉପସ୍ଥିତ ଥିଲେ ।

## ଚକ୍ଷୁ ପରୀକ୍ଷା ଶିବିର

**ଲୋଇସିଂହା,୨୦।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅଞ୍ଚଳର ୩ ଶହରୁ ଉର୍ଦ୍ଧ୍ୱ ଲୋକଙ୍କ ଅଖି ପରୀକ୍ଷା କରାଯାଇଥିଲେ। ୧୩୪ ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇଥିଲା । ରବିବାର ୬୭ଜଣଙ୍କୁ ଅସ୍ତ୍ରୋପଚାର ପାଇ ନିଆଯାଇ ଥିବାବେଳେ ସୋମବାର ୫୭ ଜଣକୁ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟକୁ ପଠାଯିବ। ଯୋଗୀସର୍ଡା ପଞ୍ଚାୟତ ଓ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ମିଳିତ ଆନୁକୂଲ୍ୟରେ ଶିବିର ହୋଇଥିଲା । ଟେକନିସିଆନ ସିଦ୍ଧେଶ୍ୱର ସାହୁ, ଅରୂପ ପଧାନ ଓ ସୁରଜ ପଧାନଙ୍କ ସହେଯାଗରେ ଡାକ୍ତର ରୂପେଶ ପଧାନ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଶିବିରକୁ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ପଧାନ, ସୀତାରାମ ମିଶ୍ର, ଗୁରୁଦେବ ପଧାନ, ସାନନ୍ଦ ସାହୁ , ସୋମନାଥ ପଧାନ ପ୍ରମୁଖ ସହ ଯୋଗ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ଡାଲଖାଇ ମହୋତ୍ସବ ଉଦ୍‌ଘାଟିତ

# ପାରମ୍ପରିକ ନୃତ୍ୟରେ ଦୁଲୁକିଲା ମଞ୍ଚ

**ଖପ୍ରାଖୋଲ,୨୦।୧୦(ଡି.ଏନ.ଏ.)**



କଳାକାରମାନେ ଘୋଡାନାଚ ନୃତ୍ୟ ପରିବେଷଣ କରୁଛନ୍ତି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଅଧୀନ ବେନକେରା ଗ୍ରାମରେ ସପ୍ତମ ଡାଲଖାଇ ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି । ଲିଙ୍ଗରାଜ ପୁଟେଲଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଧଣ୍ଡାମୁଣ୍ଡା ସରପଞ୍ଚ ପ୍ରତିନିଧି ପଞ୍ଚାନନ କୁମ୍ଭାର, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ରଘୁନାଥ ସିଂ ବରିହା, ସମାଜିକ କର୍ମୀ ଜ୍ୟୋତିରଞ୍ଜନ ପଣ୍ଡା, ପୂର୍ବତନ ସମିତି ସଭ୍ୟ ସୁନନ୍ଦ କୁମାର ପୁଟେଲ, ସୁଜାତା ସାହୁ ପ୍ରମୁଖ ଯୋଗଦେଇ ପଶ୍ଚିମ ଓଡିଶାର ମହାନ ସାଂସ୍କୃତିକ ଲୋକନୃତ୍ୟ ଡାଲଖାଇ ଏବଂ ଏହାର ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପାରମ୍ପରିକ ଲୋକନୃତ୍ୟ, ଲୋକବାଦ୍ୟ ପରିବେଶିତ ହୋଇଥିଲା। ଏକରି କି ଡାଲଖାଇ ସାଂସ୍କୃତିକ କଳାପରିଷଦ ବେନକେରାର ଦୁଲଦୁଲି ବାଦ୍ୟ, ମା' କାଳୀ ଘୋଡା ନାଚ କଳାପରିଷଦ କଟାପାଲିର ଘୋଡାନାଚ, ମା' ବିନ୍ଧ୍ୟାବାଶିନୀ କଳାପରିଷଦ ଦମେଇପାଲିର ଦୁଲଦୁଲି ବାଦ୍ୟ, ମା' ସମେଲେଶ୍ୱରୀ କଳା ପରିଷଦ ପୋଡମୁଣ୍ଡର ଗୌଡ ବାଡି ନୃତ୍ୟ ଏବଂ ଫୋକ ଡ୍ୟାନ୍ସ ଗ୍ରୁପ ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟ ଗୀତରେ ମଞ୍ଚ ଦୁଲୁକି ଉଠିଥିଲା। ଶେଷରେ ଭୋଜରାଜ ବରିହା ଧନ୍ୟବାଦ ଜ୍ଞାପନ କରିଥିଲେ। ଡାଲଖାଇ ମହୋତ୍ସବ ୨୩ ତାରିଖ ପର୍ଯ୍ୟନ୍ତ ଚାଲିଛି ।



ଡାଲଖାଇ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ କଳାକାଳରମାନେ ଗୌଡ ବାଡ଼ି ନୃତ୍ୟ ପରିବେଷଣ କରୁଛନ୍ତି।

■ ଗୋରୁ ଚୋରା ଚାଲାଣ

# ୧୪୮ ଗୋରୁ ଜବତ, ବାପ ପୁଅ ଅଟକ

**ସଇଁତଲା,୨୦।୧୦(ଡି.ଏନ୍.ଏ.)**



ଜବତ ହୋଇଥିବା ଗୋରୁ।

ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳରୁ ବେଆଇନ ଗୋରୁ ଚାଲାଣ ହେଉଥିବା ଅଭିଯୋଗରେ ସଇଁତଲା ଥାନା ପୋଲିସ ରବିବାର ୧୪୮ଗୋରୁ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ବାପ ପୁଅଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ବୁତାବକ, ପାଟଣାଗଡ଼ ଉପଖଣ୍ଡ କେନ୍ଦୁମୁଣ୍ଡି ଅଞ୍ଚଳରୁ କିଛି ବର୍ଷ ହେଲା ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ଅଭିଯୋଗ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ସଇଁତଲା ଥାନା ଅନ୍ତର୍ଗତ ବଡ଼ମାଳ ଫାଣ୍ଡି ଅଧୀନ ରେଙ୍ଗାଲି ଗ୍ରାମରେ ଶତାଧିକ ଗୋରୁ ଅବ୍ୟବସ୍ଥାରେ ରହିଥିବା ବଲାଙ୍ଗୀର ଜିଲା ବଜରଙ୍ଗ ଦଳ ସଂଯୋଜକ ସୁବ୍ରତ ନାଗ ଦେଖିବାକୁ ପାଇଥିଲେ। ଏନେଇ ସେ ସଇଁତଲା ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୨୬୫/୧୯)ରୁଜୁ କରି କେନ୍ଦୁମୁଣ୍ଡି ଗ୍ରାମର ବାପ ପୁଅଙ୍କୁ ଅଟକ ରଖି ତଦନ୍ତ କରାଯାଉଥିବା ଏସ୍‌ଆଇ ସଙ୍ଗୀତା ବେକ କହିଛନ୍ତି। ଅନ୍ୟପକ୍ଷେ ଟିଟିଲାଗଡ଼ ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀ ଓ ବଲାଙ୍ଗୀର ଜିଲା ପ୍ରାଣୀଧନ ଅଧିକାରୀ ଶୈଳେନ୍ଦ୍ର ନାରାୟଣ ଶତପଥୀ ସଇଁତଲା ଥାନାରେ ଉପସ୍ଥିତ ରହି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ପରେ ପୋଲିସ ଅଟକ ବାପ ପୁଅଙ୍କୁ ପିଆର୍ ବଣ୍ଡରେ ଛାଡିଥିବା ଜଣାପଡିଛି। ଗୋ ଚାଲାଣର ବଡ ବଡିଆଙ୍କ ହାତ ଥିବା ଅଭିଯୋଗ ହୋଇଛି।

## ସତ୍ୟସାଇ ବାବାଙ୍କ ଅବତାର ଦିବସ ପାଳିତ

**ଗୁଡଭେଲା,୨୦।୧୦(ଡି.ଏନ୍.ଏ.):** ତୁଷୁରା ସତ୍ୟସାଇ ସେବା ସମିତି ପକ୍ଷରୁ ଗୁଡଭେଲା ବ୍ଲକ ଅନ୍ତର୍ଗତ ପିପଲମୁଣ୍ଡା ଗ୍ରାମରେ ସତ୍ୟସାଇ ବାବାଙ୍କ ଅବତାର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ନଗର ସଂକୀର୍ତ୍ତନ, ଅଷ୍ଟୋତ୍ତର ପୂଜା, ସାଇ ଭଜନ କାର୍ଯ୍ୟକ୍ରମ ହୋଇଥିଲା। ପରେ ବନ୍ଦିତା ନାଏକଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶ୍ରୀରାମଲୀଳାର ୧୨ଜଣ କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଶୋକ ପ୍ରଧାନ, ନିତ୍ୟା ପ୍ରଧାନ, ସଞ୍ଜୀବ ପ୍ରଧାନ, ସନ୍ତୋଷ, ସରୋଜ, ମୁକେଶ, ଜିତେନ ପ୍ରମୁଖ ସହଯୋଗ କରିଥିଲେ।

# ମଦ ପାଉଚ ଜବତ କରି ନଷ୍ଟ କଲେ ମହିଳାମାନେ

**ସଇଁତଲା,୨୦।୧୦(ଡି.ଏନ୍.ଏ.)**



ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଦ୍ୱାରା ଜବତ ହୋଇଥିବା ମଦ।

ସଇଁତଲା ବ୍ଲକ ଅଧୀନ ଡୁଙ୍ଗୁରୀପାଲି ପଞ୍ଚାୟତର ବାଦିପଡ଼ା ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ରବିବାର ସନ୍ଧ୍ୟାରେ ଗ୍ରାମର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମଦ ଜବତ କରି ନଷ୍ଟ କରିଛନ୍ତି। ବାଦିପଡ଼ା ଗ୍ରାମରେ ଦୀର୍ଘ ଦିନ ହେଲା ମଦ ବିକ୍ରି ହେଉଥିବା ବେଳେ ଲୋକେ ମଦ ପିଇ ଗ୍ରାମରେ ଅଶାନ୍ତି ପରିବେଶ ସୃଷ୍ଟି ହେଉଥିଲା। ଏନେଇ ୯ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ରବିବାର ଗ୍ରାମର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୦୨ଟି ମଦ ପାଉଚ ଏବଂ ୧୨ଟି ବିୟର କେନ ଜବତ କରିଥିଲେ। ପରେ ଅନୁଷ୍ଠିତ ସଭାରେ ଜବତ ମଦକୁ ନଷ୍ଟ କରିଦିଆଯାଇଥିଲା। ଆଗାମୀ ଦିନରେ ଗାଁରେ ମଦ ବିକ୍ରୟ କଲେ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଜିମା ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହିଳାମାନେ ପ୍ରକାଶ କରିଛନ୍ତି। ଚଢ଼ାଉରେ ଲକ୍ଷ୍ମୀବାଈ, ବିଶ୍ୱ ମା' ତାରିଣୀ, ସାବିତ୍ରୀ, ମା' କଲ୍ୟାଣୀ, ମା' ମହାଲକ୍ଷ୍ମୀ, ମା' ସରସ୍ୱତୀ, ମା' ସନ୍ତୋଷୀ, ବିଶ୍ୱ ମା' ବନଦୁର୍ଗା ଓ ବିଶ୍ୱ ମା' ପାର୍ବତୀ ପ୍ରମୁଖ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ କବି ଓ କଳାକାର ସମ୍ମିଳନୀ

**ଗୁଡଭେଲା,୨୦।୧୦(ଡି.ଏନ୍.ଏ.)**



ଅତିଥିମାନେ ଜଣେ କଳାକାରଙ୍କୁ ମାନପତ୍ର ଦେଇ ସମ୍ମାନିତ କରୁଛନ୍ତି।

ବଲାଙ୍ଗୀର ଜିଲା ତୁଷୁରା ଆଞ୍ଚଳିକ କବି ପରିଷଦ ଅନୁକୂଲ୍ୟରେ ଗୁଡଭେଲା ବ୍ଲକ ଅନ୍ତର୍ଗତ ରୁଷୁଡା ଗ୍ରାମସ୍ଥିତ ସୈନିକ ସ୍କୁଲ ପରିସରରେ ରବିବାର ଜିଲାସ୍ତରୀୟ କବି ଓ କଳାକାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଯୁଗଳ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁରୁ ଘାସିରାମ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରସରାଜ ଅଚ୍ୟୁତ ପୁରୋହିତ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନିଜ କବିତା ମାଧ୍ୟମରେ ଉପସ୍ଥିତ ଦର୍ଶକଙ୍କ ମନମୋହି ଥିଲେ। ସାମାଜିକ କର୍ମୀ ଦିନଦୟାଲ କେଡିଆ, ଗୌଡଗୋଠ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମରାଜ ପ୍ରଧାନ, ବାଣୀ ପୁତ୍ର ସୁଧାକର ପ୍ରଧାନ ଓ ତୁଷୁରା ମାରୱାଡି ଯୁବା ମଞ୍ଚ ସଭାପତି ମନୋଜ କୁମାର ଜୈନ ସମ୍ମାନନୀୟ ଅତିଥି ଭାବେଯୋଗ ଦେଇଥିଲେ। ଆୟୋଜକ କମିଟି ସଭାପତି କୃଷ୍ଣଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଶୁ କବି ହେମନ୍ତ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ପୂର୍ବତନ ସିଆରସିସି ତଥା କବି ଶ୍ୟାମ ସୁନ୍ଦର ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ହୃଦାନନ୍ଦ ସୁନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଅତିଥିମାନେ 'ସାଧନା' ପତ୍ରିକାର ଲୋକର୍ପଣ କରିଥିଲେ। ପତ୍ରିକାର ମୁଖ୍ୟ ସମ୍ପାଦକ ଅଶୋକ କୁମାର ପ୍ରଧାନ ଉପସ୍ଥିତ ରହି ପୁସ୍ତକର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରାବଣ ଭୂମିକାରେ ଅଭିନୟ ପାଇଁ ଦେବରାଜ ସାହୁ, କଂସ ପାଇଁ ଅଜୟ ଜୟସ୍ୱାଲ, ଖଳନାୟକ ପାଇଁ ନାରାୟଣ ବୁଡେକ, ସଙ୍ଗୀତ ପରିବେଷଣ ପାଇଁ ଜୟ ଦେବ, ପ୍ରାରମ୍ଭିକ ସଂଗୀତ ପାଇଁ ବିରଞ୍ଚି ଭୋଇ, କୀର୍ତ୍ତନ ଗାୟନ ପାଇଁ ପ୍ରମିଳା ସାହୁ ଓ ମୃଦଙ୍ଗ ବାଦ୍ୟ ରାମେଶ୍ୱର ସାହୁଙ୍କୁ ମାନପତ୍ର ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। କବି ଓ କଳାକାରମାନେ ନିଜ କବିତା ଓ କଳା ପ୍ରଦର୍ଶନ କରିଥିବା ବେଳେ ଲେଖକ ତ୍ରିନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ



### ଆଶାୟୀ କନିଷ୍ଠ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

**ନୂଆପଡା ଅଫିସ,୨୦।୧୦-** ନୂଆପଡା ଜିଲା ଖଡିଆଳ ବ୍ଲକ ଚଲାନପଡାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଜିଲାରେ କାର୍ଯ୍ୟରତ ତାଲିମ ପ୍ରାପ୍ତ ସିଟି, ବିଇଡି ଆଶାୟୀ ଅସ୍ଥାୟୀ ଶିକ୍ଷକ ସଂଘର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । କ୍ଷୀରାବ୍ଧି ବଘେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କନିଷ୍ଠ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାରେ ଶତାଧିକ ସଂଖ୍ୟାରେ ସିଟି, ବିଇଡି ତାଲିମପ୍ରାପ୍ତ ଆଶାୟୀ ପ୍ରାର୍ଥୀମାନେ ବେକାରୀ ହୋଇ ଦିନ କାଟୁଛନ୍ତି। ଅନ୍ୟପକ୍ଷେ ବିଦ୍ୟାଳୟଗୁଡିକରେ ବହୁ ପଦବୀ ଖାଲି ପଡିଛି। ଏହା ଉପରେ ବାରମ୍ବାର ଦାବି କରାଯାଇ ଆସୁଥିଲେ ମଧ୍ୟ ନିଯୁକ୍ତି ମିଳୁନାହିଁ। ଏହାକୁ ନେଇ ଅସନ୍ତୋଷ ବଢିବାରେ ଲାଗିଛି । ଆଗାମୀ ଦିନରେ ସରକାରଙ୍କୁ ଦାବି ଜଣାଇବାକୁ କ'ଣ ସବୁ ପଦକ୍ଷେପ ନିଆଯିବ ସେଥିସକାଶେ ମତାମତ ଗ୍ରହଣ କରାଯାଇଥିଲା । ସରକାର ସେମାନଙ୍କର ଦାବିଗୁଡିକ ଉପରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଜିଲାବ୍ୟାପି ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ସର୍ବସମ୍ମତିକ୍ରମେ ପରମାନନ୍ଦ ପାନ ସଭାପତି, ବୈକୁଣ୍ଠ ନାଥମହାନନ୍ଦ ଉପସଭାପତି, ଖୁଦିରାମ ବୈଠାରୁ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ ।

### ଭୋଟର ସଚେତନତା କାର୍ଯ୍ୟକ୍ରମ

ରିଷିଡା,୨୦।୧୦(ଡି.ଏନ.ଏ.) କଳାହାଣ୍ଡି ଜିଲା ରିଷିଡା ଜେକେ କଲେଜଠାରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ ମୁଖ୍ୟଅତିଥି, ସହକାରୀ ଜିଲାପାଳ ସୁଦିପ୍ତା ମହାନ୍ତି, ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା ଯୋଗଦେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଅଧାପକ ଦିଲୀପ କୁମାର ଦାସ ସ୍ୱାଗତ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ରିଷିଡା ଜେ. ଡିଗ୍ରୀ କଲେଜର ଅଧକ୍ଷ ଗଦାଧର ପଧାନ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧାପକ ଡ. ଦାଶରଥି ଆଚାର୍ଯ୍ୟ, ହେମନ୍ତ ଚୌଧୁରୀ, ପ୍ରଫୁଲ୍ଲ ହୋତା, ଗିରିରାଜ ଗହୀର, ନୀଳାମ୍ବର ପାତ୍ର ପ୍ରମୁଖ ସହାୟତା କରିଥିଲେ। ଏଥିରେ ଯୁକ୍ତ ୨ ଓ ଯୁକ୍ତ ୩ର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ ।

# ଓଡ଼ିଶା ସାହିତ୍ୟ ଏକାଡେମୀର ସାରସ୍ୱତ ସମାରୋହ

**ସିନାପାଲି,୨୦।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ମହାବିଦ୍ୟାଳୟର ସଭାଗୃହଠାରେ ଓଡିଶା ସାହିତ୍ୟ ଏକାଡେମୀ ଓ ସ୍ଥାନୀୟ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଙ୍ଗାଧର ସାରସ୍ୱତ ସମିତି ମିଳିତ ଆନୁକୂଲ୍ୟରେ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଅଧିବେଶନରେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ.ସୁଶାନ୍ତ କୁମାର ବିଶି ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପ୍ରତ୍ନତାତ୍ତ୍ୱିକ ତଥା ଗବେଷକ ଡ. ଜିତାମିତ୍ର ସିଂ ପ୍ରସାଦ ଦେବ, ସମ୍ମାନିତ ଅତିଥି ବୈଶମ୍ପାୟନ ମେହେର ବିଶିଷ୍ଟ ଆଇନଜୀବୀ ତଥା ପ୍ରାକ୍ତନ ଅଧ୍ୟକ୍ଷ ପଞ୍ଚାୟତ ସମିତି ସିନାପାଲି, ପ୍ରଫୁଲ କୁମାର ପଣ୍ଡା ଭାରପ୍ରାପ୍ତ ଅଧକ୍ଷ ସିନାପାଲି ମହାବିଦ୍ୟାଳୟ, ଡ. ମିହିର ପଟ୍ଟନାୟକ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଫେସର ଡ.ମାନଭନ ପ୍ରଧାନ ଉପସ୍ଥିତଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅଧ୍ୟାପକ ଧ୍ରୁବଚରଣ ପଧାନ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ପୂର୍ବକ ପରିଚୟ ପ୍ରଦାନ କରିଥିଲେ। ସ୍ୱରସଂଗମ କଳା ପରିଷଦ ସିନାପାଲି ଅଧକ୍ଷଙ୍କ ତ୍ରିନାଥ ମେହେରଙ୍କ ନେତୃତ୍ୱରେ କଳାକାରମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଅଧାପକ ନବୀନ ଚନ୍ଦ୍ର ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥିବୃନ୍ଦ ଓଡିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ନିଜର ମତ ଉପସ୍ଥାପନା କରିଥିଲେ। ଯୁବକବି ପ୍ରଦ୍ୟୁମ୍ନ ସିଂ ଚିନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନ ଆଲୋଚନାଚକ୍ରରେ 'ନୂଆପଡା ଜିଲାର ସାରସ୍ୱତ ଦିଗ' : ଅତୀତ ଓ ବର୍ତ୍ତମାନ ଆଲୋଚନାର ଆଲୋଚକ ଭାବେ ବିଭୁଦତ୍ତ ଚଲାନ, ଅଧାପକ ଗୋବିନ୍ଦ ସାହୁ, ଅଧାପକ ସାମୁଏଲ ଦାନୀ ଯୋଗଦେଇ ନିଜର ମତ ଉପସ୍ଥାପନା ମାଧ୍ୟମରେ ଶ୍ରୋତାଙ୍କୁ ବାନ୍ଧି ରଖିଥିଲେ। ଉକ୍ତ ଅଧିବେଶନରେ ବଂଶୀଧର ଜଗତ ଅତିଥିଙ୍କୁ ଆମନ୍ତ୍ରଣ କରି ପରିଚୟ ପ୍ରଦାନ କରିଥିବା ବେଳେ ଦେବପୂଜନ ପରେ ଆଲୋଚନାଚକ୍ର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଉକ୍ତ ଅଧିବେଶନର ସଭା କାର୍ଯ୍ୟକୁ ଅଧ୍ୟାପକ ଲୋହିତାକ୍ଷ ଯୋଷୀ ପରିଚାଳନା କରିଥିବା ବେଳେ ସମ୍ମାନିତ ଅତିଥି ଶିକ୍ଷାବିତ୍ ତୁଳସୀରାମ ମେହେର ଯୋଗଦାନ କରିଥିଲେ । ବିଜୟ କୁମାର ଯୋଷୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ରମେଶ ଚନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରର ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ପ୍ରତିଭା ସମ୍ପନ୍ନ ଲେଖକମାନଙ୍କ ଦ୍ୱାରା ଲିଖିତ ପୁସ୍ତକ ମେଳାର ଆୟୋଜନ କରାଯାଇଥିଲା । ସେହିପରି ଦ୍ୱିତୀୟ ଅଧିବେଶ କବିତା ଆସରରେ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଙ୍ଗାଧର ସାରସ୍ୱତ ସମିତି ସଭାପତି ଯୁବକବି ବୈଷ୍ଣବ ମେହେର ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବରିଷ୍ଠ କବି ଚଣ୍ଡିଚରଣ ବିଶି, ସମ୍ମାନିତ ଅତିଥି ଜ୍ୟୋତିରନ ଗୌଡ ଥାନାଧିକାରୀ ସିନାପାଲି, ନୀଳଲୋହିତ ସିଂ ଦେବ ଉପସ୍ଥିତ ଥିଲେ। କବିତା ପାଠୋତ୍ସବକୁ ଡ.ଗୀତାଶ୍ରୀ ପ୍ରିୟମ୍ବଦା ଓଡିଆ ଅଧ୍ୟାପିକା ଖଡିଆଳ ମହାବିଦ୍ୟାଳୟ, ଯୁବକବି ଲଳିତ କୁମାର ସୁନାରୀ, ମାୟାଧର ସରାଫ ପ୍ରମୁଖ ସଂଯୋଜନା କରିଥିଲେ। ଏହି ଆସରର ପ୍ରାରମ୍ଭରେ ଶିବପ୍ରସାଦ ମେହେର ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଗଣପତି ବାଗ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।ସାରସ୍ୱତ ସମିତିର ସଦସ୍ୟ ବିଦ୍ୟରନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଓଡିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶତାଧିକ କବି ଓ କବିୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଏନସିସି, ରେଡକସ୍ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ପରେଶନାଥ ପାଣିଗ୍ରାହୀ, ମନୋରଞ୍ଜନ ମେହେର, ନିକୁଞ୍ଜ ବିହାରୀ ସା, ଗୌତମ ମେହେର, ମୋହନ ଚରଣ ଦାସ, ଲୋଚନ ମେହେର, ବିକାଶ ଖର୍ସେଲ, ବୈକୁଣ୍ଠ ମେହେର, ଈଶ୍ୱର ମେହେର, ହୀରାଧର ମେହେର, ରୋହିତ ମେହେର, ଦିବ୍ୟରନ ନାଏକ, ଜିତୁ ମେହେର ତଥା ଗଙ୍ଗାଧାର ସାରସ୍ୱତ ସମିତି ସମସ୍ତ କର୍ମକର୍ତ୍ତା, ଓଡିଶା ସାହିତ୍ୟ ଏକାଡେମୀ କର୍ମକର୍ତ୍ତାଙ୍କ ସମେତ ଅଞ୍ଚଳର ସାହିତ୍ୟ ପ୍ରେମୀ, ସାମାଜିକ କର୍ମୀ ତଥା ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

### ଯୋଗଦେଲେ ଓଡ଼ିଶାର ବିଶିଷ୍ଟ କବି, କବୟିତ୍ରୀ




ଓଡ଼ିଶା ସାହିତ୍ୟ ଏକାଡେମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ବ୍ୟକ୍ତିବିଶେଷ।

## ବୁଢ଼ାରଜା ସାଂସ୍କୃତିକ ମଞ୍ଚରେ ନାଚିଲେ ବିଧାୟକ

**କୋକସରା,୨୦।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଶେଷ ସୀମାନ୍ତରେ ଥିବା ବୁଢାରଜାଙ୍କ ଦଶରା ଯାତ୍ରା ଶନିବାର ପାଳିତ ହୋଇଛି। ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ ସାମିଲ ହୋଇଥିଲେ। ଏହି ଅବସରରେ ବୁଢାରଜା ମଞ୍ଚରେ ଅନେକ ଲୋକନୃତ୍ୟ ସହ ଘୁମୁରା ପ୍ରଦର୍ଶନ ହୋଇଥିଲା। ବଲାଙ୍ଗୀର ଜିଲା ଲୋଇସିଂହାରୁ ଆସିଥିବା କଳାକାରମାନଙ୍କ ଲୋକନୃତ୍ୟରେ ନିଜକୁ ରୋକି ନ ପାରି କମିଟି ସଦସ୍ୟ ଓ ଲୋକ କଳାକାରମାନଙ୍କ ଗହଣରେ ବିଧାୟକ ନାଚିଥିଲେ। ବିଧାୟକ ନାଚଗୀତରେ ନିଜକୁ ସାମିଲ କରିଥିବା ଦେଖି ଦର୍ଶକମାନେ ମଧ୍ୟ ମନ୍ତ୍ରମୁଗ୍ଧ ହୋଇପଡିଥିଲେ। ଏହି ଅବସରରେ ଭବାନୀପାଟଣା ବ୍ଲକ ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ମହାକୁଡ, କୋକସରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଗୋବର୍ଦ୍ଧନ ବାଗ, ଆମପାଣି ଥାନା ଅଧିକାରୀ ପୁଷ୍ପାଞ୍ଜଳୀ ନିଙ୍ଗି, ଆମପାଣି ସମିତି ସଭ୍ୟା ମାଧୁରୀ ନାଏକ, ଆମପାଣି ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡାମାଝି, ବୁଢାରଜା ପୂଜା କମିଟି ସଭାପତି ରତ୍ନରାଜ ମାଝି, ବିଘ୍ନେଶ୍ୱର ନାଏକ, ଜିତେନ୍ଦ୍ର ପଣ୍ଡା, ଗଙ୍ଗାଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମାଲି ସମାଜର ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

**ଖଡିଆଳ,୨୦।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଅଗ୍ରସେନ ଭବନଠାରେ କୋଶଳେଶ୍ୱର ମାଲି ସମାଜ ଯୁବକ ସଙ୍ଗଠନ ପକ୍ଷରୁ ରବିବାର ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ଖଡିଆଳସ୍ଥିତ କେଶଲେଶ୍ୱର ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ମାଲି ସମାଜର ଶହ ଶହ ମହିଳା କଳସ ଯାତ୍ରାରେ ବାହାରି ଅଗ୍ରସେନ ଭବନଠାରେ ପହଞ୍ଚିଥିଲେ । ସେଠାରେ ମାଲି ସମାଜ ଇଷ୍ଟଦେବତା ଈଶ୍ୱରଙ୍କ ନିକଟରେ ନବାନ୍ନ ଲାଗି ହେବା ପରେମାଲି ସମାଜର ଛୋଟରୁ ବୟସ୍କ ଯାଏ ଏକତ୍ରିତ ହୋଇ ନବାନ୍ନ ଭକ୍ଷଣ କରିଥିଲେ । ପରେ ମାଲି ସମାଜ ଯୁବ ସଙ୍ଗଠନ ସଭାପତି ଯୁଧିଷ୍ଠିର ପଟେଲଙ୍କ ସଭାପତିତ୍ୱରେ ଜିଲାସ୍ତରୀୟ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଲମ୍ବୋଧର ନିଆଲ, ମୁଖ୍ୟବକ୍ତା ମୋହନ ପଟେଲ, ସେବତୀ ପଟେଲ, ଅନିରୁଦ୍ଧ କୁରକରିଆ, ବ୍ରଜସୁନ୍ଦର ପଟେଲ, ଯୁବରାଜ ପଟେଲ, ଈଶ୍ୱର ପଟେଲ, ସଦାନନ୍ଦ ପଟେଲ, ଶେଷଦେବ ପଟେଲ, ବାସୁଦେବ ମରଥା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ନୂଆଁଖାଇ ଭେଟଘାଟ ମାଧ୍ୟମରେ ସାମାଜିକ ଏକତା ସୁଦୃଢ଼ ହେବା ସହ ଶିକ୍ଷା, ଅର୍ଥନୀତି ଓ ରାଜନୈତିକ କ୍ଷେତ୍ରରେ ସଚେତନତା ଆସିଥାଏ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ମାଲି ସମାଜର ସକ୍ରିୟ ସଦସ୍ୟ ବିଜୟ ପଟେଲ, ଦେବରାଜ ପଟେଲ, କିରଣ ପଟେଲ, ତେଜରାଜ ପଟେଲ, ଗୋବିନ୍ଦ ପଟେଲ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିବା ବେଳେ ଶେଷରେ ଯୁବ ସଂଗଠନର ସାଧାରଣ ସମ୍ପାଦକ ନିମାଇଁଚରଣ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମାଲି ସମାଜର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।



ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ୨୧, ୨୨ରେ ବ୍ୟାଙ୍କ ଗ୍ରାହକ ମେଳା

**ଭବାନୀପାଟଣା,୨୦।୧୦ (ଡି.ଏନ.ଏ.)**

କଳାହାଣ୍ଡିରେ ଆସନ୍ତା ୨୧ ଓ ୨୨ ତାରିଖ ୨ ଦିନ ସ୍ଥାନୀୟ ମ୍ୟାରେଜ୍ ପ୍ୟାଲେସ୍‌ଠାରେ ବ୍ୟାଙ୍କ ଗ୍ରାହକ ମେଳା ଆୟୋଜନ କରାଯିବ ବୋଲି ଭବାନୀପାଟଣା ଷ୍ଟେଟ୍ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ରବୀନ୍ଦ୍ର ସେନାପତି କହିଛନ୍ତି। ଏହି ମେଳାରେ ଷ୍ଟେଟ୍ ବ୍ୟାଙ୍କ ସହ ୨୦ଟି ବ୍ୟାଙ୍କ ଯୋଗ ଦେବାକୁ ସହମ୍ମତି ପ୍ରକାଶ କରିଛନ୍ତି। ଗୃହ ଋଣ, ଗାଡି, ଶିକ୍ଷା, ବ୍ୟକ୍ତିଗତ ଋଣ, କୃଷି ଋଣ ଓ ଲଘୁ ଓ କ୍ଷୁଦ୍ର ଉଦ୍ୟୋଗ ପରି ଏକାଧିକ ଋଣ ଉପଲବ୍ଧ କରାଇ ଗ୍ରାହକଙ୍କୁ ସେବା ଯୋଗାଇବା ମେଳାର ମୁଖ୍ୟ ଉଦ୍ଦେଶ୍ୟ। ସେହିପରି ଆଧାର ସଂଯୋଗୀକରଣର ଉପଯୋଗିତା ଏବଂ ସଚେତନତା ସୃଷ୍ଟି କରିବା ସହନିମ୍ନବିତ୍ତ ଗ୍ରାହକଙ୍କ ପାଇଁ ଉଦ୍ଦିଷ୍ଟ ପିଏମ୍‌ଜିଜେବିୱାଇ, ପିଏମ୍‌ଏସ୍‌ବିୱାଇ ଓ ଏପିୱାଇ ଭଳି ଯୋଜନା ସମ୍ପର୍କରେ ବିବରଣୀ ଦିଆଯିବ ବୋଲି ଆଞ୍ଚଳିକ ପରିଚାଳନା କହିଛନ୍ତି।

# ଘର ଘର ବୁଲିଲେ କଳାହାଣ୍ଡି ଏମ୍‌ପି

**ନୂଆପଡା ଅଫିସ,୨୦।୧୦**

ରାଜ୍ୟ ତଥା ଜିଲା ଭାଜପାର ନିର୍ଦ୍ଦେଶକ୍ରମେ ଜିଲାବ୍ୟାପି ପରିବାର ସମ୍ପର୍କ ଅଭିଯାନ ଚାଲିଥିବାବେଳେ ଅନୁସୂଚୀତ ଜାତି ମୋର୍ଚ୍ଚା ତରଫରୁ ମଧ୍ୟ ଏହି ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି । ରବିବାର କାର୍ଯ୍ୟକ୍ରମରେ କଳାହାଣ୍ଡି ଏମପି ତଥା ରାଜ୍ୟ ଭାଜପା ସଭାପତି ବସନ୍ତ କୁମାର ପଣ୍ଡା ଯୋଗଦେଇ ଘର ଘର ବୁଲି ସମ୍ପର୍କ କରିଥିଲେ । ପୂର୍ବାହ୍ନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡମ୍ବରୁଧର ମହାନନ୍ଦ ସଭାପତିତ୍ୱ କରିଥିବାବେଳେ ଏମପି ପଣ୍ଡା, ରାଜ୍ୟ ଉପସଭାପତି ପ୍ରସନ୍ନ କୁମାର ପାଢୀ, ମଣ୍ଡଳ ସଭାପତି ଫୁଲେଶ୍ୱର ଭୋଇ, ପିତାମ୍ବର ନାଗ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଲୋକଙ୍କ ନିକଟତର ହୋଇ ସମସ୍ୟାକୁ ବୁଝିବାକୁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ପରିବାରର ଦ୍ୱାର ମୁହଁକୁ ଯାଇ ଲୋକଙ୍କ ସହ ହାତ ମିଳାଇ ଦୁଃଖସୁଖର ସାଥୀହେଲେ ହିଁ ପ୍ରକୃତ ସମସ୍ୟା ପଦାକୁ ଆସିବ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ତରବୋଡ ବସ୍ତିର ଘରକୁ ଘର ବୁଲି ଲୋକଙ୍କ ସହ ଆଲୋଚନା କରିଥିଲେ । ଲୋକେ ନିକଟରେ ଏମପିଙ୍କୁ ଭେଟି ସବୁ ଅଭିଯୋଗ ସବୁ ଉପସ୍ଥାପନ କରିଥିବା ଦେଖାଯାଇଥିଲା। ଏମପିଙ୍କ ସହ ଶତାଧିକ କର୍ମକର୍ତ୍ତା ବୁଲି ସମ୍ପର୍କ କରିଥିଲେ। ସୂଚନାଯୋଗ୍ୟ ଯେ, ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ଏଠିକାର ଉଚକୁ ପଡାକୁ ବିଜୁଳୀ ସଂଯୋଗ ହୋଇପାରି ନ ଥିଲା । ସରକାରଙ୍କ ସୌଭାଗ୍ୟ ଯୋଜନାରେ ବିଜୁଳି ବ୍ୟବସ୍ଥା କରାଯାଇଛି । ଏହାକୁ ଏମପି ପଣ୍ଡା ଆନୁଷ୍ଠାନିକ ଭାବେ ମଧ୍ୟାହ୍ନରେ ଶୁଭାରମ୍ଭ କରିଛନ୍ତି। ଏହାକୁ ପଡାବାସୀ ସ୍ୱାଗତ କରିଛନ୍ତି। ଶେଷରେ ଅର୍ଜୁନ ଜଗତ ଧନ୍ୟବାଦ ଦେଇଥିଲେ।

### ବିଜୁଳି ସଂଯୋଗୀକରଣ ଉଦ୍‌ଘାଟନ



ପରିବାରକୁ ଯାଇ ସମ୍ପର୍କ କରୁଛନ୍ତ ଏମ୍‌ପି ବସନ୍ତ କୁମାର ପଣ୍ଡା।

# ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ: ଶୋଲବନ୍ଦଙ୍କୁ ହରାଇ ଭେଲା ଚାମ୍ପିୟନ

**କୋମନା,୨୦।୧୦(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ କୋନାବିରା ହାଇସ୍କୁଲ ଖେଳ ପଡିଆରେ ଗତ ୧୩ ତାରିଖରୁ ଚାଲିଥିବା ଏମ୍‌ଏମ୍‌ଏଫସି ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ନିର୍ଦ୍ଧାରିତ ସମୟରେ ଭେଲା ଦଳ ୨-୦ ଗୋଲରେ ଶୋଲବନ୍ଦ ଫୁଟବଲ ଦଳକୁ ହରାଇ ଟ୍ରଫି ହାସଲ କରିଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କୋମନା ବ୍ଲକ ସରପଞ୍ଚ ସଂଘ ସଭାପତି ଈଶ୍ୱର ନାଏକ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ କ୍ଷମାସିଂ ନିଆଁଲ, ଯୁବ କଂଗ୍ରେସ ସଧାରଣ ସମ୍ପାଦକ ଶାହାରୁଖ ଖାନ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରେଫରି ଡୋଲାମଣି ନିଆଁଲ, ଭୁବନେଶ୍ୱର ଛତ୍ରିଆ ଓ କପିଲ ଅଦା ମ୍ୟାଚ ପରିଚାଳନା କରିଥିବା ବେଳେ କଇବଲ ବାଗ ଧାରା ବିବରଣୀ ପ୍ରଦାନ କରିଥିଲେ। ଏମ୍‌ଏମ୍‌ଏଫସି କ୍ଲବ ସଭାପତି ପାଶା ମହାନନ୍ଦ ଓ ସମସ୍ତ ସଦସ୍ୟ ଏହି ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

# ଗୁଣିଗାରେଡ଼ି, ଅନ୍ଧବିଶ୍ୱାସ ବିରୋଧରେ ଜନସଚେତନତା କାର୍ଯ୍ୟକ୍ରମ

**ସିନାପାଲି,୨୦।୧୦ (ଡି.ଏନ.ଏ.)**

ଦିନକୁ ଦିନ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ବିଭିନ୍ନ ଘଟଣା ଘଟିଯାଉଛି। ଏଭଳି ଅନ୍ଧବିଶ୍ୱାସକୁ ରୋକିବା ପାଇଁ ନୂଆପଡା ଜିଲା ସିନାପାଲି ବ୍ଲକସ୍ଥିତ ଯୁଗନପଦରଠାରେ ଅଖିଳ ଭାରତୀୟ ଗୋଣ୍ଡୱାନା ଗଣ୍ଡ ମହାସଭା ଓ ସିନାପାଲି ପୋଲିସ ଆନୁକୂଲ୍ୟରେ ଗୁଣିଗାରେଡି ଓ ଅନ୍ଧବିଶ୍ୱାସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସିନାପାଲି ଥାନା ଅଧିକାରୀ ଜ୍ୟୋତିରନ ଗୌଡ, ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭ୍ରାମ୍ୟମାଣ ଡାକ୍ତର ଭୈରବ ପାଣିଗ୍ରାହୀ, ନୂଆପଡା ଜିଲା ଗୋଣ୍ଡୱାନା ଗଣ୍ଡ ସଭାପତି ପ୍ରସନ୍ନ କୁମାର ମାଝି, ବ୍ଲକ୍ ସଭାନେତ୍ରୀ ରମାକାନ୍ତି ମାଝି, ଗୋଣ୍ଡ ସମାଜ ଜିଲା ଉପଦେଷ୍ଟା ଶଶୀଭୁଷଣ ମାଝି, ହୃଦାନନ୍ଦ ମାଝି, ଦୁର୍ବଳ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ଯୁଗରେ ଅନ୍ଧ ବିଶ୍ୱାସ ଓ କୁସଂସ୍କାରର ବଶବର୍ତ୍ତୀ ହୋଇ ଝଡାଫୁଙ୍କା, ଗୁଣିଗାରେଡି ସମେତ ଅନେକ ଅମାନୁଷିକ କାର୍ଯ୍ୟ କରିଆସୁଛନ୍ତି । ବର୍ତ୍ତମାନ ବିଜ୍ଞାନ ଯୁଗରେ ମଣିଷ ମହାକାଶରେ ଘର ନିର୍ମାଣର ସ୍ୱପ୍ନ ଦେଖୁଥିବା ବେଳେ ଅନ୍ଧବିଶ୍ୱାସ ଓ କୁସଂସ୍କାର ଧୀରେ ଧୀରେ କାୟା ବିସ୍ତାର କରିବାରେ ଲାଗିଛି । ସରକାର ରାଜ୍ୟରେ ୨୦୧୩ ରୁ ଗୁଣିଗାରେଡି ନିରୋଧ ଆଇନ ପ୍ରଣୟନ ହୋଇଥିଲେ ସୁଦ୍ଧା ତାହା ଫଳପ୍ରଦ ହୋଇପାରୁନାହିଁ। ଦିନକୁ ଦିନ ଗୁଣିଗାରେଡି, ଝଡାଫୁଙ୍କା, ଡାହାଣୀ ସନ୍ଦେହ ଅନେକଙ୍କ ଜୀବନହାନୀ ଘଟାଉଛି। ଏପରି ସ୍ଥିତିରେ ଜନସାଧାରଣ ସଚେତନତା ହେବା ଏକାନ୍ତ ଜରୁରୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଫେଲ୍ ମାରୁଛି ପରିମଳ ଯୋଜନା

# ପାଇଖାନା ନିର୍ମାଣର ଟଙ୍କା ମିଳୁନି

**ନୂଆପଡା ଅଫିସ,୨୦।୧୦**

ସରକାର ସ୍ୱଚ୍ଛ ଭାରତ ମିଶନ ଏବଂ ପରିମଳ ଯୋଜନାରେ ବାର୍ଷିକ କୋଟି ଟଙ୍କାର ଯୋଜନା ସବୁ କାର୍ଯ୍ୟକାରୀ କରୁଛନ୍ତି । ହେଲେ ସେମାନଙ୍କୁ ଠିକ ସମୟରେ ପ୍ରୋତ୍ସାହନ ରାଶି ଦେବାରେ ପ୍ରଶାସନ ଅବହେଳା କରୁଛି। ଫଳରେ ଯୋଜନା ଯଥା ପୂର୍ବଂ ତଥା ପର ହୋଇଛି। ଏହାର ନଗ୍ନ ନମୁନା ନୂଆପଡ଼ା ଜିଲା ସୁନାବେଡା ଭଳି ଦୁର୍ଗମ ଅଞ୍ଚଳରେ ଦେଖିବାକୁ ମିଳୁଛି । ଏଠାରେ ଲୋକଙ୍କର ଗରିବୀ ସତ୍ତ୍ୱେ ଧାର କରଜ କରି ପାଇଖାନା ସବୁ ନିର୍ମାଣ କରୁଛନ୍ତି । ହେଲେ ବର୍ଷାଧିକକାଳ ପେମେଣ୍ଟ ଦିଆଯାଉ ନ ଥିବାରୁ ଲୋକଙ୍କ ମେରୁଦଣ୍ଡ ଦୋହଲି ଯାଉଛି। ଉଦାହରଣ ଭାବେ ଖୋଦ ସୁନାବେଡା ବସ୍ତିର କ୍ଷୀର ସିଂ ପରହରିଆଙ୍କ ଯୌଥ ପରିବାରରେ ୪୦ରୁ ଉର୍ଦ୍ଧ୍ୱ ସଂଖ୍ୟକ ସଦସ୍ୟ ରହିଛନ୍ତି। ବୃଦ୍ଧ କ୍ଷୀର ସିଂ ବର୍ତ୍ତମାନ ଅସୁସ୍ଥ ଥିବାରୁ ଚାଲି ବୁଲି ପାରୁନାହାନ୍ତି । ବାହାରକୁ ଶୌଚ ଯିବାରୁ ସମସ୍ୟା ହେଉଥିବା କହିଛନ୍ତି । ଦିନଥିଲା ବଣଜଙ୍ଗଲକୁ ଝରଣାକୁ ଯାଇ ଶୌଚ କରୁଥିଲେ। ହେଲେ ସମୟ କ୍ରମେ ସରକାରୀ ବାବୁଙ୍କ ପରାମର୍ଶ କ୍ରମେ ପାଇଖାନା ନିର୍ମାଣ କରିଛନ୍ତି । ଧାର କରଜ କରି ତିଆରି କରିଛନ୍ତି । ହେଲେ ଏ ବାବଦକୁ ଟଙ୍କା ପାଇବାକୁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ ଟଙ୍କା ମିଳୁନାହିଁ । ଏହାକୁ ନେଇ କ୍ଷୀରସିଂ କ୍ଷୋଭ ପ୍ରକାଶ କରିଛନ୍ତି । ସେ ବଣ ଜଙ୍ଗଲ ପାରିହୋଇ ଦୀର୍ଘ ୪୦ କି.ମି. ଦୂର କୋମନା ବ୍ଲକକୁ ଯାଉଛନ୍ତି ସିନା ଫଳ ଶୂନ ହେଉଛି । ଏହା ଉପରେ ତୁରନ୍ତ ବ୍ଲକ ତଥା ଜିଲା କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି । ଏହା ଉପରେ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରେ ସେ ମଧ୍ୟ ବ୍ଲକକୁ ଜଣାଇଛନ୍ତି। ଖୁବଶୀଘ୍ର ପେମେଣ୍ଟ ହେବ ବୋଲି କୁହାଯାଉଛି ବୋଲି କହିଛନ୍ତି ।



ପରିବାର ଲୋକଙ୍କ ସହ କ୍ଷୀରସିଂ ।



ନିର୍ମାଣ କରିଥିବା ପାଇଖାନାର ଦୃଶ୍ୟ ।

### ଯୌଥ ପରିବାରରେ ୪୦ ଜଣ



“ଅନ୍ୟର କଲ୍ୟାଣ କରିବାଠାରୁ ବଡ଼ ଧର୍ମ କିଛି ନାହିଁ କି ଅନ୍ୟକୁ ପୀଡ଼ାଦେବା ସମାନ ପାପ କିଛି ନାହିଁ।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ବିପର୍ଯ୍ୟୟ ପ୍ରଶମନ ତାଲିମ ଶିବିର

**ରିଷିଡା,୨୦।୧୦ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ରିଷିଡାସ୍ଥିତ ଜେକେ କଲେଜରେ ଦିନିକିଆ ବିପର୍ଯ୍ୟୟ ପ୍ରଶମନ ତାଲିମ ଶିବିର ଆୟୋଜନ ହୋଇଯାଇଛି। ଅଧକ୍ଷ ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ରାଷ୍ଟ୍ରୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ମୁଣ୍ଡଳୀ, କଟକର ତୃତୀୟ ବାଟାଲିୟନ ଟିମ କମାଣ୍ଡର ଇନ୍ସପେକ୍ଟର ଦେବେନ୍ଦ୍ର ପଣ୍ଡା, ସବଇନ୍ସପେକ୍ଟର ବିଶ୍ବନାଥ ବେହେରା, ବଳରାମ ସିଂ, ସୁଦର୍ଶନ ସାହୁ, ନିଶାନ୍ଧ ଭିଏ, ରାଜ କୁମାର ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଅଧାପକ ହେମନ୍ତ ଚୌଧୁରୀ ସ୍ୱାଗତ ଭାଷଣ ଓ ଅଧାପକ ଗିରିରାଜ ଗହୀର ଧନ୍ୟବାଦ ପ୍ରଦାନ କରିଥିଲେ। ଅଧାପକ ଡ. ଦାଶରଥି ଆଚାର୍ଯ୍ୟ, ଦିଲୀପ କୁମାର ଦାସ, ପ୍ରଫୁଲ୍ଲ ହୋତା ପ୍ରମୁଖ ସହାୟତା କରିଥିଲେ ।

### କବି ଜିତେନ୍ଦ୍ର ପାତ୍ରଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

**ଭବାନୀପାଟଣା,୨୦।୧୦ (ଡି.ଏନ.ଏ.)-** ଲୋକକବି ଜିତେନ୍ଦ୍ର ପାତ୍ରଙ୍କ ସ୍ମୃତିରେ ଶୁକ୍ରବାର ଭବାନୀପାଟଣା କଳାହାଣ୍ଡି ଲେଖକ କଳା ପରିଷଦ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ସଭାରେ ଅନୁଷ୍ଠାନ ସଭାପତି ଉମେଶଚନ୍ଦ୍ର ପଣ୍ଡା, ସମ୍ପାଦକ ଭାନୁ ପ୍ରକାଶ ରଥ, ତାପସ ପଟେଲ, ସୁରେନ୍ଦ୍ର ନେଗି, ଭାଗୀରଥି ବେହେରା, ଭୀମସେନ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପାତ୍ର ତାଙ୍କ ସାହିତ୍ୟ ସୃଷ୍ଟି ପାଇଁ ଚିର ସ୍ମରଣୀୟ ହୋଇ ରହିବେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ସ୍ୱର୍ଗତ ପାତ୍ର ଦୀର୍ଘ ଦିନ ଧରି କଳାହାଣ୍ଡି ଲେଖକ କଳା ପରିଷଦ ସକ୍ରିୟ ସଦସ୍ୟ ଥିଲେ। ତାଙ୍କ ବିୟୋଗରେ କଳାହାଣ୍ଡି ସାହିତ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି।

### ଉମ୍ଭ ସମାଜର ପ୍ରସ୍ତୁତି ବୈଠକ

**ପର୍ଲା,୨୦।୧୦(ଡି.ଏନ.ଏ.)-** କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳ ଉମ୍ଭ ସମାଜର ବେହେରାଠାରେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଣ୍ଡପାଟ ଅଧୀନ ୧୬ଟି ପଞ୍ଚାୟତର ପ୍ରମୁଖ ଉମ୍ଭ ସମାଜ ବୟଜେଷ୍ଠ ଯୁବଗୋଷ୍ଠୀ ଓ ସାମାଜିକ କର୍ମୀଙ୍କ ଉପସ୍ଥିତରେ ଏକ ଆଲୋଚନା କରାଯାଇଥିଲା। ଦିଗାମ୍ବର ଦୁରିଆଙ୍କ ନେତୃତ୍ୱରେ ସଭାରେ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଛି। କମିଟିରେ ପ୍ରତେକ ପଞ୍ଚାୟତରୁ ୨ଜଣଙ୍କୁ ମନୋନୀତ କରାଯାଇ ଆଗାମୀ ଦିନରେ ପ୍ରତେକ ପଞ୍ଚାୟତରେ ବୈଠକ କରିବା ବ୍ୟବସ୍ଥା ରଖାଯାଇଛି। ବୈଠକ ଆୟୋଜକ ବିରଞ୍ଚି ଖମାରି, ଉପଦେଷ୍ଟା ପ୍ରେମଲାଲ ନାଏକ, ପଟେଶ ପାଣିଗ୍ରାହୀ, ଜୁବରାଜ ଜାଲ, ଅଖଣ୍ଡଳ ଭରତିଆ, କାମେଶ ନାଗଙ୍କ ସହ ରୁପେନ୍ଦ୍ର ସୁନାନୀ, ଖଗେଶ୍ୱର ନାଏକ ପ୍ରମୁଖ ସହଯୋଗ କରିଥିଲେ।

### ତାମିଲନାଡୁରେ ବନ୍ଦୀ ଜୀବନ ବିତାଉଥିବା ଦାଦନ ଶ୍ରମିକଙ୍କ ଘଟଣା

# ମୁକୁଳିଲେ ୧୮ ଦାଦନ ଶ୍ରମିକ

**ଜୁନାଗଡ/ଦାସିଗାଁ, ୨୦।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରୁ ଦାଦନ ଖଟିବାକୁ ଯାଇଥିବା ୧୮ଜଣ ଶ୍ରମିକ ତାମିଲନାଡୁର କଲତୁଡୁଠାରେ ବନ୍ଦୀ ଭାବେ ଜୀବନ ଯାପନ କରୁଥିବା ଘଟଣାକୁ ନେଇ ସର୍ବପ୍ରଥମେ ଗତ ୧୮ ତାରିଖ (ଶୁକ୍ରବାର) ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ପରେ ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଥିଲା। ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ଘଟଣା ସମ୍ପର୍କରେ ତାମିଲନାଡୁ ପ୍ରଶାସନ ଓ ଦାଦନ ଶ୍ରମିକଙ୍କୁ ବନ୍ଦୀ ଭାବେ ରଖିଥିବା ଠିକାଦାରଙ୍କ ସହିତ କଥା ହୋଇଥିଲେ। ତାମିଲନାଡୁର ପ୍ରଶାସନ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପୋଲିସର ଚାପ ଯୋଗୁ ଭୟରେ ଠିକାଦାର ରବିବାର କଳାହାଣ୍ଡିର ୧୮ଜଣ ଶ୍ରମିକଙ୍କୁ

**ଧରିତ୍ରୀ ପ୍ରଭାବ**

**ଜିଲା ପ୍ରଶାସନର ହସ୍ତକ୍ଷେପ**



ମୁକୁଳିଥିବା କଳାହାଣ୍ଡିର ଶ୍ରମିକମାନେ ଫେରିବା ପାଇଁ ଷ୍ଟେଶନରେ ଅପେକ୍ଷା କରିଛନ୍ତି।

ଛାଡିଦେଇଛନ୍ତି। ଶ୍ରମିକମାନେ ତ୍ରିପୁର ରେଳ ଷ୍ଟେଶନରେ ପହଞ୍ଚି ରବିବାର ରାତିରେ ଟ୍ରେନ୍ ଯୋଗେ କଳହାଣ୍ଡି ଜିଲା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ବୁଧବାର ସେମାନେ କଳାହାଣ୍ଡିରେ ପହଞ୍ଚିବେ ବୋଲି ଜଣାପଡିଛି। ମୁକୁଳିଥିବା ଶ୍ରମିକମାନେ ହେଲେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁ ପଞ୍ଚାୟତ ତାଲପଦର ଗ୍ରାମର ପଚିନ୍ଦ୍ର ମାଝି, ସୁରେନ୍ଦ୍ର ମାଝି,ସନ୍ତୋଷ ଜାନି, ଦିବ୍ୟ ମାଝି, ହେମନ୍ତ ମାଝି, ରବି ମାଝି, ଚମାର ମାଝି, ବୈଦନାଥ ଜାନି, ନାଭିକ ଭୋଇ, ଫୁଣାଧର ଭୋଇ, ସନ୍ୟାସୀକୁଣ୍ଡାମାଲର ବରୁଣ ନାଏକ, ବଳବନ୍ତ ନାଏକ, ଏମ୍. ରାମପୁର ବ୍ଲକ ନେତ୍ରାନନ୍ଦ ମହାକୁଡ, ସମୀର ଭୋଇ, ନର୍ଲା ବ୍ଲକର କାର୍ଯ୍ୟ ଶବର, ଜୟପାଟଣା ବ୍ଲକର ଲଛମନ ସୋରି, ସସ୍ମିତା ସୋରି ଓ କଲମପୁର ବ୍ଲକ ଦେପୁର ପଞ୍ଚାୟତ ଦେଉଲପଡାର ସୁରେନ୍ଦ୍ର ମାଝି। ଠିକାଦାର ଏହି ଶ୍ରମିକମାନଙ୍କୁ ଠିକ ଭାବରେ ତାଙ୍କ ପାରିଶ୍ରମିକ ଦେଇ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ, କଳାହାଣ୍ଡି ଜିଲାରୁ ଦାଦନ ଖଟିବାକୁ ଯାଇଥିବା ଶ୍ରମିକମାନେ ତାମିଲନାଡୁର ୧୦ କି.ମି. ଦୂର କଲତୁଡୁଠାରେ ବନ୍ଦୀ ଭାବେ ଜୀବନ ଯାପନ କରୁଛନ୍ତି । ଏଥିରେ ଜଣେ ମହିଳା ମଧ୍ୟ ଅଛନ୍ତି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ସେମାନଙ୍କୁ ଫ୍ୟାକ୍ଟ୍ରିରେ କାମ ଲଗାଯାଉଛି। ପରେ ଏକ ଘରେ ତାଲା ବନ୍ଦ କରି ରଖାଯାଉଛି। ଠିକ ଭାବେ ଖାଇବାକୁ ଦିଆଯାଉ ନ ଥିବାବେଳେ କାହାର ଦେହ ଅସୁସ୍ଥ ଥିଲେ ମଧ୍ୟ ତାଙ୍କୁ ଜବରଦସ୍ତି କାମରେ ଲଗାଯାଉଛି। ପାରିଶ୍ରମିକ ମାଗିଲେ ସେମାନଙ୍କୁ ଧମକଚମକ ଦେଇ ମାରପିଟ କରାଯାଉଛି। ଏପରି ଦୁଃଖଦ ଜୀବନ ବିତାଉଥିବା ସମ୍ପର୍କରେ ଫୋନ ମାଧମରେ ସେମାନେ ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି। ଏହାସହ ସେଠାକାର ଫଟୋ ମଧ୍ୟ ପଠାଇଥିଲେ । ଏହା ପରେ ଏହି ଘଟଣା ସାମନ୍କୁ ଆସିଥିଲା।

## ହାଇକୋର୍ଟ ନିର୍ଦ୍ଦେଶ ପ୍ରତିବାଦରେ କୋର୍ଟ ବର୍ଜନ

**ଭବାନୀପାଟଣା,୨୦।୧୦ (ଡି.ଏନ.ଏ.)**

ଓଡିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କୋର୍ଟ ବର୍ଜନକୁ ଅବମାନନା ଦର୍ଶାଇ ବିଭିନ୍ନ ଓକିଲ ସଂଘକୁ ନୋଟିସ ଦିଆଯାଇଛି। ଏହାର ପ୍ରତିବାଦରେ ଭବାନୀପାଟଣା ଓକିଲ ସଂଘ ପକ୍ଷରୁସମସ୍ତ କୋର୍ଟବର୍ଜନ କରାଯାଇଥିଲା। ଓକିଲ ସଂଘ ଉପସଭାପତି ଦିଲୀପ ପ୍ରହରାଜଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବରିଷ୍ଠ ଆଇନଜୀବୀ ଦୈତାରି ପ୍ରଧାନ, ଅଶ୍ୱିନୀ ସାହୁ, ସୁଧୀର ପଟ୍ଟନାୟକ, ଅମରେନ୍ଦ୍ର ମୁଣ୍ଡ, ସତ୍ୟନାରାୟଣ ପଣ୍ଡା, ପ୍ରଦୀପ ସାହୁ, କୋଷାଧକ୍ଷ ମହେଶ ମହାପାତ୍ର, ସହ ସମ୍ପାଦକ ନିହାରରଞ୍ଜନ ମିଶ୍ର, କୁନାଲ ବେହେରା, କ୍ଷୀରୋଦ ନେଗୀଙ୍କ ସମେତ ବହୁ ଆଇନଜୀବୀ ସାମିଲ ଥିଲେ। ଜିଲାର ମଦନପୁର ରାମପୁର, କେସିଙ୍ଗା, ଧର୍ମଗଡ, ଜୁନାଗଡ ସମେତ ବିଭିନ୍ନ କୋର୍ଟ ଆଇନଜୀବୀମାନଙ୍କ ଦ୍ୱାରା ବର୍ଜନ ହୋଇଥିଲା।

## ୧୫ ଦାଦନ ଦଲାଲ ଗିରଫ

**ଭବାନୀପାଟଣା,୨୦।୧୦ (ଡି.ଏନ.ଏ.)**

କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ନିର୍ଦ୍ଦେଶରେ ଜିଲାର ୯ଟି ଥାନା ଅଞ୍ଚଳରେ ପୋଲିସ ଚଢାଉ କରି ୧୫ ଜଣ ଦାଦନ ଦଲାଲଙ୍କୁ ଗିରଫ କରିଛି । କଳାହାଣ୍ଡି ଜିଲାରେ ଦାଦନ ଦଲାଲ ଅଧିକ ସକ୍ରିୟ ଥିବା ଖବର ପାଇ ଏସ୍‌ପି ତୁରନ୍ତ ଦଲାଲମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁଯାୟୀ ଭବାନୀପାଟଣା ସଦର ଥାନା, ଧର୍ମଗଡ, ଜୟପାଟଣା, କୋକସରା, ଗୋଲାମୁଣ୍ଡା, ଜୁନାଗଡ, କେଗାଁ ଥାନା ପକ୍ଷରୁ ଦାଦନ ଦଲାଲଙ୍କୁ କାବୁ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିଲା। କେଗାଁ ପୋଲିସ ଥାନା ଅଞ୍ଚଳରୁ ସର୍ବାଧିକ ୭ ଜଣ ଶ୍ରମିକ ଦଲାଲଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ କେସିଙ୍ଗା ଅଞ୍ଚଳରୁ ୨ ଦଲାଲ ଥିବା ବେଳେ ଭବାନୀପାଟଣା ସଦର ଥାନା, ଧର୍ମଗଡ, ଜୟପାଟଣା, କୋକସରା, ଗୋଲାମୁଣ୍ଡା ଓ ଜୁନାଗଡ ଅଞ୍ଚଳରୁ ଜଣେ ଲେଖାଏଁ ଦଲାଲ ମୋଟ ୧୫ ଜଣ ରହିଛନ୍ତି। ଜିଲାରେ ବେଆଇ ଶ୍ରମିକ ଚାଲାଣ ରୋକିବା ନିମନ୍ତେ ନୀୟମିତ ବ୍ୟବଧାନରେ ଏଭଳି ସ୍ୱତନ୍ତ୍ର ଅଭିଯାନ ଜାରି ରହିବ ବୋଲି ଏସ୍‌ପି ଗଙ୍ଗାଧର ସୂଚନା ଦେଇଛନ୍ତି। ଜନସାଧାରଣ ଯେ କୌଣସି ସ୍ଥାନରେ ଦାଦନ ଦଲାଲର ସନ୍ଧାନ ପାଇଲେ ନିକଟସ୍ଥ ଥାନାକୁ ଖବର ଦେବା କିମ୍ବା ଏସ୍‌ପି କାର୍ଯ୍ୟାଳୟକୁ ସୂଚନା ଦେବାକୁ ଅନୁରୋଧ କରିଛନ୍ତି। ଯେଉଁ ବ୍ୟକ୍ତି ସୂଚନା ଦେଇଥିବେ ତାଙ୍କ ନାମ ସମ୍ପୂର୍ଣ୍ଣ ଗୋପନ ରଖାଯିବ ବୋଲି ଏସ୍‌ପି କହିଛନ୍ତି।

## ଭିଜିଲାନ୍ସ ଜାଲରେ ମୋହନଗିରି ଫରେଷ୍ଟର

**ଭବାନୀପାଟଣା,୨୦।୧୦ (ଡି.ଏନ.ଏ.)**


ଫରେଷ୍ଟର ରୁଦ୍ରପ୍ରସାଦ ଗହୀର

୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି କଳାହାଣ୍ଡି ଜିଲା ମ.ରାମପୁର ରେଞ୍ଜ ମୋହନଗିରି ଫରେଷ୍ଟର ରୁଦ୍ରପ୍ରସାଦ ଗହୀର। ବିଭାଗର ଜଣେ ପୂର୍ବତନ କର୍ମଚାରୀଙ୍କୁ ଚାକିରିରେ ପୁନଃ ଅବସ୍ଥାପିତ କରିବା ପାଇଁ ଫରେଷ୍ଟର ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସୁଧନ ଭୋଇ ନାମକ ଜଣେ ବ୍ୟକ୍ତି ମ.ରାମପୁର ରେଞ୍ଜ ଆଇଟିଇସିଏସ୍ ଗ୍ବାର୍ଡ ଭାବେ ଦୀର୍ଘ ଦିନ ଧରି ଚୁକ୍ତିଭିତ୍ତିରେ ନିୟୋଜନ ଥିଲେ। ତାଙ୍କୁ କେଗାଁକୁ ବଦଳି କରାଯିବା କିଛି ଦିନ ପରେ ସେ ଚାକିରିରୁ ବାହାର କରାଯାଇଥିଲା। ପୁଣି ଥରେ ତାଙ୍କୁ ଚାକିରିରେ ରଖାଇଦେବା କହି ଫରେଷ୍ଟର ଗହୀର ୧୦ ହଜାର ଟଙ୍କା ଦାବି କରିଥିଲେ। ଟଙ୍କା ଦେଇ ନ ପାରି ସୁଧନ ଭିଜିଲାନ୍ସର ସହାୟତା ନେଇଥିଲେ। ଯୋଜନା ମୁତାବକ ସୁଧନ ମ.ରାମପୁର ଆସି ଗହୀରଙ୍କୁ ତାଙ୍କ ଭଡାଘରେ ୧୦ ହଜାର ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରି ନେଇଥିଲେ। ଫରେଷ୍ଟରଙ୍କୁ ଗିରଫ କରିବା ସହ ତାଙ୍କ ମାଲିକାନାରେ ବିଭିନ୍ନ ସ୍ଥାନରେ ଥିବା ସମ୍ପତ୍ତି ଉପରେ ବିଭାଗ ଏବେ ତଦନ୍ତ କରୁଛି। ବିଭାଗ ପକ୍ଷରୁ ଫରେଷ୍ଟଙ୍କ ସମ୍ପତ୍ତି ଉପରେ ତନାଘନା ଚାଲିବ। ଗିରଫ ପରେ ସନ୍ଧ୍ୟାରେ ତାଙ୍କୁ ଭବାନୀପାଟଣାକୁ ଅଣାଯାଇଥିଲା। ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ଉକ୍ତ ଟିମ୍‌ରେ ସହ ଇନ୍ସପେକ୍ଟର କଳାବତୀ ବାଗ ଓ ସନ୍ତୋଷ ମହାନ୍ତି, ଷ୍ଟେନୋ ଶିବପ୍ରସାହ ପ୍ରଧାନ, କନେଷ୍ଟବଳ ପ୍ରକାଶ ଚନ୍ଦ୍ର ବେହେରା ସାମିଲ ଥିଲେ।

## ରଜତ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

**କେସିଙ୍ଗା,୨୦।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ରଜତ ଜୟନ୍ତୀ ପାଳନ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଆସନ୍ତା ଜାନୁୟାରୀ ୨୦୨୦ର ପ୍ରଥମ ସପ୍ତାହରେ ଏହି ଉତ୍ସବ ୩ ଦିନ ଧରି ହେବ ବୋଲି ସ୍ଥିର କରାଯାଇଛି । ରଜତ ଜୟନ୍ତୀ ସମାରୋହରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ବିଭିନ୍ନ ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରାଯିବା ସହିତ ଜିଲାର ସମସ୍ତ କଲେଜ ତଥା ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହେବ। ପ୍ରସ୍ତୁତି ବୈଠକରେ ରଜତ ଜୟନ୍ତୀର ରୂପରେଖ ପ୍ରସ୍ତୁତ କରାଯିବା ସହିତ ବିଭିନ୍ନ କମିଟି ଗଠନ କରାଯାଇ ଅନୁଷ୍ଠାନ ସଦସ୍ୟମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଉକ୍ତ ବୈଠକରେ ଅଧାପକ ସୁଶାନ୍ତ ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଅକ୍ଷୟ ଦାସ ସମସ୍ତଙ୍କୁ ନିଜସ୍ୱ ମତାମତ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ । ଉପସ୍ଥିତ ସମସ୍ତ ସଦସ୍ୟ ନିଜ ମତାମତ ଏବଂ ପ୍ରସ୍ତାବ ରଖିଥିଲେ। ଜ୍ଞାନେନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।


ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିବା ଅତିଥି ।

## ଭବାନୀପାଟଣା ପଞ୍ଚାୟତ ସମିତି ବୈଠକ

**ଭବାନୀପାଟଣା,୨୦।୧୦ (ଡି.ଏନ.ଏ.)**

ଭବାନୀପାଟଣା ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସନ୍ତୋଷୀ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ପାଇଁ ଜଙ୍ଗଲଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ, ଏସଏଚଜିକୁ ଲାଇସେନ୍ସ ଦେଇ ମଣ୍ଡି ଦ୍ୱାରା ଜଙ୍ଗଲ ଜାତ ଦ୍ରବ୍ୟ କ୍ରୟ କରିବା ପାଇଁ ଜିଲା ପ୍ରଶାସନକୁ ଦାବି କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ, ଡିଡବ୍ଲ୍ୟୁଡି, କ୍ଷୁଦ୍ର ଜଳସେଚନ, ବିଦ୍ୟୁତ, ଉଠା ଜଳସେଚନ, ଏମଆଇ, ଅବକାରୀ ବିଭାଗ ସମେତ ଲାଇନ ବିବାଗ କୌଣସି ପ୍ରତିନିଧି ବୈଠକରେ ଯୋଗଦେଉ ନ ଥିବାରୁ ଉନ୍ନୟନ କାମ ବାଧାପ୍ରାପ୍ତ ହେଉଛି ବୋଲି ସରପଞ୍ଚ, ସମିତି ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବ୍ଲକର ବିଭିନ୍ନ ସ୍କୁଲରେ ଶିକ୍ଷକଙ୍କ ସଂଖ୍ୟା ଅତି କମ ଥିବା ଓ ସ୍କୁଲ ଗୃହ ନ ଥିବାରୁ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହୋଇ ପଡିଛି ବୋଲି ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ବୋର୍ଡା ସିଏଚ୍‌ସିରେ ଡାକ୍ତର ଅଭାବ ଯୋଗୁ ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟଙ୍କ ଭରସାରେ ରୋଗୀ ସେବା ଶିର୍ଷକ ଭିତ୍ତି କରି ଡାକ୍ତର ପଦବୀ ପୂରଣ ପାଇଁ ଡୁମୁରିଆ ସରପଞ୍ଚ ସଞ୍ଜୀବ ମିଶ୍ର ଦାବି କରିଥିଲେ। ବୈଠକରେ ବିଡିଓ ଶ୍ରୀଧର ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ତଥା ଲାଞ୍ଜିଗଡ ବିଧାୟକଙ୍କ ପ୍ରତିନିଧ ସଚିଦାନନ୍ଦ ମାହାକୁଡ, ଜିଲା ପରିଷଦ ସଦସ୍ୟା ପିଙ୍କି ସାହୁ, ଭବାନୀପାଟଣା ବିଧାୟକଙ୍କ ପ୍ରତିନିଧି ମନିଜ ସାହୁ, ଏଡିଓ ମୋନାଲିଶା ଲେଙ୍କା, ସହକାରୀ ଯନ୍ତ୍ରୀ ନିହାର ରଞ୍ଜନ ମାଝି, ସହକାରୀ କୃଷି ଅଧିକାରୀ ଖୋଲଣା କୁମାର, ସରପଞ୍ଚ ସଂଘ ସଭାପତି ରବୀନ୍ଦ ସାହୁ, ଡୁମୁରିଆ ସରପଞ୍ଚ ସଞ୍ଜୀବ ମିଶ୍ର, ବୋର୍ଡା ସରପଞ୍ଚ ରୀନାରାଣୀ ଜାଲ, କେନ୍ଦୁପାଟି ସରପଞ୍ଚ ନାଗେଶ୍ୱର ବାଗ, ଗୁରୁଜୁଙ୍ଗ, ସରପଞ୍ଚ ରୀନା ସାହୁ, ସେଁପୁର ସରପଞ୍ଚ ରାଜେଶ ପ୍ରସାଦ ସାହୁ, କର୍ଲାପଡା ସରପଞ୍ଚ ମଧୁସ୍ମିତା ପଧାନ, ବୋରଭଟ୍ଟା ସରପଞ୍ଚ ସ୍ୱରୂପାରାଣୀ ଗହିରଙ୍କ ସମେତ ସମସ୍ତ ସରପଞ୍ଚ ସମିତି ସଭ୍ୟ ଯୋଗଦେଇଥିଲେ। ଜିପିଇଓ ମହେଶ୍ୱର ମାଝି ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

**ଭବାନୀପାଟଣା,୨୦।୧୦(ଡି.ଏନ.ଏ.)**

ଭବାନୀପାଟଣା ସହରସ୍ଥିତ କଳାହାଣ୍ଡି କଳାକାର ସଂଘ ଅନୁକୂଲ୍ୟ ୧୧ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ କାର୍ଯ୍ୟକ୍ରମରେ ଭବାନୀପାଟଣା ଆକାଶବାଣୀ କେନ୍ଦ୍ର କାର୍ଯ୍ୟକ୍ରମ ମୁଖ୍ୟ ଉମ୍ଭରୁଧର ପ୍ରଧାନ ଯୋଗଦେଇ ଯୁଗ ଯେତେ ଆଧୁନିକ ଆଡକୁ ମୁହାଁଇଲେ ମଧ୍ୟ ଭଲ ନାଟକର ଚାହିଦା ଆଜି ବି ରହିଛି ବୋଲି କହିଥିଲେ। ନାଟକ ଉତ୍ସବର ପ୍ରତ୍ୟେକ ରଜନୀରେ ନାଟ୍ୟ କ୍ଷେତ୍ରରେ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା ପରିପ୍ରେକ୍ଷୀରେ ମଥୁରାର ବରିଷ୍ଠ ନାଟ୍ୟ ଅଭିନେତା ତଥା ନିର୍ଦ୍ଦେଶକ ଭାଗୀରଥି ପଣ୍ଡାଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଦୁଇଟି ନାଟକ ମଞ୍ଚସ୍ଥ ହୋଇଥିଲା । ପ୍ରଥମେ ବରପାଲିର ନାଟ୍ୟରଶ୍ମି ଦଳର କଳାକାରମାନେ ପରିବେଷଣ କରିଥିଲେ ନାଟକ ଲାଳସା। ନାଟକ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ଅବିନାଶ ମହାପାତ୍ର। ୨ୟ ନାଟକ ଲୋଇସିଂହା ସୁରସଙ୍ଗମ କଳାକାରମାନଙ୍କ ଦ୍ୱାରା ଅଭିନୀତ ନାଟକ ଅଭାଗା ମଞ୍ଚସ୍ଥ ହୋଇଥିଲା। ଏହି ନାଟକଟିକୁ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ନିଶାର ଆହମଦ ନିଶାର। ଅନୁଷ୍ଠାନ ସଭାପତି ସତ୍ୟନାରାୟଣ ମିଶ୍ର ସ୍ୱାଗତ ଭାଷଣ ଓ ବିରିଷ୍ଠ ସଦସ୍ୟ ରିଆଜ ଖାଁ ଧନ୍ୟବାଦ ଦେଇଥିଲେ। ଉଦ୍‌ଘୋଷକ ଶୁଭେନ୍ଦୁ ମାହାପାତ୍ର ମଞ୍ଚ ପରିଚାଳଣା କରିଥିଲେ। ସୂଚନାଯୋଗ୍ୟ ଯେ, ଭବାନୀପାଟଣାସ୍ଥିତ କଳାହାଣ୍ଡି କଳାକାର ସଂଘ ଆନୁକୂଲ୍ୟରେ ସ୍ଥାନୀୟ କଳାହାଣ୍ଡି ଲେଖକ କଳାପରିଷଦ ରଙ୍ଗମଞ୍ଚରେ ୧୧ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଥିଲା। ଅନୁଷ୍ଠାନ ସଭାପତି ସତ୍ୟ ନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀରେ କଳାହାଣ୍ଡି ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥରେ ଦୁଇଟି ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଥମେ ପଦ୍ମପୁରର ଲୁ ମଞ୍ଚସ୍ଥ ହୋଇଥିଲା। ନାଟକଟିକୁ ରଚନା କରିଥିଲେ କେସରଞ୍ଜନ ପ୍ରଧାନ ଓ ନିର୍ଦ୍ଦେଶନା ଦେଇଥିଲେ ଜଗନ୍ନାଥ ସେଠ। ଦ୍ୱିତୀୟ ନାଟକ ନାଟକ ‘କୁନ୍ଧୁଲି ରାଇଜର ଝିଁ’ ମଞ୍ଚସ୍ଥ ହୋଇଥିଲା । ଏହାକୁ ପରିବେଷଣ କରିଥିଲେ ବରଗଡ ଢୋଲବନ୍ଧର ସଚେତନ ହେମାର କଳାକାରମାନେ। ଏହି ନାଟକଟିକୁ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ରାଜକୁମାର ସାହୁ।


କଳାହାଣ୍ଡି କଳାକାର ସଂଘ ଅନୁକୂଲ୍ୟ ୧୧ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବରେ ପରିବେଷିତ ନାଟକର ଏକ ଦୃଶ୍ୟ ।

### ଭବାନୀପାଟଣା ସହରକୁ ସୋନ୍ଦର୍ଯ୍ୟକରଣ ସକାଶେ ପ୍ରୟାସ ଆରମ୍ଭ

## ବିଭିନ୍ନ ସଙ୍ଗଠନ ସହ ଜିଲାପାଳଙ୍କ ଆଲୋଚନା

**ଭବାନୀପାଟଣା,୨୦।୧୦ (ଡି.ଏନ.ଏ.)**


ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ ।

କଳାହାଣ୍ଡି ଜିଲା ସଦରମହକୁମା ଭବାନୀପାଟଣା ସହରର ସୋନ୍ଦର୍ଯ୍ୟକରଣ ସକାଶେ ଜିଲାପାଳ କଳାହାଣ୍ଡି ନୂତନ ପ୍ରୟାସ ଆରମ୍ଭ କରିଛନ୍ତି। ଶନିବାର ସନ୍ଧ୍ୟାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷ ସଦ୍‌ଭାବନା ସଭାଗୃହରେ ଭବାନୀପାଟଣା ସହରର ବିଭିନ୍ନ ସଙ୍ଗଠନର ମୁଖ୍ୟ, ବରିଷ୍ଠ ନାଗରିକ ସଂଘ ସଦସ୍ୟ, ଖବରଦାତା ସଂଘ ସଦସ୍ୟ, ବୁଦ୍ଧିଜୀବୀ, ରିସ୍କାଚାଳକ ସଂଘ, ଅଟୋଚାଳକ ସଂଘ, ଛୋଟ ଚାରିଚକିଆ ଯାନ ଚାଳକ ସଂଘ, ବସଚାଳକ ସଂଘ, ବ୍ୟବସାୟୀ, ପନିପରିବା ବିକାଳିଙ୍କ ସମେତ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତାଙ୍କୁ ନେଇ ଭବାନୀପାଟଣା ସହରର ଉନ୍ନତିକରଣ ସକାଶେ ମତାମତ ନେଇଥିଲେ। ଭବାନୀପାଟଣାଠାରେ ଶବଦାହ ସକାଶେ ଇଲେକ୍ଟ୍ରିକ୍ ଚୁଲା, ୪ଟି ସ୍ଥାନରେ ଶବ ସତ୍କାର ସକାଶେ ଶ୍ମଶାନ ନିର୍ମାଣ, ଶ୍ମଶାନ ନିକଟରେ କାଠ ଗୋଦାମ ରହିବା ସହ ବିଜୁଳି ବ୍ୟବସ୍ଥା ଓ ଶବ ପାଉଁସ ନେବା ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ଶ୍ମଶାନଠାରେ ପରିବେଶକୁ ସୁନ୍ଦର କରାଯିବା ପାଇଁ ଛୋଟ ଛୋଟ ବୃକ୍ଷ ରୋପଣ କରାଯିବା ସକାଶେ ଆଲୋଚନା କରାଯାଇଥିଲା। ସେହିଭଳି ଏକ ସୁନ୍ଦର ପାର୍କ ନିର୍ମାଣ କରାଯାଇ ସେଠାରେ ବ୍ୟାୟାମଶାଳା, ଚାଲିବା ସକାଶେ ରାସ୍ତା ନିର୍ମାଣ ସହ ଛୋଟ ଶିଶୁମାନଙ୍କ ପାଇଁ ଖେଳିବା ବ୍ୟବସ୍ଥା ରଖାଯିବା ସକାଶେ ପ୍ରସ୍ତାବ ଦିଆଯାଇଥିଲା। ଏକ ଆନ୍ତଃ ଜିଲା ଓ ରାଜ୍ୟ ବସ ଟର୍ମିନାଲ ମୋଡେଲ ବସଷ୍ଟାଣ୍ଡ ଭବାନୀପାଟଣା ସହରଠାରୁ ଅଳ୍ପ ଦୂରରେ ବାଇପାସ ରାସ୍ତା କଡରେ ରିଷିଗାଁ ଓ ଭଙ୍ଗାବାରି ଓମ୍‌ଫେଡ୍ ନିକଟରେ ଜାଗା ଚିହ୍ନଟ କରି ନିର୍ମାଣ କରାଯିବା ସକାଶେ ଜିଲାପାଳ ସୂଚନା ଦେଇଥିଲେ। ସେଠାରେ ମାର୍କେଟ କମ୍ପ୍ଲେକ୍ସ, ବିଶ୍ରମଗାର, ପାନୀୟ ଜଳ, ଶୌଚାଳୟ, ପାର୍କିଂ ଏରିଆର ବ୍ୟବସ୍ଥା ରହିବା ସହ ସୋନ୍ଦର୍ଯ୍ୟକରଣ ସକାଶେ ବଗିଚା ତିଆରି କରାଯିବ। ଦୈନିକ ବଜାର ଓ ସାପ୍ତାହିକ ବଜାରଠାରେ ପାର୍କିଂ ବ୍ୟବସ୍ଥା ଥାଇ ମଲଟି କମ୍ପ୍ଲେକ୍ସ ମାର୍କେଟ ଗୃହ ନିର୍ମାଣ କରାଯିବା ସକାଶେ ଆଲୋଚନା ହୋଇଥିଲା। ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌କୁ ଏକ ସାଂସ୍କୃତିକ କମ୍ପ୍ଲେକ୍ସ ତିଆରି କରାଯାଇ ଅନ୍ୟସ୍ଥାନରେ କ୍ରୀଡା ଛାତ୍ରାବାସ ନିକଟରେ ଏକ ଆଧୁନିକ କ୍ରୀଡା କମ୍ପ୍ଲେକ୍ସ ଯେଉଁଠାରେ ଫୁଟବଲ, ଭଲିବଲ, ଟେନିସ୍, ବ୍ୟାଡମିଣ୍ଟନ୍, ଜିମ୍ନାସିୟନ୍, ପାଦଚଲା ରାସ୍ତା, ଗ୍ୟାଲେରି ଆଦି ସହ ଖେଳକୁଦ ପଡିଆ ଓ ସନ୍ତରଣ ସକାଶେ ସୁଇମିଂପୁଲ ତିଆରି କରାଯିବା ବ୍ୟବସ୍ଥା ରଖାଯିବା ସକାଶେ ଜିଲାପାଳ ମତ ଦେଇଛନ୍ତି। ସେହିଭଳି ପୂର୍ବତନ ମନ୍ତ୍ରୀ ଦୟାନିଧି ନାୟକଙ୍କ ଷ୍ଟେଚ୍ୟୁ ନିର୍ମାଣ ସହରର ନାଳନର୍ଦ୍ଦମାର ଉନ୍ନତିକରଣ ଓ ଟ୍ରାଫିକ ସମସ୍ୟା ଦୂର କରିବାକୁ ପାର୍କିଂ ଏରିଆ ଚିହ୍ନଟ କରାଯାଇ ସହରକୁ ସୋନ୍ଦର୍ଯ୍ୟକରାଯିବ ବୋଲି ବିଭିନ୍ନ ସଙ୍ଗଠନ ସଦସ୍ୟମାନଙ୍କୁ ଜନସାଧାରଣଙ୍କ ସହିତ ଆଲୋଚନା କରି ଅଧିକ ନୂତନ ପ୍ରସ୍ତାବ ଯୋଗାଇ ଦେବା ସକାଶେ ଜିଲାପାଳ ଅନୁରୋଧ କରିଥିଲେ। ଜିଲାପାଳଙ୍କ ଏହିଭଳି ପ୍ରୟାସକୁ ସବୁ ମହଲରେ ପ୍ରଶଂସା କରାଯାଇଛି। ଏହି ଆଲୋଚନା ସମୟରେ ଜିଲାପାଳଙ୍କ ସମେତ ଉପଜିଲାପାଳ ଭବାନୀପାଟଣା ସୁଶାନ୍ତ କୁମାର ସିଂହ, ଭବାନୀପାଟଣା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ପୌରଯନ୍ତ୍ରୀ ସମିର ଠାକୁର, ବିଭିନ୍ନ ବିଭାଗ ପକ୍ଷରୁ ପୂର୍ତ୍ତ ଯନ୍ତ୍ରୀ, ବିଜୁଳି ବିଭାଗର ଯନ୍ତ୍ରୀ, ପାନୀୟଜଳ ବିଭାଗ ଯନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



“ ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।

- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଟ୍ରକ୍ ହେଲ୍‌ପରଙ୍କ ମୃତ୍ୟୁ

ଜୟପାଟଣା,୨୦।୧୦(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ୍ ଅନ୍ତର୍ଗତ ଉଛୁଳା ପଞ୍ଚାୟତ କାର୍ଯ୍ୟାଳୟ ଗୋଦାମ ଗୃହ ନିକଟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ୧୦ ଚକିଆ ଟ୍ରକ୍ ହେଲ୍‌ପର ମୃତ୍ୟୁଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲଡୁଗାଁ ଗ୍ରାମର ଟ୍ରକ୍ ହେଲ୍‌ପର ବିନୋଦ ନାଏକ (୨୪) । ରବିବାର ପ୍ରାୟ ସାଢେ ୨ଟାରେ (ଟ୍ରକ୍ ନଂ. ଓ.ଆର୍.୧୦ଏଫ୍ ୬୪୩୫) ଜୟପାଟଣା ବ୍ଲକ୍ ଅନ୍ତର୍ଗତ ଉଛୁଳା ପଞ୍ଚାୟତ କାର୍ଯ୍ୟାଳୟ ଗୋଦାମକୁ ଯାଉଥିଲା। ଟ୍ରକ୍‌ର ଉପର ପାର୍ଶ୍ୱ ରାସ୍ତା ପାର ହେଇଯାଇଥିବା ୧୧ କେ.ଭି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଟ୍ରକ୍ ହେଲ୍‌ପର ବିନୋଦ ବିଦ୍ୟୁତ୍ ତାରକୁ ଉପରକୁ ଉଠୁଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିଲେ । ଜୟପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଛି । ଅଦ୍ୟାବଧି ଶବ ବ୍ୟବଚ୍ଛେଦ୍ ହୋଇନାହିଁ। ଉଛୁଳା ଗୋଦାମ ପୂର୍ବରୁ ରାସ୍ତା ଉପରେ ବିଦ୍ୟୁତ୍ ତାର ଦୀର୍ଘ ଦିନ ଧରି ତଳକୁ ଓହଳି ଥିବା ସମ୍ପର୍କରେ ଗ୍ରାମବାସୀ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ ହେଁ କୌଣସି ପଦକ୍ଷେପ ନିଆ ନ ଯାଇଥିବାରୁ ଏଭଳି ପିରିସ୍ଥିତି ଉପୁଜିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ବିନୋଦଙ୍କ ପରିବାର ଲୋକେ କ୍ଷତିପୂରଣ ପାଇଁ ଦାବି କରୁଛନ୍ତି।

### ଜୁର୍ଲାକାନୀରେ ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ

ଦେଓଗାଁ,୨୦।୧୦ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅଧୀନ ଜୁର୍ଲାକାନୀରେ ରବିବାର ବ୍ଲକ କଂଗ୍ରେସର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ଯୁଗେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ନରସିଂହ ମିଶ୍ରଙ୍କ ଆହ୍ୱାନ କ୍ରମେ ଆସନ୍ତା ୨୨ତାରିଖରେ ବଲାଙ୍ଗୀର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବନ୍ୟାକ୍ଷତିଗ୍ରସ୍ତଙ୍କୁ ଉଚିତ୍ କ୍ଷତିପୂରଣ ଦାବି ନେଇ କାର୍ଯ୍ୟାଳୟ ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରିବାକୁ ସ୍ଥିରିକୃତ ହୋଇଥିଲା। ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆନ୍ଦୋଳନ କରାଯାଉଥିବାରୁ ଉପସ୍ଥିତ କର୍ମକର୍ତ୍ତା ତଥା ଚାଷୀବୃନ୍ଦ ବିଧାୟକ ମିଶ୍ରଙ୍କ ପ୍ରୟାସକୁ ସ୍ୱାଗତ କରିଥିଲେ। ୧୨ନଂ ଜୋନର ଜୋନାଲ ସଭାପତି ରାମଜୀ ଚୌଧୁରୀ, ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, ଅସିତ ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷ କୈଳାସ ତାଣ୍ଡି, ତାରାକାନ୍ତ ବାଗ, କୁତୁର୍ଲା ସରପଞ୍ଚ ବଡ଼ ପଧାନ, ସାରସମାଲ ସମିତି ସଭ୍ୟ ପ୍ରମୋଦ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବଲାଙ୍ଗୀର ଜିଲାର ଚାଷୀଙ୍କ ପ୍ରତି କରିଥିବା ଅବିଚାରକୁ ନିନ୍ଦା କରିଥିଲେ।

■ ଚିକିତ୍ସା ଅଭାବରୁ ମୃତ୍ୟୁ ସଂଗେ ଯୁଝୁଛନ୍ ହରିଦାସ

# ବନ ବିଭାଗର ଅନ୍‌ଦେଖା, ନିଏ ଆଶ୍‌ରେ ପରିବାର

କଣ୍ଟାବାଞ୍ଜି, ୨୦।୧୦(ଡି.ଏନ୍.ଏ.)



ହରିଦାସଙ୍କର ପାସେ ମାଏକିନା ସୌଦାମିନୀ ଆର ଦୁଇ ପୁଓ।

■ ୧୬ ବଛର ପାରା ପ୍ରୋଟେକ୍ସନ ଫୋର୍ସରେ ଚାକିରି କରିଥିଲେ

■ ଦୁରଘଟନାରେ ଅକରମା ହେଲାରୁ ବିଭାଗ ବାହାର କରିଦେଲା

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜରେ ହରିଦାସ ଭୁଏ ପାରା ପ୍ରୋଟେକ୍ସନ ଫୋର୍ସରେ ୨୦୦୨ ସାଲୁ ଚାକରି କରୁଥିଲେ। ତାକର ଜମିବାଡି ବଲି କିଛି ନାଇଁ, ପରିବାରଟା ମୂଲୁ ସୁଖବାସୀ ଆଏ। ହରିଦାସଙ୍କର ଦରମା ଦୁରାକ ପରିବାରର ସାହାଭରସା ଥିଲା। ହେଲେ ଗଲା ଫେବୃୟାରୀ ୨୦୧୮ରେ ସେ ଗୁଟେ ମୋଟରସାଇକେଲ ଦୁରଘଟନାର ଶିକାର ହେଇ ଅକରମା ହେଇଗଲେ। ଏହେଦେ ସେ ଚିକିତ୍ସା ଅଭାବୁ ଖଟେ ପଡ଼ି ମୁର୍‌ତୁ ସଂଗେ ଯୁଝୁଛନ୍।

ସୂଚନା ହିସାବେ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ବଡ଼ବଡ଼ଲା ପଁଚେତ୍ ନାଗଫେଣା ଗାଁର ହରିଦାସ ଭୁଏ। ପରିବାର କହେଲେ ମାଏକିନା ସୌଦାମିନୀ, ଦୁଇ ପୁଓ ପ୍ରକାଶ ଆର ଆକାଶକେ ନେଇ ସଁସାର। ହରିଦାସ କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜରେ ପାରା ପ୍ରୋଟେକ୍ସନ ଫୋର୍ସରେ କାମ୍ କରୁଥିଲେ। ସେ ଗଲା ୨୦୧୮ରେ ଗୁଟେ ଦୁରଘଟନାର ଶିକାର ହେଲେ। ମାଏକିନା ସୌଦାମିନୀ ଘରେ ଯାହା ଥିଲା ବିକାଭଂଗା କରି ତାକର ଚିକିତ୍ସା କରେଇ ନିରାଶ ହେଲେ। ହେଲେ ଏହେଦେ ଟଁକା ପଏସା ଅଭାବୁ ସୌଦାମିନୀ ହରିଦାସଙ୍କର ଚିକିତ୍ସା କରେଇ ନାଇଁପାରବାର। ଏନ୍‌ତାଥି ସୌଦାମିନୀ ଗାଁରେ ପରହର କାମବୁତା କରି ଘରର ତେଲ୍‌ନୁନ୍ ଚଲଉଛନ୍। ସେନ୍‌ତା ରାଶନ କାର୍ଡରେ ପଁଚେତ୍‌ରୁ ମିଳୁଥିବାର ୨୦ କେ.ଜି. ଚାଉଲ ୪ ପରାନୀକେ ନିଅଁଟ ହେଉଛେ। ହରିଦାସଙ୍କର ବଡ଼ ପୁଓ ମାଟ୍ରିକ ପଢୁଥିଲାବେଲେ ସାନପୁଓ ଗାଁ ସ୍କୁଲରେ ୨ୟ ଶ୍ରେଣୀରେ ପଢୁଛେ। ହେଲେ ଟଁକା ପଏସା ଅଭାବୁ ଏହେଦେ ତାକର ପାଠ୍‌ପଢ଼ା ବଁଦ୍ ହେବାର ଉପରେ ରହିଛେ। ମୋର ଆପ୍‌ନେ ହରିଦାସ ଜଂଗଲ ବିଭାଗରେ ୧୬ ବଛର କାମ୍ କରିଥିଲେ, ସେ ଦୁରଘଟନାରେ ଅକରମା ହେଲାରୁ ବିଭାଗ ତାହାକୁ ଚାକରିରୁ ବାହାର କରିଦେଲା । ଏନ୍‌ତା କି ବିଭାଗ ତରଫୁ କାଣି ପଏସାଟେ ସାହାଯ୍ ନାଇଁ ମିଲବାର । ମୁଇଁ ଗାଁରୁ ୨୫ କି.ମି. ଦୂରିଆ କଣ୍ଟାବାଞ୍ଜି ରେଞ୍ଜ ଅଫିସକେ ଯାଇ ସବୁକଥା ଗୁହାରିଛେଁ। ମୋର ମୁନୁଷର ବଦ୍‌ଲା ମୋତେ କେନ୍ ଅଫିସଥି ପିଅନ୍ ଚାକରି ଦିଆଯାଉ ବଲି ସୌଦାମିନୀ ଅନେକ୍ ବିଭାଗୀୟ ଅଧିକାରୀଙ୍କୁ ଗୁହାରି କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍। ଏନ୍‌ତାଥି ଉପେ ଶୁଇନ୍ ସୌଦାମିନୀ ଗାଁରେ ଟଁକା ୫୦ଟା ମାଗିଯାଚି ଡିଏଫ୍‌ଓ ଆର କଣ୍ଟାବାଞ୍ଜି ରେଞ୍ଜ ଅଫିସରଙ୍କୁ ୧୨ ତାରିଖ୍ ଗୁଟେ ବିନ୍‌ତି ଚିଠି ଦେଇଛନ୍। ଚିଠିଥି ସେ ନିଏ ଦିଆଯାଉ ନାଇଁହେଲେ ମାଇପିଲା ସଭେ କଣ୍ଟାବାଞ୍ଜି ରେଞ୍ଜ ଅଫିସ ସାମନାଥି ଧାରନା ଦେମୁ ବଲି ଲେଖିଥିବାର କହିଛନ୍। ଇ ବାବ୍‌ଦେ ରେଞ୍ଜର ଶ୍ରଦ୍ଧାଦେବ ବଡ଼ମାଲିଙ୍କୁ ପଚ୍‌ରାଲରୁ ବିଭାଗ ତରଫୁ ତାକର ପୁତୁରାକେ ଚାକରି ଦିଆଯାଇଥିଲା। ସେ ଚାକରି କରି ଦରମା ନେଉଥିଲେ, ହେଲେ ହରିଦାସଙ୍କର ମାଏକିନା ସୌଦାମିନୀ ଅଭିଯୋଗ କଲେ ଯେ, ସେ ଆମ୍‌କେ ଟଁକା ପଏସା ନାଇଁଦେବାର। ସେଥିରଲାଗି ତାହାକୁ ଚାକରିରୁ ବାହାର କରିଦେଲୁଁ। ହେଲେ ସେ ଦିନ୍‌ଠାନୁ ଆର ସୌଦାମିନୀ ଅଫିସକେ ନାଇଁ ଆଏବାର କି କିଛି ଲେଖାପଢ଼ା କରି ନାଇଁ ଦେଇ। ସେ ଆମ୍‌କୁ ଲେଖାପଢ଼ା କରି ଦେଲେ ତାହାକୁ ଚାକରି ଦେବାର ବେବସ୍‌ତା କରମୁ ବଲି ସେ କହିଥିଲେ।




ଜନମଞ୍ଚରେ ଯୋଗଦେଇଥିବା ଅତିଥିବୃନ୍ଦ।

## ମାନବ ସେବା ଟ୍ରଷ୍ଟ ପକ୍ଷରୁ ଜନମଞ୍ଚ

କେସିଙ୍ଗା,୨୦।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ମାନବ ସେବା ଟ୍ରଷ୍ଟ ପକ୍ଷରୁ ଜନମଞ୍ଚ କାର୍ଯ୍ୟକ୍ରମ ମାନବ ସେବା ଟ୍ରଷ୍ଟର ସଭାପତି ସଚିନ ଜୈନଙ୍କ ଅଧକ୍ଷତାରେ ରବିବାର ସନ୍ଧ୍ୟା ସାଢ଼େ ୭ଟାରେ ଦୁର୍ଗା ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ମୁଖ୍ୟବକ୍ତା ସଭାପତି ସିଟିଜନ ଫୋରମର ଡ. ହେମସାଗର ସାହା, ସମ୍ମାନିତ ଅତିଥି ଏସଡିଇ ପୂର୍ବତନ ରେଳପଥ ସମ୍ବଲପୁରର ରାଜୀବ କୁମାର, ଅନୀଲ ଜୈନ, ସଭାପତି ଚେମ୍ବରର୍ସ ଅଫ୍ କମର୍ସ, ରାମ କୁମାର ଜୈନ ପୂର୍ବତନ ନଗରପାଳ, ମହେନ୍ଦ୍ର ନାଏକ ସାମାଜିକ କର୍ମୀ, ବି ଚନ୍ଦ୍ରଶେଖର ଆଚାରୀ ବରିଷ୍ଠ ଅଧ୍ୟାପକ ପ୍ରମୁଖ ବ୍ୟକ୍ତି କେସିଙ୍ଗା ସହରର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। କେସିଙ୍ଗାଠାରୁ ଭୁବନେଶ୍ୱର ପାଇଁ ସିଧାସଳଖ ଭାବେ ଟ୍ରେନ ନ ଥିବାରୁ ମଞ୍ଚାସୀନ ଅତିଥି କ୍ଷୋଭ ପ୍ରକାଶ କରିଥିଲେ। ଏହି ଜନମଞ୍ଚରେ ସ୍ୱାଗତ ଭାଷଣ ମାନବ ସେବା ଟ୍ରଷ୍ଟ ସଭାପତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ୫ଜଣ ଶ୍ରେଷ୍ଠ ଶ୍ରମିକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ଶ୍ରେଷ୍ଠ କୃଷକ, ସାମାଜିକ କର୍ମୀ, ଯୁବକବି, ଶ୍ରେଷ୍ଠ ଶିକ୍ଷକ, ଯୁବ ଉଦ୍ୟୋଗୀ, ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ରକ୍ତଦାତା ଏହିପରି ୧୬ଜଣଙ୍କୁ ମାନବ ସେବା ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଜନମଞ୍ଚରେ କେସିଙ୍ଗା ସହର ବିଭିନ୍ନ ସମସ୍ୟା ଓ ସମାଧାନର ବାଟ ଉପରେ ଆଲୋଚନା କରାଯାଇଥିଲା। ମାନବ ସେବା ଟ୍ରଷ୍ଟର ଉପଦେଷ୍ଟା ଭବାନୀଶଙ୍କର ନିଆଲ ମଧ ସହଯୋଗ କରିଥିଲେ। ସୁଶ୍ରୀ ରବି ଚୌଧୁରୀ ମଞ୍ଚ ସଂଯୋଜନା କରିଥିଲେ । ଅନୀଲ ଜୈନ ଧନ୍ୟବାଦ ଦେଇଥିଲେ ।

## ଶିଶୁ ମନ୍ଦିରରେ ମାତୃପିତୃ ସମ୍ମିଳନୀ

ଟିକ୍ରାପଡ଼ା,୨୦।୧୦(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଟିକ୍ରାପଡ଼ାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ମାତୃପିତୃ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଲୋକନାଥ ସେଠ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ମଧୁମତୀ ମହାକୁର ସଭା ସଂଯୋଜନା କରିଥିଲେ। ସମ୍ପାଦକ ଅଜିତ କୁମାର ମେହେର ବକ୍ତା ଭାବେ ଯୋଗଦେଇ ଶିଶୁଙ୍କ ଗଠନରେ ମାତାପିତାଙ୍କ ଭୂମିକା ସମ୍ପର୍କରେ କହିଥିଲେ। ପୂର୍ବତନ ପରିଚାଳନା ସମିତି ସଦସ୍ୟମାନେ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। କୋଷାଧ୍ୟକ୍ଷ ଜାନକୀବଲ୍ଲଭ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ।



ଟିକ୍ରାପଡ଼ାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ମାତୃପିତୃ ସମ୍ମିଳନୀରେ ଉପସ୍ଥିତ ଅଭିଭାବକ।

## ଗ୍ରାମାଞ୍ଚଳ ଟ୍ରାକ୍ଟର ସଂଘର ବୈଠକ

ବେଲପଡ଼ା,୨୦।୯(ଡି.ଏନ.ଏ.)

ବେଲପଡା ବ୍ଲକ ସିହିନୀ ଗ୍ରାମର ଆମ୍ବବଗାବତଠାରେ ଅସ୍ଥାୟୀ ସଭାପତି ଦିବାକର ନାଏକଙ୍କ ସଭାପତିତ୍ୱରେ ଗ୍ରାମାଞ୍ଚଳ ଟ୍ରାକ୍ଟର ମାଲିକ ସଂଘର ଏକ ବୈଠକ ହୋଇଥିଲା । ବୈଠକରେ ବିଭିନ୍ନ ଗ୍ରାମର ୮୦ଟି ଟ୍ରାକ୍ଟର ମାଲିକ ଯୋଗଦେଇ ଅଞ୍ଚଳରେ ଟ୍ରାକ୍ଟର ଚଳାଇବାରେ ହେଉଥିବା ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଟ୍ରାକ୍ଟର ସଂଘ ଗଠନ କରିବାକୁ ନିଷ୍ପତ୍ତି ହୋଇଥିଲା। ସର୍ବସମ୍ମତି କ୍ରମେ ଲାନ୍ତ ବୁଡା ଗ୍ରାମାଞ୍ଚଳ ଟ୍ରାକ୍ଟର ମାଲିକ ସଂଘ ନାମରେ ସଂଘ ଗଠନ କରାଇଥିଲା। ସଭାପତି ଭାବେ ପରମାନନ୍ଦ ଠାକୁର, ସମ୍ପାଦକ ମନମୋହନ ମାଝି, କୋଷାଧ୍ୟକ୍ଷ ରାଜେନ୍ଦ୍ର କୁମାର ବେହେରାଙ୍କୁ ମନୋନିତ କରାଯାଇଥିଲା।



ଅତିଥିମାନେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

## ତେଲେନପାଲିରେ ସୁରଭି କାର୍ଯ୍ୟକ୍ରମ

ଖପ୍ରାଖୋଲ,୨୦।୧୦(ଡି.ଏନ.ଏ.)

ଖପ୍ରାଖୋଲ ତେଲେନପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସିଆର୍‌ସିସି ଶ୍ରୀପତି କୁମ୍ଭାର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ବିଡିଓ ତରଣୀ ସୁନା, ସମ୍ମାନିତ ଅତିଥି ସରପଞ୍ଚ କୁନ୍ତଳା ମାଝି, ପ୍ରଧାନ ଶିକ୍ଷକ ଟିକେଚନ ମାଝି, ସ୍କୁଲ ପରିଚାଳନା କମିଟି ସଭାପତି ଗୁପାଧର ପୁଟେଲ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିମାନ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଗୋଲାପ ବିଶି ପରିଚାଳନା କରିଥିବା ବେଳେ ଚୂଡ଼ାମଣି ପଟେଲ, ଅମିତ ବିଶ୍ୱାଳ, ଆକାଶ ମଣ୍ଡଳ, ଅମିତ ଭୋଇ, ଲମ୍ବୋଦର ଭୋଇ, ସୁଦାମ ଚରଣ ସାହା, ଲଛମନ ପୁଖାରୀ, ହେମକାନ୍ତି ନାଏକ, ଶଶିକାନ୍ତ ବିଶି, ଶୋଭାଗିନି ଭୋଇ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

■ ଛୋରିଆଗଡ ନକଆଉଟ୍ ଫୁଟବଲ ଟୁର୍ନାମେଣ୍ଟ

## ଉଦ୍‌ଘାଟନୀ ମ୍ୟାଚ୍‌ରେ ମାଟିଗାଁ ବିଜୟୀ

ଜୁନାଗଡ,୨୦।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଛୋରିଆଗଡରେ ରବିବାର ୪୫ତମ ନକଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ମାଟିଗାଁ ଓ କୁଲିହାରୀ ମଧ୍ୟରେ ହୋଇଥିଲା। ଏଥିରେ ମାଟିଗାଁ ୨-୦ ଗୋଲରେ ବିଜୟୀ ହୋଇଥିଲା। ଖେଳକୁ ବୁଲୁ ବେହେରୁକ, ତାପସ ଦାସ ଓ ହେମନ୍ତ ପରିଚାଳନା କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ ପଟ୍ଟନାୟକ, ସ୍ଥାନୀୟ ସମିତିସଭ୍ୟ ପ୍ରେମଲାଲ ନାଏକ, ପୂର୍ବତନ ସରପଞ୍ଚ ବିରେନ୍ଦ୍ର ବେହେରୁକ, ଧବଳେଶ୍ୱର ମାଝି, ମା’ ଲଙ୍କେଶ୍ୱରୀ ଆଥେଲେଟିକ ଆଶୋସିଏଶନ ସଭାପତି ସୁଦାନ ମଟେଲ, ଦିଲୀପ ଠାକୁର, ପରମେଶ୍ୱର ମଟେଲ, ତ୍ରିନାଥ ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ। ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଯୋଗଦେବେ ଜଣାପଡିଛି।

## ଶଙ୍କରପଲା ଫୁଟବଲ ଟୁର୍ନାମେଣ୍ଟ: କର୍ଲାକୋଟ ଚାମ୍ପିୟନ



ଉଦ୍‌ଯାପନୀ ସମାରୋହରେ ଅତିଥି ସହ ଚାମ୍ପିୟନ ଓ ରନର୍ସଟିମ ।

ଜୁନାଗଡ,୨୦।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଶଙ୍କରପଲାରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ କର୍ଲାକୋଟ ଓ କୋଲିଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ଲାକୋଟ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। କୋଲିଗାଁ ରନର୍ସଅପ୍ ହୋଇଥିଲା। ଖେଳକୁ ପଦ୍ମକିଶୋର ଶବର ଓ କ୍ଷିରୋଦ ଶବର ପରିଚାଳନା କରିଥିଲେ। ଶଙ୍କରପଲା ଟାଇଗର ୟଙ୍ଗ୍ ଆଦିବାସୀ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ଟୁର୍ନାମେଣ୍ଟ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜୁନାଗଡ ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କପଲାସ ସରପଞ୍ଚ ଦେବରାଜ ଛତ୍ରିଆ, ବୁଡିଦର ସରପଞ୍ଚ ମୁଖ୍ୟରାମ ନାଏକ, ଆଇନଜୀବୀ ପ୍ରଦ୍ୟୁମ୍ନ ରାଉତ ପ୍ରମୁଖ ଯୋଗଦେଇଥିଲେ। ଖେଳକୁ ଆରମ୍ଭରୁ ଶେଷ ଯାଏଁ ସ୍ଥାନୀୟ ଗ୍ରାମର ଧନଞ୍ଜୟ, ଧର୍ମେନ୍ଦ୍ର, ଟଙ୍କଧର, ଥବିର, ସୁଶାନ୍ତ, କୈଳାସ, ଖଗେଶ୍ୱର, ସୁରେନ୍ଦ୍ର, ତିର୍ଥ, ଦିନେଶ ପ୍ରମୁଖ ସହଯୋଗ କରିଥିଲେ।

■ ନିଆରା କାର୍ଯ୍ୟକ୍ରମ ଆସ ଆମେ ମଣିଷ ହେବା

# ସମ୍ମିଳିତ ଉଦ୍ୟମରେ ନୂତନ ସମାଜ ଗଢ଼ିବା

ବଲାଙ୍ଗୀର ଅଫିସ,୨୦।୧୦



ଆସ ଆମେ ମଣିଷ ହେବା କାର୍ଯ୍ୟକ୍ରମରେ ଉପସ୍ଥିତ ବୁଦ୍ଧିଜୀବୀ ଓ ବିଭିନ୍ନ ଜାତି ସମାଜର ପ୍ରତିନିଧି ।

ବଲାଙ୍ଗୀର ଆଇନ ମହାବିଦ୍ୟାଳୟ ପରିସରରେ ରବିବାର ସନ୍ଧ୍ୟାରେ ଏକ ନିଆରା କାର୍ଯ୍ୟକ୍ରମ ଆସ ଆମେ ମଣିଷ ହେବା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତିଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ସହରର ବିଭିନ୍ନ ଜାତି ସମାଜ, ଅନୁଷ୍ଠାନର ପ୍ରତିନିଧି ଯୋଗଦେଇ ଏକ ସମ୍ମିଳିତ ଓ ସମନ୍ୱୟପୂର୍ଣ୍ଣ ସମାଜ ଗଠନ ଦିଗରେ କାର୍ଯ୍ୟ କରିବାକୁ ଶପଥ ଓ ସଂକଳ୍ପ ଗ୍ରହଣ କରିଥିଲେ।

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଏବଂ ନୂଆଖାଇ ଭେଟ୍‌ଘାଟ୍ ଭାବେ ପାଳିତ କାର୍ଯ୍ୟକ୍ରମ ଅନେକ ଦିଗରୁ ଆବେଗପୂର୍ଣ୍ଣ ହୋଇଥିଲା। ପ୍ରଥମରୁ କଣ୍ଠଶିଳ୍ପୀ ଜୟପ୍ରକାଶ ପୂଜାରୀ ଗାନ୍ଧୀଜୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନତୋ ଶୁଣାଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅରିନ୍ଦମ ଡାକୁଆ ଯୋଗ ଦେଇଥିଲେ । ବିଭିନ୍ନ ଜାତି ସମାଜର ପ୍ରତିନିଧିମାନେ ବକ୍ତବ୍ୟ ଦେବା ପରେ ମୁଖ୍ୟଅତିଥି ଜିଲାପାଳ ଡାକୁଆ ବକ୍ତବ୍ୟ ରଖିଥିଲେ । ଆସ ଆମେ ମଣିଷ ହେବା କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରି ଏହା ଏକ ସକରାତ୍ମକ ଆନ୍ଦୋଳନ ବୋଲି କହିଥିଲେ । ସଭ୍ୟତା ଆରମ୍ଭରୁ ମଣିଷ ସମାଜ ଯେଉଁ ଜିଜ୍ଞାସାକୁ ନେଇ ଅଗ୍ରସର ହେଉଛି ଓ ଯାହା ମାନବ ଜାତିର ଦର୍ଶନ ପାଲଟିଛି ତାକୁ ଏଠାରେ ଅତ୍ୟନ୍ତ ନିଆରା ଭାବେ ଉପସ୍ଥାପନ କରାଯାଇଛି, ଏହିଭଳି ଏକ ମହତ୍ ଜିଜ୍ଞାସା ଓ ସଂକଳ୍ପ ରଖିଥିବାରୁ ଏହାର ମାର୍ଗଦର୍ଶକଙ୍କୁ ସେ ସାଧୁବାଦ୍ ଜଣାଇଥିଲେ । ଆମ ଭିତରେ ଅସହମତି ଓ ଅଭାବ ରହିଥିଲେ ମଧ ଆମେ ନିଶ୍ଚିତ ଭାବେ ଆଗେଇ ଯିବା ଓ ସଂକଳ୍ପିତ ଲକ୍ଷ୍ୟକୁ ହାସଲ କରିପାରିବା ବୋଲି ଜିଲାପାଳ ଡାକୁଆ କହିଥିଲେ। ସଭାପତୀୟ ଭାଷଣରେ ପ୍ରଫେସର ପତି ଆଜିର ବିପର୍ଯ୍ୟସ୍ତ ସମାଜକୁ ଗଢ଼ିବାକୁ ହେଲେ କେବଳ ମାତ୍ର ସୁଖଦୁଃଖର ସାଥି ହେଲେ ଚଳିବ ନାହିଁ ବୋଲି କହିଥିଲେ । ବାସ୍ତବରେ ଗୋଟିଏ ବିଶ୍ୱାସ, ଗୋଟିଏ ଆଗ୍ରହ, ଶ୍ରଦ୍ଧା, ଆବେଗ ଓ ଆକାଂକ୍ଷାକୁ ନେଇ ସମାଜ ଗଢ଼ି ଉଠିଥାଏ । ସାଂସ୍କୃତିକସ୍ତରରେ ସମାଜ ଏକାତ୍ମ ହୋଇଥାଏ। ସମସ୍ତ ସମ୍ମିଳିତ ନ ହେଲେ ବା ସହଭାଗୀ ନ ହେଲେ ଆମେ ସମୃଦ୍ଧ ହୋଇପାରିବା ନାହିଁ ଏକଥା ଜାଣିଥିବା ସତ୍ତ୍ୱେ ଆମେ ସମ୍ମିଳିତ ବା ସହଭାଗୀ ହୋଇପାରୁ ନାହିଁ। ଏହା ପଛରେ ସ୍ୱାର୍ଥ ରହିଯାଉଛି। ସ୍ୱାର୍ଥକୁ ପରିହାର କରି ସମାଜ ଭିତରେ ସମ୍ମିଳିତ ସ୍ୱାର୍ଥ ପାଇଁ କାର୍ଯ୍ୟ କରିପାରିଲେ ଆମ ଜୀବନ ଉତ୍ସର୍ଗ ହୋଇପାରିବ ବୋଲି ସେ କହିଥିଲେ । ଗତ ବନ୍ୟାରେ ବଲାଙ୍ଗୀରର କିଛି ଯୁବକ ଜୀବନକୁ ବାଜି ଲଗାଇ ଯେଭଳି କାର୍ଯ୍ୟ କଲେ ସେଥିରୁ ଗୋଟିଏ କଥା ସ୍ପଷ୍ଟ ହୋଉଛି ଯେ ଆମ ଭିତରେ ଅନେକ ଭଲ କଥା ରହିଛି ଓ ଅନେକ କିଛି ଭଲ କାମ କରିପାରିବା ଏହି ଆତ୍ମ ବିଶ୍ୱାସ ଜନ୍ମିଛି ବୋଲି ପ୍ରଫେସର ପତି କହିଥିଲେ। ଏହି ଅବସରରେ ପ୍ରଫେସର ପତି ମଣିଷ ହେବାକୁ ଶପଥ ପାଠ କରାଇଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବ୍ରାହ୍ମଣ ସମାଜ, ୮୪ ଘର ଅଘରିଆ ସମାଜ, ରଜକ ସମାଜ, ଯାଦବ ସମାଜ, ମାରୱାଡି ସମାଜ, ଲକ୍ଷେଘର ଗଣ୍ଡା ସମାଜ, ସିନ୍ଧି ସମାଜ, ଜୈନ୍ ସମାଜ, ଗୁଜରାଟି ସମାଜ, ମାରୱାଡ ସମାଜ, କଳିଙ୍ଗ ବୈଶ୍ୟ ସମାଜ, ତୈତିକ ବୈଶ୍ୟ ସମାଜ, କୁଳତା ସମାଜ, କରଣ ସମାଜ, ମଧୁବୈଶ୍ୟ ସମାଜ, ଆଦିବାସୀ ସମାଜର ପ୍ରତିନିଧିମାନେ ବକ୍ତବ୍ୟ ରଖିଥିଲେ । ସମସ୍ତେ ଏକ ଉନ୍ନତ ସମାଜ ଗଠନ ଉପରେ କହିଥିଲେ। ନିଶା କାରବାର ବୃଦ୍ଧିକୁ ନେଇ ଚିନ୍ତା ପ୍ରକଟ କରିଥିଲେ । ଧନୀ-ଗରିବ ପାର୍ଥକ୍ୟ କମିଲେ ସମାଜ ସୁଧୁରିବ ବୋଲି ଅନେକେ ମତ ଦେଇଥିଲେ । ପରେ ରସରାଜ ଅଦ୍ଭୁତ୍ ପୁରୋହିତ ବ୍ୟଙ୍ଗକବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ପରିଚାଳନା କରିଥିଲେ। ଶେଷରେ ଅଖିଳ ଚନ୍ଦ୍ର ହୋତା ଧନ୍ୟବାଦ ଦେଇଥିଲେ। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ ଉଚ୍ଚତର ଜୀବନ ମିଳେ।
- ଗୌତମବୁଦ୍ଧ



## ସଂକ୍ଷେପରେ

### ଗାଧୋଇବାକୁ ଯାଇ ଯୁବକ ନିଖୋଜ

ରାଉରକେଲା ଅଫିସ, ୨୦।୧୦

ରଘୁନାଥପାଲି ଥାନା ଅର୍ନ୍ତଗତ ଜଳଦା-ପାନପୋଷ ରାସ୍ତା ବାଲୁଘାଟ ଠାରେ ରବିବାର ପୂର୍ବାହ୍ନରେ ଜଣେ ମାନସିକ ଭିନ୍ନକ୍ଷମ ଯୁବକ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ବୟସ ପାଖାପାଖି ୩୫ ହେବ ବୋଲି ଅନୁମାନ କରାଯାଉଛି। ତେବେ ସେ କେଉଁ ଅଞ୍ଚଳରୁ ଆସିଥିଲେ ତାହା ମଧ୍ୟ କାହାକୁ ଜଣାନାହିଁ। ଏପରିକି ସେ ବାଲୁଘାଟକୁ ସବୁଦିନ ଆସିଥିବା ଏବଂ ଲୋକଙ୍କ ମାଗି ଖାଦ୍ୟ ଖାଉଥିବା ପୋଲିସ କହିଛି। ଖବର ପାଇ ରଘୁନାଥ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଅଗ୍ନିଶମ ବିଭାଗ କର୍ମଚାରୀମାନେ ନଦୀ ଭିତରେ ଉକ୍ତ ଯୁବକଙ୍କୁ ଖୋଜାଖୋଜି କରୁଥିଲେ। ତେବେ ସନ୍ଧ୍ୟା ସୁଦ୍ଧା ନିଖୋଜ ଯୁବକଙ୍କ କୌଣସି ପତ୍ତା ମିଳିପାରିନଥିବା ରଘୁନାଥପାଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ଲେଫ୍ରିପଡା ପୋଲିସ ପକ୍ଷରୁ ମଦ ଜବତ

ଲେଫ୍ରିପଡା,୨୦।୧୦(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲେଫ୍ରିପଡା ଗ୍ରାମରେ ବେଆଇନ୍ ଭାବେ ମଦ ବିକ୍ରି କରୁଥିବା ଅଭିଯୋଗରେ ପୋଲିସ ଜଣଙ୍କୁ ଅଟକ କରିଛି। ସେ ହେଲେ ସେହି ଗ୍ରାମର ଜଣେ ବ୍ୟକ୍ତି। ମିଳିଥିବା ସୂଚନା ଅନୁଯାୟୀ କୌଣସି ସୂତ୍ରରୁ ପୋଲିସ ଖବରପାଇ ଅଭିଯୁକ୍ତଙ୍କ ରାଶନ ଦୋକାନରେ ପୋଲିସ ଚଢାଉ କରିଥିଲା। ଚଢାଉ ସମୟରେ ବିଦେଶୀ ମଦ ଏବଂ ଦେଶୀ ମଦ ପାଉଚ୍ ଜବତ୍ କରିଥିଲେ। ଲେଫ୍ରିପଡା ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଅଟକ ରଖାଯାଇଥିବା ଲେଫ୍ରିପଡା ଥାନା ଓଆଇସି କାଶୀନାଥ ବାରିକ ସୂଚନା ପ୍ରଦାନ କରିଛନ୍ତି।

■ 'ସମସ୍ତଙ୍କ ପାଇଁ ଶିକ୍ଷା' ଶୀର୍ଷକ ଆଲୋଚନାଚକ୍ର

# ଶିକ୍ଷିତ ରାଷ୍ଟ୍ର ଅଧିକ ଉନ୍ନତ

ରାଉରକେଲା ଅଫିସ, ୨୦।୧୦

କିଟ ଓ କିସ ପକ୍ଷରୁ 'ସମସ୍ତଙ୍କ ପାଇଁ ଶିକ୍ଷା' ଶୀର୍ଷକ ଏକ ଆଲୋଚନାଚକ୍ର ସ୍ଥାନୀୟ ସିଭିକ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି। କିଟ୍‌ର ପ୍ରକଳ୍ପ ଓ ବୈଷୟିକ ନିର୍ଦ୍ଦେଶକ ମିହିର ନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଆର୍‌ଏସ୍‌ପି ସିଜିଏମ୍ ରାଜେନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହାସହ ଦୀପିକା ଇଏମ୍ ସ୍କୁଲ ଅଧ୍ୟକ୍ଷ ପ୍ରମୋଦ ସାହୁ, ଡିପିଏସ୍ ସିର୍ଦ୍ଧାଥ ରଥ, ଡିଏଭି ସ୍କୁଲ ଅଧ୍ୟକ୍ଷ ଏଲ୍.ଏନ୍. ପ୍ରଧାନ, ସରକାରୀ ଅଟୋନୋମସ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦେବେନ୍ଦ୍ର ବେହେରା, ଡ. ବନମାଳୀ କର, ଆର୍‌ଏସ୍‌ପି ଅବସରପ୍ରାପ୍ତ ଜିଏମ୍ ଚନ୍ଦ୍ରଶେଖର ଶତପଥି ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଆଲୋଚନା ପ୍ରାରମ୍ଭରେ କିଟର ଇତିହାସ ଓ ସଫଳତା ସର୍ମ୍ପକରେ ସୂଚନା ପ୍ରଦାନ କରାଯାଇଥିଲା। ସମ୍ପ୍ରତି ଶିକ୍ଷା ବିଶ୍ୱ ସମୁଦାୟ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି। ଯେଉଁ ରାଷ୍ଟ୍ର ଯେତେ ଶିକ୍ଷିତ ସେହି ରାଷ୍ଟ୍ର ସେତେ ଉନ୍ନତ ବୋଲି ଆଲୋଚନାଚକ୍ରରେ ମତପ୍ରକାଶ ପାଇଥିଲା। ପ୍ରତ୍ୟେକ କ୍ଷେତ୍ରରେ ଶିକ୍ଷାକୁ ପ୍ରାଧାନ୍ୟ ଦେବାର ସମୟ ଉପନୀତ ହୋଇଛି। ତେଣୁ ପ୍ରତ୍ୟେକ ସ୍ତରରେ ଶିକ୍ଷା କ୍ଷେତ୍ରରେ ଉନ୍ନତି କରିବାକୁ ଉଦ୍ୟମ ହେବା ଆବଶ୍ୟକ ଏବଂ ପ୍ରତ୍ୟେକଙ୍କୁ ମାଗଣାରେ ଶିକ୍ଷା ଯୋଗାଇଦେବା ଉଚିତ ବୋଲି ଏହି ଆଲୋଚନାଚକ୍ରରେ ଭାଗନେଇଥିବା ବକ୍ତାମାନେ ମତପ୍ରକାଶ କରିଥିଲେ। ଏହାସହ ଦେଶରେ ଶିକ୍ଷା ପଦ୍ଧତି ପ୍ରତ୍ୟେକ ସ୍ତରରେ ପହଞ୍ଚି ପାରୁନଥିବାରୁ ଅତିଥିଗଣ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିସହିତ କିଟ ଓ କିସ ପକ୍ଷରୁ ଶିକ୍ଷାକୁ ବିଶ୍ୱବ୍ୟାପୀ କରିବାର ଉଦ୍ୟମକୁ ଅତିଥିଗଣ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ର ମାନେ ଶିକ୍ଷା ପ୍ରତି ସେମାନଙ୍କ ଇଚ୍ଛାଶକ୍ତି ଓ ଦକ୍ଷତାକୁ ପ୍ରତିପାଦନ କରିବା ଉଚିତ ବୋଲି ଦୀପିକା ସ୍କୁଲ ଅଧ୍ୟକ୍ଷ ପ୍ରମୋଦ ସାହୁ ମତବ୍ୟକ୍ତ କରିଥିଲେ। ଆର୍ଥିକ ଅନଗ୍ରସର ଶ୍ରେଣୀର ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣକୁ ପ୍ରାତମିକତା ଦେବାକୁ ଡିପିଏସ୍ ଅଧ୍ୟକ୍ଷ ସିର୍ଦ୍ଧାଥ ରଥ ଅଭିଭାବକ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ଶିକ୍ଷାକ୍ଷେତ୍ରକୁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ନେଇ ସେମାନଙ୍କ ଜୀବନଶୈଳୀ ଓ ସୃଜନଶୀଳତାକୁ ସଠିକ ବିନିଯୋଗ କରିବାକୁ ରଥ ଆହ୍ୱାନ ଦେଇଥିଲେ। ମାନବିକ ମୁଲ୍ୟବୋଧ, ବିଶ୍ୱାସ, ଅଭ୍ୟାସ ଓ ସୃଜନଶୀଳତାରେ ଅଭିବୃଦ୍ଧି କରି ଲକ୍ଷ୍ୟ ହାସଲ ଦିଗରେ ବିନିଯୋଗ କରିବାକୁ ଡା.ବନମାଳୀ କର ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ୧୯୪୮ ମସିହାରେ ୟୁନେସ୍କୋ ପକ୍ଷରୁ ସମସ୍ତଙ୍କ ପାଇଁ ଶିକ୍ଷାକୁ ପ୍ରୋତ୍ସାହିତ କରି ଶିକ୍ଷଣୀୟ ଭିତ୍ତିଭୂମି ଯଥା ଶିକ୍ଷା ପାଇଁ ବିଭିନ୍ନ ସୁବିଧା, ଶିକ୍ଷା ପାଇଁ ଆବଶ୍ୟକୀୟ ସରଞ୍ଜାମ ଓ ଆବଶ୍ୟକୀୟ ଶିକ୍ଷା ପଦ୍ଧତି ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପ୍ରତି ସରକାରଙ୍କ ପକ୍ଷରୁ ୨୫ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷା ପ୍ରଦାନ କରାଯାଉଥିବା ବେଳେ ଏହା କିପରି ଅଧିକ ହୋଇପାରିବ ସେ ନେଇ ଉଦ୍ୟମ ହେବା ଉଚିତ ବୋଲି ଡିଏଭି ସ୍କୁଲ ଅଧ୍ୟକ୍ଷ ଏଲ୍.ଏନ୍. ପ୍ରଧାନ ମତବ୍ୟକ୍ତ କରିଥିଲେ। ଏହାସହ ଛାତ୍ରୀଛାତ୍ର ମାନେ ସଂଯମୀ ତଥା ମାନବିକ ମୁଲ୍ୟବୋଧକୁ ପ୍ରାଥମିକତା ଦେବା ଉଚିତ ବୋଲି ସରକାରୀ ଅଟୋନୋମସ ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା ମତ ଦେଇଥିଲେ। ଦକ୍ଷ ଓ ସମର୍ଥ ଛାତ୍ରୀଛାତ୍ର ମାନେ ସେମାନଙ୍କ ଦକ୍ଷତା ବିକାଶରେ ମନୋନିବେଶ କରି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ମୁଖ୍ୟଅତିଥି ରାଜେନ୍ଦ୍ର ମିଶ୍ର ପରାମର୍ଶ ଦେଇଥିଲେ।



ସିଭିକ ସେଣ୍ଟର ଠାରେ ଆୟୋଜିତ ଆଲୋଚନାଚକ୍ରରେ ଅତିଥିଙ୍କୁ ଜଣେ ଛାତ୍ରୀ ପୁଷ୍ପଗୁଚ୍ଛ ପ୍ରଦାନ କରୁଛନ୍ତି।

■ କହ୍ନେଇ ସ୍ମୃତି ପାଠାଗାରର ବାର୍ଷିକ ଉତ୍ସବ

# ସାହିତ୍ୟ ବିନା ସୁସ୍ଥ ସମାଜ ଗଠନ ଅସମ୍ଭବ

ଲହୁଣୀପଡା, ୨୦।୧୦ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ହଳଦୀକୁଦରଠାରେ ଅବସ୍ଥିତ କହ୍ନେଇ ସ୍ମୃତି ପାଠାଗାରର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ କବି, କଳାକାର ସମାବେଶ ଅନୁଷ୍ଠିତ ହୋଇଯାଇଛି । କବିତା ଆବୃତ୍ତି ଓ କଳାକାରଙ୍କ କଳା ପ୍ରଦର୍ଶନରେ ମଞ୍ଚ ଉତ୍ସବ ମୁଖର ପାଲଟି ଯାଇଥିବା ଦେଖିବାକୁ ମିଳିଥିଲା । କହ୍ନେଇ ସ୍ମୃତି ପାଠାଗାରର ଦ୍ୱିତୀୟ ବାର୍ଷିକ ଉତ୍ସବର ମୁଖ୍ୟଅତିଥି ଭାବେ ନାଟ୍ୟକାର ଯାତ୍ରା ନାଟକ ଗବେଷକ ଅଧ୍ୟାପକ ଡା. ପଦ୍ମଲୋଚନ ମହାକୁଡ, ମୁଖ୍ୟବକ୍ତା ଭାବେ ଡା. ସୁବାଷ ଚନ୍ଦ୍ର ଲେଙ୍କା, ବକ୍ତା କୁମାର ଗୌତମ ବାରିକ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ପୂର୍ଣ୍ଣମା ମୁଣ୍ଡା, ପ୍ରଧାନଆଚାର୍ଯ୍ୟ ଦିନେଶ କୁମାର ମାହାନ୍ତ ଯୋଗଦେଇଥିଲେ । କହ୍ନେଇ ସ୍ମୃତି ପାଠାଗାରର ପ୍ରତିଷ୍ଠାତା ସଭାପତି ତ୍ରିଲୋଚନ ସାହୁ ପରିଚୟ ଓ ବିବରଣୀ ପାଠ କରିଥିଲେ । ସମୟଥିଲା ଲୋକମାନେ ପୁସ୍ତକ ପଠନ କରୁଥିଲେ। କିନ୍ତୁ ସମୟ ପରିବର୍ତ୍ତନଶୀଳ ସମୟ ଆସିଛି ଲୋକମାନେ ଦୂରଦର୍ଶନ ଦେଖୁଛନ୍ତି । ତଥାପି ସାହିତ୍ୟ ବଞ୍ଚି ରହିଛି। ସାହିତ୍ୟ ବିନା ସୁସ୍ଥ ସମାଜ ଗଠନ, କଳା ସଂସ୍କୃତି ଅକ୍ଷୁର୍ଣ୍ଣ ଅସମ୍ଭବ। ତେଣୁ ସାହିତ୍ୟ କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ପାଇଁ ସାହିତ୍ୟ ସଂସଦର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାହିତ୍ୟ ସଂସଦରୁ ଉତ୍ତମ ସମାଜ ସୁସାହିତ୍ୟକ ଶ୍ରେଷ୍ଠସ୍ରଷ୍ଟା ପାଠକର ସୃଷ୍ଟି ହୋଇଥାଏ । ତେଣୁ ଯୁବ ବର୍ଗ ସାହିତ୍ୟ ସର୍ଜନା ପାଇଁ ଆକୃଷ୍ଟ ହେବା ଆବଶ୍ୟକ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିରଞ୍ଚି ଶଙ୍କର ବେହେରା ସଭାପତିତ୍ୱ କରିଥିବା ବେଳେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୋକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଦୁବରାଜ ମାହାନ୍ତ ଓ ପ୍ରତାପ ମିଶ୍ରଙ୍କ ସଂଯୋଜନାରେ ସ୍ୱରଚିତ କବିତା ଆବୃତି ହୋଇଥିଲା । କବି, ଲେଖକ, କଳାକାରମାନଙ୍କୁ ଚଳିତ ବର୍ଷର କାହ୍ନେଇ ସ୍ମୃତି ସମ୍ମାନ କରାଯାଇଥିଲା । କଳାକାର ଶିଶୁ କଳାକାରମାନେ କଳାପ୍ରଦର୍ଶନ କରିଥିଲେ । ଶେଷରେ ଡା. କମଳାକାନ୍ତ ମାହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ । ଘାସିରାମ ମାହାନ୍ତ, କ୍ଷୀରେଶ୍ୱରୀ କିଶାନ, ସନ୍ତୋଷ ସାହୁ, ବନବିହାରୀ କିଷାନ, ଅନିତାରାଣୀ ରଣା, ରଜନୀ ସାହୁ, ଶ୍ରୀମତୀ ପ୍ରଜାପତି, ସସ୍ମିତା ବେହେରା, ଦେବରାଜ କିଷାନ, ସୁରେଶ କୁମାର ସାହୁ, ସରୋଜ ସାହୁ, ତେଜସ୍ୱିନୀ ସାହୁ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ।



କହ୍ନେଇ ସ୍ମୃତି ପାଠାଗାରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଓଡ଼ିଶୀ ସଙ୍ଗୀତ ବିଶ୍ୱ ସଂସ୍କୃତିର ବିରଳ ବୈଭବ

ରାଉରକେଲା ଅଫିସ,୨୦। ୧୦

ପଶ୍ଚିମ ଓଡିଶାର ଅଗ୍ରଣୀ କଳା ଅନୁଷ୍ଠାନ ସିଦ୍ଧ ଏକାଡେମୀ ଅଫ ଆର୍ଟ ପକ୍ଷରୁ ଆୟୋଜିତ ଦ୍ୱାଦଶ ହେମନ୍ତ ମହୋତ୍ସବ ଅବସରରେ ସେକ୍ଟର-୧୯ ସିଭିକ ସେଣ୍ଟର ଠାରେ ଆୟୋଜିତ ଓଡିଶା ସଙ୍ଗୀତର ଶାସ୍ତ୍ରୀୟତା ଉପରେ ଆୟୋଜିତ ଜାତୀୟ ସେମିନାରରେ ଏଭଳି ମତ ପ୍ରକାଶ ପଇଥିଲା। ଏଥିରେ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓଡିଶୀ ନୃତ୍ୟ ସଙ୍ଗୀତ ଗବେଷକ ଡ.କୀର୍ତ୍ତନନାରାୟଣ ପାଢ଼ି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଗୀତି କବି ପ୍ରଧାପକ ଉପେନ୍ଦ୍ରନାଥ ପାତ୍ର ମୁଖ୍ୟଅତିଥି ଭାବେ ମଞ୍ଚାସୀନ ଥିଲେ। ଉତ୍କଳ ସାହିତ୍ୟ ସମାଜର ସଙ୍ଗଠନ ସମ୍ପାଦକ ଆଦିତ୍ୟପ୍ରତାପ ଧଳ, ଗୀତି କବି ସମାଜ ସଭାପତି ତାରିଣୀଚରଣ ସାହୁ ଅନ୍ୟତମ ବକ୍ତା ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ପାଢ଼ି ତାଙ୍କ ବକ୍ତବ୍ୟରେ ଓଡିଶୀ ସଙ୍ଗୀତ ସର୍ମ୍ପକରେ ଅନେକ ଚମକପ୍ରଦ ତଥ୍ୟ ଉପସ୍ଥାପନ କରିଥିଲେ। ଓଡିଶୀ ସଙ୍ଗୀତ ଓ ଏହାର ପ୍ରାଚୀନତା ବାବଦରେ ସେ ସବିଶେଷ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା ଆଦିତ୍ୟ ଧଳ ଓଡିଆ ଭାଷା ଶାସ୍ତ୍ରିୟ ମାନ୍ୟତା ନେଇ ବିଶେଷ ଚର୍ଚ୍ଚା କରିଥିଲେ। ତାରିଣୀ ସାହୁ ତାଙ୍କ ବକ୍ତବ୍ୟରେ ଓଡିଶୀ ସଙ୍ଗୀତ ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଏନେଇ ଅନେକ ଆଶା ସଂଚାର ହୋଇଛି ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ପାତ୍ର ନିଜ ବକ୍ତବ୍ୟରେ ସିଦ୍ଧି ଏକାଡେମି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଅନନ୍ୟ ପରମ୍ପରା ଭାବେ ଅଭିହିତ କରିଥିଲେ। ଏହି ଅବସରରେ କେତେଜଣ ପ୍ରତିଷ୍ଠିତ ପ୍ରତିଭାଙ୍କୁ ସମ୍ମାନିତ କରାଯାଇ ଥିଲା। ଶେଷରେ ରଶ୍ମିରଂଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ହେମନ୍ତ ମହୋତ୍ସବରେ ଉପସ୍ଥିତ ଅତିଥି।

# ବଜରଙ୍ଗ ଦଳ ଜିଲା କମିଟି ବୈଠକ, ହିନ୍ଦୁଙ୍କ ଉପରେ ଆକ୍ରମଣକୁ ନିନ୍ଦା

ରାଉରକେଲା ଅଫିସ,୨୦। ୧୦

ସେକ୍ଟର- ୩ ସୀତାରାମ ମନ୍ଦିରରେ ରବିବାର ପୂର୍ବାହ୍ନ ୧୦ ଟାରେ ବଜରଙ୍ଗ ଦଳ ପକ୍ଷରୁ ଏହାର ଜିଲା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ କର୍ମକର୍ତ୍ତା ଉଦବେଗ ପ୍ରକାଶ କରି ଅଭିଯୋଗ କରିଥିଲେ ଯେ ସମ୍ପ୍ରତି ଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣ ଘଟଣା କ୍ରମାଗତ ବଢିବାରେ ଲାଗିଛି। ଛୋଟ ଛୋଟ ଘଟଣାରେ ନିରିହ ଲୋକଙ୍କୁ ହତ୍ୟା କରାଯାଉଛି। ମୌଳବାଦୀଙ୍କ ଆକ୍ରମଣରେ ଭୟଭୀତ ହିନ୍ଦୁ ନ୍ୟାୟ ପାଇପାରୁ ନାହାଁନ୍ତି। ଗତ କିଛି ଦିନ ପୂର୍ବେ ପଶ୍ଚିମବଙ୍ଗର ମୁର୍ସିଦାବାଦ ଠାରେ ହିନ୍ଦୁ ଦମ୍ପତିଙ୍କ ହତ୍ୟା ଘଟଣା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଆହୁରି ଦୁଃଖଦ ଘଟଣା ଏହା ଯେ ଏହି ଦମ୍ପତିଙ୍କ ୭ ବର୍ଷର ଶିଶୁ ସହ ଜଣେ ଗର୍ଭବତୀ ମହିଳାଙ୍କୁ ମଧ୍ୟ ଜେହାଦି ଛାଡି ନଥିଲେ। ଯାହାକୁ ନେଇ ସମଗ୍ର ହିନ୍ଦୁ ସମାଜ ମର୍ମାହତ ହୋଇଥିଲା। ଏହି କ୍ରମରେ ଗତ ଦୁଇ ଦିନ ପୂର୍ବେ ଉତ୍ତରପ୍ରଦେଶରେ ଜଣେ ହିନ୍ଦୁବାଦୀ ନେତା କମଲେଶ ତିୱାରିଙ୍କୁ ଗଳା କାଟି ହତ୍ୟା କରାଯାଇଛି। ଏହାଠୁ ବଳି ନୃସଂସତା କିଛି ହୋଇ ନ ପାରେ ବୋଲି ଏଥିରେ ଉପସ୍ଥିତ ବଜରଙ୍ଗ ଦଳ କର୍ମକର୍ତ୍ତା ପ୍ରକାଶ କରିଥିଲେ। ଏଭଳି ଘଟଣା ଭାରତରେ ବାରମ୍ବାର ଘଟି ଚାଲିଛି। ଏହାକୁ ରୋକିବା ପାଇଁ ନା କେନ୍ଦ୍ର ନା ରାଜ୍ୟ କେହି ଅଗ୍ରହୀ ନୁହଁନ୍ତି। ଏମିତି ଘଟଣାକୁ ନେଇ ଉପସ୍ଥିତ ବଜରଙ୍ଗ ଦଳ କର୍ମକର୍ତ୍ତା ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ହିନ୍ଦୁ ସମାଜକୁ ଆହ୍ୱାନ କରି କୁହାଯାଇ ଥିଲା ଯେ ନିଜ ସୁରକ୍ଷା ନିଜେ କରିବାକୁ ତତ୍ପର ହୁଅ। ସରକାର ଆମକୁ ସୁରକ୍ଷା ଦେଇ ପାରିବେନି। ଗୁରୁତର ଅଭିଯୋଗରେ କେହି ସଂଖ୍ୟାଲଘୁ ଆହତ ହେଲେ ଦେଶ ସାରା ଏହାର ପ୍ରତିଫଳନ ଦେଖିବାକୁ ମିଳୁଛି। କିନ୍ତୁ ବିନା ଦୋଷରେ ହିନ୍ଦୁଙ୍କୁ ହତ୍ୟା କରାଯାଉଥିବା ବେଳେ ଏହାର ପ୍ରତିକ୍ରିୟା ଅନୁଭୂତ ହେଉନି। ସଂଖ୍ୟା ଲଘୁଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହିନ୍ଦୁଙ୍କ ଦଶା ତଥାକଥିତ ବୁଦ୍ଧିଜିବୀଙ୍କ ଆଖିକୁ ଦିଶୁନି। ଅସହିଷ୍ଣୁତା ଆଳରେ ନାଟକ ବାଜି ଆରମ୍ଭ କରାଯାଉଛି। କିନ୍ତୁ ଜଣେ ଗର୍ଭବତୀ ମହିଳା ଓ ତାଙ୍କ ୭ ବର୍ଷର ଶିଶୁକୁ ନୃସଂସ ହତ୍ୟା କରାଯିବା ପରେ ଏମାନଙ୍କ ମୁହଁରେ ତୁଣ୍ଡି ପଡିଛି। ଏନେଇ ଯେଉଁମାନେ ମୌନ ବ୍ରତ ଧାରଣ କରିଛନ୍ତି ସେମାନଙ୍କ ବିବେକ ପ୍ରତି ବଜରଙ୍ଗ ଦଳ ପ୍ରଶ୍ନ ଉଥାପନ କରିଛି। ଏହି ବୈଠକରେ ମୃତ କମଲେଶ ତୱାରୀ ଓ ଅନ୍ୟମାନଙ୍କ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଥିଲେ। ଏହି ବୈଠକରେ ମୁଖ୍ୟ ବକ୍ତା ଭାବେ ପ୍ରାନ୍ତଃ ଗୋରକ୍ଷା ପ୍ରମୁଖ ରାଜୁ ସିଂ, ଶଙ୍କର ବର୍ମା, ନୀଲ ପୌଲ, ସୁରଜ ଝା ଓ ରଜତ ବିଶ୍ୱକର୍ମା ପ୍ରମୁଖ ଉପସ୍ଥିତ ଥିଲେ।




ବଜରଙ୍ଗ ଦଳ ଜିଲା କମିଟି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପଦକ୍ଷେପକୁ ସ୍ୱାଗତ

ରାଉରକେଲା ଅଫିସ, ୨୦।୧୦

କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଏବଂ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ସେପ୍ଟେମ୍ବର ୨୯ ତାରିଖରେ ରାଉରକେଲା ଗସ୍ତରେ ଆସିଥିଲେ। ଏହି ଗସ୍ତ ସମୟରେ ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଇଂ.ଅଭୟ ନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଉରକେଲା ହାସଉ ଠାରେ ସାକ୍ଷାତ କରିଥିଲେ। ଏହି ସମୟରେ ୨୨ ମାସିଆ ଲାଇସେନ୍ସ ପ୍ରାପ୍ତ ଘରଗୁଡ଼ିକୁ ଉପଭୋକ୍ତା ମାନଙ୍କ ନାମରେ ରିନ୍ୟୁ କରିବା ପାଇଁ ଆଲୋଚନା କରିବା ସହ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯିବା ସହ ଏହାର ବିଚାର ପାଇଁ ଅନୁରୋଧ କରାଯାଇଥିଲା। ତେବେ ଚଳିତମାସ ୧୭ ତାରିଖ ଇସ୍ପାତ ମନ୍ତ୍ରାଳୟ ପକ୍ଷରୁ ପ୍ରାପ୍ତ ଏକ ପତ୍ରରେ ସଂଘ ଦେଇଥିବା ଦାବି ଉପରେ ବିଚାର କରାଯାଉଥିବା ନେଇ ଉଲ୍ଲେଖ ରହିଛି। କେନ୍ଦ୍ରମନ୍ତ୍ରୀ ଏହିପରି ଏକ ପ୍ରସଙ୍ଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁଷ୍ଠାନ ତରଫରୁ ସ୍ୱାଗତ କରାଯାଉଛି ବୋଲି ସଂଘ ପକ୍ଷରୁ ଏକ ପ୍ରେସ ବିବୃତିରେ କୁହାଯାଇଛି।

# ସୁପ୍ତ ଅବସ୍ଥାରେ ଥିବା କସ୍ତୁରୀ ଅନୁଷ୍ଠାନର ପୁଣି ଉତ୍ଥାନ

ରାଉରକେଲା ଅଫିସ, ୨୦।୧୦

ଦୀର୍ଘ ୩୦ ବର୍ଷ ଧରି ସୁପ୍ତ ଅବସ୍ଥାରେ ଥିବା ନାଟ୍ୟାନୁଷ୍ଠାନ କସ୍ତୁରୀ ଅନୁଷ୍ଠାନ ଏକ ନୂତନ ରୂପରେ ଅବତୀର୍ଣ୍ଣ ହେବାକୁ ଯାଉଛି। ଏ ନେଇ ରବିବାର ପୂର୍ବାହ୍ନରେ ସ୍ଥାନୀୟ ସେକ୍ଟର-୪ ସ୍ଥିତ ଆଇଆଇଏମଏମ ଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ମୁଖ୍ୟ ପୃଷ୍ଠପୋଷକ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି। ସାହିତ୍ୟ, କଳା ସଂସ୍କୃତି ତଥା ନାଟକ ମଞ୍ଚସ୍ଥ ପାଇଁ ପ୍ରତିବଦ୍ଧତା ଥିବା କସ୍ତୁରୀ ଅନୁଷ୍ଠାନ ୧୯୮୬ ମସିହାରେ ନାଟ୍ୟକାର ରଞ୍ଜିତ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ କରାଯାଇଥିଲା। ୧୯୮୬ରୁ ୧୯୮୯ ମଧ୍ୟରେ ଏହି ଅନୁଷ୍ଠାନ ଅନେକ ଗୁଡ଼ିଏ ନାଟକ ପ୍ରଦର୍ଶିତ କରିଥିବା ବେଳେ 'ପଞ୍ଚୁ ପାଣ୍ଡବ' ନାଟକଟି ସଫଳତାର ଶୀର୍ଷ ଛୁଇଥିଲା। ତେବେ ପଟ୍ଟନାୟକଙ୍କ ପରେ ଏହି ଅନୁଷ୍ଠାନ ସୁପ୍ତ ଅବସ୍ଥାକୁ ଚାଲିଆସିଥିଲା। ତେବେ ଦୀର୍ଘ ୩୦ବର୍ଷ ପରେ କସ୍ତୁରୀ ବର୍ତ୍ତମାନ ନୂତନ ରୂପରେ ଅବତୀର୍ଣ୍ଣ ହୋଇଛି। ଏହାସହ ଓଡିଶାର ବିଭିନ୍ନ ସ୍ଥାନ ମାନଙ୍କରେ ତଥା ଭାରତବର୍ଷର କୋଣ ଅନୁକୋଣରେ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ କସ୍ତୁରୀ ମାଧ୍ୟମରେ ପରିବେଷଣ କରିବା ପାଇଁ ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଉଥିବା ଏହି ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏହାସହ ଅତ୍ୟାଧୁନିକ ଯୁଗର ପିଲା ମାନଙ୍କ ଦ୍ୱାରା ଅବହେଳିତ ବୃଦ୍ଧ ମାତାପିତା ଓ ସେମାନଙ୍କର ନାତିନାତୁଣୀ ମାନଙ୍କ ସହ ଅନାବିଳ ସର୍ମ୍ପକକୁ ସୁଦୃଢ଼ କରି ଗଢ଼ଇ ତୋଳିବାକୁ ନାଟ୍ୟ କର୍ମଶାଳା ମାଧ୍ୟମରେ ପ୍ରୟାସ କରାଯିବ। ଏପରିକି ଅନାଥ ଶିଶୁ ଓ ଭିନ୍ନକ୍ଷମ ପିଲାମାନଙ୍କୁ ନାଟକ କ୍ଷେତ୍ରକୁ ଅଣାଯାଇ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପ୍ରୟାସ ଜାରି ରଖାଯିବ। ସ୍ୱଚ୍ଛ ଭାରତ ଅଭିଯାନ, ପରିବେଶ ସଂରକ୍ଷଣ, ବେଟି ବଚାଓ ବେଟି ପଢ଼ାଓ, ନିଶା ନିବାରଣ, ଜଙ୍ଗଲ ସୁରକ୍ଷା ଇତ୍ୟାଦି ସହ ଅନ୍ୟାନ୍ୟ ସୁରକ୍ଷା ସର୍ମ୍ପକିତ କାର୍ଯ୍ୟକ୍ରମ ଗୁଡ଼ିକୁ ଛୋଟ ଛୋଟ ନାଟକ କିମ୍ବା ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ ପାଇଁ ପ୍ରୟାସ କରାଯିବା ନେଇ ଉଦ୍ଦେଶ୍ୟ ରହିଥିବା କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୦/୧/୨୦୨୦ ଯୁବ ନାଟ୍ୟକାର ପ୍ରଭାକର ପାତ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ 'ମଧୁ ମାଳତୀ' ନାଟକ ପରିବେଷଣ କରାଯିବାକୁ ଥିବା ବେଳେ ୨୧ ଓ ୨୨ ତାରଇଖରେ ରଞ୍ଜିତ ପଟ୍ଟନାୟକଙ୍କ ରଚିତ 'ଗୋଇଠା ବାବା' ନାଟକ ମଞ୍ଚସ୍ଥ ହେବ। ଏହାସହ ଏହାର ପ୍ରଥମ ସଂଧ୍ୟାରେ ଅନୁଷ୍ଠାନ ପକ୍ଷରୁ ସ୍ମରଣିକା ଉନ୍ମୋଚନ କରାଯିବ। ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ଜିତେନ ମହାନ୍ତି, ଉପସଭାପତି ଇନ୍ଦିରା ମିଶ୍ର ଓ ସୁଖରଞ୍ଜନ ବୋଷ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ସ୍ୱାଇଁ, ସଙ୍ଗଠନ ସମ୍ପାଦକ ଅଶୋକ ବଳ ଏବଂ ସାଧାରଣ ସମ୍ପାଦକ ରାଧେଶ୍ୟାମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା।